ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଦ୍ୱାରା ଅନୁମୋଦିତ
ନୂତନ ପାଠ୍ୟକ୍ରମ ୨୦୧୬-୧୭ ଅନୁଯାୟୀ ଲିଖିତ

ପତ୍ର ବିନିମୟ ପାଠ୍ୟକ୍ରମ

# ସାହିତ୍ୟ ଜ୍ୟୋତି

ଏକାଦଶ ଶ୍ରେଣୀ

ଆଧୁନିକ ଭାରତୀୟ ଭାଷା (ବାଧ୍ୟତା ମୂଳକ) ଓଡ଼ିଆ
କଳା ଓ ବାଣିଜ୍ୟ ସ୍ରୋତ ନିମନ୍ତେ

ପ୍ରକାଶକ
ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଭୁବନେଶ୍ୱର
COUNCIL OF HIGHER SECONDARY EDUCATION, ODISHA
BHUBANESWAR

# ସାହିତ୍ୟ ଜ୍ୟୋତି

## ଏକାଦଶ ଶ୍ରେଣୀ

ପତ୍ର ବିନିମୟ ପାଠ୍ୟକ୍ରମ
ଆଧୁନିକ ଭାରତୀୟ ଭାଷା (ବାଧ୍ୟତା ମୂଳକ) ଓଡ଼ିଆ
କଳା ଓ ବାଣିଜ୍ୟ ସ୍ରୋତ ନିମନ୍ତେ


**ଆଲୋଚକ**

**ଡଃ ରଞ୍ଜିତ କୁମାର ପରିଡ଼ା**
ସହକାରୀ ପ୍ରଫେସର ଓଡ଼ିଆ
ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ, ପୁରୀ

**ଡଃ ଗଙ୍ଗାଧର ସାମନ୍ତରାୟ**
ପ୍ରାଧ୍ୟାପକ ଓଡ଼ିଆ, ଅଧକ୍ଷ ବିଜୟଚାନ୍ଦ ସଂସ୍କୃତ ମହାବିଦ୍ୟାଳୟ
ସମାଗୋଳ ଶାସନ, କୁଜଙ୍ଗ, ଜଗତ୍‌ସିଂହପୁର

**ସମୀକ୍ଷକ**

**ଡଃ ପ୍ରଦୀପ୍ତ କୁମାର ପଣ୍ଡା**
ସହଯୋଗୀ ପ୍ରଫେସର ଓ ବିଭାଗୀୟ ମୁଖ୍ୟ ଓଡ଼ିଆ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର



**ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଭୁବନେଶ୍ୱର**

# ମୁଖବନ୍ଧ

୨୦୧୬-୧୮ ଶିକ୍ଷାବର୍ଷ ପାଇଁ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା, ଆଧୁନିକ ଭାରତୀୟ ଭାଷା (ବାଧ୍ୟତା ମୂଳକ ଓଡ଼ିଆ) ପାଠ୍ୟକ୍ରମର ପୁର୍ନଗଠନ କରିଛନ୍ତି । ଏହା ଉଭୟ ନିୟମିତ ଓ ପତ୍ର ମାଧ୍ୟମରେ ଶିକ୍ଷା ପାଠ୍ୟକ୍ରମ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଯୁଜ୍ୟ । ଏହି ପରିପ୍ରେକ୍ଷୀରେ ପତ୍ର ମାଧ୍ୟମରେ ଶିକ୍ଷା ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ ଛାତ୍ରଛାତ୍ରୀଙ୍କ ପାଇଁ ପରିଷଦ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରକାଶନର ବ୍ୟବସ୍ଥା କରିଛନ୍ତି । ଯେହେତୁ ଏହି ଛାତ୍ରଛାତ୍ରୀମାନେ ନିୟମିତ ଶିକ୍ଷାଦାନ ବ୍ୟବସ୍ଥାରେ ଅଂଶଗ୍ରହଣ କରି ପାରୁନାହାନ୍ତି, ତେଣୁ ସେମାନଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଅତି ସହଜ, ଓ ବୋଧଗମ୍ୟ ଭାଷାରେ ଏହି ପୁସ୍ତକଟି ରାଜ୍ୟର କେତେଜଣ ଅଭିଜ୍ଞ ଶିକ୍ଷକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି । ବିଶେଷ କରି ପରିଷଦ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେବା ପାଇଁ ସଂକ୍ଷିପ୍ତ, ଅତି ସଂକ୍ଷିପ୍ତ ଓ ଦୀର୍ଘ ଉତ୍ତର ବିଶିଷ୍ଟ ପ୍ରଶ୍ନାବଳୀର ପ୍ରଶ୍ନ ଉତ୍ତର ନିଶ୍ଚିତ ସହାୟକ ହେବ ବୋଲି ଆଶା ଓ ବିଶ୍ୱାସ ।

**ଅମରେନ୍ଦ୍ର ପଟ୍ଟନାୟକ**
ଅଧ୍ୟକ୍ଷ
ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା
ଭୁବନେଶ୍ୱର

# ଭୂମିକା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପତ୍ରବିନିମୟ ପାଠ୍ୟକ୍ରମରେ ଯୋଗଦେଇ ଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ ଆଧୁନିକ ଭାରତୀୟ ଭାଷା, (ବାଧ୍ୟତାମୂଳକ), ଓଡ଼ିଆ ପୁସ୍ତକ 'ସାହିତ୍ୟ ଜ୍ୟୋତି'ର ଏକ ସହାୟକ ପୁସ୍ତକ ତିଆରି କରିବା ପାଇଁ ପରିଷଦର ସଚିବଙ୍କ ପତ୍ର ଅନୁସାରେ ଓଡ଼ିଶାର ବରିଷ୍ଠ ଶିକ୍ଷକମାନଙ୍କୁ ନେଇ ଏଇ ପୁସ୍ତକଟି ପ୍ରସ୍ତୁତ କରାଯାଇଛି । ପାଠ୍ୟ ପୁସ୍ତକରେ ପ୍ରଦତ୍ତ ସଂକ୍ଷିପ୍ତ, ଅତି ସଂକ୍ଷିପ୍ତ ଓ ଦୀର୍ଘ ପ୍ରଶ୍ନ ଗୁଡ଼ିକର ଯଥା ସମ୍ଭବ ବିଜ୍ଞାନ ସମ୍ମତ ଉତ୍ତର ଏଥିରେ ପ୍ରଦତ୍ତ ହୋଇଛି । ପୁସ୍ତକଟି ପତ୍ରବିନିମୟ ମାଧ୍ୟମରେ ଏକାଦଶ ଶ୍ରେଣୀ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀମାନଙ୍କର ଉପକାରରେ ଆସିଲେ ଆମ୍ଭର ଶ୍ରମ ସାର୍ଥକ ହେବ ।

ସମୀକ୍ଷକ ଓ ଆଲୋଚକ ବୃନ୍ଦ

# ସୂଚୀପତ୍ର

## ପ୍ରଥମ ଏକକ
### ଗଦ୍ୟ ବିଭାଗ


| | | |
|---|---|---|
| ୧. ଶରଶ୍ରୁ ପଦର | ଗୋପୀନାଥ ଦାସ | ୧ |
| ୨. ଝେଲମ୍ ନଦୀରେ ସନ୍ଧ୍ୟା | ଡଃ କୁଞ୍ଜବିହାରୀ ଦାଶ | ୨୨ |
| ୩.ମଧୁବାବୁ | ଚିନ୍ତାମଣି ଆଚାର୍ଯ୍ୟ | ୩୯ |
| ୪. ସେହି ସ୍ମରଣୀୟ ଦିବସ ଗାଁ ମଜ୍‌ଲିସ | ଡଃ ହରେକୃଷ୍ଣ ମହତାବ | ୫୯ |


## ଦ୍ୱିତୀୟ ଏକକ ପଦ୍ୟ
### ପଦ୍ୟ ବିଭାଗ


| | | |
|---|---|---|
| ୧. ସାହାଡ଼ା ବୃକ୍ଷ | ସାରଳା ଦାସ | ୭୪ |
| ୨. ଶାପ ମୋଚନ | ଜଗନ୍ନାଥ ଦାସ | ୯୦ |
| ୩. ହିମକାଳ | ଦୀନକୃଷ୍ଣ ଦାସ | ୧୦୮ |
| ୪. ମିତ୍ରତା | କବିସମ୍ରାଟ ଉପେନ୍ଦ୍ରଭଞ୍ଜ | ୧୧୯ |
| ୫. ପୟରେ ପଶୁଛି ଶରଣ | ସନ୍ଥକବି ଭୀମଭୋଇ | ୧୩୨ |


## ତୃତୀୟ ଏକକ
### ଏକାଙ୍କିକା


| | | |
|---|---|---|
| ୧ ଅତ୍ୟାଚାରିତ | ପ୍ରାଣବନ୍ଧୁ କର | ୧୪୬ |
| ୨. ଭାଲୁ | ବିଜୟ ମିଶ୍ର | ୧୬୭ |
| ୩. ସୀମିତ ସମ୍ପର୍କ | କାର୍ତ୍ତିକ ଚନ୍ଦ୍ର ରଥ | ୧୮୮ |


## ଚତୁର୍ଥ ଏକକ

### ବୋଧଜ୍ଞାନ ପରୀକ୍ଷଣ


| | | |
|---|---|---|
| ୧. ଅବବୋଧ ପରୀକ୍ଷଣ | | ୨୦୪ |

ଗଦ୍ୟାଂଶ, ପଦ୍ୟାଂଶ, ସର୍ଜନାତ୍ମକ ରଚନା

# ପଞ୍ଚମ ଏକକ

## ମୋ ସ୍ୱପ୍ନର ଓଡ଼ିଶା


୧. ଶିଷ୍ଟାଚାର ୨୨୧

୨. ନାଗରିକର ଅଧିକାର ଓ କର୍ତ୍ତବ୍ୟ ୨୨୨

୩. ଶିଶୁ ଅଧିକାର ୨୨୩


## ପତ୍ର ଲିଖନ


୧. ବ୍ୟକ୍ତିଗତ / ଘରୋଇ [illegible] ୨୨୪

୨. ଆବେଦନ ପତ୍ର ୨୨୫

୩. [illegible]ଙ୍କୁ ପତ୍ର ୨୨୭

୪. [illegible] ଓ [illegible]ସାୟିକ ପତ୍ର ୨୨୮

୫. [illegible] ୨୨୯


## ବ୍ୟାକରଣ


୧. ପଦ ପ୍ରକରଣ ୨୩୦

୨. ବିଶେଷଣ ପଦ ୨୩୪

୩. ସର୍ବନାମ ୨୩୮

୪. ଅବ୍ୟୟ ପଦ ୨୩୯

୫. କ୍ରିୟାପଦ ୨୪୨

# ପ୍ରଥମ ଏକକ

## ଗଦ୍ୟ ବିଭାଗ

## ବିଷୟ - ଶରଣ୍ଣୁ ପଦର

### ଲେଖକ - ଗୋପୀନାଥ ମହାନ୍ତି

### (ଜନ୍ମ-୧୯୧୪-ମୃତ୍ୟୁ ୧୯୯୧)

ଲେଖକ ପରିଚୟ - ଓଡ଼ିଆ ସାହିତ୍ୟରେ ଫକୀର ମୋହନ ସେନାପତିଙ୍କ ପରେ ମୌଳିକ ସୃଷ୍ଟି, ଅସାଧାରଣ ଭାଷା ଓ ବର୍ଣ୍ଣନାଶୈଳୀ ତଥା ଉଚ୍ଚକୋଟୀର କଥାବସ୍ତୁକୁ ନେଇ ଯିଏ କଥାଜଗତରେ ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା ଭାବରେ ପରିଚିତ ସେ ହେଲେ ଔପନ୍ୟାସିକ ଗୋପୀନାଥ ମହାନ୍ତି । ଉପନ୍ୟାସ ବ୍ୟତୀତ ସେ କ୍ଷୁଦ୍ରଗଳ୍ପ, ନାଟକ, ଆଲୋଚନା ଓ ଆତ୍ମଜୀବନୀ ଆଦିରେ ଲେଖନୀ ଚାଳନା କରିଥିଲେ ମଧ୍ୟ ମୁଖ୍ୟତଃ ଜଣେ ପ୍ରସିଦ୍ଧ ଔପନ୍ୟାସିକ ଭାବରେ ସେ ପାଠକ ମହଲରେ ପରିଚିତ । 'ମନଗହୀର ଚାଷ' ତାଙ୍କର ପ୍ରଥମ ସୃଷ୍ଟି ତା'ପରେ ତାଙ୍କର ଲେଖନୀ ହୋଇଛି ଚଳଚଞ୍ଚଳ । 'ଦାଦୀ ବୁଢ଼ା', 'ପରଜା', 'ହରିଜନ', 'ଅମୃତର ସନ୍ତାନ', 'ଶରତ ବାବୁଙ୍କ ଗଳି', 'ରାହୁର ଛାୟା', 'ଦୁଇପତ୍ର', 'ସପଟମାଟି', 'ଦାନାପାଣି', 'ଶିବଭାଇ', 'ଅପହଞ୍ଚ', 'ଲୟବିଲୟ', 'ତନ୍ତ୍ରିକାର', 'ମାଟିମଟାଳ', ପ୍ରଭୃତି ଉପନ୍ୟାସ 'ଘାସଫୁଲ', 'ଉଡ଼ନ୍ତାଖଇ', 'ପୋଡାକପାଳ', 'ଛାଇ ଆଲୁଅ' ଆଦି ଗଳ୍ପ, 'ମୁକ୍ତିପଥ', 'ଗୁପ୍ତଗଂଗା' 'ନାଟକ', 'କଳାଶକ୍ତି', 'ଉତ୍କଳମଣି', 'ସ୍ରୋତସ୍ୱତୀ' ଆଦି ବହୁ ପୁସ୍ତକର ସେ ରଚୟିତା ମୁଖ୍ୟତଃ ଅବହେଳିତ ଆଦିମ ଜନଜାତିର ଚିତ୍ର ତାଙ୍କ ସୃଷ୍ଟିର ମୁଖ୍ୟ ପୃଷ୍ଠାମଣ୍ଡନ କରିଛି ।

'ଶରଣ୍ଣୁପଦର' ବିଷୟ ସଂପର୍କରେ : ୧୯୪୬ ମସିହାରେ ଔପନ୍ୟାସିକଙ୍କ ଦ୍ୱାରା ରଚିତ 'ପରଜା' ଉପନ୍ୟାସରୁ ଏହି ପାଠ୍ୟାଂଶଟି ଆସିଅଛି । ଏଥିରେ ମୁଖ୍ୟତଃ ପରଜା ଜନଜୀବନର ଚିତ୍ର ଉପସ୍ଥାପିତ କରାଯାଇଛି । 'ଶରଣ୍ଣୁ ପଦର' ପାଠ୍ୟାଂଶରେ ସେ ପ୍ରକୃତ ମଣିଷ ପଣିଆର ଚିତ୍ର ଉପସ୍ଥାପିତ କରିଛନ୍ତି । ଯାହାର ମୁଖ୍ୟ କେନ୍ଦ୍ରବିନ୍ଦୁ 'ଶରଣ୍ଣୁ ପଦର' ଭଳି ଅଖ୍ୟାତ ଘନଜଙ୍ଗଲ ଘେରାଗାଁ ଓ ମୁଖ୍ୟ ଚରିତ୍ର ଜଣେ ଖାଣ୍ଟି ମଣିଷ ସୁକୁଜାନି, ଯାହା ଭିତରେ ଛନ୍ଦକପଟ ଶୂନ୍ୟ ଗୋଟେ ନିଷ୍ପାପ ହୃଦୟର ସନ୍ଧାନ ସେ ଦେଇଛନ୍ତି । କୋରାପୁଟରୁ ଲକ୍ଷ୍ମୀପୁର ଯିବା ରାସ୍ତାରେ ଦେଢ଼କୋଷ ପୂର୍ବରୁ ଧର୍ମଦୁଆର ଘାଟି ପାଖରେ ଶରଣ୍ଣୁପଦର ଗାଁ । ଗାଁ ସାରା ତିନିମେଞ୍ଚାଘର ଓ ତିନୋଟି ସଂପ୍ରଦାୟ ଡମ୍ବ, ଗାଦ୍‌ବା ଓ ପରଜା । ପରଜା ସାହିରେ ସୁକୁଜାନିର ଘର । ତାହାର ପରିବାର କହିଲେ ଦୁଇପୁଅ ମାଣ୍ଡିଆ ଓ ଟିଙ୍ଗ୍ରାଜାନି, ଦୁଇଝିଅ ଜିଲି ଓ ବିଲି । ସ୍ତ୍ରୀ ସମ୍ବାରୀ ବାଘ ପାଟିର ଶିକାର ହୋଇଛି ତିନିବର୍ଷ ତଳୁ ।

ସୁକୁଜାନିର ଗୋଟିଏ ନୁଆଁଣିଆ ଚାଳଘର । ଘର ଭିତର ଘଞ୍ଚଅନ୍ଧାର । ଘରକରଣା ଜିନିଷ ବୋଲି ବାଡିବାଇଗବା ମାଞ୍ଜି, ଛଡ଼ା, ମାଣ୍ଡିଆ, ଆମ୍ବ ଟାକୁଆ କୋଇଲି, ଆଉ ହାଣ୍ଡିକେଇଟା ବାସ୍ ଏତିକିରେ ତାର ତେଲଲୁଣର ସଂସାର । ଏତିକି ଭିତରେ ସୁକୁଜାନିର ସଂସାର ।' ବେଶ୍ ଆନନ୍ଦରେ ସେ ତାରି ଭିତରେ ନିଜକୁ ଖୋଜେ ଓ ପାଇ ଆନନ୍ଦିତ ହୁଏ । ସେଇ ଅସଜଡ଼ା ଅଳିଆ, ତଳିଆ ହୋଇ ପଡ଼ିଥିବା ଘର ଭିତରେ ତାର ଧାଙ୍ଗଡ଼ା ଧାଙ୍ଗିଡ଼ି ବା ପୁଅ ଝିଅଙ୍କୁ ନେଇ ସେ ଆଗାମୀ ଦିନର ସୁନେଲି ସ୍ୱପ୍ନ ଦେଖେ । ତା' ଘର ଭିତରୁ ବାହାରୁଥିବା ମଠୁଆ ମଠୁଆ ଧୂଆଁ, ଆଉ ପାହାଡ଼ ଉପରେ ମଆରେ ରଙ୍ଗ ଅବିର ମରା ସୂର୍ଯ୍ୟାସ୍ତ ରୂପ, ପାହାଡ଼ ତଳ ଝୋଲା ପାଣିର ଝୋଲା ଫରଫର ରୂପ ଦେଖି ସେ ଆନନ୍ଦିତ ହୁଏ । ମନେ ମନେ ଚିନ୍ତାକରେ ଏସବୁ ଆଖି ଆଗରେ ସେ ଯାହା ଦେଖୁଛି ସେସବୁର ସ୍ରଷ୍ଟା ସେଇ ଡୁମା ବା ଭୂତ ।

ପାହାଡ଼ ତଳ ଚାଷ ଜମିରେ ଜାତି ଜାତିର ଫସଲ ଯେଉଁଠି ଝୋଲାର ପାଣି କବକବ କରି ଡେଇଁ ଡେଇଁ ଚାଲେ, ଆଉ ତା' ପାଖକୁ ସାନ ବଡ଼ ଖଞ୍ଜା ହୋଇ ରହିଥିବା ଅଗ୍ନାଗ୍ନି ବନସ୍ତ । ସେ ପାଖେ ଦେଖେ ତା ଆଖି ଆଗରେ ସେ ଆଉ ଲୋବୋକନ୍ଧ ମିଶି ତୁ ତୁ ବର୍ଷାରେ ହାଣି ସଫା କରିଥିବା ଜଙ୍ଗଲରୁ ରୂପାନ୍ତରିତ ଚାଷ ଜମିକୁ । ସଞ୍ଜ ହେଲେ ନୂଆଁଣିଆ କୁଡ଼ିଆଘରୁ ନିଆଁ ଧିକ୍ ଧିକ୍ ଜଳେ । ଦୁଇଝିଅ ଜିଲି ଓ ବିଲି ହାଣ୍ଡିରେ ମାଣ୍ଡିଆ କି ଆମ୍ବ ଟାକୁଆ ଗୁଣ୍ଡ ଡାଳି ଚୂଲିରେ ବସେଇ ଗୋଡ଼ ହାତଲମ୍ୱେଇ ବସିଯାନ୍ତି । ପୁଣି ଦୁଇ ପୁଅ ମାଣ୍ଡିଆ ଆଉ ଟିକ୍ରା କାନ୍ଧରେ କୁରାଢ଼ି ହାତରେ କୋଡ଼ି ଧରି ପାହାଡ଼ ସଫା କରି ଘର ପିଣ୍ଡାରେ ବସିଯାନ୍ତି ଥକ୍କା ହୋଇ ଏସବୁ ଦେଖି ସୁକୃଜାନି ଶାନ୍ତିରେ ପିକା ଟାଣେ ଓ ଆତ୍ମତୃପ୍ତି ଲାଭ କରେ । ସ୍ୱପ୍ନ ଦେଖେ ପୁଅ ବୋହୂ ନାତି ନାତୁଣୀ ଓ ପରିପୂର୍ଣ୍ଣ ସଂସାରକୁ ।

ପରଜା ତା' ବାହୁର ବଳକୁ ଚିହ୍ନେ, ବିଶ୍ୱାସ କରେ । ବୟସ ଗଡ଼ି ୫୦ ଛୁଇଁଛି । ଦିନ ଥିଲା ଏକାଥରେ କୁରାଢି ଧରିଲେ ପାଞ୍ଚ ଛଅ ଘଣ୍ଟା କାମ ସେ କରେ । ଦୁଇ ମହଣ ଓଜନର ଭାର ବୋହି ଝୋଲା କି କାକିରିମୁମ୍ବାରେ ପହଞ୍ଚାଇ ଦିଏ । ଆବୁଆ ଆବୁଆ ଦେହ, ଗୋଡ଼ ପେଣ୍ଡା ଯେମିତି ପଥର, ଚମଡାଟି ତାର ବର୍ଷାତି । ବେମାର କ'ଣ ସେ ଜାଣେ ନାହିଁ । ଆଦିବାସୀ ସମାଜରେ ସ୍ତ୍ରୀ ଲୋକଙ୍କୁ ସମ୍ମାନ ଦିଆଯାଏ ସେଥିପାଇଁ ସେମାନେ ସଜାଗ । ଗାଁ ପୁରୁଷ ଗାଧୁଆ ତୁଠଠାରୁ ସ୍ତ୍ରୀ ଲୋକଙ୍କ ତୁଠ ଅଲଗା । ଜିଲି ବିଲି ତୁଠରେ ଗାଧୋଇବା ବେଳେ ତାଙ୍କ ଲଙ୍ଗଳା ଗାଧୁଆ ରୂପକୁ ଜଙ୍ଗଲ ଜମାନ୍ ଲୁଚି ଲୁଚି ଦେଖୁଥିବା ଜାଣି ଦୁଇଭଉଣୀ ଲାଜେଇ ଯାଇଛନ୍ତି ।

ସେହିପରି ସରକାରୀ ଲୋକମାନଙ୍କୁ ପରଜା ସଂପ୍ରଦାୟ ଦେବତାର ମାନ୍ୟତା ପ୍ରଦାନ କରନ୍ତି । ସେମାନଙ୍କର ଦୟା ନ ହେଲେ ସବୁ ସୁଖ ଦୁଃଖରେ ପରିଣତ ହେବ । ତେଣୁ ଜଙ୍ଗଲ ଜମାନ୍ ଆସିବା ଖବର ଶୁଣି ଗାଁ ଯାକ ମେଳ ହୋଇ ଯିଏ ଯାହା ଶକ୍ତି ଅନୁସାରେ ଲାଞ୍ଚ ପ୍ରଦାନ କରିଛନ୍ତି । ସୁକୃଜାନି ପୁଅ ଓ ପରିବାର ଭବିଷ୍ୟତ ପାଇଁ କୁକୁଡ଼ା, ପଣସ ଓ ଟଙ୍କା ଦେଇଛି । ସେ ସବୁ ଦେଇଛି ଜମିଚାଷ ପାଇଁ, ପାହାଡ଼ ଖୋଳିବା ପାଇଁ । ପୁଅ ବାହା ହେଲେ ଅଲଗା ଘର କରିବା ପାଇଁ କାଠ ହାଣିବା ପାଇଁ । ଜଙ୍ଗଲ ଜମାନ୍ ଠୁ ଅନୁମତି ପାଇବା ପରେ ତାର ପାଦ ତଳେ ଲାଗିନାହିଁ । ସେ ଖୁସିରେ ଘରକୁ ଫେରିଛି ।

ପୁଟୁଳା ବାନ୍ଧି ଗାଁ ଯାକର ଲାଞ୍ଚ ସାମଗ୍ରୀ ୪ଜଣ ଭେଣ୍ଡିଆଙ୍କ ଦ୍ୱାରା ବୁହା ହୋଇଯାଇଛି ଅନ୍ୟ ଗାଁକୁ । ଜଙ୍ଗଲ ଜମାନର ହାବ ଭାବ ଚାଲିଚଳଣି ଆଦିବାସୀ ପରଜା ସଂପ୍ରଦାୟର ଝିଅଙ୍କୁ ଭଲ ଲାଗିନାହିଁ । ସେମାନେ ଗାଧୁଆ ତୁଠରେ ଜଙ୍ଗଲ ଜମାନଙ୍କୁ ସମାଲୋଚନା କରିଛନ୍ତି । କିଏ କହିଛି ମୋତେ ଚାହୁଁଥିଲା, କିଏ କହିଛି ମୋ ପଛେ ପଛେ ଗୋଡ଼ାଉଥିଲା, ତ ଆଉ କିଏ କହିଥିଲା ଆମର ଡିମ୍ବ ଦିଆ କୁକୁଡ଼ା ନେଇଗଲା । ଧାଙ୍ଗିଡ଼ିମାନେ ହସ ଖୁସିରେ ଥଟ୍ଟା ପରିହାସରେ ସମୟ ବିତାନ୍ତି, ପୁରୁଷମାନେ ନିଜର ପରିଶ୍ରମ ଓ ବାହୁ ବଳ ଉପରେ ବିଶ୍ୱାସ ରଖି ଜୀବନ ବିତାନ୍ତି । 'ଶରଣ୍ଣୁ ପଦ'ର କଥା ବସ୍ତୁଟିରେ ଏହିପରି ଅନେକ ଜୀବନ୍ତ ଘଟଣାକୁ ଚିତ୍ରଣ କରି ଲେଖକ ପାଠକମାନଙ୍କୁ ଆଦିବାସୀ ଜନଜୀବନର ମନୋଜ୍ଞ ଚଳଣିକୁ ଦେଖାଇଅଛନ୍ତି ।

## ପ୍ରଶ୍ନୋତ୍ତର

**୧) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ : ପ୍ରଶ୍ନର ମୂଲ୍ୟ ୧ ନମ୍ବର-**

**ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।**

(କ) କୋରାପୁଟରୁ ଲକ୍ଷ୍ମୀପୁର ଯିବା ରାସ୍ତାରେ କେଉଁ ଘାଟି ପଡ଼େ ?

(ସାଲୁର, ପାଲୁର, ଲକ୍ଷ୍ମୀପୁର, ଧର୍ମଦୁଆର)

ଉ : ଧର୍ମଦୁଆର ।

ଖ) ସୁକୃଜାନି ଭାରିଯା କିଭଳି ମରିଥିଲା ?

(ରୋଗରେ, ବାଘ ନେଇଯିବାରୁ, ପାଣିରେ ବୁଡ଼ିଯିବାର, ନିଆଁ ଲାଗିଯିବାରୁ)

ଉ : ବାଘ ନେଇଯିବାରୁ ।

ଗ) ତେଲ ହେବାପାଇଁ ସୁକୃଜାନିର ବଖରା କଣରେ କେଉଁ ମଞ୍ଜି ଥାଏ ?

(ବାରିବାଇଗବା, ଆମ୍ବଟାକୁଆ, ମାଣ୍ଡିଆ, ଅଳସି)

ଉ: ବାରିବାଇଗବା ।

ଘ) ସୁକୃଜାନିର ସାନପୁଅ କିଏ ?

(ମାଣ୍ଡିଆଜାନି, ଟିକ୍ରାଜାନି, ଲାକ୍ରାଜାନି, ଗୁଡ୍ରାଜାନି)

ଉ: ଟିକ୍ରାଜାନି ।

ଙ) ବିଲି କେଉଁ ଫଳର ସାବୁନ୍ ଫେଣରେ ମୁଣ୍ଡରଗଡୁ ଥିଲା ।

(ବାରିବାଇଗବା, ଚିଲି, କାନ୍ଦୁଲି, ଅଠା)

ଉ: ଚିଲି ।

ଚ) ସିଟି ମାରିମାରି ବୁଲାଣି ବାଟରେ ଧୀରେ ଧୀରେ ଜଙ୍ଗଲ ଜମାନ୍ କେଉଁ ଆଡ଼େ ଗଲା ?

(ଗାଆଁ, ଜଙ୍ଗଲ, ଝରଣା, ସହର)

ଉ: ଗାଆଁ ।

ଛ) ଜଣେ ଜମାନ୍‌ର ଦରମା କେତେ ?

(ପାଞ୍ଚଟଙ୍କା, ଆଠଟଙ୍କା, ବାରଟଙ୍କା, ଅଠର ଟଙ୍କା)

ଉ: ଆଠଟଙ୍କା ।

ଜ) ଗାଁ, ତୁଠରେ ଜିଲି, କେଉଁଶାଗ ଧୋଉଥିଲା ?

(ଲେଉଟିଆ, ଗୁର୍ଦି, ମର୍ଦି, ନେନ୍ତା)

ଉ: ଗୁର୍ଦି

ଝ) ସୁକୁଜାନି ବଡ଼ ଝିଅର ନାମ କ'ଣ ?
(ଜିଲି, ବିଲି, ସମ୍ୟାରି, କାକୋଡ଼ି)

ଉ: ଜିଲି

ଞ) ସୁକୁଜାନି କେଉଁଗାଁର ଲୋକ ?
(ଲକ୍ଷ୍ମୀପୁର, ଶରଶୁପଦର, ଅମ୍ୟାଝୋଲା, କଦମ୍ବଝୋଲା)

ଉ: ଶରଶୁ ପଦର ।

ଟ) ଧର୍ମଦୁଆର ଘାଟିଠାରୁ କେଉଁ ଦିଗକୁ 'ଶରଶୁ ପଦର' ଗାଁ ପଡ଼େ ?
(ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ)

ଉ: ଉତ୍ତର ।

ଠ) ଧର୍ମ ଦୁଆର ଘାଟିଠାରୁ କେତେ ଦୂରରେ ଶରଶୁ ପଦର ଗାଁ ?
(କୋଶେ, ଦୁଇକୋଶ, ତିନିକୋଶ, ଚାରିକୋଶ)

ଉ: କୋଶେ ।

ଡ) ଶରଶୁ ପଦର ଗାଁରେ କେତେ ଜାତିର ଲୋକ ବାସ କରନ୍ତି ?
(ଦୁଇ, ତିନି, ଚାରି, ପାଞ୍ଚ)

ଉ: ତିନି ।

ଢ) 'ଜୋଣା' ଶବ୍ଦର ଅର୍ଥ କ'ଣ ?
(ଲଂକାମରିଚ, ମକ୍କା, ଧୂଆଁପତ୍ର, କାନ୍ଦୁଲ)

ଉ: ମକ୍କା ।

ଣ) ଶମ୍ୟାରୀ କେଉଁଠିକୁ ଶାଗ ତୋଳିବାକୁ ଯାଇଥିଲା ?
(ବୁଦାଗହଳକୁ, ଭାଲୁ ଗାଡ଼କୁ, ବିଲକୁ, ପୋଖରୀ ହୁଡ଼ାକୁ)

ଉ: ଭାଲୁ ଗାଡ଼କୁ ।

ତ) କେତେବର୍ଷ ତଳେ ସମ୍ୟାରୀ ଶାଗତୋଳିବାକୁ ଯାଇ ଆଉ ଫେରି ନାହିଁ ?
(ଦୁଇବର୍ଷ, ତିନିବର୍ଷ, ଚାରିବର୍ଷ, ପାଂଚବର୍ଷ)

ଉ: ତିନିବର୍ଷ ।

ଥ) ଜିଲି ଓ ବିଲି ଚିକ୍କଣ ଖୋସାରେ କେଉଁ ରଙ୍ଗର ଫୁଲ ଖୋସିଥାନ୍ତି ?
(ଲାଲ୍, ହଳଦିଆ, ଗୋଲାପି, ଧଳା)

ଉ : ଲାଲ୍ ।

ଦ) କେଉଁଥିରେ ମାଣ୍ଡିଆ ଜାଉ ପୂରାଇ ବିଲକୁ ନିଆଯାଏ ?
(କୁମ୍ଭିରେ, ଜାଉ ତୁମ୍ବାରେ, ହାଣ୍ଡିରେ, ତଲାଗିରେ)

ଉ: ଜାଉ ତୁମ୍ବାରେ ।

ଧ). ସବୁରି କର୍ତ୍ତାତ ଗୋଟିଏ ଭୂତ ବା ଡୁମା, ଏହାର କାହାର ବିଶ୍ୱାସ ?
(ସୁକ୍ରୁଜାନି, ନାଇକ, ଜମାନ୍, ଗାରଦ)

ଉ: ସୁକୃଜାନି

ନ) କିଏ ଆଣିଦିଏ ଝଡ଼ତୋଫାନ, ଦୁଃଖ ଦୁର୍ଦ୍ଦଶା ?
(ଡଙ୍ଗର, ଜଙ୍ଗଲ, ଡୁମ୍ବା, ବୁଢ଼ାରଜା)

ଉ: ଡୁମ୍ବା

ପ) କୁତୁ ବର୍ଷାରେ ସୁକୃଜାନି ଓ ଆଉ କିଏ ମିଶି ସାନପାହାଡ଼କୁ ଚାଷ ଭୂଇଁ କରିଥିଲେ ?
(ମାଣ୍ଡିଆ, ଟିକ୍ରା, ଲୋବୋ, ବାଗଲା)

ଉ: ଲୋବୋ ।

ଫ) ସୁକୃଜାନିର ଆବୁଆ ଆବୁଆ ବଲୁଆ ଦେହର ଗୋଡ଼ ପେଶୀ କିପରି ?
(ବର୍ଷାତି, କାଉଡି, ପଥର, ପାଣି) .

ଉ: ପଥର ।

ବ) ମାଣ୍ଡିଆ ଜାନି ଠିକ୍ କାହାପାଇଁ ?
(ଟିକ୍ରାଜାନି, ସୁକ୍ରୁଜାନି, ଜିଲି, ବିଲି)

ଉ : ସୁକୃଜାନି

ଭ: ମଲା ମା'କୁ କିଏ ମନେ ପକେଇ ଦିଏ ?
(ମାଣ୍ଡିଆ ଜାନି, ଟିକ୍ରାଜାନି, ସୁକୃଜାନି, ଜିଲି ଓ ବିଲି)

ଉ: ଟିକ୍ରାଜାନି ।

ମ) ଜିଲି ସାମ୍ନାକୁ ମୁହଁ କରି ତାରପିନ୍ଧା............... ଖଣ୍ଡିକ ଚଟାଣ ଉପରେ କାଢ଼ିଥିଲା ?
(ଲୁଗା, ଶାଢ଼ୀ,ପାଛିଆ, କୌପୁନୀ)

ଉ: ପାଛିଆ

ଯ) ବଣଗାରଡ଼ କେଉଁ ଚଢ଼େଇ ଖୋଜିବାର ବାହାନାରେ ଏକଡ଼ ସେକଡ଼ ହେଉଥିଲା ?
(ମୟୂର, କୁକୁଡ଼ା, ହରଡ଼ ଚଢ଼େଇ, ଗେଣ୍ଡାଳିଆ)

ଉ: ହରଡ ଚଢ଼େଇ ।

ର) ନାଇକ ଖଜଣା ଅସୁଲ କରି ରାଜାଘର ...............କୁ ଦିଏ ?

(ଚପରାଶି, ଗାରଡ଼, ରିବିଣି, ଜମାନ)

ଉ: ରିବିଣି ।

ଙ) ଜଙ୍ଗଲ ଜମାନ୍‌ର ଦଖଲରେ ..............କୋଶ ନିଘଞ୍ଚ ଜଙ୍ଗଲ ।

(ଦଶପନ୍ଦର କୋଶ, ଦୁଇକୋଶ, କୋଡ଼ିଏ କୋଶ, ଅଠର କୋଶ)

ଉ: ଦଶ ପନ୍ଦର କୋଶ ।

ଚ) ରେଙ୍ଗୁ ପରଜାର ପୁଅର ନାମ କ'ଣ ?

(କାକୋଡ଼ି, ବାଗଲା, ଭାଟ, ଡାଙ୍ଗ)

ଉ: ବାଗଲା ।

**୨) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ଏକ ନମ୍ବର ।**

କ) ଲକ୍ଷ୍ମୀ ପୁରରୁ ଦେଢ଼କୋଶ ଜଙ୍ଗଲରେ କେଉଁ ଘାଟି ପଡ଼େ ?

ଉ: ଲକ୍ଷ୍ମୀପୁରରୁ ଦେଢ଼କୋଶ ଜଙ୍ଗଲରେ ଧର୍ମଦୁଆର ଘାଟିପଡ଼େ ।

ଖ) 'ଧର୍ମଦୁଆର' ଘାଟିର ଏ ପାଖରୁ କେତେ ଓ ସେ ପାଖରୁ କେତେ ପାହାଡ଼ ଠିଆ ହୋଇଛନ୍ତି ?

ଉ: 'ଧର୍ମଦୁଆର' ଘାଟିର ଏ ପାଖରୁ ୪୦ ଓ ସେ ପାଖରୁ ୫୦ଟି ପାହାଡ଼ ଠିଆ ହୋଇଛନ୍ତି ।

ଗ) 'ଧର୍ମଦୁଆର', ଘାଟିର ଉତ୍ତରକୁ କେଉଁ ଗାଁ ?

ଉ: 'ଧର୍ମଦୁଆର' ଘାଟିର ଉତ୍ତରକୁ ଶରଶୁପଦର ଗାଁ ।

ଘ) 'ଧର୍ମଦୁଆର' ଘାଟିର କେତେ ଦୂରରେ ଶରଶୁ ପଦର ଗାଁ ପଡ଼େ ?

ଉ: ଧର୍ମଦୁଆର ଘାଟିର କୋଶେ ଗଲେ ଶରଶୁ ପଦର ଗାଁ ପଡ଼େ ।

ଙ) ଶରଶୁ ପଦର ଗାଁରେ କେଉଁସବୁ ଜାତିର ଲୋକେ ବାସ କରନ୍ତି ?

ଉ: ଶରଶୁ ପଦର ଗାଁରେ ଡମ୍ବ, ଗାଦ୍‌ବା, ପରଜା ଇତ୍ୟାଦି ଜାତିର ଲୋକ ବାସ କରନ୍ତି ।

ଚ) 'ଟଣିଅଁ' ଶବ୍ଦର ଅର୍ଥ କ'ଣ ?

ଉ: 'ଟଣିଅଁ' ଶବ୍ଦର ଅର୍ଥ ଝାଟି ।

ଛ) କେତେଘର ଲୋକ ଶରଶୁ ପଦର ଗାଁରେ ବାସ କରନ୍ତି ?

ଉ: କୋଡ଼ିଏ ଦୁଇ ଘରର ଲୋକ ଶରଶୁ ପଦର ଗାଁରେ ବାସ କରନ୍ତି ।

ଜ) ସୁକୁଜାନିର ସ୍ତ୍ରୀର ନାମ କ'ଣ ?

ଉ: ସୁକୁଜାନି ସ୍ତ୍ରୀର ନାମ ସମ୍ବାରି ।

ଝ) ସମ୍ବାରି ସକାଳୁ ସକାଳୁ କେଉଁଠିକୁ ଶାଗ ତୋଳିବାକୁ ଯାଉଥିଲା ?

ଉ: ସମ୍ବାରି ସକାଳୁ ସକାଳୁ ଭାଲୁଗାଡ଼ ଝୋଲକୁ ଶାଗ ତୋଳିବାକୁ ଯାଇଥିଲା ।

ଞ) ସମ୍ବାରିକୁ କିଏ ନେଇଗଲା ?

ଉ: ସମ୍ବାରିକୁ ମଣିଷ ଖିଆ ବାଘ ନେଇଗଲା ।

ଟ) ମାଣ୍ଡିଆ ଚୁନା କିମ୍ବା ଶାଗ କି ଫେସା ହୋଇଥିବା ଆମ୍ବ ଟାକୁଆର କୋଇଲିକୁ କିଏ ଚୂଲିରେ ବସାଏ ?

ଉ: ମାଣ୍ଡିଆ ଚୁନା କି ଶାଗ କିମ୍ବା ଫେସା ହୋଇଥିବା ଆମ୍ବଟାକୁଆର କୋଇଲିକୁ ଜିଲି ବିଲି ଚୂଲିରେ ବସାଏ ।

ଠ) ସୁକୃଜାନି କ'ଣ ପିକା କରି ଟାଣେ ?

ଉ: ସୁକୃଜାନି ଧୂଆଁପତ୍ର ବଳି ପିକା କରି ଟାଣେ ।

ଡ) 'ତଲରା' ଓ 'ତଲରି' ଶବ୍ଦର ଅର୍ଥ କ'ଣ ?

ଉ: ତଲରା ଶବ୍ଦର ଅର୍ଥ ହେଲା ପିଠି ପଖିଆ ଓ ତଲରି ଶବ୍ଦର ଅର୍ଥ ହେଲା ମୁଣ୍ଡର ଛତା ।

ଢ) ସୁକୃଜାନିକୁ କ'ଣ ଭଲ ଲାଗେ ?

ଉ: ସୁକୃଜାନିକୁ ଅଳିଆ ଦଳିଆ ଭଲ ଲାଗେ ।

ଣ) ସୁକୃଜାନି କ'ଣ ବିଶ୍ୱାସ କରେ ?

ଉ: ସୁକୃଜାନି ବିଶ୍ୱାସ କରେ ସବୁରି କର୍ତ୍ତା ଗୋଟିଏ ଭୂତ ବା ଡୁମା ।

ତ) ଶରଶ୍ରୁ ପଦରର ପାହାଡ଼ୀ ନଈରେ କିପରି ଡେଇଁ ଡେଇଁକା ପାଣି ଚାଲେ ?

ଉ: ଶରଶ୍ରୁ ପଦରର ପାହାଡ଼ୀ ନଈରେ କବକବ କରି ଡେଇଁ ଡେଇଁକା ପାଣି ଚାଲେ ।

ଥ) ପାହାଡ଼ ତଳର କେଉଁ ଜମିରେ ଧାନ ହୁଏ ?

ଉ: ପାହାଡ଼ ତଳର ଡିପତଳ ଭୂଇଁ ସନ୍ତସନ୍ତିଆ ଜମିରେ ଧାନ ହୁଏ ।

ଦ) ସୁକୃଜାନି ଆଉ କିଏ ମିଶି ସାନ ପାହାଡ଼କୁ ଚାଷ ଭୂଇଁ କରିଥିଲେ ?

ଉ: ସୁକୃଜାନି ଆଉ ଲୋବୋକନ୍ଧ ମିଶି ସାନ ପାହାଡ଼କୁ ଚାଷଭୂଇଁ କରିଥିଲେ ।

ଧ) ମଣିଷ ମରିଗଲେ କେଉଁଠାରେ ତା' ନାଁରେ ଖଣ୍ଡେ ଗୋଜିଆ ପଥର ପୋତା ହୁଏ ବୋଲି ସୁକୃଜାନି ଭାବିଛି ?

ଉ: ମଣିଷ ମରିଗଲେ ଗାଁ ମଝିରେ ଗୁରୁଡ଼ି ଆମ୍ବଗଛ ତଳେ ତା ନାଁରେ ଖଣ୍ଡେ ଗୋଜିଆ ପଥର ପୋତା ହୁଏ ବୋଲି ସୁକୃଜାନି ଭାବିଛି ।

ନ) ସୁକୃଜାନି କାହା ଉପରେ ଭରସା ରଖେ ?

ଉ: ସୁକୃଜାନି ବାହାର ବଳ ଉପରେ ଭରସା ରଖେ ।

ପ) ସୁକୃଜାନି ପାହାଡ଼ ଲଣ୍ଡା କଲାବେଳେ ଏକାବେଳେ କେତେଘଣ୍ଟା କୁରାଢି ଓହ୍ଲାଏ ନାହିଁ ।

ଉ: ସୁକୃଜାନି ପାହାଡ଼ ଲଣ୍ଡା କଲାବେଳେ ଏକାବେଳକେ ୫-୬ ଘଣ୍ଟା କୁରାଢି ଓହ୍ଲାଏ ନାହିଁ ।

ଫ) ସୁକୃଜାନି ହାକିମମାନଙ୍କ ବୋଝକୁ ନେଇ କେଉଁଠାରେ ପହଞ୍ଚାଏ ?

ଉ: ସୁକୃଜାନି ହାକିମମାନଙ୍କ ବୋଝକୁ ନେଇ ମାଙ୍କଡ଼ ଝୋଲା ଓ କାକିରି ଗୁମ୍ମା ବଙ୍ଗଳାରେ ପହଞ୍ଚାଏ ।

ବ) ସୁକ୍ରୁଜାନି କୋଶେ ବାଟ ହାକିମ ମାନଙ୍କ ବୋଝ ନେଇ ଗଲେ କେତେ ପଇସା ମିଳେ ?

ଉ: ସୁକ୍ରୁଜାନି କୋଶେ ବାଟ ହାକିମମାନଙ୍କ ବୋଝନେଇ ଗଲେ ପଇସାଏ ମିଳେ ।

ଭ) ସୁକ୍ରୁଜାନିର ବୟସ କେତେ ?

ଉ: ସୁକ୍ରୁଜାନିର ବୟସ ୫୦ ବର୍ଷ ।

ମ) ପରଜା ସ୍ତ୍ରୀ ଲୋକଙ୍କ ତୁଠ କେଉଁଠାରେ ?

ଉ: ପରଜା ସ୍ତ୍ରୀ ଲୋକଙ୍କ ତୁଠ ନାଳବାଙ୍କଠାରେ ।

ଯ) ଟିକ୍ରାଜାନିକୁ ଦେଖିଲେ କିଏ ମନେ ପଡିଯାଏ ?

ଉ: ଟିକ୍ରାଜାନିକୁ ଦେଖିଲେ ସୁକ୍ରୁଜାନିର ତା ସ୍ତ୍ରୀ ସମ୍ବାରି ଜାନି ମନେ ପଡ଼ିଯାଏ ।

ର) ଜିଲି ଓ ବିଲି ଦୁଇ ଭଉଣୀ କେଉଁଠାରେ ଗାଧୋଉ ଥିଲେ ?

ଉ: ଜିଲି ଓ ବିଲି ଦୁଇ ଭଉଣୀ ନିରୋଳା ନାଳବାଙ୍କରେ ଗାଧୋଉଥିଲେ ।

ଲ) ଜମାନ୍ ହସିହସି କେଉଁଠାରେ ଛପିଗଲା ?

ଉ: ଜମାନ୍ ହସି ହସି ବୁଦା ଉହାଡ଼ରେ ଛପିଗଲା ।

ଳ) ଜଙ୍ଗଲ ଜିମାନ୍‌ର ଛାଉଣୀ କେଉଁଠାରେ ପଡ଼େ ?

ଉ: ଜଙ୍ଗଲି ଜମାନ୍‌ର ଛାଉଣୀ ଗାଁ ନାଇକ (ଗାଁ ମୁଣ୍ଡିଆଳ)ଘର ପିଣ୍ଡାରେ ଗୋରୁ ଶାଳର ତାଟି ବନ୍ଧା ହୋଇପଡ଼େ ।

ଶ) ନାଇକ ଖଜଣା ଅସୁଲ କରି କାହାକୁ ଦିଏ ?

ଉ: ନାଇକ ଖଜଣା ଅସୁଲ କରି ରଜାଘର ରିବିଶି (ରେଭିନ୍ୟୁ ଇନ୍ ସପେକ୍ଟର) ଅମିନକୁ ଦିଏ ।

ଷ) କିଏ ରଇତ ମାନଙ୍କ ଠୁଁ ଉଢରେ ?

ଉ: ନାଇକ ରଇତ ମାନଙ୍କଠୁଁ ଉଢରେ ।

ସ) ଶରଶୁ ପଦର ଗାଁର ଚାରିଆଡ଼େ କ'ଣ ହୁଲର ହୋଇଗଲା ?

ଉ: ଶରଶୁ ପଦର ଗାଁର ଚାରିଆଡ଼େ ଗାରଡ଼ ଗାରଡ଼ ଜମାନ ଜମାନ ବୋଲି ହୁଲର ହୋଇଗଲା ।

ହ) ବଣରେ ଗୋରୁ ଚରେଇବା ପାଇଁ ଜଙ୍ଗଲ ଜମାନକୁ କଣ ଦେବାକୁ ପଡ଼େ ?

ଉ: ବଣରେ ଗୋରୁ ଚରେଇବା ପାଇଁ ଜଙ୍ଗଲ ଜମାନକୁ ପାନୁ ବା ଟିକସ ଦବାକୁ ପଡ଼େ ।

କ୍ଷ) କ'ଣ କଲେ ଜମାନ୍‌କୁ ଜୋରିମନା ଦବାକୁ ପଡ଼ିବ ?

ଉ: ବାଘୁଆ ଅରମା ମାରିଲେ ଅର୍ଥାତ୍ ପୋଡୁ ଚାଷ କରିଲେଜମାନ୍‌କୁ ଜୋରିମନା ଦବାକୁ ପଡ଼େ ।

ୟ) ସୁକ୍ରୁଜାନିର କଣ ଦରକାର ?

ଉ: ସୁକ୍ରୁଜାନିର ଜମି ଦରକାର ।

ଌ) ପରଜା ସମାଜର ରୀତି କ'ଣ ?

ଉ: ପରଜା ସମାଜର ରୀତି ହେଲା ଘରକରିବା, ପୋଡୁଚାଷ କରିବା ଅଧିକରୁ ଅଧିକ ଜମି କରିବା, ପୁଅ ବିବାହ କରାଇ ନିଆରା ଘରେ ରଖେଇବା, ଏସବୁ ପରଜା ସାମଜର ରୀତି ।

ଂ, କେତେ ଟଙ୍କା ଦେଇ ସୁକୃଜାନି ଜଙ୍ଗଲ ଜମାନଙ୍କୁ ଜମି ପାଇଁ ନିବେଦନ କଲା ?

ଉ: ଯୋଡ଼ିଏ ଟଙ୍କାଦେଇ ସୁକୃଜାନି ଜଙ୍ଗଲ ଜମାନଙ୍କୁ ଜମିପାଇଁ ନିବେଦନ କଲା ।

୪) ଗାଁ ତୁଠରେ ଜିଲି କଣ କରୁଥିଲା ?

ଉ: ଗାଁ ତୁଠରେ ଜିଲି ଗୁର୍ଦିଶାଗ ତୋଳୁଥିଲା ।

୨) କାଜୋଡ଼ି କାହାର ଝିଅ ?

କାଜୋଡ଼ି ପୁରିଜାନିର ଝିଅ ।

।) ମାଣ୍ଡିଆ ଜାନି ପାଇଁ କାହାକୁ ମନୋନୀତ କରାଯାଇଥିଲା ?

ଉ: ମାଣ୍ଡିଆଜାନି ପାଇଁ କାଜୋଡ଼ିକୁ ମନୋନୀତ କରାଯାଇଥିଲା ।

।।) ଦିନା କେତେ ହେଲା ଶରଣ୍ଣୁ ପଦର ଗାଁରେ କେଉଁ ଗପ ଚହଟିଛି ?

ଉ: ଦିନାକେତେ ହେଲା ବଗଲା ଓ ଝିଲି ପରସ୍ପରକୁ ଭଲ ପାଇବା ଗପ ଗାଁରେ ଚହଟିଛି ।

**୩. ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ - ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକ ସୂଚନା ପାଇଁ ୧ ନମ୍ବର ଏବଂ ସଠିକ୍ ଉତ୍ତର ପାଇଁ ୧ ନମ୍ବର ରହିବ ।**

କ) କେଉଁଠାରେ ଧର୍ମଦୁଆର ଘାଟି ପଡ଼େ ?

ଉ: ଲେଖକ-ଗୋପୀନାଥ ମହାନ୍ତି । ବିଷୟ-ଶରଣ୍ଣୁ ପଦର ।
କୋରାପୁଟର ଲକ୍ଷ୍ମୀପୁର ଯିବା ରାସ୍ତାରେ ଲକ୍ଷ୍ମୀପୁରର ଦେଢ଼କୋଶ ପୂର୍ବରୁ ଧର୍ମଦୁଆର ଘାଟି ପଡ଼େ ।

ଖ) 'ଶରଣ୍ଣୁ ପଦର' ରେ ଥିବା ସାହିମାନଙ୍କ ନାମ କ'ଣ ?

ଉ: ଲେଖକ-ଗୋପୀନାଥ ମହାନ୍ତି । ବିଷୟ ଶରଣ୍ଣୁ ପଦର ।
ଶରଣ୍ଣୁ ପଦରେ ଥିବା ସାହିମାନଙ୍କୁ ନାମ ହେଲା ଡମ୍ବସାହି, ଗାଦ୍‌ବା ସାହି ଓ ପରଜା ସାହି ।

ଗ) ସୁକୃଜାନି ସଂସାର କହିଲେ କିଏ ?

ଉ: ଲେଖକ ଗୋପୀନାଥ ମହାନ୍ତି । ବିଷୟ ଶରଣ୍ଣୁ ପଦର । ସୁକୃଜାନିର ସଂସାର କହିଲେ ସୁକୃଜାନି ନିଜେ, ବଡ଼ ପୁଅ ମାଣ୍ଡିଆ ଜାନି, ସାନ ପୁଅ ଟିକ୍ରାଜାନି ଆଉ ଝିଅ ଦୁଇଟି ଜିଲି ଓ ବିଲି ।

ଘ) ସମ୍ବାରି କିପରି ମୃତ୍ୟୁବରଣ କରିଥିଲା ?

ଉ: ଲେଖକ-ଗୋପୀନାଥ ମହାନ୍ତି । ବିଷୟ- ଶରଣ୍ଣୁ ପଦର ।
ସୁକୃଜାନିର ଭାରିଜା ସମ୍ବାରି ତିନି ବର୍ଷତଳେ ଭାଲୁଗାଡ଼ ଝୋଲ୍ଲାକୁ ସକାଳୁ ସକାଳୁ ଶାଗ ତୋଳିଯାଇଥିଲା କୋରାପୁଟିଆ ବୁଟାର ବୁଦାଗହଳରୁ ମଣିଷଖିଆ ବାଘ ତାକୁ ଘୋଷାରି ନେଇଯାଇ ଥିଲା ।

ଙ) ସୁକୃଜାନି ତା ଟିକି ସଂସାରକୁ ଘେନି କିପରି ଚଳୁଥିଲା ?

ଉ: ଲେଖକ-ଗୋପୀନାଥ ମହାନ୍ତି । ବିଷୟ ଶରଣ୍ଣୁ ପଦର ।

ସ୍ତ୍ରୀ ମରିଗଲା ପରେ ସୁକୃଜାନି ତାର ଦୁଇ ପୁଅ ମାଣ୍ଡିଆ ଟିକ୍ରା କୁ ନେଇ ପୋଡୁଚାଷ କରେ ଓ ଦୁଇଝିଅ ଜିଲ୍ଲି ଓ ବିଲି ଘରକାମ କରି ସମଗ୍ର ପରିବାର ଆନନ୍ଦରେ ଚଳୁଥିଲେ ।

ଚ) ସୁକୃଜାନି କେତେବେଳେ ଆଶ୍ରୟମୟ ତୃପ୍ତି ପାଏ ?

ଉ: ଲେଖକ - ଗୋପୀନାଥ ମହାନ୍ତି । ବିଷୟ ଶରଣ୍ଣୁ ପଦର

ଦୁଇପୁଅ ମାଣ୍ଡିଆ ଓ ଟିକ୍ରା ପାହାଡ଼ ଖୋଳି କାନ୍ଧରେ ଟାଙ୍ଗିଆ ପକାଇ ଯେତେବେଳେ ସୁକୃଜାନି ଆଗରେ ପିଣ୍ଡା ଉପରେ ଆସି ବସି ପଡନ୍ତି ସେତେବେଳେ ସୁକୃଜାନି ଆଶ୍ରୟମୟ ତୃପ୍ତିଟିଏ ପାଇଯାଏ ।

ଛ) ଜିଲି ଓ ବିଲି ହାଣ୍ଡିରେ କ'ଣ ଅଜାଡ଼ି ଚୂଲିରେ ବସାନ୍ତି ?

ଉ: ଲେଖକ-ଗୋପୀନାଥ ମହାନ୍ତି । ବିଷୟ ଶରଣ୍ଣୁ ପଦର । ଜିଲି ନ ହେଲେ ବିଲି ହାଣ୍ଡିରେ ମାଣ୍ଡିଆ ଚୂନା କି ଶାଗ ନହେଲେ ଫେସା ହୋଇଥିବା ଆମ୍ବ ଟାକୁଆ କୋଇଲି ଚୂଲିରେ ଅଜାଡ଼ି ଦେଇ ବସି ପଡନ୍ତି ।

ଜ) ମାଣ୍ଡିଆ ଓ ଟିକ୍ରା କେତେବେଳେ ପିଣ୍ଡାରେ ହାଲିଆ ଘାଲିଆ ହୋଇ ବସିପଡନ୍ତି ?

ଉ: ଲେଖକ-ଗୋପୀନାଥ ମହାନ୍ତି । ବିଷୟ-ଶରଣ୍ଣୁ ପଦର । ଜମିଚାଷ ପାଇଁ ପାହାଡ଼ ଖୋଳି ମାଣ୍ଡିଆ ଓ ଟିକ୍ରା ହାଲିଆ ହୋଇ ଆସି ପିଣ୍ଡାରେ ବସି ପଡନ୍ତି ।

ଝ) ମାଣ୍ଡିଆ ଜାନି କାହା ପରି ଦେଖିବାକୁ ?

ଉ: ଲେଖକ-ଗୋପୀନାଥ ମହାନ୍ତି । ବିଷୟ-ଶରଣ୍ଣୁ ପଦର । ମାଣ୍ଡିଆ ଜାନି ଠିକ୍ ଶୁକୃଜାନି ପରି ଦେଖିବାକୁ ।

ଞ) ଟିକ୍ରା ଓ ତା ମା ମଧ୍ୟରେ ଥିବା କେଉଁ ସମାନତା ସୁକୃଜାନିର ମନେ ପଡିଯାଏ ?

ଉ: ଲେଖକ-ଗୋପୀନାଥ ମହାନ୍ତି । ବିଷୟ-ଶରଣ୍ଣୁ ପଦର । ଟିକ୍ରାର ତା ମାଆ ପରି ଡବ ଡବ ଆଖି ଓ ତରତର କଥା ରସମାବତା ସୁକୃଜାନିର ମନେ ପଡିଯାଏ ।

ଟ) ସୁକୃଜାନି କେତେବେଳେ ସଞ୍ଜର ଶାନ୍ତି ଓ ଖୋଲା ପାହାଡ଼ର ଶାନ୍ତି ପିଇଯାଏ ?

ଉ: ଲେଖକ ଗୋପୀନାଥ ମହାନ୍ତି ଓ ବିଷୟ ଶରଣ୍ଣୁ ପଦର । ସୁକୃଜାନି କାନରୁ ଖଣ୍ଡିଆ ବିଡି ଖଣ୍ଡିଏ ଟାଣି ନେଇ ସେଥିରେ ନିଆଁ ଲଗାଇ ଧୂଆଁ ପିଉପିଉ ସଞ୍ଜର ଶାନ୍ତି ଓ ଖୋଲାପାହାଡ଼ର ଶାନ୍ତି ପିଇଯାଏ ।

ଠ) ବିଲି କେତେବେଳେ ଦୁଇ ହାତରେ ପାଣି ଚବର ଚବର କରୁଥିଲା ?

ଉ: ଲେଖକ ଗୋପୀନାଥ ମହାନ୍ତି । ବିଷୟ ଶରଣ୍ଣୁ ପଦର । ବିଲି ଖଟା ଟିଲି ଫଳରେ ସାବୁନ୍ ଫେଣରେ ମୁଣ୍ଡ ରଗଡ଼ି ବେଳେ ବେଳେ ପାଣିରେ ମୁଣ୍ଡକୁ ମାଡି ଦେଇ ଦୁଇହାତରେ ପାଣି ଚବର ଚବର କରୁଥିଲା ।

ଡ) ଜିଲି ଓ ବିଲି ଗାଧୋଉଥିବା ବେଳେ କିଏ ସିଧା ଆଖିରେ ଚାଲିଗଲେ ?

ଉ: ଲେଖକ-ଗୋପୀନାଥ ମହାନ୍ତି । ବିଷୟ-ଶରଣ୍ଣୁ ପଦର । ଝୋଲା ସେକର ଡିପ ଉପରେ ଭାର ବାହୁଙ୍ଗୀ ପକାଇ ଝାଳ ପୋଛି ପୋଛି ଦୁଇଜଣ ପରଜା ସିଧା ଆଖିରେ ଚାଲିଗଲେ ।

ଢ) ଝୋଲା କୂଳେ କୂଳେ ଆଉ ଜଣେ ଲୋକ କ'ଣ କରୁଥିଲା ?

ଉ: ଲେଖକ-ଗୋପୀନାଥ ମହାନ୍ତି । ବିଷୟ-ଶରଣ୍ଣୁ ପଦର । ଝୋଲା କୂଳେ କୂଳେ ଆଉ ଜଣେ ଲୋକ ଜଙ୍ଗଲେ ବନ୍ଧୁକ ପକାଇ ଉଣ୍ଡି ଉଣିକା କୋଳିଗଛରେ ହରଡ ଚଢ଼େଇ ଖୋଜିବାର ବାହାନା କରୁଥିଲା ।

ଣ) ଜଙ୍ଗଲ ଜମାନ୍ ଏକା ଜାଗାରେ କାହାକୁ କିପରି ଚାହିଁ ରହିଥିଲା ?

ଉ: ଲେଖକ ଗୋପୀନାଥ ମହାନ୍ତି ବିଷୟ ଶରଣ୍ଣୁ ପଦର । ଜିଲି ଓ ବିଲି ଓଦାଲୁଗା ପିନ୍ଧି ପାଣି ମାଠିଆ ଧରି ଦୋହଲି ଦୋହଲି ପାହାଡ଼ କରରେ ଅଦୃଶ୍ୟ ହେବା ଯାଏ ଜଙ୍ଗଲ ଜମାନ୍ ଏକା ଜାଗାକେ ଚାହିଁ ରହିଥିଲା ।

ତ) ତୁମ ପାଦୁକା ଶୀତଳ ଥାଉ କିଏ କାହାକୁ କହିଛି ?

ଉ: ଲେଖକ-ଗୋପୀନାଥ ମହାନ୍ତି । ବିଷୟ-ଶରଣ୍ଣୁ ପଦର । ତୁମ ପାଦୁକା ଶୀତଳ ଥାଉ ବୋଲି ମାଉଜ ଗାରଡ଼କୁ କହିଛି ।

ଥ) କିଏ ଗାରଡ଼ ଜମାନ୍ କଥା ଚାରିଆଡ଼େ ଚହଳ ପକାଇ ବୁଲିଲା ?

ଉ: ଲେଖକ-ଗୋପୀନାଥ ମହାନ୍ତି । ବିଷୟ-ଶରଣ୍ଣୁ ପଦର । ଗାଁର କର୍ମକର୍ତ୍ତା ଡମ୍ବ ବାରିକ ଗାରଡ଼ ଜମାନ୍ କଥା ଚାରିଆଡ଼େ ଚହଳ ପକାଇ ବୁଲିଲା ।

ଦ) ଗାରଡ଼ ଜମାନ୍ କଥା ଚହଳ ପଡିବା ପରେ କ'ଣ ହେଲା ?

ଉ: ଲେଖକ-ଗୋପୀନାଥ ମହାନ୍ତି । ବିଷୟ-ଶରଣ୍ଣୁ ପଦର । ଗାରଡ଼ ଜମାନ କଥା ଚହଳ ପଡ଼ିବା ପରେ ଧୀରେ ଧୀରେ ଲୋକ ରୁଣ୍ଡ ହୋଇଗଲେ ସିଧା ଆସିଲା ଏବଂ ଡାଲି, ଚାଉଳ ଓ ଗାଁରେ ପନିପରିବା ।

ଧ) ସୁକୃଜାନି କେଉଁଆଡ଼କୁ ଚାହିଁ ଦୀର୍ଘଶ୍ୱାସ ଯାଏ ଓ କାହିଁକି ?

ଉ: ଲେଖକ-ଗୋପୀନାଥ ମହାନ୍ତି । ବିଷୟ-ଶରଣ୍ଣୁ ପଦର । ସୁକୃଜାନିର ଦୁଇ ଦୁଇଟା ବଡଲା ପୁଅକୁ ବିଭା କରିବ୍ ଏବଂ ପୁଅର ପୁଅକୁ ଦେଖିବ, ତାର ଜମି ଦରକାର ଏ କଥା ଭାବି ଉଞ୍ଚମାଳି ଦମଜ ଆଡ଼କୁ ଚାହିଁ ଖାଲି ଦୀର୍ଘ ଶ୍ୱାସ ଯାଏ ।

ନ) ସୁକୃଜାନିର ବଡ଼ ବଡ଼ କାଠ କାହିଁକି ଦରକାର ?

ଉ: ଲେଖକ-ଗୋପୀନାଥ ମହାନ୍ତି । ବିଷୟ-ଶରଣ୍ଣୁ ପଦର । ସୁକୃଜାନି ବଡ଼ ବଡ଼ କାଠ ନେଇ ଆହୁରି ଘର ତୋଳିବ, ତାର ପୁଅ ବାହା କରିବ, ବାହାଘର ପରେ ପୁଅମାନେ ଅଲଗା ଘରେ ରହିବେ ।

ପ) ସୁକୃଜାନି କାହା ପାଖରେ କେତେ ବେଳେ କ'ଣ ଧରି ଉପାଧିଆ ପଡିଲା ?

ଉ: ଲେଖକ-ଗୋପୀନାଥ ମହାନ୍ତି । ବିଷୟ-ଶରଣ୍ଣୁ ପଦର । ସୁକୃଜାନି ଦିନ ଦି ପହରେ ହାତରେ ଯୋଡ଼ିଏ କୁକୁଡା, ତିନୋଟି ପଣସ ଧରି ଜଙ୍ଗଲ ଜମାନ୍ ପାଖେ ଉପାଧିଆ ପଡ଼ିଲା ।

ଫ) ସୁକୃଜାନି ପରଜାର ବିନୟ ଭଂଗୀରେ କ'ଣ କହିଲା ?

ଉ: ଲେଖକ-ଗୋପୀନାଥ ମହାନ୍ତି । ବିଷୟ-ଶରଣ୍ଣୁ ପଦର । ସୁକୃଜାନି ପରଜାର ବିନୟ ଭଂଗୀରେ କହିଲା 'ମହାପ୍ରଭୁ ଦୟା ନ କଲେ ଆମେ ମରିଯିବୁ ନାହିଁକି ।'

ବ) ଆଜି ଗାଁର ଗପ କ'ଣ ?

ଉ: ଲେଖକ ଗୋପୀନାଥ ମହାନ୍ତି ଓ ବିଷୟ ଶରଣ୍ଣୁ ପଦର । ଜଙ୍ଗଲ ଜମାନ୍‌ର ଆବିର୍ଭାବ କଥା ଆଜି ଗାଁ ଯାକର

ଗପ ।

ଭ) ବାଗଲା କିଏ ?

ଉ: ଲେଖକ-ଗୋପୀନାଥ ମହାନ୍ତି । ବିଷୟ-ଶରଣ୍ଣୁ ପଦର । ବାଗଲା ରେଙ୍ଗୁପରଜାର ପୁଅ ଓ ଜିଲିର ପ୍ରେମିକ ।

ମ) କାଜୋଡ଼ି ମୁହଁ ଝାଡ଼ି ଝାଡ଼ି କ'ଣ କହିଲା ?

ଉ: ଲେଖକ ଗୋପୀନାଥ ମହାନ୍ତି ବିଷୟ ଶରଣ୍ଣୁ ପଦର । କାଜୋଡ଼ି ମୁହଁ ଝାଡ଼ି କହିଲା ଆମି ନିଚୁ ନିଚୁ (ଦରକାର ନାହିଁ) ଆମର 'ଭାଟ' (ଭିଣୋଇ) କଥା କହ, ଶୁଣିବାକୁ ଭଲ ଲାଗିବ ।

**୪. ପ୍ରାୟ ତିରିଶ ଗୋଟି ଶବ୍ଦରେ ଉତ୍ତର ଦିଅ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ ।**

କ) ଲକ୍ଷ୍ମୀପୁରର ଅବସ୍ଥିତି ଉପସ୍ଥାପନ କର ।

ଉ: ଲେଖକ ଗୋପୀନାଥ ମହାନ୍ତି । ବିଷୟ-ଶରଣ୍ଣୁ ପଦର । ଲକ୍ଷ୍ମୀପୁର ଗାଁ ଅବସ୍ଥିତିର ବର୍ଣ୍ଣନା କାବ୍ୟିକ ଶୈଳୀ ପରି ମଧୁର । କୋରାପୁଟରୁ ଲକ୍ଷ୍ମୀପୁର ଯିବା ବାଟରେ 'ଧର୍ମଦୁଆର' ଘାଟି । ଏ ପାଖୁ ଚାଳିଶି ସେ ପାଖୁ ପଚାଶ ପାହାଡ଼ ଠେଲା ଠେଲି ଧକ୍କା ଧକ୍କି ହୋଇ ମୁହାଁମୁହିଁ ଠିଆ ହୋଇଛନ୍ତି । ଧର୍ମ ଦୁଆର ଘାଟିରୁ ଉତ୍ତରକୁ କୋଶେ ଦୂରରେ ପଡ଼େ ଗୋଟିଏ ଛୋଟ ଗାଁ । 'ଶରଣ୍ଣୁ ପଦର' ଗୋଟିଏ ପାହାଡ଼ର ଡାଲୁରେ ଠିକ୍ ଅଣ୍ଟା ପାଖେ ।

ଖ) ସୁକୃଜାନିର ସଂସାର ବିଷୟରେ ସଂକ୍ଷେପରେ ଲେଖ ।

ଉ: ଲେଖକ ଗୋପୀନାଥ ମହାନ୍ତି । ବିଷୟ 'ଶରଣ୍ଣୁ ପଦର' । ସୁକୃଜାନିର ସଂସାର କହିଲେ ଭାରିଜାକୁ ବାଘ ନେଇଗଲା ପରେ ପରେ କେବଳ ଦୁଇପୁଅ ମାଣ୍ଡିଆ ଓ ଟିକ୍ରାଜାନି, ଦୁଇଝିଅ ଜିଲି ଓ ବିଲି । ସେଇ ଛୋଟ ସଂସାର ଭିତରେ ଶାଗପେଜ ଖାଇ ଖୁବ୍ ଆନନ୍ଦ ଓ ହସ ଖୁସିରେ ସୁକୃଜାନି ପରିବାର ଗରିବ ହେଲେ ବି ଦୁଃଖ କଷ୍ଟେ ସୁଖରେ କାଳାତିପାତ କରିଥାନ୍ତି ।

ଗ) ସୁକୃଜାନି କାହା ଭିତରେ ନିଜକୁ ଖୋଜିପାଏ ?

ଉ: ଲେଖକ-ଗୋପୀନାଥ ମହାନ୍ତି । ବିଷୟ-ଶରଣ୍ଣୁ ପଦର । ସୁକୃଜାନି ବଡ଼ ପୁଅ ମାଣ୍ଡିଆ ଜାନି ଓ ସାନପୁଅ ଟିକ୍ରାଜାନି କଠୋର ପରିଶ୍ରମୀ । ପାହାଡ଼ ଖୋଲି ହାତରେ କୋଡି କାନ୍ଧରେ ଟାଙ୍ଗିଆ ଧରି ପିଣ୍ଡା ଉପର ନୂଆଁଣିଆଁ ଚାଳତଳେ ବସି ପଡନ୍ତି । ଜିଲି ଓ ବିଲି ମାଣ୍ଡିଆ ଜାଉ, ଆମଟାକୁଆ କୋଇଲି ଯାହା କରିଥାନ୍ତି ଆନନ୍ଦରେ ପରିବାର ହସ ଖୁସିରେ ଦିନ ବିତାନ୍ତି । ଏକ ପରିପୂର୍ଣ୍ଣ ଦୁନିଆଁ । ଚାରିପାଖରେ ପାହାଡ଼ ଉପରେ ଆକାଶ ଏ ଭିତରେ ସୁକୃଜାନି ନିଜକୁ ଖୋଜେ ଓ ନିଜକୁ ପାଇ ଆତ୍ମତୃପ୍ତି ଲାଭ କରେ ।

ଘ) ସୁକୃଜାନିର ଘର କରଣା ସଂପର୍କରେ ବର୍ଣ୍ଣନା କର ।

ଉ: ଲେଖକ-ଗୋପୀନାଥ ମହାନ୍ତି ବିଷୟ-ଶରଣ୍ଣୁ ପଦର । ସୁକୃଜାନିର ଘର ବୋଇଲେ ବଖରାଏ ନୂଆଁଣିଆ ଚାଳ ଘେରା ଅନ୍ଧାରିଆ ଘର । ତାରି ଭିତରେ ଘର କୋଣରେ ଗଦାଏ ବାରିବାଇଗବା ମଞ୍ଜି, ପୁଳାଏ ଆମ୍ବ

ଟାକୁଆ, ପତର ସିଆଁ କୁମ୍ଭିରେ ମଞ୍ଜି, ତଳେ ଅଜଡ଼ା ହୋଇଆଠ ଦଶ ମାଣ ମାଣିଆ, ତିନି ଚାରିଟି ହାଣ୍ଡି । ଏଠି ସେଠି ଅଲରା ବଲରା ହୋଇ ଓହଳିଥିବା କୌପୁନୀ, ଲୁଗା ତିନି ଚାରି ପୁଞ୍ଜା, ଲାଉତୁମ୍ବା ଯାଦେହରେ ମାଣିଆ ଜାଉ ପୂରାଇ ବିଲକୁ ନିଆଯାଏ । କାନ୍ଥରେ ବାଡ଼ରେ ପତର ସିଆଁ ତଲରା ଓ ତଲାରି, ଏଥିଲା ସୁକୃଜାନିର ଘରକରଣା ।

ଡ) 'ଢୁମା' ବିଷୟରେ ସୁକୃଜାନିର ବିଶ୍ୱାସ କ'ଣ ?

ଉ: ଲେଖକ-ଗୋପୀନାଥ ମହାନ୍ତି । ବିଷୟ-ଶରଣ୍ଣୁ ପଦର । ପ୍ରକୃତିର ସୃଷ୍ଟି ବଡ଼ ବିଚିତ୍ର ।ସଞ୍ଜହେଲେ ଢେଉଢେଉକା ପୂର୍ବ ଘାଟର ପାହାଡ଼ ଉପରେ ଛିରିକି ପଡ଼େ କେତେ ରଂଗ, ମଥାରେ ଅବିର, ପଖାରେ ହଳଦୀଗୁଣ୍ଡା; ତଳର ଗହୀର ଜଙ୍ଗଲରେ ସମୁଦ୍ରର ନେଳିକଳା-ନେଳି କଳା ଏ ଅପୂର୍ବ ଲୀଳାକୁ ସୁକ୍ରଜାନି ଭାବେ ସବୁରୀ କର୍ତ୍ତା ଗୋଟିଏ ଲେଖା ଭୂତ ବା 'ଢୁମା' । ମନେ ମନେ ତୃପ୍ତିରେ ବିଚାର କରେ କେଉଁ ଯାଦୁକର ଏସବୁ ସୃଷ୍ଟି କରିଛି । ଆକାଶ ଜଙ୍ଗଲ, ସଞ୍ଜ ଓ ରାତି । କିଏ ଆଣିଦିଏ ସୌଭାଗ୍ୟ, ଦୁଃଖ, ଦୁର୍ଦ୍ଦଶା, ଝଡ ତୋଫାନ ସବୁରି କର୍ତ୍ତା ସେଇଢୁମା ବୋଲି ସୁକୃଜାନିର ବିଶ୍ୱାସ ।

ଚ) ସାନପାହାଡ଼କୁ ଦେଖି କେଉଁ ଦୃଶ୍ୟ ସୁକୃଜାନିର ଆଖି ଆଗରେ ନାଚି ଯାଉଛି ।

ଉ: ଲେଖକ ଗୋପୀନାଥ ମହାନ୍ତି । ବିଷୟ ଶରଣ୍ଣୁ ପଦର । ଆଶା ମଣିଷର ଅସୁମାରି । ଗରିବ ହେଲେବି ସୁକୃଜାନି ତା ସୁନେଲି ସଂସାରର ସ୍ୱପ୍ନ ଦେଖେ । ଦେଖେ ସାମ୍ନାର ସାନ ପାହାଡ଼କୁ ଯାହାକୁ ସେ ନିଜେ ଓ ଲୋଦୋ କନ୍ଧ ମିଶି ବରଷାରେ କୁରାଢିରେ ହାଣି ଚନ୍ଦାକଲା, ବର୍ତ୍ତମାନ ତାହା ଚାଷଜମି । ପୁଣି ସ୍ୱପ୍ନ ଦେଖେ ସେହି ଅଦୃଶ୍ୟ ଢୁମାର ହାତ ଲାଗି ସବୁ ସୁନ୍ଦର ହୋଇଛି । କେତେ ଘର ତୋଳା ହୋଇଛି ମାଣିଆ, ଟିକ୍ରା ବାହା ହୋଇଛନ୍ତି । ପୁଅ, ପୁଅର ପୁଅ, ପୁଅର ପୁଅ ଦିକୋଡି ତିନିକୋଡି ଗୋରୁଗାଈ, ଘର ଆଗରେ ବଡ଼ ଗୁହାଳ, ଗୋବର ଖତ ଇତ୍ୟାଦି । ଏଠି ଲେଖକ ଦାର୍ଶନିକ ଦୃଷ୍ଟିଭଙ୍ଗୀରେ ସୁକୃଜାନି ମାଧ୍ୟମରେ ସୁନ୍ଦର କଥାଟିଏ ପ୍ରକାଶ କରିଛନ୍ତି ।

ଛ) ସୁକୃଜାନିର ଆତ୍ମା ଗୋଟିଏ ଢୁମା ହୋଇ କେଉଁଠି କାହାକୁ ଅନାଇ ରହିବ ?

ଉ: ଲେଖକ-ଗୋପୀନାଥ ମହାନ୍ତି । ବିଷୟ ଶରଣ୍ଣୁ ପଦର । ଘର ସଂସାର ପିଲାଛୁଆ ନାତି ନାତୁଣୀ ଏମିତି ଅନେକ ସ୍ୱପ୍ନ ଭିତରେ ସୁକୃଜାନି ବୁଢ଼ା ହୋଇଛି । ଗାଁ ମଝିରେ ମଣିଷ ମରିଗଲେ ଯେଉଁଠି ତା ନାଁରେ ଖଣ୍ଡିଏ ଗୋଜିଆ ପଥର ପୋତାହୁଏ, ସତେ ଯେମିତି ତାରମ-ନେହୋଇଛି ସେଇ ଗୋଜିଆ ପଥର ଭିତରୁ ଖଣ୍ଡେ ବଡ଼ ପଥର ଭିତରେ ସୁକୃଜାନିର ଆତ୍ମା ଢୁମା ହୋଇ ଆଗାମୀ ତା ବଂଶଧର ମାନଙ୍କୁ ମିଟିମିଟି କରି ଅନାଇ ରହେ ଏହିକଥା ସୁକୃଜାନି ଚିନ୍ତା କରିଛି ।

ଜ) ବୟସ ପଚାଶକୁ ଧକ୍‌କା ଖାଇଲା କାହା ପ୍ରସଙ୍ଗରେ ଓ କ'ଣ କୁହାଯାଇଛି ?

ଉ: ଲେଖକ-ଗୋପୀନାଥ ମହାନ୍ତି । ବିଷୟ-ଶରଣ୍ଣୁ ପଦର । ସମୟର ନିଷ୍ଠୁର ସତ୍ୟକୁ ସୁକୃଜାନି ସାମ୍ନା କରି ବୁଢ଼ା ହୋଇଛି । ବୟସର ଅପରାହ୍ନରେ ପହଞ୍ଚି ସେ ଚିନ୍ତା କରିଛି ସେଦିନର କଥା । ଥରେ କୁରାଢି ଧରିଲେ ପାଞ୍ଚ ଛ'ଘଣ୍ଟା ସେ ବିଶ୍ରାମ ନିଏ ନାହିଁ । ହାକିମ୍‌ର ବି ମହଣ ଓ ଜନ ବୋଝକୁ ଉଠାଇ ବଣ, ଜଙ୍ଗଲ ଝୋଲା ନାଳ ଲଙ୍ଘି ମାଙ୍କଡ଼ ଝୋଲା ଓ କାକିରି ଗୁମ୍ମା ବଙ୍ଗଳାକୁ ପହଞ୍ଚାଇଛି । କୋଶେ ଗଲେ ପଇସାଟିଏ ପାଏ ।

...ବୁଆ-ବୁଆ ବଳୁଆ ଦେହରେ ଗୋଡ଼-ପେଣ୍ଡା ତାର ପଥର । ଚମଡ଼ାଟି ତାର ବର୍ଷାତି କେବେ ଅଳସ ...ନାହିଁ କି ତାକୁ ବେମାରୀ ଧରେ ନାହିଁ । ବୟସ ଥିବା ସମୟ ଓ ବୟସ ଅତିକ୍ରମ କରିବା ସମୟରେ କଥା ...ଯାଇଛି ।

... ଝୋଲାର ଚିତ୍ର ଉପସ୍ଥାପନ କର ।

ଉ: ... ଗୋପୀନାଥ ମହାନ୍ତି । ବିଷୟ ଶରଶୁ ପଦର । ପାହାଡ଼ ତଳ ଝୋଲା ଚିତ୍ର ଅପୂର୍ବ ଭାବରେ ବର୍ଣ୍ଣିତ । ...ହାଡ଼ ତଳ ଝୋଲାରେ ନାଳର ବାଙ୍କରେ ସ୍ତ୍ରୀଲୋକଙ୍କ ତୁଠରେ ଜିଲି ବିଲି ଗାଧୋଉଛନ୍ତି । ଉଚ୍ଚ ଚାଞ୍ଚରା (...ଟାଣ) ଉପରେ ଧଳାପାଣି ଡେଇଁ ଡେଇଁ ଦୁଲ୍‌ଦୁଲ୍ ହୋଇ କଚାଡ଼ି ହେଉଛି । ପାହାଡ଼ ପାଖ ଖୋଲା । ଆଉ ...ଖି ବୁଦୁବୁଦିକିଆ ଜଙ୍ଗଲ । ପାଣି ଗଡ଼ି ଗଡ଼ି ଆସୁଛି ତଳକୁ । ମୁଣ୍ଡ ଉପରେ ବରଗଛ ଛାଇ, ତାଲୁ ଅତଡାର ...ବୁଢ଼ା ମାଣ୍ଡିଆ ଖେତ । କେନା କେନା ହୋଇ ପାଣି ଉପରକୁ ଓହଳି ପଡିଛି । ସରୁ ନାଲି ନାଲି ବାଟଚଲା ତୁଠ ରାସ୍ତା, ସାପେଇ ସାପେଇ ଅତଡ଼ାଏ ଅତଡାଏ । ବାସ୍ତବିକ ପାହାଡ଼ ତଳ ଝୋଲାର ଚିତ୍ର ବର୍ଣ୍ଣନା ମନ ...ଗ୍ରାହୀ କର ହୋଇଛି ।

୭) ସଭ୍ୟ ଜଗତ ଲୋକ ସଂପର୍କରେ ବର୍ଣ୍ଣନା କର ।

ଉ: ଲେଖକ-ଗୋପୀନାଥ ମହାନ୍ତି । ବିଷୟ ଶରଶୁ ପଦର । ଜିଲି ଓ ବିଲି ଝୋଲାରେ ଗାଧୋଇବା ବେଳେ ପରଜା ଦୁଇଜଣ ତାଙ୍କ ଆଡ଼େ ଚାହିଁ ନାହାନ୍ତି । ମାତ୍ର ଧୋବ ଧବଳିଆ ତଥାକଥିତ ସଭ୍ୟ ମଣିଷ ଜିଲି ଓ ବିଲିର ଲଂଗଳା ରୂପ ଉପରେ ଲୋଲୁପ ଦୃଷ୍ଟି ପକେଇ ଝୋଲା କୂଳେ କୂଳେ କୋଳି ଗଛରେ ହରଡ ...ଡ଼ଇ ଖୋଜିବା ବାହାନାରେ ସେ ଦୃଶ୍ୟ ଲୁଚି ଲୁଚି ଦେଖୁଛି, ଏ ଥିଲା ସଭ୍ୟ ଜଗତ ଲୋକର ଚରିତ୍ର ।

... ଜମାନ୍ ଉପରେ ଦୃଷ୍ଟି ପଡ଼ିବା ପରେ ଦୁଇଭଉଣୀ କ'ଣ କଲେ ?

ଉ: ଲେଖକ-ଗୋପୀନାଥ ମହାନ୍ତି । ବିଷୟ-ଶରଶୁ ପଦର । ଜଙ୍ଗଲ ଜମାନ୍ ଲୁଚି ଲୁଚି ଦେଖୁଥିବା ଦୃଶ୍ୟକୁ ପ୍ରଥମେ ଜିଲି ଦେଖୁଛି । ଦୁଇ ଭଉଣୀ କିଳିକିଳିଆ ହୋଇ ଉଠି ପଡିଛନ୍ତି । ଜିଲିତାର କାଚିବା ଲୁଗା ...ଦେଇ ହୋଇ ପଡିଛି ଆଉ ବିଲି ଭଉଣୀ ପଛରେ ଲୁଚି ଯାଇପଛ ପାଖକୁ ହାତ ବଢ଼େଇଛି, ବରଗଛ ...କୁ ଯେଉଁଠି ତାର ନାଲିଲୁଗା ଖଣ୍ଡିକ ପବନରେ ଦୋହଲୁଥିଲା । ଦୁଇଭଉଣୀ ତରତରରେ ଓଦା ସରସର ...ହୋଇ ମାଠିଆ କାଖେଇ ଚାଲିଯାଇଥିଲେ ।

... ... ଚରିତ୍ର ଚିତ୍ରଣ କର ।

ଉ: ଲେଖକ-ଗୋପୀନାଥ ମହାନ୍ତି । ବିଷୟ-ଶରଶୁ ପଦର । ପରଜା ଜାତିର ନାଇକ ହେଲା ଗାଁ ମୁଣ୍ଡିଆଳ । ନାଇକ ଖଜଣା ଅସୁଲ କରେ, ରଜାଘର ରିବିଣି ଅମିନକୁ ଦିଏ । ଗାଁର ଖବର ସରକାରରେ ଜଣାଏ । ସେଥିପାଇଁ ରଇତମାନଙ୍କଠୁ ସେ ଉଚ୍ଚରେ । ଅଧିକାରୀ ଆସିଛନ୍ତି ଶୁଣି ସେ କୌପିନୀ ଉପରେ ପୁରୁଣା କୋଟ୍ ଖଣ୍ଡିଏ ପିନ୍ଧିଛି । ମୁଣ୍ଡରେ ପଗଡ଼ି ତା ଉପରେ ପିକା ଟାଣିବା ଶାଳପତ୍ର କାହାଳି-ପୁଞ୍ଜାଏ । ମୁଣ୍ଡକୁ ଅଣ୍ଟାତଳକୁ ଉଠିଗଦେଇ ଦୁଇ ହାତରେ ଅଧିକାରୀର ପାଦ ଛୁଇଁ ମୁଣ୍ଡରେ ମରି ନାଇକ ଗଦ୍‌ଗଦ୍ ହୋଇ କହିଛି, "କୁହାର ଗାରଡ଼ ମହାପ୍ରୁ ତୁମର ପାଦୁକା ଶୀତଳ ଥାଉ ।

... ... ଜମାନକୁ କଣ ପାଇଁ କେତେଟଙ୍କସ ଦବାକୁ ପଡ଼େ ?

ଉ: ଲେଖକ-ଗୋପୀନାଥ ମହାନ୍ତି । ବିଷୟ-ଶରଣ୍ଣୁ ପଦର । ବିଭିନ୍ନ କାର୍ଯ୍ୟପାଇଁ ଜଙ୍ଗଲ ଜମାନ୍‌କୁ ଟିକସ ଦବାକୁ ପଡ଼େ । ବଣରେ ଗୋରୁ ଚରେଇବା ପାଇଁ ହଳପିଛା ଟିକସ, ପୁଣି କିଏ କେଉଁଠି ଚାଷ କରବା ପାଇଁ ବାଘୁଆ ଅରମା ମାରି ଜମି କରିଛି ଅର୍ଥାତ୍ ପୋଡୁଚାଷ ପାଇଁ ଟିକସ, କିଏ ବଣରୁ ମୋହୁ ଆଣିଛି, ଘର କରିବାକୁ ଶାଳଗଛ କାଟିଛି ।

ଢ) ସୁକୁଜାନି କାହିଁକି ଉପାଧିଆ ପଡିଥିଲା ?

ଉ: ଲେଖକ ଗୋପୀନାଥ ମହାନ୍ତି ଓ ବିଷୟ ଶରଣ୍ଣୁ ପଦର । ସୁକୁଜାନି ଦେଖିଛି ଡମ୍‌ମାନେ ଜଙ୍ଗଲ ଜମାନ୍ ଦୟାରୁ ଦଶମାଣ ଜମି ସଫାକରି ଚାଷ କଲେଣି । ତାର ବି ଜମି ଦରକାର, ଘର କରିବାପାଇଁ ବଡ଼ବଡ଼ କାଠ ଦରକାର । ପୁଅ ବାହା କରିବା, ଘର କରିବ, ବାହା ଘର ପରେ ପୁଅବୋହୂ ଅଲଗା ରହିବେ । ତେଣୁ ସେ ଦିନ ଦ୍ୱି ପହରେ କୁକୁଡା ଦୁଇଟି, ପଣସ ତିନିଟି ନେଇ ଜମାନ୍ ପାଖରେ ଉପାଧିଆ ପଡ଼ି କହିଛି, ମହାପ୍ରଭୁ ତୁ ଦୟାକର ନ ହେଲେ ଆମେ ମରିଯିବୁ ।

ଣ) ଜଙ୍ଗଲ ଜମାନର ହାବଭାବକୁ ପରଜା ଝିଅ ମାନେ କିପରି ସମାଲୋଚନା କରୁଥିଲେ ?

ଉ: ଲେଖକ-ଗୋପୀନାଥ ମହାନ୍ତି । ବିଷୟ-ଶରଣ୍ଣୁ ପଦର । 'ଝୋଲା ତୁଠରେ ଟୋକୀମାନେ ଜଙ୍ଗଲ ଜମାନ୍‌ର ହାବଭାବକୁ ସମାଲୋଚନା କରୁଥିଲେ କିଏ କହିଲା ମୋତେ ଅନଉଁଥିଲା । ମୋର ପଛେ ପଛେ ଧାଉଁଥିଲା ! 'ଛେଃ ସରୁଡ଼ାଙ୍କ ପରି ମଣିଷଟେ ସେଇଟା ତହିଁରେ ପୁଣି କେତେ ହମହମ ।" ଯୋଉଁ ପାଟି ମୁଁତ ଡରିଗଲି । କିଏ କହୁଥିଲା ଆମର କାଳିକୁକୁଡା ଟା ଡିମ୍ବ ଦେଉଥିଲା ବାପା ତାକୁ ଦେଇ ଦେଲା । ଏମିତି ବହୁତ କଥା କହି ଜଙ୍ଗଲ୍ ଜମାନକୁ ସମାଲୋଚନା କରିଥିଲେ ।

**୫. ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ- ପ୍ରଶ୍ନର ମୂଲ୍ୟ ୫ ନମ୍ବର ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦ ମଧ୍ୟରେ ଦେବାକୁ ହେବ ।**

କ) ପରଜା ସମାଜ ଜୀବନର ବାସ୍ତବିକ ଚିତ୍ର 'ଶରଣ୍ଣୁ ପଦର' ପାଠ୍ୟାଂଶରେ କପରି ପ୍ରତିଫଳିତ ଆଲୋଚନା କର ।

ଉ: ଔପନ୍ୟାସିକ ଗୋପୀନାଥ ମହାନ୍ତି ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ ଜଗତର ପ୍ରତିନିଧି । ଏହି ଯୋଗଜନ୍ମା, ଯୁଗ ପୁରୁଷଙ୍କ ଆବିର୍ଭାବ ହୁଏ ୧୯୧୪ ମସିହା ଏପ୍ରିଲ୍ ୨୦ ତାରିଖରେ ଓ ମହାପ୍ରୟାଣ ଘଟେ ୧୯୯୧ ଅଗଷ୍ଟ ୨୦ରେ । ତାଙ୍କଦ୍ୱାରା ରଚିତ ପରଜା, ହରିଜନ, ଅମୃତର ସନ୍ତାନ, ଦାନାପାଣି, ମାଟିମଟାଳ, ଦାଦିବୁଢ଼ା, ଲୟ ବିଲୟ ଆଦି ଉପନ୍ୟାସ ଓ ଘାସ ଫୁଲ, ଉଡନ୍ତା ଖଇ ଆଦି ଗଳ୍ପଗୁଚ୍ଛ, ମୁକ୍ତିପଥେ ନାଟକ, ସମାଲୋଚନା ଗ୍ରନ୍ଥ କଳାଶକ୍ତି ଓ ଉତ୍କଳ ମଣି ଆତ୍ମ ଜୀବନୀ ଗ୍ରନ୍ଥ ଓଡ଼ିଆ ସାହିତ୍ୟର ଗୋଟିଏ ଗୋଟିଏ ଅମୂଲ୍ୟ ରତ୍ନ । ସୃଜନଶୀଳତାର ମୋହିନୀ ସ୍ପର୍ଶରେ ତାଙ୍କ ସୃଷ୍ଟି ଗୁଡ଼ିକ ଅପୂର୍ବ ଶୋଭା ବର୍ଦ୍ଧନ କରିଛନ୍ତି । ତାଙ୍କ ସୃଷ୍ଟି ସମାଜର ନିଷ୍ପାପ, ନିଷ୍କପଟ ଓ ସରଳ ମଣିଷର ବେଦ । ଶୋଣିତ, ନିଷ୍ପେଷିତ, ଦରିଦ୍ର, ଅସହାୟ ଓ ଅତ୍ୟାଚାରିତ ମଣିଷ ଭାଷା ତାଙ୍କ ସୃଷ୍ଟିର ବୈଚିତ୍ର୍ୟ ।

ଆଲୋଚ୍ୟ ଶରଣ୍ଣୁପଦର ପାଠ୍ୟାଂଶଟି ଲେଖକଙ୍କ ପ୍ରସିଦ୍ଧ 'ପରଜା' ଉପନ୍ୟାସ ଅଂଶବିଶେଷ । ଏକ ପ୍ରାକୃତିକ ଓ ମନୋରମ ପରିବେଶରୁ ଏହାର ଆରମ୍ଭ । 'ଶରଣ୍ଣୁପଦର' ଗାଁଟିର ଅବସ୍ଥିତିକୁ ସୂଚେଇବାକୁ ଯାଇ ସ୍ରଷ୍ଟା ସୁନ୍ଦର

ପରିବେଶଟିଏ ଅବତାରଣା କରିଛନ୍ତି । ଗାଁଟିରେ ଡମ୍ବ, ଗାଦ୍‌ବା ଓ ପରଜା ତିନି ସଂପ୍ରଦାୟର ଲୋକ ବାସ କରନ୍ତି । ଅଙ୍କାବଙ୍କା ପାହାଡ଼ର ଢାଲୁରେ ଅବସ୍ଥିତି ଗାଁରେ ଆଦିମ ଅଧିବାସୀ ମାନଙ୍କ ଜୀବନଶୈଳୀ ମଧ ବିଚିତ୍ର ରୂପେ ସ୍ଥାନ ପାଇଛି । ପାରଂପାରିକ ବେଶଭୂଷା, କଠୋର ପରିଶ୍ରମୀ, ଛନ୍ଦ କପଟ ହୀନ ଅତ୍ୟନ୍ତ ସରଳ ସେମାନଙ୍କ ଜୀବନ । ସୁକୃଜାନିର ପରିବାର ମାଧ୍ୟମରେ ଲେଖକ ଆଦିବାସୀ ଜୀବନର ଘନଘଟାକୁ ପ୍ରତିଫଳିତ କରିଛନ୍ତି । ପାହାଡ଼ କାଟି ପୋଡୁଚାଷ କରିବା ଯଥା ମକ୍‌କା, ଧୂଆଁପତ୍ର, ମାଣ୍ଡିଆ, ଜଡ଼ା, ଅଳସି, କାନ୍ଦୁଲ ଆଦି ଫସଲ ଓ ଖାଦ୍ୟ ପ୍ରସ୍ତୁତିରେ ମାଣ୍ଡିଆଜାଉ, ଆମ୍ବଟାକୁଆ ଗୁଣ୍ଡ ଏସବୁଥିଲେ ତାଙ୍କର ସବୁଅଛି । ଖଟା ଚିଲି ଫଳରେ ସାବୁନ୍ ଫେଣ, ତେଲପାଇଁ ବାରିବାଇଗବା ମଞ୍ଜି ପତରସିଆଁ, କୁମ୍ଭିରେ ସେ ସବୁକୁ ସାଇତି ରଖିବା, ଲାଉତୁମ୍ବାରେ ବିଲକୁ ଖାଦ୍ୟ ନେବା ପରିଧାନରେ କୌପୁନୀ, ନାଲିଲୁଗା, ଶାଳପତ୍ରରେ ଧୂଆଁପତ୍ର ବାନ୍ଧି କାନରେ ଖୋସା ହୋଇଥିବା ଦରପୋଡ଼ା ପିକା ଏଇଥିରେ ତାର ଖୁସି ।

ମୃତ୍ୟୁ ଓ ପୁନଃଜନ୍ମ ଉପରେ ସେମାନଙ୍କର ଅଜବ ବିଶ୍ୱାସ । ଗାଁରେ କେହି ମରିଗଲେ ଗାଁ ମଝିରେ ତା ନାଁରେ ଗୋଟିଏ ପଥର ପୋତା ହୁଏ । ସେଇ ପଥର ଭିତରେ ମୃତକର ଆତ୍ମା ଜୀବିତ ରହେ ବୋଲି ସେମାନଙ୍କର ବିଶ୍ୱାସ । ଆଗାମୀ ଭବିଷ୍ୟତ ଚିନ୍ତାରେ ପରିବାର ସୁଖରେ ଚଳିବାରେ ସେମାନେ କଠୋର ପରିଶ୍ରମ କରନ୍ତି । ତାଙ୍କ ଦୃଷ୍ଟିରେ ଏ ସୃଷ୍ଟିରେ ଯେତେସବୁ ପାଣି, ପବନ, ଆକାଶ, ଜଙ୍ଗଲ, ସୁଖଦୁଃଖ, ଦୁର୍ଦ୍ଦଶା, ଝଡତୋଫାନ ସବୁ ସେହି ଡୁମ୍ବା ବା ତାଙ୍କଦ୍ୱାରା ବିଶ୍ୱାସ ଅଦୃଷ୍ଟ ଆତ୍ମା ଦ୍ୱାରା ସୃଷ୍ଟି ବୋଲି ସେମାନଙ୍କର ବିଶ୍ୱାସ ।

ପୁଣି ସରକାରୀ ବାବୁମାନଙ୍କୁ ସେମାନେ ଯଥେଷ୍ଟ ସମ୍ମାନ ଦିଅନ୍ତି । ପୋଡୁଚାଷ କରିବା ପାଇଁ ଜଙ୍ଗଲ ଓ ପାହାଡ଼ କାଟି ତୃଣଝାଳ ମୁଣ୍ଡରେ ମାରି ପରିଶ୍ରମ କରି ଜମି କରନ୍ତି ସେଥିପାଇଁ ସରକାରୀ ବାବୁ ଯାହା ସେମାନଙ୍କ ଦୃଷ୍ଟିରେ ମହାପ୍ରଭୁ । ମହାପ୍ରଭୁଙ୍କୁ ଲାଞ୍ଚ ଦେବାକୁ ହୁଏ । କୁକୁଡା, ପଣସ, ପଇସା ଇତ୍ୟାଦି । ପରଜାର ଆଖି ଲାଜକୁଳା ସହରୀ ମଣିଷ ଆଖିରେ ଲୋଲୁପ ଦୃଷ୍ଟି ଏକଥା ଜିଲିବିଲି ଗାଧୋଇବା ଦୃଶ୍ୟରୁ ପ୍ରମାଣିତ । ତେଣୁ ସଭ୍ୟ ଲୋକଙ୍କୁ ପରଜା ସଂପ୍ରଦାୟ ଧାଙ୍ଗଡ଼ୀମାନେ ସମାଲୋଚନା କରିଛନ୍ତି । ସେମାନେ ଅଳସ କ'ଣ ଜାଣନ୍ତି ନାହିଁ ଦେହର ମୋଟାଚମଡ଼ା ତାଙ୍କର ବର୍ଷାତି, ଗୋଡ଼ର ପେଣ୍ଡା ତାଙ୍କର ବଜ୍ର ପରିତ୍ରାଣ । ସଂଧ୍ୟା ହେଲେ ଶାଗ ପେଜ ଯାହା ହେଉ ଚୁଲିଲାଗେ ।

ଗାଁ ମୁଖିଆକୁ ସେମାନେ ଦେବତା ପରି ମାନନ୍ତି । କାରଣ ସରକାରୀ ବାବୁମାନଙ୍କ ସଂଗେ ତାର ସଂପର୍କ । କେଉଁ କାର୍ଯ୍ୟପାଇଁ କଣ ଦେବାକୁ ହୁଏ ମୁଖିଆ ହିଁ କରେ । ବଣରେ ଗୋରୁ ଚରେଇଲେ ହଳେ ଗୋରୁ ପାଇଁ ପାନ ବା ଟିକସ, ପୋଡୁଚାଷ ପାଇଁ ଟିକସ, ମହୁ ସଂଗ୍ରହ ପାଇଁ, ଗଛ କାଟିବା ପାଇଁ ଭିନ୍ନ ଭିନ୍ନ ଟିକସ ଧାର୍ଯ୍ୟ ହୋଇଥାଏ । କୁକୁଡା, ଶାଗ, ଡିମବ ଭୋଗ ପାଇଲେ ଜଙ୍ଗଲ ଜମାନ୍ ବରଦେବ ବା ଖୁସ୍ ହେବ ଏସବୁ ପରଜାର ବିଶ୍ୱାସ । ସେମାନେ ନିଜ ଜାତିର ଲୋକମାନଙ୍କୁ ଭଲ ପାଆନ୍ତି ବିବାହ କରନ୍ତି । ପ୍ରକୃତି କୋଳରେ, ଝରଣାର ଜଳ ପ୍ରପାତରେ ଆଲୁରୁ ବାଲୁରୁ ପରିବେଶରେ, ମାଣ୍ଡିଆ ଜାଉରେ ସେମାନଙ୍କର ହସ, ସେମାନଙ୍କର ଖୁସି । ବାସ୍ତବିକ୍ ଗୋପୀନାଥ ମହାନ୍ତିଙ୍କ ସୃଷ୍ଟିରେ ପରଜା ଜୀବନର ଜୀବନ୍ତ ଚିତ୍ର ଫୁଟି ଉଠିଛି ।

୨) ପ୍ରଶ୍ନ : 'ଶରଣ୍ଣୁ ପଦର' ପରଜା ଉପନ୍ୟାସର ମୁଖବନ୍ଧ ସଦୃଶ- ଏହାର ସତ୍ୟତା ବିଚାର କର ।

ଉ: ଗୋପୀନାଥ ମହାନ୍ତି ପ୍ରଶାସକ ଥିବା ସମୟରେ ବହୁ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଦୀର୍ଘଦିନ ରହିଛନ୍ତି । ଆଦିବାସୀ ଜୀବନ, ସଂସ୍କୃତି, ପରଂପରା ଓ ଚଳଣୀକୁ ଖୁବ୍ ନିକଟରୁ ଦେଖିଛନ୍ତି । ଯେଉଁଥିପାଇଁ ତାଙ୍କ ସୃଷ୍ଟିରେ

ଆଦିବାସୀ ଜୀବନର ଚିତ୍ର ଏତେ ଜୀବନ୍ତ ଭାବରେ ବର୍ଣ୍ଣିତ । ଚିର ଅବହେଳିତ ଏହି ଜାତିପାଇଁ ତାଙ୍କ ହୃଦରେ ସ୍ୱତଃ ମମତା ଜନ୍ମିଛି ଓ ତାଙ୍କ ଲେଖନୀ କେବଳ ତାଙ୍କୁ ଦେଖିଛି, ତାଙ୍କୁ ଲେଖିଛି ଓ ସ୍ରଷ୍ଟା ମାନ୍ୟତା ପ୍ରଦାନ କରିଛି । ତାଙ୍କପରେ କାହ୍ନୁଚରଣ ମହାନ୍ତି, ଗୋବିନ୍ଦ ଦାସଙ୍କ ପରି ଅନେକ ଆଧୁନିକ ଯୁଗର ଲେଖକ ଆଦିବାସୀ ଜନଜୀବନକୁ ନେଇ ଲେଖନୀ ଚାଳନା କରିଛନ୍ତି, ମାତ୍ର ଗୋପୀନାଥ ମହାନ୍ତିଙ୍କ ପରି ନିଖୁଣ ନୁହେଁ । ସଂସ୍କାର ମୁକ୍ତ ମଣିଷର ମୌଳିକ ଗୁଣ ଓ ପ୍ରବୃତ୍ତି କେବଳ ତାଙ୍କ ଆଖି ଆଗରେ ନାଚି ଯାଉଛି ।

'ପରଜା' ଉପନ୍ୟାସ ରଚନା ସମୟରେ ଔପନ୍ୟାସିକ ଆରମ୍ଭରୁ ତାଙ୍କର ମନୋଭାବ ସ୍ପଷ୍ଟ କରିଛନ୍ତି । ପରଜା ଚଳଣି, ପରଂପରା ପରିବେଶ, ଖାଦ୍ୟପ୍ରଣାଳୀ, ଜୀବନଯାପନ ପ୍ରଣାଳୀ, ବିଶ୍ୱାସ ଅବିଶ୍ୱାସ ସବୁକୁ ସେ ସାର୍ଥକ ରୂପ ପ୍ରଦାନ କରିଛନ୍ତି, ଯେଉଁଥିପାଇଁ ଖାଲି 'ଶରଣ୍ଣୁ ପଦର' ଗ୍ରାମଟିର ଅବସ୍ଥିତିକୁ ବର୍ଣ୍ଣନା କରିବାର ଶୈଳୀକୁ ଦେଖିଲେ ଓ ଜଣାପଡ଼ିଯାଏ । ଯଥା- 'ଏପାଖୁ ଚାଳିଶି ସେ ପାଖୁ ପଚାଶ ପାହାଡ଼ ଠେଲା ଠେଲି ଧକ୍କା ଧକ୍କି ହୋଇ ମୁହାଁମୁହିଁ ଠିଆ ହୋଇଥାନ୍ତି, ସେହି ଧର୍ମଦୁଆର ଘାଟିଠୁ ଉତ୍ତରକୁ କୋଣେ ଦୂରରେ ପଡ଼େ ଗୋଟେ ଛୋଟ ଗାଁ- 'ଶରଣ୍ଣୁ ପଦର', ଗୋଟିଏ ପାହାଡ଼ର ଢାଲୁରେ ଠିକ୍ ଅଣ୍ଟାପାଖେ ।" ଗ୍ରାମର ଅବସ୍ଥିତି ଯେପରି ମନୋରମ ସେମାନଙ୍କର ଜୀବନ ଶୈଳୀ ମଧ୍ୟ ସେହିପରି କୌତୂହଳ ପୂର୍ଣ୍ଣ । ମାଣ୍ଡିଆ ଜାଉ ଆଉ ଅଣ୍ଟାରେ ଚାରି ଆଙ୍ଗୁଳିଆ କୌପୁନୀ ଖଣ୍ଡେ ଥିଲେ ତାଙ୍କର ସବୁଅଛି । ନୂଆଣିଆଁ , କୁଡ଼ିଆ ଘର, ଚୂଲିରେ ମାଣ୍ଡିଆ ଜାଉ, ଶାଗ, କିମ୍ବା ଆମ୍ବଟାକୁଆ ଜାଉ । ପୁରୁଷ ଲୋକ କାନ୍ଧରେ ଟାଙ୍ଗିଆ ହାତରେ କୋଡି । ସ୍ତ୍ରୀଲୋକ ଅଧାଲଂଗୁଳୀ । ମୁଣ୍ଡରେ ନାଲି ଫୁଲ ଦେହରେ ନାଲିଶାଢ଼ୀ । ଆହୁରି ଏକ ସୁନ୍ଦର ବର୍ଣ୍ଣନା ହେଉଛି "ନୂଆଣିଆ କୁଡିଆର ଅଣଓସାର ପିଣ୍ଡାରେ ଛୋଟିଆ ନିଆଁଟିଏ ଧିକ୍‌ଧିକ୍ ହୋଇ ଜଳେ । ଜିଲି ନୋହିଲେ ବିଲି ହାଣ୍ଡିରେ ମାଣ୍ଡିଆ ଚୂନା କି ଶାଗ କି ଫେସା ହୋଇଥିବା ଆମ୍ବ ଟାକୁଆ କୋଇଲି ଅଜାଡ଼ି ଦେଇ ଚୂଲିରେ ଥୋଇ ଦେଇ ଗୋଡ଼ ଲମ୍ବେଇ ବସିଯାନ୍ତି, ଫାଳିକିଆ ଚିକ୍‌କଣ ଖୋସାରେ ଗୋଟିଏ ନାଲିଫୁଲ ।" ଇତ୍ୟାଦି ।

ପରଜା ପାଇଁ ସଞ୍ଜ ଆସେ ମଥାରେ ଅବିରବୋଳି, ପଖାରେ ହଳଦୀଗୁଣ୍ଡା ବୋଳି, ଅଗ୍ନାଅଗ୍ନି ବନସ୍ତ ଆଖି ପାଉନଥିବା ପାହାଡ଼ ତାଡ଼ି ସେ ଦେଖେ ଆଖି ଆଗରେ ସୁନାର ଫସଲ । ପାହାଡ଼ ନଈର କବ କବ କରି ଡେଇଁ ଡେଇଁ ଆସୁଥିବା ପାଣି, ତାରି ଭିତରେ ସେ ହସେ, ବଞ୍ଚେ ଶାନ୍ତିରେ ନିଶ୍ୱାସ ନିଏ । ପୁଣି ସ୍ୱପ୍ନ ଦେଖେ ଆଗାମୀ ଭବିଷ୍ୟତର ପୁଅବୋହୂ, ପୁଅର ପୁଅ, ପୁଅର ପୁଅ, ବଡ଼ବଡ଼ ଶାଳକାଠ, ବଡ଼ଘର, ଢେର ଚାଷ ଜମି, ଦି କୋଡ଼ି ତିନି କୋଡି ଗୋରୁ ଗାଈ ଓ ବଡ଼ ଗୁହାଳ । ମୃତ୍ୟୁ ପରେ ବି ତାର ପରିବାରର ମୋହ ଆକର୍ଷଣ ତାକୁ ସଦାଜୀବିତ ରଖେ ଖଣ୍ଡିଏ ଗୋଜିଆ ପଥର ଭିତରେ ଯେଉଁଥିରେ ଢୁଲୁଢୁଲୁ କରି ଚାହିଁଥାଏ ତା ଆଗାମୀ ଭବିଷ୍ୟତ ବଂଶଧର ମାନଙ୍କୁ ।

ଗୋଟିଏ ଛୋଟିଆ ଗାଁର ଚିତ୍ର ଔପନ୍ୟାସିକ ନେଇ ମାତ୍ର ତିନିଗୋଟି ସଂପ୍ରଦାୟର ଜୀବନ କାହାଣୀ ଭିତରେ ସମଗ୍ର ଜନଜାତିର ଚିତ୍ର ଉପସ୍ଥାପିତ କରି ପାରିଛନ୍ତି । କର୍ମଦଳରେ ବଳିଆର, ଶ୍ରମ ବଳରେ ବଳବାନ ଜାତିକୁ ସେ ଏକ ମର୍ଯ୍ୟାଦା ସଂପନ୍ନ ଆସନ ପ୍ରଦାନ କରିଛନ୍ତି । ସୁକ୍ରୁଜାନି, ମାଣ୍ଡିଆ ଜାନି, ଟିକ୍ରାଜାନି, ଜିଲି, ବିଲି, ନାଇକ, ଭିବିଷି, ଜଙ୍ଗଲକମାନ୍, ଡମ୍ବାରିକ, ସଲମନ ଡମ୍, ଇଣ୍ଡିଫାନ୍ ଡମ୍, ପୁରିଜାନି, କାଜୋଡ଼ି, ରେଙ୍ଗୁ ପରଜା ଏ ସମସ୍ତେ ଲେଖକଙ୍କ କଲମ ମୂନରେ ଜୀବନ୍ତ ହୋଇଛନ୍ତି । ଦୁଃଖ ଓ ସୁଖରେ ଅବିଚଳିତ କର୍ମଠ ଜାତିର ଜୀବନ ଧାରଣର ମାନଦଣ୍ଡକୁ ଲେଖକ ଯଥାର୍ଥ ରୂପ ପ୍ରଦାନ କରିଛନ୍ତି ।

(ଗ) ସୁକୃଜାନିର ଚରିତ୍ର ଚିତ୍ରଣ କର ।

ଉ: ଚରିତ୍ର ଚିତ୍ରଣ ଗୋପୀନାଥ ମହାନ୍ତିଙ୍କ ସୃଷ୍ଟିର ସର୍ବଶ୍ରେଷ୍ଠ ପରିଚୟ । କଥାବସ୍ତୁ ଓ ନାମକରଣକୁ ନେଇ ଚରିତ୍ର ଚିତ୍ରଣରେ ସେଥିଲେ ସିଦ୍ଧହସ୍ତ । ତାଙ୍କ ଦ୍ୱାରା ରଚିତ 'ପରଜା', 'ଅମୃତର ସନ୍ତାନ', 'ହରିଜନ', 'ଦାଦିବୁଢ଼ା', 'ଶିବୁଭାଇ' ଆଦି ଉପନ୍ୟାସ ଗୁଡ଼ିକରେ ସେ ମୁଖ୍ୟ ଚରିତ୍ର ହେଉକି ଗୌଣ ଚରିତ୍ର ହେଉ ସମସ୍ତଙ୍କର ଭୂମିକା ଉପନ୍ୟାସରେ ପାଠକଙ୍କୁ ଆକୃଷ୍ଟ କରିପାରିଛି । ବିଷୟବସ୍ତୁ ଚୟନ ଓ ତାକୁ ସଠିକ୍ ରୂପାୟନ କରିବାରେ ଉପଯୁକ୍ତ ସ୍ଥାନରେ ଉପଯୁକ୍ତ ଚରିତ୍ରକୁ ସେ ଖଞ୍ଜି ଦେଇଛନ୍ତି । ଚରିତ୍ରର ନାମକରଣ ବି ଅତ୍ୟନ୍ତ ବାସ୍ତବଧର୍ମୀ । ପରଜା ଉପନ୍ୟାସରେ ଆଦିବାସୀ ଜନଜାତିର ଜୀବନ ଜୀବିକା, ଆରମ୍ଭ କରି ସମସ୍ତ ଦିଗକୁ ସେ ଖୁବ୍ ନିକଟରୁ ଅନୁଭବ କରି ତାର ସଫଳ ପ୍ରୟୋଗ କରିଛନ୍ତି ଯାହା ତାଙ୍କୁ ଅନନ୍ୟ ଓ ଅଦ୍ୱିତୀୟ ଆସନ ପ୍ରଦାନ କରିଛି ।

'ଶରଣ୍ଣୁ ପଦର' ପାଠ୍ୟାଂଶଟି ପ୍ରସିଦ୍ଧ ଉପନ୍ୟାସ 'ପରଜା'ର ଅଂଶବିଶେଷ । ଏହାର ମୁଖ୍ୟ ଚରିତ୍ର ହେଲା ସୁକୃଜାନି । ସୁକୃଜାନିର ପରିବାର କହିଲେ ମାଣ୍ଡିଆ ଓ ଟିକ୍ରାଜାନି, ଜିଲି ଓ ବିଲି, ପରଲୋକଗତ ସ୍ତ୍ରୀ ସମ୍ବାରି । ଏକ ବଖରିଆ ନୂଆଁଣିଆ ଚାଳ ଘରେ ତାର ହସଖୁସିର ସଂସାର । ଦୁଇ ଦୂଇଟା ଭେଣ୍ଡିଆ ପୁଅ, ବଢ଼ିଲା ଝିଅକୁ ନେଇ ତାର ସଂସାର ପରିପୂର୍ଣ୍ଣ । ମାଣ୍ଡିଆ ଜାଉ ଓ କୌପୁନୀ ଥିଲେ ତାର ସବୁଅଛି । ଲେଖକ ସୁକୃଜାନିର ଶାରୀରିକ ଗଠନକୁ ମଧ୍ୟ ସୁନ୍ଦର ଭାବେ ଉପସ୍ଥାପିତ କରିଛନ୍ତି । ଗୋଡ଼ର ପେଣ୍ଟା ତାର ପଥର, ଦେହର ଚମଡ଼ା ତାର ବର୍ଷାତି, ରୋଗ ବୈରାଗ୍ୟ ତାକୁ କେବେ ହୁଏନାହିଁ ଓ ଥରେ ହାତରେ କୁରାଢି ଧରିଲେ ଛଅ ଘଣ୍ଟା ପରେ ବିଶ୍ରାମ, ଛନ୍ଦ କପଟ କଣ ଜାଣେ ନାହିଁ, କାନ୍ଧରେ ଭାର ଧରିଲେ ଦୁଇ ମହଣ, କୋଶେ ଦୂରକୁ ନେଇଯାଏ । ପାଉଣା ଯାଏ ଏକ ପଇସା । ସେତିକିରେ ସେ ଖୁସି ।

ପୁଅ ବୋହୂ; ନାତି-ନାତୁଣୀ ମାନଙ୍କ ପାଇଁ ସେ ଧନ ସଂପତ୍ତି ରଖିବାକୁ ବ୍ୟଗ୍ର ତେଣୁ ଜଙ୍ଗଲ ଜମାନ୍ ପାଖରେ ଆପତ୍ତି କରେ । ବଡ଼ ବଡ଼ କାଠ, ବଡ଼ ଘର, ଚାଷଜମି ପାଇଁ ମନସ୍ତ କରି ସେ ଘରୁ କୁକୁଡ଼ା ଓ ପଣସ, ପଇସା ନେଇ ଲାଞ୍ଚ ଦିଏ ତଥାକଥିତ ଜଙ୍ଗଲ ଜମାନ୍ ମହାପ୍ରଭୁଙ୍କୁ, ଯିଏ ଚାହିଁଲେ ତାର ଭାଗ୍ୟ ବଦଳିଯିବ । ତାର ସୁନେଲି ସ୍ୱପ୍ନ ସାର୍ଥକ ହେବ । ସୁକୃଜାନି ଦେଖିଛି ଜଙ୍ଗଲ ଜମାନ୍‌ର ଦୟାରୁ କେମିତି ସଲମନ ଡମ୍ବ ଡଇଷ୍ଟିଫାନ ଡମ୍ବ ଦଶମାଣ ଜମି କରିଛନ୍ତି । ତେଣୁ ସେ ଜଙ୍ଗଲ ଜମାନ୍ ପାଖରେ ଉପାଧିଆ ପଡିଛି । ସାନପୁଅ ଟିକ୍ରାଜାନି ଭିତରେ ସ୍ତ୍ରୀ ସମ୍ବାରୀକୁ ଦେଖେ ତ ବଡ଼ ପୁଅ ମାଣ୍ଡିଆଜାନି ଭିତରେ ଦେଖେ ନିଜକୁ । ଶାଳପତ୍ରରେ ଧୂଆଁପତ୍ର ଦିଆ ପିଙ୍ଗା ଟାଣି ଦେଇ ଦୁଆର ପିଣ୍ଡାରେ ବସି ପଡିଲେ ସେ ସ୍ୱର୍ଗ ସୁଖ ପାଏ । ଏକ ଛନ୍ଦ କପଟ ବିହୀନ, ଶାନ୍ତ, ସରଳ, ପରିଶ୍ରମୀ ଓ ନିଷ୍କପଟ ଚରିତ୍ର ଭାବରେ ଲେଖକ ସୁକୃଜାନିର ଚରିତ୍ରକୁ ଉପସ୍ଥାପିତ କରିଛନ୍ତି । ଯାହାପାଇଁ ଖରା, ବର୍ଷା ଶୀତ ସବୁଋତୁ ବସନ୍ତ । ବୟସ ପଚାଶ ଛୁଇଁବା ପରେ ସୁକୃଜାନି ଚିନ୍ତା କରିଛି ଏ ଅଖଣ୍ଡ ସଂସାରର ସେଇ ଗୋଟିଏ କର୍ତ୍ତା, ଡୁମା ଯାହାଙ୍କ ନିର୍ଦ୍ଦେଶରେ କାନନ, କାନ୍ତାର, ଜଳ ଆକାଶ ପୃଥିବୀ ପରିଚାଳିତ ମଣିଷ ମଲାପରେ ତାର ଆତ୍ମା ଅମର ରହି ସବୁଦେଖେ । ସେଥିପାଇଁ ଗାଁ ମଝିରେ ଗୋଜିଆ ପଥରଟିଏ ଅମର ଆତ୍ମା ପାଇଁ ପୋତାହୁଏ । ସେଇଠି ରହି ସେ ଦେଖେ ତାର ଆଗାମୀ ଭବିଷ୍ୟତ ।

ସୁକୃଜାନି ଚରିତ୍ରକୁ ଔପନ୍ୟାସିକ ଏକ ବଳିଷ୍ଠ ଚରିତ୍ର ଭାବେ ଚିତ୍ରଣ କରିଛନ୍ତି । ତା' ପରିବାର, ତା ସଂସାର, ବାହୁବଳ ଓ କଠୋର ପରିଶ୍ରମ ଛଡ଼ା ଆଉ ସେ କିଛି ଦେଖିନାହିଁ । ଉଚ୍ଚ ଜାତି ଓ ବାବୁମାନଙ୍କୁ ସେ ଯଥେଷ୍ଟ ସମ୍ମାନ ଦେଇଛି । ବାସ୍ତବରେ ପରଜା ଉପନ୍ୟାସର ଏହି ପାଠ୍ୟାଂଶଟିରେ ସୁକୃଜାନିର ଚରିତ୍ର ଅତ୍ୟନ୍ତ ମର୍ମସ୍ପର୍ଶୀ ହୋଇପାରିଛି ।

ଯାହାକୁ କେନ୍ଦ୍ରକରି ସମଗ୍ର ଉପନ୍ୟାସଟି ସରସ ସୁନ୍ଦର ଓ ପାଠକ ମହଲରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ।

ଘ) ସଭ୍ୟ ମଣିଷ ଓ ଜନଜାତିର ମଣିଷର ଜୀବନ ଭୂମି 'ଶରଣ୍ଣୁ ପଦର' ପାଠ୍ୟାଂଶରେ କିପରି ସାର୍ଥକ ଭାବରେ ଉପସ୍ଥାପିତ ହୋଇଛି ଆଲୋଚନା କର ।

ଉ : କଥା ସମ୍ରାଟ ଫକୀର ମୋହନ ସେନାପତିଙ୍କ ପରେ ଓଡ଼ିଆ ସାହିତ୍ୟରେ ଜଣେ ଦକ୍ଷ କଥାଶିଳ୍ପୀ ଭାବେ ଔପନ୍ୟାସିକ ଗୋପୀନାଥ ମହାନ୍ତି ପରିଚିତ । ଜୀବନର ବାସ୍ତବ ଅନୁଭୂତି ସହିତ ମଣିଷ ପ୍ରତି ଅହେତୁକ ଭଲ ପାଇବା ଓ ଆନ୍ତରିକତା ତାଙ୍କ ସୃଷ୍ଟିରେ ପରିଲକ୍ଷିତ । ସମାଜରେ ଅବହେଳିତ ଶୋଷିତ, ନିଷ୍ପେଷିତ ମଣିଷର ସେ ଦରଦୀ ବନ୍ଧୁ । ତାଙ୍କର ପ୍ରତ୍ୟେକଟି ଉପନ୍ୟାସ ସେଇ ଉତ୍ପୀଡ଼ନରେ ଶିକାର ହେଉଥିବା ମଣିଷର ଅଶ୍ରୁଳ ଗାଥା । ଯେଉଁଥିପାଇଁ କଥାକାର ନିଜେ କହିଛନ୍ତି 'ମୁଁ ମୋର ଦେଖା ଅଦେଖା ଜଗତକୁ ଭଲ ପାଏ, ମଣିଷକୁ ଭଲ ପାଏ, ଜୀବନକୁ ଭଲପାଏ । ମାଠିଆରେ ପାଣି ପଶିଲା ପରି ଗଦ୍ ଗଦେଇ ଉଠେ ମୋ ଭିତରେ ମୋ ଭଲ ପାଇବା, ଉଛୁଳି ପଡ଼ିହୁଏ ମୋର ଲେଖା" ବାସ୍ତବିକ ଏହି ସ୍ୱୀକାରୋକ୍ତିରୁ ତାଙ୍କର ଭାବାବେଗ ବାରିହୋଇ ପଡ଼େ ।

'ଶରଣ୍ଣୁ ପଦର' ପାଠ୍ୟାଂଶ ପରଜା ଉପନ୍ୟାସର ଏକ ଅଂଶ ବିଶେଷ । ଏହି ଅଂଶବିଶେଷ ଭିତରେ ଲେଖକ ଅଳ୍ପରେ ଅନେକ କଥା କହିବାକୁ ଚେଷ୍ଟା କରିଛନ୍ତି । ଗୋଟିଏ ସରଳ, ନିଷ୍କପଟ ନୀରିହ, ପରିଶ୍ରମୀ ଜାତିର କଥା କହିବା ବେଳେ ତା ଉପରେ ହେଉଥିବା ଅତ୍ୟାଚାର ବା ଜୁଲୁମ୍‌କୁ ମଧ୍ୟ ଏଡ଼ାଇ ଯାଇନାହାନ୍ତି । ଶରଣ୍ଣୁ ପଦର ଗାଁର ପରିବେଶ ବର୍ଣ୍ଣନା ବେଳେ ପ୍ରକୃତିର ଶୋଭାରାଜିକୁ ଯେପରି ଜୀବନ୍ତ ଭାବରେ ଉପସ୍ଥାପିତ କରିଛନ୍ତି ଠିକ୍ ସେମିତି ପରଜା ଜାତିର ଗୋଟେ ପରିବାରର ମୁଖିଆ ସୁକ୍ରୁଜାନି ଚରିତ୍ର ଚିତ୍ରଣ କରିବାବେଳେ ସେ କିପରି ସଭ୍ୟ ସମାଜ ଦ୍ୱାରା ଉତ୍ପୀଡ଼ନର ଶିକାର ହୋଇଛି ସେ କଥା ବର୍ଣ୍ଣନା କରିବାକୁ ଭୁଲି ନାହାନ୍ତି । ଜଙ୍ଗଲ ତାର ଜନ୍ମସ୍ଥାନ । ଜଙ୍ଗଲର ଫଳ ମୂଳ, ଜଙ୍ଗଲର ସଂପଦ ପରଜାର ସଂପଦ । ସେଇଠି ତାର ଏନ୍ଦୁଡିଶାଳ ସେଇଠି, ତାର ମଶାଣି । ମାତ୍ର କାଠ କାଟିବା ପାଇଁ,ମହୁ ସଂଗ୍ରହ ପାଇଁ ପୋଡୁଚାଷ କରିବାକୁ ଜମିପାଇଁ ସେ ମୁଣ୍ଡଝାଳ ତୁଣ୍ଡରେ ମାରି ରଖିଥିବା ଧନ ସଂପଦ ଧୋବଧବଳିଆ କାମିଜି ପିନ୍ଧା ବାବୁଙ୍କ ପାଦତଳେ ଥୋଇ ସେଥିରୁ ତାକୁ ବଂଚିତ ନ କରିବା ପାଇଁ ଗୁହାରି କରିଛି ।

ପରଜା ତାର ବାହୁବଳ ଉପରେ ଭରସା ରଖେ । ସେଥିପାଇଁ ସୁକ୍ରୁଜାନି ଦୁଇ ପୁଅ ହାତରେ କୁରାଢି ଓ କୋଡ଼ି ଦେଖି ଆତ୍ମ ତୃପ୍ତି ଲାଭ କରିଛି । ଥରେ କୁରାଢି ହାତରେ ଧରିଲେ ସେ କୁରାଢି ୫-୬ ଘଣ୍ଟା ପୂର୍ବରୁ ହାତରୁ ଓହ୍ଲାଏ ନାହିଁ । ତାର ପିନ୍ଧିବା ପାଇଁ ଚାକଚକ୍ୟର ପୋଷାକ ନୁହେଁ କୌପୁନୀ ଖଣ୍ଡିକରେ ତାର ଆନନ୍ଦ । ପାଞ୍ଚ ପ୍ରକାର ସୁଆଦିଆ ଖାଦ୍ୟ ନୁହଁ । ମାଣ୍ଡିଆ ଜାଉ, ଟାକୁଆ କୋଇଲି ଢାଉ ତାର ଖାଦ୍ୟ । ସେଇଠି ତାର ସ୍ୱର୍ଗ । ଖରା, ବର୍ଷା, ଝଡ଼ତୋଫାନ ତାର ଚିର ସହଚର । ପ୍ରକୃତି ତାର ବନ୍ଧୁ ସହୋଦର । ପୁଣି ପରିବାର ଭିତରେ ସୁନ୍ଦର ସମନ୍ୱୟ ଓ ଆନନ୍ଦ ପର୍ବ, ପର୍ବାଣୀ ସବୁ ଯେମିତି ତାଙ୍କର ନିଆରା । ସଞ୍ଜ ହେଲେ ଦିନ ସାରାର ପରିଶ୍ରମରୁ ମୁକ୍ତିମିଳେ, ଆନନ୍ଦ ମିଳେ ଯେତେବେଳେ ପରିବାରର ସମସ୍ତ ଲୋକ ମିଳିମିଶି ଗୋଟିଏ ସ୍ଥାନରେ ମାଣ୍ଡିଆ ଜାଉ ଖାଇବସନ୍ତି । ପର ଝିଅ ବୋହୂଙ୍କୁ ସେମାନେ ଖରାପ ଦୃଷ୍ଟିରେ ଦେଖାନ୍ତି ନାହିଁ । ଯେଉଁଥିପାଇଁ ଜିଲି ଆଉ ବିଲି ଗାଧୋଉଥିବା ବେଳେ ଦୁଇଜଣ ପରଜା ସେମାନଙ୍କ ଆଡ଼େ ନ ଚାହିଁ ସିଧା ଚାଲିଯାଇଛନ୍ତି ।

ପରଜା ଜାତିର ଝିଅବୋହୂ ମାନେ ମଧ୍ୟ ବେଶ୍ ଶୃଙ୍ଖଳିତ । କଠୋର ପରିଶ୍ରମୀ ଘରକାମରେ ମନ ନିବେଶ କରିବା ଖଟା ଟଳି ଫଳକୁ ସାବୁନ କରି ଗାଧୋଇବା ମୁଣ୍ଡରେ ନାଲିଖୋସା ପ୍ରେମ ବ୍ୟାପାରରେ ବି ସେମାନେ ବହୁ

ପରିମାଣରେ ସଲ୍ଲଜ । ଶାଗ ମୁଗ ସାଉଁଟି ପରିବାର ଓ ଘରକରଣାରେ ସେମାନେ ବ୍ୟସ୍ତ । ଖଚ, ମିଛ ଲାଞ୍ଚ ଠୁ ସେମାନେ ବହୁ ଦୂରରେ । ଛନ୍ଦ କପଟ କ'ଣ ଜାଣନ୍ତି ନାହିଁ । ସରକାରୀ ଲୋକ ସେମାନଙ୍କ ପାଇଁ ସାକ୍ଷାତ ଦେବତା । ମାତ୍ର ସଭ୍ୟ ମଣିଷ ଏହାର ସଂପୂର୍ଣ୍ଣ ବୀପରିତ । ଯାହା ଲେଖକ ଜଙ୍ଗଲ ଜମାନ, ଗାରଡ଼ (ଗାର୍ଡ) ଆଉ ତାର ଚେଲା ଗାଁ ମୁଖିଆ ନାଇକ ମାଧ୍ୟମରେ ପ୍ରକଟିତ କରିଛନ୍ତି ।

ପରଜା ସଂପ୍ରଦାୟରେ ପର ଝିଅ ବୋହୂଙ୍କୁ ଖରାପ ଦୃଷ୍ଟିରେ ଚାହିଁବା ପାପ । ପରଜନ୍ମରେ ଦୁଃଖ ମିଳେ ଡୁମା (ଦେବତା)ଙ୍କ କୋପଦୃଷ୍ଟି ପଡ଼େ । ତେଣୁ ସେମାନେ ସଜାଗ ମାତ୍ର ଜିଲି ଓ ବିଲିର ଲଂଗଳା ଗାଧୁଆ ରୂପ ଦେଖିବା ପାଇଁ ଜଙ୍ଗଲଜମାନ୍ ପାହାଡ଼ ତଳ ଝୋଲାର ଆଖ ପାଖରେ ମିଛରେ କୋଳି ଗଛରୁ ହରଡ ଚଢ଼େଇ ଖୋଜିବା ବାହାନା କରି କାନ୍ଧରେ ବନ୍ଧୁକ ପକାଇ ବୁଲିଛି । ଦୃଷ୍ଟି ରହିଛି ଦୁଇ ଭଉଣୀ ଆଡ଼କୁ । ପୁଣି ଶାଗ ତୋଳୁଥିବା ଆଦିବାସୀ ଝିଅମାନଙ୍କୁ ଶାଗ କିଣିବା ବାହାନା କରି ସେମାନଙ୍କର ନିକଟତର ହେବାକୁ ଚେଷ୍ଟା କରିଛି । ସଭ୍ୟ ଜଗତରେ ଲାଞ୍ଚ ମିଛ ଗୋଟେ ଦେହସୁଆ କଥା । ଗାଁନାଇକ ମାଧ୍ୟମରେ ନୀରିହ ପରଜାମାନଙ୍କ ପାଖରୁ ପୋଡୁଚାଷ ପାଇଁ, ମହୁସଂଗ୍ରହ ପାଇଁ, ଗୋରୁ ଚରାଇବା ପାଇଁ ଭିନ୍ନ ଭିନ୍ନ କାର୍ଯ୍ୟପାଇଁ କାହାଠୁ କୁକୁଡ଼ା, ପଇସା, ଖାଦ୍ୟଶସ୍ୟ (ପାନୁ) ବା ଟିକସ ନେଇଛି । ଜଙ୍ଘିଆ, କାମିଜ୍ ବନ୍ଧା ଅଧା ଲଂଗଳା ବେଶ ହିଁ ସଭ୍ୟ ସମାଜର ବେଶ ଏକଥା ପରଜାର ବିଶ୍ୱାସ । ସାମାନ୍ୟ ଗାର୍ଡ ଜଣେ ତାଙ୍କ ଦୃଷ୍ଟିରେ ହାକିମ, ମହାପ୍ରଭୁ । ରିବିଶି, ଅମିନ୍, ଜଙ୍ଗଲ ଜମାନ ସଭ୍ୟ ସମାଜର ଗୋଟିଏ ଗୋଟିଏ ଅସଭ୍ୟ ମଣିଷ । ବାସ୍ତବିକ ଲେଖକ ପରଜା ଓ ତଥାକଥିତ ସଭ୍ୟ ମଣିଷ ମଧ୍ୟରେ ସୁନ୍ଦର କଥା ପାଠ୍ୟାଂଶଟିରେ ଉପସ୍ଥଶପିତ କରିଛନ୍ତି । ଯାହା ପାଠ୍ୟାଂଶଟିକୁ ଅଧିକ ରସୋତ୍ତୀର୍ଣ୍ଣ କରିପାରିଛି ।

ଡ) ଶରଶୁ ପଦର ଅନୁସରଣରେ ଗୋପୀନାଥଙ୍କ ବର୍ଣ୍ଣନା ବୈଚିତ୍ର୍ୟ ଓ ଭାଷା ଉପସ୍ଥପନାର ସ୍ୱତନ୍ତ୍ରତା ବିଷୟ କର ।

ଉ: ପ୍ରତ୍ୟେକ ସ୍ରଷ୍ଟାର ଏକ ନିଜସ୍ୱ ଶୈଳୀ ଥାଏ । ବିଶେଷ କରି ଲେଖକ ଶ୍ରୀ ଗୋପୀନାଥ ମହାନ୍ତିଙ୍କ ସମସ୍ତ ସୃଷ୍ଟିରେ ବର୍ଣ୍ଣନା ବିଳାସ ଓ ସ୍ୱତନ୍ତ୍ର ଉପସ୍ଥାପନା.ଶୈଳୀ ଅତ୍ୟନ୍ତ ଉଚ୍ଚକୋଟୀର । ଆଦିବାସୀ ଜୀବନ ଚିତ୍ର ହେଉ କି ପରିବେଶ ହେଉ କିମ୍ବା ପ୍ରକୃତିର ବାସ୍ତବଚିତ୍ର ହେଉ ସବୁଠି ନିଖୁଣ ଭାବରେ ତାଙ୍କର ଲେଖନୀ ଯେମିତି କଥା କହିଛି । ପରଜା ଉପନ୍ୟାସର ଅଂଶ ବିଶେଷ 'ଶରଶୁ ପଦର' ବିଷୟରେ ଗାଁର ଅବସ୍ଥିତିକୁ ନେଇ ସେ ଯେଉଁ ବର୍ଣ୍ଣନା କରିଛନ୍ତି ତାହା ପାଠ କଲେ ଲେଖକଙ୍କ ବର୍ଣ୍ଣନା ଶୈଳୀର ପରିଚୟ ମିଳି ପାରିବ । "ଲକ୍ଷ୍ମୀପୁର ଦେଢ଼କୋଶଥାଇ ଥାଇ ଧର୍ମଦୁଆର ଘାଟି; ଏ ପାଖୁ ଚାଳିଶ ସେ ପାଖୁ ପଚାଶ ପାହାଡ଼ ଠେଲାଠେଲି ଧକ୍କା ଧକ୍କି ହୋଇ ମୁହାଁମୁହିଁ ଠିଆ ହୋଇଥାନ୍ତି ।" ପୁଣି 'ଧାଡି ଧାଡ଼ି ଘର ଟଣିଅଁ ଝାଟିର ଜାଲିବାଡ ଭିତରେ ଶାବୁଜା, ଶାବୁଜା 'ଜୋଣା' (ମକ୍କା) କ୍ଷେତ, ଲଂକା ମରିଚ କ୍ଷେତ୍ର, ଧୂଆଁପତ୍ର କ୍ଷେତ, ତା ବାହାରେ ମାଣ୍ଡିଆ, ଅଳସି, ଜଡ଼ା କାନ୍ଦୁଲ (ବଡ଼ ହରଡ) ଇତ୍ୟାଦି । ଏସବୁ ଗୋଟିଏ ପରଜା ଜୀବନ ଓ ଜୀବିକାକୁ ଖୁବ୍ ନିକଟରୁ ଦେଖିଥିବା ପରିପକ୍ୱ ସୃଜନଶୀଳତାର ପ୍ରମାଣ ବହନ କରେ ।

ପୁଣି ସୁକୃଜାନିର ଘରର ରୂପ ବର୍ଣ୍ଣନାରେ 'ଖଣ୍ଡିଏ ବୋଲି ବଖରା- ଅନ୍ଧାର ବିଲିବିଲି । ଏଠି ପୁଳାଏ ଆମ୍ବଟାକୁଆ, ତେଲ ହେବାପାଇଁ ସେ କଣରେ ଗଦାଏ ବାରିବାଇଗବା ମଞ୍ଜି' । ପୁଣି ସଂଧ୍ୟା କାଳର ଦୃଶ୍ୟ ବର୍ଣ୍ଣନାରେ "ସଞ୍ଜବୁଢ଼େ- ଢେଉଢେଉକା ପୂର୍ବଘାଟର ପାହାଡ଼ ଉପରେ ଛିରିକି ପଡ଼େ କେତେ ରଂଗ, ମଥାରେ ଅବିର, ପଖାରେ ହଳଦୀ ଗୁଣ୍ଡା ତଳ ଗହୀରରେ ସମୁଦ୍ରର ନେଳି-କଳା ନେଳି-କଳା ।' ଇତ୍ୟାଦି । ଯେତେବେଳେ

ତାଙ୍କର ଲେଖନୀ ଝୋଲା ବା ପାହାଡ଼ୀ ନଈର କବକବ କରି ଡେଉଁଥିବା ପାଣିକୁ ଦେଖେତ ପୁଣି କେତେ ବେଳେ ପାହାଡ଼ ପାଖ ଝୋଲା, ଆରପାଖ ବୁଦୁ ବୁଦିଆ ଜଙ୍ଗଲ ଯେଉଁଠି ଉଞ୍ଚ ଟାଙ୍ଗରା ଉପରେ ଧଳା ପାଣି ଡେଇଁ ଡେଇଁ ଦୁଲ୍ ଦୁଲ୍ ହୋଇ କଚାଡି ପଡ଼େ ।

ସେହିପରି ଭାଷା ପ୍ରୟୋଗରେ ଲେଖକ ଆଉ ଦୁଇପାଦ ଆଗକୁ ଯାଇଛନ୍ତି । ଧାଙ୍ଗଡ଼ା, ଧାଙ୍ଗିଡ଼ି, ଅନ୍ଧାର ବିଲିବିଲି, ତଲରା ଢଲାରି, ମଠୁଆ ମଠୁଆ ଧୂଆଁ, ଡୁମା, କାଉଡି, ଝୋଲା,. କାଏଲା (ବେମାର) ଉଞ୍ଚଟାଙ୍ଗରା (ଚଟାଣ), ଡୁ-ଡୁ-ମା (ଜଳପ୍ରପାତ) ଜମାନ୍ (ଚପରାଶି), ଗାଇଡ (ଗାର୍ଡ), କମାନ୍ (ଗସ୍ତ), ନାଇକ (ଗାଁ ମୁଣ୍ଡିଆଳ), ରିବିଣି (ରେଭିନ୍ୟୁ ଇନପେକ୍ଟର) ପାନୁ (ଟିକସ), ଇଜାର, (ରିଜାର୍ଭଡ), ବଗ୍‌ଲା, ବାଗ୍‌ଲୀ ଆମିନିଚୁ ନିଚୁ ଆମର ଦରକାର ନାହିଁ, ଭାଟ (ଭିଣୋଇ) ଆଦି ଭାଷାଶୈଳୀ ତାଙ୍କର ପରଜା ଜନଜାତିର ନିବିଡ ତାଙ୍କୁ ପରିଚିତ କରାଏ । ବର୍ଣ୍ଣନା ବୈଚିତ୍ର୍ୟ ଓ ଭାଷା ଉପସ୍ଥାପନା ଶୈଳୀରେ ଗୋପୀନାଥ ମହାନ୍ତି ଏକ ସ୍ୱତନ୍ତ୍ରସ୍ଥାନରେ ଅଧିକାରୀ ଏଥିରେ ଦ୍ୱିମତ ନାହିଁ ।

ଚ) ଜଙ୍ଗଲ ଜମାନର ଚରିତ୍ର ଚିତ୍ରଣ କର ।

ଉ : ଆଲୋଚ୍ୟ ଚରିତ୍ରଟି ଗୋପୀନାଥ ମହାନ୍ତିଙ୍କ 'ପରଜା' ଉପନ୍ୟାସର ଅଂଶ ବିଶେଷ । ଏଥିରେ ଆଦିବାସୀ ଜୀବନ ଚିତ୍ର ଓ ସଂସ୍କୃତିକୁ ଲେଖକ ଜୀବନ୍ତ ସ୍ପର୍ଶ ଦେଇଛନ୍ତି । ଭାଷା ପ୍ରୟୋଗରେ ସରଳୀକରଣ. ବର୍ଣ୍ଣନା ଚାତୁରୀରେ ତାଙ୍କର କବି ସୁଲଭତା ପ୍ରକାଶିତ ହୋଇଛି । ସମଗ୍ର ପରଜା ଉପନ୍ୟାସରେ ଶୋଷକ ଓ ଶୋଷିତର ଚିତ୍ର ଉପସ୍ଥାପନା କରାଯାଇଛି । ଏହାର ମୂଳ ଉଦ୍ଦେଶ୍ୟ ଏକ ଶୋଷଣମୁକ୍ତ ସମାଜ ଗଠନ । 'ପରଜା' ରାଗିଲେ ବଣର ଜନ୍ତୁ ଏ କଥାଟିରେ ହିଁ ଉପନ୍ୟାସର ପରିସମାପ୍ତି ଘଟିଛି । ପରଜା ସବୁ ସହିବ ମାତ୍ର ନିଜ ଝିଅ ବୋହୂର ଇଜ୍ଜତ କଥା ଉଠିଲେ ସେ ହିଂସ୍ର ବାଘ ପାଲଟିଯାଏ ଯାହାର ପରିଣତି ହୁଏ ଭୟଂକର । ଲେଖକ ସୁକୃଜାନି ଓ ତାର ପରିବାର ମାଧ୍ୟମରେ ପରଜା ଜନଜାତିର କଥା ପ୍ରକାଶ କରିଛନ୍ତି ଠିକ୍ ସେମିତି ଜଙ୍ଗଲ ଜମାନ୍‌ର ଚରିତ୍ର ମାଧ୍ୟମରେ ଗୋଟିଏ କାମୁକ ଓ ଶୋଷକ ଗୋଷ୍ଠୀର ଅସଲ ରୂପକୁ ପଦାରେ ପକାଇଛନ୍ତି ।

'ଶରସ୍ତୁ ପଦର' ଗାଁର ଶାନ୍ତ ସରଳ ସୁଖୀ ପରିବେଶ ହଠାତ୍ ଚଳଚଞ୍ଚଳ ହୋଇ ଉଠିଛି ଯେତେବେଳେ ଡମ୍ବ ବାରିକ ଗାଁ ସାରା ହୁଲର୍ କରିଛି ଗାରଡ, ଗାରଡ଼, ଜମାନ୍ । ଯାହାର ଦରମା ମାତ୍ର ଆଠଟଙ୍କା ମାତ୍ର ତା ଦଖଲରେ ପନ୍ଦର କୋଶ ଜଙ୍ଗଲ । ସେହି ଜମାନ୍‌କୁ ଜଗାରଖା ଦାୟିତ୍ୱ ତାଙ୍କୁ ଅର୍ପଣ କରାଯାଇଛି । ଜଙ୍ଗଲ ଜମାନ ବା ଗାରଡ଼ ଚରିତ୍ରଟିକୁ ଲେଖକ ସୁନ୍ଦର ଭାବରେ ଚିତ୍ରଣ କରିଛନ୍ତି । ଜଙ୍ଘିଆ, ଅଧା କାମିଜ୍ ପିନ୍ଧି କାନ୍ଧରେ ବନ୍ଧୁକ ପକେଇ ଜଙ୍ଗଲରେ ବୁଲେ । ତାର କାମ ବଣଜଗିବା, କିଏ ବଣ ହାଣି ପକାଉଛି ନିଘାକରିବା, ଧରପଗଡ଼ କରିବା, ଗର୍ଜନ କରିବା । ମାତ୍ର ଏସବୁ କେବଳ ସରକାରୀ ନୀତିନିୟମ । ଜଙ୍ଗଲ ଜମାନ ଆସିଲେ ପରଜା ଜାତିର ଦୁଃଖ ବଢ଼ିଯାଏ କାରଣ ଗାଁ ନାଇକ ସାହାଯ୍ୟରେ ସେ ଲୋକମାନଙ୍କ ପାଖରୁ ବିଭିନ୍ନ ଦୋଷ ବା ଅପରାଧ ପାଇଁ ଲାଞ୍ଚନିଏ ଯାହାର ପ୍ରମାଣ ଖୋଦ୍ ସୁକୃଜାନି । ସଲମନ ଡମ୍ବ, ଇଷ୍ଟିଫାନଡମ୍ବ ଜଙ୍ଗଲ ଜମାନକୁ ହାତ କରି ଦଶମାଣ ଜମି ସଫା କରିଛନ୍ତି ଯାହାକୁ ଦେଖି ସୁକୃଜାନି ନିଜ ପିଲା ଛୁଆଁଙ୍କ ଆଦରରେ ପାଳିଥିବା କୁକୁଡ଼ା ଓ ଖାଇବାକୁ ରଖିଥିବା ପଣସ ଓ କଷ୍ଟ ଉପାର୍ଜିତ ଯୋଡ଼ିଏ ଟଙ୍କା ନେଇ ଜଙ୍ଗଲ ଜମାନ ପାଦତଳେ ଥୋଇ ଉପାଧିଆ ପଡିଛି ।

ଗାଁରେ ଡେରା ପକେଇ ଖିଆପିଆ ସାରି ଜଙ୍ଗଲ ଜମାନ୍ ୪ଜଣ ଭେଣ୍ଡିଆ ସାହାଯ୍ୟରେ ସଂଗୃହୀତ ଲାଞ୍ଚ

ଜିନିଷ ନେଇ ଆଉ ଏକ ଗାଁ ଅଭିମୁଖେ ଚାଲିଛି । ଖାଲି ସେତିକି ନୁହଁ ଜଙ୍ଗଲ ଜମାନର ଚାରିତ୍ରିକ ଦୋଷାବଳୀକୁ ମଧ୍ୟ ଲେଖକ ଉପସ୍ଥାପିତ କରିଛନ୍ତି । ଗାଁ ପାଖ ପାହାଡ଼ ଝୋଲାରେ ଆଦିବାସୀ ପରଂପରା ଅନୁଯାୟୀ ଜିଲିବିଲି ଦୁଇଭଉଣୀ ଲଂଗଳା ହୋଇ ଗାଧୋଇଥିବା ବେଳେ ଜଙ୍ଗଲ ଜମାନ୍‌ର ଲୋଲୁପ ଦୃଷ୍ଟି ପଡିଛି । ସେ ଦୃଶ୍ୟ ଦେଖିବା ପାଇଁ ମିଛରେ ଶିକାର ବାହାନରେ ସେଠି ବୁଦୁବୁଦିଆ ଜଙ୍ଗଲ ଆଢୁଆଳରେ ଲୁଚି ଲୁଚି ବୁଲିଛି । ଯାହାକୁ ଜିଲି ଦେଖି ଦେବାପରେ ଦୁଇଭଉଣୀ ଅସ୍ତବ୍ୟସ୍ତ ହୋଇ ପଡିଛନ୍ତି । ପୁଣି ଜିନିଷ ପତ୍ର ନେଇ ଗାଁ ଛାଡ଼ିବା ବେଳେ ଗାଁ ତୁଠରେ ଜିଲି ଦୂର୍ଦ୍ଦଶାଗ ଧୋଉଥିବା ବେଳେ ସେଠାରେ ଅଟକି ରହି ଜିଲିକୁ ଗୁର୍ଦିଶାଗ ଧୋଉଥିବା ବେଳେ ସେଠାରେ ଅଟକି ରହି ଜିଲିକୁ ଗୁର୍ଦିଶାଗ ମାଗିଛି । ଏହାର ପଛରେ କେବଳ ତାର ମନ୍ଦ ଉଦ୍ଦେଶ୍ୟ ହିଁ ରହିଥିଲା ଜଙ୍ଗଲ ଜମାନର ଚରିତ୍ର ଚିତ୍ରଣ ମାଧ୍ୟମରେ ଲେଖକ ତଥାକଥିତ ସଭ୍ୟ ଜଗତର ଅସଭ୍ୟ ମନୋଭାବକୁ ପାଠ୍ୟାଂଶ ମାଧ୍ୟମରେ ପ୍ରକାଶ କରିଛନ୍ତି ।

## ବିଷୟ–ଝେଲମ୍ ନଦୀରେ ସନ୍ଧ୍ୟା

### ଡଃ କୁଞ୍ଜବିହାରୀ ଦାଶ

ଲେଖକ ପରିଚୟ :

ଓଡ଼ିଆ ସାହିତ୍ୟର ଶ୍ରୀ ବୃଦ୍ଧ ଓ ସମୃଦ୍ଧି ପାଇଁ ଡଃ କୁଞ୍ଜବିହାରୀ ଦାସଙ୍କ ଅବଦାନ ଅତୁଳନୀୟ । ଜଣେ ପରିପୂର୍ଣ୍ଣ ସାହିତ୍ୟିକ ଭାବେ ସାହିତ୍ୟର ସମସ୍ତ ଦିଗକୁ ଲେଖନୀ ଚାଳନା କରି ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ପ୍ରତିଷ୍ଠିତ କରିପାରିଛନ୍ତି । ସେ ଏକାଧାରରେ କବି, ଗାଳ୍ପିକ, ଔପନ୍ୟାସିକ, ପ୍ରାବନ୍ଧିକ, ସମାଲୋଚକ ଭ୍ରମଣ କାହାଣୀ ଲେଖକ, ଆତ୍ମଜୀବନୀ ସ୍ରଷ୍ଟା ଓ ବଳିଷ୍ଠ ଗବେଷକ ଭାବେ ପରିଚିତ । ତାଙ୍କ ସାହିତ୍ୟ ସୃଷ୍ଟିର ଉତ୍ସ କବିତାରୁ, ମାତ୍ର କବିତ୍ୱ ତାଙ୍କୁ ଯେତିକି ପ୍ରସିଦ୍ଧି ଦେଇପାରି ନାହିଁ । ଜଣେ ଉଚ୍ଚକୋଟୀର ଗବେଷକ ଭାବରେ, ବିଶେଷ କରି ଲୋକକଥା ବା ଲୋକସାହିତ୍ୟ ଉପରେ ତାଙ୍କର ଗବେଷଣା ତାଙ୍କୁ ସମଗ୍ର ଓଡ଼ିଆ ସାହିତ୍ୟରେ ପରିଚିତ କରାଇଛି । ତାଙ୍କ ସୃଷ୍ଟିରେ ପଲ୍ଲୀର ନୈସର୍ଗିକ ଶୋଭା, ଉତ୍କଳର ପ୍ରାକୃତିକ ସମ୍ପଦ, ଜାତୀୟତା ଓ ପରମ୍ପରା, ମାନବ ଜୀବନ ସମ୍ବନ୍ଧରେ ବଳିଷ୍ଠ ଅବବୋଧ ଓ କୃତ୍ରିମତାହୀନ ଦୃଷ୍ଟିଭଙ୍ଗୀ ତାଙ୍କ ସୃଷ୍ଟିରେ ଦେଖିବାକୁ ମିଳେ । କାର୍ଯ୍ୟକାଳ ଭିତରେ ବିଭିନ୍ନ ଦେଶ ବିଦେଶ ବୁଲିବାର ଭ୍ରମଣ କାହାଣୀ ଓ ଉନ୍ନତ ଗବେଷଣା ପାଇଁ ସେ ଓଡ଼ିଆ ସାହିତ୍ୟରେ ଉଜ୍ଜିବୀତ ହୋଇ ରହିଛନ୍ତି ଓ ରହିବେ ମଧ୍ୟ ।

ବିଷୟର ସାରମର୍ମ :

ଡଃ କୁଞ୍ଜବିହାରୀ ଦାଶ ଜଣେ ପରିପକ୍ୱ ଭ୍ରମଣକାହାଣୀ ଲେଖକ । ଜୀବନକାଳ ଭିତରେ ଅନେକ ଦେଶ ଭ୍ରମଣକରି ସେ ଯେଉଁ ଅନୁଭୂତି ସାଉଁଟିଛନ୍ତି ତାକୁ ଅବିକଳ ଭାବେ ତାଙ୍କ ଭ୍ରମଣ କାହାଣୀ ଗୁଡ଼ିକରେ ବର୍ଣ୍ଣନା କରିଛନ୍ତି । କବି ସୁଲଭ ଚିନ୍ତାଧାରା, ସରଳ ବୋଧଗମ୍ୟ ଭାଷାବିନ୍ୟାସ, ତାଙ୍କ ଭ୍ରମଣ କାହାଣୀରେ ପରିଲକ୍ଷିତ ହୁଏ । ଆଲୋଚ୍ୟ 'ଝେଲମ୍ ନଦୀରେ ସନ୍ଧ୍ୟା' ପାଠ୍ୟାଂଶଟି ଲେଖକଙ୍କ 'ମୋ ସ୍ୱପ୍ନର କାଶ୍ମୀର' ଭ୍ରମଣ ପୁସ୍ତକର ଏକ ଅଂଶ ବିଶେଷ । ଏଥିରେ ଝେଲମ୍ ନଦୀକୁ କାଶ୍ମୀରବାସୀଙ୍କ ମା' ସହିତ ତୁଳନା କରିଛନ୍ତି । ଲେଖକଙ୍କ ଦୃଷ୍ଟିରେ ଏହା କେତେବେଳେ ହୃଦୟ ତ କେତେବେଳେ କାଶ୍ମୀର ରଙ୍ଗମଞ୍ଚର ପ୍ରଧାନ ନର୍ତ୍ତକୀ ରୂପେ ପୁଣି ଆଉ କେତେବେଳେ ରକ୍ତବାହୀ ଧମନୀ ଭାବେ ସ୍ଥାନ ପାଇଛି । ଝେଲମ୍ ନଦୀରେ ସନ୍ଧ୍ୟାକାଳୀନ ପୂର୍ବ ଦୃଶ୍ୟ ଦେଖିବାକୁ ଲେଖକ ଏକ

ଶିକାରୀ ଅର୍ଥ ଛୋଟ ନୌକା ଭଡ଼ା ନେଇଛନ୍ତି । ନୌକା ଓ ନାଉରୀର ବର୍ଣ୍ଣନା ମଧ୍ୟ ବଡ଼ ବିଚିତ୍ର । ଅପରିଚ୍ଛନ୍ନ ବେଶଭୂଷା ପାଖରେ ପଡ଼ିଥିବା ମଖମଲିଆ ଗଦିର ସିଟ୍‌କୁ ଝାଡ଼ିଝୁଡ଼ି ସେ ବସିବାକୁ ଆହ୍ୱାନ କରିଛି ତାପରେ ଲେଖକଙ୍କର ହୋଇଛି ଝେଲମ୍ ନଦୀରେ ଜଳଯାତ୍ରା ।

ନଦୀର ଦୁଇପଟ ସହରକୁ ଲାଗି ସାତଗୋଟି ସେତୁ ଆଲିକ୍ ଦଲ, ଅମୀର କଦଲ, ହବା କଦଲ, ଫତେ କଦଲ, ଜେନ କଦଲ୍, ନୱା କଦଲ୍, ସଫା କଦଲ୍ ସବୁ କାଠରେ ନିର୍ମିତ ସେତୁ । ନଦୀର ଦୁଇ ପାର୍ଶ୍ୱରେ ରହିଥିବା ବହୁ ବ୍ୟବସାୟ ପ୍ରତିଷ୍ଠାନ, ବିଦ୍ୟାଳୟ କଲେଜ ସୁରମ୍ୟ ହୋଟେଲ ଓ ନଦୀ ଭିତରେ ସଜ୍ଜିତ ନୌକାରେ ଅନ୍ୟାନ୍ୟ ତୀର୍ଥଯାତ୍ରୀ ସନ୍ଧ୍ୟାର ଶୋଭାକୁ ବୃଦ୍ଧି କରିଛି ।

କେଉଁଠି ବୋଟ୍‌ଗୁଡ଼ିକୁ ଓଳାଯାଉଛି ତ ଆଉ କେଉଁଠି ନଦୀ କୂଳରେ ପ୍ରୌଢ଼ାଟିଏ ଲୁଗାଗୁଡ଼ିକୁ ପିଟଣାରେ ପିଟି ସଫା କରୁଛି, ଛେଳିଗୋଠ, ପଟାଣବୁଢ଼ା ଧୂଆଁ ଖିଆ ଆଦି ଦୃଶ୍ୟ ସମଗ୍ର ସନ୍ଧ୍ୟାକୁ ଚଳଚଞ୍ଚଳ କଳାଭଳି ମନେ ହେଉଛି । ଠିକ୍ ଏହି ସମୟରେ କାଶ୍ମୀର ଆକାଶରେ ମେଘ ଘୋଟି ଆସିଛି, ଯେମିତି ମେଘମାଳା ମୁଣ୍ଡ ନଇଁ ମାଡ଼ି ଆସିଛି । ଲେଖକଙ୍କ ଭାଷାରେ "ଆକାଶରେ ମେଘ, ମେଘ ପରେ ଆକାଶ, ଆକାଶ ପରେ ମେଘ ମିଶାମିଶି, ସୂର୍ଯ୍ୟନଦୀର ଜଳକୁ ନଇଁଲେ, ସନ୍ଧ୍ୟା ଢେଉ ଉପରେ ଗୋଲାପି ପାଦଚାଳି, ସତେ ଆମ ଆଡ଼କୁ ଆସିଲା, ତା'ର କନକ ହାତର କୁହୁକ ସ୍ପର୍ଶରେ ମନ ଚକିତ ଚଞ୍ଚଳ ହେଲା ।" ଏ ମେଘମାଳା ତା ବାହୁକୁ ଲକ୍ଷେଗୁଣ କରି ଲମ୍ବାଇ ଦେଇଛି ଅଗ୍ନିର ଫୁଲ ଫୁଟାଇ "ତୁଷାରେ ତୁଷାରେ ଜାଳିଦେଲା ଲୋହିତ ଆକାଶ" ଏପରି କାବ୍ୟିକ ସୁଷମାରେ ଭରପୁର ପରିବେଶରେ ନୌକା ଚାଲିଛି, ହାଁଜିକୁ ଲେଖକ କହିଲେ ଗୋଟେ ଗଳ୍ପ କହିବାକୁ । ନାଉରୀ ମୂର୍ଖ ଲୋକ କହି ମନା କରୁ କରୁ ତା'ର ଗଳ୍ପର ପେଡ଼ି ଖୋଲିଛି । ଯାହା ହେଉଛି କାଶ୍ମୀରର ଲୋକକଥା ।

ଏହି କାଶ୍ମୀର ଲୋକକଥାଟିକୁ ଲେଖକ ସୁନ୍ଦର ଭାବରେ ଉପସ୍ଥାପିତ କରିଛନ୍ତି । ପାରମ୍ପରିକ ସେଇ ରଜାପୁଅ ମନ୍ତ୍ରୀପୁଅ ଦୁହେଁ ଖୁବ୍ ସାଙ୍ଗ । ରାଜାପୁଅର ମନଦୁଃଖର କାରଣ ପଚାରି ମନ୍ତ୍ରୀପୁଅ ଠାରୁ ଜାଣିବାକୁ ପାଇଛି ଯେ ପୂର୍ବରାତିରେ ସେ ଅପୂର୍ବ ସୁନ୍ଦରୀ ରାଜଜେମାକୁ ଦେଖିବା ପରେ ତା' ହୃଦୟ ସେଇଠି ଅଟକି ଯାଇଛି । ମନ୍ତ୍ରୀପୁଅ ଠିକଣା ବୁଝି ସାଙ୍ଗ ପାଇଁ ଦୁଇଜଣ ଘୋଡ଼ାରେ ବାହାରିଛନ୍ତି ରାଜା ଝିଅ ସନ୍ଧାନରେ । ଠିକଣା ସ୍ଥାନରେ ପହଞ୍ଚି ରାଜା ଝିଅ ଏମାନଙ୍କୁ ଦେଖି ପଳାଇଛି । ଏହା ଦେଖି ରାଜାପୁଅର ଚେତା ବୁଡ଼ିଯାଇଛି । ମନ୍ତ୍ରୀ ପୁଅ ଉପାୟ ଚିନ୍ତାକରି ପିଠା ବିକାଳି ଘରେ ରହି ପିଠା ତିଆରି କରି ଛଦ୍ମ ବେଶରେ ରାଜାଝିଅ ପାଖକୁ ଯାଇ ସବୁକଥା କହିଛି । ରାଜାଝିଅ ରାଜାପୁଅକୁ ଭେଟିବା ପାଇଁ ସମ୍ମତି ଜଣାଇଛି । ଦୁର୍ଯୋଗବଶତଃ ରାଜା ଝିଅ ଆସିବା ସମୟରେ ରାଜାପୁଅ ଶୋଇ ପଡ଼ିଛି । ମନସ୍ତାପରେ ରାଜାପୁଅ ଥିବା ବେଳେ ପୁଣି ନୂଆ ଚିନ୍ତା କରି ମନ୍ତ୍ରୀପୁଅ ପୁଣି ଯାଇଛି ଓ ନେହୁରା ହୋଇ ରାଜାଝିଅକୁ ପୁନର୍ବାର ରାଜି କରାଇଛି ।

ରାଜାପୁଅ ଓ ରାଜଜେମା ମିଳିତ ହେବା ସମୟରେ ପହରା ଦେଉଥିବା କଟୁଆଳ ଜାଣିପାରିଛି ରାଜାଙ୍କୁ ଖବର ଦେବା ପରେ ଦୁହେଁ ବନ୍ଦୀ ହୋଇଛନ୍ତି । ରାଜାପୁଅ ସଙ୍ଗେ ରାଜଜେମାକୁ ମୁକୁଳାଇବାକୁ ପିଠା ବିକା ବୁଢ଼ୀ ବେଶରେ କଏଦୀ ଖାନାରେ ପହଞ୍ଚି କଏଦୀମାନଙ୍କୁ ପିଠା ଦାନ କରିବ କହି ଭିତରେ ପଶି ନିଜେ ସେଠାରେ ରହି ରାଜାଝିଅକୁ ମୁକୁଳାଇଛି । ରାଜା ଯେତେବେଳେ ଜାଣିଛନ୍ତି ଦୁହେଁ ପୁରୁଷ ଏ ଭୁଲ ପାଇଁ କଟୁଆଳର ମୁଣ୍ଡକାଟ୍ କରିଛନ୍ତି । ରାଜା ପୁଅ ମନ୍ତ୍ରୀ ପୁଅ ଉଦ୍ଧାର ପାଇଛନ୍ତି । ରାଜାଝିଅ ବିବାହ ଠିକ୍ ହୋଇଛି । ବିଦାୟ ବେଳେ ପାହାଡ଼ିଆ ରାସ୍ତା ଅନ୍ଧାର ହେବାରୁ ସେଇଠି ଡେରା ପଡ଼ିଛି । ସୁଯୋଗ ନେଇ ମନ୍ତ୍ରୀପୁଅ ରାଜଜେମା ବେଶରେ ପାଲିଙ୍କିରେ ବସିଛି ଓ ରାଜଜେମା

ରାଜାପୁଅ ସଙ୍ଗେ ମିଳିତ ହୋଇଛନ୍ତି । ଭଉଣୀକୁ ଡର ଲାଗୁଥିବ ଜାଣି ରାଜଜେମାଙ୍କ ଭଉଣୀ ପାଲିଙ୍କିରେ ଯାଇ ବସିଛି । ଏହି ବସିବା ଭିତରେ ସେମାନଙ୍କର ପ୍ରେମ ହୋଇଛି ଅନ୍ଧାରର ସୁଯୋଗରେ ଦୁହେଁ ଲୁଚି ପଳେଇଛନ୍ତି । ରାଜାପୁଅ ମନ୍ତ୍ରୀପୁଅ ଦୁଇ ରାଜଜେମାଙ୍କୁ ଧରି ରାଜନଅରକୁ ଲେଉଟିଛନ୍ତି । ଏଇ ଗପ ଭିତରେ ଗଣପତି ଘାଟରେ ନୌକା ଲାଗିଛି । ବାସ୍ତବିକ୍ ଭ୍ରମଣ କାହାଣୀରେ ଲେଖକ ଏହି କାଶ୍ମୀର ଲୋକକଥାଟିକୁ ସଂଯୋଗ କରି ତା'ର ମର୍ଯ୍ୟାଦା ବୃଦ୍ଧି କରିଛନ୍ତି ।

## ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ

**୧. ୧ ନମ୍ବର ବିଶିଷ୍ଟ ପ୍ରଶ୍ନ, ୪ ଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।**

(କ) କେଉଁ ନଦୀ କୂଳରେ ଶ୍ରୀନଗରବାସୀ ଲାଳିତ ?

(ଝେଲମ୍, ଗଙ୍ଗା, ହୋୟାଂହୋ, ବ୍ରହ୍ମପୁତ୍ର)

ଉ.: ଝେଲମ୍ ।

(ଖ) ଝେଲମ୍ ନଦୀ କୂଳରେ କେଉଁ ନଗରବାସୀ ଲାଳିତ ?

(ଇଟାଲୀ, ରୋମ୍, ଶ୍ରୀନଗର, କାଶ୍ମୀର)

ଉ.: ଶ୍ରୀନଗର ।

(ଗ) ଝେଲମ୍ ନଦୀର ଆକାର କେଉଁ ନଦୀ ପରି ଅପ୍ରଶସ୍ତ ?

(ମହାନଦୀ, ବ୍ରାହ୍ମଣୀ, ବୁଢ଼ାବଳଙ୍ଗ, କୁଶଭଦ୍ରା)

ଉ.: ବୁଢ଼ାବଳଙ୍ଗ ।

(ଘ) ଝେଲମ୍ ନଦୀର ଜଳର ରଙ୍ଗ କିପରି ?

(ଲାଲ, ଧଳା, ଇଷତ୍‌ନୀଳ, ଗାଢ଼ନୀଳ)

ଉ: ଗାଢ଼ନୀଳ ।

(ଙ) ଶ୍ରୀନଗର କାହାର ହୃଦୟ ?

(ଗଙ୍ଗା, ଜାମ୍ମୁ, କାଶ୍ମୀର, ଝେଲମ୍)

ଉ.: କାଶ୍ମୀର ।

(ଚ) ଲେଖକ କ'ଣ ଭଡ଼ା ନେଲେ ?

(ଟାଙ୍ଗୁଆ, ଶିକାର, ମଖମଲିଗଦି, ଡଙ୍ଗା)

ଉ.: ଶିକାର ।

(ଛ) ହାଁଜି (ନାଉରୀ) କେଉଁ ସମ୍ପ୍ରଦାୟର ଲୋକଥିଲା ?

(ହିନ୍ଦୁ, ମୁସଲମାନ, ପଞ୍ଜାବୀ, ଖ୍ରୀଷ୍ଟିଆନ)

ଉ.: ମୁସଲମାନ ।

(ଜ) ନଦୀର ଦୁଇପଟେ ନଗରକୁ ଯୋଗସୂତ୍ର ରଖିବା ପାଇଁ କେତୋଟି ସେତୁ ଗଢ଼ାଯାଇଛି ?

(ଦୁଇଟି, ଚାରୋଟି, ଛଅଟି, ସାତୋଟି)

ଉ.: ସାତୋଟି ।

(ଝ) କେଉଁ ଖ୍ରୀଷ୍ଟାବ୍ଦରେ ସବୁଠାରୁ ପ୍ରାଚୀନ ସେତୁ ଆଲିକଦଲ ନିର୍ମିତ ହୋଇଥିଲା ?

(୧୫୦୫, ୧୧୬୫, ୧୪୦୭, ୧୪୧୭)

ଉ.: ୧୪୧୭ ।

(ଞ) ସେତୁଗୁଡ଼ିକ କେଉଁଥିରେ ତିଆରି ?

(ପଥର, କାଠ, ଲୁହା, କଂକ୍ରିଟ)

ଉ.: କାଠ ।

(ଟ) ଝେଲମ୍ ନଦୀରେ ଧାତ୍ରୀ ତରୀ ଏବଂ ଆଉ କେଉଁ କେଉଁ ତରୀମାନେ ଯାତାୟତ କରୁଅଛି ?

(ବେପାରୀ, ମୋଟରବୋଟ୍, ବାଣିଜ୍ୟତରୀ, ନୌଚାଳକ)

ଉ.: ବାଣିଜ୍ୟତରୀ ।

(ଠ) ଲୋକେ କେଉଁଥିରେ ଆସି ଜିନିଷପତ୍ର ଖର୍ଦ୍ଦି କରି ନିଅନ୍ତି ?

(ବୋଟ୍, ନୌକା, ପୋଲ, ଶିକାରା)

ଉ.: ଶିକାରା ।

(ଡ) ଝେଲମ୍ ନଦୀର ସନ୍ଧ୍ୟା କାହାପରି ସୁନ୍ଦରୀ ?

(ରାଜକନ୍ୟା, ପରୀ, ଦେବୀ, କାଶ୍ମୀର କିଶୋରୀ)

ଉ.: କାଶ୍ମୀର କିଶୋରୀ ।

(ଢ) ଲେଖକ କାହାକୁ ତାଙ୍କ ଦେଶର ଗୋଟିଏ ଗପ କହିବାକୁ କହିଲେ ?

(ରାଜାପୁଅ, ମନ୍ତ୍ରୀପୁଅ, ହାଁଜି, ରାଣୀ)

ଉ.: ହାଁଜି ।

(ଣ) ରାଜାପୁଅ ମନ୍ତ୍ରୀ ପୁଅ ଦୁହେଁ କ'ଣ ଥିଲେ ?

(ଭାଇ, ଶତ୍ରୁ, ମିତ୍ର, ସଙ୍ଗାତ)

ଉ.: ସଙ୍ଗାତ ।

(ତ) କିଏ ପିଠା ବିକାଳି ଘରେ ରହିଲା ?

(ମନ୍ତ୍ରୀପୁଅ, ରାଜାପୁଅ, କଟୁଆଳ ପୁଅ, ସେନାପତି ପୁଅ)

ଉ.: ମନ୍ତ୍ରୀପୁଅ ।

(ଥ) ମନ୍ତ୍ରୀପୁଅ କେଉଁ ବେଶରେ ହେମାଙ୍କ ଉଆସରେ ପହଞ୍ଚିଲା ?

(ରାଜା ବେଶ, ମନ୍ତ୍ରୀ ବେଶ, ପୁରୁଷ ବେଶ, ସ୍ତ୍ରୀ ବେଶ)

ଉ.: ସ୍ତ୍ରୀ ବେଶ ।

(ଦ) କିଏ ନିଜକୁ ହୀନକପାଳିଆ କହି ଧିକ୍କାର କଲା ?

(ରାଜାପୁଅ, ମନ୍ତ୍ରୀପୁଅ, କଟୁଆଳପୁଅ, ସେନାପତିପୁଅ)

ଉ.: ରାଜାପୁଅ ।

(ଧ) କଟୁଆଳ କ'ଣ ପରିକ୍ରମା କରୁଥିଲା ?

(ଉଆସ, ନଗର, ବଗିଚା, ସହର)

ଉ.: ନଗର ।

(ନ) କିଏ ହେମାଙ୍କ କଣ୍ଠସ୍ୱର ଶୁଣିଲା ?

(ରାଜପୁଅ, ମନ୍ତ୍ରୀପୁଅ, କଟୁଆଳ, ଜଗୁଆଳୀ)

ଉ.: କଟୁଆଳ ।

(ପ) ମନ୍ତ୍ରୀ ପୁଅ କାହାକୁ ବିଭା ହେଲା ?

(ରାଜାଝିଅ, ରାଜାଙ୍କ ଭଉଣୀ, ସେନାପତି କନ୍ୟା, କଟୁଆଳ ଝିଅ)

ଉ.: ରାଜାଙ୍କ ଭଉଣୀ ।

(ଫ) ଶିକାରା କେଉଁ ଘାଟରେ ଲାଗିଲା ?

(ଗଙ୍ଗା, ଗଣପତି, ଝେଲମ୍, ଶ୍ରୀନଗର)

ଉ.: ଗଣପତି ।

୨. ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।

(କ) ଝେଲମ୍ ମାଆର କୋଳରେ କେଉଁମାନେ ଲାଳିତ ?

ଉ.: ଝେଲମ୍ ମାଆର କୋଳରେ ଶ୍ରୀନଗର ବାସୀ ଲାଳିତ ।

(ଖ) କେଉଁ ମାଆର କୋଳରେ ଶ୍ରୀନଗରବାସୀ ଲାଳିତ ?

ଉ.: ଝେଲମ୍ ମାଆର କୋଳରେ ଶ୍ରୀନଗର ବାସୀ ଲାଳିତ ।

(ଗ) କାଶ୍ମୀରବାସୀ କାହାର ପ୍ରଶଂସାରେ ମୁଖର ?

ଉ.: କାଶ୍ମୀରବାସୀ ଝେଲମ୍‌ନଦୀର ପ୍ରଶଂସାରେ ମୁଖର ।

(ଘ) ଝେଲମ୍ ନଦୀର ଆକାର କିପରି ?

ଉ.: ଝେଲମ୍ ନଦୀର ଆକାର ଅପ୍ରସସ୍ଥ ଠିକ୍ ବୁଢ଼ାବଳଙ୍ଗ ନଦୀପରି ।

(ଙ) କାଶ୍ମୀର ରଙ୍ଗମଞ୍ଚରେ ପ୍ରଧାନ ନର୍ତ୍ତକୀ ଭୂମିକାରେ କିଏ ଅଭିନୟ କରିଛି ?

ଉ.: କାଶ୍ମୀର ରଙ୍ଗମଞ୍ଚରେ ଝେଲମ୍ ନଦୀ ପ୍ରଧାନ ନର୍ତ୍ତକୀ ଭୂମିକାରେ ଅଭିନୟ କରିଛି ।

(ଚ) ଶ୍ରୀନଗରକୁ କାଶ୍ମୀରର କ'ଣ ବୋଲି କୁହାଯାଏ ?

ଉ.: ଶ୍ରୀନଗରକୁ କାଶ୍ମୀରର ହୃଦୟ ବୋଲି କୁହାଯାଏ ।

(ଛ) ଝେଲମ୍ କାହାର ପ୍ରଧାନତମ ରକ୍ତବାହୀ ଧମନୀ ?

ଉ.: ଝେଲମ୍ କାଶ୍ମୀରର ପ୍ରଧାନତମ ରକ୍ତବାହୀ ଧମନୀ ।

(ଜ) ଝେଲମ୍ ନଦୀର ଦୁଇପଟ ନଗରର ଦୁଇ ଅଂଶକୁ ଯୋଗସୂତ୍ର ରଖିବା ଲାଗି କେତୋଟି ସେତୁ ଗଢ଼ାଯାଇଛି ?

ଉ.: ଝେଲମ୍ ନଦୀର ଦୁଇପଟ ନଗରର ଦୁଇ ଅଂଶକୁ ଯୋଗସୂତ୍ର ରଖିବା ଲାଗି ସାତଗୋଟି ସେତୁ ଗଢ଼ାଯାଇଛି ।

(ଝ) ସବୁଠାରୁ ପ୍ରାଚୀନ ସେତୁର ନାମ କ'ଣ ଓ ଏହା କେଉଁ ଖ୍ରୀଷ୍ଟାବ୍ଦରେ ନିର୍ମିତ ହୋଇଥିଲା ?

ଉ.: ସବୁଠାରୁ ପ୍ରାଚୀନ ସେତୁର ନାମ ଆଲିକ୍‌ଦଲ ଏବଂ ଏହା ୧୪୧୭ ଖ୍ରୀଷ୍ଟାବ୍ଦରେ ନିର୍ମିତ ହୋଇଥିଲା ।

(ଞ) ଶ୍ରୀନଗରସ୍ଥ ଝେଲମ୍ ନଦୀରେ ଜଳଯାତ୍ରା କଲେ କେତୋଟି ସେତୁ ପାରି ହେବାକୁ ପଡ଼େ ?

ଉ.: ଶ୍ରୀନଗରସ୍ଥ ଝେଲମ୍ ନଦୀରେ ଜଳଯାତ୍ରା କଲେ ସାତଗୋଟି ସେତୁ ପାରି ହେବାକୁ ପଡ଼େ ।

(ଟ) ନୌକାରେ କେଉଁମାନେ ବାସ କରୁଛନ୍ତି ?

ଉ.: ନୌକାରେ ଗୋଟିଏ ପରିବାର ବାସ କରୁଛନ୍ତି ।

(ଠ) କିଏ ହାଉସ୍ ବୋଟ୍ ଓଳାଉଛି ଓ ଉତ୍ତର ଦିଗରେ ଅନାଇ କ'ଣ ଭାବୁଛି ?

ଉ.: ନୌକା ମାଲିକର ଘରଣୀ ହାଉସ୍ ବୋଟ୍ ଓଳାଉଛି ଓ ଉତ୍ତର ଦିଗକୁ ଅନାଇ ଭାବୁଛି ବେଳ ବୁଡ଼ିଲା ତା ସ୍ୱାମୀ କାହିଁକି ଆସିଲେ ନାହିଁ ।

(ଡ) ପୌଢ଼ଟିଏ ପଥର ଉପରେ ଲୁଗାଥୋଇ ପିଟଣାରେ ବାଡ଼େଇବାର ଉଦ୍ଦେଶ୍ୟ କ'ଣ ?

ଉ.: ପୌଢ଼ଟିଏ ପଥର ଉପରେ ଲୁଗାଥୋଇ ପିଟଣାରେ ବାଡ଼େଇବାର କାରଣ ପରିଶ୍ରମ କମିଯିବ ଓ ହାତରେ ଥଣ୍ଡା ପାଣି ଲାଗିବ ନାହିଁ ।

(ଢ) ଘାଟ ନୌକାରୁ କିଏ ଜିନିଷପତ୍ର ଉଠାଇ ନେଉଛି ?

ଉ.: ଘାଟ ନୌକାରୁ ଖଲାସୀ ଜିନିଷପତ୍ର ଉଠାଇ ନେଉଛି ।

(ଣ) କୂଳରେ ବସି ବୁଢ଼ା ପଠାଣ କ'ଣ ଖାଉଛି ?

ଉ.: କୂଳରେ ବସି ବୁଢ଼ା ପଠାଣ ଧୂଆଁ ଖାଉଛି ।

(ତ) ଛାଣ୍ଟକାଟ୍ ଯୁବକ ଜଣକ କିଏ ବୋଲି ଲେଖକ ଭାବିଛନ୍ତି ?

ଉ.: ଛାଣ୍ଟକାଟ୍ ଯୁବକ ଜଣକ ଜଣେ କଲେଜ ପିଲା ବୋଲି ଲେଖକ ଭାବିଛନ୍ତି ।

(ଥ) ଲେଖକ ହାଁଜିକୁ କ'ଣ କହିଲେ ?

ଉ.: ଲେଖକ ହାଁଜିକୁ କହିଲେ ତୁମ ଦେଶର ଗୋଟିଏ ଗପ କୁହ ।

(ଦ) ରାଜପୁଅ କାହା ସାଙ୍ଗରେ ସଙ୍ଗାତ ବସିଥିଲା ?

ଉ.: ରାଜପୁଅ ମନ୍ତ୍ରୀପୁଅ ସାଙ୍ଗରେ ସଙ୍ଗାତ ବସିଥିଲା ।

(ଧ) କି ସ୍ୱପ୍ନ ଦେଖିଛି ବୋଲି ମନ୍ତ୍ରୀପୁଅ ରାଜାପୁଅକୁ କହିଲା ?

ଉ.: ଗୋଟିଏ ଅପୂର୍ବ ସୁନ୍ଦରୀ ରାଜାଝିଅକୁ ସ୍ୱପ୍ନ ଦେଖିଛି ବୋଲି ମନ୍ତ୍ରୀପୁଅ ରାଜାପୁଅକୁ କହିଲା ।

(ନ) କିଏ ଭଲ ପିଠାକରି ରାଜଜେମାଙ୍କ ପାଖକୁ କାହା ହାତରେ ପଠାଇଲା ?

ଉ.: ମନ୍ତ୍ରୀ ପୁଅ ଭଲ ପିଠାକରି ପିଠା ବିକାଳି ହାତରେ ରାଜଜେମାଙ୍କ ପାଖକୁ ପଠାଇଲା ।

(ପ) କିଏ ସ୍ତ୍ରୀ ବେଶରେ ଜେମାଙ୍କ ଉଆସରେ ପହଞ୍ଚିଲା ଓ କ'ଣ କହିଲା ?

ଉ.: ମନ୍ତ୍ରୀ ପୁଅ ସ୍ତ୍ରୀ ବେଶରେ ଜେମାଙ୍କ ଉଆସରେ ପହଞ୍ଚିଲା ଓ ଜଣେ ରାଜକୁମାର ତୁମ ଲାଗି ଝୁରି ମରୁଛି ତା ଜୀବନ ସଂକଟାପନ୍ନ ବୋଲି ମନ୍ତ୍ରୀପୁଅ କହିଲା ।

(ଫ) ମନ୍ତ୍ରୀ ପୁଅଠାରୁ ରାଜପୁଅ କଥା ଶୁଣି ଜେମା କ'ଣ କହିଲା ?

ଉ.: ମନ୍ତ୍ରୀ ପୁଅଠାରୁ ରାଜପୁଅ କଥା ଶୁଣି ଜେମା କହିଲା ଯାଅ ଆଜି ରାତି ଦଶ ଘଡ଼ିରେ ମୁଁ ରାଜପୁଅକୁ ଦେଖା କରିବି ।

(ବ) ପରବୁଦ୍ଧି ପ୍ରଳୟ ଏକଥା କିଏ କାହା ପ୍ରସଙ୍ଗରେ କହିଛି ?

ଉ.: ଏକଥା ରାଜଜେମା ମନ୍ତ୍ରୀପୁଅ ଉଦ୍ଦେଶ୍ୟରେ କହିଛି ।

(ଭ) କଟୁଆଳ ନଗର ପରିକ୍ରମା ବେଳେ ତା' କାନରେ କେଉଁ ଶବ୍ଦ ବାଜିଲା ?

ଉ.: କଟୁଆଳ ନଗର ପରିକ୍ରମା ବେଳେ ତା' କାନରେ ଜେମାଙ୍କ କଣ୍ଠସ୍ୱର ଶବ୍ଦ ବାଜିଲା ।

(ମ) ରାଜା କଏଦୀ ଘରେ କାହାକୁ ଦେଖିଲେ ?

ଉ.: ରାଜା କଏଦୀ ଘରେ ରାଜଜେମା ପୋଷାକରେ ଆଉ ଜଣକୁ ଦେଖିଲେ ।

**୩. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ, ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଠିକ୍ ଉତ୍ତର ପାଇଁ ୨ ନମ୍ବର ରହିବ ।**

(କ) ଝେଲମ୍ ମାଆର କୋଳରେ ଶ୍ରୀନଗରବାସୀ କିପରି ଲାଳିତ ହୋଇଛନ୍ତି ?

ଉ.: ଲେଖକ-କୁଞ୍ଜ ବିହାରୀ ଦାଶ । ବିଷୟ-'ଝେଲମ୍ ନଦୀରେ ସଂଧ୍ୟା' । ଝେଲମ୍ ନଦୀର କଳକଳ ଧ୍ୱନି, ସଦା ପୂର୍ଣ୍ଣଜଳା, ସୁନାବ୍ୟା ଓ ଅପ୍ରଶସ୍ତ ହେଲେ ବି ଏହା ସମସ୍ତ ଶ୍ରୀନଗରକୁ ବଙ୍କେଇ ବଙ୍କେଇ ବୁଲି ସ୍ପର୍ଶ କରିଛି ଏହା କୋଳରେ ଶ୍ରୀନଗରବାସୀ ମାଆ ପରି ଲାଳିତ ହୋଇଛନ୍ତି ।

(ଖ) ଲେଖକ ଶିକାରାର ବର୍ଣ୍ଣନା କିପରି କରିଛନ୍ତି ?

ଲେଖକ – କୁଞ୍ଜବିହାରୀ ଦାଶ । ବିଷୟ- 'ଝେଲମ୍ ନଦୀରେ ସନ୍ଧ୍ୟା'

ଉ.: ଶିକାରାରେ ଦୁଇଟି ଚୌକି ତା ଉପରେ ମଖମଲ ଗଦି, ମୁଣ୍ଡ ଉପରେ ଚିତ୍ର ବିଚିତ୍ର ଚାନ୍ଦୁଆ, ଚାନ୍ଦୁଆର ଚାରି ଖମ୍ବରେ ନାଲିନୋଳି ହଳଦିଆ ରଙ୍ଗର କାଗଜ, ସେଥିରୁ ଅଧେ ଅଧେ ପତାକା ପରି ଉଡୁଛି ।

(ଗ) ହାଁଜି (ନାଉରୀ)ର ଚେହେରା କିପରି ?

ଉ.: ଲେଖକ-କୁଞ୍ଜ ବିହାରୀ ଦାଶ । ବିଷୟ-'ଝେଲମ୍ ନଦୀରେ ସଂଧ୍ୟା'। ହାଁଜି (ନାଉରୀ) ମୁସଲମାନ- ଦୀର୍ଘ ପାଞ୍ଚ ସାତ ହାତ ମର୍ଦ୍ଦ, ପିନ୍ଧା ବଡ଼ ଅପରିଚ୍ଛନ୍ନ ଥିଲା ।

(ଘ) ନଦୀର ଦୁଇ ପଟେ ଯୋଗସୂତ୍ର ରଖିବା ପାଇଁ କ'ଣ ରହିଅଛି ?

ଉ.: ଲେଖକ-କୁଞ୍ଜ ବିହାରୀ ଦାଶ । ବିଷୟ 'ଝେଲମ୍ ନଦୀରେ ସଂଧ୍ୟା' । ନଦୀର ଦୁଇପାଟେ ଯୋଗସୂତ୍ର ରଖିବା ପାଇଁ ସାତୋଟି ସେତୁ ଗଢ଼ାଯାଇଛି ।

(ଙ) ଝେଲମ୍ ନଦୀ ତୁଠରେ କିପରି ଲୋକମାନେ ଲୁଗା କଚାକଚି କରନ୍ତି ?

ଉ.: ବିଷୟ-'ଝେଲମ୍ ନଦୀରେ ସଂଧ୍ୟା' । ଲେଖକ-କୁଞ୍ଜ ବିହାରୀ ଦାଶ । ଝେଲମ ନଦୀ କୂଳରେ ଥିବା ତୁଠର ପଥର ଉପରେ ଲୋକମାନେ ଲୁଗା ଥୋଇ ପିଟଣା ଦ୍ୱାରା ବାଡ଼େଇ ଲୁଗା ସଫା କରନ୍ତି ।

(ଚ) ଛାଣ୍ଟକାଟ ଯୁବକ ସମ୍ପର୍କରେ ଲେଖକ କ'ଣ କହିଛନ୍ତି ?

ଉ.: ବିଷୟ-'ଝେଲମ୍ ନଦୀରେ ସଂଧ୍ୟା' । ଲେଖକ-କୁଞ୍ଜ ବିହାରୀ ଦାଶ । ଛାଣ୍ଟକାଟ୍ ଯୁବକକୁ ଦେଖି ଲେଖକ ତାଙ୍କୁ କଲେଜ ପିଲା ବୋଲି ଭାବିଛନ୍ତି, କାରଣ ତା ମୁହଁରେ ବେପରୁଆ ଭାବ, ଓଠରେ ସିଗାରେଟ୍, ବଡ଼ ତରବରରେ ପାଦ ପକେଇ ଚାଲିରୁ ଜଣାଯାଉଛି, ବୋଧେ ସିନେମା ଦେଖିଯାଉଛି ।

(ଛ) ମନ୍ତ୍ରୀ ପୁଅ ରାଜାପୁଅ କିଭଳି ସଙ୍ଗାତ ଥିଲେ ?

ଉ.: ବିଷୟ-'ଝେଲମ୍ ନଦୀରେ ସଂଧ୍ୟା' । ଲେଖକ-କୁଞ୍ଜ ବିହାରୀ ଦାଶ । ରାଜା ପୁଅ ଓ ମନ୍ତ୍ରୀ ପୁଅ ଦୁହିଁଙ୍କ ଭିତରେ ପାଣି ଗଳେ ନାହିଁ, ଜଣେଜଣଙ୍କୁ ନ ଦେଖିଲେ ବାଉଳା ଓ ଏକା ମନ, ଏକାପ୍ରାଣ କାହା ମନରେ କେଉଁ କଥା ଆସିଲେ ଦୁହେଁ ଦୁହିଁଙ୍କୁ ନ କହି ରହିପାରନ୍ତି ନାହିଁ ।

(ଜ) ରାଜାପୁଅର ମନଦୁଃଖ ଦେଖି ମନ୍ତ୍ରୀ ପୁଅ କ'ଣ କହିଛି ?

ଉ.: ବିଷୟ- 'ଝେଲମ୍ ନଦୀରେ ସଂଧ୍ୟା' । ଲେଖକ-କୁଞ୍ଜ ବିହାରୀ ଦାଶ । ରାଜା ପୁଅର ମନଦୁଃଖ ଦେଖି ମନ୍ତ୍ରୀପୁଅ କହିଛି ସାଙ୍ଗ କ'ଣ ପାଇଁ ମନଦୁଃଖ, ହଜିଗଲେ ଖୋଜିଦେବି, ଭାଙ୍ଗିଗଲେ ଗଢ଼ିଦେବି, ସରଗର ଚାନ୍ଦ କହିଲେ ଦୁଆରେ ଆଣି ହାଜର କରିବି, ମୁଁ ଥାଉଁ ଥାଉଁ ତୁମର କି ଦୁଃଖ ?

(ଝ) କଟୁଆଳ କାନରେ କେଉଁ ଶବ୍ଦ ବାଜିଲା ?

ଉ.: ବିଷୟ-'ଝେଲମ୍ ନଦୀରେ ସଂଧ୍ୟା' । ଲେଖକ କୁଞ୍ଜ ବିହାରୀ ଦାଶ । ରାଜା ପୁଅ ଓ ରାଜ ଜେମା ଆଳାପ କରୁଥିବା ସମୟରେ ସେମାନଙ୍କର କଥା କଟୁଆଳ କାନରେ ବାଜିଲା ।

(ଞ) ରାଜା କଏଦୀ ଘରେ ପହଞ୍ଚି କ'ଣ ଦେଖିଲେ ?

ଉ.: ବିଷୟ-'ଝେଲମ୍ ନଦୀରେ ସଂଧ୍ୟା' । ଲେଖକ- କୁଞ୍ଜ ବିହାରୀ ଦାଶ । ରାଜା କଏଦୀ ଘରେ ପହଞ୍ଚି ଦେଖିଲେ, ଯାହାକୁ ରାଜଜେମା ଭାବି ବନ୍ଦୀ କରି ରଖାଯାଇଛି ସେ ରାଜଜେମା ନୁହେଁ ଆଉ ଜଣେ କିଏ ।

(ଟ) ମନ୍ତ୍ରୀ ପୁଅ ରାଜଜେମା ବେଶ ହୋଇ କିଭଳି ଭାବରେ ପାଲିଙ୍କିରେ ବସିଲା ?

ଉ.: ବିଷୟ-'ଝେଲମ୍ ନଦୀରେ ସଂଧ୍ୟା' ଲେଖକ-କୁଞ୍ଜ ବିହାରୀ ଦାଶ । ରାଜଜେମା ଅନ୍ୟ ରାଜପୁତ୍ରକୁ ବିବାହ କରି ଯିବା ବେଳେ ପାହାଡ଼ିଆ ରାସ୍ତାରେ ଅନ୍ଧାର ହୋଇଯିବାରୁ ଅଟକିଛନ୍ତି, ସେଇ ସୁଯୋଗରେ ମନ୍ତ୍ରୀପୁଅ ଛଦ୍ମ ରାଜଜେମା ବେଶ ଧରି ପାଲିଙ୍କିରେ ବସି ରାଜା ଝିଅକୁ ପଠେଇ ଦେଇଛି ।

(ଠ) ନିଜ ରାଜ୍ୟରେ ପହଞ୍ଚିବା ପରେ ରାଜାପୁଅ ଓ ମନ୍ତ୍ରୀପୁଅଙ୍କର କ'ଣ ହେଲା ?

ଉ.: ବିଷୟ-'ଝେଲମ୍ ନଦୀରେ ସଂଧ୍ୟା' । ଲେଖକ- କୁଞ୍ଜ ବିହାରୀ ଦାଶ । ନିଜ ରାଜ୍ୟରେ ପହଞ୍ଚିବା ପରେ ସେମାନଙ୍କ ପିତାମାତା ପୁଅମାନଙ୍କ ସାଙ୍ଗରେ ବୋହୂମାନଙ୍କୁ ଦେଖି ଖୁସି ହୋଇଥିଲେ ଓ ବେଦି ଗଢ଼ା ହେଲା, ବାଣ ନିଶାଣ ଖଞ୍ଜା ହେଲା, ରାଇଜ ଯାକ ଖୁସିରେ ସେମାନଙ୍କର ବିବାହ କରାଗଲା ।

**୪. ୩୦ ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଠିକ୍ ଉତ୍ତର ପାଇଁ ୨ ନମ୍ବର ।**

(କ) ଝେଲମ୍ ନଦୀର ବର୍ଣ୍ଣନା କର ।

ଉ.: ଏହି ବିଷୟଟିର ନାମ 'ଝେଲମ୍ ନଦୀରେ ସଂଧ୍ୟା' ଲେଖକ କୁଞ୍ଜ ବିହାରୀ ଦାଶ । ଝେଲମ୍ ନଦୀର କଳକଳ ଧ୍ୱନି ଓ ସଦା ପୂର୍ଣ୍ଣଜଳା ସୁନାବ୍ୟା । ଅପ୍ରଶସ୍ତ ବୁଢ଼ାବଳଙ୍ଗ ପରି ଏହାର ଆକାର କିନ୍ତୁ ଏହାର ଜଳ ଗାଢ଼ନୀଳ, ବଙ୍କେଇ ବଙ୍କେଇ ବୁଲି ସମଗ୍ର ଶ୍ରୀନଗରକୁ ସ୍ପର୍ଶ କରିଛି । ଝେଲମ୍ ନଦୀର ଅବସ୍ଥିତି ଏପରି ହୋଇଛି ଯେ ଝେଲମ୍‌କୁ ବାଦ୍‌ଦେଲେ ଶ୍ରୀନଗରର ସୌନ୍ଦର୍ଯ୍ୟ ରହିବ ନାହିଁ । ଶ୍ରୀନଗର ଯେପରି କାଶ୍ମୀରର ହୃଦୟ ଠିକ୍ ସେହିପରି ଝେଲମ୍ ତା'ର ପ୍ରଧାନ ରକ୍ତବାହୀ ଧମନୀ ।

(ଖ) ଶିକାରା ସହିତ କ'ଣ କ'ଣ ସଂଲଗ୍ନ ହୋଇଛି ?

ଉ.: ଏହି ବିଷୟଟିର ନାମ 'ଝେଲମ୍ ନଦୀରେ ସଂଧ୍ୟା' । ଲେଖକ-କୁଞ୍ଜ ବିହାରୀ ଦାଶ । ଶିକାରା ହେଉଛି ଛୋଟ ନୌକା । ଶିକାରା ସହିତ ଦୁଇଟି ଚୌକି ସଂଲଗ୍ନ ସେଥିରେ ମଖମଲି ଗଦି ଯେମିତି ଚାରିଜଣ ବସିପାରିବେ । ମୁଣ୍ଡ ଉପରେ ଚିତ୍ର ବିଚିତ୍ରର ଚାନ୍ଦୁଆ, ଚାନ୍ଦୁଆର ଚାରି ଖମ୍ବରେ ନାଲି, ନେଳି, ହଳଦିଆରଙ୍ଗର କାଗଜଗୁଡ଼ା ହୋଇଛି । କାଗଜଗୁ ଅଧେ ଅଧେ ପବନରେ ପତାକା ପରି ଉଡୁଛି ।

(ଗ) ହାଁଜି (ନାଉରୀ) ଦେଖିବାକୁ କିପରି ଓ ସେ କିପରି 'ଶିକାରା' ଚଳାଉଥିଲା ?

ଉ.: ବିଷୟଟିର ନାମ 'ଝେଲମ୍ ନଦୀରେ ସଂଧ୍ୟା' ଲେଖକ କୁଞ୍ଜ ବିହାରୀ ଦାଶ । ହାଁଜି (ନାଉରୀ) ମୁସଲମାନ ଜାତିର ଲୋକ, ଖୁବ୍ ଡେଙ୍ଗା ୫ ହାତ ଲମ୍ବ, ବେଶଭୂଷା ତା'ର ବେଶ ଅପରିଷ୍କାର ଅପରିଚ୍ଛନ୍ନ । ଲେଖକ ଶିକାରାରେ ବସିବା ପରେ ନାଉରୀ ମଝି ନଈକୁ ଶିକାରାକୁ ନେଇଯାଇ ଧୀରେ ଧୀରେ ଆହୁଲାମାରି ତାହାକୁ ଚଳାଉଥିଲା ।

(ଘ) ନଗରର ଦୁଇଅଂଶ ଭିତରେ ଯୋଗସୂତ୍ର ରକ୍ଷା ପାଇଁ କେତୋଟି ସେତୁ ଗଢ଼ାଯାଇଛି ଓ ସେଗୁଡ଼ିକର ନାମ କ'ଣ ? ସବୁଠୁ ପ୍ରାଚୀନ ସେତୁଟି କେତେ ଖ୍ରୀଷ୍ଟାବ୍ଦରେ ନିର୍ମିତ ହୋଇଥିଲା ?

ଉ.: ବିଷୟଟିର ନାମ 'ଝେଲମ୍ ନଦୀରେ ସଂଧ୍ୟା' । ଲେଖକ କୁଞ୍ଜ ବିହାରୀ ଦାଶ । ନଗରର ଦୁଇ ଅଂଶ ଭିତରେ ଯୋଗସୂତ୍ର ରକ୍ଷା ପାଇଁ ୭ଗୋଟି ସେତୁ କାଠରେ ନିର୍ମିତ ହୋଇଛି । ସେଗୁଡ଼ିକର ନାମ ହେଲା- (୧) ଆଲିକ୍‌ଦଲ, (୨) ଅମୀରକଦଲ, (୩) ହବାକଦଲ, (୪) ଫତୋକଦଲ, (୫) ଜୈନକଦଲ, (୬) ନଓ୍ୱାକଦଲ, (୭) ସଫାକଦଲ୍ । ଏମାନଙ୍କ ମଧ୍ୟରୁ ସବୁଠାରୁ ପ୍ରାଚୀନ ସେତୁର ନାମ ଆଲିକ୍‌ଦଲ ଓ ଏହା ୧୪୧୭ ଖ୍ରୀଷ୍ଟାବ୍ଦରେ ଅଲୀଅଲସାହାଙ୍କ ସମୟରେ ନିର୍ମିତ ହୋଇଥିଲା ।

(ଙ) ଝେଲମ୍ ନଦୀର କ'ଣ କ'ଣ ଆବୋରି ରହିଛି ?

ଉ.: ବିଷୟଟିର ନାମ 'ଝେଲମ୍ ନଦୀରେ ସଂଧ୍ୟା' ଲେଖକ କୁଞ୍ଜ ବିହାରୀ ଦାଶ । ଏହି ଝେଲମ୍ ନଦୀର କୂଳକୁ ବଡ଼ ବଡ଼ ବ୍ୟାଙ୍କ, ବିଦ୍ୟାଳୟ, ହୋଟେଲ, କଲେଜ, ମନ୍ଦିର, ମସ୍‌ଜିଦ୍, ଗୋଦାମ, କାରଖାନା ଆଉ କେଉଁଠି. ହାଉସ୍ ବୋଟରେ ଦୋକାନ ବସିଛି, କାର୍ପେଟ୍, ସାଲ, କାଠ, ଆଉ କାଗଜରେ ତିଆରି ବିବିଧ ଜିନିଷ ସଜା ହୋଇ ରହିଛି ଶିକାରାରେ ଆସୁଥିବା ଯାତ୍ରୀମାନଙ୍କ ପାଇଁ ।

(ଚ) ଲେଖକ କାଶ୍ମୀରର ବର୍ଣ୍ଣନା କିପରି କରିଛନ୍ତି ?

ଉ.: ପାଠ୍ୟାଂଶଟି 'ଝେଲମ୍ ନଦୀରେ ସଂଧ୍ୟା' ବିଷୟରୁ ଆସିଅଛି । ଏହାର ଲେଖକ କୁଞ୍ଜ ବିହାରୀ ଦାଶ । କାଶ୍ମୀର ସୌନ୍ଦର୍ଯ୍ୟର ଗନ୍ତାଘର । ଶ୍ରୀନଗର କାଶ୍ମୀରର ହୃଦୟ ତା'ର ପ୍ରଧାନ ରକ୍ତବାହୀ ଧମନୀ । ଆଉ ପୁଣି ତା' ଭିତରେ ଝେଲମ୍ ନଦୀକୁ ଲେଖକ ପ୍ରଧାନ ନର୍ତ୍ତକୀ ସହିତ ତୁଳନା କରିଛନ୍ତି । ଝେଲମ୍ ପାଇଁ କାଶ୍ମୀରର ସୌନ୍ଦର୍ଯ୍ୟ ବୃଦ୍ଧି ଘଟିଛି । ତା'ର କଳ କଳ ରବ । ପୂର୍ଣ୍ଣଗର୍ଭା ଗାଢ଼ ନୀଳଜଳ । ପୁଣି ଦୁଇପଟ ଶ୍ରୀନଗରକୁ ସ୍ପର୍ଶ କରିବା ପାଇଁ ସାତଗୋଟି କାଠ ନିର୍ମିତ ସେତୁ । ଏସବୁ କାଶ୍ମୀରର ଶ୍ରୀ ବୃଦ୍ଧି କରିଛି ।

(ଛ) ଝେଲମ୍ ନଦୀର ଆର ତୁଠରେ କିଏ କ'ଣ କରୁଛନ୍ତି ବର୍ଣ୍ଣନା କର ?

ଉ.: ବିଷୟଟିର ନାମ 'ଝେଲମ୍ ନଦୀରେ ସଂଧ୍ୟା' । ଲେଖକ କୁଞ୍ଜ ବିହାରୀ ଦାଶ । ଲେଖକ ଯେଉଁପଟେ ଯାଉଥିଲେ ତା'ର ବୀପରୀତ ତୁଠରେ ପ୍ରୌଢ଼ାଟିଏ ପଥର ଉପରେ ଲୁଗା ଥୋଇ ପିଟଣାରେ ବାଡ଼ଉଛି । ଘାଟ ନୌକାରୁ ଖଲାସି ଜିନିଷପତ୍ର ଉଠାଇ ନେଉଛି, କୂଳରେ ପଠାଣ ବୁଢ଼ା ଧୂଆଁ ଖାଉଛି, ଛେଳି ଜଗା ପିଲା ଛେଳି ଗୋଠ ନେଇ ଫେରୁଛି, ପୋଲ ଉପରେ ଟାଙ୍ଗା ପରେ ଟାଙ୍ଗା ଧାଉଁଛି, କିଏ ପୁଣି ଅଫିସରୁ ଫେରୁଛନ୍ତି, କିଏ ବଜାର ଯାଉଛି, କିଏ ନମାଜ ପଢ଼ି ଯାଉଛି, କଲେଜ ପିଲାଟିଏ ବେପରୁଆ ଭାବେ ଓଠରେ ସିଗାରେଟ୍ ଲଗାଇ ତରତରରେ ଯାଉଛି ସିନେମା ଦେଖି ଏ ଥିଲା ଆର ପାଖ ତୁଠର ଦୃଶ୍ୟ ।

(ଜ) ରାଜା ପୁଅ ନିଜର ସ୍ୱପ୍ନ ଦେଖା କଥା ମନ୍ତ୍ରୀ ପୁଅ ଆଗରେ କିପରି ବର୍ଣ୍ଣନା କରିଛି ?

ଉ.: ବିଷୟଟିର ନାମ 'ଝେଲମ୍ ନଦୀରେ ସଂଧ୍ୟା' । ଲେଖକ କୁଞ୍ଜ ବିହାରୀ ଦାଶ । ରାଜାପୁଅ ମନଉଣା ଥିବା ଦେଖି ମନ୍ତ୍ରୀ ପୁଅ କାରଣ ପଚରିବାରୁ ରାଜାପୁଅ ପୂର୍ବ ରାତିର ସ୍ୱପ୍ନ କଥା କହିଛି । ଚନ୍ଦ୍ର ଉଦିଆ ପରି ରୂପ, କୋଉ ଦେଶର ରାଜଜେମା, ଫୁଲ ସଙ୍ଗେ ଗୋନେଇ ଲୁଚେଇ ହେଉଥିଲା, ପ୍ରଜାପତି ପଛରେ ଗୋଡ଼ାଉଥିଲା, ମୋତେ ଦେଖିଲା ପଦେ କଥା କହନ୍ତା । ଆଡ଼ ଆଖି ହାଣି ଦେଇଗଲା, ଗଲା କୁଆଡ଼େ ଉଭେଇଗଲା । ସେଇ ନାହିଁ ନ ଦେଖିଲା ରୂପ ମୋ ଆଖି ଆଗରେ ନାଚୁଛି, ତାକୁ ଆଣି ନଦେଲେ ମୋ ଆଶା ଛାଡ଼ । ଏହିପରି ଥିଲା ରାଜାପୁଅର ବର୍ଣ୍ଣନା ।

(ଘ) ମନ୍ତ୍ରୀପୁଅ ପିଠା ବିକାଳି ଘରେ ରହି କ'ଣ କଲା ?

ଉ.: ବିଷୟଟିର ନାମ 'ଝେଲମ୍ ନଦୀରେ ସଂଧ୍ୟା' । ଲେଖକ କୁଞ୍ଜ ବିହାରୀ ଦାଶ । ରାଜାପୁଅ ପାଇଁ ମନ୍ତ୍ରୀ ପୁଅ ପିଠାବିକାଳି ଘରେ ରହିଛି । ତାକୁ ଧନ ଦରବ ଦେଇଛି । ପିଠା ବିକାଳି ଘରେ ନିଜେ ପିଠା ତିଆରି କରି ତା'ରି ହାତରେ ରାଜଜେମା ପାଖକୁ ସୁଆଦିଆ ପିଠା ପଠେଇଛି । ରାଜଜେମା ସେ ପିଠାଖାଇ କହିଛି । ପିଠା ତ ତୋ ପିଠା ପରି ଲାଗୁନାହିଁ ତୁ ସତ କହ । ତା'ପରେ ପିଠା ବିକାଳି ରାଜଜେମାଙ୍କୁ ସତ୍ୟ କରାଇ ସତକଥା କହିଛି । ରାଜଜେମା ତାକୁ ଆଣି ହାଜର କରିବା ପାଇଁ ନିର୍ଦ୍ଦେଶ ଦେଇଛି । ମନ୍ତ୍ରୀ ପୁଅ ଯୋଜନା ସଫଳ ହୋଇଛି ।

(ଞ) ରାଜଜେମା କାହିଁକି କ୍ରୋଧରେ ଥରିଗଲା ?

ଉ.: ପାଠ୍ୟାଂଶଟି ନାମ 'ଝେଲମ୍ ନଦୀରେ ସଂଧ୍ୟା' ବିଷୟରୁ ଆସିଅଛି । ଏହାର ଲେଖକ କୁଞ୍ଜ ବିହାରୀ ଦାଶ । ରାଜଜେମା ମନ୍ତ୍ରୀ ପୁଅର ଅନୁନୟ ବିନୟ ପ୍ରାର୍ଥନା ଶୁଣି ଗୋଟିଏ ଜୀବନ ବଞ୍ଚାଇବାକୁ ଯାଇ ରାଜାପୁଅକୁ ତହିଁ ଆରଦିନ ଦେଖା କରିବାକୁ ଯାଇଛି । ରାଜାପୁଅ ରାଜଜେମାଙ୍କୁ ଚାହିଁ ଚାହିଁ ଶୋଇ ପଡ଼ିବା ଭିତରେ ରାଜଜେମା ଯାଇ ଫେରି ଆସିଛି । ସମସ୍ତଙ୍କ ଆଖିରେ ଧୂଳି ଦେଇ, ଆତ୍ମସମ୍ମାନ, ମାନ ମର୍ଯ୍ୟାଦା ପଛକୁ ଠେଲି ସେ ବିପଦ ମଧ୍ୟରେ ଯାଇଛି ମାତ୍ର ଫେରି ଆସିବା ପରେ ପୁନର୍ବାର ମନ୍ତ୍ରୀପୁଅଠୁ ସବୁକଥା ଶୁଣି ଦୟା ବଦଳରେ କ୍ରୋଧରେ ଜର୍ଜରିତ ହୋଇଯାଇଛି ।

(ଟ) ମନ୍ତ୍ରୀ ପୁଅ ବୁଦ୍ଧି ବଳରେ କିପରି କଏଦୀଖାନାକୁ ଗଲା ?

ଉ.: ପାଠ୍ୟାଂଶଟି 'ଝେଲମ୍ ନଦୀରେ ସଂଧ୍ୟା' ବିଷୟର ଏକ ଅଂଶ ବିଶେଷ । ଏହାର ଲେଖକ କୁଞ୍ଜ ବିହାରୀ

ଦାଶ । ମନ୍ତ୍ରୀ ପୁଅ ବନ୍ଦୀ ଗୃହରେ ଥିବା ରାଜାପୁଅ ଓ ରାଜା ଝିଅ ପାଖକୁ ଯିବାପାଇଁ ପୁରୁଷ ବେଶ ଛାଡ଼ି ବୁଢ଼ୀ ବେଶ ଧାରଣ କରିଛି । ଅଣ୍ଟାରେ ଚୋକେଇ, ହାତରେ ବାଡ଼ି ଧରି ଅନ୍ଧୁଣୀର ଅଭିନୟ କରି କହିଛି ଯେ ଧନ ଦରବ କ'ଣ ହେବ ? କଏଦୀମାନେ ଘର ଦୁଆର ଛାଡ଼ି କେଡ଼େ ହୀନିମାନରେ ଅଛନ୍ତି, ଧର୍ମ ହେବ କଇଲାଣ ହେବ ଭାବି ଆଣିଛି । ମନ୍ତ୍ରୀ ପୁଅ ଅଭିନୟରେ ସତ କଥା ବୋଲି ଭାବି ତାକୁ ଭିତରକୁ ଜଗୁଆଳି ଛାଡ଼ି ଦେଇଛି ।

(ଠ) ରାଜଜେମା ବିଭାଘର ପାଇଁ ରାଜଧାନୀ କିପରି ସଜ୍ଜିତ ହୋଇଛି ?

ଉ.: ବିଷୟଟି 'ଝେଲମ୍ ନଦୀରେ ସଂଧ୍ୟା' । ଲେଖକ କୁଞ୍ଜ ବିହାରୀ ଦାଶଙ୍କ ଭ୍ରମଣ କାହାଣୀରୁ ଆସିଅଛି । କଏଦୀଖାନାକୁ ରାଜା ଯାଇ ଏସବୁ ଘଟଣା ମିଛ ବୋଲି ଜାଣିବା ପରେ ରାଜଜେମାର ବିବାହ ସ୍ଥିର କରିଛନ୍ତି । ରାଜଧାନୀରେ ମଣିମାଣିକ୍ୟ ଖଞ୍ଜା ହୋଇ ସୁନାର ତୋରଣ ବନ୍ଧା ହେଲା । ଦ୍ୱାରେ ଦ୍ୱାରେ କଦଳୀ ଗଛ ପୋତା ହେଲା । ପୂର୍ଣ୍ଣକୁମ୍ଭ ରଖାଗଲା । ବାଇଦ, ବରକାଠ ବାଜିଲା ଇତ୍ୟାଦି ।

(ଡ) ରାଜାପୁଅ ମନ୍ତ୍ରୀ ପୁଅ ନିଜ ରାଜ୍ୟରେ ପହଞ୍ଚିବା ପରେ ବାପ ମା' କ'ଣ କଲେ ?

ଉ.: ପଠିତାଂଶଟି 'ଝେଲମ୍ ନଦୀରେ ସଂଧ୍ୟା' ବିଷୟର ଏକ ଅଂଶ ବିଶେଷ । ଏହା ଏକ ଭ୍ରମଣ କାହାଣୀ ଓ ଲେଖକ କୁଞ୍ଜ ବିହାରୀ ଦାଶ । ରାଜାପୁଅ ମନ୍ତ୍ରୀ ପୁଅ କୌଶଳରେ ଖସି ଆସି ରାଜଜେମା ଓ ରାଜାଭଉଣୀଙ୍କୁ ନେଇ ନିଜ ରାଜ୍ୟରେ ପହଞ୍ଚିବା ପରେ ବାପା ମା'ଙ୍କର ମନ ଆନନ୍ଦିତ ହେଲା । ପୁଅମାନଙ୍କ ସାଙ୍ଗରେ ବୋହୂମାନଙ୍କୁ ଦେଖି ସେମାନଙ୍କ ଖୁସି କହିଲେ ନସରେ ଯାହା ସେମାନେ ସ୍ୱପ୍ନରେ ଭାବିନଥିଲେ ତାହା ହେଇଛି । ବେଦୀ ଗଢ଼ା ହେଲା । ବାଣନିଶାଣ ଖଞ୍ଜା ଗଲା । ରାଜ୍ୟସାରା ମଉଚ୍ଛା ଲାଗିଲା । ଖୁବ୍ ସମାରୋହରେ ବିବାହ ସମାପ୍ତ ହେଲା ।

**୫. ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ । ପ୍ରଶ୍ନର ମୂଲ୍ୟ ୫ ନମ୍ବର । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୧୫୦ ଶବ୍ଦରେ ଦେବାକୁ ହେବ ।**

(କ) 'ଝେଲମ୍ ନଦୀରେ ସନ୍ଧ୍ୟା'ରେ ଲେଖକଙ୍କର ଚିନ୍ତାଧାରା କିଭଳି ପ୍ରତିଫଳିତ ହୋଇଛି – ଆଲୋଚନା କର ।

ଉ.: 'ଝେଲମ୍ ନଦୀରେ ସଂଧ୍ୟା' ବିଷୟଟି ଏକ ସାର୍ଥକ ଭ୍ରମଣ କାହାଣୀ 'ମୋ ସ୍ୱପ୍ନର କାଶ୍ମୀର' ପୁସ୍ତକର ଏକ ଅଂଶବିଶେଷ । ଡଃ କୁଞ୍ଜ ବିହାରୀ ଦାଶ କବି, ଔପନ୍ୟାସିକ ଭାବରେ ହେବିକି ପ୍ରସିଦ୍ଧି ଅର୍ଜନ କରିନାହାନ୍ତି ଜଣେ ସଫଳ ଓ ସାର୍ଥକ ଗବେଷକ, ଆଲୋଚକ ତଥା ଭ୍ରମଣକାହାଣୀ ଲେଖକ ଭାବେ ତା'ଠାରୁ ଅଧିକ ଖ୍ୟାତି ଅର୍ଜନ କରିଛନ୍ତି । ଝେଲମ୍ ନଦୀରେ ସନ୍ଧ୍ୟା ବିହାର ଦେଲେ ତାଙ୍କ କବି ସୁଲଭ ମନକୁ କାଶ୍ମୀରର ସୁନ୍ଦର ଶ୍ରୀନଗର ଓ ଧମନୀର ଚଞ୍ଚଳ ପ୍ରବାହ ଝେଲମ୍ ନଦୀର ଖେଳା ଅବିର୍ଭୂତ କରିଛି । ବାସ୍ତବିକ୍ କାଶ୍ମୀର ଭାରତର ଭୂସର୍ଗ ସେ ଅନୁଭବ କରିଛନ୍ତି । ସନ୍ଧ୍ୟା ସମୟରେ ନୌକା ବିହାର ଆରମ୍ଭରୁ ପରିସମାପ୍ତି ଭିତରେ ଶୋଭା ବର୍ଣ୍ଣନା ସହିତ ଏକ କାଶ୍ମୀର ଲୋକକଥାକୁ ସୁନ୍ଦର ଭାବରେ ଖଞ୍ଜି ଦେଇ ଭ୍ରମଣ କାହାଣୀଟିକୁ ସାର୍ଥକ ରୂପ ପ୍ରଦାନ କରିଛନ୍ତି ।

ଲେଖକ ନଦୀର ବର୍ଣ୍ଣନା ସହିତ ଶ୍ରୀନଗର ଦୈନନ୍ଦିନ ଜୀବନ ଜୀବିକାକୁ ଖଞ୍ଜି ଦେଇଛନ୍ତି । ତାଙ୍କ ଦୃଷ୍ଟିରେ ଝେଲମ୍ ନଦୀ ଶ୍ରୀନଗରର ମା' । ମା' କୋଳରେ ପିଲା ବଢ଼ିବା ପରି ଝେଲମ୍ ନଦୀ କୋଳରେ ଶ୍ରୀନଗରବାସୀ ଲାଳିତ ପାଳିତ ହୋଇଛନ୍ତି । ଝେଲମ୍ ନଦୀ ଯାହା କୋଳରେ ଲେଖକ ନୌକାବିହାର କରିଛନ୍ତି ତା'ରି ଶୋଭାରାଜିକୁ

ନେଇ ସେ ନିଜର ପ୍ରଥମ ଅନୁଭୂତିକୁ ରୂପ ଦେଇଛନ୍ତି । ସୁରମ୍ୟା ସୁନାବ୍ୟା, ଶ୍ରୀନଗରର ପ୍ରଧାନ ରକ୍ତବାହୀ ଧମନୀ ଏଇ ଝେଲମ୍ ନଦୀ । କାଶ୍ମୀର ରଙ୍ଗମଞ୍ଚର ସେ ଶ୍ରେଷ୍ଠ ନର୍ତ୍ତକୀ । ପୂର୍ଣ୍ଣଗର୍ଭା ଜଳ କଳକଳ ନାଦ, ନୀଳଜଳରାଶୀ ବଙ୍କେଇ ବଙ୍କେଇ ସମସ୍ତ ଶ୍ରୀନଗର ଅଞ୍ଚଳକୁ ତା'ର ପଣତରେ ସ୍ପର୍ଶ କରିଯାଇଛି । ଏସବୁ ଦୃଶ୍ୟ ଲେଖକ ଗୋଟିଏ ଛୋଟ ନିକାରା ବା ନୌକା ଉପରେ ବସି ଉପଭୋଗ କରିଛନ୍ତି ।

ନୌକା ଓ ନାବିକ, ହାଁଜି ଓ ଶିକାରାର ବର୍ଣ୍ଣନା ବି ବଡ଼ ବିଚିତ୍ର । ଛୋଟିଆ ନୌକାଟିର ମଖମଲ ଗଦିର ଚୌକି, ଯେଉଥିରେ ଚାରିଜଣ ବସିପାରିବେ । ନୌକା ଚାରିଖମ୍ଭରେ ଚାନ୍ଦୁଆ ଓ ନାଲି ନେଳି କାଗଜ ସେ ପୁଣି ପବନରେ ଅଧା ଅଧା ଉଡ଼ିବାର ଦୃଶ୍ୟ ପତାକାର ଭ୍ରମ ସୃଷ୍ଟି କରିଛି । ନଦୀର ଦୁଇପାର୍ଶ୍ୱର ସ୍ଥଳଭାଗକୁ ସଂଯୋଗ ପାଇଁ ସାତଗୋଟି କାଠ ନିର୍ମିତ ସେତୁ । ସେ ସେତୁ ନୁହେଁ ଐତିହାସିକ ପ୍ରତିମୂର୍ତ୍ତି । ଦୁଇପାର୍ଶ୍ୱରେ ବଡ଼ ବଡ଼ ବ୍ୟାଙ୍କ, ବ୍ୟବସାୟ, ପ୍ରତିଷ୍ଠାନ, ବିଦ୍ୟାଳୟ, କାରଖାନା, ହୋଟେଲ, ମନ୍ଦିର, ମସଜିଦ୍, ଗୋଦାମ୍ ଓ ଅହରହ ଯାତ୍ରୀ ଆଉ ବାଣିଜ୍ୟ ତରୀ ସନ୍ଧ୍ୟାଟିକୁ ଚଳଚଞ୍ଚଳ କରିଛନ୍ତି । ପୁଣି କେଉଁଠି ଘରଣୀ ହାଉସ୍ ବୋଟ୍ ଓଳେଇବା ଦୃଶ୍ୟ, ତୁଠରେ ପ୍ରୌଢ଼ାଟିର ପିଟଣା ବାଡ଼ିରେ ଲୁଗା ସଫା, ଖଲାସିର ବୋଟରୁ ଜିନିଷବୁହା, କୂଳରେ ପଠାଣ ବୁଢ଼ାର ଧୂଆଁ ପିଆ, ଛେଳି ଜଗୁଆଳ ଛୁଆ ଛେଳି ପଲ ନେଇ ଫେରିବା ଓ ଛାଣ୍ଟକାଟ ଯୁବକର ବେପରୁଆ ସିଗାରେଟ୍ ଟଣା ଭାବବି ଲେଖକଙ୍କ 'ଆଖି'ରୁ ବାଦ୍ ଯାଇ ନାହିଁ ।

ଠିକ୍ ଏହି ସମୟରେ ସନ୍ଧ୍ୟା ଆକାଶରେ ମେଘ ଏ ଶୋଭାକୁ ଦ୍ୱିଗୁଣିତ କରିଛି । ବିରଳ ସେ ମେଘ, ମେଘ ପରେ ଆକାଶ, ଆକାଶ ପରେ ମେଘ, ସୂର୍ଯ୍ୟ ନଇଁବାର ଦୃଶ୍ୟ ସତେ ଯେମିତି ତା'ର କନକ ହାତର କୁହୁକ ସ୍ପର୍ଶରେ ମନ ଭିତରେ ଚଞ୍ଚଳତା ସେ ଭରି ଦେଇଛି । ଲେଖକଙ୍କ ଦୃଷ୍ଟିରେ ତରଳ ସୁବର୍ଣ୍ଣ ସ୍ରୋତରେ ସୁବର୍ଣ୍ଣତରୀ, ସେଥିରେ ବସିଲା ସନ୍ଧ୍ୟା, କାଶ୍ମୀର କିଶୋରୀ ପରି ସୁନ୍ଦରୀ । ତାପରେ ଇନ୍ଦ୍ରଜାଲ ବଳରେ ତା ବାହୁକୁ ଲକ୍ଷେ ଗୁଣ କରି ଲମ୍ବେଇ ଦେଲା ସୁଦୂର ଶୈଳକୁ, ବୃକ୍ଷେ ବୃକ୍ଷେ ଫୁଟାଇଲା ଅଗ୍ନିର ଫୁଲ, ତୃଷାରେ ତୃଷାରେ ଜାଳିଦେଲା ଲୋହିତ ହୁତାଶ ! କବି ସୁଲଭ ଏହି ବର୍ଣ୍ଣନାରୁ ଲେଖକ ଭାବୁକ ମନର ଉଦ୍‌ବେଳନ ବାରି ହୋଇପଡ଼େ । ସମଗ୍ର ଶ୍ରୀନଗରର ସେଦିନ ସନ୍ଧ୍ୟା ହିମାଦ୍ରିର ସହସ୍ର ଶୃଙ୍ଗକୁ ସିନ୍ଦୂରିତ କରି ଶେଷରେ ଗୋଟିଏ ବିନ୍ଦୁ ହୋଇ ଲିଭି ଯାଇଛି । ମୋଟ ଉପରେ ଏହା ଏକ ଭାବପ୍ରବଣ, କବି ସୁଲଭ, ଦାର୍ଶନିକ ଅଭିବ୍ୟକ୍ତିର ମନ୍ମୟ ପରିପ୍ରକାଶ ।

(ଖ) ସନ୍ଧ୍ୟା ସମୟରେ ଶ୍ରୀନଗରର ପ୍ରାକୃତିକ ଶୋଭାକୁ ଲେଖକ କିଭଳି ବର୍ଣ୍ଣନା କରିଛନ୍ତି ?

ଉ.: 'ଝେଲମ୍ ନଦୀରେ ସଂଧ୍ୟା' ଲେଖକ ଡଃ କୁଞ୍ଜ ବିହାରୀ ଦାଶଙ୍କର ଶ୍ରେଷ୍ଠ ଭ୍ରମଣ କାହାଣୀ ପୁସ୍ତକ 'ମୋ ସ୍ୱପ୍ନର କାଶ୍ମୀର' ପୁସ୍ତକରୁ ଗୃହୀତ ହୋଇଛି । ତାଙ୍କର ସରଳ, ନିରାଡ଼ମ୍ବର ଭାଷାଶୈଳୀ, ବର୍ଣ୍ଣନା ଚାତୁରୀରେ ବିବିଧତା, କାବ୍ୟସୁଲଭ ଶୈଳୀ ଓ ଉପଯୁକ୍ତ ଚରିତ୍ର ବିନ୍ୟାସ ତାଙ୍କୁ ଶ୍ରେଷ୍ଠ ସାହିତ୍ୟିକର ମାନ୍ୟତା ପ୍ରଦାନ କରିଛି । ପରିପକ୍ୱ ଚିନ୍ତାଧାରା, ବିବିଧ ଅନୁଭୂତି ଓ ବିଦେଶ ଭ୍ରମଣରୁ ଯେଉଁ ତଥ୍ୟ ସେ ସଂଗ୍ରହ କରିଛନ୍ତି ତାକୁ ନିଜସ୍ୱ ଶୈଳୀରେ ଉପସ୍ଥାପିତ କରିଛନ୍ତି ଯେଉଁଥିପାଇଁ ସେ ଚିର ସ୍ମରଣୀୟ ।

ପ୍ରକୃତି ପ୍ରତ୍ୟେକ ସ୍ରଷ୍ଟାର ଶ୍ରେଷ୍ଠ ସମ୍ପଦ । ପ୍ରକୃତିକୁ ବାଦ୍ ଦେଇ ସୃଷ୍ଟି ପାଇଁ ଉପାଦାନ ପ୍ରୟୋଗ କରିବା କାଠିକର ପାଠ । ପ୍ରକୃତି କବି ଓ କବିତ୍ୱକୁ, ଉପନ୍ୟାସ ଓ ଔପନ୍ୟାସିକକୁ, ଗଳ୍ପ ଓ ଗାଳ୍ପିକକୁ, ସାହିତ୍ୟ ଓ ସାହିତ୍ୟିକକୁ ଶ୍ରେଷ୍ଠତ୍ୱ ପ୍ରଦାନ କରିବାକୁ ଶ୍ରେଷ୍ଠ ସମ୍ପଦ ଭାବେ ସାହାଯ୍ୟ କରିଥାଏ । ଯାହା "ଝେଲମ୍ ନଦୀରେ ସନ୍ଧ୍ୟା ନାମକରଣ ଓ ବିଷୟ ବସ୍ତୁରୁ ପ୍ରମାଣ ମିଳିଛି । ପ୍ରକୃତିର ବର୍ଣ୍ଣନାକୁ ବାଦ୍‌ଦେଇ ଖାଲି ଲୋକଗଳ୍ପଟି ଭିତରେ ସୀମିତ ଝେଲମ୍ ନଦୀର ସନ୍ଧ୍ୟା ବିଷୟଟି ଅର୍ଥହୀନ । ତେଣୁ ଲେଖକ ଆରମ୍ଭରୁ ସୌନ୍ଦର୍ଯ୍ୟର ପିରାମିଡ୍ କାଶ୍ମୀର ଓ କାଶ୍ମୀର ସୌନ୍ଦର୍ଯ୍ୟକୁ ବୃଦ୍ଧି କରିଥିବା

ଶ୍ରୀନଗର ଓ ଶ୍ରୀନଗରର ଶ୍ରୀ ବୃଦ୍ଧି କରିଥିବା ଝେଲମ୍ ନଦୀକୁ ମୁଖ୍ୟ କଥାବସ୍ତୁ ରୂପେ ନେଇଛନ୍ତି । ଝେଲମ୍ ନଦୀର ପୂର୍ଣ୍ଣଗର୍ଭା ରୂପ, କଳକଳ ଧ୍ୱନି, ନୀଳ ଗାଢ଼ ଜଳରାଶି, ବଙ୍କେଇ, ବଙ୍କେଇ କାୟା ବିସ୍ତାର ମଧ୍ୟରେ ପ୍ରକୃତି ପୁଣି ସୂର୍ଯ୍ୟ ଅସ୍ତ ହେବା ପୂର୍ବର ଦୃଶ୍ୟ ବର୍ଣ୍ଣନା ଓ ମେଘାଚ୍ଛନ୍ନ ଆକାଶର ରୂପ ଆଦି ପ୍ରକୃତି ବର୍ଣ୍ଣନାର ଚରମସୀମା ଛୁଇଁପାରିଛି ।

ଏଇସବୁ ଦୃଶ୍ୟ ବର୍ଣ୍ଣନା ବେଳେ କ୍ଷଣିକ ପାଇଁ ନିରସ ପାଠକକୁ ଭାବୁକ ହେବାକୁ କବି ବାଧ କରିଛନ୍ତି । ଲେଖାରେ, ଶୈଳୀରେ, ବର୍ଣ୍ଣନା ଚାତୁରୀରେ ଓ କବିତ୍ୱ ଭାବରେ କ୍ଷଣିକ ପାଇଁ ବାନ୍ଧି ରଖିଛନ୍ତି । ତୁଷାରେ ତୁଷାରେ ଜାଳିଦେଲା ଲୋହିତ ହୁତାଶ, ବୃକ୍ଷରେ ବୃକ୍ଷରେ ଫୁଟିଲା ଅଗ୍ନିର ଫୁଲ, ଶୃଙ୍ଗେ ଶୃଙ୍ଗେ ମେଘର ଦୂତଶୃଙ୍ଗ, ଚିନାର ଆଉ ସଫେଦ । ବୃକ୍ଷ ଉପରେ ପକ୍ଷୀର ସୁବର୍ଣ୍ଣ କଳସ, ଏସବୁ ବର୍ଣ୍ଣନାରେ ବାସ୍ତବିକ୍ ସନ୍ଧ୍ୟାର ମହିମାରେ ମହିମାମୟ ହୋଇଉଠିଛି ଲେଖକର ଲେଖନୀ ।

ଲେଖକ ଶ୍ରୀ କୁଞ୍ଜ ବିହାରୀ ଦାଶଙ୍କର ପ୍ରକୃତି ବର୍ଣ୍ଣନାକୁ ନାଟକର ଗୋଟିଏ ଅଙ୍କ ପରେ ଆଉ ଗୋଟିଏ ଉତ୍କଣ୍ଠାପୂର୍ଣ୍ଣ ଅଙ୍କ ଦେଖିବାକୁ ଦର୍ଶକ ଚାହିଁରହିବା ଭଳି ପାଠକର ମନ ସ୍ୱତଃ ଉତ୍କଣ୍ଠାରେ ଭରିଯାଇଛି । ଝେଲମ୍ ନଦୀର ସନ୍ଧ୍ୟା ରମଣୀୟ, କମନୀୟ ଓ ସୌନ୍ଦର୍ଯ୍ୟର ଐନ୍ଦ୍ରଜାଲ ପାଠକ ହୃଦୟରେ ଭରିଦେଇଛି ।

**(ଗ) ଏକ ସାର୍ଥକ ଭ୍ରମଣ କାହାଣୀ ଭାବରେ 'ଝେଲମ୍ ନଦୀରେ ସନ୍ଧ୍ୟା' ପ୍ରବନ୍ଧକୁ ବିଚାର କର ।**

ଉ.: ଓଡ଼ିଆ ସାହିତ୍ୟର ଯଶସ୍ୱୀ ସ୍ରଷ୍ଟା ହେଉଛନ୍ତି ଡଃ କୁଞ୍ଜ ବିହାରୀ ଦାଶ । ସେ ଏକାଧାରରେ ଜଣେ ଉଚ୍ଚକୋଟୀର ସଫଳ ସାହିତ୍ୟିକର ମର୍ଯ୍ୟାଦା ଲାଭ କରିଛନ୍ତି । ସାହିତ୍ୟର ସମସ୍ତ ଦିଗକୁ ଲେଖନୀ ଚାଳନା କରି ସେ ସମାଜକୁ ନୂତନ ବାର୍ତ୍ତା ପ୍ରଦାନ କରିଯାଇଛନ୍ତି । କବିଟିଏ, ନାଟ୍ୟକାରଟିଏ, ଗାଳ୍ପିକଟିଏ, ଔପନ୍ୟାସିକଟିଏ ସତମିଛର ଲୁଚକାଳି ଖେଳିଥାଏ । ମାତ୍ର ଗବେଷକ, ଆତ୍ମଜୀବନୀ ଲେଖକ ଓ ଭ୍ରମଣ କାହାଣୀ ଲେଖକ ସତ୍ୟର ସାମ୍ନା କରି ଯାହା ଦେଖେ ଲେଖେ, ଶିଖେ ଓ ଶିକ୍ଷା ଦେଇଥାଏ । ଡଃ କୁଞ୍ଜବିହାରୀ ଦାଶ ତାଙ୍କ ଜୀବନ କାଳଭିତରେ ବହୁ ସାଧନା କରି ସେ ସଫଳତା ଲାଭ କରିଛନ୍ତି ।

ଆଲୋଚ୍ୟ ଭ୍ରମଣ କାହାଣୀ ପାଠ୍ୟାଂଶଟି କାଶ୍ମୀର ଭ୍ରମଣ ସମୟର ଅନୁଭୂତି ଓ କାଶ୍ମୀର ଲୋକକଥାକୁ ନେଇ ରଚିତ । ଯାହାର ଆରମ୍ଭ ପ୍ରକୃତିର ସୁଶୋଭିତ ରୂପଚର୍ଯ୍ୟାରୁ । ଲେଖକ ନିଜ ଅଭିଜ୍ଞତାକୁ ପୁଞ୍ଜିକରି, ମନର ସୂକ୍ଷ୍ମ କୌତୂହଳୀ ଦୃଷ୍ଟିନେଇ ନିଜର ଭ୍ରମଣ ଜନିତ ଅନୁଭୂତିକୁ ରୂପ ଦେଇଛନ୍ତି । କଥା ପ୍ରସଙ୍ଗରେ କାଶ୍ମୀର ଅଞ୍ଚଳର ଶିକ୍ଷା, ସଂସ୍କୃତି, ପ୍ରାକୃତିକ ପରିବେଶ ଓ ଜୀବନଚର୍ଯ୍ୟାକୁ ସାର୍ଥକ ରୂପ ପ୍ରଦାନ କରିଛନ୍ତି । ଝେଲମ୍ ନଦୀ ଏକ ସ୍ୱୟଂସମ୍ପୂର୍ଣ୍ଣା ପୂର୍ଣ୍ଣଗର୍ଭା ସୁଶୋଭିତ ଭଣ୍ଡାର ରୂପେ ତାଙ୍କ ଆଖିରେ ପ୍ରତୀୟମାନ ହୋଇଛି । ଶ୍ରୀନଗରର ଶ୍ରୀରେ ସେ ଅବିଭୂତ ହୋଇଛନ୍ତି । ଝେଲମ୍‌ର ସ୍ଥିତି ଓ ବ୍ୟାପ୍ତିରୁ ଆରମ୍ଭ କରି, ନୌକାର ବର୍ଣ୍ଣନା ଦୁଇ କୂଳର ପ୍ରାକୃତିକ ରୂପକୁ ଖୁବ୍ ସୁନ୍ଦର ଭାବେ ଚିତ୍ରଣ କରିଛନ୍ତି । ସୁନ୍ଦର ଭାଷା, ବିନ୍ୟାସ ଶୈଳୀ, କାବ୍ୟିକ ମାଧୁରୀ ଭ୍ରମଣ କାହାଣୀଟିକୁ ସରସ ସୁନ୍ଦର କରିଛି । ଲେଖକଙ୍କ ଦୃଷ୍ଟିରେ ଝେଲମ୍ କାଶ୍ମୀର ରଙ୍ଗମଞ୍ଚର ପ୍ରଧାନ ନର୍ତ୍ତକୀ । ଶ୍ରୀନଗରର ଶ୍ରୀ ଓ ପ୍ରଧାନ ରକ୍ତବାହୀ ଧମନୀ । ଯାହାକୁ ବାଦ୍ ଦେଇ କାଶ୍ମୀରର ସୌନ୍ଦର୍ଯ୍ୟ ବର୍ଣ୍ଣନା ଅଧୁରା ହେବ ।

ଗୋଟିଏ ଛୋଟିଆ ନୌକା ଓ ନାଉରୀର ବର୍ଣ୍ଣନା କରିବା ବେଳେ ନୌକାର ଯାତ୍ରୀଙ୍କ ବସିବା ପାଇଁ ପଡ଼ିଥିବା ଗଦି, ଚାଦୁଆ, ନାଲିନେଳି କାଗଜ, ନାଉରୀର ରୂପ, ବେଶଭୂଷା ଅତି ବିଚିତ୍ର ଭାବରେ ବର୍ଣ୍ଣିତ । ପ୍ରାଚୀନ ସେତୁଗୁଡ଼ିକର ଦୁଇକୂଳକୁ ସଂଯୋଗୀକରଣ ସେଗୁଡ଼ିକର ନିର୍ମାଣ ଶୈଳୀ, ନାମକରଣ, କଳକାରଖାନା, ବିଦ୍ୟାଳୟ ହୋଟେଲ,

ମନ୍ଦିର, ମସ୍‌ଜିଦ୍, କୂଳ ଲଗା ହାଉସ୍‌ବୋଟ୍, ତୁଠରେ ବୃଦ୍ଧାର ଲୁଗାସଫା, ଛେଳିପଲ, ପଠାଣର ଧୂଆଁ ଖିଆ, ଚଳ ଚଞ୍ଚଳ ବ୍ୟସ୍ତ ମଣିଷ ଓ କଲେଜ ପଢ଼ା ଯୁବକର ବେପରୁଆ ଭାବ ବି ତାଙ୍କ ଆଖିରୁ ବାଦ୍ ଯାଇନାହିଁ । ସବୁଠାରୁ ଆକର୍ଷଣୀୟ ତାଙ୍କ ମେଘମେଦୁର ଆକାଶର ବର୍ଣ୍ଣନା, ତାଙ୍କ ଦୃଷ୍ଟିରେ ସନ୍ଧ୍ୟା ଆସିଛି ଢେଉ ଉପରେ ଗୋଲାପି ପାଦ ଚାଳି । ତା କନକ ହାତର କୁହୁକ ସ୍ପର୍ଶ ଲେଖକ ଅନୁଭବ କରିଛନ୍ତି । ଆଉ କେତେବେଳେ ତାଙ୍କ ଦୃଷ୍ଟିରେ ସେ ସନ୍ଧ୍ୟା କାଶ୍ମୀର କିଶୋରୀ ପରି ସୁନ୍ଦର । ଝେଲମ୍‌ର ପୂର୍ଣ୍ଣଗର୍ଭା ଜଳରେ ନୌକାର ଯାତ୍ରାକୁ ଆମୋଦଦାୟକ କରିବାକୁ ହାଁଜି ମୁହଁରେ ଶୁଣାଇଛନ୍ତି ପରୀ ରାଇଜର କାହାଣୀ ପରି ରାଜପୁଅ, ମନ୍ତ୍ରୀପୁଅ ଗପ ଓ ଉତ୍କଣ୍ଠାପୂର୍ଣ୍ଣ ମିଳନରେ ପରିସମାପ୍ତି । ଯଥାର୍ଥରେ ଝେଲମ୍ ନଦୀର ସନ୍ଧ୍ୟା ଏକ ପରିପୂର୍ଣ୍ଣ ସାର୍ଥକ ଭ୍ରମଣ କାହାଣୀର ମାନ୍ୟତା ପାଇ ପାରିଛି ।

**(ଘ) ବୁଦ୍ଧି ହେଉଛି ବଳ, ପଠିତ ରଚନାରୁ ଏହାର ସତ୍ୟତା ବିଚାର କର ।**

ଉ.: ଡଃ କୁଞ୍ଜ ବିହାର ଦାସ ଥିଲେ ଯଥାର୍ଥରେ ସାହିତ୍ୟ ସାଧକ । ସାହିତ୍ୟ ସାଧନା, ତାଙ୍କ ଦୈନନ୍ଦିନ ଜୀବନର ସୂଚୀପତ୍ର । ଯାହା ଫଳରେ ଏହି ନିଷ୍ଠାପର ସାହିତ୍ୟ ସାଧକ କବିତା, ସମାଲୋଚନା, ଗବେଷଣାଗ୍ରନ୍ଥ, ଜୀବନୀ, ଭ୍ରମଣ କାହାଣୀ ଓ ରମ୍ୟରଚନା ଆଦି ବହୁ ଦିଗକୁ ନିଜ ଲେଖନୀକୁ ବିସ୍ତୃତ କରିପାରିଛନ୍ତି । 'ଓଡ଼ିଆ ଲୋକଗୀତ ଓ ଲୋକ କାହାଣୀ' ତାଙ୍କର ଏକ ଅମୂଲ୍ୟ ଗ୍ରନ୍ଥ ଓ ତାଙ୍କ କଷ୍ଟଲବ୍ଧ ସାଧନାର ଫଳ । ଲେଖକଙ୍କ ଦୃଷ୍ଟିରେ "ଯେଉଁ ସାହିତ୍ୟକୁ ମହାନ ବିଦ୍ୱାନଠାରୁ ଗଣ୍ଡମୂର୍ଖ ପର୍ଯ୍ୟନ୍ତ ସମସ୍ତେ ବୁଝିପାରନ୍ତି ତାହାକୁ 'ଲୋକ ସାହିତ୍ୟ' କହନ୍ତି । ଅର୍ଥାତ୍ ତାଙ୍କର ସୃଷ୍ଟି 'କଳା ପାଇଁ କଳା'ର ପୂଜାରୀ ରୂପେ ପ୍ରତୀୟମାନ ହୋଇଛି ।

ଆଲୋଚନାର ପାଠ୍ୟାଂଶଟିରେ ଲେଖକ ଝେଲମ୍ ନଦୀରେ ସନ୍ଧ୍ୟା ଭ୍ରମଣ ସମୟରେ ଭ୍ରମଣ ଜନିତ କ୍ଳାନ୍ତି ଦୂର କରିବା ପାଇଁ ହାଁଜି (ନାଉରୀ)କୁ ଗୋଟିଏ ଗଳ୍ପ କହିବା ପାଇଁ କହିଛନ୍ତି । ଅର୍ଥାତ୍ ନାଉରୀ ମୁହଁରେ ଲେଖକ ନିଜେ ବିଷୟ ବସ୍ତୁଟି ଭିତରେ ଗୋଟିଏ ସୁନ୍ଦର କାଶ୍ମୀର ଲୋକକଥାର ଅବତାରଣା କରିଛନ୍ତି । ଗଳ୍ପଟିରେ ନିଜ ବୁଦ୍ଧି ବଳରେ ମନ୍ତ୍ରୀପୁଅ କିପରି ରାଜାପୁଅ, ରାଜକନ୍ୟାକୁ କଏଦୀ ଖାନାରୁ ମୁକୁଳାଇ ମିଳିତ କରାଇଛି ଓ ନିଜେ ମୁକୁଳିଛି ତା'ର କେତେଗୁଡ଼ିଏ ରୋଚକ ତଥ୍ୟ ଉପସ୍ଥାପନ କରିଛନ୍ତି । ନାଉରୀ ଗଳା ସଫା କରି ଗପ ଆରମ୍ଭ କରିଛି ଯେ ଏକାଥରେ ଶେଷ କରିଛି । ରାଜାପୁଅ ମନ୍ତ୍ରୀପୁଅ ଦୁଇଟି ଘୋଡ଼ାରେ ଚଢ଼ି ରାଜକନ୍ୟା ଅନୁସନ୍ଧାନରେ ବାହାରିଛନ୍ତି । ରାଜନଅର ପାଖରେ ପହଞ୍ଚି ଜଗୁଆଳି ଆଖିରେ ଧୂଳିଦେଇ ରାଜନଅର ଭିତରେ ପ୍ରବେଶ କରିଛନ୍ତି । ମାତ୍ର ରାଜଜେମା ଏମାନଙ୍କୁ ଦେଖି ଦୌଡ଼ି ପଳାଇଛି ।

ମନ୍ତ୍ରୀ ପୁଅ ଉପାୟ ଚିନ୍ତା କରି ଗୋଟିଏ ପିଠା ବିକାଳି ଘରେ ରହିଛି । ପିଠା ବିକାଳିକୁ ଧନସମ୍ପଦ ଦେଇ ଫୁସୁଲାଇ ଧୀରେ ଧୀରେ ନିଜର କରିଛି । ନିଜର ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ନିଜ ହାତର ସୁନ୍ଦର ସୁଆଦିଆ ପିଠାକରି ରାଜଜେମା ପାଖକୁ ପିଠା ବିକାଳି ହାତରେ ପଠେଇଛି । ରାଜଜେମା ପିଠାର ସ୍ୱାଦ ବାରି ପିଠା ବିକାଳିକ ପଚାରିବା ପରେ ସବୁ ସତକଥା ସେ ମାନିଯାଇଛି । ରାଜଜେମା ଦ୍ୱାରା ମନ୍ତ୍ରୀପୁଅ ନିମନ୍ତ୍ରିତ ହୋଇଛି । ରାଜଜେମାଙ୍କୁ ରାଜାପୁଅ ସମ୍ପର୍କରେ କହିବା ପରେ ରାଜଜେମା ମିଳିତ ହେବା ପାଇଁ ଦିନଧାର୍ଯ୍ୟ କରିଛି । ମାତ୍ର ରାଜାପୁଅ ସଙ୍ଗେ ରାଜଜେମା ମିଳିତ ହେବା ସମୟରେ ଜଗୁଆଳି ଜାଣିପାରି ଖବର ପ୍ରଘଟ କରିଛି, ଯାହା ଫଳରେ ଦୁହେଁ ବନ୍ଦୀ ହୋଇଛନ୍ତି । ସେମାନଙ୍କୁ ମୁକୁଳାଇବା ପାଇଁ ପୁଣି ପିଠା ବିକାଳି ବୁଢ଼ୀ ବେଶ ଧାରଣ କରି ମନ୍ତ୍ରୀପୁଅ ନିଜେ କଏଦୀ ଖାନାରେ ପଶି ରାଜାଝିଅକୁ ମୁକୁଳାଇଛି । ରାଜାଝିଅ ପଳେଇ ଆସିବା ପରେ ଦୁଇଟି ପୁରୁଷ ଲୋକ ଦେଖି ରାଜା ଭୁଲ ନିଷ୍ପତ୍ତି ପାଇଁ କଟୁଆଳର ମୁଣ୍ଡକାଟ କରିଛନ୍ତି । ରାଜା ଆସିବା ପର୍ଯ୍ୟନ୍ତ ମନ୍ତ୍ରୀ ପୁଅ ସେଇ ନାରୀ ବେଶରେ ରହିଛି

କାରଣ ଏହା ଦେଖିଲେ ହିଁ ରାଜା ଜାଣିବେ ଯେ ଏ ନାରୀ ନୁହେଁ ନାରୀ ବେଶରେ ପୁରୁଷ । ପୁଣି ଅନ୍ଧାର ଭିତରେ ପାହାଡ଼ିଆ ଜଙ୍ଗଲ ରାସ୍ତାରେ ମନ୍ତ୍ରୀପୁଅ ରାଜଜେମା ବେଶ ଧାରଣ କରି ରାଜଜେମାଙ୍କୁ ଉଦ୍ଧାର କରିଛି । ରାଜାଙ୍କ ଭଉଣୀକୁ ମଧ୍ୟ ବୁଦ୍ଧି ଓ ପ୍ରେମ ଫାଶରେ ଆବଦ୍ଧ କରି ଖସି ପଳେଇ ଆସିଛି । ଏସବୁ ମନ୍ତ୍ରୀ ପୁଅର ବିଚକ୍ଷଣ ବୁଦ୍ଧି ବଳରେ ହିଁ ସମ୍ଭବ ହୋଇଛି । ବୁଦ୍ଧି ହିଁ ଯଥାର୍ଥରେ ଅସଲ ବଳ ଏକଥାଟିକୁ କଥାବସ୍ତୁଟିରେ ପ୍ରମାଣିତ କରାଯାଇଛି ।

(ଙ) ଲେଖକଙ୍କୁ ଅନୁସରଣ କରି ଝେଲମ୍ ନଦୀରେ ସନ୍ଧ୍ୟା ଦୃଶ୍ୟ ନିଜ ଭାଷାରେ ଲେଖ ।

ଉ.: ('କ' ଓ 'ଖ' ଦୀର୍ଘ ପ୍ରଶ୍ନୋତ୍ତରର ପାଠ୍ୟ ଦ୍ରଷ୍ଟବ୍ୟ)

(ଚ) ଗଳ୍ପ ହିଁ ମଣିଷର କ୍ଳାନ୍ତିକୁ ଦୂର କରାଏ – ଏହା ପଠିତ ପ୍ରବନ୍ଧ 'ଝେଲମ୍ ନଦୀରେ ସନ୍ଧ୍ୟା' ଅନୁସରଣରେ ବର୍ଣ୍ଣନା କର ।

ଉ.: ଆଲୋଚିତ ବିଷୟଟି ଝେଲମ୍ ନଦୀରେ ସନ୍ଧ୍ୟା ବିଷୟବସ୍ତୁରୁ ଆନୀତ । ଏହାର ଲେଖକ ଡଃ କୁଞ୍ଜ ବିହାରୀ ଦାଶ । ଅନନ୍ୟ ପ୍ରତିଭା ଧାରୀ ଏହି ସାହିତ୍ୟିକଙ୍କର କୃତି ମଧ୍ୟ ଅସାମାନ୍ୟ । ପ୍ରବନ୍ଧ, ଗଳ୍ପ, ଅନୁବାଦ ସାହିତ୍ୟ, ସମାଲୋଚନା, ଭ୍ରମଣ କାହାଣୀ, ଆତ୍ମଜୀବନୀ ଓ ଗବେଷଣାଗ୍ରନ୍ଥ ରଚନା କରି ସେ ବହୁମୁଖୀ ପ୍ରତିଭାର ପରିଚୟ ବହନ କରିଛନ୍ତି । ତାଙ୍କର ରଚିତ ଏହି ବିଷୟଟି ଏକ ଭ୍ରମଣ କାହାଣୀ ଓ ଏହା 'ମୋ ସ୍ୱପ୍ନର କାଶ୍ମୀର' ଭ୍ରମଣ ବୃତ୍ତାନ୍ତର ଅଂଶ ବିଶେଷ । ଏହା ବ୍ୟତୀତ 'ଲଙ୍କାଯାତ୍ରୀ', 'ପଥ ଓ ପଥିକ', 'ୟୁରୋପରୁ ଆମେରିକା, ଆଫ୍ରିକା' ଆଦି ଭ୍ରମଣ କାହାଣୀର ସେ ରଚୟିତା 'ଛିନ୍ନମସ୍ତା', 'ପ୍ରଭାତୀ', 'କଳକଲ୍ଲୋଳ', 'କଥାଟିଏ କହୁଁ', 'ଢଗଢ଼ମାଳି', 'ଜୀବନୀ ଓ ଜୀବନ', 'ଜୀବନାୟନ', ମୋ କାହାଣୀ ଆଦି ସୃଷ୍ଟିରେ ତାଙ୍କ ଲେଖନୀ ଶତମୁଖର ।

କିଛି ଅନୁଭବ, କିଛି କଳ୍ପନା ବା ସତ୍ୟ ଓ ମିଥ୍ୟାର ମଧୁର ସମନ୍ୱୟ ହେଉଛି କ୍ଷୁଦ୍ରଗଳ୍ପ । କାହିଁ କେଉଁ ଆଦିମ କାଳରୁ ଏହା ତା'ର କାୟା ବିସ୍ତାର କରି ଚାଲିଛି । କର୍ମଚଞ୍ଚଳ ମଣିଷ ଅବସର ବିନୋଦନ ପାଇଁ ସ୍ୱଳ୍ପ ସମୟ ଭିତରେ ଏହି ଗଳ୍ପକୁ ପାଠକରି ତୃପ୍ତି ପାଇଥାଏ । "ଝେଲମ୍ ନଦୀରେ ସନ୍ଧ୍ୟା" ସନ୍ଧ୍ୟା ଏକ ପ୍ରାକୃତିକ ବର୍ଣ୍ଣନା ବହୁଳ ରଚନା ମାତ୍ର ଲେଖକ ସୃଷ୍ଟିଟିକୁ ଅଧିକ ରୁଚିପୂର୍ଣ୍ଣ କରିବା ପାଇଁ ଏକ କାହାଣୀ ହାଁଜି (ନାଉରୀ) ମାଧ୍ୟମରେ ଶୁଣାଇଛନ୍ତି ଯାହା ପାଠଟିକୁ ଉପଭୋଗ୍ୟ କରିଛି । ଝେଲମ୍ ନଦୀରେ ନାଉରୀ ଗଭୀର ଜଳ ମଧ୍ୟରେ ନୌକାରେ ଆହୁଲା ମାରି ଚାଲିଥିବା ବେଳେ ସେ ନୀରବ ମୁହୂର୍ତ୍ତକୁ ସରସ କରିବା ପାଇଁ ଏହି କାଶ୍ମୀର ଲୋକ କଥାର ଅବତାରଣା କରାଯାଇଛି । ରାଜାପୁଅ ମନ୍ତ୍ରୀପୁଅ ଭିତରେ ଥିବା ଅନାବିଳ ସମ୍ପର୍କର ବର୍ଣ୍ଣନାରୁ ଗଳ୍ପର ଆରମ୍ଭ । ସାଙ୍ଗ ପାଇଁ ମନ୍ତ୍ରୀପୁଅ ବହୁ ବିପଦପୂର୍ଣ୍ଣ ଯାତ୍ରା କରିଛି । ବୁଦ୍ଧି ବଳରେ ସଫଳ ବି ହୋଇଛି । ରାଜାପୁଅ ରାଜଝିଅକୁ ନପାଇଲେ ପ୍ରାଣ ବିସର୍ଜନ କରିବା ନିଷ୍ପତ୍ତି ନେବାଶୁଣି ମନ୍ତ୍ରୀପୁଅ ରାଜଝିଅର ଠିକଣା ଖୋଜି ପହଞ୍ଚିଛି ରାଜନଗରରେ ।

ଉଡ଼ା ଚଢ଼େଇ ଶିକାରୀକୁ ଦେଖି ଡେଣାମେଲି ଉଡ଼ିଯିବା ପରି ରାଜଝିଅ ପଳାୟନ କରିଛି ମାତ୍ର ମନ୍ତ୍ରୀପୁଅ ବିଚକ୍ଷଣ ବୁଦ୍ଧିର ଜାଲରେ ସେ ଧରା ପଡ଼ିଛି । ସେଥିପାଇଁ ମନ୍ତ୍ରୀପୁଅକୁ ପିଠା ବିକାଳି ଘରେ ରହିବାକୁ ପଡ଼ିଛି ତାକୁ ଧନଦୌଲତ ଦେଇ ନିଜର କରିଛି ଓ ନିଜେ ବୁଢ଼ୀ ପିଠା ବିକାଳି ବେଶ ଧାରଣ କରିଛି । ଅନେକ ଆସନ୍ନ ବିପଦରୁ ସେ ନିଜକୁ ରକ୍ଷା କରିଛି । ବିରହ, ପ୍ରେମ ଓ ବଳିଦାନ ଇତ୍ୟାଦି ମାଧ୍ୟମରେ ଶେଷରେ ମିଳନରେ ପରିସମାପ୍ତି ଘଟିଛି । ରାଜଝିଅ ଅନ୍ୟ ଜଣେ ରାଜାପୁଅ ହାତଧରି ଜଙ୍ଗଲ ରାସ୍ତାରେ ଯାଇଛି । ରାତି ହୋଇଯିବାରୁ ଅଟକିଥିବା ବେଳେ ମନ୍ତ୍ରୀପୁଅ ବୁଦ୍ଧି ବଳରେ ଦୁଇଟି ଯୋଜନାରେ ସଫଳ ହୋଇଛି । ଗୋଟିଏ ରାଜାପୁଅ ମନଲାଖି ରାଜଝିଅର ମିଳନ

ଓ ଅନ୍ୟଟି ନିଜେ ରାଜାଙ୍କ ଭଉଣୀକୁ ପ୍ରେମ ଜାଲରେ ବାନ୍ଧି ନିଜର କରିବା । ଏସବୁ ଘଟଣାର ଅବତାରଣା ବିଷୟ ବସ୍ତୁଟିକୁ ପାଠକ ଭିତରେ ବାନ୍ଧି ରଖିବାର ପ୍ରୟାସ କରାଯାଇଛି । ତାହା ପୁଣି ସରଳ ଓ ଭାବପୂର୍ଣ୍ଣ ବର୍ଣ୍ଣନାଶୈଳୀ ମାଧ୍ୟମରେ । ଯାତ୍ରା ଜନିତ କ୍ଲାନ୍ତି ଓ ନୀରବ ମୁହୂର୍ତ୍ତକୁ ସତେଜ କରିବାର ଏହି ଅଭିପ୍ସା ଲେଖକଙ୍କର ସଫଳ ହୋଇଛି ।

(ଛ) 'ଝେଲମ୍ ନଦୀରେ ସନ୍ଧ୍ୟା' ପ୍ରବନ୍ଧ ନାମକରଣର ସାର୍ଥକତା ପ୍ରତିପାଦନ କର ।

ଉ.: ବାସ୍ତବ ଅନୁଭୂତି ସହିତ କଳ୍ପନା ବିଳାସକୁ ମିଶ୍ରିତ କରି ଲେଖକ କୁଞ୍ଜ ବିହାରୀ ଦାଶ ଏକ ଉଚ୍ଚ କୋଟୀର କଥାବସ୍ତୁର ଅବତାରଣା 'ଝେଲମ୍ ନଦୀରେ ସନ୍ଧ୍ୟା' ବିଷୟରେ କରିଛନ୍ତି । ନଦୀ ତା'ର ଚିରପ୍ରବାହମାନ ଧାରାରେ ପ୍ରବାହିତ । ମାତ୍ର ସ୍ରଷ୍ଟା ଦୃଷ୍ଟିରେ ସେ ବିଚିତ୍ରବର୍ଣ୍ଣା, ଅନନ୍ୟା ସୁଶୋଭିତା, ପରିପୂର୍ଣ୍ଣ ଓ ସୌନ୍ଦର୍ଯ୍ୟମୟୀ । ଏସବୁ ରୂପରେ ଝେଲମ୍ ନଦୀକୁ ଦେଖିଛନ୍ତି ସ୍ରଷ୍ଟା । ଝେଲମ୍ ନଦୀକୁ ଶ୍ରୀନଗରବାସୀଙ୍କ ମା'ରୂପରେ ସ୍ଥାନ ଦେଇଛନ୍ତି ଲେଖକ । କାରଣ ଝେଲମ୍‌କୁ ବାଦ୍‌ଦେଇ ଶ୍ରୀନଗର ଓ କାଶ୍ମୀରର ଶ୍ରୀ ବା ସୌନ୍ଦର୍ଯ୍ୟ ପରିକଳ୍ପନା ଅସମ୍ଭବ । ସମସ୍ତ ଶ୍ରୀନଗରକୁ ଝେଲମ୍‌ର ଅଙ୍କା ବଙ୍କା ସ୍ଥିତି ସୌନ୍ଦର୍ଯ୍ୟ ମଣ୍ଡିତ କରିଛି । କେତେବେଳେ ତା'ର ଭୂମିକା ମା'ତ କେତେବେଳେ ନର୍ତ୍ତକୀ । ଏହି ସୁନ୍ଦର କଥାବସ୍ତୁଟିକୁ ଉପସ୍ଥାପନ ଶୈଳୀରେ ଭରପୁର କରିଛନ୍ତି ସ୍ରଷ୍ଟା । ନୌକାର ବର୍ଣ୍ଣନା ଯେପରି ଚମତ୍କାର ଓ ନାଉରୀର ରୂପବର୍ଣ୍ଣନା ସେପରି ଆମୋଦ ଓ କୌତୂହଳ ପୂର୍ଣ୍ଣ । ଝେଲମ୍ ନଦୀର ଚତୁର୍ଦ୍ଦିଗର ଦୃଶ୍ୟରାଜି ଲେଖକଙ୍କ ଆଖିରୁ ବାଦ୍ ଯାଇନାହିଁ । ଗାଢ଼ନୀଳ ଜଳରାଶି, ସୁନାବ୍ୟା, ପୂର୍ଣ୍ଣଗର୍ଭା ରୂପ ହେଉକି ମଖମଲି ଗଦି, ଚାନ୍ଦୁଆ ଓ ନାଲିନେଳି କାଗଜ ପତକା ହେଉ ଟିକିନିଖି ଦୃଶ୍ୟ ଅତ୍ୟନ୍ତ ମନୋହର ।

ନଦୀର ଦୁଇପଟେ ସଂଯୋଗୀକରଣ କାଠ ନିର୍ମିତ ସୁରମ୍ୟ ସାତଗୋଟିଏ ସେତୁ । ସେଥିରେ ଯାତାୟତ ବ୍ୟସ୍ତ ଯାତ୍ରୀ ଓ ଦୁଇ ପାଖର ବ୍ୟବସାୟ ପ୍ରତିଷ୍ଠାନ ତଥା ଶିକ୍ଷାନୁଷ୍ଠାନ ଆଦି ତା'ର ଶୋଭା ମଣ୍ଡନ କରିଛି । ମେଘ ଆସିବାର ଦୃଶ୍ୟଟି ଅତ୍ୟନ୍ତ ମର୍ମସ୍ପର୍ଶୀ । ଲେଖକଙ୍କ ଦୃଷ୍ଟିରେ ଆକାଶରେ ବିରଳ ମେଘ, ମେଘ ପରେ ଆକାଶ, ଆକାଶ ପରେ ମେଘ ମିଶାମିଶି, ସୂର୍ଯ୍ୟ ଜଳକୁ ନଇଁଲେ, ସନ୍ଧ୍ୟା ଢେଉ ପରେ ଗୋଇପି ପାଦଚାଳି, ସତେ ଆମ ଆଡ଼କୁ ଆସିଲା, ତା'ର କନକ ହାତର କୁହୁକ ସ୍ପର୍ଶରେ ମନ ଚକିତ ଚଞ୍ଚଳ ହେଲା । ତରଳ ସୁବର୍ଣ୍ଣ ଓ ସ୍ରୋତରେ ସୁବର୍ଣ୍ଣ ତରୀ, ସେଥିରେ ବସିଲା ସନ୍ଧ୍ୟା, କାଶ୍ମୀରୀ କିଶୋରୀ ପରିସୁନ୍ଦରୀ । ଏ ସନ୍ଧ୍ୟା ସାଧାରଣ ସନ୍ଧ୍ୟା ନୁହେଁ କାଶ୍ମୀର କିଶୋରୀ ପରିସୁନ୍ଦର । ସନ୍ଧ୍ୟା ଆସନ୍ନ ଜାଣି କୂଳରେ ଥିବା ଗଛ ଉପରେ ପକ୍ଷୀଙ୍କର ବସିବାକୁ ସୁବର୍ଣ୍ଣ କଳସର ଶୋଭା ସହ ତୁଳନା କରିଛନ୍ତି । ମେଘର ବାଷ୍ପ ତୁଷାନଳ ପରି ।

ବାସ୍ତବିକ ବର୍ଣ୍ଣନା ବିଳାସରେ ଶ୍ରୀନଗର ସନ୍ଧ୍ୟା ସମୟ ଝେଲମ୍ ନଦୀରେ ନୌକା ବିହାର ବେଳେ ଏକ ନିର୍ମଳ କବିତ୍ୱର ସ୍ଫୁରଣ ଘଟାଇଛି । ପ୍ରକୃତିର ଅପରୂପ ଶୋଭାରାଜି ସ୍ୱତସ୍ଫୂର୍ତ୍ତ ଭାବେ ପ୍ରତିଫଳିତ ହୋଇଛି । ଝେଲମ୍ ନଦୀରେ ନୌକା ବିହାର ସମୟର ଚିତ୍ର ଉପସ୍ଥାପିତ କରିଥିବାରୁ ନଦୀର ସମସ୍ତ ଉପାଦେୟ ତଥ୍ୟମାନଙ୍କୁ ସ୍ଥାନ ଦେଇ ତା'ର ନାମକରଣ ଝେଲମ୍ ନଦୀରେ ସନ୍ଧ୍ୟା ରଖିଛନ୍ତି ଲେଖକ ।

□□□

# ବିଷୟ : ମଧୁବାବୁ

## ଲେଖକ : ଚିନ୍ତାମଣି ଆଚାର୍ଯ୍ୟ

**ଲେଖକ ପରିଚୟ :**

ଊନବିଂଶ ଶତାବ୍ଦୀର ସାରସ୍ୱତ ଜଗତରେ ସାହିତ୍ୟାନୁରାଗୀ ସାଧକ ରୂପେ ରାୟ ବାହାଦୂର ଚିନ୍ତାମଣି ଆଚାର୍ଯ୍ୟ ପରିଚିତ । ପେଶାରେ ଆଇନ ବିଭାଗର ଅଧ୍ୟାପକ ହୋଇ ମଧ୍ୟ ସାହିତ୍ୟ ରଚନାରେ ତାଙ୍କ ଅନୁରକ୍ତି ଭୁଲିବାର ନୁହେଁ । ସେ ଏକାଧାରରେ ଜଣେ ଦକ୍ଷ ଆଇନଜୀବୀ, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି, ଉତ୍କଳ ସାହିତ୍ୟ ସମାଜର ସଭାପତି, ପ୍ରସିଦ୍ଧ ସାହିତ୍ୟ ପତ୍ରିକା ଝଙ୍କାରର ସମ୍ପାଦକ ଓ ମଧୁସୂଦନଙ୍କ ଆଦର୍ଶରେ ଅନୁପ୍ରାଣୀତ ବ୍ୟକ୍ତିତ୍ୱ ଥିଲେ । ତାଙ୍କ ଦ୍ୱାରା ରଚିତ ସୃଷ୍ଟିଗୁଡ଼ିକ ମଧ୍ୟରେ ଇତିହାସ ପ୍ରସଙ୍ଗ, ଜଗନ୍ନାଥ ଦାସ, କଟକ, ବିକ୍ରମାଦିତ୍ୟ, ଭୁବନେଶ୍ୱର, ଶ୍ରୀକୃଷ୍ଣ, ମଙ୍ଗଳସ୍ୱପ୍ନ, ଗୋପାଳନ ଆଦି ପ୍ରଧାନ । ମଧୁବାବୁଙ୍କର ଜୀବନ ଓ ଆଦର୍ଶରେ ଅନୁପ୍ରାଣିତ ଲେଖକଙ୍କ ମଧୁବାବୁଙ୍କ ପ୍ରତି ଥିବା ଅନ୍ତରୀଣ ଶ୍ରଦ୍ଧା ଓ ଭଲପାଇବାକୁ ପ୍ରବନ୍ଧ ମାଧ୍ୟମରେ ପ୍ରକାଶ କରିଅଛନ୍ତି । ମଧୁବାବୁଙ୍କର ଆବେଗ, ଦେଶ ଓ ଜାତିପ୍ରୀତି, ଉତ୍କଳର ଭାଷା ସାହିତ୍ୟ ଓ ସଂସ୍କୃତି ଏବଂ ତ୍ୟାଗପୂତ ଜୀବନର ବର୍ଣ୍ଣନା କରାଯାଇଛି । ଓଡ଼ିଶା ଓ ଓଡ଼ିଆ ଜାତିର ନବନିର୍ବାଣରେ କୁଳବୃଦ୍ଧ ମଧୁସୂଦନଙ୍କ ଭୂମିକା ସମ୍ପର୍କରେ ଆଗାମୀ ଦିନର ଭବିଷ୍ୟତମାନଙ୍କୁ ଜଣାଇବାକୁ ସେ ପ୍ରୟାସ କରିଛନ୍ତି ।

**ବିଷୟବସ୍ତୁ ସମ୍ପର୍କରେ :**

ସମଗ୍ର ବିଷୟବସ୍ତୁଟି ଯୁଗପୁରୁଷ ନବଉତ୍କଳର ନିର୍ମାତା ମଧୁସୂଦନ ଦାସଙ୍କ ଜୀବନ ବୃତ୍ତାନ୍ତ । ଏଇ ଜୀବନୀ ଭିତରେ ଓଡ଼ିଶାର ଗତି ମୁକ୍ତି ସ୍ଥିତି ଓ ଦୁର୍ଗତି ଜଡ଼ିତ । ଏବେବି ଗାଁ ଗହଳିରେ ଚପଳମତି ଶିଶୁର କଣ୍ଠରେ ସେଇ କାଳିଆ ଘୋଡ଼ାରେ ଚଢ଼ିବି, ମଧୁବାବୁ ସଙ୍ଗେ ଲଢ଼ିବି ଉକ୍ତିଟି ଜନପ୍ରିୟ ଓ ପୁରପଲ୍ଲୀର ସ୍ୱର ଭାବେ ରହିଆସିଛି । ମଧୁବାବୁଙ୍କ ଜୀବନ ସହିତ ଉତ୍କଳର ବିକାଶ ଚିତ୍ର ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । କୋଟିଏ ଉତ୍କଳ ସନ୍ତାନକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିବାକୁ ସେ ଚେଷ୍ଟା କରିଥିଲେ । ସ୍ୱାର୍ଥପରତା, ପରଶ୍ରୀକାତରତା ଦୂର କରି କୋଟିଏ ସନ୍ତାନ ଗୋଟିଏ ହେବାକୁ ସେ ଆହ୍ୱାନ ଦେଇଥିଲେ । ଏହା କରି ପାରିଲେ ସମଗ୍ର ବିଶ୍ୱରେ ଓଡ଼ିଆ ସମ୍ମାନିତ ହେବ ସେ ଜାଣିଥିଲେ । ଏହି ଯୋଗଜନ୍ମା ବୀରପୁରୁଷ ୧୮୪୮ ଏପ୍ରିଲ ୨୮ ତାରିଖ ଜ୍ୟେଷ୍ଠ ଏକାଦଶୀ ତିଥିରେ ଜନ୍ମଗ୍ରହଣ କରିଥିଲେ ମାତା ପାର୍ବତୀଦେବୀ ଓ ପିତା ଚଉଧୁରୀ ରଘୁନାଥ ଦାସଙ୍କ ଔରସରୁ । ରଘୁନାଥ ଦାସଙ୍କ ଦୁଇପୁତ୍ର ଥିଲେ । ଗୋବିନ୍ଦ ବଲ୍ଲଭ ଓ ଗୋପାଳବଲ୍ଲଭ । ଗୋବିନ୍ଦ ବଲ୍ଲଭ ମଧୁବାବୁଙ୍କର ପିତୃମାତୃଦତ୍ତ ନାମ ।

ବାଲ୍ୟ କାଳରେ ମଧୁବାବୁ ତତ୍‌କାଳୀନ ମାଟିବଂଶ ଅବଧାନଙ୍କ ପାଖରେ ଚାଟଶାଳୀ ଶିକ୍ଷା ସମାପ୍ତ କରିଥିଲେ । ସେତେବେଳେ ସ୍ଲେଟ୍, ପେନ୍‌ସିଲ୍, କାଗଜ କଲମର ପ୍ରଚଳନ ନଥିଲା । ତାଳପତ୍ର ପୋଥି ଓ ଭୂଇଁ ଉପରେ ଖଡ଼ିରେ ଲେଖାପଢ଼ା ହୁଏ । ଛାତ୍ରମାନଙ୍କ ମଧ୍ୟରେ ଚାଟଶାଳୀକୁ ପ୍ରଥମେ ଆସିବାର ପ୍ରତିଯୋଗିତା ଲାଗେ । କାରଣ ସେତେବେଳେ ଶୂନ ବ୍ୟବସ୍ଥା ଥିଲା ଅର୍ଥାତ୍ ଯିଏ ପ୍ରଥମେ ଆସି ଅବଧାନଙ୍କ ପାଦ ଛୁଏଁ ସେ ଥରେ ବେତରେ ଆସ୍ତେ ମାଡ଼ଖାଏ ଏହିପରି ଶେଷ ପିଲା ସବୁଠାରୁ ବେଶୀ ମାଡ଼ଖାଏ । ସେତେବେଳେ ପାଠ କହିଲେ ପଣିକିଆ, ଶୋଧ୍, ଓଡ଼ାଙ୍କ, ଫେଡ଼ାଙ୍କ, ହରଣ, ଗୁଣନ, ପାହିପଣିକିଆ, କଡ଼ାଗଣ୍ଡା ଲୀଳାବତୀ ସୂତ୍ର ଆଦି ପଢ଼ାହୁଏ । ପୁଣି ଉପର ବେଳା ତାଳପତ୍ର

ଲେଖନରେ ଅକ୍ଷର ଲେଖା, ଭାଗବତ, ରାମାୟଣ, ମହାଭାରତ, ବୈଦେହୀଶ ବିଳାସ, ଗୋପୀ ଭାଷା ଇତ୍ୟାଦି ହେଲା ପାଠପଢ଼ା । ସନ୍ଧ୍ୟା ବେଳେ 'ଦୀପଂ ଜ୍ୟୋତିଃ ପରଂବ୍ରହ୍ମ' ଶ୍ଳୋକ ପ୍ରାଥମିକ ପର୍ଯ୍ୟାୟରେ ଚାଟଶାଳୀ ପାଠ ସାରିଲା ବେଳକୁ ଗୋବିନ୍ଦ ବଲ୍ଲଭଙ୍କୁ ୧୩ ବର୍ଷ । ତତ୍କାଳୀନ ଖ୍ରୀଷ୍ଟିୟାନ ଶିକ୍ଷକମାନଙ୍କ ପାଖରେ ପୁଅ ପାଠପଢୁ ଏକଥା ବାପା ମାଆ ଚାହୁଁ ନଥିଲେ ବି ଶେଷରେ ସେଇ ବିଦ୍ୟାଳୟରେ ସେ ରେଭେନ୍ସା କଲେଜିଏଟ୍ ସ୍କୁଲରେ ଅଧ୍ୟୟନ କଲେ । ପିଲାଦିନେ ମୁଣ୍ଡରେ ଗୋଛ ଗୋଛ ବାଳର ଗଣ୍ଠି, ନାଲିକନାରେ ତୁଳାପଶି ଗୋଟିଏ ମିରଜେଇ କୁରୁତା ବିନା ବୋତାମ ଦୁଇ ପାଖ କନା ଧଡ଼ି ବା ସୂତାରେ ବନ୍ଧା । ଏସବୁ ଥିଲା ତାଙ୍କର ବେଶଭୂଷା । କଟକରୁ ଏଣ୍ଟ୍ରାନ୍ସ ପାଶ୍ କରିବା ପରେ ବାଲେଶ୍ୱରରେ ଗୋଟିଏ କିରାଣୀ କାମରେ ନିଯୁକ୍ତି ପାଇଲେ । ଯା ହୃଦୟରେ ଦେଶ ମାତୃକାର ସେବା କରିବା ପିଲାଦିନରୁ ଦାନା ବାନ୍ଧିଛି ସେଠି କିପରି କିରାଣୀ ଚାକିରିରେ ବାନ୍ଧି ହୋଇଥାନ୍ତେ । କିଛି ପଇସା ସଞ୍ଚୟ କରି କଲିକତା ଗଲେ ଉଚ୍ଚ ଶିକ୍ଷା ପାଇଁ ।

କଲିକତାରେ ଜଣେ ବଙ୍ଗୀୟ ଖ୍ରୀଷ୍ଟିୟାନ୍ ପାଦ୍ରୀ ଅମ୍ବିକା ପ୍ରସାଦଙ୍କ ହାଜରାଙ୍କ ସହିତ ତାଙ୍କର ଘନିଷ୍ଠତା ବଢ଼ିବା ସଙ୍ଗେ ସଙ୍ଗେ ତାଙ୍କ ଦୟାରୁ ସେ ଉଚ୍ଚଶିକ୍ଷା ସମାପ୍ତ କଲେ । ଇଂରାଜୀରେ ଏମ୍.ଏ ପାଶ୍ କରିଥିଲେ ମଧ ଗଣିତ ଓ ଭୂଗୋଳରେ ତାଙ୍କର ଅସାଧାରଣ ପାଣ୍ଡିତ୍ୟ ଥିଲା । ଅବଶେଷରେ ଶ୍ରୀରାମପୁର କଲେଜରେ ଅଧ୍ୟାପନା ଦାୟିତ୍ୱ ତୁଲାଇଲେ । ଅଧ୍ୟାପନା ସମୟରେ ସେ ଓକିଲାତି ଯାଠପଢ଼ି ବି.ଏଲ୍ ମଧ ପାଶ୍ କରିଥିଲେ । ବଙ୍ଗଳାର ପ୍ରସିଦ୍ଧ ଶିକ୍ଷାବିତ୍ ଆଶୁତୋଷ ମୁଖୋପାଧ୍ୟାୟଙ୍କର ସେ ଗୃହଶିକ୍ଷକ ଥିଲେ । ପରେ ସେ କଲିକତା ହାଇକୋର୍ଟର ପ୍ରଧାନ ବିଚାରପତି ଓ ବିଶ୍ୱବିଦ୍ୟାଳୟର କୁଳପତି ପରି ମର୍ଯ୍ୟାଦାଜନକ ଆସନ ଅଳଂକୃତ କରିଥିଲେ । ଅମ୍ବିକା ପ୍ରସାଦଙ୍କ ମୃତ୍ୟୁ ପରେ ତାଙ୍କ ପିଲା ମାନଙ୍କ ଉଚ୍ଚଶିକ୍ଷାର ଦାୟିତ୍ୱ ମଧୁବାବୁ ନେଇଥିଲେ । ମଧୁବାବୁ କଲିକତା ହାଇକୋର୍ଟର ପ୍ରସିଦ୍ଧ ବାରିଷ୍ଟରମାନଙ୍କ ସଂସ୍ପର୍ଶରେ ଆସି ପ୍ରିଭି କାଉନସିଲର ଅନୁବାଦକ ରୂପେ ନିଯୁକ୍ତି ପାଇଥିଲେ ।

କଲିକତା ଅବସ୍ଥାନ କାଳରେ ସେଠାରେ ରହୁଥିବା ଓଡ଼ିଆମାନଙ୍କ ପାଇଁ ସେ ନୈଶ ବିଦ୍ୟାଳୟ ସ୍ଥାପନ କରିଥିଲେ । କଲିକତାରୁ ଫେରି କଟକରେ ଓକିଲାତି କରିବା ସମୟରେ ସେ ଥିଲେ ଏକମାତ୍ର ଓଡ଼ିଆ ଓକିଲ । ଯାହା ଫଳରେ ତାଙ୍କୁ ବଙ୍ଗାଳି ଓକିଲ ମାନଙ୍କର ବହୁ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା ମାତ୍ର ମଧୁବାବୁ ନିଜର ବିଦ୍ୟା ବୁଦ୍ଧି ବଳରେ ସେମାନଙ୍କୁ ପରାସ୍ତ କରି ଶୀର୍ଷ ସ୍ଥାନ ଦଖଲ କରିଥିଲେ । ପୁରୀ ଜଗନ୍ନାଥ ମନ୍ଦିର ଦାୟିତ୍ୱ ଇଂରେଜ ସରକାର ନିଜହାତକୁ ନେବାର ଚକ୍ରାନ୍ତକୁ ସେ କଲିକତା ହାଇକୋର୍ଟ ପର୍ଯ୍ୟନ୍ତ ଲଢ଼ି ପଣ୍ଡ କରିଥିଲେ । ବିଚ୍ଛିନ୍ନାଞ୍ଚଳକୁ ଏକାଠି କରିବାରେ ତାଙ୍କର ଭୂମିକା ମଧ ସର୍ବଶ୍ରେଷ୍ଠ । ଏଣୁ ସେ ବିଭିନ୍ନ ସ୍ଥାନରେ ରହୁଥିବା ଓଡ଼ିଆମାନଙ୍କୁ ଏକାଠି କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଜୀବନ ବ୍ୟାପୀ ସାଧନା କରିଥିଲେ ଓ ପରିଶେଷରେ ମୃତ୍ୟୁର କିଛି କାଳ ପୂର୍ବରୁ ତାଙ୍କର ଆଶା ପୂରଣ ହୋଇଥିଲା ।

କଟକର ତାରକସୀ କାମ ହେଉକି ଉତ୍କଳ ଟାନେରୀ ବା ଜୋତା କାରଖାନା ସବୁ ମଧୁବାବୁଙ୍କ ପ୍ରଚେଷ୍ଟାର ଫଳ । ଅସଂଖ୍ୟ ବେକାର ଓଡ଼ିଆଙ୍କ କର୍ମସଂସ୍ଥାନ ଏହି ଟାନେରୀ ମାନଦଣ୍ଡ ଉପରେ ଗୁରୁତ୍ୱ ଦେଇ ଶେଷରେ ଦେବାଳିଆ ସ୍ଥିତିକୁ ଆସି ରୁଗ୍ଣ ହୋଇଗଲା ଉତ୍କଳର ସମ୍ମାନ ବିଶ୍ୱଦରବାରରେ ସେ କ୍ଷୁଣ୍ଣ କରିବାକୁ ଦେଇନଥିଲେ । ଜୀବନର ଶେଷ ସମୟରେ ସେ ବହୁ ଆର୍ଥିକ ଅନଟନର ଶିକାର ହୋଇଥିଲେ । ମଧୁବାବୁ ଦୁଇଥର ବିଲାତ ଯାତ୍ରା କରିଥିଲେ । ସେଠାକାର ଶିକ୍ଷା, ସଭ୍ୟତା ଓ ପାର୍ଲାମେଣ୍ଟାରୀ କାର୍ଯ୍ୟ ପ୍ରଣାଳୀ ତାଙ୍କୁ ପ୍ରଭାବିତ କରିଥିଲା । ଯେତେବେଳେ ୧୯୨୧ ମସିହାରେ ମନ୍ତ୍ରୀ ଶାସନ ପ୍ରତିଷ୍ଠା ହେଲା ସେତେବେଳେ ମଧୁବାବୁ ବିହାର ଓ ଓଡ଼ିଶାର ଏକମାତ୍ର ମନ୍ତ୍ରୀ

ଥିଲେ । ଲୋକଙ୍କ ସେବା କରିବା ତାଙ୍କର ଧର୍ମ ଥିଲା ତେଣୁ ମନ୍ତ୍ରୀମାନେ ସେବାକରି ବେତନ ନେବାକୁ ସେ ବିରୋଧ କରିଥିଲେ ମାତ୍ର ସେ ସମୟର ସରକାର ଏହା ନଶୁଣିବାରୁ ସେ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଇଥିଲେ । ନୂତନ ଆଇନ ପ୍ରଣୟନ ଯଥା- ପ୍ରଜାସ୍ୱତ୍ୱ ଆଇନ ଓ ବିହାର ଓଡ଼ିଶା ମ୍ୟୁନିସିପାଲିଟି ଆଇନ ଏସବୁ ମଧୁବାବୁଙ୍କ ସୃଷ୍ଟି । ସ୍ୱଦେଶୀ ଆନ୍ଦୋଳନ, କୃଷକମାନଙ୍କୁ ଅଗ୍ରାଧିକାର ପ୍ରଦାନ ସର୍ବୋପରି ସମାଜ କଲ୍ୟାଣ ସେବା ତାଙ୍କ ଜୀବନର ବ୍ରତ ଥିଲା ଯାହା ଶେଷ ପର୍ଯ୍ୟନ୍ତ ସହ ଲଢ଼ି ଲଢ଼ିବା ଶିଖେଇ ଥିଲେ ଏ ଜାତିକୁ । ଅବଶେଷରେ ୧୯୩୪ ମସିହାରେ ଏହି ମହାଜନନାୟକଙ୍କର ୮୬ ବର୍ଷରେ ମହାପ୍ରୟାଣ ଘଟିଥିଲା । ଗୋଟିଏ ସଂଗ୍ରାମୀ ଯୁଗର ଅବସାନ ଘଟିଥିଲା ।

**୧. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ପ୍ରଶ୍ନର ମୂଲ୍ୟ ୧ ନମ୍ବର । ୪ଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍‌ଉତ୍ତରଟି ବାଛି ଲେଖ ।**

(କ) ଚଉଧୁରୀ ରଘୁନାଥ ଦାସଙ୍କର ଜ୍ୟେଷ୍ଠପୁତ୍ରର ନାମ କ'ଣ ?

(ଗୋପାଳବଲ୍ଲଭ, ରାଧାବଲ୍ଲଭ, ଉମାବଲ୍ଲଭ, ଗୋବିନ୍ଦବଲ୍ଲଭ)

ଉ.: ଗୋବିନ୍ଦବଲ୍ଲଭ ।

(ଖ) ଭୀମା ଭୂୟାଁ ଉପନ୍ୟାସର ଲେଖକ କିଏ ?

(ଗୋବିନ୍ଦବଲ୍ଲଭ, ଗୋପାଳବଲ୍ଲଭ, ମଧୁସୂଦନ, କାହ୍ନୁଚରଣ)

ଉ.: ଗୋପାଳବଲ୍ଲଭ ।

(ଗ) ଏମାନଙ୍କ ମଧ୍ୟରୁ କେଉଁଟି ପାଠଶାଳାରେ ଉପରବେଳା ପଢ଼ା ହେଉନଥିଲା ?

(ରାମାୟଣ, ମହାଭାରତ, ଭାଗବତ, ପଣକିଆ)

ଉ.: ପଣକିଆ ।

(ଘ) କଲିକତାରେ ଗୋବିନ୍ଦବଲ୍ଲଭଙ୍କୁ ପ୍ରଥମେ କିଏ ଆଶ୍ରୟ ଦେଇଥିଲେ ?

(ଅମ୍ବିକାପ୍ରସାଦ, ବଙ୍କିମଚନ୍ଦ୍ର, ଶରତଚନ୍ଦ୍ର, ରବୀନ୍ଦ୍ରନାଥ)

ଉ.: ଅମ୍ବିକାପ୍ରସାଦ ।

(ଙ) ଲର୍ଡ଼୍‌କର୍ଜନଙ୍କ ଆଦେଶରେ ନିମ୍ନୋକ୍ତ କେଉଁ ଅଞ୍ଚଳଟିକୁ ଓଡ଼ିଶାରେ ମିଶାଇ ଦିଆଗଲା ?

(ରାୟପୁର, ବିଳାସପୁର, ଜୟପୁର, ସମ୍ବଲପୁର)

ଉ.: ସମ୍ବଲପୁର ।

(ଚ) ମଧୁସୂଦନ ଜୀବନର ମଧ୍ୟାହ୍ନରେ କେତେଥର ବିଲାତ ଗସ୍ତ କରିଥିଲେ ?

(ଥରେ, ଦୁଇଥର, ତିନିଥର, ଚାରିଥର)

ଉ.: ଦୁଇଥର ।

(ଛ) କେଉଁ ମସିହାରେ ଭାରତରେ ମନ୍ତ୍ରୀ ଶାସନ ପ୍ରତିଷ୍ଠା ହେଲା ?

(୧୯୨୦, ୧୯୨୧, ୧୯୨୨, ୧୯୨୩)

ଉ.: ୧୯୨୧ ।

(ଜ) କଲିକତାର କେଉଁ କଲେଜରେ ମଧୁସୂଦନ ଆଧାପନା କରୁଥିଲେ ?

(ଚନ୍ଦନପୁର, ଜଗଦଲପୁର, ଶ୍ରୀରାମପୁର, ଚକ୍ରଧରପୁର) .

ଉ.: ଶ୍ରୀରାମପୁର ।

(ଝ) କିଏ ଓଡ଼ିଶାର ପ୍ରଥମ ଗଭର୍ଣ୍ଣର ?

(ଜନ ଉଡ଼ରଫ, ଜନ୍ ହବାକ୍, ମିଷ୍ଟର ଇଭାନ୍‌ସ୍, ଜନ୍ ବୀମ୍‌ସ)

ଉ.: ଜନ୍ ହବାକ୍ ।

(ଞ) ମଧୁସୂଦନଙ୍କ ଶ୍ରାଦ୍ଧ ଦିବସ କେବେ ପାଳନ କରାଯାଏ ?

(ଜାନୁୟାରୀ ୨୮, ଫେବୃୟାରୀ ୪, ମାର୍ଚ୍ଚ ୨୪, ଏପ୍ରିଲ ୨୮)

ଉ.: ଫେବୃୟାରୀ ୪ ।

(ଟ) ମଧୁବାବୁ କେଉଁ ଧର୍ମ ଗ୍ରହଣ କରିଥିଲେ ?

(ବ୍ରାହ୍ମଧର୍ମ, ମହିମାଧର୍ମ, ଖ୍ରୀଷ୍ଟଧର୍ମ, ମୁସଲମାନ୍ ଧର୍ମ)

ଉ.: ଖ୍ରୀଷ୍ଟଧର୍ମ ।

୨. **ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ଏକ ନମ୍ବର ।**

(କ) କେଉଁ ମହାପୁରୁଷଙ୍କ ଜୀବନ କାହାଣୀ ଉତ୍କଳର ଅର୍ଦ୍ଧଶତାବ୍ଦୀର ଇତିହାସ ?

ଉ.: ମଧୁବାବୁଙ୍କ ଜୀବନ କାହାଣୀ ଉତ୍କଳର ଅର୍ଦ୍ଧଶତାବ୍ଦୀର ଇତିହାସ ।

(ଖ) ମଧୁବାବୁ ଉତ୍କଳର ଘରେ ଘରେ କେଉଁ ନାମରେ ପରିଚିତ ?

ଉ.: ମଧୁବାବୁ ଉତ୍କଳର ଘରେ ଘରେ ମଧୁ ବାରିଷ୍ଟର ନାମରେ ପରିଚିତ ।

(ଗ) ମଧୁସୂଦନ କେଉଁଥିପାଇଁ ନିରନ୍ତର ବ୍ୟାକୁଳ ଥିଲେ ?

ଉ.: ମଧୁସୂଦନ ଦେଶ ଓ ଜାତିର ସର୍ବବିଧ ଉନ୍ନତି ପାଇଁ ନିରନ୍ତର ବ୍ୟାକୁଳ ଥିଲେ ।

(ଘ) ମଧୁସୂଦନଙ୍କ ଜୀବନର ଚିର ଲକ୍ଷ୍ୟ କ'ଣ ଥିଲା ?

ଉ.: ମଧୁସୂଦନଙ୍କ ଜୀବନର ଚିର ଲକ୍ଷ୍ୟ ଥିଲା ଓଡ଼ିଆ କିପରି ଦେଶ ବିଦେଶରେ ସମ୍ମାନିତ ହେବ ।

(ଙ) ମୃତ୍ୟୁଶଯ୍ୟାରେ ମଧ୍ୟ କେଉଁ କଥା ମଧୁସୂଦନଙ୍କର ଏକମାତ୍ର ଚିନ୍ତା ଥିଲା ?

ଉ.: ଓଡ଼ିଆର ଉନ୍ନତି କଥା ମୃତ୍ୟୁଶଯ୍ୟାରେ ମଧ୍ୟ ମଧୁସୂଦନଙ୍କର ଏକମାତ୍ର ଚିନ୍ତା ଥିଲା ।

(ଚ) କେଉଁ ଗ୍ରାମକୁ ପ୍ରତ୍ୟେକ ଓଡ଼ିଆର ତୀର୍ଥସ୍ଥାନ ବୋଲି କୁହାଯାଇଛି ?

ଉ.: ସତ୍ୟଭାମାପୁର ଗ୍ରାମକୁ ପ୍ରତ୍ୟେକ ଓଡ଼ିଆର ତୀର୍ଥସ୍ଥାନ ବୋଲି କୁହାଯାଇଛି ।

(ଛ) ମଧୁସୂଦନଙ୍କ ପିତାମାତାଙ୍କ ନାମ କ'ଣ ?

ଉ.: ମଧୁସୂଦନଙ୍କ ପିତାଙ୍କ ନାମ ଚୌଧୁରୀ ରଘୁନାଥ ଦାସ ଓ ମାତାଙ୍କ ନାମ ଶ୍ରୀମତୀ ପାର୍ବତୀ ଦେବୀ ।

(ଜ) ମଧୁବାବୁଙ୍କ ପିତୃମାତୃଦତ୍ତ ନାମଥିଲା କ'ଣ ଥିଲା ?

ଉ.: ମଧୁବାବୁଙ୍କ ପିତୃମାତୃଦତ୍ତ ନାମଥିଲା ଗୋବିନ୍ଦ ବଲ୍ଲଭ ।

(ଝ) ବାଲ୍ୟକାଳରେ ମଧୁସୂଦନ କେଉଁଠାରେ ପାଠ ପଢ଼ିଥିଲେ ?

ଉ.: ବାଲ୍ୟକାଳରେ ମଧୁସୂଦନ ଚାଟଶାଳୀରେ ମାଟିବଂଶ ଅବଧାନଙ୍କ ନିକଟରେ ପାଠ ପଢ଼ିଥିଲେ ।

(ଟ) ପ୍ରାଚୀନ ଓଡ଼ିଶାରେ ବଂଶ ପରମ୍ପରା କ୍ରମେ କେଉଁମାନେ ପ୍ରାଥମିକ ଶିକ୍ଷାଲାଭ ଗ୍ରହଣ କରୁଥିଲେ ?

ଉ.: ପ୍ରାଚୀନ ଓଡ଼ିଶାରେ ମାଟିବଂଶ ବା କ୍ଷିତି ବଂଶ ଅବଧାନମାନେ ବଂଶ ପରମ୍ପରା କ୍ରମେ ପ୍ରାଥମିକ ଶିକ୍ଷାଲାଭ ଗ୍ରହଣ କରୁଥିଲେ ।

(ଠ) ସ୍ଥାନ ବିଶେଷରେ ଅବଧାନମାନଙ୍କୁ କ'ଣ କହନ୍ତି ?

ଉ.: ସ୍ଥାନ ବିଶେଷରେ ଅବଧାନମାନଙ୍କୁ ଓଝା କହନ୍ତି ।

(ଡ) ଆଗେ କେଉଁଠାରେ ଗାଁ, ପାଠଶାଳା ବସୁଥିଲା ?

ଉ.: ଆଗେ ଗାଁ ଚାଳିଘରେ ଓ ଶୀତଦିନେ ଆମ୍ବ ବା ବରଗଛ ମୂଳେ ଗାଁ, ପାଠଶାଳା ବସୁଥିଲା ।

(ଢ) ପିଲାମାନେ ଭୂମିରେ କେଉଁ ଖଡ଼ିରେ ଲେଖୁଥିଲେ ?

ଉ.: ପିଲାମାନେ ଭୂମିରେ ଶୁଆପକ୍ଷିଆ ଖଡ଼ିରେ ଲେଖୁଥିଲେ ।

(ଣ) ପିଲାମାନେ କେଉଁଥିରେ ହସ୍ତାକ୍ଷର ମଡ଼ାଉଥିଲେ ?

ଉ.: ପିଲାମାନେ ତାଳପତ୍ର ଓ ଲେଖନରେ ହସ୍ତାକ୍ଷର ମଡ଼ାଉଥିଲେ ।

(ତ) ଛାତ୍ରମାନଙ୍କୁ ପ୍ରତ୍ୟୁଷରୁ ଉଠିବା ପାଇଁ ଅବଧାନମାନଙ୍କର କେଉଁ ବ୍ୟବସ୍ଥା ଥିଲା ?

ଉ.: ଛାତ୍ରମାନଙ୍କୁ ପ୍ରତ୍ୟୁଷରୁ ଉଠିବା ପାଇଁ ଅବଧାନମାନଙ୍କର 'ଶୂନ ଦେବା' ବ୍ୟବସ୍ଥା ଥିଲା ।

(ଥ) ପ୍ରଥମେ ଚାଟଶାଳୀକୁ ଆସି କ'ଣ କରିବାକୁ ପିଲାମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଥିଲା ?

ଉ.: ପ୍ରଥମେ ଚାଟଶାଳୀକୁ ଆସି ଅବଧାନଙ୍କୁ ପ୍ରଣାମ କରି ଶୂନ ନେବାକୁ ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଥିଲା ।

(ଦ) ଚାଟଶାଳୀରେ ସନ୍ଧ୍ୟାବେଳେ କେଉଁ ଶ୍ଳୋକ ଆବୃତ୍ତି କରାଯାଉଥିଲା ?

ଉ.: ଚାଟଶାଳୀରେ ସନ୍ଧ୍ୟାବେଳେ 'ଦୀପଂ ଜ୍ୟୋତିଃ ପରଂବ୍ରହ୍ମ' ଇତ୍ୟାଦି ଶ୍ଳୋକ ଆବୃତ୍ତି କରାଯାଉଥିଲା ।

(ଧ) ଚାଟଶାଳୀରେ କେତେବେଳେ ମାନସାଙ୍କ ପଚରା ଯାଉଥିଲା ?

ଉ.: ସନ୍ଧ୍ୟାଦୀପ ଜଳିବା ପରେ ମାନସାଙ୍କ ପଚରା ଯାଉଥିଲା ।

(ନ) ମଧୁବାବୁ କେତେବର୍ଷ ବୟସରେ କଟକ ଆସିଥିଲେ ?

ଉ.: ମଧୁବାବୁ ୧୩ବର୍ଷ ବୟସରେ କଟକ ଆସିଥିଲେ ।

(ପ) ମଧୁବାବୁ କଟକର ଇଂରାଜୀ ବିଦ୍ୟାଳୟରେ ପଢ଼ିବା ପାଇଁ କିଏ ଆପତ୍ତି କରିଥିଲେ ?

ଉ.: ମଧୁବାବୁ କଟକର ଇଂରାଜୀ ବିଦ୍ୟାଳୟରେ ପଢ଼ିବା ପାଇଁ ତାଙ୍କ ପିତାମହୀ ଘୋର ଆପତ୍ତି କରିଥିଲେ ।

(ଫ) ମଧୁସୂଦନଙ୍କ ପିତାମହୀଙ୍କର କ'ଣ ଆଶଙ୍କା ଥିଲା ?

ଉ.: ମଧୁସୂଦନଙ୍କ ପିତାମହୀଙ୍କର ଆଶଙ୍କା ଥିଲା ଯେ ସେ ଇଂରାଜୀ ପଢ଼ିଲେ 'କିରସ୍ତାନ' ହୋଇଯିବେ ।

(ବ) କଟକରେ ଉଚ୍ଚ ଇଂରାଜୀ ବିଦ୍ୟାଳୟ ପରେ କେଉଁ ନାମରେ ନାମିତ ହୋଇଥିଲା ?

ଉ.: କଟକରେ ଉଚ୍ଚ ଇଂରାଜୀ ବିଦ୍ୟାଳୟ ପରେ ରେଭେନ୍ସା କଲିଜିଏଟ୍ ସ୍କୁଲ ନାମରେ ନାମିତ ହୋଇଥିଲା ।

(ଭ) ଗୋବିନ୍ଦବଲ୍ଲଭ କଟକ ହାଇସ୍କୁଲରୁ ଏଣ୍ଟ୍ରାନ୍ସ ପାଶ୍ କରି କେଉଁଠାରେ କେଉଁ କାମରେ ନିଯୁକ୍ତ ହୋଇଥିଲେ ?

ଉ.: ଗୋବିନ୍ଦବଲ୍ଲଭ କଟକ ହାଇସ୍କୁଲରୁ ଏଣ୍ଟ୍ରାନ୍ସ ପାଶ୍ କରି ବାଲେଶ୍ୱରରେ କିରାଣୀ କାମରେ ନିଯୁକ୍ତ ହୋଇଥିଲେ ।

(ମ) ଆଗେ ଚାନ୍ଦବାଲିରୁ ଲୋକେ କିପରି କଲିକତା ଯାଉଥିଲେ ?

ଉ.: ଆଗେ ଚାନ୍ଦବାଲିରୁ ଲୋକେ ଧୂଆଁ କଳ ଚାଳିତ ନୌକା ବା ଷ୍ଟିମରରେ କଲିକତା ଯାଉଥିଲେ ।

(ଯ) କଲିକତାରେ ଗୋବିନ୍ଦବଲ୍ଲଭଙ୍କ କାହା ସହିତ ପରିଚିତ ହେଲା ?

ଉ.: କଲିକତାରେ ଗୋବିନ୍ଦବଲ୍ଲଭଙ୍କର ଅମ୍ବିକା ପ୍ରସାଦ ସହିତ ପରିଚିତ ହେଲା ।

(ର) ଗୋବିନ୍ଦବଲ୍ଲଭ କେଉଁ ବିଷୟରେ ଏମ୍.ଏ ପାଶ୍ କରିଥିଲେ ?

ଉ.: ଗୋବିନ୍ଦବଲ୍ଲଭ ଇଂରାଜୀରେ ବିଷୟରେ ଏମ୍.ଏ ପାଶ୍ କରିଥିଲେ ।

(ଲ) ମଧୁବାବୁ ପ୍ରଥମେ କଲିକତାର କେଉଁ ସ୍କୁଲରେ ଶିକ୍ଷାଦାନ କରୁଥିଲେ ?

ଉ.: ମଧୁବାବୁ ପ୍ରଥମେ କଲିକତାର ବିଭିନ୍ନ ସ୍କୁଲରେ ଶିକ୍ଷାଦାନ କରୁଥିଲେ ।

(ବ) ଶେଷରେ ମଧୁବାବୁ କେଉଁ କଲେଜରେ ଅଧାପକ ହେବାପାଇଁ ପ୍ରାର୍ଥୀ ହୋଇଥିଲେ ?

ଉ.: ଶେଷରେ ମଧୁବାବୁ ଶ୍ରୀରାମପୁର କଲେଜରେ ଅଧାପକ ହେବାପାଇଁ ପ୍ରାର୍ଥୀ ହୋଇଥିଲେ ।

(ଶ) ଶ୍ରୀରାମପୁର କଲେଜ ଅଧକ୍ଷ ମଧୁବାବୁଙ୍କୁ ଡାକି କ'ଣ ପଚାରିଲେ ?

ଉ.: ଶ୍ରୀରାମପୁର କଲେଜ ଅଧକ୍ଷ ମଧୁବାବୁଙ୍କୁ ଡାକି ପଚାରିଲେ, ଆପଣ କେଉଁ ବିଷୟରେ ପଢ଼ାଇ ପାରିବେ ।

(ଷ) ମଧୁବାବୁ ଶ୍ରୀରାମପୁର କଲେଜରେ ଛାତ୍ରମାନଙ୍କୁ କେଉଁ ବିଷୟ ପ୍ରାଞ୍ଜଳ ଭାବରେ ପଢ଼ାଇ କ'ଣ ହୋଇପାରିଥିଲେ ?

ଉ.: ମଧୁବାବୁ ଶ୍ରୀରାମପୁର କଲେଜରେ ଛାତ୍ରମାନଙ୍କୁ ଇଂରାଜୀ, ଗଣିତ ଓ ଭୂଗୋଳ ବିଷୟ ପ୍ରାଞ୍ଜଳ ଭାବରେ ପଢ଼ାଇ ଶ୍ରଦ୍ଧା ଓ ଭକ୍ତି ଭାଜନ ହୋଇପାରିଥିଲେ ।

(ସ) ଗୋବିନ୍ଦବଲ୍ଲଭ କେଉଁ ବିଶ୍ୱବିଦ୍ୟାଳୟରୁ ବି.ଏଲ୍ ପାଶ୍ କରିଥିଲେ ?

ଉ.: ଗୋବିନ୍ଦବଲ୍ଲଭ କଲିକତା ବିଶ୍ୱବିଦ୍ୟାଳୟରୁ ବି.ଏଲ୍ ପାଶ୍ କରିଥିଲେ ।

(ହ) ଗୋବିନ୍ଦବଲ୍ଲଭ କଲିକତାରେ ଶିକ୍ଷକତା କଲାବେଳେ କାହାର ଗୃହଶିକ୍ଷକ ରୂପେ ନିଯୁକ୍ତ ହୋଇଥିଲେ ?

ଉ.: ଗୋବିନ୍ଦବଲ୍ଲଭ କଲିକତାରେ ଶିକ୍ଷକତା କଲାବେଳେ ସାର୍ ଆଶୁତୋଷ ମୁଖୋପାଧ୍ୟାୟଙ୍କର ଗୃହଶିକ୍ଷକ ରୂପେ ନିଯୁକ୍ତ ହୋଇଥିଲେ ।

(କ୍ଷ) ମଧୁବାବୁ କଲିକତା ହାଇକୋର୍ଟରେ ଓକିଲାତି କଲାବେଳେ କାହାର ଅନୁବାଦକ ଭାବେ ନିଯୁକ୍ତ ପାଇଥିଲେ ?

ଉ.: ମଧୁବାବୁ କଲିକତା ହାଇକୋର୍ଟରେ ଓକିଲାତି କଲାବେଳେ ପ୍ରିଭିକାଉନ୍‌ସିଲର ଅନୁବାଦକ ଭାବେ ନିଯୁକ୍ତ ପାଇଥିଲେ ।

(ୟ) ମଧୁସୂଦନ କେଉଁ କାଗଜ ପତ୍ରକୁ ଇଂରାଜୀରେ ଅନୁବାଦ କରୁଥିଲେ ?

ଉ.: ମଧୁସୂଦନ ଓଡ଼ିଆ କାଗଜ ପତ୍ରକୁ ଇଂରାଜୀରେ ଅନୁବାଦ କରୁଥିଲେ ।

(ଳ) ମଧୁସୂଦନ ଓଡ଼ିଆ କର୍ମୀମାନଙ୍କ ଶିକ୍ଷାର ବିସ୍ତାର ପାଇଁ କଲିକତାରେ କେଉଁ ବିଦ୍ୟାଳୟ ସ୍ଥାପନ କରିଥିଲେ ?

ଉ.: ମଧୁସୂଦନ ଓଡ଼ିଆ କର୍ମୀମାନଙ୍କ ଶିକ୍ଷାର ବିସ୍ତାର ପାଇଁ କଲିକତାରେ ଅନେକଗୁଡ଼ିଏ ନୈଶ ବିଦ୍ୟାଳୟ ସ୍ଥାପନ କରିଥିଲେ ।

(୦) ମଧୁସୂଦନ କଲିକତା ଛାଡ଼ିବା ପରେ ନୈଶ ବିଦ୍ୟାଳୟଗୁଡ଼ିକର କ'ଣ ହେଲା ?

ଉ.: ମଧୁସୂଦନ କଲିକତା ଛାଡ଼ିବା ପରେ ନୈଶ ବିଦ୍ୟାଳୟଗୁଡ଼ିକ ଭାଙ୍ଗି ଯାଇଥିଲା ।

(୧) କେଉଁ ରାଜାଙ୍କ ନାମରେ ଗୋଟିଏ ବର୍ଷ ଗଣନା ହୁଏ ?

ଉ.: ପୁରୀ ରାଜାଙ୍କ ନାମରେ ଗୋଟିଏ ବର୍ଷ ଗଣନା ହୁଏ ।

() ମଧୁସୂଦନଙ୍କ ଜୀବନର ଶ୍ରେଷ୍ଠ ସାଧନା କ'ଣ ?

ଉ.: ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ମଧୁସୂଦନଙ୍କ ଜୀବନର ଶ୍ରେଷ୍ଠ ସାଧନା ।

(i) ଓଡ଼ିଆ ଭାଷୀ ଅଞ୍ଚଳର ଏକତ୍ରୀକରଣର ପ୍ରଥମ ଉଦ୍ୟମ କ'ଣ ?

ଉ.: ଓଡ଼ିଆ ଭାଷୀ ଅଞ୍ଚଳ ଏକତ୍ରୀକରଣର ପ୍ରଥମ ଉଦ୍ୟମ ହେଲା ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ।

(ii) ମଧୁସୂଦନ ସ୍ଥାପନ କରିଥିବା ଜୋତା କାରଖାନାର ନାମ କ'ଣ ?

ଉ.: ମଧୁସୂଦନ ସ୍ଥାପନ କରିଥିବା ଜୋତା କାରଖାନାର ନାମ ଉତ୍କଳ ଟାନେରୀ ।

(iii) ମଧୁସୂଦନ ଜୀବନର ମଧ୍ୟାହ୍ନରେ କେତେଥର ବିଲାତ ଯାଇଥିଲେ ?

ଉ.: ମଧୁସୂଦନ ଜୀବନର ମଧ୍ୟାହ୍ନରେ ଦୁଇଥର ବିଲାତ ଯାଇଥିଲେ ।

(iv) ମନ୍ତ୍ରୀ ଭାବରେ ମଧୁସୂଦନ ସର୍ବଦା ନିଜର କ'ଣ ବିକାଶ କରି ଯାଇଥିଲେ ?

ଉ.: ମନ୍ତ୍ରୀ ଭାବରେ ମଧୁସୂଦନ ସର୍ବଦା ନିଜର ସ୍ୱାତନ୍ତ୍ର୍ୟ ଓ ଶକ୍ତିର ବିକାଶ କରି ଯାଇଥିଲେ ।

(v) ମଧୁସୂଦନ କେଉଁ ଭାଷାର ଜଣେ ତେଜସ୍ୱୀ ବକ୍ତା ଥିଲେ ?

ଉ.: ମଧୁସୂଦନ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାର ଜଣେ ତେଜସ୍ୱୀ ବକ୍ତା ଥିଲେ ।

(vi) ମଧୁସୂଦନ ଜନଜୀବନର ମୂଳମନ୍ତ୍ର କ'ଣ ଥିଲା ?

ଉ.: ଜାତି-ସଂଗଠନ ମଧୁର ଦନଙ୍କ ଜନ ଜୀବନର ମୂଳମନ୍ତ୍ର ଥିଲା ।

**୩. ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୧ ନମ୍ବର ରହିବ ।**

(କ) ମଧୁବାବୁଙ୍କ ଜୀବନ କାହାଣୀରେ ଉତ୍କଳର କେଉଁ ସମସ୍ତ ବିଷୟ ନିହିତ ରହିଅଛି ?

ଉ.: ବିଷୟଟିର ନାମ 'ମଧୁବାବୁ' । ଲେଖକ-ଚିନ୍ତାମଣି ଆଚାର୍ଯ୍ୟ । ମଧୁବାବୁଙ୍କ ଜୀବନ କାହାଣୀରେ ଉତ୍କଳର ସାମାଜିକ, ରାଜନୈତିକ, ଅର୍ଥନୈତିକ, ଶିଳ୍ପ, ବାଣିଜ୍ୟ, ଶିକ୍ଷା ଆଦି ସମସ୍ତ ବିଷୟ ନିହିତ ରହିଅଛି ।

(ଖ) ମଧୁସୂଦନଙ୍କ ଚିରଲକ୍ଷ୍ୟ ଓ ଏକମାତ୍ର ଚିନ୍ତା କ'ଣ ଥିଲା ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ମଧୁସୂଦନଙ୍କ ଚିରଲକ୍ଷ୍ୟ ଥିଲା ଓଡ଼ିଶା କିପରି ଦେଶ ବିଦେଶରେ ସମ୍ମାନିତ ହେବ ଓ ଓଡ଼ିଆର ଉନ୍ନତି ତାଙ୍କର ଏକମାତ୍ର ଚିନ୍ତା ଥିଲା ।

(ଗ) ମଧୁବାବୁ କେବେ ଓ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ମଧୁବାବୁ ଖ୍ରୀ. ୧୮୪୮ ଏପ୍ରିଲ ମାସ ୨୮ ତାରିଖ ଜ୍ୟେଷ୍ଠ କୃଷ୍ଣ ଏକାଦଶୀ ତିଥିରେ କଟକ ଜିଲ୍ଲାର ସତ୍ୟଭାମାପୁର ଠାରେ ଜନ୍ମ ଗ୍ରହଣ କରିଥିଲେ ।

(ଘ) ପ୍ରାଚୀନ ଓଡ଼ିଶାରେ ମାଟିବଂଶ ଓ କ୍ଷିତିବଂଶ ଅବଧାନମାନେ କେଉଁ କାର୍ଯ୍ୟ ନିର୍ବାହ କରୁଥିଲେ ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ମାଟିବଂଶ ଓ କ୍ଷିତିବଂଶ ଅବଧାନମାନେ ପ୍ରାଚୀନ ଓଡ଼ିଶାରେ ପ୍ରାଥମିକ ଶିକ୍ଷାର ଭାର ଗ୍ରହଣ କରିଥିଲେ ।

(ଙ) କେଉଁଠାରେ ଗ୍ରାମ୍ୟ ପାଠଶାଳା ବସୁଥିଲା ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ଗାଁର ଚାଳିଘରେ ଓ ଶୀତଦିନରେ ଆମ୍ବଗଛ ଓ ବରଗଛ ମୂଳେ ଗ୍ରାମ ପାଠଶାଳା ବସୁଥିଲା ।

(ଚ) ଅବଧାନ 'ଶୂନଦେବା' ସୁବ୍ୟବସ୍ଥା କାହିଁକି ରଖିଥିଲେ ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ପ୍ରତ୍ୟୁଷରୁ ଶେଯରୁ ଉଠିବାକୁ ଉତ୍ସାହ ଦେବା ପାଇଁ ଅବଧାନ ଶୂନ ଦେବା ସୁବ୍ୟବସ୍ଥା ରଖିଥିଲେ ।

(ଛ) ସକାଳ ବେଳା ଚାଟଶାଳୀରେ କ'ଣ ପଢ଼ାଯାଏ ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ସକାଳବେଳା ଅକ୍ଷର ଲେଖାହୁଏ ଏବଂ ପଣିକିଆ, ଶୋଧି, ଓଡ଼ାଙ୍କ, ଯୋଙ୍କ, ହରଣ, ଗୁଣନ, ପାହି ପଣିକିଆ, କଡ଼ାଗଣ୍ଡା, ପଣିକିଆ ଓ ଲୀଳାବତୀ ସୂତ୍ର ଆଦି ପଢ଼ା ହୁଏ ।

(ଜ) ଉପରବେଳା ଚାଟଶାଳୀରେ କ'ଣ ପଢ଼ା ହେଉଥିଲା ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ଉପରବେଳା ଚାଟଶାଳୀରେ ତାଳପତ୍ର ଲେଖନରେ ଅକ୍ଷର ଲେଖା ଏବଂ ଭାଗବତ, ରାମାୟଣ, ମହାଭାରତ, ବୈଦେହୀଶ ବିଳାସ, ଗୋପୀଭାଷା ଇତ୍ୟାଦି ପଢ଼ା ହେଉଥିଲା ।

(ଝ) ସନ୍ଧ୍ୟାବେଳେ ଛାତ୍ରମାନେ କ'ଣ କରନ୍ତି ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ସନ୍ଧ୍ୟାବେଳେ ସନ୍ଧ୍ୟା ଦୀପ ଜଳିବା ପରେ ଛାତ୍ରମାନେ 'ଦୀପଂ ଜ୍ୟୋତିଃ ପରଂବ୍ରହ୍ମ' ଇତ୍ୟାଦି ଶ୍ଳୋକ ପଢ଼ି ଅବଧାନଙ୍କ ନିକଟରେ ଯେତେବେଳେ ରୁଣ୍ଡ ହୁଅନ୍ତି ସେତେବେଳେ ତାଙ୍କ ଶ୍ଳୋକ ଆବୃତ୍ତି ଓ ମାନସାଙ୍କ ପଚରାଯାଏ ।

(ଞ) ଗୋବିନ୍ଦବଲ୍ଲଭ ତେର ବର୍ଷ ବୟସରେ କେଉଁ ପଢ଼ାସାରି କେଉଁଠିକି ଆସିଥିଲେ ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ଗୋବିନ୍ଦବଲ୍ଲଭ ତେରବର୍ଷ ବୟସରେ ଚାଟଶାଳୀରେ ପାଠପଢ଼ା ଶେଷ କରି କଟକ ଆସିଥିଲେ ।

(ଟ) ମଧୁବାବୁ ପିତାମହାଙ୍କର କ'ଣ ଆଶଙ୍କା ଥିଲା ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ମଧୁବାବୁଙ୍କ ପିତାମହୀଙ୍କର ଆଶଙ୍କା ଥିଲା ଯେ ସେ ଇଂରାଜୀ ପଢ଼ିଲେ କିରସ୍ତାନ ବା ଖ୍ରୀଷ୍ଟିୟାନ ହୋଇଯିବେ ।

(ଠ) ମଧୁବାବୁ କେଉଁ ସ୍ଥାନରୁ କେଉଁଥିରେ କଲିକତା ଯାଇଥିଲେ ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ମଧୁବାବୁ ଚାନ୍ଦବାଲିରୁ ଷ୍ଟିମର ବା ଧୂଆଁକଳ ଚାଳିତ ନୌକାରେ କଲିକତା ଯାଇଥିଲେ ।

(ଡ) ଅମ୍ବିକା ପ୍ରସାଦ ହାଜରା କିଏ ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ଅମ୍ବିକାପ୍ରସାଦ ହାଜରା ହେଉଛନ୍ତି ଜଣେ ବଙ୍ଗୀୟ ଖ୍ରୀଷ୍ଟିୟାନ ପାଦ୍ରୀ ।

(ଢ) ମଧୁବାବୁ କେଉଁ ବିଷୟରେ ଏମ୍.ଏ ଏବଂ କେଉଁ ବିଷୟରେ ପାଣ୍ଡିତ୍ୟ ଲାଭ କରିଥିଲେ ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ମଧୁବାବୁ ଇଂରାଜୀ ବିଷୟରେ ଏମ୍.ଏ ଓ ଗଣିତ ତଥା ଭୂଗୋଳରେ ପାଣ୍ଡିତ୍ୟ ଲାଭ କରିଥିଲେ ।

(ଣ) ଶ୍ରୀରାମପୁର କଲେଜ ଅଧକ୍ଷଙ୍କ ପ୍ରଶ୍ନର ଗୋବିନ୍ଦବଲ୍ଲଭ କ'ଣ ଉତ୍ତର ଦେଇଥିଲେ ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ଶ୍ରୀରାମପୁର କଲେଜ ଅଧକଙ୍କ ପ୍ରଶ୍ନର ଉତ୍ତରରେ ଗୋବିନ୍ଦବଲ୍ଲଭ କହିଥିଲେ ଆପଣ ଯେଉଁ ବିଷୟ ପଢ଼ାଇବାକୁ ଆଦେଶ ଦେବେ ମୁଁ ପଢ଼ାଇବି ।

(ତ) ଶ୍ରୀରାମପୁର କଲେଜରେ କେଉଁ ବିଷୟ ପଢ଼ାଇ ମଧୁବାବୁ ଛାତ୍ରମାନଙ୍କର ଶ୍ରଦ୍ଧା ଓ ଭକ୍ତି ଭଜନ ହୋଇଥିଲେ ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ଶ୍ରୀରାମପୁର କଲେଜରେ ମଧୁବାବୁ ଇଂରାଜୀ, ଗଣିତ ଓ ଭୂଗୋଳ ଆଦି ବିଷୟ ପଢ଼ାଇ ଛାତ୍ରମାନଙ୍କର୍ ଶ୍ରଦ୍ଧା ଓ ଭକ୍ତି ଭାଜନ ହୋଇଥିଲେ ।

(ଥ) ଶିକ୍ଷକ କାହିଁକି ଛାତ୍ର ସମାଜରେ ପୂଜିତ ହୁଅନ୍ତି ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ଶିକ୍ଷକ ନିଜର ଜ୍ଞାନ ଚରିତ୍ର ଓ ଛାତ୍ରମାନଙ୍କ ପ୍ରତି ସହାନୁଭୂତି ହେତୁରୁ ଛାତ୍ର ସମାଜରେ ପୂଜିତ ହୁଅନ୍ତି ।

(ଦ) ସାର୍ ଆଶୁତୋଷ ମୁଖୋପାଧ୍ୟାୟ କେଉଁ କେଉଁ ଆସନରେ ଅଧିଷ୍ଠିତ ହୋଇଥିଲେ ?

ଉ.: ବିଷୟ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ସାର୍ ଆଶୁତୋଷ ମୁଖୋପାଧ୍ୟାୟ କଲିକତା ହାଇକୋର୍ଟର ପ୍ରଧାନ ବିଚାରପତି ଓ କଲିକତା ବିଶ୍ୱବିଦ୍ୟାଳୟର କୁଳପତି ଆସନରେ ଅଧିଷ୍ଠିତ ହୋଇଥିଲେ ।

(ଧ) ମଧୁସୂଦନ ଓକିଲାତି ପାଶ୍ କରି କେଉଁମାନଙ୍କ ସହଯୋଗରେ କଲିକତା ହାଇକୋର୍ଟରେ ଖ୍ୟାତିଲାଭ କରିଥିଲେ ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ମଧୁସୂଦନ ଓକିଲାତି ପାଶ୍‌କରି ସାର୍ ଜନ୍ ଉଡ୍‌ରଫ୍ ଓ ମିଷ୍ଟର ଇଭାନ୍‌ସ ପ୍ରଭୃତି ବାରିଷ୍ଟରଙ୍କ ସହଯୋଗରେ କଲିକତା ହାଇକୋର୍ଟରେ ଖ୍ୟାତି ଲାଭ କରିଥିଲେ ।

(ନ) କଲିକତା ଅବସ୍ଥାନ କାଳରେ ମଧୁବାବୁଙ୍କ ହୃଦୟରେ କ'ଣ ଜାଗ୍ରତ ହୋଇଥିଲା ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । କଲିକତା ଅବସ୍ଥାନ କାଳରେ ମଧୁବାବୁଙ୍କ ହୃଦୟରେ ଓଡ଼ିଶାରେ ଓ କଲିକତା ପ୍ରବାସୀ ଓଡ଼ିଆମାନଙ୍କ ମଧ୍ୟରେ ଶିକ୍ଷା ବିସ୍ତାରର କାମନା ଜାଗ୍ରତ ହୋଇଥିଲା ।

(ପ) ଓକିଲାତିର ପ୍ରଥମ ଅବସ୍ଥାରେ ମଧୁସୂଦନଙ୍କୁ କ'ଣ ସହିବାକୁ ପଡ଼ିଥିଲା ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ଓକିଲାତିର ପ୍ରଥମ ଅବସ୍ଥାରେ ମଧୁସୂଦନଙ୍କୁ ବ୍ୟଙ୍ଗ, ବିଦ୍ରୂପ, ନିର୍ଯାତନା ଓ ନିରାଶବାଣୀ ଶୁଣିବାକୁ ହୋଇଥିଲା ।

(ଫ) ମଧୁବାବୁ କାହାକୁ ଭ୍ରୁକ୍ଷେପ ନକରି ନିଜର କର୍ତ୍ତବ୍ୟ ସମ୍ପାଦନ କରିଥିଲେ ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ମଧୁବାବୁ ବ୍ୟଙ୍ଗ, ବିଦ୍ରୂପ, ନିର୍ଯାତନା ଓ ନିରାଶବାଣୀ ଆଦି ଦେଇ ...ମାନଙ୍କର ବ୍ୟବହାରକୁ ଭ୍ରୁକ୍ଷେପ ନକରି କର୍ତ୍ତବ୍ୟ ସମ୍ପାଦନ କରିଥିଲେ ।

(ବ) କାହାର ପ୍ରତିଭା ନିକଟରେ ନତମସ୍ତକ ହେବାକୁ ପଡ଼େ ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ପ୍ରଭାବଶାଳୀ ବ୍ୟକ୍ତି ପ୍ରତିଭା ନିକଟରେ ନତମସ୍ତକ ହେବାକୁ ପଡ଼େ ।

(ଭ) ମଧୁବାବୁ କେଉଁ ବଳରେ କଟକ ଓକିଲ ସମାଜରେ ଶୀର୍ଷସ୍ଥାନ ଅଧିକାର କରିଥିଲେ ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ମଧୁବାବୁ ନିଜର ବିଦ୍ୟା, ବୁଦ୍ଧି, ଶକ୍ତି, ସାମର୍ଥ୍ୟ ଓ ଅଧ୍ୟବସାୟ ବଳରେ କଟକ ଓକିଲ ସମାଜରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ ।

(ମ) ମଧୁସୂଦନ ଜୀବନର ଶ୍ରେଷ୍ଠ ସାଧନା କ'ଣ ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ମଧୁସୂଦନଙ୍କ ଜୀବନର ଶ୍ରେଷ୍ଠ ସାଧନା ।

(ଯ) ଓଡ଼ିଆ ଭାଷୀ ଅଞ୍ଚଳର ଏକତ୍ରୀକରଣର ପ୍ରଥମ ଉଦ୍ୟମ କ'ଣ ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀ କରଣର ପ୍ରାଥମିକ ଉଦ୍ୟମ ହେଉଛି ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା ।

(ର) କାହାର ଉଦ୍ୟମ ଏବଂ କେଉଁ ବଡ଼ଲାଟ୍‌ଙ୍କ ଆଦେଶରେ ସମ୍ବଲପୁର ଅଞ୍ଚଳକୁ ଓଡ଼ିଶା ସହିତ ସଂଯୋଗ କରାଯାଇଥିଲା ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ମଧୁବାବୁଙ୍କ ଉଦ୍ୟମ ଓ ଭାରତର ତତ୍‌କାଳୀନ ବଡ଼ଲାଟ ଲର୍ଡ଼ କର୍ଜନଙ୍କ ଆଦେଶରେ ସମ୍ବଲପୁର ଅଞ୍ଚଳକୁ ଓଡ଼ିଶା ସହିତ ସଂଯୋଗ କରାଯାଇଥିଲା ।

(ଲ) ଉତ୍କଳ ଟାନେରୀ ବା ଜୋତା କାରଖାନା କାହିଁକି ସ୍ଥାପିତ ହୋଇଥିଲା ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ସହସ୍ର ସହସ୍ର ଓଡ଼ିଆ ବେକାରମାନଙ୍କ ଅନ୍ନସଂସ୍ଥାନ ଓ ଚମଡ଼ା ଶିଳ୍ପର ଉନ୍ନତି ଲାଗି ଉତ୍କଳ ଟାନେରୀ ବା ଜୋତା କାରଖାନା ସ୍ଥାପିତ ହୋଇଥିଲା ।

(ବ) ବିଭିନ୍ନ ପ୍ରଦେଶବାସୀ ଓଡ଼ିଆ ଭାଇ ଭଉଣୀମାନଙ୍କୁ ମଧୁସୂଦନ ଆହ୍ୱାନ କରି କ'ଣ ଲେଖିଥିଲେ ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ବିଭିନ୍ନ ପ୍ରଦେଶୀବାସୀ ଓଡ଼ିଆ ଭାଇଭଉଣୀଙ୍କୁ ଏହି ସମ୍ମିଳନୀକୁ ଆହ୍ୱାନ କରି ଲେଖିଥିଲେ –

"ଏହି ସମ୍ମିଳନୀ, ଜାତିପ୍ରାଣସିନ୍ଧୁ
କୋଟି ପ୍ରାଣ ବିନ୍ଦୁ ଧାରେ,
ତୋର ପ୍ରାଣବିନ୍ଦୁ ମିଶାଇଦେ ଭାଇ
ଡେଇଁ ପଡ଼ି ସିନ୍ଧୁ ନୀରେ ।"

(ଶ) ମଧୁବାବୁ ସର୍ବଦା କ'ଣ କହୁଥିଲେ ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ମଧୁବାବୁ ସର୍ବଦା କହୁଥିଲେ **'ଆଲୋ ସଖି, ଆପଣା ମହତ ଆପେ ରଖି ।**

(ଷ) କ'ଣ ମଧୁସୂଦନଙ୍କ ଦୂରଦୃଷ୍ଟି ଓ ଶକ୍ତିକୁ ବର୍ଦ୍ଧିତ କରିଥିଲା ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ବିଲାତର **ଶିକ୍ଷା, ସଭ୍ୟତା ଏବଂ ପାର୍ଲିଆମେଣ୍ଟର** କାର୍ଯ୍ୟ ପ୍ରଣାଳୀ ମଧୁସୂଦନଙ୍କ ଦୂରଦୃଷ୍ଟି ଓ ଶକ୍ତିକୁ ବର୍ଦ୍ଧିତ କରିଥିଲା ।

(ସ) ମଧୁସୂଦନଙ୍କ ମତରେ ମନ୍ତ୍ରୀମାନେ କିପରି କାର୍ଯ୍ୟ କରିବା ଉଚିତ ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । **ମନ୍ତ୍ରୀମାନେ ଅବୈତନିକ ଭାବେ କାର୍ଯ୍ୟ କରିବା** ଉଚିତ, ଲୋକପ୍ରତିନିଧି ହୋଇ ବେତନ ଭୋଗୀ ହେବା ଉଚିତ ନୁହେଁ ।

(ହ) ବ୍ୟବସ୍ଥାପକ ରୂପେ କେଉଁ ଆଇନ ପ୍ରଣୟନ ମଧୁବାବୁଙ୍କ କୃତିତ୍ୱ ଥିଲା ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ବ୍ୟବସ୍ଥାପକ ରୂପେ ବହୁ ଆଇନ ପ୍ରଣୟନରେ ମଧୁବାବୁଙ୍କ କୃତିତ୍ୱ ଥିଲା ତା ମଧ୍ୟରୁ ଓଡ଼ିଶା ପ୍ରଜାସତ୍ତ୍ୱ ଆଇନ ଓ ବିହାର-ଓଡ଼ିଶା ମ୍ୟୁନିସିପାଲିଟି ଆଇନ ଉଲ୍ଲେଖନୀୟ ।

(କ୍ଷ) ମଧୁସୂଦନ କ'ଣ ଲାଗି ଦେଶବାସୀଙ୍କୁ ମତାଇ ଥିଲେ ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ଜାତୀୟ ଭାବ ଜାଗ୍ରତ ଲାଗି ଉତ୍କଳ ସମ୍ମିଳନୀ ମଣ୍ଡପରେ ଉପସ୍ଥିତ ପ୍ରତିନିଧିମାନଙ୍କୁ ଜାତୀୟ ପଗଡ଼ି ପିନ୍ଧିବାକୁ ପ୍ରରୋଚିତ କରିଥିଲେ ।

(ଳ) ମଧୁସୂଦନ କେବେ ତାରିଖରେ ମୃତ୍ୟୁବରଣ କରିଥିଲେ ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ମଧୁସୂଦନ ୧୯୩୪ ମସିହା ଫେବୃୟାରୀ ମାସ ୪ ତାରିଖରେ ମୃତ୍ୟୁବରଣ କରିଥିଲେ ।

**୪. ୩୦ଟି ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକ ସୂଚନାପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ ।**

(କ) ଗୋପାଳବଲ୍ଲଭଙ୍କ ସମ୍ପର୍କରେ ସଂକ୍ଷେପରେ କ'ଣ କୁହାଯାଇଛି ?

ଉ.: ପଠିତ ପାଠ୍ୟାଂଶଟି ସାହିତ୍ୟ ଜ୍ୟୋତିରେ ଥିବା ମଧୁବାବୁ ବିଷୟରୁ ଉଦ୍ଧୃତ । ଏହାର ଲେଖକ ରାୟବାହାଦୁର ଚିନ୍ତାମଣି ଆଚାର୍ଯ୍ୟ । ପେଶାରେ ଆଇନ ବିଭାଗର ଅଧ୍ୟାପକ ଚିନ୍ତାମଣି ଆଚାର୍ଯ୍ୟ ଉତ୍କଳ ସାହିତ୍ୟ ସମାଜର ସଭାପତି ଥିଲେ । ତାଙ୍କର କୃତିଗୁଡ଼ିକ ମଧ୍ୟରେ ଇତିହାସ ପ୍ରସଙ୍ଗ ଜଗନ୍ନାଥ ଦାସ ବିକ୍ରମାଦିତ୍ୟାଦି ପ୍ରଧାନ । ଗୋପାଳ ବଲ୍ଲଭ ଚଉଧୁରୀ ରଘୁନାଥ ଦାସଙ୍କର କନିଷ୍ଠ ପୁତ୍ର ଥିଲେ । ସେ କଲିକତା ବିଶ୍ୱବିଦ୍ୟାଳୟର ଏମ୍.ଏ. ପାଶ୍‌କରି ଡେପୁଟି ମାଜିଷ୍ଟ୍ରେଟ୍ ରୂପେ କାର୍ଯ୍ୟ କରୁଥିଲେ । ତାଙ୍କଦ୍ୱାରା ପ୍ରସିଦ୍ଧ ଭୀମା ଭୂୟାଁ ଗ୍ରନ୍ଥ ରଚିତ ହୋଇଥିଲା ।

(ଖ) ପ୍ରାଚୀନ ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା କିପରି ଥିଲା ?

ଉ.: ଉକ୍ତ ପାଠ୍ୟାଂଶଟି ମଧୁବାବୁ ବିଷୟରୁ ଆନୀତ ଓ ଏହାର ଲେଖକ ରାୟବାହାଦୂର ଚିନ୍ତାମଣି ଆଚାର୍ଯ୍ୟ । ଜଣେ ସାରସ୍ୱତ ସାଧକ ଭାବେ ଶ୍ରୀଯୁକ୍ତ ଆଚାର୍ଯ୍ୟ ବହୁ କୃତିତ୍ୱ ଅର୍ଜ୍ଜନ କରିଛନ୍ତି । ପ୍ରାଚୀନ ଓଡ଼ିଶାରେ ପିଲାମାନେ ଚାଟଶାଳୀରେ ମାଟିବଂଶ ବା କ୍ଷିତିବଂଶ ଅବଧାନମାନଙ୍କ ପାଖରେ ପ୍ରାଥମିକ ଶିକ୍ଷା କରୁଥିଲେ । ସେତେବେଳେ ଶିକ୍ଷା ବ୍ୟବସ୍ଥା ଅତ୍ୟନ୍ତ ଶୃଙ୍ଖଳିତ ଥିଲା । ଭୂଇଁ ଉପରେ ତାଳପତ୍ର ଓ ଲେଖନୀରେ ଲେଖାଯାଉଥିଲା, ଶୂନ ଦେବା ବ୍ୟବସ୍ଥା ଥିଲା । ସକାଳ ସୂର୍ଯ୍ୟୋଦୟରୁ ଏଗାରଟା ପର୍ଯ୍ୟନ୍ତ ସକାଳ ବେଳା ପାଠପଢ଼ା ଓ ସନ୍ଧ୍ୟାବେଳେ ଶ୍ଳୋକ, ପ୍ରାର୍ଥନା, ରାମାୟଣ, ମହାଭାରତ ଇତ୍ୟାଦି ପୁରାଣଶାସ୍ତ୍ର ପଢ଼ାଯାଉଥିଲା ।

(ଗ) ଚାଟଶାଳୀରେ ସକାଳ ବେଳା, ଉପରବେଳା ଓ ସନ୍ଧ୍ୟାବେଳେ କ'ଣ କ'ଣ ପଢ଼ା ହୁଏ ?

ଉ.: ଉଦ୍ଧୃତାଂଶଟିର ଲେଖକ ଚିନ୍ତାମଣି ଆଚାର୍ଯ୍ୟ, ଏହା ମଧୁବାବୁ ବିଷୟରୁ ଆସିଅଛି । ଚାଟଶାଳୀରେ ସକାଳ ବେଳା ଅକ୍ଷର ଲେଖାହୁଏ ଓ ପଣିକିଆ, ଶୋଧି, ଓଡ଼ାଙ୍କ ଫେଡ଼ାଙ୍କ, ହରଣ, ଗୁଣନ, ପାହି ପଣିକିଆ, କଡ଼ାଗଣ୍ଡା, ପଣିକିଆ, ଲୀଳାବତୀ ସୂତ୍ର, ଉପରବେଳା ତାଳପତ୍ର ଲେଖନୀରେ ଅକ୍ଷର ଲେଖା, ଭାଗବତ, ରାମାୟଣ, ମହାଭାରତ, ବୈଦେହୀଶବିଳାସ, ଗୋପୀଭାଷା ଓ ସନ୍ଧ୍ୟାବେଳେ ସନ୍ଧ୍ୟାଦୀପ ପରେ ପିଲାମାନେ 'ଦୀପଂ ଜ୍ୟୋତିଃ ପରଂବ୍ରହ୍ମ' ଶ୍ଳୋକ; ଚାଣକ୍ୟ ଶ୍ଳୋକ ଓ ମାନସାଙ୍କ ଆଦି ଆବୃତ୍ତି କରୁଥିଲେ ଓ ପଢୁଥିଲେ ।

(ଘ) ଇଂରାଜୀ ବିଦ୍ୟାଳୟରେ ଗୋବିନ୍ଦବଲ୍ଲଭଙ୍କୁ ପାଠ ପଢ଼ାଇବାକୁ କିଏ ଓ କାହିଁକି ବିରୋଧ କରୁଥିଲେ ?

ଉ.: ଉକ୍ତ ବିଷୟଟିର ନାମ ମଧୁବାବୁ ଏହାକୁ ଆଇନ ଅଧ୍ୟାପକ ଓ ବିଶିଷ୍ଟ ସାହିତ୍ୟିକ ଚିନ୍ତାମଣି ଆଚାର୍ଯ୍ୟ ରଚନା କରିଛନ୍ତି । ପ୍ରାଥମିକଶିକ୍ଷା ପରେ ଗୋବିନ୍ଦ ବଲ୍ଲଭ ଇଂରାଜୀ ପଢ଼ିବାକୁ କଟକ ଆସିବାକୁ ତାଙ୍କର ପିତାମହୀ ବିରୋଧ କରିଥିଲେ । କାରଣ ସେତେବେଳେ ଖ୍ରୀଷ୍ଟିୟାନ ପାଦ୍ରୀମାନେ ଶିକ୍ଷାଦାନ କରୁଥିବାରୁ ଅନେକ ଇଂରାଜୀ ପଢୁଆ ପିଲା ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରୁଥିଲେ । ତେଣୁ ତାଙ୍କ ପିତାମହୀ କଟକରେ ଇଂରାଜୀ ପାଠ ପଢ଼ାକୁ ବିରୋଧ କରୁଥିଲେ ।

(ଙ) ସାର୍ ଆଶୁତୋଷ ମୁଖୋପାଧ୍ୟାୟଙ୍କ ସମ୍ପର୍କରେ ସଂକ୍ଷେପରେ ଲେଖ ?

ଉ.: ଉକ୍ତ ବିଷୟଟିର ଲେଖକ ଚିନ୍ତାମଣି ଆଚାର୍ଯ୍ୟ ଓ ବିଷୟଟିର ନାମ ମଧୁବାବୁ । କଲିକତାରେ ଶିକ୍ଷକତା କରିବା ସମୟରେ ଗୋବିନ୍ଦବଲ୍ଲଭ କଲିକତାର ସୁନାମଧନ୍ୟ ସାର୍ ଆଶୁତୋଷ ମୁଖୋପାଧ୍ୟାୟଙ୍କର ଗୃହ ଶିକ୍ଷକ ଥିଲେ । ସେ କଲିକତା ହାଇକୋର୍ଟର ପ୍ରଧାନ ବିଚାରପତି ଓ ବିଶ୍ୱବିଦ୍ୟାଳୟର କୁଳପତି ତଥା ବଙ୍ଗ, ବିହାର ଓ ଓଡ଼ିଶା ପ୍ରଦେଶରେ ଉଚ୍ଚ ଇଂରାଜୀ ଶିକ୍ଷାର ଉନ୍ନତି ପାଇଁ କାର୍ଯ୍ୟକରି ପ୍ରଶଂସିତ ହୋଇଥିଲେ ।

(ଚ) ଅମ୍ବିକା ପ୍ରସାଦ ଓ ମଧୁସୂଦନଙ୍କ ପରସ୍ପର ସହଯୋଗ ସମ୍ପର୍କରେ ସଂକ୍ଷେପରେ ଲେଖ ।

ଉ.: ଉକ୍ତ ବିଷୟଟିର ନାମ ମଧୁବାବୁ ଓ ଏହାର ଲେଖକ ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ଚିନ୍ତାମଣି ଆଚାର୍ଯ୍ୟ ରଚନା କରିଛନ୍ତି । କଲିକତା ଉଚ୍ଚଶିକ୍ଷା ପାଇଁ ମଧୁବାବୁ ଯିବାପରେ ସେଠାରେ ଖ୍ରୀଷ୍ଟିୟାନ ପାଦ୍ରୀ ଅମ୍ବିକା ପ୍ରସାଦଙ୍କ ସହ ତାଙ୍କର ସମ୍ପର୍କ ସ୍ଥାପନ ହେଲା । ଅମ୍ବିକା ପ୍ରସାଦ ତାଙ୍କୁ ଉଚ୍ଚଶିକ୍ଷାର ବ୍ୟବସ୍ଥା କରାଉଥିଲେ । ଅମ୍ବିକା ପ୍ରସାଦଙ୍କର ମୃତ୍ୟୁ ପରେ ତାଙ୍କର ଅନେକଗୁଡ଼ିଏ ପିଲାମାନଙ୍କର ପଢ଼ିବାର ଭାର ମଧୁବାବୁ ନେଇଥିଲେ । ସେମାନଙ୍କ

ମଧ୍ୟରୁ ଦୁଇଜଣଙ୍କୁ ବିଲାତ ପଠାଇଥିଲେ । ଶୈଳବାଳା ଓ ସୁଧାଂଶୁବାଳା ନାମ୍ନୀ ଦୁଇଜଣ ତାଙ୍କ ଝିଅଙ୍କୁ ନିଜର କନ୍ୟା ରୂପେ ଆଜୀବନ ପାଳିଥିଲେ ।

(ଛ) ସାର୍ ଜନ୍ ଉଡ୍‌ରଫ୍ ସମ୍ପର୍କରେ ସଂକ୍ଷେପରେ ଲେଖ ।

ଉ.: ଉଦ୍ଧୃତାଂଶଟି ମଧୁବାବୁ ବିଷୟରୁ ଆନୀତ ଓ ଏହାର ଲେଖକ ଚିନ୍ତାମଣି ଆଚାର୍ଯ୍ୟ । କଲିକତା ଓକିଲାତି ସମୟରେ ମଧୁବାବୁ ସାର୍ ଜନ୍ ଉଡ୍‌ରଫ୍ ଏପରି ପ୍ରସିଦ୍ଧ ବାରିଷ୍ଟରଙ୍କ ସଂସ୍ପର୍ଶରେ ଆସିଥିଲେ । ସାର୍ ଜନ ଉଡ୍‌ରଫ୍ ଜଣେ ସଂସ୍କୃତ ଭାଷାବିତ୍ ପଣ୍ଡିତ ଏବଂ ଭାରତୀୟ ତନ୍ତ୍ରଶାସ୍ତ୍ର ସମ୍ବନ୍ଧରେ ସେ ଅନେକ ପୁସ୍ତକ ରଚନା କରିଥିଲେ । ସେ କଲିକତା ହାଇକୋର୍ଟର ବିଚାରପତି ଥିଲେ ।

(ଜ) ଓଡ଼ିଆଙ୍କ ଅନ୍ନସଂସ୍ଥାନ ଓ ଚମଡ଼ାଶିଳ୍ପର ଉନ୍ନତି ଲାଗି ମଧୁସୂଦନ କ'ଣ କରିଥିଲେ ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । କଟକର ପ୍ରସିଦ୍ଧ ତାରକସି କାମ ଓ ଚମଡ଼ା ଶିଳ୍ପ ମଧୁସୂଦନଙ୍କର ପ୍ରଚେଷ୍ଟାର ଫଳ । ଓଡ଼ିଶାରେ ସହସ୍ର ସହସ୍ର ବେକାର ଓଡ଼ିଆ ଯୁବକମାନଙ୍କୁ କର୍ମ ସଂସ୍ଥାନ ପାଇଁ ମଧୁବାବୁ ଉତ୍କଳ ଟାନେରୀ ନାମକ ଜୋତା କାରଖାନା ସ୍ଥାପନ କରିଥିଲେ, ଯେଉଁଥିରେ ଉନ୍ନତମାନର ଜୋତା ପ୍ରସ୍ତୁତ ହେଉଥିଲା । ଗୋଧିଚମ, କୁମ୍ଭୀରଚମ ପ୍ରଭୃତିରୁ ଉତ୍କୃଷ୍ଟ ଜୋତା, ବ୍ୟାଗ୍ ଆଦି ପ୍ରସ୍ତୁତ କରି ମାନଦଣ୍ଡ ରକ୍ଷା କରିବା ଓ ଅଗଣିତ ବେକାରମାନଙ୍କୁ କର୍ମ ଯୋଗାଇବା ମଧୁବାବୁଙ୍କ ପ୍ରାଥମିକତା ଥିଲା ।

(ଝ) କଲିକତାରେ ପ୍ରବାସୀ ଓଡ଼ିଆମାନଙ୍କ ମଧ୍ୟରେ ଶିକ୍ଷାର ବିସ୍ତାର ଲାଗି ମଧୁସୂଦନ କି ପଦକ୍ଷେପ ନେଇଥିଲେ ?

ଉ.: ବିଷୟଟିର ନାମ ମଧୁବାବୁ ଓ ଏହାର ଲେଖକ ପ୍ରସିଦ୍ଧ ସାହିତ୍ୟିକ ଓ ଅଧ୍ୟାପକ ଚିନ୍ତାମଣି ଆଚାର୍ଯ୍ୟ । କଲିକତାରେ ଅବସ୍ଥାନ କାଳରେ ମଧୁବାବୁ ସେଠାରେ ବସବାସ କରୁଥିବା ପ୍ରବାସୀ ଓଡ଼ିଆମାନଙ୍କ ଶିକ୍ଷାର ବିସ୍ତାର ଲାଗି ଅନେକଗୁଡ଼ିଏ ନୈଶବିଦ୍ୟାଳୟ ସ୍ଥାପନ କରିଥିଲେ । କାରଣ ମଧୁବାବୁ ଚିନ୍ତା କରିଥିଲେ ଏମାନେ ଶିକ୍ଷିତ ହେଲେ ଓଡ଼ିଶାରେ ବିଦ୍ୟାଳୟ ସ୍ଥାପନ କରି ଶିକ୍ଷାର ବ୍ୟବସ୍ଥାକୁ ସୁଦୃଢ଼ କରିବେ । ସର୍ବପ୍ରଥମେ ନିରକ୍ଷରତା ଦୂରହେବା ଦରକାର । ମଧୁବାବୁଙ୍କ କଲିକତା ଛାଡ଼ିବା ପରେ ନୈଶ ବିଦ୍ୟାଳୟଗୁଡ଼ିକ ଭାଙ୍ଗି ଯାଇଥିଲା ।

(ଞ) ମଧୁସୂଦନ ପ୍ରଥମ ଓକିଲାତି କାଳରେ କିପରି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ?

ଉ.: ଉଦ୍ଧୃତାଂଶଟି ମଧୁବାବୁ ବିଷୟରୁ ଆସିଅଛି । ଏହାର ଲେଖକ ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ଚିନ୍ତାମଣି ଆଚାର୍ଯ୍ୟ । ମଧୁବାବୁ କଲିକତାରୁ ଆସି ପ୍ରଥମେ କଟକରେ ଓକିଲାତି କଲା ବେଳେ ବହୁ ବିରୋଧ ଓ ବ୍ୟଙ୍ଗ ବିଦ୍ରୂପର ସମ୍ମୁଖୀନ ହୋଇଥିଲେ । କାରଣ ମଧୁବାବୁ ସେତେବେଳେ ଥିଲେ ଏକମାତ୍ର ଓଡ଼ିଆ ଓକିଲ । ଓକିଲ, ହାକିମ ସମସ୍ତେ ବଙ୍ଗାଳି ତେଣୁ ସେମାନଙ୍କର ପ୍ରତିପତ୍ତି ରହିଥିଲା ମାତ୍ର ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ସମ୍ମୁଖୀନ ହୋଇ, ନିରାଶ ନହୋଇ ନିଜର କର୍ମରେ ସେ ମନୋନିବେଶ କରିଥିଲେ ।

(ଟ) ପୁରୀ ଜଗନ୍ନାଥ ମନ୍ଦିର ପରିଚାଳନାର ଭାର ସମ୍ପର୍କିତ ମୋକଦ୍ଦମା ପରିଚାଳନାରେ ମଧୁବାବୁ କୌଶଳ ନିରୂପଣ କର ?

ଉ.: ବିଷୟଟିର ନାମ ମଧୁବାବୁ ଓ ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ଜଗନ୍ନାଥ କୋଟି କୋଟି ଓଡ଼ିଆଙ୍କର ପ୍ରାଣ ଦେବତା । ପୁରୀ ଗଜପତି ଓଡ଼ିଆର ଦ୍ୱିତୀୟ ପୂଜ୍ୟ ଦେବତା । ଇଂରେଜ ସରକାର ସେତେବେଳେ ମନ୍ଦିର

ପରିଚାଳନା ନିଜ ହାତକୁ ନେବାକୁ ଚକ୍ରାନ୍ତ କଲେ ମଧୁବାବୁ ଜୀବିତ ଥାଉଁଥାଉଁ ଏହା କରାଇ ଦେବେ ନାହିଁ ବୋଲି ପ୍ରତିଜ୍ଞା କରି କଲିକତା ହାଇକୋର୍ଟ ପର୍ଯ୍ୟନ୍ତ ମୋକଦ୍ଦମା ଲଢ଼ିଥିଲେ । ଫଳରେ ବାଧ୍ୟ ହୋଇ ସରକାର ପୁରୀ ରାଜାଙ୍କ ସହିତ ମୋକଦ୍ଦମା ରଫାଦଫା କରିଥିଲେ ।

(ଠ) ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ଭାଷାମାନଙ୍କର ଏକତ୍ରିକରଣ ପାଇଁ ମଧୁସୂଦନଙ୍କ ଉଦ୍ୟମ କ'ଣ ଥିଲା ?

ଉ.: ବିଷୟଟି ମଧୁବାବୁରୁ ଆସିଅଛି । ଏହାର ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ସେତେବେଳେ ଉତ୍କଳର କେତେକ ଅଂଶ ମଧ୍ୟପ୍ରଦେଶରେ, କେତେକ ବଙ୍ଗଦେଶରେ, କେତେକ ବିହାରରେ, କେତେକ ମାନ୍ଦ୍ରାଜରେ ରହିଥିଲା । ଫଳରେ ବିଭିନ୍ନ ଅଞ୍ଚଳରେ ରହୁଥିବା ଓଡ଼ିଆମାନଙ୍କୁ ସେ ସ୍ଥାନର ଭିନ୍ନ ଭିନ୍ନ ଭାଷା କହିବାକୁ ଶିଖିବାକୁ ଅସୁବିଧା ହେଉଥିଲା । ଓଡ଼ିଆ ଅଞ୍ଚଳରେ ଏକତ୍ରୀକରଣ ପାଇଁ ସେ ପ୍ରଥମେ ଉତ୍କଳ ଓ ସମ୍ମିଳନୀର ଆହ୍ୱାନ ଓ ପ୍ରତିଷ୍ଠା କରିଥିଲେ ଓ ସେମାନଙ୍କୁ ଆହ୍ୱାନ କରି ଲେଖିଥିଲେ –

ଏହି ସମ୍ମିଳନୀ ଜାତି ପ୍ରାଣସିନ୍ଧୁ
କୋଟି ପ୍ରାଣବିନ୍ଦୁ ଧରେ,
ତୋର ପ୍ରାଣବିନ୍ଦୁ ମିଶାଇଦେ ଭାଇ
ଡେଇଁପଡ଼ି ସିନ୍ଧୁ ନୀରେ ।

ଫଳରେ ତତ୍‌କାଳୀନ ବଡ଼ଲାଟ ପ୍ରଥମେ ସମ୍ବଲପୁର ଅଞ୍ଚଳକୁ ମଧ୍ୟପ୍ରଦେଶରୁ ଆଣି ଓଡ଼ିଶା ସହିତ ଯୋଗ କରାଇଯାଇଥିଲା ।

(ଡ) ଉତ୍କଳ ସମ୍ମିଳନୀ ପ୍ରତିଷ୍ଠାର ମୂଳରେ ମଧୁବାବୁଙ୍କ ମୁଖ୍ୟ ଉଦ୍ଦେଶ୍ୟ କ'ଣ ଥିଲା ?

ଉ.: ବିଷୟଟିର ନାମ ମଧୁବାବୁ ଓ ଏହାର ଲେଖକ ବିଶିଷ୍ଟ ଶିକ୍ଷାବିତ୍ ଚିନ୍ତାମଣି ଆଚାର୍ଯ୍ୟ । ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା ମୂଳରେ ମଧୁବାବୁଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିଲା ବିଚ୍ଛିନ୍ନାଞ୍ଚଳରେ ରହୁଥିବା ଓଡ଼ିଆ ଭାଷାଭାଷୀମାନଙ୍କୁ ଏକତ୍ରିତ କରିବା ଓ ସେମାନଙ୍କର ରହିବା, ଅଧିକାର ସାବ୍ୟସ୍ତ କରିବା ତଥା ଭାଷାଗତ ସମସ୍ୟାକୁ ଦୂର କରି ଏକ ଅଖଣ୍ଡ ଉତ୍କଳ ବା ଓଡ଼ିଶା ଗଠନ କରିବା ।

(ଢ) ବ୍ୟବସ୍ଥାପକ ସଭାର ସଦସ୍ୟ ରୂପେ ମଧୁବାବୁଙ୍କ କୃତିତ୍ୱ ବିଚାର କର ।

ଉ.: ଉଦ୍ଧୃତାଂଶଟି ମଧୁବାବୁ ବିଷୟରୁ ଆନୀତ ଓ ଏହାର ଲେଖକ ଚିନ୍ତାମଣି ଆଚାର୍ଯ୍ୟ । ମଧୁବାବୁ ବଡ଼ଲାଟଙ୍କର ବ୍ୟବସ୍ଥାପକ ସଭାର ଓ ବଙ୍ଗ ଦେଶର ବ୍ୟବସ୍ଥାପକ ସଭାରେ ସଦସ୍ୟ ରୂପେ ନିର୍ବାଚିତ ହୋଇଥିଲେ । ମଧୁବାବୁ ବ୍ୟବସ୍ଥାପକ ସଭାର ସଦସ୍ୟ ହେବା ପରେ ତାଙ୍କର ବିଲାତ ଗସ୍ତର ଅଭିଜ୍ଞତା ଶିକ୍ଷା ସଂସ୍କୃତି ଆଦିକୁ କାମରେ ଲଗାଇଥିଲେ । ବହୁ ଆଇନ ପ୍ରଣୟନ କରିଥିଲେ । ତା' ମଧ୍ୟରୁ ଦୁଇଟି ପ୍ରଧାନ ଆଇନ ଯାହା କୋଟି କୋଟି ଓଡ଼ିଆଙ୍କର ଭାଗ୍ୟ ବଦଳାଇଥିଲେ ତାହାହେଲା ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନ, ବିହାର, ଓଡ଼ିଶା ମ୍ୟୁନିସିପାଲିଟି ଆଇନ ଆଦି ପ୍ରଧାନ ।

(ଣ) ଉତ୍କଳ ଟାନେରୀ ପ୍ରତିଷ୍ଠାରେ ମଧୁସୂଦନଙ୍କ କେଉଁ ଉଦ୍ଦେଶ୍ୟ ନିହିତ ?

ଉ.: ବିଷୟଟିର ନାମ ମଧୁବାବୁ ଓ ଏହା ସଫଳ ସାହିତ୍ୟିକ ଓ ଅଧ୍ୟାପକ ଚିନ୍ତାମଣି ଆଚାର୍ଯ୍ୟଙ୍କ ଦ୍ୱାରା ଲିଖିତ। ଉତ୍କଳ ଟାନେରୀ ମଧୁବାବୁ ଉତ୍କଳ ଓ ଉତ୍କଳୀୟଙ୍କ ପାଇଁ ଦେଖିଥିବା ସ୍ୱପ୍ନ ମଧ୍ୟରୁ ଗୋଟିଏ। ଓଡ଼ିଶା ପ୍ରଦେଶ ଭିତରେ ଉପରେ ଉପଯୁକ୍ତ କର୍ମସଂସ୍ଥାନର ଅଭାବ ହେତୁ ବହୁଓଡ଼ିଆ ଦାଦନ ଖଟିବାକୁ କର୍ମସଂସ୍ଥାନ ପାଇଁ ପଡ଼ୋଶୀ ରାଜ୍ୟକୁ ପଳାଉଥିଲେ। ଉତ୍କଳ ଭିତରେ ସହସ୍ର ବେକାର ଯୁବକମାନଙ୍କୁ କର୍ମସଂସ୍ଥାନ ଓ ଉନ୍ନତ ମାନର ଜୋତା ବ୍ୟାଗ୍ ତିଆରି କରିବା ଏହାର ଉଦ୍ଦେଶ୍ୟ ଥିଲା। କୌଣସି ସାମାନ୍ୟ ତ୍ରୁଟି ପରିଲକ୍ଷିତ ହେଲେ ସେ କଞ୍ଚାମାଲଗୁଡ଼ିକୁ ମଧୁବାବୁ ପୋଡ଼ି ଦେଉଥିଲେ। ଗୋଧି, କୁମ୍ଭୀର ଚମଡ଼ାକୁ ପ୍ରୟୋଗ କରି କମ୍ ଦରରେ ଉନ୍ନତମାନର ଜୋତା ପ୍ରସ୍ତୁତ କରିବା ଓଡ଼ିଶାର ମାନ ସର୍ବଭାରତୀୟ ସ୍ତରରେ ଓ ବିଶ୍ୱରେ ପରିଚିତ କରାଇବା ତାଙ୍କର ଉଦ୍ଦେଶ୍ୟ ଥିଲା।

**(୫) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ। ପ୍ରଶ୍ନର ମୂଲ୍ୟ ୫ ନମ୍ବର। ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୧୫୦ ଶବ୍ଦରେ ଦେବାକୁ ହେବ।**

**(କ) ତୁମ ପଠିତ ରଚନାରୁ ମଧୁବାବୁଙ୍କ ବହୁମୁଖୀ ପ୍ରତିଭାର ପରିଚୟ ପ୍ରଦାନ କର।**

ଉ.: ଊନବିଂଶ ଶତାବ୍ଦୀ ମଧ୍ୟ ଭାଗରେ ଓଡ଼ିଆ ସାହିତ୍ୟକୁ ଯେଉଁ କେତେକଣ ପ୍ରଥିତ ଯଶା ଲେଖକ ଲେଖନୀ ଚାଳନା କରି ସମୃଦ୍ଧ କରିଥିଲେ ସେମାନଙ୍କ ମଧ୍ୟରେ ଚିନ୍ତାମଣି ଆଚାର୍ଯ୍ୟ ଅନ୍ୟତମ। ସେ ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ। ଆଇନ କଲେଜରେ ଅଧ୍ୟାପକ ଭାବରେ କାର୍ଯ୍ୟକରି ସେ ସାହିତ୍ୟ ଜଗତରେ ପ୍ରଚ୍ଛନ୍ନ ଭାବରେ ଜଡ଼ିତ ଥିଲେ। ପ୍ରସିଦ୍ଧ ଝଙ୍କାର ପତ୍ରିକାର ସମ୍ପାଦକ ସହ ସେ ବହୁ କୃତିତ୍ୱ ଯଥା- ଜଗନ୍ନାଥ ଦାସ, ଇତିହାସ ପ୍ରସଙ୍ଗ, କଟକ, ଭୁବନେଶ୍ୱର, ବିକ୍ରମାଦିତ୍ୟ, ଶ୍ରୀକୃଷ୍ଣ, ମଙ୍ଗଳସ୍ୱପ୍ନ, ଗୋପାଳନ ଆଦି ଅନେକ ଗ୍ରନ୍ଥର ସ୍ରଷ୍ଟା।

ମଧୁବାବୁ ବିଷୟଟି କୁଳବୃଦ୍ଧ ମଧୁସୂଦନଙ୍କ ଜୀବନର ସଂଗ୍ରାମୀ ଗାଥା କହେ। ଏଥିରେ ପ୍ରତିକୂଳ ପରିସ୍ଥିତିରେ କିପରି ଚାଲିବାକୁ ହୁଏ ସେକଥା କୁହାଯାଇଛି। ସତ୍ୟ, ନିଷ୍ଠା, କର୍ତ୍ତବ୍ୟ ପରାୟଣତା, ସେବା ଓ ତ୍ୟାଗ ଫଳରେ ଅସମ୍ଭବ ମନେ ହେଉଥିବା କାର୍ଯ୍ୟ କରିପାରିବା ସମ୍ଭବ ଏକଥା ପ୍ରବନ୍ଧଟିରେ ପ୍ରମାଣିତ ହୋଇଛି। ତୁଳସୀର ଗୁଣ ଜନ୍ମରୁ ପ୍ରସ୍ଫୁଟିତ ହେବା ପରି ମଧୁସୂଦନଙ୍କ ମେଧାବୀ ପଣିଆ ଆରମ୍ଭରୁ ହିଁ ପ୍ରକାଶିତ ହୋଇଛି। ବାଲ୍ୟକାଳରେ ଚାଟଶାଳୀ ଅବଧାନ ପାଖରେ ଶିକ୍ଷା ସମାପ୍ତ କରି କଟକରେ ପାଦଦେବା ପରେ ସେ ଆଉ ପଛକୁ ଫେରିନାହାନ୍ତି। ଗୋଟିଏ ପରେ ଗୋଟିଏ ଶିକ୍ଷାର ସୋପାନ ଚଢ଼ି ସେ ମନ୍ତ୍ରୀ ଓ ବ୍ୟବସ୍ଥାପକ ସଭାର ସଦସ୍ୟ ପର୍ଯ୍ୟନ୍ତ ଯାଇଛନ୍ତି। ତାଙ୍କର ଉତ୍ସର୍ଗୀକୃତ ସମାଜନୀତି ଓ ସେବା ତାଙ୍କୁ ଉତ୍କଳର ପୁରପଲ୍ଲୀରେ ବରେଣ୍ୟ ଶ୍ରେଷ୍ଠ ବନ୍ଦନୀୟ ମହାପୁରୁଷ ଭାବେ ପରିଚିତ କରାଇ ପାରିଛି। ଇଂରାଜୀରେ ସେସମୟରେ ଏମ୍.ଏ., ବି.ଏଲ୍, ପୁଣି କଲିକତାର ଶ୍ରୀରାମପୁର କଲେଜର ଅଧ୍ୟାପକ, କଲିକତା ହାଇକୋର୍ଟର ପ୍ରିଭି କାଉନ୍ସିଲର ଅନୁବାଦକ ଆଦି ମର୍ଯ୍ୟାଦାଜନକ ଆସନକୁ ଛାଡ଼ି ସେ ଓଡ଼ିଶା ପଳେଇ ଆସିଥିଲେ। ଉଦ୍ଦେଶ୍ୟ ଥିଲା ନିଜେ ଆଗକୁ ଯିବା ସଙ୍ଗେ ସଙ୍ଗେ ଓଡ଼ିଆ ଜାତିକୁ ମଧ୍ୟ ଆଗକୁ ନେବ।

ସେ ଯେଉଁଠି ରହିଛନ୍ତି ସେଠି ତାଙ୍କର ସ୍ୱତନ୍ତ୍ର ପରିଚୟ ସ୍ଥାପନ କରିଛନ୍ତି। ଯେଉଁ କାର୍ଯ୍ୟରେ ଯୋଗ ଦେଇଛନ୍ତି ତାଙ୍କର ଏକ ସ୍ୱତନ୍ତ୍ର ଛାପ ଛାଡ଼ି ଆସିଛନ୍ତି। ଅମ୍ବିକା ପ୍ରସାଦ ତାଙ୍କୁ ଦୁଃଖସମୟରେ ସାହାଯ୍ୟ କରିଥିବାରୁ, ତାଙ୍କ କୁଟୁମ୍ବକୁ ସେ ନିଜର କରିଛନ୍ତି। ପ୍ରବାସୀ ଓଡ଼ିଆଙ୍କ ପାଇଁ ନୈଶ୍ୟ ବିଦ୍ୟାଳୟ ସ୍ଥାପନ କରିଛନ୍ତି। ସବୁରି ମୂଳରେ ଓଡ଼ିଶା ଓ ଓଡ଼ିଆର ଟେକ ବା ମାନଦଣ୍ଡ ଉଚ୍ଚରେ ରଖିବା ଥିଲା ତାଙ୍କ ଉଦ୍ଦେଶ୍ୟ। ଓଡ଼ିଶାର ଓକିଲାତି ସମୟରେ ତଥାକଥିତ

ସମାଲୋଚକମାନଙ୍କୁ ସେ ଦୃଢ଼ ମନୋବଳ ଓ କର୍ମନିଷ୍ଠାରେ ଆପ୍ୟାୟିତ କରିଛନ୍ତି । ଉତ୍କଳ ଟାନେରୀ ପ୍ରତିଷ୍ଠା କରି ସହସ୍ର ବେକାରଙ୍କ ପେଟରେ ଦାନା ଓ ଆତ୍ମନିର୍ଭରଶୀଳତା ଶିଖେଇଛନ୍ତି । ଜଗନ୍ନାଥ ମନ୍ଦିରକୁ ବିଦେଶୀ ହାତରୁ ରକ୍ଷା କରିଛନ୍ତି । ବିଚ୍ଛିନ୍ନାଞ୍ଚଳରେ ରହୁଥିବା ଓଡ଼ିଆ ଭାଷାଭାଷୀଙ୍କ ଦୁଃଖଦୁର୍ଦ୍ଦଶାକୁ ଅନୁଭବ କରି ସେମାନଙ୍କ ପାଇଁ ସଂଗ୍ରାମ କରି ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କରି ଏକତ୍ରିତ କରିଛନ୍ତି । ସେମାନଙ୍କ ଭିତରେ ସଂଗ୍ରାମୀର ରକ୍ତ ପ୍ରବାହିତ କରିଛନ୍ତି । ଓଡ଼ିଶା ଓ ଓଡ଼ିଆ ବାହାର ସମାଲୋଚିତ ନହେଉ ଓଡ଼ିଶାର ମାନସମ୍ମାନ ହାନି ନ ହେଉ ସେଥିପାଇଁ ଗୋଟାଏ ଜୋତାରେ ତ୍ରୁଟି ଦେଖି ଶହ ଶହ ଜୋତା ନଷ୍ଟ କରିଦେଇଛନ୍ତି । ଏଥିପାଇଁ ସେ ଋଣଗ୍ରସ୍ତ ଓ ଅଭାବର ସମ୍ମୁଖୀନ ହୋଇଛନ୍ତି ସତ ମାତ୍ର ଆତ୍ମସମ୍ମାନକୁ କ୍ଷୁଣ୍ଣ ହେବା ପାଇଁ ଦେଇନାହାନ୍ତି ।

୧୯୨୧ ମସିହାରେ ମନ୍ତ୍ରୀ ଶାସନ ପ୍ରତିଷ୍ଠା ହେବା ପରେ ତାଙ୍କୁ ପ୍ରଥମ ଓଡ଼ିଆ ଭାବେ ବିହାର ଓଡ଼ିଆ ଭାବେ ବିହାର ଓଡ଼ିଶା ପ୍ରଦେଶର ଏକମାତ୍ର ମନ୍ତ୍ରୀ ଭାବେ ନିଯୁକ୍ତି ମିଳିଥିଲା । ବେତନ ନେଇ ସେବା କରିବା ତାଙ୍କ ଚରିତ୍ରର ପରିପନ୍ଥୀ ହୋଇଥିବାରୁ ସେ ଏହାର ବିରୋଧ କଲେ । ସରକାର ଦାବି ଗ୍ରହଣ ନକରିବା ହେତୁ ସେ ଇସ୍ତଫା ଦେଇଥିଲେ । ବ୍ୟବସ୍ଥାପକ ରୂପେ ସେ ବହୁ ଆଇନ ପ୍ରଣୟନ କରିଥିଲେ । ଓଡ଼ିଆ ଓ ଇଂରାଜୀରେ ସେ ତେଜସ୍ୱୀ ବକ୍ତା ଥିଲେ । ଜାତି ଓ ସଂଗଠନ ତାଙ୍କ ଜୀବନର ଥିଲା ମୂଳମନ୍ତ୍ର । ମଫସଲରେ ପ୍ରଜାନିଧି ସଭା ସଂଗଠନ, ସ୍ୱଦେଶ ବସ୍ତ୍ର ନିର୍ମାଣ ଓ ପରିଧାନ, ଜାତୀୟ ପଗଡ଼ି ଧାରଣ କରିବାକୁ ସମସ୍ତ ଉତ୍କଳ ସମ୍ମିଳନୀର ଲୋକମାନଙ୍କୁ ଆହ୍ୱାନ ଆଦି ସଂସ୍କାର ଅଭିମୁଖ୍ୟ ପଦକ୍ଷେପ ଯେତେ କହିଲେ ବି କମ୍ ହେବ । ଏହି ମହାନ୍ ଜନନାୟକ ବୟସର ସାୟାହ୍ନରେ ବହୁ ଅଭାବ ଓ ଋଣଗ୍ରସ୍ତ ହୋଇଥିଲେ ସେ ଚାହିଁଥିଲେ ଉତ୍କଳଠୁ ପଡ଼ୋଶୀ ରାଜ୍ୟ ଯାଏ ତାଙ୍କ ପାଇଁ ଅର୍ଥର ଅଭାବ ହୋଇନଥାନ୍ତା । ମାତ୍ର ପ୍ରଚଣ୍ଡ ସ୍ୱାଭିମାନୀ ବ୍ୟକ୍ତିଜଣକ ସ୍ୱାଭିମାନ ଓ ବ୍ୟକ୍ତିତ୍ୱକୁ ବଳି ଦେଇ ତାହା କଲେ ନାହିଁ । ଆଜିବି କୋଟି କୋଟି ଓଡ଼ିଆ ହୃଦୟର ସେ ଅମୂଲ୍ୟରତ୍ନ ହୋଇ ରହିଛନ୍ତି ଓ ରହିବେ ।

**(ଖ) 'ମଧୁବାବୁଙ୍କ ଜୀବନ କାହାଣୀ ଉତ୍କଳ ଅର୍ଦ୍ଧଶତାବ୍ଦୀର ଇତିହାସ' – ଏହି ଉକ୍ତିର ଯଥାର୍ଥତା ପ୍ରତିପାଦନ କର ।**

ଉ.: ମଧୁବାବୁଙ୍କ ଜୀବନ ସଂଗ୍ରାମକୁ ନେଇ ଲେଖକ ରଚନା କରିଛନ୍ତି ମଧୁବାବୁ ବିଷୟଟି । ଏଠାରେ ଚିନ୍ତାମଣି ଆଚାର୍ଯ୍ୟ ଖୁବ୍ ନିକଟରୁ ମଧୁବାବୁଙ୍କ ବ୍ୟକ୍ତିତ୍ୱକୁ ପରିପ୍ରକାଶ କରିଛନ୍ତି ତାଙ୍କ ଲେଖା ମଧ୍ୟରେ । ନାମକରଣ ମଧ୍ୟ କରିଛନ୍ତି 'ମଧୁବାବୁ' । ମଧୁବାବୁଙ୍କ ଜୀବନ କାହାଣୀ ସହିତ ଅର୍ଦ୍ଧଶତାବ୍ଦୀ ଓଡ଼ିଶାର ଇତିହାସ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । କାରଣ ମଧୁବାବୁଙ୍କ ସମୟରେ ଉଭୟ ଓଡ଼ିଆ ଭାଷା ଓ ଓଡ଼ିଶା ଥିଲା ଚିର ଅବହେଳିତ । ବିଦେଶୀ ଶାସନର ଚକ୍ରବ୍ୟୂହ, ପଡ଼ୋଶୀ ରାଜ୍ୟର କର୍ମଚାରୀମାନଙ୍କର ହୀନ ଚକ୍ରାନ୍ତ ଏ ଜାତିର ମେରୁଦଣ୍ଡକୁ ସଳଖ ହେବାପାଇଁ ଦେଇନଥିଲା । ଏହାର ମୂଳ କାରଣ ଥିଲା ଶିକ୍ଷା, ସଚେତନତାର ଅଭାବ, ଉତ୍କୃଷ୍ଟ ନେତୃତ୍ୱର ଅଭାବ । ମଧୁବାବୁଙ୍କ ପରି କିଛି ଜନନାୟକ ଉତ୍କଳ ମାଟିରେ ଭୂମିଷ୍ଠ ହେବା ପରେ ଧୀରେ ଧୀରେ ଉତ୍କଳର ଭାଗ୍ୟରେଖାରେ ପରିବର୍ତ୍ତନ ହୋଇଛି । ଏହି ସମୟ ହିଁ ଉତ୍କଳର ସାମାଜିକ, ରାଜନୈତିକ, ଅର୍ଥନୈତିକ, ଶିଳ୍ପ, ବାଣିଜ୍ୟ, ଶିକ୍ଷା ବିକାଶର ସମୟ ।

ଦେଶ ଓ ଜାତିର ସର୍ବବିଧ ଉନ୍ନତି ପାଇଁ ସେ ଯେଉଁଠି ଥିଲେ ବି ଚିନ୍ତା କରିଛନ୍ତି । ଯେଉଁ ସ୍ଥାନରେ ରହିଛନ୍ତି ସେଠି ଓଡ଼ିଆର ଟେକ ରକ୍ଷା କରିଛନ୍ତି । ତାଙ୍କ ଆହ୍ୱାନରେ କୋଟିଏ ଉତ୍କଳ ସନ୍ତାନ ଗୋଟିଏ ସ୍ୱରରେ ମା' ବୋଲି ଡାକିଛି । ନିଜର ହକ୍ ପାଇଁ ଶତ୍ରୁ ସହିତ ଛାତିକୁ ଛାତି ମିଶାଇ ଲଢ଼ିଛି । ସେ ସମୟରେ ଇଂରାଜୀ ପାଠପଢ଼ା ପୁଣି ଏମ୍.ଏ.ବି.ଏଲ୍ କିଛି କମ୍ କଥା ନୁହେଁ । ଜୀବନ ଜୀବିକା ଓ ଜାତିର ଉନ୍ନତି ଭିତରୁ ଜୀବିକାକୁ ସେ ପଛ କରି ନିଜର

ସୁଖ ସମୃଦ୍ଧିକୁ ବଳି ଦେଇଛନ୍ତି । ସେସମୟର ଶିକ୍ଷା ବ୍ୟବସ୍ଥା ମଧୁସୂଦନଙ୍କ ଚାଟଶାଳୀ ପାଠପଢ଼ାରୁ ହିଁ ବୁଝା ପଡ଼େ । ଖଡ଼ି ସିଲଟ୍ ବହି ଖାତା, ପେନ୍‌ସିଲ୍ ସର୍ବୋପରି ବିଦ୍ୟାଳୟ ସବୁର ଅଭାବ ଭିତରୁ ବଢ଼ି ବୋଧହୁଏ ମଧୁବାବୁ ପରି ବ୍ୟକ୍ତିତ୍ୱର ବିକାଶ ହୋଇଛି ।

ମାଟ୍ରିକ୍ୟୁଲେସନ ପାଶ୍‌ପରେ ହିଁ ସେ କିରାଣୀ ଚାକିରି କରିଛନ୍ତି । ଯିଏ ସମସ୍ତ ଜନତାର ସ୍ୱରକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଲୋକ ତାଙ୍କୁ କିରାଣୀ ଚାକିରି କେମିତି ବାନ୍ଧି ରଖିଥାନ୍ତା ? କଲିକତା ଉଚ୍ଚଶିକ୍ଷା ପାଇଁ ଯିବା ପରେ ମଧୁବାବୁ ଜୀବନର ସମସ୍ତ ସୋପାନକୁ ଅତିକ୍ରମ କରିଛନ୍ତି । ଶ୍ରୀରାମ କଲେଜରେ ଅଧ୍ୟାପନା, ଓକିଲାତି ଓ ପ୍ରିଭିକାଉନ୍‌ସିଲର ଅନୁବାଦକ ଆଜି ମର୍ଯ୍ୟାଦାଜନକ ଆସନ ପାଇଛନ୍ତି । ନିଜର ବାଗ୍ମୀ ଓ ପ୍ରବଳ ଇଚ୍ଛା ଶକ୍ତି ବଳରେ ସେ ଯେଉଁ କାର୍ଯ୍ୟ କରିଛନ୍ତି ସେଠି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ମଧୁବାବୁଙ୍କ ସମୟ ବେଳକୁ ଓଡ଼ିଶାର ଚିତ୍ର ଥିଲା କଦାକାର । ବିଚ୍ଛିନ୍ନାଞ୍ଚଳରେ ବସବାସ କରୁଥିବା ଓଡ଼ିଆ ଭାଷାଭାଷୀମାନଙ୍କୁ ଏକତ୍ରିତ କରିବା ପାଇଁ ମଧୁବାବୁଙ୍କ ନିରନ୍ତର ପ୍ରଚେଷ୍ଟା ହେଉଛି ସମ୍ବଲପୁରର ମିଶ୍ରଣ । ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ପରିଚାଳନା ହେଉ, ଉତ୍କଳ ଟ୍ୟାନେରୀ ପ୍ରତିଷ୍ଠା ହେଉ, ପ୍ରଜାସତ୍ତ୍ୱ ଆଇନ ହେଉ କି ବିହାର-ଓଡ଼ିଶା ମ୍ୟୁନିସିପାଲିଟି ଆଇନ ହେଉ ଏସବୁ ମଧୁବାବୁଙ୍କ କଷ୍ଟଲବ୍ଧ କଠୋର ପରିଶ୍ରମର ଫଳ ।

ମଧୁବାବୁଙ୍କ ଜୀବନ ସହ ଓଡ଼ିଶାର ଇତିହାସ ଅଙ୍ଗାଙ୍ଗୀ ଜଡ଼ିତ । ତାଙ୍କର ସଂସ୍କାରମୂଳକ ପଦକ୍ଷେପ ବଳିଷ୍ଠ ଯୁକ୍ତି, ନିର୍ଭୀକ ପଣିଆ ତାଙ୍କୁ ଓଡ଼ିଆ ହୃଦୟରେ ଶ୍ରେଷ୍ଠ ଆସନ ଦେଇଛି । ସେ ଚାହୁଁଥିଲେ ପ୍ରାଣ ପଛେ ଯାଉ ଏ ଜାତିର ସମ୍ମାନ କ୍ଷୁଣ୍ଣ ନହେଉ । ଆଜି ଆମେ ସଗର୍ବେ ଓଡ଼ିଆ ବୋଲି କହିବାର ଅଧିକାର ଆମକୁ ମଧୁବାବୁ ହିଁ ଦେଇଛନ୍ତି ।

**(ଗ) ମଧୁବାବୁଙ୍କ ପ୍ରଦର୍ଶିତ ପନ୍ଥା ଅନୁସରଣ କଲେ ଓଡ଼ିଆ ଜାତି ଭାରତବର୍ଷରେ ଅଗ୍ରଗଣ୍ୟ ଜାତି ହୋଇପାରିବ - ଏହି ଉକ୍ତିର ସତ୍ୟତା ବିଚାର କର ।**

ଉ.: ମଧୁବାବୁ ପ୍ରବନ୍ଧଟିକୁ ରାୟବାହାଦୁର ଚିନ୍ତାମଣି ଆଚାର୍ଯ୍ୟ ରଚନା କରିଛନ୍ତି । ଚିନ୍ତାମଣି ଆଚାର୍ଯ୍ୟ ଆଇନର ଛାତ୍ର ଓ ଅଧ୍ୟାପକ ଥିଲେ । ମାତ୍ର ସାହିତ୍ୟ ପ୍ରତି ଥିବା ନିଷ୍ଠା, ଭଲପାଇବା ଓ ଜାତି ପ୍ରୀତି ତାଙ୍କୁ ଜଣେ ସଚ୍ଚା ସାହିତ୍ୟିକର ମର୍ଯ୍ୟାଦା ପ୍ରଦାନ କରିଥିଲା । ଜଣେ ଦକ୍ଷ ଓକିଲ ଭାବେ ସେ ଯେତିକି ପ୍ରସିଦ୍ଧ ଜଣେ ସୁନାମଧନ୍ୟ ଆଇନ ଆଧ୍ୟାପକ ଭାବେ ମଧ୍ୟ ସେତିକି ଖ୍ୟାତ । ବୃତ୍ତି ଓ ନିଶା ସାହିତ୍ୟ ଓ ଆଇନ ଅଧ୍ୟାପନା ଭିତରେ ସେ ଜୀବନର ଯଥାର୍ଥ ମୂଲ୍ୟବୋଧକୁ ଖୋଜି ପାଇଛନ୍ତି ଏହି ସାହିତ୍ୟ ମାଧ୍ୟମରେ । ଏତଦ୍‌ବ୍ୟତୀତ ସେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଓ ଉତ୍କଳ ସାହିତ୍ୟ ସମାଜର ସଭାପତି ଆସନ ମଧ୍ୟ ଅଳଂକୃତ କରିଥିଲେ ।

ବାରିଷ୍ଟର ମଧୁସୂଦନ ଦାସ ଥିଲେ ଉତ୍କଳ ଜନଜୀବନର ଯଥାର୍ଥ ସେବକ । ସେବାକୁ ଜୀବନର ମୂଳମନ୍ତ୍ର କରି ସେ ଅକ୍ଷୟ କୀର୍ତ୍ତିର ଅଧିକାରୀ ହୋଇଥିଲେ । ତାଙ୍କ ଜୀବନାଦର୍ଶ ଉତ୍କଳୀୟମାନଙ୍କ ଜୀବନ ବେଦ । ଏ ଜାତିର ଉତ୍ତୋରତ୍ତୋର ଉନ୍ନତି ପାଇଁ ସେତେବେଳେ ଯେଉଁ କେତେଜଣ ମହାନ୍ ଜନନାୟକ ନିଜକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରି ଦେଇଥିଲେ ସେମାନଙ୍କ ମଧ୍ୟରେ ମଧୁବାବୁ ଅନ୍ୟତମ । ଉଚ୍ଚଶିକ୍ଷା ଲାଭ କରିବା ପାଇଁ ସେ ଯେତିକି ସଂଗ୍ରାମ କରିଛନ୍ତି ଏ ଜାତିକୁ ତା'ର ଅଧିକାର ପ୍ରଦାନ କରିବା ପାଇଁ ତା'ଠାରୁ ଅଧିକ କଷ୍ଟ ସେ ବହନ କରିଛନ୍ତି । ଏହି ଆଦର୍ଶ ଜନନାୟକ ଉତ୍କଳମାତାର ଯୋଗ୍ୟ ସନ୍ତାନ ଓଡ଼ିଆମାନଙ୍କ ଦୁଃଖ ଦୁର୍ଦ୍ଦଶାକୁ ଅଙ୍ଗେ ଲିଭେଇ ଓଡ଼ିଆ ଜାତିର ଟେକ ରଖିବାକୁ ଓଡ଼ିଶା କଥା ଓଡ଼ିଶା ବାହାରେ ସଂଗ୍ରାମ ଅବ୍ୟାହତ ରଖିଥିଲେ । ଶିକ୍ଷା, ଶିଳ୍ପ, ରାଜନୀତି, ସମାଜନୀତି

ଜାତୀୟ ସଂହତି ରକ୍ଷାପାଇଁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେଇ ସେ ସଫଳ ହୋଇଛନ୍ତି । ତାଙ୍କ ମତରେ ଶିକ୍ଷକ ନିଜର ଜ୍ଞାନ, ଚରିତ୍ର ଓ ଛାତ୍ରମାନଙ୍କ ପ୍ରତି ସହାନୁଭୂତି ପାଇଁ ଛାତ୍ର ସମାଜରେ ପୂଜିତ ହୁଅନ୍ତି ।

କଲିକତା ଅବସ୍ଥାନ କାଳରେ ଓଡ଼ିଶାର ସେଠାରେ ଅବସ୍ଥାନ କରୁଥିବା ପ୍ରବାସୀମାନଙ୍କୁ ଶିକ୍ଷିତ କରାଇବା ପାଇଁ ସେଠାରେ ମଧୁବାବୁ କେତେଗୁଡ଼ିଏ ନୈଶ ବିଦ୍ୟାଳୟ ସ୍ଥାପନ କରିଥିଲେ । ଏହା ଦ୍ୱାରା ସେମାନେ ଶିକ୍ଷିତ ହୋଇ ଓଡ଼ିଶାରେ ଶିକ୍ଷାର ବିକାଶ କରିବେ ବୋଲି ମଧୁବାବୁ ଚାହିଁଥିଲେ । କଲିକତାରୁ ପୁଣି କଟକ ଆସି ସେ ଓଡ଼ିଶାରେ ଓକିଲାତି କରିଥିଲେ । ଓଡ଼ିଶା ଲୋକଙ୍କ ସମସ୍ୟା, ଉତ୍କଳମାତାର ଦୁର୍ଦ୍ଦଶା ତାଙ୍କ ପ୍ରାଣକୁ ବ୍ୟଥିତ କରିଥିଲା । ବଙ୍ଗାଳି ହାକିମ ଓ ବ୍ରିଟିଶ କମିଶନର ମୋଟ ଉପରେ ଏକ ବିଦେଶୀ ପରିଚାଳିତ ଶାସନ ବ୍ୟବସ୍ଥା ଭିତରେ ମଧୁବାବୁ କାର୍ଯ୍ୟ କରିଥିଲେ । ଓକିଲାତିରେ ଓଡ଼ିଆର ପ୍ରବେଶକୁ ଅଣଓଡ଼ିଆମାନେ ବ୍ୟଙ୍ଗ, ବିଦ୍ରୂପ ଦୃଷ୍ଟିରେ ଦେଖିଥିଲେ । ମାତ୍ର ପ୍ରଚଣ୍ଡ ଇଚ୍ଛାଶକ୍ତି ଓ ଦୃଢ଼ମନା ମଧୁସୂଦନ ବହୁ ଜଟିଳ ମୋକଦ୍ଦମାରେ ବିଜୟ ଲାଭ କରି ସମାଲୋଚକମାନଙ୍କୁ ଦୃଢ଼ ଜବାବ ଦେଇଥିଲେ । ତେଣୁ ଏଠାରେ ବୁଝିବାକୁ ହେବ ପ୍ରତିଭା ଥିଲେ ଶତ୍ରୁକୁ ମଧ୍ୟ ନତମସ୍ତକ ହେବାକୁ ପଡ଼େ ।

ପୁରୀ ଶ୍ରୀମନ୍ଦିର ପରିଚାଳନା ହାତକୁ ନେବାର ଖ୍ରୀଷ୍ଟିୟାନ୍ ମାନଙ୍କର ଚକ୍ରାନ୍ତକୁ କଲିକତା ହାଇକୋର୍ଟ ଯାଏ ଲଢ଼ି ଓଡ଼ିଶାର ମାନମର୍ଯ୍ୟାଦା ସେ ରକ୍ଷା କରିଥିଲେ । ଯେଉଁଥିପାଇଁ ଉଡ୍‌ରଫ୍ ଓ ଇଭାନ୍‌ସ ସାହେବ ମଧୁସୂଦନଙ୍କୁ ପ୍ରଶଂସା କରିଥିଲେ । ଉତ୍କଳ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ତାଙ୍କ ସାଧନାର ମଧୁସୂଦନଙ୍କ ଜୀବନର ସର୍ବଶ୍ରେଷ୍ଠ ସାଧନା । ମଧ୍ୟପ୍ରଦେଶ, ବଙ୍ଗ, ବିହାର, ମାନ୍ଦ୍ରାଜ ଆଦି ଅଞ୍ଚଳର ମିଶିଥିବା ଓଡ଼ିଆମାନଙ୍କୁ ଏକତ୍ରୀକରଣର ଫଳ । ଉତ୍କଳ ସମ୍ମିଳନୀ, ନୈଶ ବିଦ୍ୟାଳୟ, ପ୍ରିଭିକାଉନ୍‌ସିଲର ଅନୁବାଦକ, ପୁରୀ ଶ୍ରୀମନ୍ଦିର ଓ ଠାକୁର ରାଜାଙ୍କ ମର୍ଯ୍ୟାଦା ରକ୍ଷା, ବିଚ୍ଛିନ୍ନାଞ୍ଚଳ ମିଶ୍ରଣ, ବେକାର ଓଡ଼ିଆଙ୍କୁ କର୍ମନିଯୁକ୍ତି ପାଇଁ ଉତ୍କଳଟାନେରୀ, ମନ୍ତ୍ରୀପଦ ତ୍ୟାଗ, ବ୍ୟବସ୍ଥାପକ ସଭାର ସଦସ୍ୟ, ପ୍ରଜାସ୍ୱତ୍ୱ ଆଇନ, ମ୍ୟୁନିସିପାଲିଟି ଆଇନ, ସ୍ୱଦେଶୀ ଜାଗରଣ ଆଦି ବହୁ ଜନ କଲ୍ୟାଣ କାର୍ଯ୍ୟକ୍ରମ ହାତକୁ ନେଇ ଓଡ଼ିଶାର ମାନମର୍ଯ୍ୟାଦା ରକ୍ଷା କରିଥିଲେ । କୌଣସି ପରିସ୍ଥିତିରେ ଭାଙ୍ଗିପଡ଼ିବା କିମ୍ବା ହତୋତ୍ସାହିତ ହେବା ତାଙ୍କ ଜୀବନରେ ଲେଖାନାହିଁ । ଏଜାତି ପାଇଁ ତାଙ୍କର ଏହି କର୍ମନିଷ୍ଠ ପ୍ରେରଣା ଓ କର୍ତ୍ତବ୍ୟ ପରାୟଣତା ଯୁଗେ ଯୁଗେ ଯୁବ ପିଢ଼ିକୁ ପ୍ରଭାବିତ କରି ରଖିପାରିଲେ ମଧୁବାବୁଙ୍କ ଜୀବନ ସଂଗ୍ରାମର ଉଦ୍ଦେଶ୍ୟ ସଫଳ ହେବ ।

**(ଘ) ଉତ୍କଳ ପ୍ରତି ମଧୁବାବୁଙ୍କ ଅବଦାନ ସମ୍ପର୍କରେ ଆଲୋଚନା କର ।**

ଉ.: ସ୍ୱର୍ଗତ ଚିନ୍ତାମଣି ଆଚାର୍ଯ୍ୟ ମଧୁବାବୁଙ୍କର ଜଣେ ଗୁଣଗ୍ରାହୀ ବ୍ୟକ୍ତିଥିଲେ । ମଧୁସୂଦନଙ୍କ ନିର୍ଭୀକ ପଣିଆ ତାଙ୍କୁ ତାଙ୍କ ଛାତ୍ର ଜୀବନରୁ ଆକୃଷ୍ଟ କରିଥିଲା । ତେଣୁ ମଧୁବାବୁଙ୍କ ସମ୍ପର୍କରେ ଯାହା ସେ ଅନୁଭବ କରିଛନ୍ତି ତାକୁ ରୂପ ଦେଇଛନ୍ତି ମଧୁବାବୁ ବିଷୟରେ । ଆଲୋଚନାର ଶୀର୍ଷକ ବି 'ମଧୁବାବୁ' ରଖିଛନ୍ତି । ମଧୁବାବୁ ଉତ୍କଳର ଦୁର୍ଗମ ଓ କଣ୍ଟକିତ ପଥକୁ ପରିଷ୍କାର କରି ଓଡ଼ିଆକୁ ଚାଲିବା ଶିଖାଇଥିଲେ । ତାଙ୍କର ଉତ୍କଳମାତାଙ୍କୁ ଅବଦାନ ସମ୍ପର୍କରେ ଯେତେ କହିଲେବି ଊଣା ହେବ । ମଧୁବାବୁଙ୍କ ସମୟରେ ଓଡ଼ିଶାରେ କୁସଂସ୍କାର, ଅନ୍ଧବିଶ୍ୱାସ ଛାୟା ବିସ୍ତାର କରିରହିଥିଲା । ଶିକ୍ଷା ଓ ଶିକ୍ଷକର ଅଭାବ, ବିଦ୍ୟାଳୟର ଅଭାବ ପାଇଁ ଲୋକେ ଶିକ୍ଷାବ୍ୟବସ୍ଥାରୁ ବଞ୍ଚିତ ଥିଲେ । ବିଦେଶୀ ଶାସକ, ଖ୍ରୀଷ୍ଟିୟାନ୍ ପାଦ୍ରୀମାନଙ୍କ ପାଦୁର୍ଭାବ, ପଡ଼ୋଶୀ ବଙ୍ଗ ରାଜ୍ୟର ସରକାରୀ କର୍ମଚାରୀମାନଙ୍କ ଓଡ଼ିଆ ମାରଣ ନୀତିରେ ଏ ଜାତିର ଅବସ୍ଥା ଦୟନୀୟ ହୋଇପଡ଼ିଥିଲା ।

ମଧୁସୂଦନ ପିଲାବେଳୁ ଏସବୁ ଦେଖି ତାଙ୍କ ମନ ଭିତରେ ଓଡ଼ିଆ ଜାତିକୁ ଏ ନର୍କ ଯନ୍ତ୍ରଣାରୁ ଉଦ୍ଧାର କରିବାର

ସ୍ୱପ୍ନ ଦାନା ବାନ୍ଧିଥିଲା । ମଧୁବାବୁ ଉଚ୍ଚଶିକ୍ଷା ଲାଭ ପରେ ଏସବୁ ବିରୁଦ୍ଧରେ ସଂଗ୍ରାମ କରି ଓଡ଼ିଶାର ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି । ଉତ୍କଳକୁ ଭଲ ପାଇ ତା ପାଇଁ ଜୀବନ ଉତ୍ସର୍ଗ କରିବାକୁ ପ୍ରେରଣା ଦେଇଛନ୍ତି । ଆଜି ଆମେ ଯେଉଁ ଉତ୍କଳକୁ ଦେଖୁଛୁ ତାହା ମଧୁସୂଦନଙ୍କ ଅର୍ଦ୍ଧାଧିକ ଜୀବନ ତପସ୍ୟାର ଫଳ । ବିନମ୍ର ସହକାରେ ସେ ସମସ୍ତ ପ୍ରକାର ଦାୟିତ୍ୱକୁ ନିର୍ବାହ କରୁଥିଲେ । ଭୀରୁ ଓ କାପୁରୁଷ ପଣିଆ ପୁରୁଷ ଚରିତ୍ରର ପରିପନ୍ଥୀ । ଏକଥା ନିଜେ ଅନୁଭବ କରିବା ଛଡ଼ା ଦେଶବାସୀଙ୍କୁ ସାହସୀ, କର୍ମଠ ହେବା ପାଇଁ ସେ ବଳ ଯୋଗାଇଥିଲେ । ସେତେବେଳେ ମଧୁବାବୁଙ୍କର ବହୁ ଅନୁଗାମୀ ଥିଲେ । ପ୍ରତିଭା ଓ ପ୍ରଚଣ୍ଡ ବୁଦ୍ଧି ପାଇଁ ଦିନେ ବ୍ୟଙ୍ଗ ବିଦ୍ରୂପର ଶିକାର ମଧୁବାବୁ କଟକର ସବୁଠାରୁ ସଫଳ ଓକିଲର ମୁକୁଟ ପିନ୍ଧିଥିଲେ ।

ତାଙ୍କ ଉଦ୍ୟମରେ କଲିକତାରେ ନୈଶ ବିଦ୍ୟାଳୟ ସ୍ଥାପନ ଓ ସୁପରିଚାଳନା, ବିଚ୍ଛିନ୍ନାଞ୍ଚଳ ମିଶ୍ରଣ, ବଡ଼ଠାକୁର ଜଗନ୍ନାଥଙ୍କ ମାନ ରକ୍ଷା ହୋଇ ପାରିଥିଲା । ବର୍ତ୍ତମାନ ଯୁଗରେ ସରକାରୀ କର୍ମଚାରୀଙ୍କଠୁ ଜନପ୍ରତିନିଧି ଯାଏ ଅର୍ଥସର୍ବସ୍ୱ ହୋଇପଡ଼ିଛନ୍ତି ମାତ୍ର ମଧୁବାବୁ ଜୀବନଯାକର ସମସ୍ତ ରୋଜଗାର ଓ ପରିଶ୍ରମ ଉତ୍କଳ ସେବା ପାଇଁ ଉତ୍ସର୍ଗ କରିଛନ୍ତି । ପାଠପଢ଼ା ସମୟରେ ଅମ୍ବିକା ପ୍ରସାଦଙ୍କ ସାହଯ୍ୟ ପାଇଁ, ସେ ସାରା ଜୀବନ ତାଙ୍କ ପରିବାରର ସମସ୍ତ ସଦସ୍ୟମାନଙ୍କ ହାନି ଲାଭ, ଦୁଃଖସୁଖ ବୁଝିଛନ୍ତି । ଏପରିକି ବିଦେଶରେ ପିଲାମାନଙ୍କୁ ପାଠ ମଧ୍ୟ ପଢ଼ାଇଛନ୍ତି ।

କମ୍ ପଇସାରେ ଉନ୍ନତିମାନର ଦେଶୀ କୌଶଳରେ ନିର୍ମିତ ଉତ୍କଳଟାନେରୀ କେବଳ ତା'ର ମାନ ରକ୍ଷା ପାଇଁ ଦେବାଳିଆ ହୋଇଯାଇଛି । ମାତ୍ର ମଧୁବାବୁ କାହାରି ପାଖରେ ଭୀରୁ ପରି ଭିକ୍ଷାକରିନାହାନ୍ତି । ଜୀବନ କାଳ ଭିତରେ ଅନେକ ଲୋକଙ୍କର ସେବା କରିଥିବା ବ୍ୟକ୍ତିଙ୍କୁ ସ୍ୱତଃ କେହି ସାହାଯ୍ୟ କରିବାକୁ ଆସିନାହାନ୍ତି । ଜନପ୍ରତିନିଧି ଲୋକମାନଙ୍କ ଦ୍ୱାରା ନିର୍ବାଚିତ, ତେଣୁ ଲୋକସେବା ତା'ର କର୍ତ୍ତବ୍ୟ ସେଥିପାଇଁ ଦରମା ନେବା କଥାକୁ ବିରୋଧ କରି ଶେଷରେ ନିଜ ପଦବୀରୁ ଇସ୍ତଫା ପ୍ରଦାନ କରିଛନ୍ତି । ସେ ବୁଝିଥିଲେ "ଆଲୋ ସଖି ଆପଣା ମହତ ଆପେ ରଖି ।" କିଛି ନଥାଉ ମାନସମ୍ମାନ ଅକ୍ଷୁଣ୍ଣ ଥାଉ । ସେ ବିନୟ ସହ କରେ ନୁହେଁ ନିଜର ପ୍ରାପ୍ୟକୁ ସଂଗ୍ରାମ କରି ଛଡ଼ାଇ ଆଣିବାରେ ବିଶ୍ୱାସ କରନ୍ତି ।

ଉତ୍କଳ ସମ୍ମିଳନୀ ମାଧ୍ୟମରେ ସୁପ୍ତ ଓଡ଼ିଆଙ୍କୁ ସେ ଜାଗ୍ରତ କରାଇଥିଲେ ଏବଂ କହିଥିଲେ -

ଏହି ସମ୍ମିଳନୀ ଜାତିପ୍ରାଣ-ସିନ୍ଧୁ
କୋଟିପ୍ରାଣ ବିନ୍ଦୁ ଧରେ
ତୋର ପ୍ରାଣବିନ୍ଦୁ ମିଶାଇଦେ ଭାଇ
ଡେଇଁପଡ଼ି ସିନ୍ଧୁ ନୀରେ

ଏ ଜାତି ନ ବଞ୍ଚିଲେ ବ୍ୟକ୍ତିର ବଞ୍ଚିବା ନିରର୍ଥକ । ଏଜାତି ପାଇଁ ପ୍ରାଣ ଉତ୍ସର୍ଗ କରିବାକୁ ହେଲେ ମଧ୍ୟ ପଛଘୁଞ୍ଚା ନଦେବାକୁ ସେ ପରାମର୍ଶ ଦେଇଥିଲେ । ମଧୁବାବୁ ଜୀବନକାଳ ଭିତରେ ବହୁ ସଂଗଠନ ତିଆରି କରିଥିଲେ । ସେ ସବୁର ଲକ୍ଷ ଥିଲା ନିର୍ଭୀକ ହୁଅ, କର୍ମଠହୁଅ, ଜାଗ୍ରତ ହୁଅ । ଭାରତ ବର୍ଷର ବହୁ ବିଚକ୍ଷଣ ରାଜନୀତିଜ୍ଞ, ବୁଦ୍ଧିଜୀବୀ ଏହି ଓଡ଼ିଆ ପୁଅର ପ୍ରଶଂସାରେ ଶତମୁଖର ହୋଇ ପଡ଼ିଥିଲେ । ଓଡ଼ିଶାର ସଂସ୍କାର ପାଇଁ ସେ ଦୁଇଥର ବିଲାତ ଯାଇ ସେଠାରୁ ପରିଚାଳନା ଗତ ଦକ୍ଷତା ଓ ବିକାଶର ମନ୍ତ୍ର ଆଣି ଓଡ଼ିଆ କାନରେ ଫୁଙ୍କିଥିଲେ । କାରଣ ତାଙ୍କର ଉଦ୍ଦେଶ୍ୟ

ଥିଲା ଏ ଜାତି ଜାଗ୍ରତ ହେଉ । କର୍ମଠ ହେଉ । ତାଙ୍କର ନଶ୍ୱରଦେହ ଆଉ ନାହିଁ ସତ ମାତ୍ର ତାଙ୍କ ଆତ୍ମା ସର୍ବଦା ଉତ୍କଳମାତାର ସର୍ବବିଧ ଉନ୍ନତି ପାଇଁ ବ୍ୟାକୁଳ ଚିତ୍ତରେ ଚାହିଁ ରହିଛି ।

**(ଡ) ମଧୁସୂଦନ ଉତ୍କଳ ମାତାର ସର୍ବବିଧ ଉନ୍ନତି ପାଇଁ କିପରି ଚିରନ୍ତନ ବ୍ୟାକୁଳ ଥିଲେ - ପଠିତ ପ୍ରବନ୍ଧ ଅନୁସରଣରେ ଆଲୋଚନା କର ।**

ଉ.: (ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ 'ଘ'ର ପାଠ୍ୟ ଦ୍ରଷ୍ଟବ୍ୟ)

# ବିଷୟ : ସେହି ସ୍ମରଣୀୟ ଦିବସ
# ଗାଁ ମଜ୍‌ଲିସ

### ଲେଖକ ଡଃ ହରେକୃଷ୍ଣ ମହତାବ

**ଲେଖକ ପରିଚୟ :**

ଡଃ ହରେକୃଷ୍ଣ ମହତାବ ୧୮୯୯ ମସିହାରେ ଭଦ୍ରକ ଜିଲ୍ଲା ଆଗରମଡ଼ା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ଏକାଧାରରେ ଜଣେ ପ୍ରବୀଣ ରାଜନୀତିଜ୍ଞ, ସ୍ୱାଧୀନତାସଂଗ୍ରାମୀ, ସାମ୍ବାଦିକ, ଐତିହାସିକ ଓ ସାରସ୍ୱତ ସାହିତ୍ୟ ସାଧକ ଥିଲେ । ଛାତ୍ରଜୀବନରୁ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ସେ କାରାବରଣ କରିଥିଲେ । ରାଜନୀତିରେ ବିଚକ୍ଷଣ ଏହି ବ୍ୟକ୍ତିତ୍ୱ ସାହିତ୍ୟ ସାଧକ ଭାବେ ନିଜର ସ୍ୱତନ୍ତ୍ରତା ଓଡ଼ିଆ ସାହିତ୍ୟରେ ଛାଡ଼ିଯାଇଛନ୍ତି । ତାଙ୍କ କୃତିଗୁଡ଼ିକ ମଧ୍ୟରେ 'ପଲାସୀ', 'ଅବସାନେ', 'ଆତ୍ମଦାନ', 'ଶେଷଅଶ୍ରୁ', 'କବିତା', 'ପ୍ରତିଭା', 'ଅବ୍ୟାପାର', 'ଟାଉଟରେ', 'ନୂତନଧର୍ମ', '୧୯୭୫', 'ତୃତୀୟ ପର୍ବ', 'ଉପନ୍ୟାସ', 'ଓଡ଼ିଶା ଇତିହାସ', 'ସାଧନାର ପଥେ', 'ଆରବସାଗରରୁ ଚିଲିକା', 'ଆତ୍ମଜୀବନୀ', 'ଗାଁ ମଜଲିସ', 'ସାହିତ୍ୟର ମାର୍ଗ' ଇତ୍ୟାଦି ତାଙ୍କୁ ସାହିତ୍ୟିକର ମର୍ଯ୍ୟାଦା ପ୍ରଦାନ କରିଛି । ସେ ଥିଲେ ସାଲିସ୍ ବିହୀନ ସମ୍ରାଟ୍ । ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଦୈନିକ ସମ୍ବାଦପତ୍ର 'ପ୍ରଜାତନ୍ତ୍ର' ସେତେବେଳେ ସମାଜର ଅଗ୍ରଣୀ ଭୂମିକା ନେଇଥିଲା । ଏତଦ୍‌ବ୍ୟତୀତ ଓଡ଼ିଆ ସାହିତ୍ୟର ଅଗ୍ରଣୀ ପତ୍ରିକା "ଝଙ୍କାର" ଓ ଶିଶୁ ପତ୍ରିକା "ମୀନାବଜାର" ମଧ୍ୟ ତାଙ୍କ ଦ୍ୱାରା ପ୍ରତିଷ୍ଠିତ । ଏହି ମହାନ ଜନନାୟକଙ୍କ ମହାପ୍ରୟାଣ ୧୯୮୭ ମସିହାରେ ହୋଇଥିଲା ।

**ବିଷୟ ସାରମର୍ମ :**

ଡଃ ହରେକୃଷ୍ଣ ମହତାବଙ୍କ ଦ୍ୱାରା ରଚିତ 'ସେହି ସ୍ମରଣୀୟ ଦିବସ' ବିଷୟବସ୍ତୁଟି ମହତାବଙ୍କ 'ଗାଁ ମଜଲିସ୍' ଗ୍ରନ୍ଥ ୪ର୍ଥ ଖଣ୍ଡର ଏକ ଅଂଶବିଶେଷ । ଭାରତ ସ୍ୱାଧୀନତା ଲାଭ କରିବାର ୨୫ ବର୍ଷ ପରର ଘଟଣା ବହୁଳ ସମୟର ଚିତ୍ର ଏଥିରେ ସ୍ଥାନ ପାଇଛି । ଗଭୀର ଅନୁଧ୍ୟାନ ଓ ଅନୁଶୀଳନ ଫଳରେ ଯେଉଁ ସତ୍ୟ ସେ ଆବିଷ୍କାର କରିଛନ୍ତି ତାକୁ ସ୍ମରଣୀୟ ଦିବସରେ ରୂପ ପ୍ରଦାନ କରିଛନ୍ତି । ବିଷୟବସ୍ତୁଟିର ଆରମ୍ଭ ହୋଇଛି ବହୁ ପ୍ରତୀକ୍ଷିତ ସ୍ୱାଧୀନତା ଲାଭ ସମ୍ବାଦରୁ । ସ୍ୱାଧୀନତାର ସମ୍ବାଦ ଘୋଷଣା ହେବା ପରେ ଭାରତ ଇତିହାସରେ ଏକ ନୂତନ ଯୁଗର ଆରମ୍ଭ ହୋଇଛି । ଚାରିଆଡ଼େ ଉତ୍ସବ ମୁଖର । ରାତ୍ରିର ଅନ୍ଧକାରକୁ ବିମୁଗ୍ଧ ଜନତା ଦିନର ଆଲୋକରେ ସଜ୍ଜିତ କରିବାକୁ ବ୍ୟଗ୍ର । ରାତି ଅଧରୁ ଶଙ୍ଖ, ଘଣ୍ଟା, ବାଦ୍ୟର ତାଳେ ତାଳେ ଉତ୍ସବ ମୁଖର ଭାରତ । ଏଥିରେ ସ୍ୱୟଂ ଲେଖକ ମଧ୍ୟ ସେଦିନ ଆନନ୍ଦମୁଖର ରାତ୍ରିକୁ ବିଶ୍ରାମ ହୀନ ଭାବେ କଟାଇବା କଥା ସ୍ୱୀକାର କରିଛନ୍ତି ।

ଏତେ ବଡ଼ ଖୁସି ଖବରରେ ମୋହିତ ଲେଖକ ରାଜ୍ୟପାଳଙ୍କ ବାସଭବନକୁ ପ୍ରତ୍ୟୁଷରୁ ଯାଇଛନ୍ତି ଐତିହାସିକ ଲାଲ୍‌ବାଗ୍ ଅଞ୍ଚଳକୁ । ରାଜ୍ୟପାଳ କୈଳାସ ନାଥ କଟ୍‌ଜୁ ମଧ୍ୟ ପ୍ରଫୁଲ୍ଲିତ ମନରେ କରିଡ଼ର ମଧ୍ୟରେ ବୁଲାବୁଲି କରୁଥାନ୍ତି । ଡଃ ମହତାବଙ୍କୁ ପାଇ ରାଜ୍ୟପାଳ ଖୁସିରେ କୁଣ୍ଢେଇ ପକାଇଛନ୍ତି ଓ ପଚାରିଛନ୍ତି ମହତାବ ସାହେବ କେତେ ଶତାବ୍ଦୀ ପରେ । ଲେଖକ ଉତ୍ତରରେ କହିଥିଲେ ପ୍ରାୟ ଏକ ଶତାବ୍ଦୀ ପରେ ହଜାର ବର୍ଷ ପରେ । ୧ ହଜାର ବର୍ଷ କହିବାର ତାତ୍ପର୍ଯ୍ୟ ଏକାଦଶ ଶତାବ୍ଦୀ ଠାରୁ ଧୀରେ ଧୀରେ ଲୋକମାନେ ରାଜା ମହାରାଜାମାନଙ୍କର ଦାସତ୍ୱକୁ ସ୍ୱୀକାର କରିନେଇଥିଲେ । ଏହି ଦାସତ୍ୱ ପ୍ରଥାକୁ ଗାନ୍ଧିଜୀ ଯାଦୁକର ପରି ଧ୍ୱଂସ କରିଦେଲେ । ସାଧାରଣ ଜନତା ନିଜ ଉଦ୍ୟମ ବଳରେ ସ୍ୱାଧୀନ ହେଲେ ।

ଦୁଇଜଣ ମିଳିତ ହେବା ସମୟରେ ବିଗତଦିନର ସ୍ମୃତି ମନ୍ଥନ କରିଛନ୍ତି । ଆଖିରୁ ତାଙ୍କର ସ୍ୱତଃ ଲୁହ ଗଡ଼ିଆସିଛି । କାରଣ ଏହା ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ବହୁ କଷ୍ଟ ଓ ତ୍ୟାଗର ଫଳ । ସେଦିନ କେବଳ ଉତ୍ସବ ମହୋତ୍ସବରେ ରାତି ପାହିଛି । ସେଦିନ ରାତିରେ ଥିଏଟର ହଲ୍‌ରେ ଗୋଟିଏ ନାଟକ ମଞ୍ଚସ୍ଥ ହେବାକୁ ଥାଏ ତା'ର ନାମ 'ଯୁଗେ ଯୁଗେ ଭାରତ' ସଚ୍ଚିନ ଦତ୍ତ ଓ ଲେଖକ ନିଜେ ଏ ନାଟକଟିକୁ ପରିକଳ୍ପନା କରିଥିଲେ । ରାଜ୍ୟପାଳ ଓ ଲେଖକଙ୍କ ଭାଷଣ ଦେବାର ଥିଲା । ହଠାତ୍ ନାଟକର ଶେଷ ଦୃଶ୍ୟରେ ଜଣେ ତେଜୀୟାନ ଯୁବକ ଆସି ପଚାରିଛି ମୋତେ ଚିହ୍ନିପାରୁଛନ୍ତି, ମୋତେ ମନେ ରଖିଛନ୍ତି ? ଆପଣମାନେ ଏହା କରିବାର ଆବଶ୍ୟକତା ନାହିଁ, କାରଣ ମୁଁ ଏହା ଆଦୌ ଆଶା କରିନଥିଲି, ପ୍ରତିଦାନରେ କିଛି ପାଇବାକୁ ଆଶାରଖି ମୁଁ ଫାଶୀ ଖୁଣ୍ଟରେ ଝୁଲିନଥିଲି । ମୁଁ ହେଉଛି ସେହି ଖୁଦିରାମ । ଇତ୍ୟାଦି ଏତିକି ସଂଳାପରେ ଲେଖକଙ୍କ ଚକ୍ଷୁ ଲୋତକପୂର୍ଣ୍ଣ ହୋଇଛି । ସେ ଅନୁଭବ କରିଛନ୍ତି ଏ ନାଟକର ସଂଳାପ ବାସ୍ତବରେ ତାଙ୍କୁ ଚିନ୍ତା କରିବାକୁ ବାଧ କରିଛି । ଯେଉଁମାନେ ପ୍ରାଣ ବଳି ଦେଇଛନ୍ତି ସେମାନଙ୍କ ଇଚ୍ଛା ଓ ଅଭିପ୍ସା କ'ଣ ଥିଲା ? ଲେଖକ ରଙ୍ଗମଞ୍ଚରୁ ବିଦାୟ ନେଇ ପଳେଇ ଆସିଛନ୍ତି । ତା'ପରଦିନ ଯୋଜନାରେ ଶହିଦ୍‌ଭବନ ଓ ଭବନ ଭିତରେ ଶହିଦ୍‌ମାନଙ୍କ ଫଟଚିତ୍ର ଓ ଭଣ୍ଡାର ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନିଆଗଲା । ତଥାପି ଲେଖକଙ୍କ ମନରେ ସ୍ୱତଃ ପ୍ରଶ୍ନ ଉଠିଛି ଏହା କ'ଣ ସେମାନଙ୍କ ପାଇଁ ଯଥେଷ୍ଟ ?

ଯେଉଁମାନେ ସଂଗ୍ରାମରେ ଝାସ ଦେଇ ବେସାହାରା ହେଲେ, ଗୁଳି ଖାଇଲେ, ଫାଶୀ ପାଇଲେ ସେମାନେ କୌଣସି ଆଶା ଆକାଙ୍‌କ୍ଷା ରଖିନଥିଲେ । କେବଳ ସ୍ୱାଧୀନତା ତାଙ୍କ ପାଇଁ ଥିଲା ପୁରସ୍କାର । ସ୍ୱାଧୀନ ହେବା ପରେ ଯେଉଁମାନେ ଆନନ୍ଦରେ ଫାଟି ପଡୁଥିଲେ ଏବଂ ଭାବୁଥିଲେ ନବଉଷାର ଆଗମନରେ ସୁଖ ସମୃଦ୍ଧି ବୃଦ୍ଧିପାଇବ ଏମିତି ଆଶାର କୋଣାର୍କ ତିଆରି ହୋଇଥିଲା ସେମାନଙ୍କ ମନରେ ଲେଖକ ଚିନ୍ତା କରିଛନ୍ତି ସ୍ୱାଧୀନତାର ୨୫ ବର୍ଷ ପରେ ପ୍ରକୃତ କ'ଣ ଆମ୍ଭେ ଯାହା ସମ୍ଭବ ତାହା କରିଛୁ । ଏହି ନକରିପାରିବା ହିଁ ଲକ୍ଷ ଲକ୍ଷ ଜନତା ପାଇଁ ସ୍ୱାଧୀନତା ଏକ ନିରର୍ଥକ ଶବ୍ଦ । ଏ ଦେଶ ସ୍ୱାଧୀନ ହେଲା ସେମାନେ ନିଜେ ନିଜର ନିୟନ୍ତକ । ଲୋକଙ୍କ ରାୟ ଏହି ୨୫ ବର୍ଷର ହିସାବ କିତାବ କରିବ ବୋଲି ଲେଖକ ଭାବିଛନ୍ତି । ସେମାନେ ନିଜର ଆତ୍ମପ୍ରତ୍ୟୟ ଓ ସଂକଳ୍ପବଦ୍ଧତା ବଳରେ ସ୍ୱାଧୀନତା ଲାଭ କରିଛନ୍ତି ସେମାନେ ହିଁ ତାକୁ ରକ୍ଷା କରିବେ ।

୧. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ପ୍ରଶ୍ନର ମୂଲ୍ୟ ୧ ନମ୍ବର । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।

(କ) ଭାରତ ବର୍ଷରେ ଇତିହାସରେ ଏକ ନୂତନ ଯୁଗର ଅୟମାରମ୍ଭ ବିଷୟ ଘୋଷଣା କରିବାକୁ କାହାର ଆଗମନ ହେଲା ?

(ରାତ୍ରି, ଊଷା, ପ୍ରଦୋଷ, ଦିନ)

ଉ.: ଊଷା ।

(ଖ) ରାତି ଅଧରୁ ଶୋଭାଯାତ୍ରାର କୋଳାହଳ, ଜାତୀୟ ଓ ଭକ୍ତିଗୀତର ମୂର୍ଚ୍ଛନାରେ କେଉଁ ସହର ମୁଖରିତ ହୋଇ ଉଠିଥିଲା ?

(ଭୁବନେଶ୍ୱର, କଟକ, ଦିଲ୍ଲୀ, ଅନୁଗୁଳ)

ଉ.: କଟକ ।

(ଗ) ଶହ ଶହ ବର୍ଷ ଧରି କେଉଁ ସ୍ଥାନ ଓଡ଼ିଶାର ରାଜା ଓ ଶୁବେଦାରମାନଙ୍କ ଦୁର୍ଗ ହୋଇ ରହିଥିଲା ?

(ବାରବାଟିକିଲ୍ଲା, କଟକ, ସୋନପୁର, ବଲାଙ୍ଗୀର)

ଉ.: ବାରବାଟିକିଲ୍ଲା ।

(ଘ) କେଉଁ ଐତିହାସିକ ସ୍ଥାନ ଦୁଇଶହ ବର୍ଷ ଧରି ମୋଗଲମାନଙ୍କ ସରକାରୀ ବାସଭବନ ହୋଇଥିଲା ?

(ମଙ୍ଗଳାବାଗ, ଲାଲବାଗ, ଚାନ୍ଦିନୀଚୌକ, ରାଣୀହାଟ)

ଉ.: ଲାଲବାଗ ।

(ଙ) ଡଃ ମହତାବଙ୍କୁ କିଏ 'ତୁମେ ଜଣେ ଖାଣ୍ଟି ଐତିହାସିକ' ବୋଲି କହିଛନ୍ତି ?

(ଡକ୍ଟର କାଟୁଜ୍, ରେଭେନ୍‌ସା, ବୀମସ୍, ପାରଳାରାଜା)

ଉ.: ଡକ୍ଟର କାଟୁଜ୍ ।

(ଚ) ଅତି ଅଳ୍ପ ସମୟ ମଧ୍ୟରେ କିଏ ଇତିହାସର ଗତି ବଦଳାଇ ପାରିଥିଲେ ?

(ସୁଭାଷବୋଷ, ଗାନ୍ଧିଜୀ, ଗୋପବନ୍ଧୁ, ମଧୁସୂଦନ)

ଉ.: ଗାନ୍ଧିଜୀ ।

(ଛ) 'ଯୁଗେ ଯୁଗେ ଭାରତ' ଏକାଙ୍କିକା ନାଟକକୁ କିଏ ଭାଷା ଦେଇଥିଲେ ?

(ଡକ୍ଟର ମହତାବ, ସଚ୍ଚିନ ଦତ୍ତ, ଡଃ କୈଳାସନାଥ, କାଳୀଚରଣ)

ଉ.: ସଚ୍ଚିନ ଦତ୍ତ ।

(ଜ) 'ଯୁଗେ ଯୁଗେ ଭାରତ' ଏକାଙ୍କିକା ନାଟକର ତେଜୀୟାନ ଯୁବକଟିର ନାମ କ'ଣ ?

(ଭଗତ୍ ସିଂ, ବାଜି ରାଉତ, ଖୁଦିରାମ, ଲକ୍ଷ୍ମଣ ନାୟକ)

ଉ.: ଖୁଦିରାମ ।

(ଝ) ଆପଣମାନେ ମୋତେ ମନେରଖିବାର ଆବଶ୍ୟକତା ନାହିଁ ଏକଥା କିଏ କହିଛି ?

(ଖୁଦିରାମ, ଡକ୍ଟର ମହତାବ, ଗୋପବନ୍ଧୁ, ଫକୀର ମୋହନ)

ଉ.: ଖୁଦିରାମ ।

(ଞ) କଟକଠାରେ କେଉଁ ହଲ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର କରାଯାଇଥିଲା ?

(ଶତାବ୍ଦୀ ଭବନ, ଶ୍ରୀରାମଚନ୍ଦ୍ର ଭବନ, ସହୀଦ ହଲ୍, ଟାଉନ୍ ହଲ୍)

ଉ.: ସହୀଦ ହଲ୍ ।

(ଟ) ହଜାର ହଜାର ଲୋକ କାହାକୁ ଜଳାଞ୍ଜଳି ଦେଇ ରାସ୍ତାର ଭିକ୍ଷୁକ ସାଜିବା ପଥ ବାଛି ନେଇଥିଲେ ?

(କ୍ୟାରିୟର, ଧନସମ୍ପତ୍ତି, ଘରଦ୍ୱାର, ଜୀବନ)

ଉ.: କ୍ୟାରିୟର ।

(O) Êû ÿ Zûj ðùi cÿ u _ùl [ ßû____ |

(ଆନନ୍ଦ, ପୁରସ୍କାର, ଉତ୍ସବ, ଦୁଃଖ)

ଉ.: ପୁରସ୍କାର ।

(ଡ) ସ୍ୱାଧୀନତା ପରେ ସଭ୍ୟତାର ବହୁଦୂରରେ ଥିବା କେଉଁ ଜିଲ୍ଲାର ଆଦିବାସୀ ଲୋକମାନେ ମଧ୍ୟ ଆନନ୍ଦରେ ମାତି ଉଠିଥିଲେ ?

(ମୟୂରଭଞ୍ଜ, କୋରାପୁଟ, କଳାହାଣ୍ଡି, ସମ୍ବଲପୁର)

ଉ.: କୋରାପୁଟ ।

(ଢ) କେତେବର୍ଷ ପରେ ଡକ୍ଟର ମହତାବ ପଛକୁ ଫେରି ଚାହିଁଛନ୍ତି ଓ ଲୋକଙ୍କ ଆଶା ଆକାଙ୍କ୍ଷା କଥା ମନେ ପକାଇଛନ୍ତି ?

(୧୦ ବର୍ଷ, ୨୦ ବର୍ଷ, ୨୫ ବର୍ଷ, ୪୦ ବର୍ଷ)

ଉ.: ୨୫ ବର୍ଷ ।

(ଣ) ଚରମ ବ୍ୟର୍ଥତା ଓ ନୈରାଶ୍ୟ ଭିତରେ ଆତ୍ମପ୍ରତ୍ୟୟ ହରାଇ ସାରିଥିବା ଲକ୍ଷ୍ୟ ଜନତାଙ୍କ ପାଇଁ - ସମ୍ପୂର୍ଣ୍ଣ ନିରର୍ଥକ ।

(ଦାବି, ସ୍ୱାଧୀନତା, ଆନନ୍ଦ, ଆତ୍ମପ୍ରତ୍ୟୟ)

ଉ.: ସ୍ୱାଧୀନତା ।

**୨. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(କ) ଶେଷରେ କେଉଁ ରାତ୍ରିର ଅବସାନ ହେଲା ?

ଉ.: ଶେଷରେ ଅନ୍ଧକାର ରାତ୍ରିର ଅବସାନ ହେଲା ।

(ଖ) ଉଷା କାହିଁକି ଆଗମନ ହେଲା ?

ଉ.: ଭାରତ ଇତିହାସରେ ଏକ ନୂତନ ଯୁଗର ଅୟମାରମ୍ଭ ବିଷୟ ଘୋଷଣା କରିବାକୁ ଉଷାର ଆଗମନ ହେଲା ।

(ଗ) ଭାରତ ଇତିହାସରେ ଏକ ନୂତନ ଯୁଗର ଅୟମାରମ୍ଭ ବିଷୟ ଘୋଷଣା କରିବାକୁ କାହାର ଆଗମନ ହେଲା ?

ଉ.: ଭାରତ ଇତିହାସରେ ଏକ ନୂତନ ଯୁଗର ଅୟମାରମ୍ଭ ବିଷୟ ଘୋଷଣା କରିବାକୁ ଉଷାର ଆଗମନ ହେଲା ।

(ଘ) ରାତିଅଧରୁ କାହାର ମୂର୍ଚ୍ଛନାରେ କଟକ ସହର ମୁଖରିତ ହୋଇ ଉଠିଥିଲା ?

ଉ.: ରାତିଅଧରେ ଶୋଭାଯାତ୍ରାର କୋଳାହଳ ଜାତୀୟ ଓ ଭକ୍ତି ସଂଗୀତର ମୂର୍ଚ୍ଛନା ବାଦ୍ୟ ଓ ଶଙ୍ଖ ନାଦରେ କଟକ ସହର ମୁଖରିତ ହୋଇ ଉଠିଥିଲା ।

(ଙ) ଶୋଭାଯାତ୍ରାର କୋଳାହଳ ଜାତୀୟ ଓ ଭକ୍ତି ସଂଗୀତର ମୂର୍ଚ୍ଛନା କେଉଁ ସହରକୁ ମୁଖରିତ କରିଥିଲା ?

ଉ.: ଶୋଭାଯାତ୍ରାର କୋଳାହଳ ଜାତୀୟ ଓ ଭକ୍ତି ସଂଗୀତର ମୂର୍ଚ୍ଛନା କଟକ ସହରକୁ ମୁଖରିତ କରିଥିଲା ।

(ଚ) ସୂର୍ଯ୍ୟୋଦୟ ପୂର୍ବରୁ ଡଃ ମହତାବ କାହାକୁ ସାକ୍ଷାତ କରିବାକୁ ଯାଇଥିଲେ ?

ଉ.: ସୂର୍ଯ୍ୟୋଦୟ ପୂର୍ବରୁ ଡଃ ମହତାବ ରାଜ୍ୟପାଳ ଡଃ କୈଳାସନାଥ କାଟ୍ଜୁଙ୍କୁ ସାକ୍ଷାତ କରିବାକୁ ଯାଇଥିଲେ ।

(ଛ) ସ୍ୱାଧୀନତା ପୂର୍ବରୁ ଓଡ଼ିଶାର ରାଜ୍ୟପାଳ କିଏ ଥିଲେ ?

ଉ.: ସ୍ୱାଧୀନତା ପୂର୍ବରୁ ଓଡ଼ିଶାର ରାଜ୍ୟପାଳ ଡଃ କୈଳାସନାଥ କାଟ୍ଜୁ ଥିଲେ ।

(ଜ) ସ୍ୱାଧୀନତା ପୂର୍ବରୁ ଓଡ଼ିଶାର ରାଜ୍ୟପାଳମାନେ କେଉଁଠି ରହୁଥିଲେ ?

ଉ.: ସ୍ୱାଧୀନତା ପୂର୍ବରୁ ଓଡ଼ିଶାର ରାଜ୍ୟପାଳମାନେ ଐତିହାସିକ ସ୍ଥାନ ଲାଲବାଗରେ ରହୁଥିଲେ ।

(ଝ) କେଉଁ ଐତିହାସିକ ସ୍ଥାନ ଦୁଇଶହ ବର୍ଷ ଧରି ମୋଗଲମାନଙ୍କ ସରକାରୀ ବାସଭବନ ହୋଇ ରହିଥିଲା ?

ଉ.: ଐତିହାସିକ ଲାଲବାଗ୍ ସ୍ଥାନ ଦୁଇଶହ ବର୍ଷ ଧରି ମୋଗଲମାନଙ୍କ ସରକାରୀ ବାସଭବନ ହୋଇ ରହିଥିଲା ।

(ଞ) ଡଃ ମହତାବ ରାଜ୍ୟପାଳଙ୍କ ନିକଟରେ ପହଞ୍ଚିବା ପରେ ରାଜ୍ୟପାଳ ହାତଧରି ପକାଇ କ'ଣ କହିଲେ ?

ଉ.: ଡଃ ମହତାବ ରାଜ୍ୟପାଳଙ୍କ ନିକଟରେ ପହଞ୍ଚିବା ପରେ ରାଜ୍ୟପାଳ ହାତଧରି ପକାଇ କହିଲେ ମହାତାବ ଯାହେବ କେତେ ଶତାବ୍ଦୀ ପରେ ।

(ଟ) ଡଃ କାଟ୍ଜୁଙ୍କ ଉତ୍ତରରେ ଡଃ ମହତାବ କ'ଣ କହିଥିଲେ ?

ଉ.: ଡଃ କାଟ୍ଜୁଙ୍କ ଉତ୍ତରରେ ଡଃ ମହତାବ କହିଥିଲେ ଏକ ହଜାର ବର୍ଷ ପରେ ।

(ଠ) କେଉଁ ଶତାବ୍ଦୀଠାରୁ ଲୋକମାନଙ୍କର ମନରେ ଧାରଣା ହେଲା ଦେଶ ବ୍ୟାପାରରେ ସେମାନଙ୍କର କିଛି କରିବାର ନାହିଁ ?

ଉ.: ଏକାଦଶ ଶତାବ୍ଦୀରୁ ଆରମ୍ଭ କରି ତା ପରବର୍ତ୍ତୀ ଶତାବ୍ଦୀମାନଙ୍କରେ ଲୋକମାନଙ୍କର ମନରେ ଧାରଣା ହେଲା ଦେଶ ବ୍ୟାପାରରେ ସେମାନଙ୍କର କିଛି କରିବାର ନାହିଁ ।

(ଡ) ଲୋକମାନଙ୍କର କେଉଁ ଧାରଣାକୁ ଗାନ୍ଧିଜୀ ଯାଦୁ ବଳରେ ଧ୍ୱଂସ କରିଦେଲେ ?

ଉ.: ଲୋକମାନଙ୍କର ଧାରଣା ଥିଲା ସେମାନେ କେବଳ ଶାସକମାନଙ୍କର ଆଶ୍ରିତ ପ୍ରଜା ସିଏ ରାଜା ହୁଅନ୍ତୁ ବା ନବାବ୍ ହୁଅନ୍ତୁ ଲୋକମାନଙ୍କର ଏ ଧାରଣାକୁ ଗାନ୍ଧିଜୀ ଯାଦୁ ବଳରେ ଧ୍ୱଂସ କରିଦେଲେ ।

(ଢ) କେଉଁ ଘଟଣାବଳୀ ଆଲୋଚନା କାଳରେ ମହତାବଙ୍କ ଆଖିରୁ ଲୁହ ଗଡ଼ି ଆସିଲା ?

ଉ.: ଭାରତ ଇତିହାସର ଘଟଣାବଳୀ ଓ ଗାନ୍ଧିଜୀଙ୍କ ସହିତ ଭେଟ କଥା ଆଲୋଚନା ବେଳେ ମହତାବଙ୍କ ଆଖିରୁ ଲୁହ ଗଡ଼ି ଆସିଲା ।

(ଣ) ସ୍ୱାଧୀନତାର ପ୍ରଥମ ଦିନଟି ସହରରେ କିପରି ଥିଲା ?

ଉ.: ସ୍ୱାଧୀନତାର ପ୍ରଥମ ଦିନଟି ସହରଟି ଉତ୍ସବରେ ମୁଖରିତ ହୋଇଥିଲା ।

(ତ) ସହରର ସାଧାରଣ ଲୋକଙ୍କ ଆଖିରୁ କେଉଁକଥା ଜଣା ପଡୁଥିଲା ?

ଉ.: ସହରର ସାଧାରଣ ଲୋକଙ୍କ ଆଖିରୁ ଆନନ୍ଦ ଓ ଉତ୍ସାହର କଥା ଜଣା ପଡୁଥିଲା ।

(ଥ) ସ୍ୱାଧୀନତାର ପ୍ରଥମ ରାତିରେ ଥିଏଟର ହଲରେ ପ୍ରଦର୍ଶିତ ହୋଇଥିବା ଏକାଙ୍କିକାଟିର ନାମ କ'ଣ ?

ଉ.: ସ୍ୱାଧୀନତାର ପ୍ରଥମ ରାତିରେ ଥିଏଟର ହଲରେ ପ୍ରଦର୍ଶିତ ହୋଇଥିବା ଏକାଙ୍କିକାଟିର ନାମ 'ଯୁଗେ ଯୁଗେ ଭାରତ' ।

(ଦ) କେଉଁ ଦୁଇଜଣ 'ଯୁଗେ ଯୁଗେ ଭାରତ' ନାଟକଟିର ପରିକଳ୍ପନା କରିଥିଲେ ?

ଉ.: ଲେଖକ ନିଜେ ଓ ସଚ୍ଚିନ ଦତ୍ତ 'ଯୁଗେ ଯୁଗେ ଭାରତ' ନାଟକଟିର ପରିକଳ୍ପନା କରିଥିଲେ ।

(ଧ) ଗ୍ରୀନ୍ ରୁମ୍‌ରୁ ରଙ୍ଗମଞ୍ଚକୁ ବାହାରି ଆସିଥିବା ଯୁବକର ନାମ କ'ଣ ?

ଉ.: ଗ୍ରୀନ୍ ରୁମ୍‌ରୁ ରଙ୍ଗମଞ୍ଚକୁ ବାହାରି ଆସିଥିବା ଯୁବକର ନାମ ଖୁଦୀରାମ୍ ।

(ନ) କାହାର ପ୍ରାଣପାତ ବ୍ୟର୍ଥ ହୋଇନାହିଁ ?

ଉ.: ଖୁଦୀରାମ ପରି ସଂଗ୍ରାମୀମାନଙ୍କର ପ୍ରାଣପାତ ବ୍ୟର୍ଥ ହୋଇନାହିଁ ।

(ପ) କେଉଁ କଥା ଡଃ ମହତାବଙ୍କ ମନରେ ଗଭୀର ରେଖାପାତ କରିଥିଲା ?

ଉ.: ଖୁଦିରାମର ସ୍ୱାଧୀନତା ପାଇଁ ପ୍ରାଣବଳୀର ବର୍ଣ୍ଣନା କରିବାର କଥା କଥା ମହତାବଙ୍କ ମନରେ ଗଭୀର ରେଖାପାତ କରିଥିଲା ।

(ଫ) କେଉଁ କଥା ସାରାରାତି ଡଃ ମହତାବଙ୍କ କାନ ପାଖରେ ପ୍ରତିଧ୍ୱନିତ ହେବାକୁ ଲାଗିଲା ?

ଉ.: ଖୁଦିରାମର ପ୍ରାଣବଳୀର ଗାଥା କଥା ସାରାରାତି ଡଃ ମହତାବଙ୍କ କାନ ପାଖରେ ପ୍ରତିଧ୍ୱନିତ ହେବାକୁ ଲାଗିଲା ।

(ବ) ସ୍ୱାଧୀନତା ପରଦିନ ଡଃ ମହତାବ କେଉଁ ଯୋଜନା ପ୍ରସ୍ତୁତ କରିଥିଲେ ?

ଉ.: ସ୍ୱାଧୀନତା ପରଦିନ ଡଃ ମହତାବ ସଂଗ୍ରାମୀମାନଙ୍କର ସ୍ମୃତି ପାଇଁ ସହିଦ୍‌ହଲ୍ ଓ ସେମାନଙ୍କୁ ଭତ୍ତା ଦେବାପାଇଁ ଯୋଜନା ପ୍ରସ୍ତୁତ କରିଥିଲେ ।

(ଭ) କଟକଠାରେ କେଉଁ ହଲ୍ ନିର୍ମାଣ ପାଇଁ ଡଃ ମହତାବ ଟଙ୍କା ମଞ୍ଜୁର କରିଥିଲେ ?

ଉ.: କଟକଠାରେ ସହୀଦ୍ ହଲ୍ ନିର୍ମାଣ ପାଇଁ ଡଃ ମହତାବ ଟଙ୍କା ମଞ୍ଜୁର କରିଥିଲେ ।

ମ) ସହୀଦ ହଲ୍‌ରେ କେଉଁମାନଙ୍କ ନାମ ଖୋଦିତ ହେବାକଥା ?

ଉ.: ଯେଉଁ ସଂଗ୍ରାମୀମାନେ ପୋଲିସ୍ ଗୁଳିରେ ନିହତ ହୋଇଛନ୍ତି; ଅଥବା ସଂଗ୍ରାମ କାଳରେ ପ୍ରାଣ ହରାଇଛନ୍ତି ସେଇମାନଙ୍କ ନାମ ସହିଦ୍ ହଲ୍‌ରେ ଖୋଦିତ ହେବାକଥା ।

ଯ) ସ୍ୱାଧୀନତାର ସ୍ୱପ୍ନ ଦେଖୁଥିବା ଲୋକଙ୍କୁ କ'ଣ କରାଗଲା ?

ଉ.: ସ୍ୱାଧୀନତାର ସ୍ୱପ୍ନ ଦେଖୁଥିବା ଲୋକଙ୍କୁ ଗୁଳିକରାଗଲା ଓ ଫାଶୀ ଦିଆଗଲା ।

ର) ବିଶାଳ ଜନତା କଣ ପାଇଁ ଆନନ୍ଦରେ ବିଭୋର ହୋଇ ଉଠୁଥିଲେ ?

ଉ.: ବିଶାଳ ଜନତା ସ୍ୱାଧୀନତା ଲାଭ କରି ଆନନ୍ଦରେ ବିଭୋର ହୋଇ ଉଠୁଥିଲେ ।

ଲ) ସ୍ୱାଧୀନତା ସେମାନଙ୍କ ପାଇଁ ପୁରସ୍କାର ଏକଥା କିଏ ଭାବୁଥିଲେ ?

ଉ.: ସ୍ୱାଧୀନତା ସେମାନଙ୍କ ପାଇଁ ପୁରସ୍କାର ଏକଥା ସ୍ୱାଧୀନ ଜନତା ଭାବୁଥିଲେ ।

ବ) ଦୂରବର୍ତ୍ତୀ ଗାଁ ଗଣ୍ଡାରେ କେଉଁ ଉତ୍ସବ ପାଳିତ ହେଉଥିବାର ଖବର ପହଞ୍ଚୁଥାଏ ।

ଉ.: ଦୂରବର୍ତ୍ତୀ ଗାଁ ଗଣ୍ଡାରେ ସ୍ୱାଧୀନତା ପାଳନ ଉତ୍ସବ ଖବର ପହଞ୍ଚୁ ଥାଏ ।

ଶ) ସଭ୍ୟତାର ବହୁ ଦୂରରେ ଥିବା କୋରାପୁଟ ଜିଲ୍ଲାର ଆଦିବାସୀମାନେ ବହୁ ଦୂରରେ ଥିବା କୋରାପୁଟ ଜିଲ୍ଲାର ଆଦିବାସୀମାନେ ମଧ୍ୟ ସ୍ୱାଧୀନତା ଉତ୍ସବ ପାଳନ ଆନନ୍ଦରେ ମାତି ଉଠିଥିଲେ ।

ଷ) କେଉଁମାନେ ସ୍ୱାଧୀନତା ରକ୍ଷା କରିବେ ?

ଉ.: ଆତ୍ମ ପ୍ରତ୍ୟୟ ଓ ସଂକଳ୍ପ ବଦ୍ଧତା ଥିବା ଲୋକମାନେ ହିଁ ସ୍ୱାଧୀନତା ରକ୍ଷା କରିବେ ।

**୩) ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୧ ନମ୍ବର ।**

କ) ଲେଖକ କେଉଁ ଦିନକୁ ଭାରତ ଇତିହାସରେ ଏକ ନୂତନ ଯୁଗର ଆରମ୍ଭ ବୋଲି କହିଛନ୍ତି ?

ଉ.: ବିଷୟର ନାମ ସେହି ସ୍ମରଣୀୟ ଦିବସ ଓ ଲେଖକ ଡଃ ହରେକୃଷ୍ଣ ମହତାବ । ଭାରତ ସ୍ୱାଧୀନ ହେବାର ପ୍ରଥମ ଦିବସଟିକୁ ଭାରତ ଇତିହାସର ଏକ ନୂତନ ଯୁଗର ଆରମ୍ଭ ବୋଲି ଲେଖକ କହିଛନ୍ତି ।

ଖ) ରାତ୍ରିର ଅନ୍ଧକାର ଦୂର କରିବାକୁ କେଉଁମାନେ ଲାଗିପଡିଥିଲେ ?

ଉ : ବିଷୟଟିର ନାମ ସେହି ସ୍ମରଣୀୟ ଦିବସ ଓ ଲେଖକ ଡଃ ହରେକୃଷ୍ଣ ମହତାବ । ସମଗ୍ର ସହରର ଲୋକ ରାତ୍ରିର ଅନ୍ଧକାରକୁ ଦୂର କରିବାକୁ ଲାଗି ପଡିଥିଲେ ।

ଗ) ତୁମେ ଜଣେ ଖାଣ୍ଟି ଐତିହାସିକ ଏକଥା କିଏ କାହାକୁ କହିଛନ୍ତି ।

ଉ: ବିଷୟ 'ସେହି ସ୍ମରଣୀୟ ଦିବସ' ଲେଖକ ହରେକୃଷ୍ଣ ମହତାବ । ତୁମେ ଜଣେ ଖାଣ୍ଟି ଐତିସିକ ଏକଥା ରାଜ୍ୟପାଳ କୈଳାସ ନାଥ କଟ୍ଟୁଜ୍ ଲେଖକଙ୍କୁ କହିଛନ୍ତି ।

ଘ) 'ସେମାନେ କେବଳ ଶାସକ ମାନଙ୍କ ଆଶ୍ରିତ ପ୍ରଜା', ଏହା କେଉଁମାନଙ୍କ ଧାରଣା ?

ଉ: ବିଷୟ ସେହି ସ୍ମରଣୀୟ ଦିବସ ଓ ଲେଖକ ଡଃ ହରେକୃଷ୍ଣ ମହତାବ । ଭାରତୀୟ ଲୋକମାନଙ୍କର ଧାରଣା ଯେ ସେମାନେ କେବଳ ଶାସକ ମାନଙ୍କ ଆଶ୍ରିତ ପ୍ରଜା ।

ଙ) ଡଃ ମହତାବ ଓ ଡଃ କାଟୁଜ୍ ଭାରତ ଇତିହାସର ବିଭିନ୍ନ ଘଟଣା ମନେ ପକାଇବା ବେଳେ କଣ ହେଲା ?

ଉ: ବିଷୟଟିର ନାମ 'ସେହି ସ୍ମରଣୀୟ ଦିବସ' ଲେଖକ ଡଃ ହରେକୃଷ୍ଣ ମହତାବ । ଡଃ ମହତାବ ଓ ଡଃ କାଟୁଜ୍ ଭାରତ ଇତିହାସର ବିଭିନ୍ନ ଘଟଣା ମନେ ପକାଇବା ବେଳେ ସେମାନଙ୍କ ଆଖିରୁ ଅଜାଣତରେ ଲୁହଧାର ଗଡ଼ିଆସି ଥିଲା ।

ଚ) କେଉଁଦିନ 'ଯୁଗେ ଯୁଗେ ଭାରତ' ଏକାଙ୍କିକା ପ୍ରଦର୍ଶିତ ହେବାକୁ ଥାଏ ?

ଉ: ବିଷୟ ସେହି ସ୍ମରଣୀୟ ଦିବସ ଓ ଲେଖକ ଡଃ ହରେକୃଷ୍ଣ ମହତାବ । ଭାରତ ସ୍ୱାଧୀନତା ଲାଭ କରିବା ଦିନ ରାତିରେ 'ଯୁଗେ ଯୁଗେ ଭାରତ' ଏକାଙ୍କିକା ପ୍ରଦର୍ଶିତ ହେବାକୁ ଥାଏ ।

ଛ) 'ଯୁଗେ ଯୁଗେ ଭାରତ' ନାଟକର ଶେଷ ଦୃଶ୍ୟରେ କ'ଣ ହେଲା ?

ଉ: ବିଷୟ ସେହି ସ୍ମରଣୀୟ ଦିବସ ଓ ଲେଖକ ଡଃ ହରେକୃଷ୍ଣ ମହତାବ । ନାଟକର ଶେଷ ଦୃଶ୍ୟରେ ଜଣେ ଜେଟିୟାନ୍ ଯୁବକ ଗ୍ରୀନ୍‌ରୁମ୍‌ରୁ ବାହାରି ଆସି ରଙ୍ଗମଞ୍ଚରେ ପଚାରିଲା ଆପଣମାନେ ମୋତେ ଚିହ୍ନିପାରୁଛନ୍ତି ସ୍ୱାଧୀନତା ପାଇଁ ଜୀବନକୁ ବଳି ଦେଇଥିବା ମୁଁ ସେହି ଖୁଦିରାମ ।

ଜ) ଡଃ ମହତାବ କେତେବେଳେ ହଲ୍‌ଛାଡ଼ି ଚାଲିଆସିଲେ ?

ଉ: ବିଷୟ ସେହି ସ୍ମରଣୀୟ ଦିନ ଓ ଲେଖକ ଡଃ ହରେକୃଷ୍ଣ ମହତାବ । ମଞ୍ଚରେ ଖୁଦୀରାମର କଥା ଶୁଣି ଲେଖକଙ୍କ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ବଳିଦାନ କଥା ମନେ ପଡିଲା ଓ ତାଙ୍କ ଆଖିରୁ ସ୍ୱତଃ ଲୁହଧାର ଗଡ଼ିଆସିଲା ସେ ଅଧିକ ସମୟ ଆଉ ବସି ନ ପାରି ହଲ୍‌ଛାଡ଼ି ଚାଲିଆସିଲେ ।

ଝ) ଆମେ ସେମାନଙ୍କୁ ମନେ ରଖିଛୁ ଏକଥା କିଏ କାହାକୁ କହିଛନ୍ତି ?

ଉ: ବିଷୟ ସେହି ସ୍ମରଣୀୟ ଦିବସ ଓ ଲେଖକ ଡଃ ହରେକୃଷ୍ଣ ମହତାବ । ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମନେ ରଖିବା ମହତାବ । ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମନେ ରଖିବା ଉଦ୍ଦେଶ୍ୟରେ ଲେଖକ ନିଜେ ନିଜେ ମନକୁ ପଚାରିଛନ୍ତି ।

ଞ) ସେମାନଙ୍କ ପାଇଁ କ'ଣ ଯଥେଷ୍ଟ କାହା ପ୍ରସଙ୍ଗରେ କୁହାଯାଇଛି ?

ଉ: ବିଷୟ ସେହି ସ୍ମରଣୀୟ ଦିବସ ଲେଖକ ଡଃ ହରେକୃଷ୍ଣ ମହତାବ । ଯେଉଁ ସଂଗ୍ରାମୀମାନେ ସ୍ୱାଧୀନତା ଆନ୍ଦୋଳନରେ ମୃତ୍ୟୁବରଣ କରିଛନ୍ତି ସେମାନଙ୍କ ପାଇଁ ସହୀଦ୍ ହଲ୍ ଓ ଭତ୍ତା କିମ୍ବା ସେମାନଙ୍କ ନାମ କାନ୍ଥରେ ଖୋଦିତ ହେବାକଥା କ'ଣ ଯଥେଷ୍ଟ ବୋଲି ଲେଖକ କହିଛନ୍ତି ।

ଟ) କେଉଁମାନେ ଆନନ୍ଦରେ ସମସ୍ତ ନିନ୍ଦା ଅପମାନକୁ ସହି ନେଇଥିଲେ ?

ଉ: ବିଷୟ ସେହି ସ୍ମରଣୀୟ ଦିବସ ଲେଖକ ହରେକୃଷ୍ଣ ମହତାବ । ସ୍ୱାଧୀନତା ସଂଗ୍ରାମୀମାନେ ଆନନ୍ଦରେ ସମସ୍ତ ନିନ୍ଦା ଅପମାନକୁ ସହି ନେଇଥିଲେ ।

ଠ) ସ୍ୱାଧୀନତା ସ୍ୱପ୍ନ ଦେଖି ଆନନ୍ଦିତ ହେଉଥିବା ଲୋକ ମାନଙ୍କର କ'ଣ କରାଗଲା ।

ଉ: ବିଷୟ ସେହି ସ୍ମରଣୀୟ ଦିବସ ଓ ଲେଖକ ଡଃ ହରେକୃଷ୍ଣ ମହତାବ । ସ୍ୱାଧୀନତାର ସ୍ୱପ୍ନ ଦେଖି ଆନନ୍ଦିତ ହେଉଥିବା ଲୋକମାନଙ୍କୁ ଗୁଳି କରାଗଲା ଓ ଫାଶି ଦିଆଗଲା ।

ଡ. ସ୍ୱାଧୀନତା କଥା ଶୁଣି କେଉଁମାନଙ୍କର ଆନନ୍ଦର ସୀମା ନଥିଲା ।

ଉ : ବିଷୟ ସେହି ସ୍ମରଣୀୟ ଦିବସ ଲେଖକ ଡଃ ହରେକୃଷ୍ଣ ମହତାବ । ସ୍ୱାଧୀନତା କଥା ଶୁଣି ସ୍ୱାଧୀନତା ସଂଗ୍ରାମୀ ଓ ବିଶାଳ ଜନତାଙ୍କର ଆନନ୍ଦର ସୀମା ନଥିଲା ।

ଟ) ଗାନ୍ଧୀ ମହାରାଜା ସେମାନଙ୍କର ରାଜା ହେଲେ ସେମାନଙ୍କର କ'ଣ ହେବ ବୋଲି ଲୋକେ କହୁଥିଲେ ?

ଉ: ବିଷୟ ସେହି ସ୍ମରଣୀୟ ଦିବସ ଓ ଲେଖକ ଡଃ ହରେକୃଷ୍ଣ ମହତାବ । ଗାନ୍ଧୀ ମହାରାଜା ରାଜା ହେଲେ ସେମାନଙ୍କର ଦୁଃଖ ଦୁଃଖ ଦୁର୍ଦ୍ଦଶା ଦୂର ହେବ ବୋଲି ଲୋକେ କହୁଥିଲେ ।

ଣ) କେଉଁମାନଙ୍କ ପାଇଁ ସ୍ୱାଧୀନତା ସଂପୂର୍ଣ୍ଣ ନିରର୍ଥକ ।

ଉ: ବିଷୟ ସେହି ସ୍ମରଣୀୟ ଦିବସ ଓ ଲେଖକ ଡଃ ହରେକୃଷ୍ଣ ମହତାବ । ଚରମ ବ୍ୟର୍ଥତା ଓ ନୈରାଶ୍ୟ ଭିତରେ ଆତ୍ମ ପ୍ରତ୍ୟୟହରାଇ ସାରିଥିବା ଲକ୍ଷଜନତା ପାଇଁ ସ୍ୱାଧୀନତା ସଂପୂର୍ଣ୍ଣ ନିରର୍ଥକ ।

**୪) ୩୦ଟି ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର, ଲେଖା ଓ ଲେଖକ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ।**

କ) 'ସେହି ସ୍ମରଣୀୟ ଦିବସ' କଟକ ସହରରେ କିପରି ପାଳିତହୋଇଥିଲା ?

ଉ: ବିଷୟ ସେହି ସ୍ମରଣୀୟ ଦିବସ । ଏହାର ଲେଖକ ଡଃ ହରେକୃଷ୍ଣ ମହତାବ । ସେହି ସ୍ମରଣୀୟ ଦିବସ ହେଉଛି ସ୍ୱାଧୀନତା ପାଇବାର ପ୍ରଥମ ଦିନ । ଏହି ଦିନରେ ଭାରତ ଇତିହାସରେ ଏକ ନୂଆ ପର୍ବ ଯୋଡ଼ି ହୋଇଗଲା । ଏହି ସମ୍ବାଦ ଶୁଣି ସମଗ୍ର ସହରବାସୀ ରାତି ଅଧରୁ ଶୋଭାଯାତ୍ରା, କୋଳାହଳ, ଜାତୀୟ ଓ ଭକ୍ତିଗୀତର ମୂର୍ଚ୍ଛନା, ବାଦ୍ୟ ଓ ଶଙ୍ଖ ନାଦରେ ସହରକୁ ମୁଖରିତ କରିଥିଲେ । ସମଗ୍ର ସହରର ଲୋକେ ରାତ୍ରିର ଅନ୍ଧକାରକୁ ଦୂର କରିବାକୁ ଲାଗି ପଡିଥିଲେ ।

ଖ) ଡକ୍ଟର ମହତାବ ରାଜ୍ୟପାଳଙ୍କ ନିକଟରେ ପହଞ୍ଚିବା ପରେ କ'ଣ ହେଲା ?

ଉ: ଉଦ୍ଧୃତ ପାଠ୍ୟାଂଶଟି 'ସେହି ସ୍ମରଣୀୟ ଦିବସ'ର ଏକ ଅଂଶ ଓ ଏହାର ଲେଖକ ଡଃ ହରେକୃଷ୍ଣ ମହତାବ । ସ୍ୱାଧୀନତା ପ୍ରାପ୍ତି ପରେ ଲେଖକ ରାଜ୍ୟପାଳଙ୍କ ପାଖକୁ ଯାଇଥିଲେ, ସୌଜନ୍ୟ ମୂଳକ ସାକ୍ଷାତକରିବାକୁ । ସେତେବେଳକୁ ରାଜ୍ୟପାଳ ମଧ୍ୟ ପ୍ରଫୁଲ୍ଲ ଥିଲେ । ମହତାବ ପହଞ୍ଚିବା ପରେ ସେ ଲେଖକଙ୍କ ହାତକୁ ଧରି କୁଣ୍ଢେଇ ପକାଇଲେ ଓ ଭାବ ବିହ୍ୱଳ ହୋଇକହିଲେ କେତେ ଶତାବ୍ଦୀ ପରେ ଓ ଉତ୍ତରରେ ମହତାବ କହିଲେ ୧ ହଜାର ବର୍ଷ । ତା'ପରେ ଦୁହେଁ ବସି ଭାରତୀୟ ଜନତା, ଇତିହାସ ଓ ରାଜନୀତି ବିଷୟରେ ଆଲୋଚନା କଲେ ।

ଗ) ଏକାଦଶ ଶତାବ୍ଦୀ ପରବର୍ତ୍ତୀ ଲୋକଙ୍କ ଧାରଣା କ'ଣ ?

ଉ: ବିଷୟଟି ସେହି ସ୍ମରଣୀୟ ଦିବସ ଓ ଲେଖକ ଡଃ ହରେକୃଷ୍ଣ ମହତାବ । ଏକାଦଶ ଶତାବ୍ଦୀ ପରେ ଲୋକମାନଙ୍କର ଏକ ପ୍ରକାର ଧାରଣା ଥିଲା ଯେ ଦେଶ ବ୍ୟାପାରରେ ସେମାନଙ୍କର କିଛି କରିବାର ନାହିଁ । ସେମାନେ ବୁଝିଥିଲେ ଯେ ସେମାନେ କେବଳ ଶାସକ ମାନଙ୍କର ଆଶ୍ରିତ ପ୍ରଜା । ଏମିତି କି ରାଜା ଓ ନବାବ ପର୍ଯ୍ୟନ୍ତ । ସେତେବେଳେ ଲୋକ ମାନଙ୍କର ଏହି ଧାରଣା ଥିଲା ।

ଘ) ଲୋକମାନଙ୍କର କେଉଁ ଧାରଣାକୁ ଗାନ୍ଧିଜୀ ବଦଳାଇ ପାରିଥିଲେ ?

ଉ: ବିଷୟ 'ସେହି ସ୍ମରଣୀୟ ଦିବସ' ଲେଖକ ଡଃ ହରେକୃଷ୍ଣ ମହତାବ । ଏକାଦଶ ଶତାବ୍ଦୀ ପରେ ବିଭିନ୍ନ ସମୟରେ ବିଦେଶୀମାନଙ୍କ ଦ୍ୱାରା ଶାସିତ ହୋଇଭାରତୀୟମାନେ ଏକ ପ୍ରକାର ଦାସତ୍ୱ ସ୍ୱୀକାର କରିନେଇଥିଲେ । ସେମାନେ କେବଳ ଶାସକମାନଙ୍କର ଆଶ୍ରିତ ପ୍ରଜା ବୋଲି ନିଜକୁ ମନେ କରୁଥିଲେ । ଦେଶ ବ୍ୟାପାରରେ ସେମାନଙ୍କର କିଛି ଭୂମିକା ନାହିଁ ବୋଲି ସେମାନଙ୍କର ଧାରଣା ଥିଲା । ମାତ୍ର ଗାନ୍ଧିଜୀ ଦେଶକୁ ବହୁ ପ୍ରତିକ୍ଷିତ ସ୍ୱାଧୀନତା ଦେଇ ଲୋକ ମାନଙ୍କର ଏହି ଧାରଣାକୁ ବଦଳାଇ ପାରିଥିଲେ ।

ଙ) ଭାରତ ଇତିହାସର କେଉଁ ଘଟଣା ବଳୀ ଡଃ ମହତାବ ମନେ ପକାଇଥିଲେ ?

ଉ: ପାଠ୍ୟାଂଶଟି 'ସେହି ସ୍ମରଣୀୟ ଦିବସ' ରୁ ଆସିଅଛି । ଏହାର ଲେଖକ ଡଃ ହରେକୃଷ୍ଣ ମହତାବ । ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କର ସଂଗ୍ରାମମୟ ଜୀବନ ଯେଉଁମାନେ ସ୍ୱାଧୀନତା ପାଇଁ ପ୍ରାଣବଳୀ ଦେଇଛନ୍ତି । ଗୁଳି ଖାଇଛନ୍ତି । ଫାଶୀ ଖୁଣ୍ଟରେ ଝୁଲିଛନ୍ତି । ଅତ୍ୟାଚାରିତ ହୋଇ ସର୍ବସ୍ୱ ହରାଇଛନ୍ତି ସେହି ତ୍ୟାଗୀ ସଂଗ୍ରାମୀନୀରମାନଙ୍କ କଥା ମହତାବ ମନେ ପକାଇଥିଲେ ।

ଚ) କେଉଁ କଥା ଭାଷାରେ ବର୍ଣ୍ଣନା କରିହେବ ନାହିଁ ?

ଉ: ବିଷୟ 'ସେହି ସ୍ମରଣୀୟ ଦିବସ' ଲେଖକ ହରେକୃଷ୍ଣ ମହତାବ । ସ୍ୱାଧୀନତା ଏକ ବହୁ ପ୍ରତୀକ୍ଷିତ ଫଳ । ଦୀର୍ଘ ଶହଶହ ବର୍ଷ ଭାରତ ବର୍ଷର ଜନସାଧାରଣ ବିଦେଶୀ ହାତରେ ଶାସିତ ହେଉଥିଲେ । ସ୍ୱାଧୀନତା ମିଳିସାରିବା ପରେ ଜନସାଧାରଣ, ଶଙ୍ଖ ଘଣ୍ଟା ବାଦ୍ୟ ନୃତ୍ୟଗୀତ ଓ ଶୋଭା, ଯାତ୍ରାରେ ବାହାରି ପଡିଲେ । ସାରା ସହର ଉତ୍ସବ ମୁଖର ହୋଇ ଉଠିଲା । ଚାରିଆଡ଼େ କେବଳ ଉତ୍ସବମୟ ପରିବେଶ ଏସବୁ ଖୁସିର ମୁହୂର୍ତ୍ତକୁ ଭାଷାରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ ବୋଲି ଲେଖକ କହିଛନ୍ତି ।

ଛ) ତେଜିୟାନ ଯୁବକ ରଙ୍ଗ ମଞ୍ଚକୁ ଆସି କ'ଣ କହିଲା ?

ଉ: ବିଷୟ 'ସେହି ସ୍ମରଣୀୟ ଦିବସ' ଲେକକ ଡଃ ହରେକୃଷ୍ଣ ମହତାବ । ତେଜିୟାନ ଯୁବକ ଜଣକ ଗ୍ରୀନ୍ ରୁମ୍‌ରୁ ହଠାତ୍ ରଂଗମଞ୍ଚକୁ ଆସି କହିଲା 'ଆପଣମାନେ ମତେ ଚିହ୍ନି ପାରୁଛନ୍ତି ? ମତେ ମନେ ରଖିଛନ୍ତି ? ଆପଣ ଏହା କରିବାର ଅବଶ୍ୟ ଆବଶ୍ୟକତା ନାହିଁ । କାରଣ ମୁଁ ଏହା ଆଦୌ ଆଶା କରିନଥିଲି । ପ୍ରତିବାଦରେ କିଛି ପାଇବାର ଆଶା ନ ରଖି ମୁଁ ଫାଶୀ ଖୁଣ୍ଟରେ ଚଢ଼ିଥିଲି ଏବଂ ହସି ହସି ପ୍ରାଣବଳି ଦେଇଥିଲି । ମୁଁ ହେଉଛି ସେହି ଖୁଦୀରାମ୍ । ଆପଣମାନେ ମୋତେ ମନେ ରଖିବାର ଆବଶ୍ୟକତା ନାହିଁ । ଆଜିର ଆନନ୍ଦର ମୁଁ ମଧ ଭାଗୀଦାର ହେଉଛି । କାରଣ ମୋର ପ୍ରାଣପାତ ବ୍ୟର୍ଥ ହୋଇନାହିଁ ।'

ଜ) ଖୁଦୀରାମ ତା ସଂପର୍କରେ କ'ଣ କହିଲା ?

ଉ: ବିଷୟଟିର ନାମ 'ସେହି ସ୍ମରଣୀୟ ଦିବସ' ଲେଖକ ଡଃ ହରେକୃଷ୍ଣ ମହତାବ । ଖୁଦିରାମ ତା ବିଷୟରେ କହିବାକୁ ଆସି ନିଜେ ନିଜର ପରିଚୟ ଦେଲା । ଦେଶବାସୀ ତାକୁ ମନେ ରଖିଛନ୍ତି କି ନାହିଁ ସେ ପ୍ରଶ୍ନ କଲା ଏବଂ କିଛି ପ୍ରତିଦାନ ପାଇଁ ସେ ପ୍ରାଣବଳି ଦେଇନଥିଲା ବୋଲି କହିଥିଲା ତଥାପି ଏତେବଡ଼ ଖୁସିରେ ସେ ସାମିଲ୍ ହୋଇ ପାରିଛି । ଦେଶବାସୀ ତାକୁ ମନେ ରଖନ୍ତୁ କି ନ ରଖନ୍ତୁ ତାର ପ୍ରାଣବଳିଯେ ବ୍ୟର୍ଥ ଯାଇନାହିଁ, ଏକଥା ସେ ନିଜେ ଅନୁଭବ କରିଛି ବୋଲି କହିଲା ।

ଝ) ଏକାଙ୍କିକା ଦେଖି ଫେରିବା ପରେ ଲେଖକ କି ଯୋଜନା କରିଥିଲେ ?

ଉ: ବିଷୟ ସେହି ସ୍ମରଣୀୟ ଦିବସ ଓ ଲେଖକ ଡଃ ହରେକୃଷ୍ଣ ମହତାବ । ଏକାଙ୍କିକା ଦେଖି ଫେରିବା ପରେ ଲେଖକ ସଂଗ୍ରାମୀ ମାନଙ୍କ ପାଇଁ କିଛି କରିବାକୁ ମନ ବଳାଇ ସଂଗ୍ରାମୀମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ସହିଦ୍ ହଲ୍ ନିର୍ମାଣ, ହଲ୍‌ର କାନ୍ଥରେ ସଂଗ୍ରାମୀ ଯେଉଁମାନେ ଦେଶପାଇଁ ପ୍ରାଣବଳି ଦେଇଛନ୍ତି ସେମାନଙ୍କ ନାମ ଖୋଦେଇ କରିବା ଓ ସେମାନଙ୍କ ପାଇଁ ଭତ୍ତାର ବ୍ୟବସ୍ଥା କରିଥିଲେ । ଏ ଯୋଜନାଗୁଡ଼ିକ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ବ୍ୟବସ୍ଥା କରିଥିଲେ ।

ଞ) ସ୍ୱାଧୀନତା କେଉଁମାନଙ୍କ ପାଇଁ ପୁରସ୍କାର ଥିଲା ?

ଉ: ବିଷୟ ସେହି ସ୍ମରଣୀୟ ଦିବସ ଲେଖକ ଡଃ ହରେକୃଷ୍ଣ ମହତାବ । ଯେଉଁମାନେ ଦେଶପାଇଁ ପ୍ରାଣ ଉର୍ତ୍ସଗ କଲେ । ଜୀବନ ସାରା କେବଳ ସ୍ୱାଧୀନତାର ସ୍ୱପ୍ନ ଦେଖି ଚାଲିଗଲେ ସେମାନଙ୍କ ସ୍ୱପ୍ନ ସ୍ୱପ୍ନରେ ହିଁ ରହିଗଲା । ଯେଉଁ ସଂଗ୍ରାମୀ ବୀରମାନେ ସର୍ବସ୍ୱ ହରାଇଥିଲେ ଗୁଳି ଖାଇଲେ, ଜେଲ୍ ଗଲେ, ସେହିବୀର ସଂଗ୍ରାମୀମାନଙ୍କର ପ୍ରତ୍ୟାଶା କିଛି ନଥିଲା । ଆଜି ସେଇ ସଂଗ୍ରାମୀମାନଙ୍କ ପାଇଁ ଏ ସ୍ୱାଧୀନତା ହିଁ ଶ୍ରେଷ୍ଠ ପୁରସ୍କାର ।

ଟ) ସଂଗ୍ରାମୀ କାଳର ସମସ୍ତ ସ୍ୱପ୍ନର ବସ୍ତୁ କ'ଣ ଥିଲା ?

ଉ: ବିଷୟ 'ସେହି ସ୍ମରଣୀୟ ଦିବସ' ଲେଖକ ଡଃ ହରେକୃଷ୍ଣ ମହତାବ । ସଂଗ୍ରାମ ସମୟରେ ସମସ୍ତଙ୍କର ସ୍ୱପ୍ନ ଥିଲା ଗାନ୍ଧୀମହାରାଜ ସେମାନଙ୍କର ରାଜା ହେଲେ ତାଙ୍କର ଦୁଃଖର ରାତ୍ରୀ ପାହିଯିବ । କେବଳ ଆଦିବାସୀ ନୁହେଁ ଏହା ସାରା ଭାରତ ବାସୀଙ୍କ ସ୍ୱପ୍ନ ଥିଲା ସମସ୍ତେ ଭାବୁଥିଲେ ପୂର୍ବ ରାତ୍ରିର ଦୁଃଖ ଦୁଃସ୍ୱପ୍ନ ପରି ମିଳେଇ ଯିବ ଏବଂ ଉଷାର ଆଗମନରେ ସୁଖ ଓ ସମୃଦ୍ଧି ବୃଦ୍ଧି ପାଇବ । ଏହିକଥା ସଂଗ୍ରାମ କାଳର ସମସ୍ତଙ୍କ ସ୍ୱପ୍ନର ବସ୍ତୁ ଥିଲା ।

ଠ) ୨୫ ବର୍ଷ ପରେ ଲେଖକ ନିଜକୁ କଣ ପଚାରିଛନ୍ତି ?

ଉ: ବିଷୟ ସେହି 'ସ୍ମରଣୀୟ ଦିବସ' ଲେଖକ ଡଃ ହରେକୃଷ୍ଣ ମହତାବ । ୨୫ ବର୍ଷ ପରେ ବା ୨୫ବର୍ଷ ସ୍ୱାଧୀନତା ଲାଭ କରିବାର ସମୟକୁ ଲେଖକ ରୋମନ୍ଥନ କରିଛନ୍ତି । ପ୍ରକୃତରେ ସ୍ୱାଧୀନତା ଲାଭ ପୂର୍ବ ଓ ପରର ବ୍ୟବସ୍ଥାରେ କି ପରିବର୍ତ୍ତନ ଘଟିଛି । ଲୋକେ କ'ଣ ଉପକୃତ ହୋଇଛନ୍ତି । ସଂଗ୍ରାମୀ ଜୀବନର ସ୍ୱପ୍ନ ଯଥାର୍ଥରେ ପୂରଣ ହୋଇଛି କି ନାହିଁ ଏକଥା ଲେଖକଙ୍କ ମନରେ ଅତୁଆ ସୂତା ପରି ଗୁନ୍ଥି ହୋଇ ରହିଛି । ୨୫ ବର୍ଷ କାର୍ଯ୍ୟ ପ୍ରଣାଳୀକୁ ଭିତ୍ତି କରି ଲୋକେ ଯେଉଁ ରାୟ ଦେବେ ତା' ଉପରେ ଏ ପ୍ରଶ୍ନ ନିର୍ଭର କରେ ।

ଡ) କାହାକୁ ଭିତ୍ତି କରି ଇତିହାସ ଆରମ୍ଭ ?

ଉ: ବିଷୟ ସେହି 'ସ୍ମରଣୀୟ ଦିବସ' ଲେଖକ ହରେକୃଷ୍ଣ ମହତାବ । ଜନସାଧାରଣ ଯେଉଁ ଆଶା ଆକାଂକ୍ଷା ନେଇ ସ୍ୱାଧୀନତା ଆଶାକରିଥିଲେ ସ୍ୱାଧୀନତା ଲାଭ ପରେ ସେ ସବୁ ଆଶା ଆକାଂକ୍ଷା କେତେ ଦୂର ପରିପୂର୍ଣ୍ଣ ହୋଇଛି ? ଚରମ ବ୍ୟର୍ଥତା ଓ ନୈରାଶ୍ୟ ଭିତରେ ଆତ୍ମ ପ୍ରତ୍ୟୟ ହରାଇ ସାରିଥିବା ଲକ୍ଷଜନତା ପାଇଁ ଏହି ସ୍ୱାଧୀନତା ସଂପୂର୍ଣ୍ଣ ନିରର୍ଥକ । ଏଇ ୨୫ ବର୍ଷ ଭିତରେ ଯେଉଁସବୁ କାର୍ଯ୍ୟ ହୋଇଛି ତାର ଇତିହାସର ସାକ୍ଷୀ ଏଇ ଜନତା । ସେଇ ବିକାଶର ରାୟ ହିଁ ଜନସାଧାରଣ ଦେବେ । ଏହି ୨୫ ବର୍ଷର କାର୍ଯ୍ୟଧାରାକୁ ଇତିହାସ ରୂପେ ବିବେଚନା କରାଯାଇଛି ।

ଢ) ଲୋକମାନଙ୍କର କେଉଁ ଆତ୍ମ ପ୍ରତ୍ୟୟ ସ୍ୱାଧୀନତାକୁ ରକ୍ଷା କରିବ ?

ଉ: ବିଷୟ 'ସେହି ସ୍ମରଣୀୟ ଦିବସ' ଲେଖ ଡଃ ହରେକୃଷ୍ଣ ମହତାବ । ୨୫ବର୍ଷ ଭିତରେ ସ୍ୱାଧୀନତା ଲାଭର ସଫଳତା ଓ ବିଫଳତାକୁ ଭିତ୍ତିକରି ଇତିହାସ ଯେଉଁ ରାୟ ଦେବ ତାହା ହିଁ ହେବ ନିର୍ଣ୍ଣାୟକ । କିନ୍ତୁ ଏହାର ଯଥାର୍ଥ ମାନଦଣ୍ଡ ଲୋକମାନଙ୍କର ଆତ୍ମ ପ୍ରତ୍ୟୟ ଓ ସଂକଳ୍ପ ବର୍ଦ୍ଧିତା, କାରଣ ସେମାନେ ସ୍ୱାଧୀନତା ହାସଲ କରିଛନ୍ତି ସେମାନ ହିଁ ଏହି ସ୍ୱାଧୀନତାକୁ ରକ୍ଷା କରିବେ । ବ୍ୟକ୍ତି ବା ଜନସାଧାରଣଙ୍କୁ ଏଠାରେ ଗୁରୁତ୍ୱ ପ୍ରଦାନ କରାଯାଇଛି ।

**୫) ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ । ପ୍ରଶ୍ନର ମୂଲ୍ୟ ୫ନମ୍ବର । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୧୫୦ ଶବ୍ଦ ମଧ୍ୟରେ ଦେବାକୁ ହେବ ।**

କ) କେଉଁ ସ୍ମରଣୀୟ ଦିବସ ଲେଖକଙ୍କ ମାନସ ପଟରେ ସ୍ମରଣୀୟ ହୋଇ ରହିଛି, ଆଲୋଚନା କର ।

ଉ: ଡଃ ହରେକୃଷ୍ଣ ମହତାବଙ୍କ ଦ୍ୱାରା ରଚିତ 'ଗାଁ ମଜଲିସ୍' ପୁସ୍ତକ ଓଡ଼ିଶା ଇତିହାସର ଏକ ସ୍ମାରକୀ । ଏହି ବିଚକ୍ଷଣ ରାଜନୀତିକ, ସମାଜସେବୀ ସ୍ୱାଧୀନତା ସଂଗ୍ରାମୀ ସାହିତ୍ୟିକ ହିସାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଗାଁ ମଜଲିସ୍ ଗ୍ରନ୍ଥର ୪ର୍ଥ ଖଣ୍ଡର ଏକ ଅଂଶ ବିଶେଷ ହେଉଛି 'ସେହି ସ୍ମରଣୀୟ ଦିବସ' । ସ୍ୱାଧୀନତାର ପ୍ରଥମ ମଧୁର ମୁହୂର୍ତ୍ତ ନେଇ ଏ ସ୍ମରଣୀୟ ଦିବସର ସୃଷ୍ଟି । ସ୍ୱାଧୀନତା ଲାଭ ପରେ ଉତ୍ସବ ମୁଖର ସହର ଓ ଜନତାଙ୍କ ଭାବାବେଗ ଲେଖକଙ୍କ ମନରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି କରିଛି ତାକୁ ଏହି ରଚନାରେ ଲେଖକ ରୂପ ଦେଇଛନ୍ତି । ଏହାକୁ ଅନ୍ଧକାରର ଦୂରୀଭୂତ ଓ ଆଲୋକ ବର୍ତ୍ତିକାର ଉଦୟ ରୂପେ ପ୍ରତିପାଳିତ କରାଯାଇଛି । ଚାରିଆଡ଼େ ତାଙ୍କ ବାଦ୍ୟର ମୂର୍ଚ୍ଛନା । ଜନସାଧାରଣଙ୍କର ଅପୂର୍ବ ଶୋଭାଯାତ୍ରା , ଏମିତିକି ଆଦିବାସୀ ଅନୁନ୍ନତ ଅଞ୍ଚଳର ଲୋକମାନଙ୍କର ଭାବନା ଦୁଃଖର ରାତ୍ରି ପାହିଲା, ଗାନ୍ଧୀ ମହାରାଜ ରାଜା ହେଲା ।

ଏଥର ନୂତନ ରାଜା ରୂପେ ସେମାନେ ଗାନ୍ଧୀଙ୍କୁ ଦେଖିବେ ଏଇ ଉନ୍ମାଦନା ଲୋକମାନଙ୍କୁ ବାନ୍ଧିରଖିଥିଲା ।

ଏକାଦଶ ଶତାବ୍ଦୀରୁ ଦୀର୍ଘ ୧ ହଜାର ବର୍ଷ ଅନ୍ୟର ଶାସନାଧୀନ ଥିବାବେଳେ ଲୋକେ ଚିନ୍ତା କରିନେଇଥିଲେ ଯେ ସେମାନେ କେବଳ ପ୍ରଜା, ରାଜାର ଭୃତ୍ୟ, ଶାସନତନ୍ତ୍ର ଭିତରେ ପଶିବା ତାଙ୍କର ଅଧିକାର ନାହିଁ । ମାତ୍ର ଆଜି ତାଙ୍କୁ ସେଇ ସ୍ମରଣୀୟ ମୁହୂର୍ତ୍ତ ଗାନ୍ଧିଜୀ ପ୍ରଦାନ କରିଛନ୍ତି ଯାହା ସେମାନେ ଆଶା କରି ନଥିଲେ । ଏତେ ଦୀର୍ଘ ଯାତ୍ରାକୁ ଗାନ୍ଧିଜୀ ହିଁ ଅଳ୍ପ ସମୟ ମଧ୍ୟରେ ଶେଷ କରିଦେଲେ । ଏହି ଖୁସିର ମୁହୂର୍ତ୍ତ ସେଦିନ ଶିକ୍ଷିତ, ଅଶିକ୍ଷିତ, ବୁଦ୍ଧିଜୀବୀ ସମସ୍ତଙ୍କ ମୁଖମଣ୍ଡଳରୁ ବାରି ହୋଇ ପଡୁଥିଲା । ରାତିରେ ମଞ୍ଚସ୍ଥ ନାଟକ 'ଯୁଗେ ଯୁଗେ ଭାରତ' ମଞ୍ଚସ୍ଥ ହେବା ପରେ ସହୀଦ ଖୁଦିରାମ୍‌ର ଅଭିନୟ କରୁଥିବା ଯୁବକଟିର କଥା କେଇପଦ ଲେଖକଙ୍କ ହୃଦୟକୁ ଦ୍ରବୀଭୂତ କରିଦେଇଥିଲା ଯେଉଁମାନେ ଦେଶପାଇଁ ଗୁଳିଖାଇଛନ୍ତି କାରାବରଣ କରିଛନ୍ତି, ସର୍ବସ୍ୱ ହରାଇଛନ୍ତି ସେମାନଙ୍କୁ ଆମେ ଦେଇଛୁ କ'ଣ ? ସେମାନେ କ'ଣ ପାଇଛନ୍ତି ? ଏ ପ୍ରଶ୍ନ ଲେଖକଙ୍କୁ ଆନ୍ଦୋଳିତ କଲା ।

୨୫ ବର୍ଷର ସ୍ୱାଧୀନତା ପରବର୍ତ୍ତୀ ସମୟକୁ ନିଜ ଭିତରେ ହିସାବ ନିକାଶ କରି ଲେଖକ ଦୁଃଖ ପାଇଛନ୍ତି ଓ ଭାବିଛନ୍ତି ଚରମ ବ୍ୟର୍ଥତା ଓ ନୈରାଶ୍ୟ ଭିତରେ ଆତ୍ମପ୍ରତ୍ୟୟ ହରାଇ ସାରିଥିବା ଲକ୍ଷଜନତା ପାଇଁ ଏହି ସ୍ୱାଧୀନତା । ସଂପୂର୍ଣ୍ଣ ନିରର୍ଥକ । ଏ ଦେଶ ଯେ ତାଙ୍କର ସେମାନେ ନିଜେ ନିଜର ମୁନିବ ଏ ଆତ୍ମ ପ୍ରତ୍ୟୟ କ'ଣ ସେମାନଙ୍କର ସୃଷ୍ଟି ହୋଇଛି ? ଏସବୁ ପ୍ରଶ୍ନର ଉତ୍ତର କେବଳ ସେଇମାନଙ୍କ ଭିତରେ ଅଛି । ଯେଉଁମାନେ ତଥାକଥିତ ସ୍ୱାଧୀନତା ଲାଭ କରିଛନ୍ତି । ସେହିମାନେ ହିଁ ହେବେ ଏହାର ବିଚାରକ । ଏପରି ବହୁ ପ୍ରଶ୍ନବାଚୀ ଲେଖକଙ୍କ ମନରେ ସୃଷ୍ଟି ହୋଇଛି । ଯେଉଁଥି ପାଇଁ ଏହାକୁ ସେ "ସେହି ସ୍ମରଣୀୟ ଦିବସ" ନାମକରଣ କରିଛନ୍ତି ।

(ଖ) ସାଧାରଣ ଜନତା ନିଜେ ନିଜର ସ୍ୱାଧୀନତା ହାସଲ କଲେ- ପଠିତ ପ୍ରବନ୍ଧରୁ ଏହି ଉକ୍ତିର ସତ୍ୟତା ବିଚାର କର ?

ଉ : ଏହି ପାଠ୍ୟାଂଶଟି "ସେହି ସ୍ମରଣୀୟ ଦିବସ"ରୁ ଆସିଅଛି । ଏହାର ଲେଖକ ଡଃ ହରେକୃଷ୍ଣ ମହତାବଙ୍କ ପ୍ରସିଦ୍ଧ ଗାଁ ମଜଲିସ୍ ଗ୍ରନ୍ଥରୁ ଏହା ଏକ ଅଂଶ ବିଶେଷ । ସ୍ୱାଧୀନତାର ପ୍ରଥମ ଦିନଟି କିପରି ଥିଲା ତାର ଏକ ଛୋଟ ଚିତ୍ର ଆଂକିଛନ୍ତି ଲେଖକ । ନିଜ ସଂଘର୍ଷମୟ ଜୀବନର ଅନୁଭୂତି ଓ ପ୍ରଜ୍ଞା ବଳରେ ଏହାକୁ ସରସ ସୁନ୍ଦର କରିଛନ୍ତି । ଯଥାର୍ଥରେ କହିବାକୁ ଗଲେ ସ୍ୱାଧୀନତା ସାଧାରଣ ଜନତା ହିଁ ଲାଭ କରିଛନ୍ତି । ଗାନ୍ଧୀ ସିନା ସ୍ୱାଧୀନତାର ମଙ୍ଗ ଧରିଥିଲେ ମାତ୍ର ସେଇ ସ୍ୱାଧୀନତାର ନୌକାକୁ ଚଳେଇ ନେଇ କୂଳରେ ଲଗାଇଥିବା ବ୍ୟକ୍ତିମାନଙ୍କ ଅବଦାନରୁ ହିଁ ଏହା ସମ୍ଭବ ହୋଇ ପାରିଥିଲା । ସାଧାରଣ ଜନତା ଏଥିରେ ନିର୍ଣ୍ଣାୟକ ଭୂମିକା ନେଇଥିଲେ । ସ୍ୱାଧୀନତାର ଡାକରାରେ ଅଗ୍ନିକୁ ଡେଇଁ ପଡିଥିବା ବୀର ସଂଗ୍ରାମୀମାନଙ୍କ ବଳିଦାନ ଏହି ସ୍ମରଣୀୟ ଦିବସର ଉପହାର ।

ଏକାଦଶ ଶତାବ୍ଦୀରୁ ୧୯୪୭ ମସିହା ପର୍ଯ୍ୟନ୍ତ ଦେଶରେ ଯେଉଁ ସ୍ୱେଚ୍ଛାଚାରୀ ଶାସନ ଚାଲିଥିଲା ତାର ପରିସମାପ୍ତି ପାଇଁ ଗାନ୍ଧିଜୀ କେବଳ ଥିଲେ ମାର୍ଗଦର୍ଶକ । ଲୋକମାନଙ୍କ ଭିତରେ ଯୁଗଯୁଗ ଧରି ସେମାନେ କେବଳ ଆଶ୍ରିତ ପ୍ରଜା ବୋଲି ଯେଉଁ ଧାରଣା ଥିଲା ତାକୁ ଗାନ୍ଧି କବର ଦେଲେ । ସ୍ୱାଧୀନତାରେ ସ୍ୱତସ୍ଫୂର୍ତ୍ତ ଭାବେ ଆକୃଷ୍ଟ ହୋଇ ଗୁଳିଗୋଳା କମାଣକୁ ଛାତିରେ ପ୍ରତିରୋଧ କରି ସଂପୂର୍ଣ୍ଣ ନିରସ୍ତ୍ର ଅହିଂସା ଉପାୟରେ ଜନତା ସ୍ୱାଧୀନତାକୁ ଛଡ଼ାଇ ଆଣିଲେ କୌଣସି ରାଜା ମହାରାଜା କିମ୍ବା ତାର ସେନାବାହିନୀ ଓ ଆନ୍ଦୋଳନଠାରୁ ଦୂରେଇ ଯାଇଥିବା ଶିକ୍ଷିତ ଗୋଷ୍ଠୀ ସ୍ୱାଧୀନତା ଆଣିଦେଇନାହାନ୍ତି । ସ୍ୱାଧୀନତା ସେଇମାନଙ୍କର କଷ୍ଟ ଉପାର୍ଜିତ ଫଳ ଯେଉଁମାନେ ନିଜ ଜୀବନକୁ ଦେଶ ଓ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ । ଯେଉଁଥିପାଇଁ ଲେଖକ ଖୁଦୀରାମର ଅଭିନୟ କରୁଥିବା ଯୁବକ ମୁହଁରେ କେତେକଜଣ

ତାର ନାମ ଜାଣିଛନ୍ତି ବା ତାର ବଳିଦାନକୁ ମନେ ରଖିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି । ଏହା ଆମର ସଂକୀର୍ଣ୍ଣ ଭାବକୁ ସୂଚେଇ ଦେଇଛି । କୌଣସି ସଂଗ୍ରାମୀ କିଛି ପାଇବା ଆଶାରେ ନିଜକୁ ଉତ୍ସର୍ଗ କରିନାହିଁ ବରଂ ଦେଶବାସୀଙ୍କ ପାଇଁ; ଦେଶପ୍ରୀତି ପାଇଁ ସେ ନିଜକୁ ସମର୍ପି ଦେଇଛି । ଯେଉଁମାନେ ଆଗପଛ ନବିଚାରି ସ୍ୱାଧୀନତା ଅଗ୍ନିରେ ଝାସ ଦେଇଛନ୍ତି ସେମାନଙ୍କ ପରିବାର କେମିତି ଅଛନ୍ତି ? ତାଙ୍କୁ ଏ ଜାତି କ'ଣ ଦେଇଛି ? ଏ ପ୍ରଶ୍ନ ଲେଖକଙ୍କୁ ଅଡୁଆରେ ପକାଇଛି । ସ୍ୱାଧୀନତାର ସମସ୍ତ ଶ୍ରେୟ ଲେଖକ ସାଧାରଣ ଜନତାଙ୍କୁ ହିଁ ଦେଇଛନ୍ତି । କାରଣ ସେହିମାନେ ହିଁ ବିଚାରକ ଥିଲେ ଓ ରହିବେ । ଦେଶ କେତେଦୂର ସ୍ୱାଧୀନ ହୋଇଛି । ସ୍ୱାଧୀନତା ପରର ସାମାଜିକ ବ୍ୟବସ୍ଥା, ଅର୍ଥନୈତିକ ବିକାଶ ସବୁର ସେମାନେ ନିର୍ଣ୍ଣାୟକ । ତେଣୁ ସାଧାରଣ ଜନତାକୁ ସ୍ୱାଧୀନତାର ଶ୍ରେଷ୍ଠ ସଂଗ୍ରାମୀ ରୂପେ ଏଠାରେ ଚିତ୍ରଣ କରାଯାଇଛି ।

(ଗ) ଆତ୍ମ ପ୍ରତ୍ୟୟ ଓ ସଂକଳ୍ପ ବଦ୍ଧତା କାରଣରୁ ସେମାନେ ସ୍ୱାଧୀନତା ହାସଲ କରିଛନ୍ତି ଏବଂ ସେମାନେ ହିଁ ସ୍ୱାଧୀନତା ରକ୍ଷା କରିବେ'- ପ୍ରାବନ୍ଧିକଙ୍କ ଏହି ଉକ୍ତିର ସାରବତ୍ତା ବିଚାର କର ।

ଉ: ଡଃ ହରେକୃଷ୍ଣ ମହତାବ ସ୍ୱାଧୀନତା ପୂର୍ବବର୍ତ୍ତୀ କାଳର ଜଣେ ଯୁଗ ପୁରୁଷ । ଆଧୁନିକ ଓଡ଼ିଶାର ସେ ଅନ୍ୟତମ ନବ ନିର୍ମାତା । ଜଣେ ସ୍ୱାଧୀନତା ସଂଗ୍ରାମୀ ତଥା ଗାନ୍ଧିବାଦୀ ବ୍ୟକ୍ତି ଭାବେ ସେ ନିଜର ପରିଚୟ ଓଡ଼ିଶା ଇତିହାସରେ ଲିପିବଦ୍ଧ କରିଯାଇଛନ୍ତି । ଦୃଢ଼ ସଂକଳ୍ପ, କର୍ମନିଷ୍ଠ ଓ ସ୍ୱାଧୀନ ଚେତା ବ୍ୟକ୍ତି ଭାବେ ସେ ପରିଚିତ । ତାଙ୍କର ଅମୂଲ୍ୟ ସୃଷ୍ଟିଗୁଡ଼ିକ ମଧ୍ୟରେ, ଆତ୍ମଦାନ, ଶେଷଅଶ୍ରୁ, ପ୍ରତିଭା, ଅଧ୍ୟାପକ ଟାଉଟର, ଗାଁ ମଜଲିସ୍, ଓଡ଼ିଶା ଇତିହାସ ଇତ୍ୟାଦି ତାଙ୍କୁ ପ୍ରସିଦ୍ଧ ଆଣିଦେଇଛି । ସାହିତ୍ୟ ଓ ରାଜନୀତିକୁ ସେ ଏକ ସଂଗରେ ଗ୍ରହଣ କରି ବହୁ ସଫଳତା ପାଇଛନ୍ତି । ସେ ଓଡ଼ିଆ ଜାତିର ଚିରସ୍ମରଣୀୟ ।

ଦୃଢ଼ ସଂକଳ୍ପ, ଦୃଢ଼ ଆତ୍ମବଳ, କର୍ତ୍ତବ୍ୟ ନିଷ୍ଠା, ସ୍ୱାଧୀନ ଚେତା ଓ ପ୍ରତିଶ୍ରୁତି ବଦ୍ଧତା ହେଉଛି ସଫଳତାର ମୂଳମନ୍ତ୍ର । ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିବା ପ୍ରତ୍ୟେକଟି ଭାରତୀୟ ପାଇଁ ଏ ଯୁକ୍ତି ପ୍ରଯୁଜ୍ୟ । ସମଗ୍ର ପ୍ରବନ୍ଧଟିରେ ଲେଖକ ଏଇ କଥାଟିକୁ ହିଁ ଗୁରୁତ୍ୱ ଦେଇଛନ୍ତି । ସ୍ୱାଧୀନତା ପାଇବା ଦିନ ଟି ସେଇଥିପାଇଁ ବୋଧେ ତାଙ୍କ ପାଇଁ ଖାଲି ସ୍ମରଣୀୟ ନୁହେଁ ଚିରସ୍ମରଣୀୟ ହୋଇରହିଛି । ଯେଉଁମାନେ ନିଜେ ଦେଶ ପାଇଁ ଲଢ଼ିଛନ୍ତି, ପ୍ରତିକୂଳ ସ୍ଥିତିରେ ପଛକୁ ନହଟି ଆଗକୁ ବଢ଼ିଛନ୍ତି, ଅକଥନୀୟ ନିର୍ଯ୍ୟାତନା ଭୋଗ କରିଛନ୍ତି, ପରିବାରକୁ ଜଳାଞ୍ଜଳି ଦେଇଛନ୍ତି ସେମାନେ ହିଁ ସ୍ୱାଧୀନତାର ଯଥାର୍ଥ ଦାୟାଦ । ସେମାନଙ୍କ ଦୃଢ଼ ସଂକଳ୍ପ ଗୋଟିଏ ଦେଶର ବ୍ୟବସ୍ଥାକୁ ପରିବର୍ତ୍ତନ କରି ଦେଇଛି ।

ଲେଖକ ଏହି ଛଳରେ ସ୍ୱାଧୀନତାର ସମସ୍ତ ଶ୍ରେୟ ସେଇମାନଙ୍କୁ ହିଁ ଦେଇଛନ୍ତି । ରାଜାମହାରାଜା ସେମାନଙ୍କର ସୈନ୍ୟ ସାମନ୍ତ ଶିକ୍ଷିତ ସଂପ୍ରଦାୟ ଏମାନେ କେହି ସ୍ୱାଧୀନତା ଆଣିନାହାନ୍ତି । ଗାନ୍ଧିଜୀଙ୍କ ଦୃଢ଼ ସଂକଳ୍ପ ସାଧାରଣ ଜନତାର ସମର୍ଥନ ଏସବୁ ସ୍ୱାଧୀନତା ହାସଲର ମୂଳକାରଣ । ଯେଉଁ ସଂକଳ୍ପ, ଆତ୍ମ ପ୍ରତ୍ୟୟର ସଫଳ ପ୍ରତିଫଳ ସ୍ୱରୂପ ସାଧାରଣ ଲୋକ ସ୍ୱାଧୀନତାର ଲାଭ କଲେ ତାର ସୁପରିଣାମ ସେମାନେ ଭୋଗ କରିଛନ୍ତି କି ନାହିଁ ଏକଥା ଲେଖକଙ୍କୁ ଦ୍ୱନ୍ଦ୍ୱରେ ପକାଇଛି । କାରଣ ସେ ଅନୁଭବ କରିଛନ୍ତି ଏଇ ୨୫ ବର୍ଷ ଭିତରେ ଲୋକଙ୍କ ପାଇଁ ଆମେ ଯାହା କରିବା କଥା ତାହା କ'ଣ କରିଛୁ ? ଅର୍ଥାତ୍ ଗୋଟେ ନାସ୍ତିବାଚକ ସ୍ୱର ଏଥିରେ ପ୍ରତିଫଳିତ ହୋଇଛି । ସେ ଅନୁଭବ କରିଛନ୍ତି ଗୋଟେ ଚରମ ବ୍ୟର୍ଥତା ଓ ନୈରାଶ୍ୟର ସ୍ୱର ଜନତା ଭିତରେ ଉଙ୍କି ମାରିଛି । ସ୍ୱାଧୀନତା ସେମାନଙ୍କ ପାଇଁ ନିରର୍ଥକ, ମୂଲହୀନ । ୨୫ ବର୍ଷ ଭିତର କାର୍ଯ୍ୟର ହିସାବ ନିକାଶ ସେଇମାନଙ୍କ ପାଖରେ ସେମାନେ ହିଁ ଏହାର ଉତ୍ତର

ଦେଇପାରିବେ ।

**'ସେହି ସ୍ମରଣୀୟ ଦିବସ' ପ୍ରବନ୍ଧର ସାରମର୍ମ ଉଦ୍‌ଘାଟନ କର ।**

ଉ : 'ସେହି ସ୍ମରଣୀୟ ଦିବସ' ପ୍ରବନ୍ଧଟି ଲେଖକ ଡଃ ହରେକୃଷ୍ଣ ମହତାବଙ୍କର 'ଗାଁ ମଜଲିସ୍' ରୁ ଆସିଅଛି । ଡଃ ମହତାବଙ୍କର ଗାଁ ମଜଲିସ୍ ଓ ବ୍ୟକ୍ତିଗତ ଜୀବନ ଓଡ଼ିଆ ଜନଜୀବନର ଏକ ସୁଦୀର୍ଘ ଉପନ୍ୟାସ । ଯେଉଁଥିରେ ଲେଖକ ଅନେକ ଇତିହାସର କଥା ଓ ବ୍ୟଥାକୁ ବ୍ୟକ୍ତ କରିଛନ୍ତି । ତାଙ୍କର ପ୍ରତ୍ୟେକଟି ସୃଷ୍ଟିରେ ରହିଛି ସାହିତ୍ୟ ଓ ସମାଜର ମହକ । 'ପ୍ରଜାତନ୍ତ୍ର', 'ଝଙ୍କାର' ଆଦି ପ୍ରସିଦ୍ଧ ସମ୍ବାଦପତ୍ର ଓ ପତ୍ରିକାରେ ମହତାବଙ୍କ ଜାତି ଓ ସାହିତ୍ୟ ପ୍ରତି ଉତ୍ସର୍ଗୀକୃତ ମନୋଭାବର ପରିଚୟ ମିଳେ ।

ସ୍ୱାଧୀନତା ଆନ୍ଦୋଳନର ଶେଷ ଦୃଶ୍ୟ ସମସ୍ତ ଭାରତୀୟ ସ୍ମୃତିରେ ଏକ ଅଭୁଲା ଓ ସ୍ମରଣୀୟ ଦିନ । ଏହି ସ୍ମରଣୀୟ ଦିନକୁ ଲେଖକ ନିଜ ଭିତରେ ଯାହା ଅନୁଭବ କରିଛନ୍ତି ତାକୁ ଉକ୍ତ ପ୍ରବନ୍ଧରେ ରୂପ ଦେଇଛନ୍ତି । ଉତ୍ସବ ମୁଖର ପରିବେଶରୁ ପ୍ରବନ୍ଧଟିର ଆରମ୍ଭ । ଆଲୋକ ଓ ସମ୍ଭାବନାର ଚିତ୍ରରୁ ନୂତନ ଯୁଗର ପରିକଳ୍ପନା । ପ୍ରତ୍ୟୁଷର ସ୍ମିତହାସ୍ୟ, ଗୀତ ସଂଗୀତ, ବାଦ୍ୟର ତାଳେତାଳେ ସ୍ୱାଧୀନତାର ମଧୁର ସ୍ୱାଦ ଚାଖିବାକୁ ମତୁଆଲା ଜନତାର ବିରାଟ ପଟୁଆର । କାରଣ ଏହା ସୀମାହୀନ ଯନ୍ତ୍ରଣା ଓ ନିର୍ଯ୍ୟାତନାର ପରିସମାପ୍ତି । ଭାରତୀୟ ଇତିହାସର ଗାଦି ଉପରେ ବସି ରହିଥିବା ବିଦେଶୀ ଶକ୍ତିର ପରାଜୟ ।

ଶତାବ୍ଦୀ ପରେ ଶତାବ୍ଦୀ ଗୋଟେ ଦୀର୍ଘ ସୀମାହୀନ ଯାତ୍ରୀ ଯେମିତି ତାର ଅଭିଳଷିତ ସ୍ଥାନରେ ପହଞ୍ଚେଇଥିଲା ପରେ ଖୁସିରେ ଆତ୍ମହରା ହୋଇଯାଏ । ସାଧାରଣ ଜନତା ସେପରି ତୃପ୍ତିରେ ନିଜର ଭାବ ବ୍ୟକ୍ତ କରିଛି । ରାଜ୍ୟପାଳ ଓ ଲେଖକ ମଧ ସେଥିରୁ ବାଦ୍ ପଡିନାହାନ୍ତି । ଅତୀତ ଇତିହାସକୁ ସେମାନେ ରୋମନ୍ଥନ କରିଛନ୍ତି । ଏଇ ମୁହୂର୍ତ୍ତଟିକୁ ଦେଖିବା ପାଇଁ କେତେ ରକ୍ତପାତ, କେତେ ଗୁଳିଗୋଳା, କମାଣ ଗର୍ଜ୍ଜନ ସବୁ ସହିଛି ଏ ଜାତି । ରାଜାର ଆଶ୍ରିତ ପ୍ରଜା ଆଶ୍ୱସ୍ତି ଲାଭ କରିଛି । ଆନନ୍ଦ ମୁଖର ସେଦିନ ସଂଧ୍ୟାରେ 'ଯୁଗେ ଯୁଗେଭାରତ', ନାଟକର ଖୁଦିରାମ ଚରିତ୍ର ଲେଖକଙ୍କ ଭାବାବେଗକୁ ଉତ୍କଣ୍ଠା ସ୍ତରରେ ପହଞ୍ଚାଇଛି ।

ଲେଖକ ନିଜକୁ ନିଜେ ପ୍ରଶ୍ନ କରିଛନ୍ତି । ସ୍ୱାଧୀନତାର ଅସଲ ଚାବିଯେମିତି ତାଙ୍କ ଅଜାଣତରେ ହଜିଯାଇଛି । ରାତିସାରା ସେଇ ତେଜିଆନ୍ ଯୁବକର "ମତେ ମନେ ରଖିଛନ୍ତି," ସଂଳାପ ତାଙ୍କୁ ବିଚଳିତ କରିଛି । ଯେଉଁଥିପାଇଁ ସେ ସହୀଦଙ୍କ ପାଇଁ ସ୍ମୃତି ସ୍ୱରୂପ ସହିଦ୍‌ହଲ୍ ଓ ଭତ୍ତା ଇତ୍ୟାଦି ତୁରନ୍ତ କାର୍ଯ୍ୟକାରୀ କରିବାକୁ ଆଦେଶ ଦେଇଛନ୍ତି । ତଥାପି ଯେତେ ଯାହା କଲେବି ସେ ଆତ୍ମତୃପ୍ତି ଲାଭ କରି ପାରିନାହାନ୍ତି । ଏତିକି ତାଙ୍କ ପାଇଁ ଯଥେଷ୍ଟ ନୁହେଁ । ଆହୁରି ଅନେକର ସେମାନେ ଦାବିଦାର । ଏ ପ୍ରଶ୍ନର ଉତ୍ତର ଲେଖକଙ୍କ ପାଖରେ ନାହିଁ । କେବଳ ଆଶାର ଲଣ୍ଡା ପାହାଡ଼ ଉପରେ ନିର୍ବୋଧ ଜନତାକୁ ଛିଡ଼ା କରାଯାଇଛି । ଯେଉଁମାନଙ୍କ ପାଇଁ ସ୍ୱାଧୀନତାର ଅର୍ଥ ଓ ମୂଲ୍ୟ ନିରର୍ଥକ । ଲେଖକଙ୍କ ଯୁକ୍ତି ସାଧାରଣ ଜନତା ହିଁ ନିଜେ ନିଜର ନିୟନ୍ତକ, ମୁନିବ ଏ ଆତ୍ମ ପ୍ରତ୍ୟୟ ସେମାନଙ୍କର ନାହିଁ । କେବଳ ଇତିହାସର ରାୟ ଉପରେ ଏସବୁ ଅସମାହିତ ପ୍ରଶ୍ନର ଉତ୍ତର ଛାଡ଼ି ଦେଇଛନ୍ତି । କଥା ବସ୍ତୁଟି ଦୀର୍ଘ ନ ହେଲେବି ଅଳ୍ପରେ ଅନେକ ସମ୍ଭାବନା ଓ ଭାବନା ବ୍ୟକ୍ତ କରିଛି ।

# ଦ୍ୱିତୀୟ ଏକକ ପଦ୍ୟ

## ପଦ୍ୟ ବିଭାଗ

## ବିଷୟ-ସାହାଡ଼ା ବୃକ୍ଷ

## କବି -ସାରଳା ଦାସ

**କବି ପରିଚୟ :**

ମହାକବି ସାରଳାଦାସ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରାଣ ପ୍ରତିଷ୍ଠାତା । ଏହି ଓଡ଼ିଶା ମାଟିର ବିରଳ ସ୍ରଷ୍ଟାଙ୍କର ଜନ୍ମ ଝଙ୍କଡ଼ ଠାରେ ହୋଇଥିଲା । ଦୈବୀକୃପା ଲାଭକରି ସେ ଅମୂଲ୍ୟକୀର୍ତ୍ତି ମହାଭାରତ ଲେଖିବାର ପ୍ରେରଣା ଲାଭ କରିଥିବାରୁ ତାଙ୍କର ପ୍ରକୃତ ପିତୃଦତ୍ତ ନାମ ସିଦ୍ଧେଶ୍ୱର ପରିଡ଼ାରୁ ସାରଳା ଦାସ ହୋଇଥିଲା । ସେ ଆଦିକବି, ଶୂଦ୍ରମୁନି ଓ ଓଡ଼ିଆ ସାହିତ୍ୟର ଆଦ୍ୟ ପ୍ରତିଷ୍ଠିତା ରୂପେ ସମ୍ମାନିତ । ତାଙ୍କର ଜନ୍ମ, ଜୀବନୀ ଯେମିତି ଅଲୌକିକ, ସାହିତ୍ୟ ସୃଷ୍ଟି ମଧ୍ୟ ସେପରି ଅଲୌକିକତାର ଅଧିକାରୀ । ତାଙ୍କ ମହାଭାରତ ଯଥାର୍ଥରେ ଏକ ବିଶ୍ୱକୋଷ । ଯାହା ଉପରେ ମଥାଟେକି ସମଗ୍ର ଓଡ଼ିଆ ସାହିତ୍ୟ ଛିଡ଼ା ହୋଇଛି । ଏହି ଓଡ଼ିଆ ସାହିତ୍ୟର ପ୍ରାଣ ପ୍ରତିଷ୍ଠାତାଙ୍କୁ ବାଦ୍ ଦେଇ ଓଡ଼ିଆ ସାହିତ୍ୟର କଳ୍ପନା କରାଯାଇ ପାରିବ ନାହିଁ । ତାଙ୍କର ବିଷୟ ବିନ୍ୟାସ, ଅଲୌକିକ କଳ୍ପନାଚାତୁରୀ, ବର୍ଣ୍ଣନା ବିଳାସ, ପରିବେଷଣରେ ଚମତ୍କାରିତା, ସଫଳ ଚରିତ୍ର ଚିତ୍ରଣ, ବହୁ ଶାସ୍ତ୍ର ଦର୍ଶିତା ଓ ସାମାଜିକ ଜୀବଚର୍ଯ୍ୟା ଏପରି ବର୍ଣ୍ଣିତ ଯେ ତାହା ପାଠକଲେ ପାଠକ ବିସ୍ମୟରେ ଅଭିଭୂତ ହୋଇଯାଏ । ଏହି ବିରଳ ସ୍ରଷ୍ଟାଙ୍କର ମହାନ କୃତି ହେଉଛି ମହାଭାରତ । ଏତଦ୍‌ବ୍ୟତୀତ 'ଚଣ୍ଡୀପୁରାଣ', 'ବିଚିତ୍ର ରାମାୟଣ' ଓ 'ଲକ୍ଷ୍ମୀନାରାୟଣ ବଚନିକା' ଆଦି ଗ୍ରନ୍ଥର ସେ ସୁଯୋଗ୍ୟ ରଚୟିତା । ଦୀର୍ଘ ଛଅ ଶହ ବର୍ଷ ଧରି ଓଡ଼ିଆ ସାହିତ୍ୟରୂପୀ ଯେଉଁ ବିଶାଳ ସାମ୍ରାଜ୍ୟ ଛିଡ଼ା ହୋଇଛି ତା'ର ପ୍ରାଣ ପ୍ରତିଷ୍ଠାତା ରୂପେ ଏ ମାଟି ତାଙ୍କୁ ଯୁଗେ ଯୁଗେ ସମ୍ମାନ ଦେଇ ଆସିଛି ଓ ଦେଉଥିବ ମଧ୍ୟ ।

**ବିଷୟବସ୍ତୁର ସାରମର୍ମ :**

'ସାହାଡ଼ା ବୃକ୍ଷ' କବିତାଟି କବିଙ୍କର ପ୍ରସିଦ୍ଧ ମହାଭାରତ ଗ୍ରନ୍ଥ ଆଦିପର୍ବରୁ ଗୃହୀତ । ଏଥିରେ କବି ପ୍ରଥମେ ସାହାଡ଼ା ବୃକ୍ଷର ମାହାତ୍ମ୍ୟ ଓ ଉପକାରିତା ବିଷୟରେ ସଂକ୍ଷେପରେ ବର୍ଣ୍ଣନା କରିଛନ୍ତି । ଏହି ବୃକ୍ଷ ଅଶୁଭ ନାଶିନୀ ନାମରେ ଓଡ଼ିଆର ଘରେ ଘରେ ପରିଚିତ । ଏହାର ଦାନ୍ତକାଠି ବଳ/ବୀର୍ଯ୍ୟ ବର୍ଦ୍ଧକ ଓ ଶୁଖିଲା ପତ୍ର କୀଟନାଶକ । ଯେଉଁଥିପାଇଁ କୃଷକ ଏହାକୁ ଦେବତା ବୃକ୍ଷ ରୂପେ ପୂଜା କରିଥାଏ । ସାହାଡ଼ା ବୃକ୍ଷ ଓ ତା'ର ମାହାତ୍ମ୍ୟକୁ କବି ପୌରାଣିକ ଚରିତ୍ରମାନଙ୍କ ସହିତ ଯୋଡ଼ି ବୃକ୍ଷର ମହିମାକୁ ବୃଦ୍ଧି କରିଛନ୍ତି । କୁରୁ ରାଜବଂଶର ପରିଚୟ ଦେବାକୁ ଯାଇ କବି ଧୃତରାଷ୍ଟ୍ର ଓ ପଣ୍ଡୁ ଚରିତ୍ରର ଅବତାରଣା କରିଛନ୍ତି । ଧୃତରାଷ୍ଟ୍ର ଜ୍ୟେଷ୍ଠପୁତ୍ର ଓ ପଣ୍ଡୁ କନିଷ୍ଠପୁତ୍ର । ଜ୍ୟେଷ୍ଠପୁତ୍ର ଧୃତରାଷ୍ଟ୍ର ଦିବ୍ୟ ସୁନ୍ଦର ପୁରୁଷ ହେଲେ ମଧ୍ୟ ଜନ୍ମାନ୍ଧ । ପଣ୍ଡୁ ସୁସ୍ଥ, ସୁନ୍ଦର ଓ ବଳିଷ୍ଠ ଯୁବକ । ଦୁଇପୁତ୍ରଙ୍କର ଲାଳନ ପାଳନର ଦାୟିତ୍ୱଭାର ପିତାମାହ ଭୀଷ୍ମ ଓ ରାଜମାତା ସତ୍ୟବତୀଙ୍କ ଉପରେ ନ୍ୟସ୍ତ ହୋଇଛି ।

କିନ୍ତୁ ଦୈବର ବିଧାନ ବଡ଼ ବିଚିତ୍ର । ଧୃତରାଷ୍ଟ୍ର ବିବାହ ସମୟ ଉପନୀତ ହେବାରୁ ବିବାହ ପ୍ରସ୍ତାବ ପଡ଼ିଛି ସେ କନ୍ୟା ମୃତ୍ୟୁ ବରଣ କରିଛି । ଏହିପରି ଜଣ ଜଣ କରି ୧୦୮ ଜଣଙ୍କୁ ମରିଛନ୍ତି । ବେଦବ୍ୟାସ ଜନ୍ମ ନକ୍ଷତ୍ର ଓ ତିଥି

ଅନୁଯାୟୀ ଧୃତରାଷ୍ଟ୍ରଙ୍କୁ ରାକ୍ଷସ ଦୋଷ ଲାଗିଥିବାରୁ ଏ ପ୍ରକାର ଘଟଣା ଘଟୁଛି ବୋଲି କହିଛନ୍ତି ।

ଧୃତରାଷ୍ଟ୍ରଙ୍କର ପ୍ରକୃତ ପିତା ବେଦବ୍ୟାସ ଦିନେ ଗାନ୍ଧାର ରାଜ୍ୟ ଭ୍ରମଣରେ ଆସିଥିବା ବେଳେ ଗାନ୍ଧାର ରାଜାଙ୍କ ଶତପୁତ୍ରରେ ଏକମାତ୍ର ଦୁଲାଳୀ ଗାନ୍ଧାରୀ ଧୃତରାଷ୍ଟ୍ରଙ୍କ ପରି ଦୋଷଯୁକ୍ତ । ଅର୍ଥାତ୍ ଉଆଁସ ବା ଅମାବାସ୍ୟା ତିଥିରେ ଜନ୍ମ ନେଇଥିବାରୁ ଯେଉଁଠି ବିବାହ ପ୍ରସ୍ତାବ ପଡ଼ିଛି ସେ ରାଜକୁମାରର ମୃତ୍ୟୁ ଘଟିଛି । ଏହିପରି ବାଇଶି ଜଣ ରାଜକୁମାରଙ୍କର ମୃତ୍ୟୁ ହୋଇଛି । ବେଦବ୍ୟାସଙ୍କ ମୁଖରୁ ଗାନ୍ଧାରୀ ବିଷୟରେ ଶୁଣିବା ପରେ ରାଜା ମୂର୍ଚ୍ଛା ହୋଇପଡ଼ିଛନ୍ତି । ବେଦବ୍ୟାସ ରାଜାଙ୍କୁ ପ୍ରବୋଧନା ଦେଇ ଏହାର ପ୍ରତିକାର ସ୍ୱରୂପ ସାହାଡ଼ା ବୃକ୍ଷର ବୃତ୍ତାନ୍ତ ରାଜା ଆଗରେ ପ୍ରକାଶ କରିଛନ୍ତି । ଗାନ୍ଧାରୀ ବିଘ୍ନନାଶକ ସାହାଡ଼ାକୁ ବିବାହ କରି ପରେ ପ୍ରକୃତ ରାଜକୁମାର ବିବାହ କଲେ ଏ ବିପଦରୁ ମୁକ୍ତି ମିଳିପାରିବ ବୋଲି ବେଦବ୍ୟାସ ପରାମର୍ଶ ଦେଇଛନ୍ତି । ବେଦବ୍ୟାସଙ୍କ ଉପଦେଶ ଅନୁସାରେ ସାହାଡ଼ା ବୃକ୍ଷ ସହ ଗାନ୍ଧାରୀର ବିବାହ ସମ୍ପନ୍ନ ହୋଇ ସାରିବା ପରେ । ସମଦୋଷ ସମ୍ପନ୍ନ ଧୃତରାଷ୍ଟ୍ରଙ୍କୁ ବିବାହ କରିଛନ୍ତି । ସାହାଡ଼ା ଗଛଟିକୁ ଗାନ୍ଧାରୀ ବିବାହ କଲା ପରେ ସେ ଗଛ ଜଳି ଯାଇଛି । ଏଥିରୁ ସାହାଡ଼ା ଗଛର ଦୋଷ ଖଣ୍ଡନ ମହିମା ପ୍ରମାଣିତ ହୁଏ ।

**୧. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ପ୍ରଶ୍ନର ମୂଲ୍ୟ ୧ ନମ୍ବର । ସମ୍ଭାବ୍ୟ ୪ ଗୋଟି ଗୋଟି ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ ।**

(କ) ଗୋଲକ ବୃକ୍ଷକୁ ______ ବୃକ୍ଷ ବୋଲି କୁହାଯାଏ ।

(ମହାଦ୍ରୁମ, ବୋଧିଦ୍ରୁମ, ମହାକଳ୍ପ, ସତ୍ୟକଳ୍ପ)

ଉ.: ମହାକଳ୍ପ ।

(ଖ) ଗୋଲକ ବୃକ୍ଷକୁ ପ୍ରତ୍ୟେକ ଦିନ କିଏ ପୂଜା କରନ୍ତି ?

(ବ୍ୟାସ, ଗାନ୍ଧାରସେନ, ଧୃତରାଷ୍ଟ୍ର, ଭୀଷ୍ମ)

ଉ: ଗାନ୍ଧାର ସେନ୍ ।

(ଗ) ଗୋଲକ ବୃକ୍ଷକୁ ସୂର୍ଯ୍ୟଙ୍କ ରଥର କେଉଁ ଅଙ୍ଗ ସହ ତୁଳନା କରାଯାଇଛି ?

(ଚକ, ଅଖ, ଅର, ଅଶ୍ୱ)

ଉ.: ଚକ ।

(ଘ) ବିଶ୍ୱନାଥ ସ୍ୱାମୀ କେଉଁ ନକ୍ଷତ୍ରରେ ବୁଲି ବାହାରି ଥିଲେ ?

(ଚିତ୍ରା, ଶତଭିଷା, ସ୍ୱାତୀ, ବିଶାଖା)

ଉ.: ଶତଭିଷା ।

(ଙ) ମହେଶ୍ୱର କେଉଁନଦୀ କୂଳରେ ବୁଲୁଥିବା ବେଳେ ସାହାଡ଼ା ବୃକ୍ଷକୁ ଦେଖିଲେ ?

(ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ବୁଢ଼ାବଳଙ୍ଗ)

ଉ.: ବୈତରଣୀ ।

(ଚ) ବାମ ଦିଗରେ ଥିବା ସାହାଡ଼ା ବୃକ୍ଷକୁ ଦେଖି ବୃଷଭ କ'ଣ କଲା ?

(ପତ୍ରକୁ ଆଣି ମୁଣ୍ଡରେ ଲଗାଇଲା, ପତ୍ରକୁ ଖାଇଦେଲା, ଗଛ ଦେହରେ ଘସିହେଲା, ଡାଳ ଭାଙ୍ଗି ପକେଇଲା)

ଉ.: ପତ୍ରକୁ ଆଣି ମୁଣ୍ଡରେ ଲଗାଇଲା ।

(ଛ) କେଉଁ ଗଛର ପତ୍ର ପାଖରେ ଥିଲେ ଶତ୍ରୁ କ୍ଷୟ ହୁଏ ?

(ସାହାଡ଼ା, ନିମ୍ବ, ବରକୋଳି, ବିଲ୍ୱ)

ଉ.: ବରକୋଳି ।

(ଜ) ସଦାନନ୍ଦ ବୃକ୍ଷ ପିଠିରେ ବସି କେତେ ଭୂବନ ବୁଲିଲେ ?

(ଦ୍ୱାଦଶ, ଚତୁର୍ଦ୍ଦଶ, ପଞ୍ଚଦଶ, ଅଷ୍ଟାଦଶ)

ଉ/: ଚତୁର୍ଦ୍ଦଶ ।

(ଝ) କେଉଁ ପତ୍ର ଛିଣ୍ଡାଇ ମଥାରେ ଘେନିଲେ ଅନେକ ଦୋଷ କ୍ଷୟ ହୋଇଥାଏ ?

(ଶ୍ୱେତଦୁବ, କୁଶ, ବରକୋଳି, ବେଲପତ୍ର)

ଉ.: ଶ୍ୱେତଦୁବ ।

(ଞ) କେଉଁ ଗଛର ପତ୍ର ମୁଣ୍ଡରେ ଘେନିଲେ ବ୍ୟକ୍ତିର ଜ୍ଞାନ / ଅଜ୍ଞାନରେ କରିଥିବା ସକଳ ପାପ ଦୂର ହୋଇଯାଏ ।

(ବର, ସାହାଡ଼ା, ବେଲ, ତୁଳସୀ)

ଉ.: ତୁଳସୀ ।

(ଟ) ସାହାଡ଼ ପତ୍ରକୁ ଘେନିଲେ କ'ଣ ପ୍ରାପ୍ତ ହୁଏ ?

(ପାନ, ଭୋଜନ, ଯଶ, ଧନ)

ଉ.: ଭୋଜନ ।

(ଠ) ସାହାଡ଼ା ବୃକ୍ଷର ମାହାତ୍ମ୍ୟ କବିତା ମହାଭାରତର କେଉଁ ପର୍ବରୁ ଗୃହୀତ ହୋଇଛି ?

(ଆଦିପର୍ବ, ମଧ୍ୟପର୍ବ, ବନପର୍ବ, ସଭାପର୍ବ)

ଉ.: ଆଦିପର୍ବ ।

(ଡ) ଶିବ କପିଳାସକୁ କେତେବେଳେ ଫେରିଲେ ?

(ପ୍ରଭାତରେ, ସୂର୍ଯ୍ୟାସ୍ତରେ, ମଧ୍ୟାହ୍ନରେ, ସନ୍ଧ୍ୟାରେ)

ଉ.: ସୂର୍ଯ୍ୟାସ୍ତରେ ।

(ଢ) ପଞ୍ଚୁବକ୍ତ୍ରର ଅର୍ଥ କ'ଣ ?

(ପାଞ୍ଚଟି ଆଖି, ପାଞ୍ଚଟି ମୁହଁ, ପାଞ୍ଚଟି ହାତ, ପାଞ୍ଚଟି ଗୋଡ଼)

ଉ.: ପାଞ୍ଚଟି ମୁହଁ ।

(ଣ) ଅମୃତ ଯୋଗାଡ଼ ରନ୍ଧନ କରି ଉମା ବିମୁଖ ହେଲେ କାହିଁକି ?

(ଶିବ ଆସିଯିବାରୁ, ଶିବ ନଆସିବାରୁ, ଗଣେଶ ନଥିବାରୁ, ଶିବ ଅସୁସ୍ଥ ଥିବାରୁ)

ଉ.: ଶିବ ନଆସିବାରୁ ।

(ତ) ଉମା କେତେବେଳେ ଖାଇ ବସିଲେ ?

(ଦିନଦ୍ୱିପ୍ରହର ବେଳେ, ତେରଘଡ଼ି ଗଡ଼ିଯିବାରୁ, ଶିବଙ୍କ ଆସିବାରୁ, ସନ୍ଧ୍ୟା ହୋଇଯିବାରୁ)

ଉ.: ତେରଘଡ଼ି ଗଡ଼ିଯିବାରୁ

(ଥ) ପାର୍ବତୀ କାହିଁକି ଅଧାଖିଆ ହୋଇ ଉଠିଗଲେ ?

(ଖାଦ୍ୟ ଭଲ ନଲାଗିବାରୁ, ଶିବ ଆସିଯିବାରୁ, ଦେହ ଅସୁସ୍ଥ ହେବାରୁ, ବାହାରେ କେହି ଡାକିବାରୁ)

ଉ.: ଶିବ ଆସିଯିବାରୁ ।

(ଦ) ଶିବ ଆସିଯିବାରୁ ପାର୍ବତୀ ଖାଦ୍ୟଦ୍ରବ୍ୟ ସବୁକୁ କେଉଁଠି ଲୁଚାଇଲେ ?

(ରୋଷଶାଳାରେ, ଖାଇବାଘରେ, ବୃଷଭ ଗୁଆଣିରେ, ପିଣ୍ଡା ତଳରେ)

ଉ.: ବୃଷଭ ଗୁଆଣିରେ ।

(ଧ) କୁଣ୍ଡରେ ଅମୃତ ଯୋଗାଡ଼ ପାଇ ଆନନ୍ଦରେ ଭୋଜନ କରି ବୃଷଭ କାହାକୁ ସ୍ମରଣ କଲା ?

(ଶିବଙ୍କୁ, ଦେବୀଙ୍କୁ, କରତାରଙ୍କୁ, ଚନ୍ଦ୍ରଙ୍କୁ)

ଉ.: କରତାରଙ୍କୁ ।

(ନ) ସେବକର ଚିନ୍ତା କାହାକୁ ଲାଗିଥାଏ ?

(ରାଜାଙ୍କୁ, ସ୍ୱାମୀଙ୍କୁ, ଦେବତାଙ୍କୁ, ଦସ୍ୟୁଙ୍କୁ)

ଉ.: ସ୍ୱାମୀଙ୍କୁ ।

(ପ) ପାର୍ବତୀଙ୍କ କଥା ଶୁଣି ଶିବ କ'ଣ କଲେ ?

(ରାଗିଲେ, ହସିଲେ, କାନ୍ଦିଲେ, ମନଦୁଃଖ କଲେ)

ଉ.: ହସିଲେ ।

**୨. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(କ) କାହାକୁ ମହାକଳ୍ପ ବୃକ୍ଷ ବୋଲି କୁହାଯାଇଛି ?

ଉ.: ଗୋଲକୃଷ୍ଣ ବା ସାହାଡ଼ା ବୃକ୍ଷକୁ ମହାକଳ୍ପ ବୃକ୍ଷ ବୋଲି କୁହାଯାଇଛି ।

(ଖ) କେଉଁ ବୃକ୍ଷ ମହାପାତକ ହରଣ କରେ ?

ଉ.: ଗୋଲକ ବୃକ୍ଷ ବା ସାହାଡ଼ା ବୃକ୍ଷ ମହାପାତକ ହରଣ କରେ ।

(ଗ) ଦୋଷୀ କନ୍ୟା କାହାକୁ ବିବାହ କରିବ ?

ଉ.: ଦୋଷୀ କନ୍ୟା ସାହାଡ଼ା ବୃକ୍ଷକୁ ବିବାହ କରିବ ।

(ଘ) କେଉଁ ରାଜାର ନବର ମଝିରେ ଗୋଲକ ବୃକ୍ଷ ଅଛି ?

ଉ.: ଗାନ୍ଧାର ସେନ ରାଜାର ନବର ମଝିରେ ଗୋଲକ ବୃକ୍ଷ ଅଛି ।

(ଙ) ଗୋଲକ ବୃକ୍ଷକୁ ନିତିଦିନ କିଏ ପୂଜା କରୁଥିଲେ ?

ଉ.: ଗୋଲକ ବୃକ୍ଷକୁ ଗାନ୍ଧାରସେନ ନିତିଦିନ ପୂଜା କରୁଥିଲେ ।

(ଚ) ବ୍ୟାସ ଗାନ୍ଧାରୀସେନଙ୍କୁ ଭାଗ୍ୟବନ୍ତ ରାଜା ବୋଲି କାହିଁକି କହିଛନ୍ତି ?

ଉ.: ଗାନ୍ଧାରସେନ ସାହାଡ଼ା ବୃକ୍ଷ ପୂଜା କରୁଥିବାରୁ ତାକୁ ଭାଗ୍ୟବନ୍ତ ରାଜା ବୋଲି ବ୍ୟାସ କହିଛନ୍ତି ।

(ଛ) ଗାନ୍ଧାରସେନ କାହାକୁ ଦର୍ଶନ କଲେ କୋଟି ପାତକ ହରଣ ହୁଏ ବୋଲି କହିଛନ୍ତି ?

ଉ.: ସାହାଡ଼ା ବୃକ୍ଷକୁ ଦର୍ଶନ କଲେ କୋଟି ପାତକ ହରଣ ହୁଏ ବୋଲି ଗାନ୍ଧାର ସେନ କହିଛନ୍ତି ।

(ଜ) ସାହାଡ଼ା ବୃକ୍ଷ ଦର୍ଶନ କଲେ କ'ଣ ହୁଏ ?

ଉ.: ସାହାଡ଼ା ବୃକ୍ଷ ଦର୍ଶନ କଲେ କୋଟି ପାତକ ହରଣ ହୁଏ ।

(ଝ)) ସାହାଡ଼ା ବୃକ୍ଷ ବିଷୟରେ କିଏ କାହାକୁ କହିଛନ୍ତି ?

ଉ.: ସାହାଡ଼ା ବୃକ୍ଷ ବିଷୟରେ ବ୍ୟାସ ଗାନ୍ଧାରସେନଙ୍କୁ କହିଛନ୍ତି ।

(ଞ) ଶୂଳପାଣି କେଉଁ ମାସ କେଉଁ ତିଥିରେ ବୃଷଭ ପିଠିରେ ବସି ବୁଲି ବାହାରି ଥିଲେ ?

ଉ.: ଶୂଳପାଣି ବୃଷ ମାସ, କୃଷ୍ଣ ପକ୍ଷ, ଦଶମୀ ତିଥି ଓ ଶତଭିଷା ନକ୍ଷତ୍ରରେ ବୃଷଭ ପିଠିରେ ବସି ବୁଲି ବାହାରି ଥିଲେ ।

(ଟ) ଶୂଳପାଣି ହୃଦୟରେ କ'ଣ ଧାରଣ କରିଥିଲେ ?

ଉ.: ଶୂଳପାଣି ହୃଦୟରେ ସପ୍ତଫେଣୀ ସାପ ଧାରଣ କରିଥିଲେ ।

(ଠ) ଶୂଳପାଣି ବୁଲାଣି କାଳରେ ଅନ୍ତରୀକ୍ଷରେ କାହାର ଶବ୍ଦ ଶୁଭୁଥିଲା ?

ଉ.: ଶୂଳପାଣି ବୁଲାଣି କାଳରେ ଅନ୍ତରୀକ୍ଷରେ ନବଲକ୍ଷେ ଡମ୍ବରୁ ଶବ୍ଦ ଶୁଭୁଥିଲା ।

(ଡ) ମହେଶ୍ୱର ଅନେକ ତୀର୍ଥ ଦର୍ଶନ ପରେ କେଉଁ ନଦୀ ପାଖକୁ ଗଲେ ?

ଉ.: ମହେଶ୍ୱର ଅନେକ ତୀର୍ଥ ଦର୍ଶନ ପରେ ବୈତରଣୀ ନଦୀ ପାଖକୁ ଗଲେ ।

(ଢ) ବୈତରଣୀ ନଦୀ କୂଳରେ କେଉଁ ବୃକ୍ଷ ଥିଲା ?

ଉ.: ବୈତରଣୀ ନଦୀ କୂଳରେ ସାହାଡ଼ା ବୃକ୍ଷ ଥିଲା ।

(ଣ) ବୈତରଣୀ ନଦୀ କୂଳରେ କେଉଁଭାଗକୁ ଲାଗି ସାହାଡ଼ା ବୃକ୍ଷ ଥିଲା ?

ଉ.: ବୈତରଣୀ ନଦୀ କୂଳରେ ବାମଭାଗକୁ ଲାଗି ସାହାଡ଼ା ବୃକ୍ଷ ଥିଲା ।

(ତ) ବୈତରଣୀ ନଦୀର ବାମ ଭାଗକୁ ଲାଗି କେଉଁ ବୃକ୍ଷ ଥିଲା ?

ଉ.: ବୈତରଣୀ ନଦୀର ବାମଭାଗକୁ ଲାଗି ସାହାଡ଼ା ବୃକ୍ଷ ଥିଲା ।

(ଥ) କିଏ ସାହାଡ଼ା ବୃକ୍ଷର ପତ୍ରକୁ ମଥାରେ ଘେନିଲା ?

ଉ.: ଶିବଙ୍କ ବାହନ ବୃଷଭ ସାହାଡ଼ା ବୃକ୍ଷର ପତ୍ରକୁ ମଥାରେ ଘେନିଲା ।

(ଦ) ବୃଷଭ କେଉଁ ବୃକ୍ଷର ପତ୍ରକୁ ମଥାରେ ଘେନିଥିଲା ?

ଉ.: ବୃଷଭ ସାହାଡ଼ା ବୃକ୍ଷର ପତ୍ରକୁ ମଥାରେ ଘେନିଥିଲା ।

(ଧ) ବାମରେ ଥିବା ସାହାଡ଼ା ବୃକ୍ଷର ପତ୍ର ଘେନିଲେ କ'ଣ ହୁଏ ?

ଉ.: ବାମରେ ଥିବା ସାହାଡ଼ା ବୃକ୍ଷର ପତ୍ର ଘେନିଲେ ଅମୃତ ଭୋଜନ ମିଳେ ।

(ନ) କ'ଣ କଲେ ଅମୃତ ଯୋଗାଡ଼ ମିଳେ ବୋଲି ବୃଷଭ କହିଛି ?

ଉ.: ବାମରେ ଥିବା ସାହାଡ଼ା ପତ୍ରକୁ ମଥାରେ ନେଲେ ଅମୃତ ଯୋଗାଡ଼ ମିଳେ ବୋଲି ବୃଷଭ କହିଛି ।

(ପ) ଡାହାଣ ପାଖରେ ଥିବା ବରକୋଳି ପତ୍ର ଘେନିଲେ କ'ଣ ହୁଏ ?

ଉ.: ଡାହାଣ ପାଖରେ ଥିବା ବରକୋଳି ପତ୍ର ଘେନିଲେ ଶତ୍ରୁ କ୍ଷୟ ହୁଏ ।

(ଫ) କ'ଣ କଲେ ଶତ୍ରୁକ୍ଷୟ ପାଏ ବୋଲି ବୃଷଭ କହିଛି ?

ଉ.: ଡାହାଣ ପାଖରେ ଥିବା ବରକୋଳି ପତ୍ର ଘେନିଲେ ଶତ୍ରୁ କ୍ଷୟ ହୁଏ ବୋଲି ବୃଷଭ କହିଛି ।

(ବ) ଆଗରେ ଶ୍ୱେତଦୁବ ଦେଖିଲେ କ'ଣ କରିବ ?

ଉ.: ଆଗରେ ଶ୍ୱେତଦୁବ ଦେଖିଲେ ମଥାରେ ଘେନିବ ।

(ଭ) ତୁଳସୀ ବୃକ୍ଷ ଦେଖିଲେ କ'ଣ କରିବ ?

ଉ.: ତା'ର ଝଡ଼ାପତ୍ର ଗୋଟିଏ ଆଣି ମୁଣ୍ଡରେ ମାରିବ ।

(ମ) ବୃଷଭ କାହାର ଝଡ଼ିଲା ପତ୍ରକୁ ମଥାରେ ମାରିବ ବୋଲି କହିଛି ?

ଉ.: ତୁଳସୀ ଗଛର ଝଡ଼ିଲା ପତ୍ରକୁ ମଥାରେ ମାରିବାକୁ ବୃଷଭ କହିଛି ।

(ଯ) କ'ଣ କଲେ ଜ୍ଞାନ ଅଜ୍ଞାନରେ ଥିବା ପାତକ କ୍ଷୟ ପାଏ ।

ଉ.: ତୁଳସୀର ଝଡ଼ାପତ୍ର ମୁଣ୍ଡରେ ମାରିଲେ କଲେ ଜ୍ଞାନ ଅଜ୍ଞାନରେ ଥିବା ପାତକ କ୍ଷୟ ଯାଏ ।

(ର) ସାହାଡ଼ା ପତ୍ର ଘେନିଲେ କ'ଣ ହୁଏ ?

ଉ.: ସାହାଡ଼ା ପତ୍ର ଘେନିଲେ ଉତ୍ତମ ସିଦ୍ଧ ଅନ୍ନ ପ୍ରାପତ ହୁଏ ।

(ଳ) ବୃଷଭ କେଉଁ ଚରିତ କଥା କହିଛି ?

ଉ.: ବୃଷଭ ସାହାଡ଼ା, ତୁଳସୀ ଓ ବରକୋଳି ପତ୍ର ଚରିତ କଥା କହିଛି ।

(ବ) ସଦାନନ୍ଦ କ'ଣ ପରୀକ୍ଷା କରି ଜାଣିବା ବୋଲି କହିଛନ୍ତି ?

ଉ.: ଉତ୍ତମ ଭୋଜନ ମିଳିବାର ପରୀକ୍ଷା କରି ଜାଣିବା ପାଇଁ ସଦାନନ୍ଦ ସାହାଡ଼ା ପତ୍ର ଘେନିଲେ ।

(ଶ) ଶିବ କପିଳାସରେ କେତେବେଳେ ବିଜେ କଲେ ?

ଉ.: ଶିବ ସୂର୍ଯ୍ୟାସ୍ତରେ କପିଳାସରେ ବିଜେ କଲେ ।

(ଷ) କିଏ ଅମୃତ ଯୋଗାଡ଼ କରିଥିଲେ ?

ଉ.: ପାର୍ବତୀ ଅମୃତ ଯୋଗାଡ଼ କରିଥିଲେ ।

(ସ) ସ୍ୱାମୀଙ୍କ ବାଟ ଚାହିଁ କିଏ ବିମୁଖ ଥିଲେ ?

ଉ.: ସ୍ୱାମୀଙ୍କ ବାଟ ଚାହିଁ ଉମା ବିମୁଖ ଥିଲେ ।

(ହ) ଠାକୁରାଣୀ କେତେ ଘଡ଼ି ଅନ୍ତରରେ ମଣୋହିରେ ବିଜେ କଲେ ?

ଉ.: ଠାକୁରାଣୀ ତେର ଘଡ଼ି ଅନ୍ତରରେ ମଣୋହିରେ ବିଜେ କଲେ ।

(କ୍ଷ) ଠାକୁରାଣୀ କେଉଁଥିରେ ଖାଇବା ଯୋଗାଡ଼ କରିଥିଲେ ?

ଉ.: ଠାକୁରାଣୀ ସୁବର୍ଣ୍ଣ ପଲମରେ ଖାଇବା ଯୋଗାଡ଼ କରିଥିଲେ ।

(ୟ) ଠାକୁରାଣୀ କେତେ ଗୁଣ୍ଡା ଭୁଞ୍ଜିଲା ପରେ ଡମ୍ବରୁ ଶବ୍ଦ ଶୁଭିଲା ?

ଉ.: ଠାକୁରାଣୀ ତିନି ଗୁଣ୍ଡା ଭୁଞ୍ଜିଲା ପରେ ଡମ୍ବରୁ ଶବ୍ଦ ଶୁଭିଲା ।

(ର) କ'ଣ ଶୁଣି ଗୋସାମଣି ବିଷାଦ ହେଲେ ?

ଉ.: ଶିବଙ୍କ ଡମ୍ବରୁ ଡିବି ଡିବି ଶବ୍ଦଶୁଣି ଗୋସାମଣି ବିଷାଦ ହେଲେ ।

(୦) ଠାକୁରାଣୀ ମଣୋହି କେଉଁଠାରେ ଲୁଚାଇଥିଲେ ?

ଉ.: ଠାକୁରାଣୀ ମଣୋହି ବୃଷଭଗୁଆଣିରେ ଲୁଚାଇଥିଲେ ।

(୧) ସଦାନନ୍ଦ ନନ୍ଦିକେଶ୍ୱରଙ୍କୁ କ'ଣ ଆଜ୍ଞା ଦେଲେ ?

ଉ.: ବୃଷଭକୁ ଗୁଆଣିରେ ବାନ୍ଧିବାର ଆଜ୍ଞା ନନ୍ଦିକେଶ୍ୱରକୁ ସଦାନନ୍ଦ ଦେଲେ ।

(ଁ) ନନ୍ଦିକେଶ୍ୱର ବୃଷଭକୁ କେଉଁଠି ବାନ୍ଧିଲା ?

ଉ.: ନନ୍ଦିକେଶ୍ୱର ବୃଷଭକୁ ଗୁଆଣିରେ ନେଇ ବାନ୍ଧିଲା ।

(i) ବୃଷଭ ଭାଣ୍ଡରେ କ'ଣ ଥିବା ଦେଖିଲା ?

ଉ.: ବୃଷଭ ଭାଣ୍ଡରେ ଅମୃତ ଅନ୍ନପୂର୍ଣ୍ଣ ହୋଇଥିବାର ଦେଖିଲା ।

(ii) ଈଶ୍ୱର ମହାବୃଷଭକୁ ହସିକରି କ'ଣ କହିଲେ ?

ଉ.: ଈଶ୍ୱର ମହାବୃଷଭକୁ କବାଟ ଫିଟାଇ ଦେଖି ହସିକରି କହିଲେ ସାହାଡ଼ା ବୃକ୍ଷକୁ ପୂଜି କି ଫଳ ପାଇଲ ।

**୩. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକ ସୂଚନା ପାଇଁ ୧ ନମ୍ବର ଓ ସଠିକ୍ ଉତ୍ତର ପାଇଁ ୧ ନମ୍ବର ।**

(କ) ବ୍ରହ୍ମା କେଉଁ ବୃକ୍ଷ ସୃଷ୍ଟି କରିଥିଲେ ଓ କାହିଁକି ?

ଉ.: ବିଷୟଟିର ନାମ ସାହାଡ଼ା ବୃକ୍ଷ ଓ କବି ସାରଳାଦାସ । ଗୋଲକ ବୃକ୍ଷ ବା ମହାକଳ୍ପ ବୃକ୍ଷକୁ ବ୍ରହ୍ମା ସୃଷ୍ଟି କରିଥିଲେ ମହାପାତକ ହରଣ କରିବା ପାଇଁ ।

(ଖ) ସାହାଡ଼ା ବୃକ୍ଷ ସମ୍ପର୍କରେ କିଏ କାହାକୁ କହିଛନ୍ତି ?

ଉ.: ବିଷୟଟିର ନାମ ସାହାଡ଼ା ବୃକ୍ଷ ଓ କବି ସାରଳାଦାସ । ସାହାଡ଼ା ବୃକ୍ଷ ସମ୍ପର୍କରେ ଗାନ୍ଧାରସେନ ବ୍ୟାସଦେବଙ୍କୁ କହିଛନ୍ତି ।

(ଗ) ବିଶ୍ୱନାଥ ପ୍ରଥମେ କେଉଁ ପୁରକୁ ବିଜେ କରିଛନ୍ତି ?

ଉ.: ବିଷୟଟିର ନାମ ସାହାଡ଼ା ବୃକ୍ଷ ଓ କବି ସାରଳାଦାସ । ବିଶ୍ୱନାଥ ପ୍ରଥମେ ମଧପୁର ଅର୍ଥାତ୍ ମଧସ୍ୱର୍ଗକୁ ବିଜେ କରିଛନ୍ତି ।

(ଘ) ମହେଶ୍ୱର ଅନେକ ତୀର୍ଥ ଦର୍ଶନ ପରେ କ'ଣ କଲେ ?

ଉ.: ବିଷୟଟିର ନାମ ସାହାଡ଼ା ବୃକ୍ଷ ଓ କବି ସାରଳାଦାସ । ମହେଶ୍ୱର ଅନେକ ତୀର୍ଥ ଭ୍ରମଣ କରି ସାରିବା ପରେ ବୈତରଣୀ କୂଳକୁ ଯାତ୍ରା କଲେ ।

(ଙ) ତୁଳସୀ ବୃକ୍ଷର କେଉଁ ପତ୍ରକୁ ମଥାରେ ନେବା ପାଇଁ ବୃଷଭ କହିଛି ?

ଉ.: ବିଷୟଟିର ନାମ ସାହାଡ଼ା ବୃକ୍ଷ ଓ କବି ସାରଳାଦାସ । ଗମନ କଲାବେଳେ ପଛକୁ ଲେଉଟି ଯଦି ତୁଳସୀ ବୃକ୍ଷ ଦେଖିବ ତେବେ ତା'ର ଝଡ଼ିଲା ପତ୍ରକୁ ମଥାରେ ଘେନିଲେ ଜ୍ଞାନ ଓ ଅଜ୍ଞାନରେ ଯେତେ ଘାତକ କରିଥିବ ସବୁ ନାଶ ହୋଇଯିବ ।

(ଚ) ତୁଳସୀ ବୃକ୍ଷର ଝଡ଼ିଲା ପତ୍ରକୁ ମଥାରେ ନେଲେ କ'ଣ ହେବ. ?

ଉ.: ବିଷୟଟିର ନାମ ସାହାଡ଼ା ବୃକ୍ଷ ଓ କବି ସାରଳାଦାସ । ତୁଳସୀ ବୃକ୍ଷର ଝଡ଼ିଲା ପତ୍ରକୁ ମଥାରେ ନେଲେ ଜ୍ଞାନ ଅଜ୍ଞାନରେ କରିଥିବା ସକଳ ପାତକ ନାଶ ହେବ ।

(ଛ) ମହାଦେବ ଚତୁର୍ଦ୍ଦଶ ଭୂବନ ବୁଲିଲା ବେଳେ ବୃଷଭକୁ କାହା ପାଖକୁ ନେଇ ନାହାନ୍ତି ?

ଉ.: ବିଷୟଟିର ନାମ ସାହାଡ଼ା ବୃକ୍ଷ ଓ କବି ସାରଳାଦାସ । ମହାଦେବ ଚତୁର୍ଦ୍ଦଶ ଭୂବନ ବୁଲିଲା ବେଳେ ବୃଷଭକୁ ପାଣି ଘାସ ଆହାର ପାଖକୁ ନେଇନାହାନ୍ତି ।

(ଜ) ସୂର୍ଯ୍ୟ ଅସ୍ତ ପରେ ମହାଦେବ କେଉଁଠାରେ ବିଜେ କଲେ ?

ଉ.: ବିଷୟଟିର ନାମ ସାହାଡ଼ା ବୃକ୍ଷ ଓ କବି ସାରଳାଦାସ । ସୂର୍ଯ୍ୟ ଅସ୍ତ ପରେ ମହାଦେବ କପିଳାସରେ ବିଜେ କଲେ ।

(ଝ) ଉମା କାହିଁକି ବିମୁଖ ହେଲେ ?

ଉ.: ବିଷୟଟିର ନାମ ସାହାଡ଼ା ବୃକ୍ଷ ଓ କବି ସାରଳାଦାସ । ଅମୃତ ଯୋଗାଡ଼ କରି ସାରିବା ପରେ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ମହାଦେବ ଆସିନଥିବାରୁ ଉମା ଚାହିଁ ଚାହିଁ ବିମୁଖ ହେଲେ ।

(ଞ) ଉମା ତେରଘଡ଼ି ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ କ'ଣ କଲେ ?

ଉ.: ବିଷୟଟିର ନାମ ସାହାଡ଼ା ବୃକ୍ଷ ଓ କବି ସାରଳାଦାସ । ଉମା ତେର ଘଡ଼ି ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ମଣୋହିକୁ ବିଜେ କଲେ ।

(ଟ) ମହାଦେବଙ୍କର ଡମ୍ବରୁ ଶବ୍ଦ ଶୁଣି ଗୋସାମଣିଙ୍କର କ'ଣ ହେଲା ?

ଉ.: ବିଷୟଟିର ନାମ ସାହାଡ଼ା ବୃକ୍ଷ ଓ କବି ସାରଳାଦାସ । ଈଶ୍ୱରଙ୍କର ଡମ୍ବରୁରୁ ଡିବିଡ଼ିବି ଶବ୍ଦ ଶୁଣି ଅଧା ଖାଇଥିବା ଉମା ବିଷାଦ ହେଲେ ।

(ଠ) ଗୋସାମଣୀ ଗୁଆଣିରେ କ'ଣ ଲୁଚାଇଲେ ?

ଉ.: ବିଷୟଟିର ନାମ ସାହାଡ଼ା ବୃକ୍ଷ ଓ କବି ସାରଳାଦାସ । ଗୋସାମଣୀ ଅଧା ଖାଇଥିବା ଅଇଁଠା ଖାଦ୍ୟକୁ ଗୁଆଣିରେ ନେଇ ଲୁଚାଇଲେ ।

(ଡ) ଦେବୀ ଉମା କେଉଁଥିରେ ପାଣିନେଇ ମହାଦେବଙ୍କ ଛାମୁରେ ଉପସ୍ଥିତ ହେଲେ ?

ଉ.: ବିଷୟଟିର ନାମ ସାହାଡ଼ା ବୃକ୍ଷ ଓ କବି ସାରଳାଦାସ । ଦେବୀ ଉମା ରତନ ଝରୀରେ ପାଣି ନେଇ ମହାଦେବଙ୍କ ଛାମୁରେ ଉପସ୍ଥିତ ହେଲେ ।

(ଢ) ଈଶ୍ୱର ନନ୍ଦିକେଶ୍ୱରକୁ ଡାକି କ'ଣ କହିଲେ ?

ଉ.: ବିଷୟଟିର ନାମ ସାହାଡ଼ା ବୃକ୍ଷ ଓ କବି ସାରଳାଦାସ । ଈଶ୍ୱର ନନ୍ଦିକେଶ୍ୱରକୁ ଡାକି ବୃଷଭକୁ ନେଇ ଗୁଆଣିରେ ଶୀଘ୍ର ବାନ୍ଧିବାକୁ କହିଲେ ଓ ଖାଦ୍ୟ ଜଳ ନଦେବାକୁ ମଧ କହିଲେ ।

(ଣ) ନନ୍ଦିକେଶ୍ୱର ବୃଷଭକୁ ବାନ୍ଧିବା ପରେ ବୃଷଭ କ'ଣ ବିଚାର କରିଛି ?

ଉ.: ବିଷୟଟିର ନାମ ସାହାଡ଼ା ବୃକ୍ଷ ଓ କବି ସାରଳାଦାସ । ନନ୍ଦିକେଶ୍ୱର ବୃଷଭକୁ ବାନ୍ଧିବା ପରେ ବୃଷଭ ବିଚାର କରିଛି ଈଶ୍ୱର ମତେ କାହିଁକି ଏ କଷଣ ଦେଲେ ଏବଂ ସୂର୍ଯ୍ୟ ଦେବତା କ'ଣ ପାଇଁ ଏହାର ବିଚାର ନ କଲେ ।

(ତ) ବୃଷଭ ଭୋଜନ କରିସାରି କାହାକୁ ସ୍ମରଣ କଲା ?

ଉ.: ବିଷୟଟିର ନାମ ସାହାଡ଼ା ବୃକ୍ଷ ଓ କବି ସାରଳାଦାସ । ବୃଷଭ ଭୋଜନ କରିସାରି ଋଷଭ ଦେବଙ୍କୁ ସ୍ମରଣ କଲା ।

(ଦ) ଈଶ୍ୱରଙ୍କ ପ୍ରଶ୍ନର ବୃଷଭ କ'ଣ ଉତ୍ତର ଦେଇଛି ?

ଉ.: ବିଷୟଟିର ନାମ ସାହାଡ଼ା ବୃକ୍ଷ ଓ କବି ସାରଳାଦାସ । ଈଶ୍ୱରଙ୍କ ପ୍ରଶ୍ନର ଉତ୍ତରରେ ବୃଷଭ କହିଛି, ପ୍ରଭୁ ମୁଁ ପ୍ରତ୍ୟକ୍ଷରେ ପାଇଛି ଆପଣଙ୍କ ଖାଇବା ଆଗରୁ ମୁଁ ତୁମ୍ଭ ପାଇଁ ପ୍ରସ୍ତୁତ ଅମୃତ ମଣୋହି ଆଗେ ଖାଇଛି ।

(ଧ) ଗୁଆଣିରେ କ'ଣ ଦେଖି ମହାଦେବ ବିଷାଦ ହେଲେ ?

ଉ.: ବିଷୟଟିର ନାମ ସାହାଡ଼ା ବୃକ୍ଷ ଓ କବି ସାରଳାଦାସ । ବୃଷଭ ଅମୃତ ମଣୋହି ଖାଇଛି ବୋଲି କହିବା ପରେ ମହାଦେବ ପରୀକ୍ଷା କରିବାକୁ ଯାଇ ଦେଖନ୍ତି ସତକୁ ସତ ଗୁଆଣିରେ ଅମୃତମଣୋହି ଅଛି, ଅମୃତ ମଣୋହି କିଏ ଦେଲା ଭାବି ବିଷାଦ ହେଲେ ।

(ନ) ଗିରିଜାଙ୍କ କଥାଶୁଣି ଶିବ କି ପ୍ରତିକ୍ରିୟା ପ୍ରକାଶ କଲେ ?

ଉ.: ବିଷୟଟିର ନାମ ସାହାଡ଼ା ବୃକ୍ଷ ଓ କବି ସାରଳାଦାସ । ଗିରିଜାଙ୍କ ବଚନ ଶୁଣି ଶିବ ହସି ହସି କହିଲେ ଯେ ଦେବତାମାନେ ତାହେଲେ ଏପରି କରି ଭକ୍ତକୁ ଦାନ କରିଥାନ୍ତି ।

**୪. ତିରିଶଟି ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ।**

(କ) ଦୋଷୀ କନ୍ୟାକୁ କାହିଁକି ଗୋଲକ ବୃକ୍ଷ ସହିତ ବିବାହ କରାଯାଏ ?

ଉ.: ପାଠ୍ୟାଂଶଟି ସାହିତ୍ୟ ଜ୍ୟୋତି ପୁସ୍ତକର ସାହାଡ଼ା ବୃକ୍ଷ କବିତାରୁ ଆସିଅଛି । ଏହାର କବି ଶୁଦ୍ରମୁନି ସାରଳା ଦାସ । ସାରଳା ଦାସ ମାଟିର ମହାକବି । ତାଙ୍କ ଦ୍ୱାରା ରଚିତ ମହାଭାରତର ଆଦିପର୍ବରୁ ଏହା ଗୃହୀତ । ସାହାଡ଼ା ବୃକ୍ଷ ସୂର୍ଯ୍ୟଙ୍କର ରଥର ଚକ ରୂପେ ବ୍ୟବହୃତ । ଏହି ବୃକ୍ଷର ପତ୍ର ବିଭିନ୍ନ ଅଶୁଭ ବିନାଶକାରୀ ଭାବେ ବ୍ୟବହାର ହୁଏ । ଏହି ବୃକ୍ଷ ମୂଳରେ ବସି ପ୍ରାର୍ଥନା କଲେ କାମନା ଫଳପ୍ରଦ ହୋଇଥାଏ । ଏହା ମହାପାତକ ନାଶକ । ତେଣୁ ଜନ୍ମରେ ଦୋଷ ଯୁକ୍ତା, କନ୍ୟାକୁ ପ୍ରଥମେ ସାହାଡ଼ା ବୃକ୍ଷ ସହିତ ବିବାହ କରି ତା'ର ଦୋଷ ଖଣ୍ଡନ ହେବା ପରେ ଦ୍ୱିତୀୟ ବିବାହ କରାଯାଏ ।

(ଖ) ବିଶ୍ୱନାଥ କେବେ ବୃଷଭ ଉପରେ ବସି ବୁଲି ବାହାରିଲେ ?

ଉ.: ବିଷୟଟି ସାରଳା ଦାସଙ୍କ ରଚିତ ମହାଭାରତ ଗ୍ରନ୍ଥର ଆଦିପର୍ବରୁ ଆନୀତ । ଏହାର କବି ଶୁଦ୍ରମୁନି ସାରଳା ଦାସ । ମହାଦେବ ବୃଷମାସ, କୃଷ୍ଣପକ୍ଷ, ଦଶମୀ ତିଥି, ଗୁରୁବାର, ଶତଭିଷା ନକ୍ଷତ୍ରରେ ବୃଷଭ ପିଠିରେ ବସି ବୁଲି ବାହାରିଲେ । ବୃଷଭ ପିଠିରେ ପଲାଣ ଏବଂ ନିଜେ ସର୍ପ ଓ ଡମ୍ବରୁ ଧାରଣ କରି ବୁଲି ବାହାରିଥିଲେ ।

(ଗ) ସାହାଡ଼ା ପତ୍ର ଘେନିଲେ କ'ଣ ହୁଏ ?

ଉ.: ସାହାଡ଼ା ବୃକ୍ଷ ବିଷୟଟି ମହାକବି ସାରଳା ଦାସଙ୍କ ମହାଭାରତ ଗ୍ରନ୍ଥରୁ ଆସିଛି । ଏଠାରେ କବି ମୁଖ୍ୟତଃ ସାହାଡ଼ା ଗଛର ମାହାତ୍ମ୍ୟ ଓ ମହିମା ସମ୍ବନ୍ଧରେ ସୂଚନା ପ୍ରଦାନ କରିଛନ୍ତି । ସାହାଡ଼ା ଗଛର ପତ୍ର କେଉଁ ଉପକାରରେ ଲାଗେ ସେ ବିଷୟରେ ସୂଚନା ପ୍ରଦାନ କରିଛନ୍ତି । ବାମ କରରେ ଥିବା ସାହାଡ଼ା ଗଛର ପତ୍ରକୁ ମଥାରେ ଲଗାଇଲେ ଅମୃତ ଭୋଜନ ମିଳେ । ପୁଣି ଖାଲି ଏମିତି ସେମିତି ଅନ୍ନ ନୁହେଁ ସୁସ୍ୱାଦୁ ଉତ୍ତମ ଭୋଜନ । ଏହି ଗଛ ଓ ପତ୍ର ବହୁ ପାପ ବିନାଶକ ଓ ଅଭିଷ୍ଟ ପୂର୍ଣ୍ଣକାରୀ ଅଟେ ।

(ଘ) ସଦାନନ୍ଦ କେଉଁ କଥା ପରୀକ୍ଷା କରିବା ବୋଲି ବୃଷଭକୁ କହିଛନ୍ତି ?

ଉ.: ଉପରୋକ୍ତ ପାଠ୍ୟାଂଶଟି ସାହାଡ଼ା ବୃକ୍ଷ କବିତାରୁ ଆନୀତ । ଏହାର ରଚୟିତା ମହାକବି ସାରଳା ଦାସ । ବୃଷଭ ଓ ଭଗବାନ ଶିବ ସେବକ ଓ ପ୍ରଭୁ ମଧ୍ୟରେ କଥୋପକଥନ ହୋଇଛି । ସାହାଡ଼ା ବୃକ୍ଷର ପତ୍ର ମଥାରେ ନେଲେ ଖାଦ୍ୟ ଉତ୍ତମ ନିଶ୍ଚିତ ମିଳିବ ବୋଲି ବୃଷଭ କହିବା ପରେ ସଦାଶିବ କହିଛନ୍ତି ତାହେଲେ ଏହାର ପରୀକ୍ଷା ଆଜି କରିବା ଏକଥା କହି ବୃଷଭକୁ ବିନା ଅନ୍ନ ଓ ଜଳରେ ବାନ୍ଧି ରଖିଛନ୍ତି ମାତ୍ର ବୃଷଭ ପେଟଭରି ଅମୃତ ମଣୋହି ଖାଇଛି ।

(ଙ) ତୁଳସୀ ପତ୍ରକୁ ମଥାରେ ମାରିଲେ କ'ଣ ହୁଏ ?

ଉ.: ଉଦ୍ଧୃତାଂଶଟି ମହାକବି ଶୁଦ୍ରମୁନି ସାରଳାଦାସଙ୍କ ମହାଭାରତର ଆଦି ପର୍ବରେ ଥିବା ସାହାଡ଼ା ଉପାଖ୍ୟାନର ଅଂଶ ବିଶେଷ । ଏଥିରେ ପତ୍ର ମହିମା ସମ୍ପର୍କରେ ବିଶଦ୍ ଭାବରେ ଅଲୋଚନା କରାଯାଇଛି । ତୁଳସୀ କୃଷ୍ଣ, ରାମ ଓ ଜଗନ୍ନାଥଙ୍କ ପ୍ରିୟ । ଏହାର ମହିମା ଅପାର ତେଣୁ ମହାକବି ତା'ର ମହିମାକୁ ବର୍ଣ୍ଣନା କରି କହିଛନ୍ତି । ଯାତ୍ରା ସମୟରେ ପଛକୁ ଚାହିଁ ତୁଳସୀ ଗଛ ଦେଖିଲେ ଓ ତା'ର ଝଡ଼ିଥିବା ପତ୍ରଟିଏ ଉଠାଇ ନେଇ ମଥାରେ ଛୁଇଁଲେ ଜ୍ଞାନ ଅଜ୍ଞାନରେ କରିଥିବା ସମସ୍ତ ପାତକ ନାଶ ହୋଇଥାଏ । ତେଣୁ ତୁଳସୀର ମହିମା ଯୁଗେ ଯୁଗେ ଅପାର ।

(ଚ) ଠାକୁରାଣୀ ମଣୋହିରେ ବିଜେ କଲାପରେ କ'ଣ ହେଲା ?

ଉ.: ସାରଳା ଦାସଙ୍କ ରଚିତ 'ସାହାଡ଼ା ବୃକ୍ଷ' ପଦ୍ୟର ଏହା ଏକ ଅଂଶ ବିଶେଷ । କବି ସାରଳା ଦାସ ଶିବ ପାର୍ବତୀ ଓ ଦେବତାମାନଙ୍କର ମହିମା ଓ ଗୁଣକୀର୍ତ୍ତନ ବର୍ଣ୍ଣନା କଲାବେଳେ ପତ୍ରମାନଙ୍କର ରହସ୍ୟ ମଧ୍ୟ ଖୋଲିଛନ୍ତି । ଶିବ ତିଥିବାର ଦେଖି ମଧ୍ୟ ଆକାଶ ଭ୍ରମଣ କରି ଫେରିବା ବହୁ ବିଳମ୍ବ ହୋଇଛି । ମଣୋହିକୁ ବିଜେ କରି ମାତ୍ର ତିନିଥର ଖାଇବା ପରେ ବାହାରେ ଡମ୍ବରୁ ଶବ୍ଦ ଶୁଣିଛନ୍ତି । ଶିବଙ୍କ ଆସିଯାଇଥିବା କଥା ଜାଣି ବ୍ୟସ୍ତ ପାର୍ବତୀ ଖାଦ୍ୟଗୁଡ଼ିକୁ ନେଇ ଗୁହାଳରେ ଲୁଚାଇ ଦେଇଛନ୍ତି ।

(ଛ) ସଦାନନ୍ଦ ନନ୍ଦିକେଶ୍ୱରଙ୍କୁ ଡାକି କ'ଣ ନିର୍ଦ୍ଦେଶ ଦେଲେ ?

ଉ.: ଉପରୋକ୍ତ ପାଠ୍ୟାଂଶଟି ମହାକବି ସାରଳା ଦାସଙ୍କ ରଚିତ ମହାନ୍ ଗ୍ରନ୍ଥ ମହାଭାରତର ସାହାଡ଼ା ସୁନ୍ଦରୀ ଉପାଖ୍ୟାନ ପ୍ରସଙ୍ଗରୁ ଗୃହୀତ । ବିଷୟର ନାମ ସାହାଡ଼ା ବୃକ୍ଷ । ପୂଜା, ତପସ୍ୟା ଓ ଆତ୍ମବଳର ପରୀକ୍ଷା ନେବା ପାଇଁ ସଦାନନ୍ଦ (ଶିବ) ନନ୍ଦିକେଶ୍ୱରଙ୍କୁ ଡାକି ଆଦେଶ ଦେଲେ ଯେ ବୃଷଭକୁ ଗୁହାଳ ଭିତରେ ବନ୍ଦ କରି ଜଳ ଓ ଖାଦ୍ୟ ନଦେବା ପାଇଁ । କାରଣ ସେ ବାମପଟେ ଥିବା ସାହାଡ଼ା ପତ୍ରକୁ ମୁଣ୍ଡରେ ମାରି ସୁସ୍ୱାଦୁ ଅନ୍ନ ମିଳିବାର

ଯୋଗ ବିଷୟରେ ଶିବଙ୍କୁ କହିଛି । ଶିବ ଏହା ପରୀକ୍ଷା କରିବା ପାଇଁ ନନ୍ଦିକେଶ୍ୱରକୁ ଏପରି କଠୋର ଆଦେଶ ଦେଲେ ।

(ଜ) ବୃଷଭକୁ ଗୁଆଣିରେ ବାନ୍ଧିବା ପରେ କ'ଣ ହେଲା ?

ଉ.: ଏହି ବିଷୟଟି ସାହାଡ଼ା ବୃକ୍ଷ କବିତାରୁ ଉଦ୍ଧୃତ । ଏହାର ରଚୟିତା ମହାକବି ସାରଳା ଦାସ । ସାରଳା ଦାସଙ୍କ ମହାଭାରତ ଆଦିପର୍ବରୁ ଏହା ଗୃହୀତ । ଏହି ପାଠ୍ୟାଂଶଟିରେ ଭକ୍ତିର ପରୀକ୍ଷା ନିଆଯାଇଛି । ବୃଷଭକୁ ଗୁଆଣିରେ ନନ୍ଦିକେଶ୍ୱର ବାନ୍ଧିବା ପରେ ସେ ଆରତ ସ୍ୱରରେ ସୂର୍ଯ୍ୟଦେବଙ୍କୁ ପ୍ରାର୍ଥନା କରିଛି । ସଂଯୋଗବଶତଃ ଶିବଙ୍କ ଆସିବା ଭୟରେ ମାତ୍ର ତିନି ଥର ଅମୃତ ମଣୋହି କରିଥିବା ପାର୍ବତୀଙ୍କ ଅଇଁଠା ଖାଦ୍ୟ ବୃଷଭ ମୁହଁ ପାଖରେ ଥୁଆ ହୋଇଛି । ବୃଷଭ ଏସବୁ ଖାଦ୍ୟ ଦେଖି ମନଭରି ଯାଇଛି ଓ ଭଗବାନଙ୍କ ଅଶେଷ କୃପା ଲାଭ କରିଛି ।

(ଝ) ବୃଷଭକୁ ପରୀକ୍ଷା କରିବାକୁ ଯାଇ ରାତିରେ ଶିବ କ'ଣ ଦେଖିଛନ୍ତି ?

ଉ.: ଉକ୍ତ ପଦ୍ୟାଂଶର ପ୍ରଶ୍ନଟି ସାହାଡ଼ା ବୃକ୍ଷ କବିତାରୁ ଆସିଅଛି । ଏହାର ରଚୟିତା ହେଲେ ମହାକବି ସାରଳା ଦାସ । ସାହାଡ଼ା ବୃକ୍ଷର ମାହାତ୍ମ୍ୟ ଉକ୍ତ କବିତାଟିରେ ପ୍ରତିଫଳିତ ହୋଇଛି । ଭଗବାନ ଶିବ ଓ ବାହନ ବୃଷଭ ମଧ୍ୟରେ ବିଶ୍ୱାସେ ମିଳଇ ହରି ଉକ୍ତିଟିର ଏଠାରେ ପରୀକ୍ଷା ନିଆଯାଇଛି । ନନ୍ଦିକେଶ୍ୱର ଶିବଙ୍କ ଆଦେଶରେ ବୃଷଭକୁ ଜଳ ଖାଦ୍ୟ ବିନା ବାନ୍ଧିଛି । ବୃଷଭ ଅମୃତ ମଣୋହି ମନ ଭରି ଖାଇ ଶୋଇଛି । ସେପଟେ ଉପାସରେ ବାନ୍ଧି ରଖିବାକୁ ଆଦେଶ ଦେଇଥିବା ଶିବ ପରୀକ୍ଷା ପାଇଁ କବାଟ ଖୋଲି ଦେଖିଛନ୍ତି, ସୁଗନ୍ଧ ପରିପୂର୍ଣ୍ଣ କର୍ପୂରର ବାସ୍ନା ଏସବୁ କେମିତି ସମ୍ଭବ ହେଲା ବୃଷଭ ଏସବୁ କେମିତି ପାଇଲା ଖାଦ୍ୟ କେଉଁଠୁ ଆସିଲା ଭାବି ସେ ଆଶ୍ଚର୍ଯ୍ୟ ହୋଇଛନ୍ତି ।

(ଞ) ବୃଷଭର ଖାଇବା ବିଷୟରେ ଶିବ ପାର୍ବତୀଙ୍କୁ ପଚାରି କି ଉତ୍ତର ପାଇଲେ ?

ଉ.: ଏହି ବିଷୟଟି ସାହାଡ଼ା ବୃକ୍ଷ କବିତାରୁ ଆନୀତ । ଏହାର କବି ସାରଳା ଦାସ । ଏକ ସାଧାରଣ ବୃକ୍ଷକୁ ଅସାଧାରଣ ମହିମାରେ ମଣ୍ଡିତ କରିଛନ୍ତି ସାରଳା ଦାସ । ବୃକ୍ଷର ମାହାତ୍ମ୍ୟ ବର୍ଣ୍ଣନା କରିବାକୁ ଯାଇ ବହୁ ଆଧାତ୍ମିକ ତତ୍ତ୍ୱ ପ୍ରଦାନ କରିଛନ୍ତି । ପରୀକ୍ଷା ପାଇଁ ଶିବ ବୃଷଭ ପାଖକୁ ଆସି ଶିବଙ୍କ ପ୍ରସାଦ ବୃଷଭ ଭୋଜନ କରିଥିବା କଥା ଦେଖିଛନ୍ତି । ଏହା କିପରି ସମ୍ଭବ ହେଲା ପାର୍ବତୀଙ୍କୁ ପଚାରିବାରୁ ପାର୍ବତୀ କହିଛନ୍ତି ଯେ ଆପଣଙ୍କର ଆସିବା ବିଳମ୍ବ ଦେଖି ମୁଁ ଖାଇବାକୁ ବସିଥିଲି । ଆପଣ ଆସିବାର କଥା ଜାଣିବା ପରେ କ୍ଷୁଧାରେ କାଳେ ଆପଣ କୋପ କରିବେ ତେଣୁ ସେ ଖାଦ୍ୟ ଅଧାଖାଇ ଗୁଆଣିରେ ରଖି ଦେଇଥିଲି ଏକଥା ଶୁଣି ସଦାନନ୍ଦ ହସିଛନ୍ତି

**୫. ଦୀର୍ଘଉତ୍ତରମୂଳକ ପ୍ରଶ୍ନ – ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ ୧୫୦ ଶବ୍ଦ ମଧ୍ୟରେ ଦେବାକୁ ହେବ । ପ୍ରଶ୍ନର ମୂଲ୍ୟ ୫ ନମ୍ବର ।**

(କ) ଓଡ଼ିଆ ଲୋକକଥା 'ସାହାଡ଼ା ବୃକ୍ଷ' କବିତାରେ କିପରି ସଫଳ ଭାବରେ ଉପସ୍ଥାପିତ ହୋଇଛି – ଆଲୋଚନା କର ।

ଉ.: ଏହି ବିଷୟଟି ମହାକବି ସାରଳାଦାସଙ୍କ ମହାକାବ୍ୟ ମହାଭାରତର ଏକ ଅଂଶବିଶେଷ । ଏହି 'ସାହାଡ଼ା ବୃକ୍ଷ'

କବିତାରେ କବି ସାହାଡ଼ା ବୃକ୍ଷର ଅଲୌକିକତା ବିଷୟରେ ବର୍ଣ୍ଣନା କରିଛନ୍ତି । ସାରଳାଙ୍କ ସୃଷ୍ଟି ଲୋକକଥା, ଲୋକ କାହାଣୀରେ ପରିପୂର୍ଣ୍ଣ । ମୌଳିକ କଥା ସୃଷ୍ଟି କବି ସାରଳାଦାସଙ୍କ ଅନ୍ୟତମ ଶ୍ରେଷ୍ଠ ନିଦର୍ଶନ । ସାହାଡ଼ା ବୃକ୍ଷ ପରି ଏମିତି ଅନେକ କାହାଣୀ କବିଙ୍କ ସୃଷ୍ଟିରେ ସ୍ଥାନ ପାଇଛି ଯାହାକୁ କବି ନିଜର ମୌଳିକ ଚିନ୍ତାଧାରାରେ ଜୀବନ୍ତ କରିଛନ୍ତି । ଲୋକ ମନରେ ରହିଥିବା ବିଶ୍ୱାସ ବାସ୍ତବ ସତ୍ୟରେ ରୂପାନ୍ତରିତ ହୋଇଛି । ଆଲୋଚିତ କବିତାରେ ସାହାଡ଼ା ବୃକ୍ଷର ଗୁଣ ବର୍ଣ୍ଣନା ସଙ୍ଗେ ସଙ୍ଗେ ବିଭିନ୍ନ ପତ୍ର ମହିମାର ରହସ୍ୟ କବି ଉନ୍ମୋଚନ କରିଛନ୍ତି ।

ସାହାଡ଼ା ବୃକ୍ଷ ସୂର୍ଯ୍ୟଙ୍କ ରଥରେ ଚକ ଉପରେ ବ୍ୟବହୃତ ପୁଣି ଏହାକୁ ପୂଜା କଲେ ଅଭିଳଷିତ ଇଚ୍ଛା ଫଳପ୍ରଦ ହୁଏ । ଏହା ମହାପାତକ ନାଶକାରୀ । ଗାନ୍ଧାରସେନ ରାଜା ଏ ବୃକ୍ଷକୁ ନିଜ ଗୃହରେ ରଖି ପୂଜା କରିଛନ୍ତି । ବ୍ୟାସଙ୍କୁ ଏହାର ମାହାତ୍ମ୍ୟ ବିଷୟରେ ବୁଝାଇଛନ୍ତି । ମହାଦେବ ବୃଷଭ ପିଠିରେ ବସି ତୀର୍ଥ ଭ୍ରମଣ କରିବା ସମୟରେ ବୈତରଣୀ ନଦୀ କୂଳରେ ବୁଲିବା ବେଳେ ବୃଷଭ ବାମକଡ଼େ ଥିବା ସାହାଡ଼ା ବୃକ୍ଷର ପତ୍ରକୁ ଆଣି ମୁଣ୍ଡରେ ଛୁଇଁଛି ଓ ଶିବ ପଚାରିବାରୁ ଉତ୍ତମ ଭୋଜନ ପ୍ରାପ୍ତ ହେବା କଥା କହିଛି । ଆହୁରି କହିଛି ଯେ ଡାହାଣ ପଟେ ବରକୋଳି ଗଛ ଥିଲେ ତା'ର ପତ୍ରକୁ ଘେନିଲେ ଶତ୍ରୁକ୍ଷୟ ହୁଏ । ଆଗରେ ଶ୍ୱେତ ଦୁବ ଦେଖି ମଥାରେ ଛୁଇଁଲେ ଅନେକ ଦୋଷ ଦୂର ହୁଏ । ତୁଳସୀ ଗଛକୁ ପଛରୁ ଦେଖି ତା'ର ଝଡ଼ାପତ୍ର ନେଲେ ଜାଣ ଅଜାଣତରେ ଯେତେ ପାପ କରିଥିଲେ ବି ତାହା ନାଶ ହୁଏ ।

ବୃଷଭ ମୁଖରୁ ଏକଥା ଶୁଣି ଶିବ ପରୀକ୍ଷା କରିଛନ୍ତି ଓ ତାହା ସତ୍ୟରେ ପରିଣତ ହୋଇଛି । ସାରଳାଙ୍କ ସୃଷ୍ଟିରେ ଏପରି ବହୁଲୋକକଥା ଅଛି ଯାହା ଓଡ଼ିଆ ଜନଜୀବନକୁ ଗଭୀର ଭାବରେ ପ୍ରଭାବିତ କରିଛି । ସମାଜକୁ ନୀତିନିଷ୍ଠ କରିବାରେ ସହାୟକ ହୋଇଛି । ଏ ଦୃଷ୍ଟିରୁ ବିଚାର କଲେ 'ସାହାଡ଼ା ବୃକ୍ଷ' କବିତାଟି ଏକ ସଫଳ ଲୋକକାହାଣୀର ବାର୍ତ୍ତା ପ୍ରଦାନ କରେ ।

(ଖ) 'ସାହାଡ଼ା ବୃକ୍ଷ' କବିତାର ସାରମର୍ମ ଲେଖ ?

ଉ.: 'ସାହାଡ଼ା ବୃକ୍ଷ' କବିତାଟି ମୌଳିକ ଓଡ଼ିଆ ସାହିତ୍ୟର ଜନକ ଶୁଦ୍ରମୁନି ସାରଳା ଦାସଙ୍କ ଏକ ପ୍ରସିଦ୍ଧ ଲୋକକଥା । କେବଳ ସାହାଡ଼ା ବୃକ୍ଷ ନୁହେଁ ମହାଭାରତର ଏପରି ଅନେକ ନୂତନ ଲୋକକଥା ସେ ସୃଷ୍ଟି କରିଛନ୍ତି ଯାହା ମୂଳ ସଂସ୍କୃତ ମହାଭାରତରେ ନାହିଁ । ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କଲେ ଏହା ସାରଳା ଦାସଙ୍କର ଏକ ଅମୂଲ୍ୟ ପରିକଳ୍ପନା । ଲୋକଜୀବନକୁ ପ୍ରଭାବିତ କରବା ପରି ଏହା ପ୍ରଥମରୁ ଗୋଟିଏ ସାଧାରଣ ଗଛରୁ ଅସାଧାରଣ ରୂପରେ ବର୍ଣ୍ଣନା କରାଯାଇଛି ।

ପ୍ରଥମେ ଏଥିରେ ସାହାଡ଼ା ବୃକ୍ଷର ପରିଚୟ ପ୍ରଦାନ କରିଛନ୍ତି କବି । ଏହାକୁ ମହାକଳ୍ପ ମହାପାତକନାଶୀ ରୂପେ ସୂଚିତ କରିଛନ୍ତି । ଏହା ବ୍ରହ୍ମାଙ୍କ ଦ୍ୱାରା ସୃଷ୍ଟ । ଏ ଗଛକୁ ଦୋଷୀ କନ୍ୟା ବିବାହ କଲେ ତା'ର ଦୋଷ ଖଣ୍ଡନ ହୋଇଯାଏ । ବ୍ୟାସଦେବଙ୍କୁ, ଗାନ୍ଧାରସେନ ଏ ଗଛକୁ ନଅର ମଝିରେ ରଖି ସବୁଦିନ ପୂଜା କରନ୍ତି ବୋଲି କହିଛନ୍ତି । ଏହା ପୂଜାର ଫଳ ପଚାରନ୍ତେ ଗାନ୍ଧାର ସେନ ଏହାର ଦର୍ଶନରେ ଅଶେଷ କୋଟି ପାତକ ନାଶ ହୁଏ ବୋଲି କହିଛନ୍ତି । ମାତ୍ର ବ୍ୟାସ ଗାନ୍ଧାର ସେନଙ୍କୁ ଏହାର ପ୍ରକୃତ ବୃତ୍ତାନ୍ତ ଶୁଣାଇଛନ୍ତି । ଶିବ ଶୁଭ ତିଥି, ବାର, ନକ୍ଷତ୍ରରେ ବୃଷଭ ପିଠିରେ ବୁଲି ବାହାରିଛନ୍ତି । ଅନେକ ତୀର୍ଥ ଭ୍ରମଣ ସାରି ବୈତରଣୀ ନଦୀ କୂଳରେ ପହଞ୍ଚିବା ପରେ ବୃଷଭ, ସାହାଡ଼ା ବୃକ୍ଷର ପତ୍ର ବାମପଟେ ଦେଖି ମୁଣ୍ଡରେ ଛୁଇଁଛି । ଶିବ ପଚାରନ୍ତେ ତାଙ୍କୁ କହିଛି ଯେ ମୁଣ୍ଡରେ ପାରିଲେ ସୁସ୍ୱାଦୁ ଭୋଜନ ମିଳେ । ଏଥିସହିତ ବରକୋଳି, ଶ୍ୱେତ ଦୁବ ଓ ତୁଳସୀ ପତ୍ରର ମହିମା କହିଛି ।

ଶିବ ଏସବୁ ପରୀକ୍ଷା ପାଇଁ ବୃଷଭକୁ ଖାଇବାକୁ ଓ ପିଇବାକୁ ନଦେଇ ଫେରିଆସି ନନ୍ଦିକେଶ୍ୱରଙ୍କୁ ଆଦେଶ ଦେଇଛନ୍ତି ବିନା ଖାଦ୍ୟ ପାଣିରେ ବାନ୍ଧି ଦେବାକୁ । ନନ୍ଦିକେଶ୍ୱର ପ୍ରଭୁର ଆଦେଶ ପାଳନ କରିଛି । ତେଣେ ପାର୍ବତୀ ଶିବଙ୍କ ପାଇଁ ସକଳ ସୁସ୍ୱାଦୁ ଅନ୍ନ ରାନ୍ଧି ଅପେକ୍ଷା କରି, ଶିବଙ୍କର ଫେରିବା ବହୁ ବିଳମ୍ବ ହେବାରୁ ନିଜେ ଖାଇ ବସିଛନ୍ତି । ଖାଇବା ଭିତରେ ଶିବ ଆସିଯିବାରୁ ଭୟରେ ଅଧା ଖାଦ୍ୟକୁ ନେଇ ବୃଷଭ ରହୁଥିବା ଗୁହାଳରେ ଲୁଚେଇ ଦେଇଛନ୍ତି । ସେଇ ପାର୍ବତୀଙ୍କ ଅଧାଖିଆ ସୁସ୍ୱାଦୁ ଖାଦ୍ୟକୁ ଉପାସଥିବା ବୃଷଭ ଖାଇଛି ଓ ତା'ର ମନୋବାଞ୍ଛା ପୂର୍ଣ୍ଣ ହୋଇଛି । ଶିବ ପରୀକ୍ଷା କରିବାକୁ ଆସି ଏସବୁ ଦେଖିଛନ୍ତି । ଖାଦ୍ୟ ବିଷୟରେ ପାର୍ବତୀଙ୍କୁ ପଚାରିବାରୁ ପାର୍ବତୀ ସତକଥା ଶିବଙ୍କୁ କହିଛନ୍ତି । ଶିବ ଅନୁଭବ କରିଛନ୍ତି ଦେବତାମାନେ ଏହିସବୁ ଉପାୟରେ ଭକ୍ତମାନଙ୍କ ମନର ଇଚ୍ଛାପୂର୍ଣ୍ଣ କରନ୍ତି । ବାସ୍ତବିକ୍ ବ୍ୟାସଙ୍କ ମୁଖରେ ଏହି ବର୍ଣ୍ଣନା ବେଶ୍ ଚମତ୍କାର ଭାବରେ ପ୍ରକାଶିତ ।

(ଗ) ବୃକ୍ଷ ମାହାତ୍ମ୍ୟ ଉପସ୍ଥାପନରେ ସାରଳା ଦାସଙ୍କ ସ୍ୱତନ୍ତ୍ରତା ବିଚାର କର ।

ଉ.: ଓଡ଼ିଆ ସାହିତ୍ୟର ଆଦ୍ୟ ସ୍ମର କବି ଭାବରେ ସାରଳା ଦାସ ପରିଚିତ । ତାଙ୍କ ରଚିତ 'ମହାଭାରତ', 'ବିଚିତ୍ର ରାମାୟଣ', 'ଚଣ୍ଡୀ ପୁରାଣ', 'ଲକ୍ଷ୍ମୀନାରାୟଣ ବଚନିକା' ଗୋଟିଏ ଗୋଟିଏ ଅମୂଲ୍ୟ କୀର୍ତ୍ତି । ଦୈବୀ କୃପା ଲାଭ କରି ଏସବୁ ରଚନା କରିଥିବା କଥା କବି ନିଜେ କହିଥିଲେ ମଧ ତାଙ୍କର ସୃଷ୍ଟିରୁ ସେ ଜଣେ ବିଦ୍ୱାନ ପଣ୍ଡିତ ଥିଲେ ଏକଥାକୁ ଅବିଶ୍ୱାସ କରିହୁଏ ନାହିଁ । ମୌଳିକ କଥାବସ୍ତୁ ଓ ବିଚିତ୍ର ବର୍ଣ୍ଣନା ଶୈଳୀ ତାଙ୍କ କୃତିତ୍ୱର ଶ୍ରେଷ୍ଠ ନିଦର୍ଶନ । ମହାଭାରତରେ ସାହାଡ଼ା ବୃକ୍ଷ ପରି ଅନେକଗୁଡ଼ିଏ କଳ୍ପନା ପ୍ରସୂତ କାହାଣୀର ପ୍ରତିଫଳନ ହୋଇଛି ତା ମଧ୍ୟରୁ ସାହାଡ଼ା ବୃକ୍ଷ ଗୋଟିଏ ।

ସାହାଡ଼ା ବୃକ୍ଷ ସମ୍ବନ୍ଧରେ ସୁନ୍ଦର କଥା ବସ୍ତୁଟିଏ କବି ଅବତାରଣା କରିଛନ୍ତି । ଗୋଟିଏ ସାଧାରଣ ବୃକ୍ଷକୁ ସେ ଅସାଧାରଣ ବେଶରେ ସଜାଇ ପାଠକ ଆଗରେ ଉପସ୍ଥାପନ କରିଛନ୍ତି । ସାହାଡ଼ା ବୃକ୍ଷକୁ ପୂଜା କରିଲେ କ'ଣ ଲାଭ ହୁଏ ତାହାର ସେ ଦୃଷ୍ଟାନ୍ତ ଦେଇଛନ୍ତି । ମହାଭାରତର ଧୃତରାଷ୍ଟ୍ର ଓ ଗାନ୍ଧାରୀ ମିଳନର କାହାଣୀ ଏହି ସାହାଡ଼ା ବୃକ୍ଷରୁ ହିଁ ଆରମ୍ଭ ହୋଇଛି । ଅଭିଶପ୍ତ ଜୀବନ ବିତାଉଥିବା ଗାନ୍ଧାରୀ ସାହାଡ଼ା ବୃକ୍ଷକୁ ବିବାହ କଲାପରେ ସେ ଗଛ ଜଳିଯାଇଛି ଓ ସେ ଦୋଷମୁକ୍ତ ହୋଇ ଧୃତରାଷ୍ଟ୍ରଙ୍କୁ ବିବାହ କରି ସୁଖରେ ରହିଛନ୍ତି । ସାହାଡ଼ାବୃକ୍ଷ ମହାପାତକ ନାଶକ ଓ ମହାକଳ୍ପର ପ୍ରତୀକ । ସାହାଡ଼ା ବୃକ୍ଷକୁ ନେଇ ବ୍ୟାସ ଗାନ୍ଧାର ସେନ ରାଜାଙ୍କୁ ଯେଉଁ ଗଳ୍ପ କହିଛନ୍ତି ସେଥିରେ ଶିବ ଓ ବୃଷଭଙ୍କୁ ମାଧ୍ୟମ କରାଯାଇଛି ।

ଖାଲି ସାହାଡ଼ା ବୃକ୍ଷ ନୁହେଁ ଏଥିରେ ବରକୋଳି ଗଛର ପତ୍ର, ତୁଳସୀ ଗଛର ପତ୍ର ଓ ଶ୍ୱେତ ଦୁବର ମାହାତ୍ମ୍ୟ ମଧ ବର୍ଣ୍ଣିତ । ଏସବୁକୁ ମହାକବି ନିଜ ମୌଳିକତାରେ ମହନୀୟ କରିଛନ୍ତି । ପରିଶେଷରେ ବୃକ୍ଷର ମାହାତ୍ମ୍ୟର ଯଥାର୍ଥତା ବୃଷଭର ଦିବ୍ୟ ଅନ୍ନ ଭୋଜନ ମଧ୍ୟରେ ପ୍ରମାଣିତ ହୋଇଛି । ପାର୍ବତୀ ମାଧ୍ୟମରେ ଗୁଆଣି (ଗୁହାଳରେ)ରେ ଥୋଇ ଭକ୍ତର ମନବାଞ୍ଛା ପୂର୍ଣ୍ଣ କରିବା ସଙ୍ଗେ ସଙ୍ଗେ ବୃକ୍ଷର ମାହାତ୍ମ୍ୟକୁ ଯଥାର୍ଥତା ପ୍ରଦାନ କରିଛନ୍ତି ।

(ଘ) 'ଗୋଲକ ବୃକ୍ଷ'ର ମାହାତ୍ମ୍ୟ ଉପସ୍ଥାପନରେ କବି ସାରଳା ଦାସଙ୍କ କଳ୍ପନା ବିଳାସର ପରିଚୟ ପ୍ରଦାନ କର ।

ଉ.: ଓଡ଼ିଆ ସାହିତ୍ୟର ସାରଥୀ ହେଉଛନ୍ତି ସାରଳା ଦାସ । ପରିପୂର୍ଣ୍ଣ ମୌଳିକ ସୃଷ୍ଟିର କର୍ଣ୍ଣଧାର । ଓଡ଼ିଶାର ସାମାଜିକ, ସାଂସ୍କୃତିକ ଐତିହାସିକ ପୃଷ୍ଠଭୂମି ଉପରେ ପ୍ରତିଷ୍ଠିତ ତାଙ୍କର କାବ୍ୟ କୋଣାର୍କ । ବିଷ୍ଣୁପୁରାଣ, ବିଚିତ୍ର ରାମାୟଣ, ଲକ୍ଷ୍ମୀ ପୁରାଣ ଆଦି ପ୍ରତ୍ୟେକଟି ସୃଷ୍ଟିରେ ସେ ସାମାଜିକ ଜୀବନର ଚିତ୍ର ସହିତ କଳ୍ପନାର ସଂଯୋଗ କରିଛନ୍ତି । ଯାହା

ପରବର୍ତ୍ତୀ ପର୍ଯ୍ୟାୟର ସାମାଜିକ ଜୀବନ ଧାରାକୁ ଶୃଙ୍ଖଳିତ ଓ ନୀତିବାନ କରିଛି ।

ଆଲୋଚ୍ୟ କବିତା 'ସାହାଡ଼ା ବୃକ୍ଷ' ଏକ ଲୋକକଥାର ଉପସ୍ଥାପନା । ଏଥିରେ ଭଗବାନ ଭକ୍ତକୁ ପରୀକ୍ଷାରେ ପକାଇଛନ୍ତି ଏକ ବୃକ୍ଷର ମାହାତ୍ମ୍ୟ ମାଧ୍ୟମରେ । ଗୋଟିଏ ଦୁବଘାସକୁ ବି ସେ ମହାନତା ପ୍ରଦାନ କରିଛନ୍ତି । କ୍ଷୁଦ୍ର ମଧ୍ୟରେ ବୃହତ ସତ୍ତାର ଅନୁଭବ ସେ କରାଇଛନ୍ତି । ବରକୋଳି ଗଛର ପତ୍ର କିପରି ବିଘ୍ନନାଶକ ସେକଥା ମଧ୍ୟ ସେ ଉପସ୍ଥାପିତ କରିଛନ୍ତି । ତୁଳସୀର ମାହାତ୍ମ୍ୟ ସମସ୍ତଙ୍କୁ ଜ୍ଞାତ ଥିଲେ ବି ତା'ର ଗଳିତ ଶୁଖିଲା ପତ୍ର ଯେ ଅଦରକାରୀ ନୁହେଁ ଏହା ବିଶ୍ୱାସ ଭାଜନ କରାଇଛନ୍ତି । ବୈତରଣୀ ନଦୀ କୂଳରେ ଭଗବାନ ଶିବଙ୍କ ସହିତ ସାହାଡ଼ା ବୃକ୍ଷକୁ ନେଇ ଯେଉଁ ବାଦାନୁବିବାଦ ହୋଇଛି ସେଥିରେ ବୃଷଭ ମାଧ୍ୟମରେ ସାହାଡ଼ା ବୃକ୍ଷକୁ ଅଗ୍ରାଧିକାର ଦଆଯାଇଛି ।

ଶିବ ପାର୍ବତୀଙ୍କ ଅମୃତ ମଣୋହୀ କଥା ବସ୍ତୁଟି ଗୋଟିଏ ସୁନ୍ଦର ପରିକଳ୍ପନା । ଏଥିରେ ଗୋଟିଏ ସାଧାରଣ ଘରଣୀ ପରି ପାର୍ବତୀ ସ୍ୱାମୀଙ୍କ ପାଇଁ ମନଲାଖି ରାନ୍ଧଣା ରାନ୍ଧି ଅପେକ୍ଷା କରିଛନ୍ତି । ମାତ୍ର ବହୁ ବିଳମ୍ବ ପାଇଁ ଖାଇ ବସିଛନ୍ତି । ସ୍ୱାମୀଙ୍କର ଉପସ୍ଥିତି ତାଙ୍କୁ ବିବ୍ରତ କରିଛି ସେ ଖାଇବା ଅଧାରୁ ଉଠି ସ୍ୱାମୀଙ୍କ ସେବାରେ ଲାଗି ପଡ଼ିଛନ୍ତି । ଗାଁ ଗୁହାଳରେ ଚାଷୀ ତା ଗାଈଗୋରୁ ପାଖରେ ଘାସ ପାଣି ଇତ୍ୟାଦି ଦିଏ । ଶିବ ନନ୍ଦିକେଶ୍ୱର ମାଧ୍ୟମରେ ବୃଷଭକୁ ଉପବାସରେ ରଖିବାକୁ ଚେଷ୍ଟା କରିଛନ୍ତି । ମାତ୍ର ନିଜର ଭକ୍ତି ଓ ବିଶ୍ୱାସ ବଳରେ ଆବଦ୍ଧ କୋଠରି ଭିତରେ ବୃଷଭ ପେଟପୁରା ଖାଇଛି ସେ ପୁଣି ଯେଉଁ ପ୍ରଭୁଙ୍କ ଦ୍ୱାରା ସେ ଉପବାସରେ ବନ୍ଧା ହୋଇଛି ତାଙ୍କରି ଖାଦ୍ୟ । ବୃଷଭ ପାଖକୁ ଖାଦ୍ୟ ପହଞ୍ଚିବାର କାରଣ ଯେତେବେଳେ ଶିବ ପାର୍ବତୀଙ୍କୁ ପଚାରିଛନ୍ତି ପାର୍ବତୀ ସେଇ ଦିବ୍ୟ ସଂଯୋଗର କଥା ଶିବଙ୍କୁ କହିଛନ୍ତି । ଯାହାର ଯେତେବେଳେ ଭାଗ୍ୟରେ ଲେଖା ଅଛି ତାହାହିଁ ହୋଇଛି । 'ସାହାଡ଼ା ବୃକ୍ଷ' କବିତାରେ କବିଙ୍କର କଳ୍ପନା ପ୍ରବଣତା ଖୁବ୍ ଉଚ୍ଚକୋଟୀର ହୋଇପାରିଛି ।

(ଙ) କାହାଣୀ ପରିକଳ୍ପନା, ଶବ୍ଦ ସଂଯୋଜନା ଓ ବିଷୟବସ୍ତୁ ଉପସ୍ଥାପନାରେ ସାରଳା ଦାସଙ୍କ ମୌଳିକତା ବିଚାର କର ।

ଉ.: କବିହିଁ ସମୟର ସଜ୍ଞାନ ବନ୍ଧୁ । ବ୍ୟକ୍ତି ହୋଇ ସେ ନୈର୍ବକ୍ତିକ । ଧରଣୀରେ ଥାଇ ମଧ୍ୟ ଅମର ଲୋକର କଳ୍ପନାମୟ । କବି ସାରଳାଦାସ ମାନବ ହୋଇ ମଧ୍ୟ ଦେବତାଙ୍କର ଆଶିଷ ବିମଣ୍ଡିତ । ଏକ କୃଷକ ପରିବାରର ଅଭାବ ଅନଟନ ଭିତରେ ଘାଣ୍ଟିହୋଇ ଶକ୍ତି କୃପାରୁ ସେ ଅସୀମ ବୁଦ୍ଧି ଓ ଶକ୍ତିର ଅଧିକାରୀ ହୋଇଛନ୍ତି । ଯାହାର ଫଳଶ୍ରୁତି ହେଉଛି ତାଙ୍କର କାବ୍ୟ କୋଣାର୍କ । ତାଙ୍କ ରଚିତ ମହାକାବ୍ୟ ସମ୍ପୂର୍ଣ୍ଣ ଲୋକଭାଷାରେ ରଚିତ ହୋଇ ଓଡ଼ିଆ ଜାତିର ଅନ୍ତଃସ୍ଥଳରେ କ୍ରାନ୍ତିକାରୀ ବିପ୍ଳବ ସୃଷ୍ଟି କରିବାରେ ସକ୍ଷମ ହୋଇଛି । ଓଡ଼ିଆ ସାହିତ୍ୟର ଜୀବନ୍ୟାସ କ୍ଷେତ୍ରରେ ତାଙ୍କର ସୃଷ୍ଟି ପ୍ରଶଂସନୀୟ । ମହାଭାରତ ବ୍ୟତୀତ 'ଚଣ୍ଡୀପୁରାଣ', 'ବିଲଙ୍କା ରାମାୟଣ', 'ଲକ୍ଷ୍ମୀନାରାୟଣ ବଚନିକା' ଆଦି ଗ୍ରନ୍ଥ ପାଇଁ ସେ ପ୍ରସିଦ୍ଧ ।

କାହାଣୀ ପରିକଳ୍ପନା, ଅଲୌକିକ କଳ୍ପନା ଚାତୁରୀ, ବର୍ଣ୍ଣନାବିଳାସ ପରିବେଶରେ ଚମତ୍କାରିତା, ଚରିତ୍ର ଚିତ୍ରଣରେ ନୂତନତା, ବହୁଶାସ୍ତ୍ରଦର୍ଶିତା, ସାମାଜିକ ଜୀବନ ଚର୍ଯ୍ୟା ଓ ଶବ୍ଦ ସଂଯୋଜନା ଆଦି ଏପରି ଭାବରେ ତାଙ୍କ ସୃଷ୍ଟିରେ ବିଶଦ୍ ଓ ପ୍ରାଞ୍ଜଳ ଭାବେ ପରିପ୍ରକାଶ ହୋଇଛି ତାକୁ ଅନୁଭବ କଲେ ପାଠକ ଜାଣିପାରିବେ । ସାହାଡ଼ା ବୃକ୍ଷ କବିତାରେ କବି ସାହାଡ଼ା ବୃକ୍ଷର ମାହାତ୍ମ୍ୟକୁ ବୃଦ୍ଧି କରିବା ପାଇଁ କୁରୁବଂଶର ଦାୟାଦ ଜ୍ୟେଷ୍ଠପୁତ୍ର ଧୃତରାଷ୍ଟ୍ର ଓ ପତ୍ନୀ ଗାନ୍ଧାରୀଙ୍କୁ ମୁଖ୍ୟ ଭାବରେ ନିଆଯାଇଛି ଗାନ୍ଧରସେନ ମଧ୍ୟ ସାହାଡ଼ା ବୃକ୍ଷକୁ ନିଜ ନବର ମଧ୍ୟରେ ପୂଜାକରି ଆସୁଥିବା

କଥା କହିଛନ୍ତି । ବ୍ୟାସଦେବଙ୍କ ମୁଖରେ ସାହାଡ଼ା ମାହାତ୍ମ୍ୟ ଗାନ୍ଧାରସେନଙ୍କୁ ବୁଝାଇବା ବେଳେ ଶିବପାର୍ବତୀ ଓ ବୃଷଭ ଚରିତ୍ରକୁ ନେଇଛନ୍ତି । ଏହି ଶିବ ପାର୍ବତୀଙ୍କ ମାଧ୍ୟମରେ ଏକ ସୁନ୍ଦର କଥାବସ୍ତୁଟିଏ ସୃଷ୍ଟି କରିଛନ୍ତି । ଏହି ମାହାତ୍ମ୍ୟ ବର୍ଣ୍ଣନା ଭିତରେ କବି ସାହାଡ଼ା, ବରକୋଳି, ଶ୍ୱେତଦୁବ, ତୁଳସୀ ପ୍ରଭୃତି ଗଛର ମାହାତ୍ମ୍ୟ ବିଷୟରେ ଅବଗତ କରାଇବା ସଙ୍ଗେ ସଙ୍ଗେ ତା'ର ସତ୍ୟତାକୁ ମଧ୍ୟ ପ୍ରମାଣ କରିଛନ୍ତି । ପ୍ରାକୃତ ଭାଷାରେ ବର୍ଣ୍ଣିତ ଉପଯୁକ୍ତ କାହାଣୀର ସଠିକ୍ ସ୍ଥାନରେ ପ୍ରୟୋଗ କରି କବିତାକୁ କବି ସରସ ସୁନ୍ଦର କରିଛନ୍ତି ।

ଶିବ ସକଳ ବିଘ୍ନବିନାଶର, ସକଳ କାରଣର କାରଣ ତାଙ୍କ ବାହାନ ହୋଇ ବୃଷଭ ତାଙ୍କ ଆଖି ଆଗରେ ଗୋଟେ ସାହାଡ଼ା ପତ୍ର ମୁଣ୍ଡରେ ଲଗାଇ ଭାଗ୍ୟ ଫଳ ପରଖିଛି । ଶିବ ଏସବୁ ଘଟଣାର ପରୀକ୍ଷା କରିବାକୁ ବୃଷଭକୁ ନିର୍ଜଳାରେ ନନ୍ଦିକେଶ୍ୱର ଦ୍ୱାରା ଗୁଆଣିରେ ନେଇ ବାନ୍ଧି ଜଗିଛନ୍ତି । ପୁଣି ଦିନରାତି ପିଠିରେ ବୋହି ଉପବାସରେ ଶୋଇଥିବ ଭାବି ଦେଖିଲା ବେଳକୁ ବୃଷଭ ଶିବ ଯେଉଁ ପ୍ରସାଦ ଖାଇଛନ୍ତି ସେଇ ପ୍ରସାଦ ହିଁ ଖାଇଛି । କେହି ଜାଣିଶୁଣି ତାକୁ ଖାଦ୍ୟ ନଦେଇ ମଧ୍ୟ ଖାଦ୍ୟ ତା ପାଖରେ ପହଞ୍ଚି ଯାଇଛି । ସ୍ୱାମୀଙ୍କ ଫେରିବା ବାଟକୁ ଚାହିଁବା ଭଳି ମାନବୀୟ ଲୀଳାର ପରିପ୍ରକାଶ ଘଟିଛି ଶିବ ପାର୍ବତୀ ମାଧ୍ୟମରେ । ପୁଣି ସ୍ୱାମୀଙ୍କର ଫେରିବା ବିଳମ୍ବ ହେବାରୁ ଅତିଶୟ କ୍ଷୁଧା ପାଇଁ ଖାଇ ବସିବା ବେଳେ ସ୍ୱାମୀ ଆସିଯିବାରୁ ତରବରରେ ଅଧା ଖାଇ ଉଠି ସ୍ୱାମୀଙ୍କ ସେବା ଆରମ୍ଭ କରିଦେଇଛନ୍ତି ପାର୍ବତୀ । ଜନ ମାନସକୁ ପ୍ରଭାବିତ କରିବା ଭଳି ବର୍ଣ୍ଣନା ଶୈଳୀ, କଥାବସ୍ତୁ ଓ ପରିକଳ୍ପନାର ଅବତାରଣା କରିଛନ୍ତି କବି ।

ସମଗ୍ର 'ସାହାଡ଼ା ବୃକ୍ଷ' କବିତାଟି ପୁରାଣ, ଲୋକକଥା ସାମାଜିକ ଚଳଣୀ, ମୌଳିକତା ଓ କଳ୍ପନା ବିଳାସରେ ପରିପୂର୍ଣ୍ଣ । ବ୍ୟାସଦେବଙ୍କ ମୁଖରେ ସାହାଡ଼ା ମାହାତ୍ମ୍ୟ ବର୍ଣ୍ଣନା କରି ଏକ ବୃକ୍ଷ କିପରି ସୁସ୍ୱାଦୁ ଭୋଜନର କାରଣ ହୋଇ ପାରିଛି ତା'ର ବର୍ଣ୍ଣନା କାହାଣୀ ମାଧ୍ୟମରେ ପ୍ରକାଶିତ ।

# ବିଷୟ-ଶାପ ମୋଚନ

## କବି - ଜଗନ୍ନାଥ ଦାସ

### କବି ପରିଚୟ :

ଜଗନ୍ନାଥ ଦାସ ଓଡ଼ିଆ ସାହିତ୍ୟ ଓ ଜନଜୀବନର ଜଣେ ସୁପରଚିତ କବି । ତାଙ୍କ ଜୀବନ କାହାଣୀ ରହସ୍ୟମୟ ମାତ୍ର ତାଙ୍କର ସୃଷ୍ଟିଗୁଡ଼ିକ ଅମୃତମୟ । ତାଙ୍କ ରଚିତ ଭାଗବତ ଓଡ଼ିଆ ଜାତିର ଜୀବନବେଦ । ବେଦକୁ ଯେପରି ଆଚରଣ ସଂହିତାର ମାନ୍ୟତା ମିଳିଛି ଓଡ଼ିଆ ହୃଦୟରେ ଭାଗବତକୁ ସେହି ସ୍ଥାନ ଦେଇଛନ୍ତି ଉତ୍କଳୀୟମାନେ । ଏହି ପ୍ରସିଦ୍ଧ ଲୋକପ୍ରିୟ କବି ପୁରୀ କପିଳେଶ୍ୱରପୁର ଶାସନ ଠାରେ ଜନ୍ମଗ୍ରହଣ କରିଥିବାର 'ଜଗନ୍ନାଥ ଚରିତାମୃତ'କୁ ଆଧାର କରି ଜଣାଯାଏ ଓ ଆନୁମାନିକ ସମୟ ୧୪୯୭ ଖ୍ରୀଷ୍ଟାବ୍ଦ । ଜଗନ୍ନାଥ ଦାସ ବହୁ କାବ୍ୟର ସ୍ରଷ୍ଟା । ବିପୁଳ ସୃଷ୍ଟିସମ୍ଭାର ଭିତରୁ ଭାଗବତଙ୍କୁ ଶ୍ରେଷ୍ଠ ମାନ୍ୟତା ମିଳିଛି । ମାନବଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିବା ଏହି ଗ୍ରନ୍ଥରେ ଧର୍ମ, ଅର୍ଥ, କାମ, ମୋକ୍ଷାଦି ଈଶ୍ୱରୀୟ ରୂପ ପ୍ରକାଶ ପାଇଛି । କୋରାନ୍ ଓ ବାଇବେଲ ପରି ଏହା ଓଡ଼ିଆ ହୃଦୟରେ ହିନ୍ଦୁଧର୍ମ ଗ୍ରନ୍ଥର ଶ୍ରେଷ୍ଠ ମର୍ଯ୍ୟାଦା ଲାଭ କରିଛି । ପିତା ଭଗବାନ ଦାସ ଓ ମାତା ପଦ୍ମାବତୀଦେବୀ ଥିଲେ ଧର୍ମପରାୟଣ । ତାଙ୍କର ପିତା ଭଗବାନ ଦାସ ଥିଲେ ପୁରାଣ ପଣ୍ଡା । ତେଣୁ ଜଗନ୍ନାଥ ଦାସ ଏକ ଧର୍ମୀୟ ପରବେଶରୁ ବଢ଼ି ପ୍ରସିଦ୍ଧ ଭାଗବତ ଗ୍ରନ୍ଥ ରଚନା କରିବାର ପ୍ରେରଣା ପାଇଥିଲେ । ଭାଗବତକୁ ବାଦ୍‌ଦେଇ ତାଙ୍କର ଅନ୍ୟାନ୍ୟ ସୃଷ୍ଟିଗୁଡ଼ିକ ହେଲା 'ତୁଳାଭିଣା', 'ଅର୍ଥ କୋଇଲି', 'ଦାରୁ ବ୍ରହ୍ମଗୀତା', 'ଶୈବାଗମ ଭାଗବତ', 'କାଳୀୟ ଦଳନ', 'ଶୂନ୍ୟ ଭାଗବତ', 'ମୃଗୁଣୀ ସ୍ତୁତି', 'ରାସକ୍ରୀଡ଼ା', 'ଷୋଳ ଚଉପଦୀ', 'ଗୁଣ୍ଡିଚା ବିଜେ', 'ଧ୍ରୁବ ଚରିତ', 'ଶ୍ରୀନାମଚନ୍ଦ୍ରିକା', 'ଅନାମୟ କୁଣ୍ଡଳୀ', 'ଭୂଗୋଳ ଏକାଦଶ ସ୍କନ୍ଦ', 'ନୀଳଗିରି ଧ୍ୟାନ', 'ନିତ୍ୟ ନିଳାଦ୍ରୀ ବିଳାସ', 'ନିତ୍ୟଗୁପ୍ତ ଚୂଡ଼ାମଣି' ଓ ଅସଂଖ୍ୟ ଭଜନ ଓ ଜଣାଣ ଇତ୍ୟାଦି । କେବଳ ଓଡ଼ିଆ ସାହିତ୍ୟକୁ ପୁରପଲ୍ଲୀର ସବୁ ବର୍ଗର ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ପାଇଁ ସେ ତତ୍ସମ, ତଦ୍ଭବ, ଦେଶଜ ଶବ୍ଦ ସମୂହକୁ ମିଶାଇ ଭାଗବତ ରୂପୀ ଏକ ସର୍ବଜନ ବୋଧ ଗ୍ରନ୍ଥ ସୃଷ୍ଟିକଲେ, ଯାହା ଭାଗବତ ଟୁଙ୍ଗୀ ଓ ଜନ୍ମ ବେଳଠୁ ଆରମ୍ଭ କରି ମଶାଣି ଭୂଇଁ ପର୍ଯ୍ୟନ୍ତ ସବୁ କାର୍ଯ୍ୟରେ ଲାଗିଛି । ଚୈତନ୍ୟଙ୍କର ବୈଷ୍ଣବ ଧର୍ମ ଦ୍ୱାରା ସେ ପ୍ରଭାବିତ ହୋଇଥିଲେ ଓ ଅତିବଡ଼ି ଉପାଧି ପାଇଥିଲେ । ଜଗନ୍ନାଥ ଦାସଙ୍କ ସାଧନା ପୀଠ 'ବଡ଼ ଓଡ଼ିଆ ମଠ' ଏବେବି ଜଗନ୍ନାଥଙ୍କ ପ୍ରେମୀ ସାଧକ ମାନଙ୍କର ପୁଣ୍ୟ ସ୍ଥଳୀ ଓ ମାର୍ଗ ଦର୍ଶକ ହୋଇରହିଛି ।

### ଶାପମୋଚନ କବିତା ସମ୍ପର୍କରେ :

'ଶାପମୋଚନ' କବିତାଟି ଜଗନ୍ନାଥ ଦାସଙ୍କ ଅକ୍ଷୟ କୀର୍ତ୍ତି ଭାଗବତର ଦଶମସ୍କନ୍ଧ ୬୯ ଅଧ୍ୟାୟ 'ନୃପରାଜାମୋକ୍ଷଣ' ପ୍ରସଙ୍ଗ ଭାବେ ବର୍ଣ୍ଣିତ । ଦ୍ୱାରକାପୁରରେ କୃଷ୍ଣକୁମାରମାନେ ପ୍ରଦ୍ୟୁମ୍ନ ଶାମ୍ବ ଆଦି ବହୁ କୁମାର ଖେଳିବାକୁ ଯାଇଛନ୍ତି । ବଣରେ ଶୋଷ ଲାଗିବାରୁ ସେମାନେ ନିକଟରେ ଏକ କୂଅ ପାଖରେ ପହଞ୍ଚି ଜଳ ପିଇବା ଆଶାରେ କୂଅ ଭିତରକୁ ଚାହିଁବା ପରେ ଏକ ଅଦ୍ଭୁତ ଜୀବ ପର୍ବତ ଆକାର ଏଣ୍ଡୁଅ ପରି ଶରୀର ଦେଖି ପାଣିପିଇବା କଥା ଭୁଲି ତାକୁ ଉଦ୍ଧାର କରିବା ପାଇଁ ତା ଲାଙ୍ଗୁଡ଼ରେ ଦଉଡ଼ି ଲଗେଇ ଟାଣିଛନ୍ତି । ଏପରିକି ସମସ୍ତ କୁମାର ମିଳିତ ହୋଇ ମଧ ତାକୁ କୂଅରୁ ଉଦ୍ଧାର କରିନପାରି ଲଜ୍ଜିତ ଅନୁଭବ କରିଛନ୍ତି । ନିଜର ଓ ଦ୍ୱାରକା ବଂଶର ଏହା ମର୍ଯ୍ୟାଦାର ପ୍ରଶ୍ନ ହୋଇଥିବାରୁ କୃଷ୍ଣଙ୍କୁ ଯାଇ କହିଛନ୍ତି । କୃଷ୍ଣ ଆସି କୃକଳାସର ଲାଞ୍ଜଟିକୁ ଧରି ଫୁଲମାଳ ପରି ଟେକି ଆଣିଛନ୍ତି । କୃଷ୍ଣଙ୍କର କରସ୍ପର୍ଶ ପାଇବା ପରେ ସେ ଜୀବଟି ହଠାତ୍ ଦିବ୍ୟ ସୁନ୍ଦର ରାଜପୁରୁଷ ରୂପେ ଛିଡ଼ା ହୋଇଛି ।

ଏହାର ରହସ୍ୟ କ'ଣ କୃଷ୍ଣ ପଚାରିବାରୁ କୃକଳାସରୁ ରାଜକୁମର ହୋଇଥିବା ଯୁବକ ନିଜର ପରିଚୟ ପ୍ରଦାନ କରିବା ପୂର୍ବରୁ ପ୍ରଥମେ ସ୍ୱୟଂ କୃଷ୍ଣ ଭଗବାନଙ୍କୁ କହିଛି ପ୍ରଭୁ ତୁମେ ତ ସବୁ ଜାଣ ପୁଣି ମୋ ମୁହଁରୁ ଶୁଣିବାକୁ ଚାହୁଁଛ । କୃକଳାସ ତା'ର ଜୀବନ କାହାଣୀକୁ ବର୍ଣ୍ଣନା କରିଛି । ସେ ଜଣେ ରାଜା । ତା'ର ଜନ୍ମ ଇକ୍ଷ୍ୱାକୁ ବଂଶରେ, ନାମ ନୃଗରାଜା । ଦାନୀ ପଣରେ ସେ ଜଗତରେ ଶ୍ରେଷ୍ଠ । ଭୂମିରେ ଯେତେ ଧୂଳି, ଗଗନରେ ଯେତେ ତାରା, ବରଷାର ଯେତେ ଧାରା, ସେହି ପରିମାଣରେ ଗାଈ ସେ ବିପ୍ରମାନଙ୍କୁ ଦାନ କରିଥିଲେ । ଦାନ କରିବା ଭିତରେ ଗୋଟିଏ ଦାନ ହୋଇଥିବା ଗାଈ ପୁଣି ବିପ୍ର ହାତରୁ ଖସି ଆସି ଗୋଠରେ ମିଶିଛି । ପୁନର୍ବାର ସେ ଗାଈ ଦାନ ହୋଇଯାଇଛି । ଗାଈ ଦ୍ୱିତୀୟ ବ୍ରାହ୍ମଣ ନେଇଯିବା ବାଟରେ ପ୍ରଥମ ବ୍ରାହ୍ମଣ ଚିହ୍ନିଛି । ଦୁହେଁ ପରସ୍ପର ମଧ୍ୟରେ ଝଗଡ଼ା ଲାଗିଛନ୍ତି । ରାଜା କାନକୁ କଥା ଆସିଛି । ପୂର୍ବରୁ ଦାନ ହୋଇଥିବା ଗାଈ ବଦଳରେ ଅନ୍ୟ ଗାଈ ନେବା ପାଇଁ ରାଜାଙ୍କ କଥାକୁ ପ୍ରଥମ ବ୍ରାହ୍ମଣ ରଖିନାହିଁ । ଦାନ ଗାଈକୁ ପୁନର୍ବାର ଦାନ ଦେଇଥିବା ହେତୁ ବ୍ରାହ୍ମଣ ଦ୍ୱାରା ଶାପଗ୍ରସ୍ତ ହୋଇଛି । ଯମଲୋକରେ ମହାପାତକ ଦୋଷ ଲାଗିଥିବାରୁ ମର୍ତ୍ତ୍ୟରେ କୃକଳାସ ରୂପରେ ଅନ୍ଧକୂପ ମଧ୍ୟରେ ପଡ଼ି ରହିଛି ଓ ଶାପମୋଚନ କିପରି ହେବ ସେକଥା ମଧ୍ୟ ଯମରାଜା କହିଛନ୍ତି । ସର୍ବଶେଷରେ କୃଷ୍ଣଙ୍କର ସ୍ପର୍ଶରେ ସେ ଶାପମୋଚନ ହୋଇ ପୁନର୍ବାର ପାଇ ସ୍ୱର୍ଗରେ ଦେବତାମାନଙ୍କ ସହିତ ବସିବାକୁ ଶୂନ୍ୟଗାମୀ ହୋଇଛୁ ।

**୧. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ପ୍ରଶ୍ନର ମୂଲ୍ୟ ୧ ନମ୍ବର । ସମ୍ଭାବ୍ୟ ୪ ଗୋଟି ଗୋଟି ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ ।**

(କ) ଶୁକ କେଉଁ ରାଜାଙ୍କୁ ଦ୍ୱାରକାପୁର କଥା କହିଛନ୍ତି ?

(ଯୁଧିଷ୍ଠିର, ପରୀକ୍ଷିତ, ନୃଗରାଜ, ନନ୍ଦ)

ଉ.: ପରୀକ୍ଷିତ ।

(ଖ) ପ୍ରଦ୍ୟୁମ୍ନ, ଶାମ୍ବ ଆଦି ଖେଳିବା ପରେ ବନ ମଧ୍ୟରେ କ'ଣ ଖୋଜୁଥିଲେ ?

(ଫୁଲ, ବାରି, ଫଳ, ଜନ୍ତୁ)

ଉ.: ବାରି ।

(ଗ) କୂପରେ ପଡ଼ିଥିବା ଅଦ୍ଭୁତ ଜନ୍ତୁଟି ଦେଖିବାକୁ କିପରି ?

(ହାତୀ ସଦୃଶ, ବିରାଟ ବୃକ୍ଷ ସଦୃଶ, ପର୍ବତ ସଦୃଶ, ଅଶ୍ୱ ସଦୃଶ)

ଉ.: ପର୍ବତ ସଦୃଶ ।

(ଘ) କୂପରେ ପଡ଼ିଥିବା ଅଦ୍ଭୁତ ଜନ୍ତୁଟିର ନାମ କ'ଣ ?

(ବାଘ, ସିଂହ, ନବଗୁଞ୍ଜର, କୃକଳାଶ)

ଉ.: କୃକଳାଶ ।

(ଙ) ଶ୍ରୀକୃଷ୍ଣଙ୍କ ପୁଅମାନେ ହାରି ଯିବାର ଶୁଣି କିଏ ହସିବେ ?

(ଚକ୍ରପାଣି, ରୋହିଣୀସୁତ, ସର୍ବଜନ, କୃକଳାଶ)

ଉ.: ସର୍ବଜନ ।

(ଚ) ରୋହିଣୀସୂତ କୃଷ୍ଣପୁତ୍ରମାନେ ହାରିଯିବା କଥା ଶୁଣି କ'ଣ ହେବେ ?

(ଖୁସି ହେବେ, ନିର୍ଦ୍ଦୟ ହେବେ, ପାଖକୁ ଡାକିବେ, ଆନନ୍ଦିତ ହେବେ)

ଉ.: ନିର୍ଦ୍ଦୟ ହେବେ ।

(ଛ) ଦ୍ୱାରକାପୁରର ବଧୂମାନେ କୃଷ୍ଣପୁତ୍ରମାନଙ୍କ ହାରିଯିବା କଥା ଶୁଣି ମୁହଁରେ କ'ଣ ଦେଇ ହସିବେ ?

(ବସନ, ତିରଣ, ହାତ, ମୁଖା)

ଉ.: ବସନ ।

(ଜ) ତଳକୁ ମୁହଁ କରି କୂପ ମଧ୍ୟରେ ପଡ଼ିଥିବା କୃକଳାଶ ଦେଖି କିଏ ଚକିତ ହେଲେ ?

(ପ୍ରଦ୍ୟୁମ୍ନ, ଶାମ୍ବ, ଦେବରାଜ, ଅନିରୁଦ୍ଧ)

ଉ.: ଦେବରାଜ ।

(ଝ) କିଏ କୃକଳାଶକୁ ତା' ପୂର୍ବଜନ୍ମ ବୃତ୍ତାନ୍ତ ବିଷୟରେ ପ୍ରଶ୍ନ କରିଥିଲେ ?

(ଶୁକ, ପରୀକ୍ଷିତ, କୃଷ୍ଣ, ବଳରାମ)

ଉ.: କୃଷ୍ଣ ।

(ଟ) କୃକଳାଶର ପୂର୍ବି ଜନ୍ମରେ କ'ଣ ଥିଲା ?

(ନୃଗରାଜ, ମୃଗରାଜ, ହସ୍ତୀରାଜ, ସିଂହରାଜ)

ଉ.: ନୃଗରାଜ ।

(ଠ) ନୃଗରାଜ କେଉଁ ବଂଶରେ ଜାତ ହୋଇଥିଲା ?

(ଦାସବଂଶ, ଇକ୍ଷ୍ୱାକୁ ବଂଶ, ନାଗବଂଶ, ସୋମବଂଶ)

ଉ.: ଇକ୍ଷ୍ୱାକୁ ବଂଶ ।

(ଡ) ପୃଥିବୀର ଦାନୀମାନଙ୍କ ମଧ୍ୟରେ କିଏ ଅଗ୍ରଣୀ ?

(ମାଉରାଜ, ଦଣ୍ଡରାଜ, ନାଗରାଜ, ନୃଗରାଜ)

ଉ.: ନୃଗରାଜ ।

(ଢ) ନୃଗରାଜ ଗାଈମାନଙ୍କ ଦୋହନ ପାଇଁ କେଉଁ ପାତ୍ର ଦାନ ଦେଇଥିଲେ ?

(ସୁବର୍ଣ୍ଣ, ରୌପ୍ୟ, କାଂସ୍ୟ, ଲୌହ)

ଉ.: କାଂସ୍ୟ ।

(ଣ) ନୃଗରାଜ କେଉଁ ମାପର ଭୂମି ବ୍ରାହ୍ମଣଙ୍କୁ ଦାନ ଦେଇଥିଲେ ?

(ଗୁଣ୍ଠେ, ଏକରେ, ଗୋ ଚର୍ମମାପ, ହସ୍ତୀପାଦ ମାପ)

ଉ.: ଗୋ ଚର୍ମମାପ ।

(ତ) ନୃଗରାଜ ଅଜ୍ଞାନରେ ପ୍ରଭାତରେ ବିପ୍ରହସ୍ତରେ କ'ଣ ଦାନ ଦେଲେ ?

(ଭୂମି, ସୁବର୍ଣ୍ଣ, ଗାଈ, ଅନ୍ନ)

ଉ.: ଗାଈ ।

(ଥ) ଉତ୍ସର୍ଗ ଦାନ ହରଣ କଲେ ଜୀବ ଅନ୍ତକାଳରେ କ'ଣ ଭୋଗକରେ ?

(ପାପ, ନର୍କ, ସ୍ୱର୍ଗ, ଭୂମି)

ଉ.: ନର୍କ ।

(ଦ) ବିପ୍ରର ବାକ୍ୟ ଶୁଣି ରାଜାଙ୍କ ମୁଣ୍ଡରେ କ'ଣ ପଡ଼ିଲା ?

(ଫୁଲ, ଚାଉଳ, ବଜ୍ର, ଶର)

ଉ.: ବଜ୍ର ।

(ଧ) ନୃଗରାଜ ପ୍ରଥମେ କେଉଁ ଭାରକୁ ବହନ କଲେ ?

(ପୁଣ୍ୟ, ପାପ, ଦୁଃଖ, ଶୋକ)

ଉ.: ପାପ ।

(ନ) ପାପ ଭୋଗର ଅନ୍ତେ ନୃଗରାଜା କାହାକୁ ଭେଟିବେ ବୋଲି ଯମ କହିଥିଲେ ?

(ମଦନ ଗୋପାଳ, ବିପ୍ର, ବ୍ରାହ୍ମଣ, ଯମରାଜା)

ଉ.: ମଦନ ଗୋପାଳ ।

**୨. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ : ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(କ) 'ଶାପମୋଚନ' କବିତା ଭାଗବତର କେଉଁ ସ୍କନ୍ଧରୁ ଉଦ୍ଧୃତ ହୋଇଛି ?

ଉ.: ଶାପମୋଚନ କବିତା ଭାଗବତର ଦଶମସ୍କନ୍ଧ (ଦ୍ୱାରକାଲୀଳା) ଅଧ୍ୟାୟରୁ ଗୃହୀତ ।

(ଖ) କୃଷ୍ଣଙ୍କର ଦୁଇପୁତ୍ରଙ୍କ ନାମ ଲେଖ ?

ଉ.: କୃଷ୍ଣଙ୍କର ଦୁଇପୁତ୍ରଙ୍କ ନାମ ହେଲା ପ୍ରଦ୍ୟୁମ୍ନ ଓ ଶାମ୍ବ ।

(ଗ) କୃଷ୍ଣ କୁମରମାନେ କ୍ରୀଡ଼ା କରିବା ପରେ କ'ଣ ଖୋଜିଲେ ?

ଉ.: କୃଷ୍ଣ କୁମରମାନେ କ୍ରୀଡ଼ା କରିବା ପରେ ତୃଷାରେ ଆତୁର ହୋଇ ଜଳ ଖୋଜିଲେ ।

(ଘ) ପ୍ରଦ୍ୟୁମ୍ନ ଓ ଶାମ୍ବ କୂପ ମଧ୍ୟରେ କ'ଣ ଦେଖିଲେ ?

ଉ.: ପ୍ରଦ୍ୟୁମ୍ନ ଓ ଶାମ୍ବ କୂପ ମଧ୍ୟରେ ପର୍ବତ ସଦୃଶ ଏକ ଅଦ୍ଭୁତ ଜନ୍ତୁ ପଡ଼ିଥିବା ଦେଖିଲେ ।

(ଙ) କୂପ ମଧ୍ୟରେ ପଡ଼ିଥିବା ଜୀବଟିର ନାମ କ'ଣ ?

ଉ.: କୂପ ମଧ୍ୟରେ ପଡ଼ିଥିବା ଜୀବଟିର ନାମ ହେଲା କୃକଲାଶ ।

(ଚ) କୃକଲାସର ଆକାର କିପରି ଥିଲା ?

ଉ.: କୃକଲାସର ଆକାର ପର୍ବତ ପରି ଥିଲା ।

(ଛ) କୃଷ୍ଣପୁତ୍ରମାନେ କୃକଲାଶର କେଉଁ ଅଂଶରେ ଦଉଡ଼ି ଲଗାଇ ଟାଣିବାକୁ ଲାଗିଲେ ?

ଉ.: କୃଷ୍ଣପୁତ୍ରମାନେ କୃକଲାଶର ଲାଙ୍ଗୁଡ଼ରେ ଦଉଡ଼ି ଲଗାଇ ଟାଣିବାକୁ ଲାଗିଲେ ।

(ଜ) କୃଷ୍ଣପୁତ୍ରମାନେ କୃକଲାଶକୁ କୂଅରୁ ଉଦ୍ଧାର ନ କରିପାରି କାହାକୁ ଜଣାଇଲେ ?

ଉ.: କୃଷ୍ଣପୁତ୍ରମାନେ କୃକଲାଶକୁ କୂଅରୁ ଉଦ୍ଧାର ନ କରିପାରି କୃଷ୍ଣଙ୍କୁ ଜଣାଇଲେ ।

(ଝ) ଦେବରାଜ କୃକଲାଶର କେଉଁ ଅଙ୍ଗକୁ ଧରି କୂପରୁ ବାହାର କଲେ ?

ଉ.: ଦେବରାଜ କୃକଲାଶର ଲାଞ୍ଜକୁ ଧରି କୂପରୁ ବାହାର କଲେ ।

(ଞ) ନୃଗରାଜ କେଉଁ ବଂଶରେ ଜାତ ହୋଇଥିଲେ ?

ଉ.: ନୃଗରାଜ ଇକ୍ଷ୍ୱାକୁ ବଂଶରେ ଜାତ ହୋଇଥିଲେ ।

(ଟ) ଶାପମୋଚନ କବିତାରେ କେଉଁ ଦାନୀ ରାଜାଙ୍କ କଥା କୁହାଯାଇଛି ?

ଉ.: ଶାପମୋଚନ କବିତାରେ ନୃଗ ଦାନୀ ରାଜାଙ୍କ କଥା କୁହାଯାଇଛି ।

(ଠ) କାହାକୁ ସର୍ବଭୂତଙ୍କ ଆତ୍ମା ବୋଲି କୁହାଯାଇଛି ?

ଉ.: କୃଷ୍ଣଙ୍କୁ ସର୍ବଭୂତଙ୍କ ଆତ୍ମା ବୋଲି କୁହାଯାଇଛି ।

(ଡ) ନୃଗରାଜଦାନ ଦେଇଥିବା ଗୋରୁମାନେ କେଉଁ ବର୍ଣ୍ଣର ଥିଲେ ?

ଉ.: ନୃଗରାଜଦାନ ଦେଇଥିବା ଗୋରୁମାନେ ସୁକପିଳ ବର୍ଣ୍ଣର ଥିଲେ ।

(ଢ) ଗୋରୁମାନଙ୍କୁ ଦୋହନ ପାଇଁ ନୃଗରାଜ କେଉଁ ପାତ୍ର ଦାନ ଦେଇଥିଲେ ?

ଉ.: ଗୋରୁମାନଙ୍କୁ ଦୋହନ ପାଇଁ ନୃଗରାଜ କାଂସ୍ୟ ପାତ୍ର ଦାନ ଦେଇଥିଲେ ।

(ଣ) ନୃଗରାଜାଙ୍କ ଦାନରେ ତ୍ରୁଟି ରହିଲା କେଉଁଠି ?

ଉ.: ନୃଗରାଜ ଦାନ ଦେଇଥିବା ଏକ ଗାଈ ଅଜ୍ଞାନତାରେ ପୁନର୍ବାର ଦାନ ଦେଇଥିଲେ ।

(ତ) ଧେନୁକୁ ଚିହ୍ନିବା ପରେ ବିପ୍ର ତା'ର କ'ଣ ଧରିଲା ?

ଉ.: ଧେନୁକୁ ଚିହ୍ନିବା ପରେ ବିପ୍ର ତା'ର ଲାଙ୍ଗୁଳକୁ ଧରିଲା ।

(ଥ) ଧେନୁ ତା'ର ବୋଲି ବିପ୍ରଙ୍କ ପ୍ରଶ୍ନରେ ବ୍ରାହ୍ମଣ କ'ଣ ଉତ୍ତର ଦେଲା ?

ଉ.: ଧେନୁ ତା'ର ବୋଲି ବିପ୍ରଙ୍କ ପ୍ରଶ୍ନରେ ବ୍ରାହ୍ମଣ କହିଲା ମୋ ହସ୍ତରେ ଏବେବି ଜଳ, ତୁଳସୀ କୃଶ ଅଛି ମୁଁ ଏବେ ଦାନ ଆଣିଛି ତୁ ଆଖି ଖୋଲି ଦେଖ ।

(ଦ) ବିପ୍ର ଧେନୁର କ'ଣ ଧରି ନିଜର ପୁରକୁ ଗଲା ?

ଉ.: ବିପ୍ର ଧେନୁର ଶିଙ୍ଘ ଧରି ନିଜର ପୁରକୁ ଗଲା ।

(ଧ) ବ୍ରାହ୍ମଣ ଧେନୁର ଲାଞ୍ଜ ଧରିବା ପରେ ଉଭୟଙ୍କ ମଧ୍ୟରେ କ'ଣ ହେଲା ?

ଉ.: ବ୍ରାହ୍ମଣ ଧେନୁର ଲାଞ୍ଜ ଧରିବା ପରେ ଉଭୟଙ୍କ ମଧ୍ୟରେ କଳି ହେଲା ।

(ନ) ଦୁଇ ବ୍ରାହ୍ମଣ କେଉଁଠାରେ କଳି କଲେ ?

ଉ.: ଦୁଇ ବ୍ରାହ୍ମଣ ପଥରେ କଳି କଲେ ।

(ପ) ବ୍ରାହ୍ମଣ ଦ୍ୱୟ ଉଚ୍ଚବାଚ ହୋଇ କେଉଁଠାରେ ଯାଇ ପହଞ୍ଚିଲେ ?

ଉ.: ବ୍ରାହ୍ମଣ ଦ୍ୱୟ ଉଚ୍ଚବାଚ ହୋଇ ନୃଗରାଜଙ୍କ ପୁରରେ ଯାଇ ପହଞ୍ଚିଲେ ।

(ଫ) ଦେଇଥିବା ଦାନ ହରଣ କଲେ କ'ଣ ହୁଏ ?

ଉ.: ଦେଇଥିବା ଦାନ ହରଣ କଲେ ନର୍କ ଭୋଗ ହୁଏ ।

(ବ) କ'ଣ କଲେ ନର୍କ ଭୋଗ ହୁଏ ବୋଲି ବିପ୍ର ନୃଗରାଜଙ୍କୁ କହିଛି ?

ଉ.: ଦେଇଥିବା ଦାନ ହରଣ କଲେ ନର୍କ ଭୋଗ ହୁଏ ବୋଲି ବିପ୍ର ନୃପରାଜଙ୍କୁ କହିଛି ।

(ଭ) ବିପ୍ରର ବାକ୍ୟ ଶୁଣି ନୃଗରାଜଙ୍କ ଶିରରେ କ'ଣ ପଡ଼ିଲା ?

ଉ.: ବିପ୍ରର ବାକ୍ୟ ଶୁଣି ନୃଗରାଜଙ୍କ ଶିରରେ ବଜ୍ର ପଡ଼ିଲା ।

(ମ) ଦାନ କ୍ରିୟାରେ ତ୍ରୁଟି ହୋଇଥିବା ଜାଣିବାରୁ ରାଜାଙ୍କର କି ପ୍ରତିକ୍ରିୟା ହେଲା ?

ଉ.: ଦାନ କ୍ରିୟାରେ ତ୍ରୁଟି ହୋଇଥିବା ଜାଣିବାରୁ ରାଜାଙ୍କର ଶରୀର ଭୟରେ ଥରି ଉଠିଲା ।

(ଯ) ରାଜା ବିପ୍ରଙ୍କୁ କେଉଁଠାରେ ପ୍ରବୋଧିଲେ ?

ଉ.: ରାଜା ବିପ୍ରଙ୍କୁ ପାଦତଳେ କ୍ଷମା ପ୍ରାର୍ଥାନା କରି ପ୍ରବୋଧିଲେ ।

(ର) ବିପ୍ରଙ୍କ ପାଦଧରି ରାଜା କ'ଣ ସଂକଳ୍ପ କଲେ ?

ଉ.: ବିପ୍ରଙ୍କ ପାଦଧରି ରାଜା ଲକ୍ଷେ ଧେନୁ ଦେବେ ବୋଲି ସଂକଳ୍ପ କଲେ ।

(ଳ) ବିପ୍ରଙ୍କ ପାଦଧରି ନୃଗରାଜ କ'ଣ ଅନୁରୋଧ କଲେ ?

ଉ.: ବିପ୍ରଙ୍କ ପାଦଧରି ନୃଗରାଜ ଲକ୍ଷେ ଧେନୁ ବଦଳରେ ସେ ଧେନୁଟି ଦେବା ପାଇଁ ଅନୁରୋଧ କଲେ ।

(ବ) ନୃଗରାଜ କ'ଣ ଦକ୍ଷିଣା ଦେବେ ବୋଲି ବିପ୍ରଙ୍କୁ କହିଲେ ?

ଉ.: ହେମନିଧି ଦକ୍ଷିଣା ଦେବେ ବୋଲି ନୃଗରାଜ ବିପ୍ରଙ୍କୁ କହିଲେ ।

(ଶ) ନୃଗରାଜଙ୍କ ଅନୁରୋଧ ଶୁଣି ବିପ୍ର କ'ଣ କହିଲା ?

ଉ.: ନୃଗରାଜଙ୍କ ଅନୁରୋଧ ଶୁଣି ବିପ୍ର କହିଲା ମୋର କେବଳ ଏଇ ଗାଈ ଦରକାର, ଲକ୍ଷେ ଗାଈ ଦରକାର ନାହିଁ ।

(ଷ) ରବିନନ୍ଦନ ନୃଗରାଜଙ୍କୁ କ'ଣ ଆଜ୍ଞା ଦେଲେ ?

ଉ.: ରବିନନ୍ଦନ ନୃଗରାଜଙ୍କୁ ପାପପୁଣ୍ୟ ବିଚାର କରି କେଉଁଟିକୁ ଆଗ ଭୋଗ କରିବ ବୋଲି ଆଜ୍ଞା ଦେଲେ ।

(ସ) ଯମଙ୍କ କଥା ଶୁଣି ନୃଗରାଜ ପ୍ରଥମେ କେଉଁ ଭାର ଭୁଞ୍ଜିବେ ବୋଲି ସ୍ଥିର କଲେ ?

ଉ.: ଯମଙ୍କ କଥା ଶୁଣି ନୃଗରାଜ ପ୍ରଥମେ ପାପଭାର ଭୁଞ୍ଜିବେ ବୋଲି ସ୍ଥିର କଲେ ।

(ହ) କେଉଁ ପାପକୁ ମହାଘୋର ପାପ ବୋଲି କୁହାଯାଇଛି ?

ଉ.: ବ୍ରହ୍ମସ୍ୱ ହରଣ ପାପକୁ ମହାଘୋର ପାପ ବୋଲି କୁହାଯାଇଛି ।

(କ୍ଷ) ପାପ ଭାର ଭୋଗ କରିବା ପାଇଁ ନୃଗରାଜ କେଉଁ ଜନ୍ମ ନେଇଥିଲେ ?

ଉ.: ପାପ ଭାର ଭୋଗ କରିବା ପାଇଁ ନୃଗରାଜ କୃକଲାଶ ଜନ୍ମ ନେଇଥିଲେ ।

(ୟ) ନୃଗରାଜ ପାପର ଅନ୍ତଃପରେ କାହାକୁ ଭେଟିବ ବୋଲି ଯମ ଆଜ୍ଞା ଦେଲେ ?

ଉ.: ନୃଗରାଜ ପାପର ଅନ୍ତଃପରେ ମଦନଗୋପାଳଙ୍କୁ ଭେଟିବ ବୋଲି ଯମ ଆଜ୍ଞା ଦେଲେ ।

(ଲ) କାହାର କର ଲାଗି ନୃଗରାଜ ଦିବ୍ୟ ତନୁ ଧାରଣ କରିବେ ବୋଲି ଯମ କହିଥିଲେ ?

ଉ.: ମଦନଗୋପାଳଙ୍କ ବା କୃଷ୍ଣଙ୍କ କର ଲାଗି ନୃଗରାଜ ଦିବ୍ୟ ତନୁ ଧାରଣ କରିବେ ବୋଲି ଯମ କହିଥିଲେ ।

(୦) କୃଷ୍ଣ କୂପ ମଧ୍ୟରୁ କୃକଲାଶକୁ କିପରି ଉଦ୍ଧାର କଲେ ?

ଉ.: କୃଷ୍ଣ କୂପ ମଧ୍ୟରୁ କୃକଲାଶକୁ ଲାଞ୍ଜଧରି ଉଦ୍ଧାର କଲେ ।

(ଃ) କେଉଁ ପୁଣ୍ୟ ବଳରୁ ନୃଗରାଜ ସ୍ୱର୍ଗରେ ବସିଲେ ?

ଉ.: ନିଜର ସୁକୃତ ପୁଣ୍ୟ ବଳରୁ ନୃଗରାଜ ସ୍ୱର୍ଗରେ ବସିଲେ ।

(ଁ) କୃଷ୍ଣଙ୍କ କର ସ୍ପର୍ଶରେ କୃକଲାଶର କ'ଣ ହେଲା ?

ଉ.: କୃଷ୍ଣଙ୍କ କର ସ୍ପର୍ଶରେ କୃକଲାଶର ଦିବ୍ୟ ତନୁ ପ୍ରକାଶ ହେଲା ।

( )କେଉଁ ପାପ ମହାଘୋର ?

ଉ.: ବ୍ରହ୍ମସ୍ୱ ହରଣ ପାପ ମହାଘୋର ।

(ii)ନୃଗରାଜକୁ କୃକଳାଶ କରିବା ପାଇଁ କିଏ ନିର୍ଦ୍ଦେଶ ଦେଲେ ?

ଉ.: ନୃଗରାଜକୁ କୃକଳାଶ କରିବା ପାଇଁ ଯମ ନିର୍ଦ୍ଦେଶ ଦେଲେ ।

**୩. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଦୁଇଟି ବାକ୍ୟରେ ଉତ୍ତର ଲେଖ । ଲେଖା ଓ ଲେଖକ ପାଇଁ ଏକନମ୍ବର ଓ ଉତ୍ତର ପାଇଁ ଏକ ନମ୍ବର ।**

(କ) କୃଷ୍ଣକୁମରମାନେ ବନ ମଧ୍ୟରେ କ'ଣ କରୁଥିଲେ ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ କବି ଜଗନ୍ନାଥ ଦାସ । କୃଷ୍ଣକୁମରମାନେ ବନ ମଧ୍ୟରେ ନାନା ପ୍ରକାର ଖେଳ ଖେଳୁଥିଲେ ।

(ଖ) କୃଷ୍ଣଙ୍କ ପୁଅମାନେ ବନ ମଧ୍ୟରେ ଥିବା ପରିତ୍ୟକ୍ତ କୂପ ପାଖକୁ କାହିଁକି ଯାଇଥିଲେ ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ କବି ଜଗନ୍ନାଥ ଦାସ । କୃଷ୍ଣଙ୍କ ପୁଅମାନେ ପରିତ୍ୟକ୍ତ କୂଅ ପାଖକୁ ପାଣି ପିଇବାକୁ ଯାଇଥିଲେ ।

(ଗ) କୂପ ମଧ୍ୟରେ ଥିବା ଅଦ୍ଭୁତ ଜନ୍ତୁଟି କିପରି ଥିଲା ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ କବି ଜଗନ୍ନାଥ ଦାସ । କୂପ ମଧ୍ୟରେ ଥିବା ଅଦ୍ଭୁତ ଜନ୍ତୁଟି ପର୍ବତ ଆକାରର ଏକ ବିରାଟ ଏଣ୍ଡୁଅ ପରି ଥିଲା ।

(ଘ) କୃଷ୍ଣ ପୁଅମାନେ ବିସ୍ମୟରେ ପରସ୍ପରକୁ ଚାହିଁ କ'ଣ ଚିନ୍ତା କଲେ ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ କବି ଜଗନ୍ନାଥ ଦାସ । କୃଷ୍ଣ ପୁଅମାନେ ବିସ୍ମୟରେ ପରସ୍ପରକୁ ଚାହିଁ କୃକଳାଶ ଆଡ଼କୁ ଆଙ୍ଗୁଳି ଦେଖାଇ ତାକୁ ଉଦ୍ଧାର କରିବା କଥା ଚିନ୍ତା କଲେ ।

(ଙ) କୃଷ୍ଣ ପୁଅମାନେ ଲାଙ୍ଗୁଳରେ କ'ଣ ଲଗାଇ ଶକ୍ତ କରି ବାନ୍ଧିଲେ ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ କବି ଜଗନ୍ନାଥ ଦାସ । କୃଷ୍ଣ ପୁଅମାନେ ଲାଙ୍ଗୁଳରେ ଚମଡ଼ାରେ ତିଆରି ଦଉଡ଼ି ଲଗାଇ ଶକ୍ତ କରି ବାନ୍ଧିଲେ ।

(ଚ) କୃକଳାଶକୁ ଜଣେ ଜଣେ ଟାଣି ବିଫଳ ହେଲା ପରେ କ'ଣ କଲେ ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ କବି ଜଗନ୍ନାଥ ଦାସ । କୃକଳାଶକୁ ଜଣେ ଜଣେ ଟାଣି ବିଫଳ ହେଲା ପରେ ସମସ୍ତେ ଏକ ସଙ୍ଗରେ ମିଶି ଟାଣିଲେ ଓ ବହୁବାର ଟାଣି ମଧ୍ୟ ବିଫଳ ହେଲେ ।

(ଛ) କୃଷ୍ଣ କୁମରମାନେ ଏକାବେଳେ କୃକଳାଶକୁ ଟାଣି ବିଫଳ ହେବାରୁ ସେମାନଙ୍କର କ'ଣ ହେଲା ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ କବି ଜଗନ୍ନାଥ ଦାସ । କୃଷ୍ଣ କୁମରମାନେ ଏକାବେଳେ କୃକଳାଶକୁ ଟାଣି ବିଫଳ ହେବାରୁ ସେମାନଙ୍କର ମନରେ ଲାଜ ଓ ଭୟ ଜାତ ହେଲା ।

(ଜ) ଅଦ୍ଭୁତ ଜନ୍ତୁଙ୍କୁ କୂପ ମଧ୍ୟରୁ ବାହାର ନକରିପାରି କୃଷ୍ଣକୁମର ମାନେ ପରସ୍ପର ମୁହଁ ଚାହିଁ କ'ଣ କଥା ହେଲେ ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ କବି ଶ୍ରୀ ଜଗନ୍ନାଥ ଦାସ । ଅଦ୍ଭୁତ ଜନ୍ତୁଙ୍କୁ କୂପ ମଧ୍ୟରୁ ବାହାର ନକରିପାରି କୃଷ୍ଣକୁମର ମାନେ ପରସ୍ପର ମୁହଁ ଚାହିଁ କଥା ହେଲେ ଆମର ବଳବୀର୍ଯ୍ୟ ହତ ହେଲା, ସତ ଏପରି ଲଜ୍ଜାକର କଥା ହେଲା ଯାହା କହିହେଉ ନାହିଁ ।

(ଝ) କେଉଁ କଥା ଶୁଣି ସବୁଲୋକ ହସିବେ ବୋଲି କୃଷ୍ଣ ପୁତ୍ରମାନେ ଭାବିଛନ୍ତି ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ କବି ଜଗନ୍ନାଥ ଦାସ । ଶ୍ରୀକୃଷ୍ଣ ବୀର୍ଯ୍ୟରୁ ଜନ୍ମ ହୋଇ ସମଗ୍ର କୃଷ୍ଣକୁମାର କୃକଳାସ ଜୀବକୁ ଉଦ୍ଧାର କରିପାରିଲେନି ବୋଲି ଶୁଣି ଲୋକେ ହସିବେ ବୋଲି କୃଷ୍ଣ ପୁତ୍ରମାନେ ଭାବିଛନ୍ତି ।

(ଞ) ଦ୍ୱାରକାପୁରର ବଧୂମାନେ ମୁହଁରେ ଲୁଗା ଦେଇ କାହିଁକି ହସିବେ ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ କବି ଜଗନ୍ନାଥ ଦାସ । ଦ୍ୱାରକାଧିପତି କୃଷ୍ଣଙ୍କ ବୀର୍ଯ୍ୟରୁ ଜନ୍ମି ସମସ୍ତ ରାଜକୁମାର ମିଶି ଗୋଟିଏ ଜୀବକୁ କୂଅରୁ ଟେକି ପାରିଲେ ନାହିଁ ଶୁଣି ବଧୂମାନେ ମୁହଁରେ ଲୁଗା ଦେଇ ହସିବେ ।

(ଟ) କୃଷ୍ଣ ପୁତ୍ରମାନେ ନିରାଶ ହୋଇ କ'ଣ କଲେ ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ କବି ଜଗନ୍ନାଥ ଦାସ । କୃଷ୍ଣ ପୁତ୍ରମାନେ ନିରାଶ ହୋଇ କୃଷ୍ଣଙ୍କ ପାଖକୁ ଯାଇ ସବୁ ବୃତ୍ତାନ୍ତ କହିଲେ ।

(ଠ) ପୁତ୍ରମାନଙ୍କ କଥା ଶୁଣି କୃଷ୍ଣ କ'ଣ କଲେ ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ କବି ଜଗନ୍ନାଥ ଦାସ । କୃଷ୍ଣ ପୁତ୍ରମାନଙ୍କ କଥା ଶୁଣି ହସିଲେ ଓ ପିଲାମାନଙ୍କ ସହ ବଣକୁ ଗଲେ ।

(ଡ) କ'ଣ ଦେଖି ଦେବରାଜ ଆଶ୍ଚର୍ଯ୍ୟ ହେଲେ ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ କବି ଜଗନ୍ନାଥ ଦାସ । ଘଞ୍ଚ ଜଙ୍ଗଲ ମଧ୍ୟରେ ଘୋର ଅନ୍ଧକାର କୂପ ଭିତରେ ଏକ ପର୍ବତକାୟ ଜୀବ ତଳକୁ ମୁହଁ ଓ ଲାଞ୍ଜ ଉପରକୁ କରି ପଡ଼ିଥିବାର ଦେଖି କୃଷ୍ଣ ଆଶ୍ଚର୍ଯ୍ୟ ହେଲେ ।

(ଢ) ଦାମୋଦର କାହାଭଳି କୃକଳାଶକୁ କୂପ ମଧ୍ୟରୁ ଉଦ୍ଧାର କଲେ ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ କବି ଶ୍ରୀ ଜଗନ୍ନାଥ ଦାସ । ଦାମୋଦର ବାମ ହାତରେ କୃକଳାଶର ଲାଞ୍ଜକୁ ଧରି ମାଳି ଯେପରି ଫୁଲ ମାଳକୁ ଟେକି ଧରେ ସେହିପରି ଟେକି କୂପ ମଧ୍ୟରୁ ଉଦ୍ଧାର କଲେ ।

(ଣ) ହୃଷୀକେଶ କୃକଳାଶକୁ କୂପରୁ ଉଦ୍ଧାର କଲାପରେ କ'ଣ ହେଲା ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ କବି ଶ୍ରୀ ଜଗନ୍ନାଥ ଦାସ । ହୃଷୀକେଶ କୂପରୁ କୃକଳାଶକୁ ଉଦ୍ଧାର କଲାପରେ କୃଷ୍ଣଙ୍କର ସ୍ପର୍ଶରେ କୃକଳାଶ ପ୍ରାଣଛାଡ଼ି ଏକ ଦିବ୍ୟ ସୁନ୍ଦର ଯୁବକ ରୂପେ ପୁନଃଜନ୍ମ ଲାଭ କଲା ।

(ତ) ଦିବ୍ୟପୁରୁଷ ମୁହଁକୁ ଚାହିଁ କୃଷ୍ଣ ହସି ହସି କ'ଣ ପଚାରିଲେ ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ କବି ଜଗନ୍ନାଥ ଦାସ । ଦିବ୍ୟପୁରୁଷ ମୁହଁକୁ ଚାହିଁ କୃଷ୍ଣ ହସି ହସି କୃଷ୍ଣ

ପଚାରିଲେ ଏକ ପୁଣ୍ୟବନ୍ତ ଦେବତା ପରି ରୂପ ଓ କିପରି, କେଉଁ କାରଣରୁ କୃକଳାଶ ହେଲ ଏବଂ କେତେ କାଳରୁ ଏ ଅନ୍ଧକୂପ ମଧ୍ୟରେ ପଡ଼ିଛୁ ।

(ଥ) କୃଷ୍ଣଙ୍କ ପ୍ରଶ୍ନର ଉତ୍ତରରେ ଦିବ୍ୟପୁରୁଷ ନିଜର କ'ଣ ପରିଚୟ ଦେଲା ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ କବି ଜଗନ୍ନାଥ ଦାସ । କୃଷ୍ଣଙ୍କ ପ୍ରଶ୍ନର ଉତ୍ତରରେ ଦିବ୍ୟପୁରୁଷ କହିଲା ମୁଁ ଇକ୍ଷ୍ୱାକୁ (ସୂର୍ଯ୍ୟ)ବଂଶରେ ଜାତ ରାଜା ନୃଗ ଓ ଜଗତ ମଧ୍ୟରେ ଦାନୀମାନଙ୍କ ମଧ୍ୟରେ ମୁଁ ଅଗ୍ରଣୀ ବୋଲି ପରିଚୟ ଦେଲା ।

(ଦ) 'କେବଳ ମୋତେ ପରିମାଣୁ' କାହା ପ୍ରସଙ୍ଗରେ କୁହାଯାଇଛି ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ କବି ଜଗନ୍ନାଥ ଦାସ । 'କେବଳ ମୋତେ ପରିମାଣୁ' କୃଷ୍ଣଙ୍କ ଅର୍ଥରେ କୁହାଯାଇଛି । କାରଣ କୃଷ୍ଣ ସର୍ବଜ୍ଞାତର ଆଧାର ତଥାପି ସେ କୃକଳାଶକୁ ଜନ୍ମ ବୃତ୍ତାନ୍ତ ପଚାରିଛନ୍ତି ।

(ଧ) ନୃଗରାଜ କେତେ ସଂଖ୍ୟକ ଗାଈ ଦାନ ଦେଇଥିଲେ ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ କବି ଜଗନ୍ନାଥ ଦାସ । ନୃଗରାଜ ଭୂମିରେ ଯେତେ ଧୂଳି, ଗଗନରେ ଯେତେ ତାରାମାଳୀ ଓ ବରଷାର ଯେତେ ଧାରା ସେତିକି ପରିମାଣର ଗାଈ ଦାନ କରିଥିଲେ ।

(ନ) ନୃଗରାଜ କେତେ ଭୂମି ଦାନ କରିଥିଲେ ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ କବି ଜଗନ୍ନାଥ ଦାସ । ନୃଗରାଜ ଗୋଚର୍ମ ମାପରେ ଭୂମିଦାନ କରିଥିଲେ ।

(ପ) ନୃଗରାଜ ଅଜ୍ଞାନରେ କେଉଁକଥା ଜାଣିପାରିଲେ ନାହିଁ ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ କବି ଜଗନ୍ନାଥ ଦାସ । ଥରେ ଦାନ କରିଥିବା ଗାଈ ଫିଟି ଆସି ଗୋଠରେ ମିଶିଗଲା ଫଳରେ ନୃଗରାଜ ବିପ୍ରକୁ ପୁନର୍ବାର ସେ ଗାଈକୁ ଦାନ କରିଦେଲେ ଏହା ତାଙ୍କ ଅଜ୍ଞାନରେ ଘଟିଥିଲା ।

(ଫ) ବ୍ରାହ୍ମଣ ଧେନୁ ତା'ର ବୋଲି କ'ଣ ପ୍ରମାଣ ଦେଖାଇଲା ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ କବି ଜଗନ୍ନାଥ ଦାସ । ବ୍ରାହ୍ମଣ ଧେନୁ ତା'ର ବୋଲି ଲେଖାର ପ୍ରମାଣ ବିପ୍ରକୁ ଦେଖାଇଲା ।

(ବ) ବ୍ରାହ୍ମଣ ଦୁହେଁ ଧେନୁର କ'ଣ ଧରି ଗୋରୁ ନିଜର ବୋଲି ଦାବି କଲେ ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ କବି ଜଗନ୍ନାଥ ଦାସ । ଗୋରୁର ଶିଙ୍ଗକୁ ବିପ୍ର ଓ ଲାଞ୍ଜକୁ ବ୍ରାହ୍ମଣ ଧରି ନିଜର ବୋଲି ଦାବି କଲେ ।

(ଭ) ରାଜପଥରେ ବ୍ରାହ୍ମଣ ଦୁହେଁ ପରସ୍ପର ମଧ୍ୟରେ କ'ଣ ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ କବି ଜଗନ୍ନାଥ ଦାସ । ରାଜପଥରେ ବ୍ରାହ୍ମଣ ଓ ବିପ୍ର ଜଣେ ଶିଙ୍ଗ ଓ ଜଣେ ଲାଞ୍ଜ ଧରି ଦୁହେଁ ପରସ୍ପର ମଧ୍ୟରେ କଳି ଲାଗିଲେ ।

(ମ) ରାଜା ବିପ୍ରର ପାଦଧରି କ'ଣ ମାଗିଲେ ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ କବି ଜଗନ୍ନାଥ ଦାସ । ରାଜା ବିପ୍ରର ପାଦତଳେ କରଯୋଡ଼ି କ୍ଷମାଭିକ୍ଷା କରିବା ସଙ୍ଗେ ସଙ୍ଗେ ଲକ୍ଷେ ଧେନୁ ବଦଳରେ ପୂର୍ବରୁ ଦାନ ହୋଇଥିବା ଧେନୁଟି ଫେରାଇବାକୁ ଅନୁରୋଧ କଲେ ।

(ଯ) ମୃତ୍ୟୁ ପରେ ଯମଦୂତମାନେ ନୃଗରାଜଙ୍କର କ'ଣ କଲେ ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ ଏହାର ରଚୟିତା ଜଗନ୍ନାଥ ଦାସ । ମୃତ୍ୟୁ ପରେ ଯମଦୂତମାନେ ରାଜାଙ୍କୁ ବାନ୍ଧି ଯମ ରାଜାଙ୍କ ପାଖକୁ ନେଇଗଲେ ।

(ର) ଯମ ନୃଗରାଜଙ୍କୁ ପାପର ଅନ୍ତଃ ପରେ କାହାକୁ ଭେଟିବୁ ବୋଲି କହିଛନ୍ତି ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ ଏହାର ରଚୟିତା ଜଗନ୍ନାଥ ଦାସ । ପାପର ଅନ୍ତଃକାଳରେ ମଦନଗୋପାଳ କୃଷ୍ଣଙ୍କୁ ଭେଟିବୁ ବୋଲି ଯମରାଜା କହିଛନ୍ତି ।

**୪. ୩୦ଗୋଟି ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ।**

(କ) ପ୍ରଦ୍ୟୁମ୍ନ ଶାମ୍ବ ଆଦି ବଣରେ ଖେଳି ସାରିବା ପରେ କ'ଣ ହେଲା ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ ଲେଖକ ଜଗନ୍ନାଥ ଦାସ । ଏହା ଭାଗବତ ଦଶମ ସ୍କନ୍ଦ ୬୯ ଅଧ୍ୟାୟ ଅନ୍ତର୍ଭୁକ୍ତ 'ନୃଗରାଜା ମୋକ୍ଷଣ' ସମ୍ବାଦରୁ ଆସିଅଛି । ପ୍ରଦ୍ୟୁମ୍ନ ଶାମ୍ବ ଆଦି କୃଷ୍ଣକୁମାର ମାନେ ବଣରେ ଖେଳିସାରି ଶୋଷ ଲାଗିବାରୁ ଜଳପାନ ପାଇଁ ବନ ମଧ୍ୟରେ ଥିବା କୂଅ ପାଖକୁ ଗଲେ । ଭିତରକୁ ଚାହିଁବା ପରେ ଦେଖିଲେ ଏକ ପର୍ବତକାୟ ଜୀବ କୂଅ ମଧ୍ୟରେ ପଡ଼ିଛି ଦେଖିବାକୁ ଏଣ୍ଡୁଅ ପରି ଓ ସେମାନେ ଆଚାର୍ଯ୍ୟ ହେଲେ ଏ ଅଦ୍ଭୁତ ଜୀବକୁ ଦେଖି ।

(ଖ) କୃଷ୍ଣ କୁମାର ମାନେ କୃକଳାଶର ଉଦ୍ଧାର ପାଇଁ କ'ଣ ଚେଷ୍ଟା କଲେ ?

ଉ.: ଉକ୍ତ ପାଠ୍ୟ ଅଂଶଟି 'ଶାପ ମୋଚନ' କବିତାର ଏକ ଅଂଶ । ଏଠାରେ କବି ଜଗନ୍ନାଥ ଦାସ ଦାନ ଓ ଭକ୍ତିର ପରାକାଷ୍ଠାକୁ ଦେଖାଇଛନ୍ତି । କୂପ ମଧ୍ୟରେ ପର୍ବତାକାୟ ଅଦ୍ଭୁତ ଜୀବ କୃକଳାଶକୁ ଦେଖି ପାଣି ପିଇବେ କ'ଣ ତାକୁ ଉଦ୍ଧାର କରିବା ପାଇଁ ଚମଡ଼ାର ଦଉଡ଼ିରେ ଜଣ ଜଣ କରି ଉଠାଇବାକୁ ଚେଷ୍ଟା କଲେ ଓ ପରେ ସମସ୍ତ ରାଜକୁମାର ମିଶି ଉଠାଇଲେ । ଉଠିବାତ ଦୂରର କଥା ତାକୁ ହଲାଇ ପାରିଲେ ନାହିଁ ଓ ସମସ୍ତେ ଭୟଭୀତ ହୋଇଗଲେ ।

(ଗ) "ଲାଜତ ମରଣୁ ବଳିଲା" କେଉଁ ପ୍ରସଙ୍ଗରେ କୁହାଯାଇଛି ?

ଉ.: ଉଦ୍ଧୃତାଂଶଟି ପଠିତ ସାହିତ୍ୟ ଜ୍ୟୋତି ବହିର 'ଶାପ ମୋଚନ' କବିତାରୁ ଆନୀତ । କବି ଶ୍ରୀ ଜଗନ୍ନାଥ ଦାସ । ଏଠାରେ କୃଷ୍ଣ କୁମାର ମାନଙ୍କର ସମ୍ମାନ ଉପରେ ପ୍ରଶ୍ନ ଚିହ୍ନ ଉଠିଛି । କାରଣ ସକଳ ଦ୍ୱାରକା ରାଜକୁମର କୂଅ ମଧ୍ୟରେ ପଡ଼ିଥିବା ବିରାଟକାୟ ଜୀବଟିକୁ ଉଠାଇ ନ ପାରି ନିଜକୁ ହତବୀର୍ଯ୍ୟ ଓ ବଳହୀନ ବୋଲି ବିବେଚନା କରିଛନ୍ତି । ଏକଥା ଦ୍ୱାରକା ନଗରବାସୀ ଓ ଦ୍ୱାରକା ରାଜପୁରର ନାରୀମାନେ ଜାଣିଲେ କ'ଣ ଭାବିବେ ଓ ଦ୍ୱାରକା ରାଜବଂଶର ମର୍ଯ୍ୟାଦା ହାନି ହେବ ଜାଣି ଲାଜ ତ ମରଣଠୁଁ ବଳିଲା ବୋଲି କୁହାକୁହି ହୋଇଛନ୍ତି ।

(ଘ) କୃଷ୍ଣ କୁମାରମାନେ ନିରାଶ ହୋଇ କୃଷ୍ଣଙ୍କୁ କେଉଁ କଥା କହିଲେ ?

ଉ.: ଏହି ପାଠ୍ୟାଂଶଟି 'ଶାପମୋଚନ' କବିତାର ଅଂଶ ବିଶେଷ ଓ ଏହାର କବି ଓ ଜଗନ୍ନାଥ ଦାସ । ଏହା ପରମଶାସ୍ତ୍ର ଭାଗବତ ଗ୍ରନ୍ଥର ଦଶମ ସ୍କନ୍ଦରୁ ଆସିଅଛି । କୃଷ୍ଣକୁମାରମାନେ କୃକଳାଶକୁ ବହୁ ଚେଷ୍ଟା କରି କୂପ ମଧ୍ୟରୁ ବାହାରକୁ ଆଣି ନପାରି ନିରାଶ ହୋଇଥିଲେ । କୃଷ୍ଣଙ୍କ ପାଖରେ ଭୟଭୀତ ହୋଇ ପହଞ୍ଚି କୂପ ମଧ୍ୟରେ ପଡ଼ିଥିବା ପର୍ବତାକାୟ ଅଦ୍ଭୁତ ଏଣ୍ଡୁଅ ବିଷୟରେ ବର୍ଣ୍ଣନା କରି କିପରି ସେମାନେ ତାକୁ ଉଠାଇବା ଦୂରର କଥା, ସମେସ୍ତ ମିଶି ହଲାଇ ପାରିଲେ ନାହିଁ ସେକଥା ବର୍ଣ୍ଣନା କରିଥିଲେ ।

(ଙ) ଶ୍ରୀକୃଷ୍ଣ ଘୋର ବଣକୁ ପାଇ କ'ଣ କଲେ ?

ଉ.: ଉପରୋକ୍ତ ପାଠ୍ୟାଂଶଟି 'ଶାପମୋଚନ' ବିଷୟରୁ ଆନୀତ । ଏହାର କବି ଜଗନ୍ନାଥ ଦାସ । ପ୍ରସିଦ୍ଧ ଭାଗବତ ମହାଗ୍ରନ୍ଥର ଦଶମ ସ୍କନ୍ଦରୁ ଏହା ଗୃହୀତ । ପୁତ୍ରମାନଙ୍କ ପାଖରୁ ଖବର ଶୁଣି କୃଷ୍ଣ ଘୋର ବନକୁ ଯାଇ ଦେଖିଲେ କୂପ ମଧ୍ୟରେ ଅଦ୍ଭୁତ ଓ ବିରାଟ କୃକଳାଶକୁ । ସେ ମୁହଁ ତଳକୁ ଓ ଲାଞ୍ଜ ଉପରକୁ ହୋଇ ପଡ଼ିରହିଛି । କୃଷ୍ଣ ତା'ର ଲାଞ୍ଜଧରି ଉପରକୁ ଉଠାଇ ଧରିଲେ । ଠିକ୍ ମାଳାକାର ଫୁଲମାଳକୁ ଝୁଲାଇ ଧରିବା ପରି ।

(ଚ) କୃଷ୍ଣଙ୍କର ହାତ ଲାଗିବା ପରେ କୃକଳାଶର କ'ଣ ହେଲା ?

ଉ.: ଏହି ବିଷୟଟି ସାହିତ୍ୟଜ୍ୟୋତି ପୁସ୍ତକର 'ଶାପ ମୋଚନ' ବିଷୟରୁ । ଏହାର ଲେଖକ ଜଗନ୍ନାଥ ଦାସ । ଜଗନ୍ନାଥ ଦାସଙ୍କର ପ୍ରସିଦ୍ଧ ଗ୍ରନ୍ଥ ଭାଗବତ ଦଶମ ସ୍କନ୍ଦରୁ ଏହା ଆନୀତ । କୃଷ୍ଣ କୃକଳାସରୁ ଗଭୀର କୂପ ମଧ୍ୟରୁ ଉପରକୁ ଆଣିବା ପରେ କୃକଳାଶ ରୂପୀ ଅଦ୍ଭୁତ ଜୀବର ଦେହାବସାନ ଘଟିଛି ଓ ସେ ଦିବ୍ୟସୁନ୍ଦର ରାଜପୁରୁଷ ରୂପ ଧାରଣ କରିଛି । ଏହା ଦେଖି ସମସ୍ତ ଦ୍ୱରକା ବଂଶ ଚକିତ ହୋଇଛନ୍ତି ।

(ଛ) କୃକଳାଶର ଦିବ୍ୟସ୍ୱରୂପ ଦେଖି କୃଷ୍ଣ କ'ଣ ପଚାରିଲେ ?

ଉ.: ବିଷୟଟି 'ଶାପ ମୋଚନ' କବିତାର ଅଂଶ ବିଶେଷ । ଏହାର କବି ଜଗନ୍ନାଥ ଦାସ । ଏହା ଓଡ଼ିଆ ଜୀବନର ବେଦ ଭାଗବତ କଥାମୃତର ଦଶମ ସ୍କନ୍ଦରୁ ଆସିଅଛି । କୃକଳାଶର ଦିବ୍ୟସ୍ୱରୂପ ଦେଖି କୃଷ୍ଣ କହିଲେ ରୂପ ଓ ସୌନ୍ଦର୍ଯ୍ୟରୁ ତୁମେ ଏକ ଦେବ ପୁରୁଷ ପରି ଜଣାପଡୁଛି । ତୁମେ ପୁଣ୍ୟାତ୍ମା ମୋତେ ଖୋଲାକରି କୁହ କେଉଁ ପାପରୁ ତୁମେ କୃକଳାଶ ହୋଇଛ । ଏ ଅନ୍ଧକୂପ ମଧ୍ୟରେ କେବେଠାରୁ ପଡ଼ିରହିଛି ଓ ଏହାର କାରଣ କ'ଣ ବୋଲି ସେ ପଚାରିଲେ ।

(ଜ) କୃକଳାଶ କୃଷ୍ଣଙ୍କ ପ୍ରଶ୍ନର କ'ଣ ଉତ୍ତର ଦେଲା ?

ଉ.: ବିଷୟଟିର ଲେଖକ ପ୍ରସିଦ୍ଧ କବି ଜଗନ୍ନାଥ ଦାସ ଓ ବିଷୟଟିର ନାମ 'ଶାପ ମୋଚନ' । କୃଷ୍ଣ କୃକଳାସକୁ ତା ଅନ୍ଧକୂପ ଭିତରେ ପଡ଼ିବାର ଅଭିଶପ୍ତ ଜୀବନ ସମ୍ବନ୍ଧରେ ପଚାରିବାରୁ କୃକଳାଶ କୃଷ୍ଣଙ୍କୁ ପ୍ରଣାମ ଜଣାଇ କହିଛି ମୁଁ ନୃଗରାଜା ପବିତ୍ର ସୂର୍ଯ୍ୟ ବଂଶରେ ମୋର ଜନ୍ମ । ଜଗତର ଯେତେ ଦାନୀ ଅଛନ୍ତି ମୁଁ ସମସ୍ତଙ୍କ ମଧ୍ୟରେ ଶ୍ରେଷ୍ଠ । ଏକଥା ଆପଣ ଭଲ ଭାବେ ଜାଣିଛନ୍ତି ଯେ ମୁଁ କେଉଁ କାରଣରୁ ଶାପଗ୍ରସ୍ତ ହୋଇଛି । ସବୁଜାଣି ମୋତେ କାହିଁକି ପରୀକ୍ଷା ନେଉଛନ୍ତି ବୋଲି କୃକଳାଶ କହିଛି ।

(ଝ) ନୃଗରାଜ ବ୍ରାହ୍ମଣମାନଙ୍କୁ କିପରି ଧେନୁ ଦାନ କରୁଥିଲେ ?

ଉ.: ବିଷୟଟି ଭାଗବତ ଦଶମ ସ୍କନ୍ଦ ୬୯ ଅଧ୍ୟାୟ 'ନୃଗରାଜା ମୋକ୍ଷଣ' ସମ୍ବାଦ ଅଟେ । ଏହା 'ଶାପମୋଚନ' ନାମରେ ସାହିତ୍ୟ ବହିରେ ସ୍ଥାନିତ । ଏହାର କବି ଜଗନ୍ନାଥ ଦାସ । ନୃଗରାଜା ଗୋଦାନର ପରିମାଣ ଓ ଫଳାଫଳ କୃଷ୍ଣଙ୍କୁ କହିଛନ୍ତି । ଅସଂଖ୍ୟ ଗୋରୁ ସେ ଦାନ କରିଛନ୍ତି । ଯଥା ଭୂମିରେ ଯେତେ ଧୂଳିଅଛି, ଆକାଶରେ ଯେତେ ତାରା ଅଛନ୍ତି, ବରଷାର ଯେତେ ଧାରା ସେହି ପରିମାଣର । ପୁଣି ଗାଈ ଗୁଡ଼ିକୁ ସୁନ୍ଦର ଫୁଲମାଳରେ ସଜେଇ ନୂତନ ବସ୍ତ୍ର ପରିଧାନ କରାଇ ବାଛୁରୀ ସହିତ ଅର୍ଥାତ୍ କ୍ଷୀର ଦେଉଥିବା ଗାଈ, ଦୁହିଁବା ପାଇଁ କଂସା ପାତ୍ର ସହିତ ବିପ୍ରର ପୂଜାକରି, ଦରିଦ୍ର, କୁଟୁମ୍ବଶୀଳ ସଦାଚାର ପୂର୍ଣ୍ଣ, ଉତ୍ତମ ବ୍ରହ୍ମଚର୍ଯ୍ୟ ପାଳନ କରୁଥିବା ବ୍ରାହ୍ମଣମାନଙ୍କୁ ଦାନ କରିଥିଲେ ।

(ଝ) କେଉଁ ବ୍ରାହ୍ମଣମାନଙ୍କୁ ନୃଗରାଜ ଗାଈ ଦାନ ପାଇଁ କହିଛନ୍ତି ?

ଉ.: ବିଷୟ – 'ଶାପ ମୋଚନ' ଓ କବି ଜଗନ୍ନାଥ ଦାସ । ଏହା ଭାଗବତ ମହତ୍ ବାଣୀର ଏକ ଅଂଶବିଶେଷ । ଏଥିରେ ନୃଗରାଜା ମୋକ୍ଷ ବିଷୟ ବର୍ଣ୍ଣିତ । ସେ ଯୁବା, ସଦ୍‌ଗୁଣ ପରିପୂର୍ଣ୍ଣ, ସଚ୍ଚରିତ୍ରବାନ ଉତ୍ତମ ବ୍ରହ୍ମଚର୍ଯ୍ୟ ପାଳକ, ଦରିଦ୍ର, ବହୁକୁଟୁମ୍ବୀ ଜ୍ଞାନୀ ଗୁଣି ବେଦଶାସ୍ତ୍ରରେ ଦକ୍ଷ ବ୍ରାହ୍ମଣମାନଙ୍କୁ ଗାଈ ଦାନ କଥା ପ୍ରସଙ୍ଗରେ କହିଛନ୍ତି ।

(ଟ) ନୃଗରାଜ କିଭଳି ଗୁଣ ସମ୍ପନ୍ନ ଗୋଦାନ ଦେଇଥିଲେ ?

ଉ.: ବିଷୟଟିର ନାମ 'ଶାପ ମୋଚନ' ଓ ବିଷୟବସ୍ତୁ ଭାଗବତ ଚରିତର ଦଶମ ସ୍କନ୍ଦ ଏବଂ କବି ଶ୍ରୀ ଜଗନ୍ନାଥ ଦାସ । ନୃଗରାଜା ଅସଂଖ୍ୟ ଗାଈ ଦାନ କରିଥିଲେ । ବାଛି ବାଛି ସୁନ୍ଦର ସ୍ୱାସ୍ଥ୍ୟ ଥିବା ରୂପବନ୍ତୀ କ୍ଷୀର ଦେଉଥିବ, ଅଳ୍ପ ବୟସର, ବାଛୁରୀ ଥିବା ଗାଈକୁ ଅଧିକ ଧନ ଦେଇ କ୍ରୟ କରୁଥିଲେ । ପୁଣି ସୁବର୍ଣ୍ଣ ଶୃଙ୍ଗ, ସୁକପିଳ ବର୍ଣ୍ଣ, ଖୁରରେ ରୂପା ଆଦି ଶୁଶୋଭିତ କରି ଉତ୍ତମ ଗାଈ ଦାନ କରୁଥିଲେ ।

(ଠ) ନୃଗରାଜ ବିଭିନ୍ନ ଦାନ ପରେ କେଉଁ ପାପ ଅର୍ଜନ କରିଥିଲେ ?

ଉ.: ବିଷୟଟି 'ଶାପମୋଚନ'ରୁ ଆସିଅଛି । ଏହାର ରଚୟିତା ପ୍ରସିଦ୍ଧ କବି ଜଗନ୍ନାଥ ଦାସ । ଭାଗବତ ଦଶମସ୍କନ୍ଦ ୬୯ ଅଧ୍ୟାୟ 'ନୃଗରାଜା ମୋକ୍ଷଣ' ବିଷୟରୁ ଆନୀତ । ନୃଗରରାଜା ଅତ୍ୟନ୍ତ ନିଷ୍ଠାର ସହିତ ବିପ୍ରମାନଙ୍କୁ ଗାଈ ଦାନ କରିଛନ୍ତି । ସମସ୍ତ ବ୍ରାହ୍ମଣମାନଙ୍କୁ ସନ୍ତୁଷ୍ଟ କରିଛନ୍ତି । ମାତ୍ର ଜଣେ ବିପ୍ରକୁ ଦାନ କରିଥିବା ଏକ ଗାଈ ପଳାଇ ଆସି ଦାନ ପାଇଁ ରହିଥିବା ଗାଈମାନଙ୍କ ସଙ୍ଗେ ମିଶି ଯାଇଛି । ରାଜା ପରଦିନ ସେହି ଗାଈକୁ ଦାନ ଦେଇଛନ୍ତି ଅନ୍ୟଜଣେ ବ୍ରାହ୍ମଣକୁ । ଥରେ ଦାନ ଦେବା ପରେ ପୁନର୍ବାର ସେଇ ଦାନକୁ ଦେବାର ଘୋର ପାପ ରାଜାଙ୍କୁ ତାଙ୍କ ଅଜ୍ଞାତରେ ଲାଗିଛି ।

(ଡ) ନୃଗରାଜ ଦୁଇଜଣ ବ୍ରାହ୍ମଣଙ୍କ ମୀମାଂସା କରିବା ଲାଗି କ'ଣ ପ୍ରସ୍ତାବ ଦେଲେ ?

ଉ.: ବିଷୟଟି 'ଶାପମୋଚନ' ବିଷୟରୁ ଆସିଅଛି । ଏହାର ଲେଖକ ଜଗନ୍ନାଥ ଦାସ । ନୃଗରାଜ ଗାଈ ପାଇଁ ଦୁଇ ବ୍ରାହ୍ମଣ ମଧ୍ୟରେ ଲାଗିଥିବା କଳହ ସମାପ୍ତ ପାଇଁ ବିପ୍ରର ପାଦ ଧରି କ୍ଷମା ମାଗିଲେ ଓ ଦୁଇ ବିପ୍ରଙ୍କୁ ଶାନ୍ତ ରହିବା ପାଇଁ ଗୁହାରୀ କରି ପ୍ରଥମେ ଦାନ ପାଇଥିବା ବିପ୍ରଙ୍କୁ ଲକ୍ଷେ ଗାଈ ବଦଳରେ ଫେରାଇ ତାଙ୍କୁ ଘୋର ପାତକ ଓ ଘୋର ସଂକଟରୁ ଉଦ୍ଧାର କରିବା ପାଇଁ ନିବେଦନ କରିଛନ୍ତି । ସୁନା ଦକ୍ଷିଣା ଦେବା ପାଇଁ କହିଛନ୍ତି ଓ ତାଙ୍କୁ ନର୍କରୁ ଉଦ୍ଧାର କରିବା ପାଇଁ ବିପ୍ରଙ୍କୁ ବିନୟ ଭାବରେ କହିଛନ୍ତି ।

(ଢ) ବ୍ରାହ୍ମଣ ଦୁହେଁ ରାଜାଙ୍କ ପ୍ରସ୍ତାବ ସ୍ୱୀକାର କଲେ ନାହିଁ କାହିଁକି ?

ଉ.: ବିଷୟ 'ଶାପ ମୋଚନ' ଓ କବି ଜଗନ୍ନାଥ ଦାସ । ଏହା ପ୍ରସିଦ୍ଧ ଗ୍ରନ୍ଥ ଭାଗବତ ଦଶମ ସ୍କନ୍ଦର ୬୯ ଅଧ୍ୟାୟରୁ ଉଦ୍ଧୃତ । ବ୍ରାହ୍ମଣ ଦୁହେଁ ଗାଈ ପାଇଁ କଳି ଲାଗି ରାଜାର ପାଖରେ ସମାଧାନ ପାଇଁ ପହଞ୍ଚିଛନ୍ତି । ରାଜା ଦୁଃଖରେ ଭାଙ୍ଗି ପଡ଼ିଛନ୍ତି । ଗୋଟିଏ ଗାଈ ବଦଳରେ ଦାନ ନେଇ ସାରିଥିବା ଓ ନୂତନ ଭାବେ ଦାନ ପାଇଥିବା ବିପ୍ରମାନଙ୍କୁ ଲକ୍ଷେ ଗାଈ ସୁନା ଆଦି ହେବାକୁ ପ୍ରସ୍ତାବ ଦେଇଥିଲେ । ମାତ୍ର ଦାନର ନିନ୍ଦା ହୋଇଥିବାରୁ ନିଜ ନିଜ ଜିଦ୍‌ରେ ଅଟଳ ରହି ଦାନ ଗ୍ରହଣ କରିନଥିବା ବିପ୍ରରାଜାଙ୍କୁ ଅଭିଶାପ ଦେଇଥିଲେ । କାରଣ ଅୟୁତେ ଗାଈ ନେଲା ପରେ ମଧ୍ୟ ସେ ସନ୍ତୁଷ୍ଟ ହୋଇନାହିଁ ଦୈନନ୍ଦିନ ଆସି ଦ୍ୱନ୍ଦ୍ୱ ଲଗାଇଥିଲେ ।

(ଣ) ଶାପମୋଚନ ପରେ ନୃଗରାଜ କିପରି ସ୍ୱର୍ଗ ଯାତ୍ରା କଲେ ?

ଉ.: ବିଷୟ 'ଶାପ ମୋଚନ' ଓ କବି ଜଗନ୍ନାଥ ଦାସ । ଶାପଗ୍ରସ୍ତ ନୃଗରାଜା କୃଷ୍ଣଙ୍କର କର ସ୍ପର୍ଶରେ ପୂର୍ବ ସ୍ଥିତି ଫେରି ପାଇଛନ୍ତି । ଭଗବାନ କୃଷ୍ଣଙ୍କୁ ଭକ୍ତିପୂତ ପ୍ରଣାମ ଜଣାଇଛନ୍ତି । ମୁଣ୍ଡରେ କିରୀଟ ଥାଇ କୃଷ୍ଣଙ୍କ ପାଦପଦ୍ମରେ ନ୍ୟଗରାଜ ନିଜକୁ ସମର୍ପଣ କଲା ଓ ସଙ୍ଗେ ସଙ୍ଗେ ଦିବ୍ୟ ରଥରେ ବସି ଶୂନ୍ୟ ପଥରେ ସ୍ୱର୍ଗ ଯାତ୍ରା କଲା ।

(ତ) ଯମ ନୃଗରାଜାଙ୍କୁ କେଉଁ ପରାମର୍ଶ ଦେଲେ ?

ଉ.: ବିଷୟ 'ଶାପ ମୋଚନ' ଓ କବି ଜଗନ୍ନାଥ ଦାସ । ଶାପଗ୍ରସ୍ତ ନୃଗରାଜା ମୃତ୍ୟୁ ବରଣ ପରେ ଯମଦୂତଙ୍କ ଦ୍ୱାରା ଯମଙ୍କ ପଖରେ ଉପସ୍ଥିତ ହୋଇଥିଲେ ଓ ଯମ ତାଙ୍କର ପାପଦୋଷ ବିଚାର କରି କୃକଳାଶ ହୋଇ କୂପରେ ପଡ଼ିବାର ଆଜ୍ଞା ଦେଇଥିଲେ । ରାଜାଙ୍କ ଧର୍ମ କାର୍ଯ୍ୟ ଓ ବିନୟ ପ୍ରାର୍ଥନା ପରେ ଯମରାଜ କହିଥିଲେ ତୋର ପୁଣ୍ୟ ଫଳ ଭିତରେ କିଛି ପାପ ଅଛି ଏହି ଫଳ ବ୍ରହ୍ମା, ବିଷ୍ଣୁ ଆଦି ଭୋଗ କରିଛନ୍ତି । ତେଣୁ ତୁମେ ଆଗ ପୁଣ୍ୟ ଭୋଗ କରିବ ନା ପାପ । ନୃଗରାଜା ପାପକୁ ଆଦରି ନେଇଥିଲେ ଓ ମର୍ତ୍ତ୍ୟରେ କୃକଳାସ ଭାବରେ ପଡ଼ି ରହିଥିଲେ ।

**୫. ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ । ପ୍ରଶ୍ନର ମୂଲ୍ୟ ୫ ନମ୍ବର । ୧୫୦ ଗୋଟି ଶବ୍ଦରେ ଉତ୍ତର ଦେବାକୁ ହେବ ।**

**(କ) 'ଶାପ ମୋଚନ' କବିତାରେ କବି ଜଗନ୍ନାଥ ଦାସଙ୍କ ବିଷୟ ବିନ୍ୟାସ କୌଶଳ ଉପସ୍ଥାପନ କର ।**

ଉ.: ଓଡ଼ିଆ ଜନଜୀବନର ବରେଣ୍ୟ କବି ହେଉଛନ୍ତି ଜଗନ୍ନାଥ ଦାସ । ସାରଳାଙ୍କ ପରବର୍ତ୍ତୀ ପଞ୍ଚସଖା ଯୁଗର ସେ ଅନ୍ୟତମ ସଫଳ ସ୍ରଷ୍ଟା । ସାରଳା ଦାସ ମହାଭାରତ ଗ୍ରନ୍ଥ ପାଇଁ ଯେତିକି ବନ୍ଦନୀୟ ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ପାଇଁ ପୁରପଲ୍ଲୀରେ ସେତିକି ପୂଜନୀୟ । ସରଳ, ସାବଲୀଳ ଭାଷା ବିନ୍ୟାସ ବା ସର୍ବଜନ ଆଦୃତ ଭାଷା ତାଙ୍କୁ ଜଣେ ପ୍ରମୁଖ ଲୋକପ୍ରିୟ କବି ଭାବରେ ପରିଚିତ କରାଇ ପାରିଛି । ତାଙ୍କର ସୃଷ୍ଟିର ପରିଧି ଅପରିସୀମ । ମାତ୍ର ସେଥିମଧ୍ୟରୁ ଉତ୍କଳୀୟ ଜନ ମାନସରେ ସେ ଭାଗବତର କବି ଭାବରେ ବେଶି ପରିଚିତ । ଅମୃତମୟ ଭାଗବତର ଦଶମ ସ୍କନ୍ଦରୁ ଗୃହୀତ 'ଶାପ ମୋଚନ' କବିତାଟି ସେଇ ପରମ କାରୁଣିକ ଭଗବାନଙ୍କ ଲୀଳାର ଅନ୍ୟଏକ ରୂପ । ଏହାର ବିଷୟ' ବର୍ଣ୍ଣନା ଶୈଳୀ ମଧ୍ୟ ତତ୍ତ୍ୱ ଭିତ୍ତିକ । କୃଷ୍ଣନନ୍ଦନମାନେ ବନରେ ଖେଳ କୌତୁକରେ ମାତି ଶୋଷ ଲାଗିବାରୁ ପାଣି ପିଇବାକୁ ଯାଇ କୂଅ ମଧ୍ୟରେ ଅଦ୍ଭୁତ ଜୀବକୁ ଆବିଷ୍କାର କରିଛନ୍ତି । କବି କୃକଳାଶର ରୂପ ବର୍ଣ୍ଣନା ଓ କୂପ ମଧ୍ୟରେ ପଡ଼ିବାର ଶୈଳୀକୁ ଅଦ୍ଭୁତ ରୂପରେ ବର୍ଣ୍ଣନା କରିଛନ୍ତି ପର୍ବତର ଆକାର ଓ ଏଣ୍ଡୁଅର ଆକୃତି ପରି ବିଚିତ୍ର । ପୁଣି ସକଳ କୃଷ୍ଣ କୁମାର ଏକ ସଙ୍ଗରେ ଟାଣି ତାକୁ ହଲେଇ ପାରି ନାହାନ୍ତି ।

ଏଠାରେ ଭଗବାନଙ୍କ ମହିମାକୁ ବିଧିର ବିଧାନକୁ ସମ୍ମାନ ଦିଆଯାଇଛି । ଯେଉଁ ହାତର ସ୍ପର୍ଶ ନ ବାଜିବା ଯାଏ ସେ ମୋକ୍ଷ ପ୍ରାପ୍ତି ହେବ ନାହିଁ ଅନ୍ୟର ହାତରେ ସେ କେମିତି ଉଠନ୍ତା । ତେଣୁ ପର୍ବତ ଆକାରର ଜୀବର ଲାଞ୍ଜକୁ କୃଷ୍ଣ ଧରି ଫୁଲ ପରି ଉପରକୁ ବୋହିଆଣି ସମଗ୍ର ଯଦୁ କୁଳ ନନ୍ଦନଙ୍କୁ ଆଚାର୍ଯ୍ୟ କରିଦେଇଛନ୍ତି । ପୁଣି ତା'ର ପ୍ରମାଣ ସ୍ୱରୂପ କୃକଳାଶ ମୁକ୍ତି ପାଇ ନୃଗରାଜା ଉଭା ହୋଇଛନ୍ତି । ନୃଗରାଜ କୃକଳାଶ କିପରି ହେଲେ ସେ ବିଷୟ ବର୍ଣ୍ଣନା କରିବାକୁ ଯାଇ ତତ୍‌କାଳୀନ ପରମ୍ପରା ଅନୁଯାୟୀ ବିପ୍ରମାନଙ୍କୁ ଶ୍ରେଷ୍ଠତ୍ୱ ପ୍ରଦାନ କରିଛନ୍ତି । ଗୋମାତା ଦାନକୁ ସର୍ବଶ୍ରେଷ୍ଠ ପୁଣ୍ୟ ଭାବରେ ନିଆଯାଇଛି । ଯେଉଁଥିପାଇଁ ନୃଗରାଜ ଦୃଷ୍ଟିରେ କବି ବ୍ରାହ୍ମଣମାନଙ୍କ ସ୍ୱରୂପ, ପ୍ରକାର ଆଦି ପ୍ରକାଶ କରିଛନ୍ତି ବ୍ରାହ୍ମଣର ବ୍ରହ୍ମତ୍ୱକୁ ନିଜେ ବ୍ରାହ୍ମଣ ହିସାବରେ କବି ସମ୍ମାନ ଦେଇଛନ୍ତି ମାତ୍ର ମଣିଷପଣିଆ ବା ମାନବିକତା ଦୃଷ୍ଟିକୋଣରୁ ତାଙ୍କ ସୃଷ୍ଟିଗୁଡ଼ିକରେ କେଉଁଠି ବ୍ରାହ୍ମଣ ଉଚ୍ଚ ଆସନ ପାଇନାହାନ୍ତି ।

ଅଜ୍ଞାତରେ କରିଥିବା ଭୁଲ ପାଇଁ ରାଜା ଲକ୍ଷେ, ଅୟୁତେ ଦେବା ପରେ ବି ସେମାନେ ସନ୍ତୁଷ୍ଟ ହୋଇନାହାନ୍ତି ଦୈନନ୍ଦିନ ରାଜାଙ୍କ ପାଖକୁ ଆସି ନିନ୍ଦା କରିଛନ୍ତି । ବ୍ରାହ୍ମଣକୁ ଅବମାନନା ମହା ପାପ ରୂପେ ଚିତ୍ରଣ କରିଛନ୍ତି । ସକଳ କର୍ମ ଅକର୍ମର ଫଳଦାତା, ବିଚାରଦାତା ଯମ ପାଖରେ ନୃଗରାଜର ବିଚାର ହୋଇଛି । ମହନୀୟ ଗୁଣରେ ପୁଣ୍ୟ ଫଳକୁ ଛାଡ଼ି ପାପଫଳ ଭୋଗି ପାପମୁକ୍ତ ହେବାକୁ ରାଜା ଇଚ୍ଛା ପ୍ରକାଶ କରିଛନ୍ତି । ବିପଦର ଉଦ୍ଧାର ପାଇଁ ବା ପ୍ରତିକାର ସ୍ୱରୂପ ସର୍ବଶେଷରେ କୃଷ୍ଣଙ୍କ କରସ୍ପର୍ଶରେ ମୁକ୍ତିଲାଭ କରିବ ବୋଲି ଯମରାଜା କହିଛନ୍ତି । ସମଗ୍ର ଘଟଣାବଳୀରେ ସ୍ଥାନିତ ବିଷୟବସ୍ତୁ ଶେଷରେ ଗୋଟିଏ କେନ୍ଦ୍ରବିନ୍ଦୁରେ ପହଞ୍ଚିଛି । ନୃଗରାଜ ମୁଖର ଏଇ କଥା ପଦଟିକୁ ଉଦାହରଣ ରୂପେ ନିଆଯାଇପାରେ -

ସର୍ବଭୂତଙ୍କ ଆତ୍ମା ତୁହି । ଅଶେଷ ଜ୍ଞାନ ତୋର ତହିଁ ॥
ତୁ ନାଥ ଭଲେ ଏହା ଜାଣୁ । କେବଳ ମୋତେ ପରିମାଣୁ ॥

ସମଗ୍ର କବିତାଟିରେ ବିଷୟ ବର୍ଣ୍ଣନା ଚମତ୍କାର ଭାବେ କରାଯାଇଛି ।

**(ଖ) ନୃଗରାଜ ଚରିତ୍ରର ବୈଶିଷ୍ଟ୍ୟ ନିରୂପଣ କର ।**

ଉ.: କବି ଜଗନ୍ନାଥ ଦାସଙ୍କ କବିତ୍ୱ ଅସାଧାରଣ ଶକ୍ତିର ଅଧିକାରୀ । ଜଗନ୍ନାଥଙ୍କ ଆଶୀର୍ବାଦ ଓ ଭକ୍ତିବଳରେ କବି ସୃଷ୍ଟି ସର୍ଜନା କରିଛନ୍ତି ବୋଲି ନିଜେ ସବୁଠାରେ ପ୍ରକାଶ କରିଛନ୍ତି । ସମଗ୍ର ଜଗନ୍ନାଥ ଦାସ ସୃଷ୍ଟିରେ ଗୋଟିଏ ଦାସର ସମର୍ପିତ ଭାବର ସ୍ରୋତ ଦେଖିବାକୁ ମିଳେ । ତାଙ୍କ ଦ୍ୱାରା ରଚିତ ଅମୂଲ୍ୟ ରତ୍ନ ଭାଗବତର ଦଶମ ସ୍କନ୍ଦରୁ 'ନୃଗରାଜା ମୋକ୍ଷ' ସମ୍ବାଦରୁ ଏହି 'ଶାପ ମୋଚନ' କବିତାଟି ଆସିଛି । ଯେଉଁଥିରେ କବି ନୃଗରାଜା ଚରିତ୍ରକୁ ମାଧ୍ୟମ କରି ଏକ ଶୁଦ୍ଧ ସଂକଳ୍ପ ଓ ମହନୀୟ ଗୁଣର ଅଧିକାରୀ ବ୍ୟକ୍ତିର ବ୍ୟକ୍ତିତ୍ୱକୁ ଉଚ୍ଚ ଆସନ ପ୍ରଦାନ କରିଛନ୍ତି । ଲକ୍ଷ ଲକ୍ଷ ବ୍ରାହ୍ମଣଙ୍କୁ ସନ୍ତୁଷ୍ଟ କରିବା ପରେ କିପରି ସେଇ ବ୍ରାହ୍ମଣ ଅଭିଶାପ ପାଇଁ କଦାକାର ବିଚିତ୍ର ଜୀବରୂପେ ଘନ ଜଙ୍ଗଲ ଭିତରେ କୂପ ମଧ୍ୟରେ ନୃଗରାଜା ପଡ଼ିରହିଛନ୍ତି ତା'ର ବୃତ୍ତାନ୍ତ ଶାପମୋଚନ କବିତା ।

ନୃଗରାଜା ଜଣେ ଧାର୍ମିକ ନିଷ୍ଠାବାନ ରାଜା । ଦାନୀ ପଣରେ ସେ ଶ୍ରେଷ୍ଠ ବୋଲି ନଜେ କୃଷ୍ଣଙ୍କୁ କହିଛି ଓ ତା'ର ପ୍ରମାଣ ସ୍ୱରୂପ ସେ ସୁବେଦୀ, ନିଷ୍ଠାବାନ, ଚରିତ୍ରବାନ, ଦରିଦ୍ର ଓ ବହୁକୁଟୁମ୍ବୀ ବ୍ରାହ୍ମଣ ବାଛି ବାଛି ଗୋ ଦାନ କରିଛନ୍ତି । ଏକଥା ଶାପଗ୍ରସ୍ତ ଜୀବନର ବର୍ଣ୍ଣନା କରିବା ବେଳେ ସେ କୃଷ୍ଣଙ୍କୁ କହିଛନ୍ତି । ଦାନର ପରିମାଣ ଦର୍ଶାଯାଇଛି ଯାହାକି ଅକଳ୍ପନୀୟ ଆକାଶର ତାରା, ବରଷାର ଧାରା, ଭୂମିର ଧୂଳି ଯେତେ ସେ ସେତିକି ଗାଈ ଦାନ କରିଛନ୍ତି । ପୁଣି ଗାଈଗୁଡ଼ିକୁ ସୁସଜ୍ଜିତ କରି ସୁନାରୂପ ମୋତି ମାଣିକ୍ୟରେ ଭୂଷିତ କରି ବ୍ରାହ୍ମଣ ମାନଙ୍କୁ ଭକ୍ତି ଭାବରେ ପୂଜି ଦାନ କରିଛନ୍ତି । [illegible] ଅଜ୍ଞାନତା କାରଣରୁ ଦୁଇଥର ଦାନ ଦିଆଯାଇଥିବାରୁ ତାଙ୍କୁ କୃକଳାଶ ଜନ୍ମ ନେଇ

ମର୍ତ୍ତ୍ୟରେ କୀଟ ପରି ପଡ଼ି ରହିବାକୁ ହୋଇଛି । ଅଜ୍ଞାନତାର ଏ ଭୁଲ୍ ପାଇଁ ବିପ୍ରମାନଙ୍କ ପାଖରେ ବିନମ୍ରତାର ସହିତ ହାତଯୋଡ଼ି କ୍ଷମାପ୍ରାର୍ଥନା କରିଥିଲେ ବି ମୁକ୍ତି ପାଇନାହାନ୍ତି ।

ପବିତ୍ର ସୂର୍ଯ୍ୟବଂଶରେ ଜନ୍ମ ହୋଇ ସେ ବଂଶର ମାନ ମର୍ଯ୍ୟାଦା ରକ୍ଷା ସ୍ୱରୂପ ସେ ସାମାନ୍ୟ ପାପର ବଡ଼ ଫଳକୁ ହସି ହସି ସହି ନେଇଛନ୍ତି । ଶାପ ଗ୍ରସ୍ତର କାରଣ କୃଷ୍ଣ ପଚାରିବା ବେଳେ ସେ କୃଷ୍ଣଙ୍କୁ କହିଛି ତୁମେ ସର୍ବଭୂତର ଆତ୍ମା ତୁ ସକଳ କାରଣର କାରଣ । ଖାଲି ମିଛରେ ମୋ ମୁହଁରେ ଶୁଣିବ ବୋଲି ମୋତେ ବୃତ୍ତାନ୍ତ କହିବାକୁ କହୁଛି । ଅର୍ଥାତ୍ ଅନ୍ତର୍ଯ୍ୟାମୀଙ୍କୁ ସବୁକଥା ଜଣା ବୋଲି ନୃଗରାଜା କୃଷ୍ଣଙ୍କୁ କହିଛି ଓ ତାଙ୍କ ପାଦତଳେ ସମର୍ପି ଦେଇ ଶାପଗ୍ରସ୍ତ ଠାରୁ 'ଶାପମୋଚନ' ଯାଏ ଘଟଣା ବର୍ଣ୍ଣନା କରିଛି । ନୃଗରାଜା ଚରିତ୍ରଟି 'ଶାପମୋଚନ' କବିତାର ମୁଖ୍ୟ ଚରିତ୍ର ନୃଗରାଜା ମାଧ୍ୟମରେ ସମାଜର ବିଧି ବିଧାନ, ଧର୍ମ ଅଧର୍ମ, କର୍ମ ଅକର୍ମ, ସୁକର୍ମ, କୁକର୍ମ ଆଦିର ବର୍ଣ୍ଣନା କବି କରିଛନ୍ତି । ପାପପୁଣ୍ୟର ହିସାବ ପରେ ଯମରାଜା କେଉଁଟିକୁ ଆଗ ଗ୍ରହଣ କରିବ ପଚାରିବା ବେଳେ ଉଦାର ଚିତ୍ତରେ ପାପକର୍ମର ଫଳକୁ ଆଦରି ନେଇଛନ୍ତି । ବାସ୍ତବରେ ନୃଗରାଜା ଚରିତ୍ରଟି ଏଠାରେ ଏକ ଧାର୍ମିକ, ଜ୍ଞାନୀ, ଗୁଣି ଆଦି ସକଳ ସୁଗୁଣ ପରିପୂର୍ଣ୍ଣ ଚରିତ୍ର ଭାବେ ବର୍ଣ୍ଣିତ ।

**(ଗ) 'ଶାପ ମୋଚନ' କବିତାରେ କବିଙ୍କର ଧାର୍ମିକ ଭାବନାର ସ୍ୱତନ୍ତ୍ରତା ବିଚାର କର ।**

ଉ.: କବିତାଟି ଜଗନ୍ନାଥ ଦାସଙ୍କ ପ୍ରସିଦ୍ଧ 'ଭାଗବତ' ଗ୍ରନ୍ଥର ଏକ ଅଂଶବିଶେଷ । ଏଥିରେ କବି ନୃଗରାଜର 'ଶାପମୋଚନ'ର ଗୂଢ଼ ରହସ୍ୟ ଉନ୍ମୋଚନ କରିଛନ୍ତି । କବି ସାରଳା ଦାସଙ୍କ କାବ୍ୟ ଚେତନାରେ ଧର୍ମ ପ୍ରମୁଖ ସ୍ଥାନ ଲାଭ କରିଛି । କାରଣ ପିଲାବେଳୁ କବି ଜଗନ୍ନାଥଙ୍କ ପାଖରେ ପିତାଙ୍କ ସହିତ ଯାଇ ପୁରାଣ ଶୁଣୁଥିଲେ । ତାଙ୍କର ପିତା ଥିଲେ ଜଗନ୍ନାଥଙ୍କର ପୁରାଣପଣ୍ଡା । ଅତି ଛୋଟବେଳୁ ସେ ବଡ଼ ବଡ଼ ପଣ୍ଡିତ ମାନଙ୍କ ସଂସ୍ପର୍ଶରେ ଆସି ତାଙ୍କର ଜ୍ଞାନ ଓ ଭକ୍ତିର ବିକାଶ ହୋଇଥିଲା ଯାହାର ପରବର୍ତ୍ତି ରୂପ ଭାଗବତ ଠାରୁ ଆରମ୍ଭ କରି ଅସଂଖ୍ୟ ସୃଷ୍ଟିରେ ପଡ଼ିଥିଲା ।

ଧାର୍ମିକ ଭାବନା ଶାପମୋଚନ କବିତାର ମୁଖ୍ୟ ଅଭିମୁଖ୍ୟ । ଯାହାକୁ ରୂପ ଦେବାକୁ ଯାଇ ସେ ନୃଗରାଜ ଚରିତ୍ରର ଅବତାରଣା କରିଛନ୍ତି । ଧର୍ମ ପାଇଁ ସେ ସର୍ବସ୍ୱ ଦାନ କରିବାକୁ ପ୍ରସ୍ତୁତ ହୋଇଛନ୍ତି । ଶାପମୋଚନ ପୂର୍ବରୁ କୃକଳାଶ ଏକ ପରିତ୍ୟକ୍ତ ଜୀବ ପରି ପଡ଼ି ରହିଥିଲା । ମାତ୍ର ଶାପମୋଚନ ପରେ ଦିବ୍ୟ ସୁନ୍ଦର ରୂପ ଧରି ଅମୃତ ଫଳ ଭୋଗିବାକୁ ଚାଲିଯାଇଛି । ଶାପଗ୍ରସ୍ତ ଓ ଶାପମୋଚନ ମଝିରେ ଯେଉଁ କାହାଣୀ ରହିଯାଇଛି ତାହାହିଁ ଶାପମୋଚନ କବିତାର ଧାର୍ମିକ ଭାବନା । ନୃଗରାଜା ପବିତ୍ର ଇକ୍ଷ୍ୱାକୁ ବଂଶ ବା ସୂର୍ଯ୍ୟବଂଶରେ ଜନ୍ମ । ସୂର୍ଯ୍ୟବଂଶୀ ଜଣେ ଶ୍ରେଷ୍ଠ ଦାନୀ ଓ ଧାର୍ମିକ ରାଜା ଭାବରେ ତାଙ୍କର ଖ୍ୟାତି ରହିଥିଲା । ପୁଣ୍ୟ ଅର୍ଜନ ପାଇଁ ସେ ଗୋରୁ ଦାନ କରିଛନ୍ତି । ଦାନ କରୁଥିବା ଗୋରୁ, ଦାନୀ ବ୍ରାହ୍ମଣ, ତା'ର ପରିମାଣ ଏସବୁ ମଧ୍ୟ ଗୋଟିଏ ନୀତି ଓ ଶୃଙ୍ଖଳା ଭିତରେ ଆବଦ୍ଧ । ଯୁବା, ସୁଗୁଣ, ସାଧୁ ପୁଣି ସେ ଗରିବ, ବହୁ କୁଟୁମ୍ବୀ, ଉତ୍ତମ ବ୍ରହ୍ମଚର୍ଯ୍ୟ ପାଳନକାରୀ, ବେଦ ବିଦ୍ୟାରେ ନିପୁଣ । ପରିମାଣର ବର୍ଣ୍ଣନା ପୁଣି ଆକାଶର ତାରା, ବରଷାର ଧାରା, ଭୂମିର ଧୂଳି ଯେତିକି ସେତିକି ପରିମାଣରେ ସେ ଦାନ ଦେଇଛନ୍ତି । ଯେଉଁ ଗାଈଗୁଡ଼ିକୁ ସେ ଦାନ ପାଇଁ ସଂଗ୍ରହ କରିଥିଲେ ସେମାନଙ୍କୁ ପୁଣି ଯୁବାବୟସର, ବାଛୁରୀ ଥାଇ ଅର୍ଥାତ୍ କ୍ଷୀର ଦେଉଥିବା ଗାଈ, ସେମାନଙ୍କୁ ଶୁଦ୍ଧ ସୁବର୍ଣ୍ଣ, ରୂପା ଓ ବସ୍ତ୍ରାଦିରେ ସଜ୍ଜିତ କରି ଉତ୍ତମ ରୂପେ ପୂଜା କରି ବ୍ରାହ୍ମଣମାନଙ୍କୁ ଦାନ କରୁଥିଲେ । ଏହା ବ୍ୟତୀତ ଗୋ ଚର୍ମ ମାପରେ ଭୂମି, ତିଳପର୍ବତ ପରିମାଣର ଧନରାଶି ଆଦି ଦାନ ସୂତ୍ରରେ ଦେଉଥିଲେ । ଏଇ ଦାନ ଧର୍ମର କର୍ମ ସମ୍ପାଦନ ବେଳେ ରାଜା ଏକ ପାପକର୍ମ ନିଜ ଅଜ୍ଞାତରେ କରିଛନ୍ତି । ଗୋଟିଏ ଗାଈକୁ ଦୁଇଥର ଦାନ କରିଛନ୍ତି । ଦୁଇ ଥର ଦାନ ଦେଇ ଦୁଇ ବ୍ରାହ୍ମଣଙ୍କ କଳିର କାରଣ ସାଜିଛନ୍ତି ରାଜା । ଏଥିପାଇଁ

ତାଙ୍କୁ ବହୁ ମୂଲ୍ୟ ଦେବାକୁ ପଡ଼ିଛି । ବ୍ରାହ୍ମଣର ଅଭିଶାପକୁ ସ୍ଥିର ଚିତ୍ତରେ ବିନମ୍ର ସହକାରେ ସେ ଗ୍ରହଣ କରିଛନ୍ତି । ବିପ୍ରକୁ ଲକ୍ଷେ ଗାଈ ତା ବଦଳରେ ଦେଇ ସେ ଗାଈକୁ ଫେରାଇବା ପାଇଁ କହିଛନ୍ତି ମାତ୍ର ବିପ୍ର ସେ ପ୍ରସ୍ତାବରେ ରାଜି ହୋଇ ନାହାନ୍ତି । ରାଜାର ମୃତ୍ୟୁ ପରେ ପାପକର୍ମର ଫଳ ସ୍ୱରୂପ ଯମରାଜା ପାଖରେ ତା'ର ବିଚାର ହୋଇ କିଞ୍ଚିତ ପାପ କର୍ମ ପାଇଁ କୃକଳାସ ଶରୀର ନେଇ ମର୍ତ୍ତ୍ୟରେ କୂପ ମଧ୍ୟରେ ପଡ଼ିଛନ୍ତି । ମୃତ୍ୟୁ ପରେ ବି ରାଜାଙ୍କର ଧାର୍ମିକ ଭାବନାର ପରିଚୟ ପ୍ରଦାନ କରାଯାଇଛି । କାରଣ ପୁଣ୍ୟ ଫଳ ଅପେକ୍ଷା ପାପର ଫଳକୁ ସେ ଆଗ ଗ୍ରହଣ କରିଛନ୍ତି । ଶେଷରେ ମଦନ ଗୋପାଳଙ୍କ କର ସ୍ପର୍ଶରେ ମୋକ୍ଷ ଲାଭ କରି ପୂର୍ବସ୍ଥିତିକୁ ଫେରି ପାଇଛନ୍ତି । ଏଠାରେ ଇକ୍ଷ୍ୱାକୁ ବଂଶର ଦାୟାଦ ନୃଗରାଜଙ୍କୁ ଜଣେ ଦାନୀ, ମାନି, ଗୁଣି ଓ ଧାର୍ମିକ ବ୍ୟକ୍ତି ଭାବରେ ଚିତ୍ରଣ କରାଯାଇଛି ।

**(ଘ) 'ସ୍ୱର୍ଗେ ବସିବୁ ପୁଣ୍ୟ ବଳେ । ନିଜ ସୁକୃତ ତପ ଫଳେ'ରୁ କବିଙ୍କ କାବ୍ୟ ଆଭିମୁଖ୍ୟ ବିଚାର କର ।**

ଉ.: ପଞ୍ଚସଖା ଯୁଗର କବି ହେଉଛନ୍ତି ଜଗନ୍ନାଥ ଦାସ । ପଞ୍ଚସଖା ଯୁଗ ବା ସନ୍ଥ ଯୁଗରେ ଧାର୍ମିକ ଭାବନାକୁ ଗୁରୁତ୍ୱ ଦିଆଯାଇଥିଲା । ଚୈତନ୍ୟଙ୍କ ଆଗମନରେ ବୈଷ୍ଣବ ଧର୍ମର ପ୍ରଚାର ଓ ପ୍ରସାର ଫଳରେ ଉତ୍କଳୀୟମାନଙ୍କ ଭାବନାରେ ଯେଉଁ ଧର୍ମର ଚେତନା ପ୍ରତିଭାତ ହୋଇଥିଲା, ତାହା ଏହି ପଞ୍ଚସଖା ଯୁଗର କବି ବଳରାମ ଦାସ, ଜଗନ୍ନାଥ ଦାସ ଆଦି ବଳିଷ୍ଠ କବିମାନଙ୍କ ଲେଖାରୁ ହିଁ ଜଣାପଡ଼େ । ସାମାଜିକ ଚଳଣୀ, ନୀତି ଅନୀତିକୁ ନେଇ ଜଗନ୍ନାଥଙ୍କ ଭକ୍ତି ରସର ପରିପୂର୍ଣ୍ଣ ଭାଗବତ ଏହି ଭକ୍ତି ଧାରାର ଶ୍ରେଷ୍ଠ ନିଦର୍ଶନ । ପାପପୁଣ୍ୟର ବିଚାର କର୍ମକୁ ନେଇ କରାଯାଇଥାଏ । ଯିଏ ଯେଉଁ ପ୍ରକାର କର୍ମ କରିବ ସେ ସେହି ପ୍ରକାର ଫଳଭୋଗ କରିବା ଅର୍ଥରେ ଏ ଉକ୍ତିଟିର ଅର୍ଥ 'ଶାପମୋଚନ' କବିତାରେ ଦର୍ଶାଯାଇଛି ।

ନୃଗରାଜ ପୁଣ୍ୟ ଅର୍ଜ୍ଜନ ପାଇଁ ଅସଂଖ୍ୟ ଦାନ ଦକ୍ଷିଣା ଦେଇଛନ୍ତି । ସେଥିପାଇଁ ସେ ମହାଦାନୀ ପଣରେ ଜଗତରେ ଶ୍ରେଷ୍ଠ ରାଜାର ମାନ୍ୟତା ପାଇଛନ୍ତି । ମାତ୍ର କର୍ମଫଳ ସ୍ୱରୂପ ତାଙ୍କୁ ବି ଦିନେ ନର୍କ ଯନ୍ତ୍ରଣା ଭୋଗ କରିବାକୁ ପଡ଼ିଛି । ନୃଗରାଜ ଚରିତ୍ର ମାଧ୍ୟମରେ କବି କୁକର୍ମ, ସୁକର୍ମ, ପାପ-ପୁଣ୍ୟ ଏସବୁ ବର୍ଣ୍ଣନା କରି ସାମାଜିକ ଚେତନା ଜାଗ୍ରତ କରାଇଛନ୍ତି । ନୃଗରାଜା ଦାନ ସମୟରେ ଅଜ୍ଞାତରେ ଦୁଇଥର ଗୋଟିଏ ଗାଈକୁ ଦାନ କରିଥିବା ଯୋଗୁ ଦାନ ପାଇଥିବା ବିପ୍ରମାନଙ୍କ ମଧ୍ୟରେ କଳିର ସୂତ୍ରପାତ କରାଇଛନ୍ତି ଓ ବ୍ରାହ୍ମଣଙ୍କୁ ଅପମାନିତ କରିବାର ଦୋଷ ଲାଗିଛି ରାଜାଙ୍କୁ । ଯାହାର ହିସାବ ମୃତ୍ୟୁପରେ ଯମରାଜଙ୍କ ପାଖରେ ହୋଇଛି । ଯମଦୂତମାନେ ମୃତ୍ୟୁପରେ ନୃଗରାଜାର ଆତ୍ମାକୁ ବାନ୍ଧି ନେଇ ଯମରାଜଙ୍କ ପାଖରେ ପହଞ୍ଚାଇବା ପରେ ନୃଗରାଜ ପାପପୁଣ୍ୟର ହିସାବରେ କିଞ୍ଚିତ ଦୋଷ ପାପର ଲାଗିଛି ତା'ର ପରିଣାମସ୍ୱରୂପ ନୃଗରାଜ କୃକଳାଶ ରୂପରେ ଗଭୀର କୂପ ମଧ୍ୟରେ ଦୀର୍ଘଦିନ ପଡ଼ି ରହିଛି । ପାପ ଫଳ ଓ ପୁଣ୍ୟ ଫଳ ଭିତରୁ କେଉଁଟିକୁ ଆଗ ଗ୍ରହଣ କରିବୁ ତୋର ଇଚ୍ଛା ବୋଲି ଯମରାଜା କହିବା ପରେ ରାଜା ପାପଫଳକୁ ପ୍ରଥମେ ଆଦରି ନେଇଛି । ଭଗବାନଙ୍କ ପାଖରେ ଆକୁଳରେ ପ୍ରାର୍ଥନା କରିଛି ଏଥିରୁ ମୁକ୍ତି ପାଇଁ । ଈଶ୍ୱରଙ୍କ ନିକଟରେ ନିଜକୁ ସେ ସମ୍ପୂର୍ଣ୍ଣ ସମର୍ପଣ କରିଦେଇଛନ୍ତି । ଯମ ମୁଖରୁ କୃକଳାଶ ଜନ୍ମ ହୋଇ ଫଳ ଭୋଗିବା କଥା ଶୁଣୁ ଶୁଣୁ ସେ କୃକଳାସ ରୂପ ଧାରଣ କରିଛନ୍ତି । ପୁଣି ସେଇ ଯମ ତା'ର ପ୍ରତିକାର ବା ପାପ ଫଳ ଭୋଗର ଶେଷ ସମୟ କଥା ମଧ୍ୟ କହିଛନ୍ତି ଯେ ପାପ ଫଳ ଭୋଗର ପରିଶେଷରେ କୃଷ୍ଣଙ୍କ ଦ୍ୱାରା ସେ ଶାପମୁକ୍ତ ହେବ ଓ ସ୍ୱର୍ଗରେ ଦେବତାମାନଙ୍କ ସହ ଯାଇ ପୁଣ୍ୟ ଫଳ ଭୋଗ କରିବେ ।

କବି ଏଠାରେ ନୃଗରାଜ ମାଧ୍ୟମରେ କର୍ମଜ୍ଞାନକୁ ପାଠକ ନିକଟରେ ଉପସ୍ଥାପିତ କରିଛନ୍ତି । ସତ୍‌ପଥରେ ପରିଚାଳିତ ହେବାକୁ ପରାମର୍ଶ ଦେଇଛନ୍ତି । ଯେ ଯେପରି କର୍ମ କରିବ ସେ ସେହିପ୍ରକାର ଫଳ ଭୋଗ କରି ଏକଥା ଅନ୍ୟଥା ହେବ ନାହିଁ ଏହି ଦୃଢ଼ ଭାବନା ଓ ଚିନ୍ତାକୁ ମାନବ ସମାଜକୁ ଚେତେଇ ଦେଇଛନ୍ତି ନୃଗରାଜ ଚରିତ୍ର ମାଧ୍ୟମରେ ।

**(ଡ) 'ଶାପ ମୋଚନ' କବିତାରୁ ତୁମେ କ'ଣ ଶିକ୍ଷା କଲ ସଂକ୍ଷେପରେ ଲେଖ ।**

ଉ.: 'ଶାପ ମୋଚନ' କବିତାଟି କବି ଜଗନ୍ନାଥ ଦାସଙ୍କ ରଚିତ ପ୍ରସିଦ୍ଧ ଭାଗବତ ମହାଗ୍ରନ୍ଥର ଏକ ଅଂଶବିଶେଷ । ଭାଗବତ ଭାବ ଓ ଜ୍ଞାନର ପୁରାଣ । ଏହି ମହାନଗ୍ରନ୍ଥ ସମାଜର କେନ୍ଦ୍ରବିନ୍ଦୁ । ମର୍ତ୍ତ୍ୟମଣ୍ଡଳରେ ଦେହଧାରଣ କରିଥିବା ମଣିଷ, ଜୀବଜନ୍ତୁ, ଗଛଲତା ସମସ୍ତଙ୍କ ପାଇଁ ରହିଛି ଏଥିରେ ପ୍ରେରଣା । କବି ଜଗନ୍ନାଥ ଦାସ ଭାଗବତ ବ୍ୟତୀତ 'ତୁଳାଭିଣା', 'ଅର୍ଥ କୋଇଲି', 'ମୃଗୁଣୀ ସ୍ତୁତି', 'ଗଜସ୍ତୁତି', 'ଧ୍ରୁବଚରିତ', 'ଗୁପ୍ତ ଭାଗବତ', 'ଦାରୁବ୍ରହ୍ମଗୀତା' ଓ ଅନେକ ଭଜନ ଓ ଜଣାଣ ମଧ୍ୟରେ ବି ବହୁ ଗୁଢ଼ତତ୍ତ୍ୱ ଓ ରହସ୍ୟ ଭରି ଦେଇଛନ୍ତି । ତାଙ୍କର ସମସ୍ତ ସୃଷ୍ଟିରେ ଭକ୍ତିଭାବ ଓ ସମର୍ପଣ ଭାବର ପ୍ରାବଲ୍ୟ ଦେଖିବାକୁ ମିଳେ ।

'ଶାପମୋଚନ' କବିତାରେ କବି ପାପପୁଣ୍ୟର ଫଳ ଭୋଗକୁ ନେଇ ଏକ ସୁନ୍ଦର କଥାବସ୍ତୁର ଅବତାରଣା କରିଛନ୍ତି ନୃଗରାଜା ମାଧ୍ୟମରେ । ସଂସାର ଏକ ପରୀକ୍ଷାଗାର । ଜନ୍ମରୁ ମରଣଯାଏ ବ୍ୟବଧାନ ଭିତରେ ଯେଉଁ କର୍ମ ମଣିଷ କରେ ତା'ର ହିସାବ ହୁଏ କର୍ମର ପରିସମାପ୍ତିରେ । ସୁକର୍ମ ପାଇଁ ଫଳ ଓ ମନ୍ଦକର୍ମ ପାଇଁ ଫଳ ବିଚାର କରାଯାଇଥାଏ ଓ ତାକୁ ଭୋଗ କରିବାକୁ ହୁଏ । ତେଣୁ ସୁକର୍ମ କରି ଧର୍ମ ଅର୍ଜନ କଲେ ଈଶ୍ୱର ପ୍ରାପ୍ତି ହୁଏ । ଭାଗବତର ଏହି ଉକ୍ତିଟିର ଯଥାର୍ଥତାର ପ୍ରମାଣ ଦିଆଯାଇଛି । ବିପଦରେ ପଡ଼ିଲେ, ଅକର୍ମ କଲେ ଭଗବାନଙ୍କୁ ପ୍ରାର୍ଥନା କରାଯାଏ । ନିଜ ବାହୁବଳ ଉପରେ ଦୃଢ଼ ଆସ୍ଥା ରଖିଥିବା କୃଷ୍ଣ କୁମାରମାନେ ସମସ୍ତେ ମିଶି ଦଉଡ଼ିରେ କୃକଳାସକୁ କୂଅ ମଧ୍ୟରୁ ବାହାରକୁ ଆଣିପାରି ନାହାନ୍ତି । କାରଣ ସେମାନେ ଜାଣିନାହାନ୍ତି ଯେ ତା'ର ପାପ ଫଳ ଭୋଗ କରିବାର ସମୟ ସରିନାହିଁ । ଯେଉଁଠି ଯେଉଁ ସମୟରେ, ଯାହା ହାତରେ ସେ ଉଦ୍ଧାର ପାଇବ ସେ ସମୟ ବିଧି ନିର୍ଘଣ୍ଟ ଯେଉଁଥିପାଇଁ କୃଷ୍ଣଙ୍କ ହାତରେ ସେ ଫୁଲମାଳ ପରି ଉଠିଆସିଛି ।

କୃଷ୍ଣଙ୍କର ମାୟାକୁ ପୁଣ୍ୟପ୍ରାଣ ନୃଗରାଜ ଜାଣିପାରିଛି ଯେତେବେଳେ କୃଷ୍ଣ ତାକୁ କୃକଳାଶର ଜନ୍ମ ବୃତ୍ତାନ୍ତ ପଚାରିଛନ୍ତି । ଏକଥା ଉତ୍ତରରେ ନୃଗରାଜ କହିଛି ତୁମକୁ କେଉଁ କଥା ଅଜଣା ଯେ ଏକଥା ପଚାରି ପୁଣି ମୋର ପରୀକ୍ଷା ନେଉଛ ଓ କହିଛି –

ତୁ ତାହା ଅଛୁ ଭଲେ ଜାଣି । ମୁଁ କି କହିବି ପରିମାଣି ॥
ସର୍ବଭୂତଙ୍କ ଆତ୍ମା ତୁହି । ଅଶେଷ ଜ୍ଞାନ ତୋର ତହିଁ ॥
ତୁ ନାଥ ଭଲେ ଏହା ଜାଣୁ । କେବଳ ମୋତେ ପରିମାଣୁ ॥
ତଥାପି ଆଜ୍ଞା ଘେନି ଶିରେ । କହିବି ତୋହର ଛାମୁରେ ॥

ଧର୍ମ, ଅର୍ଥ, କାମ ମୋକ୍ଷଦାତା, ପରମ କାରୁଣିକ, ସକଳ ସୃଷ୍ଟିର ଆଧାର କୃଷ୍ଣଙ୍କ ପାଦତଳେ ଶରଣ ପଶି ନୃଗରାଜ ନିଜର ଶାପଗ୍ରସ୍ତ ଜୀବନକୁ ବର୍ଣ୍ଣନା କରିଛି । ସୃଷ୍ଟିର ଶ୍ରେଷ୍ଠ ଜୀବ ଭାବେ ଜନ୍ମ ନେଇ କିଛି ସତ୍‌କର୍ମ କରି ସମାଜର ମଙ୍ଗଳ କରିବା ପାଇଁ ହିତୋପଦେଶ ଏଥିରେ ଦିଆଯାଇଛି । ଲକ୍ଷେ ଗାଈ ବଦଳରେ ବିପ୍ର ସେ ଗୋଟିଏ ଗାଈକୁ ମଧ୍ୟ ଫେରାଇ ନାହିଁ କାରଣ ଏକଥା ପ୍ରମାଣ କରାଯିବାକୁ ଯେ ଜ୍ଞାନ ଓ ଅଜ୍ଞାନରେ ହେଉ ଭୁଲ ବା ଅପରାଧ କେବଳ ଅପରାଧରେ ଗଣାଯିବ । ତା ପାଇଁ ବିଚାର ଅଛି ପ୍ରତିକାର ଅଛି ତାକୁ ସ୍ୱୀକାର କରିବାକୁ ହେବ । 'ଶାପ ମୋଚନ' କବିତାରେ କବି ଶୁଦ୍ଧ, ସଂକଳ୍ପ, ସତ୍ୟ, ନ୍ୟାୟ, ନିଷ୍ଠା, ଧର୍ମ କର୍ମପ୍ରବଣତା, ସମର୍ପଣ ଭାବ ଓ ବିଭୁପ୍ରୀତି, ପୂର୍ବଜନ୍ମ ଓ କର୍ମଫଳ ଆଦି ବିବିଧ ଚିତ୍ର ପ୍ରଦାନ କରିଛନ୍ତି ।

# ବିଷୟ-ହିମକାଳ

## କବି-ଦୀନକୃଷ୍ଣ ଦାସ

**କବି ସମ୍ପର୍କରେ :**

"ଅପାର କାବ୍ୟ ସଂସାରେ କବିରେବ ପ୍ରଜାପତିଃ" । ଏହି ଉକ୍ତିଟି କବି ଓ ତା'ର ସୃଷ୍ଟି ସମ୍ପର୍କରେ ଅସୀମ ବାର୍ତ୍ତାଦିଏ । କବି ସ୍ରଷ୍ଟା ଓ ଦ୍ରଷ୍ଟା । କବିତା ତା'ର ମାନସ ସନ୍ତାନ । କବିର ସ୍ୱତସ୍ଫୂର୍ତ୍ତ ଅଭିବ୍ୟକ୍ତିର ମନ୍ମୟ ପରିପ୍ରକାଶ ହେଉଛି କବିତା । ଦୀନକୃଷ୍ଣ ଦାସଙ୍କ କାବ୍ୟ ସମୂହରେ ଯଥାର୍ଥ କବିତ୍ୱର ପରିପ୍ରକାଶ ଘଟିଛି । ରୀତିଯୁଗ ବା ମଧ୍ୟଯୁଗର ଜଣେ ବନ୍ଦନୀୟ ବା ପୁରୋଧା କବି ଭାବରେ ସେ ପରିଚିତ । ଚୈତନ୍ୟଙ୍କ ବୈଷ୍ଣବୀୟ ପରମ୍ପରାରେ ସେ ଥିଲେ ପରମ ସାଧକ । ଜ୍ଞାନ ଓ ଭକ୍ତିର ସମନ୍ୱୟ ତାଙ୍କ କାବ୍ୟରେ ଦେଖିବାକୁ ମିଳେ । ଜଗନ୍ନାଥ ଧାମ ଶ୍ରୀକ୍ଷେତ୍ରରେ ତାଙ୍କ ଜୀବନର ଅନେକ କାଳ କଟିଛି । ବହୁ ଯାତନା, ନିନ୍ଦା, କୁତ୍ସାରଟନା ଭିତରେ ବି ତାଙ୍କ କବିତ୍ୱ ସେମିତି ଜ୍ୟୋତି ପ୍ରକାଶ କରିଛି । ଦୀନକୃଷ୍ଣ ବହୁକାବ୍ୟ କବିତା ସୃଷ୍ଟି କରିଛନ୍ତି । ସେଗୁଡ଼ିକ ହେଲା 'ରସ କଲ୍ଲୋଳ', 'ମଧୁମଙ୍ଗଳ', 'ଜଗମୋହନ ଛାନ୍ଦ', 'ଆର୍ତ୍ତତ୍ରାଣ ଚଉତିଶା', 'ପ୍ରସ୍ତାବ ସିନ୍ଧୁ', 'ଗୁଣ୍ଡିଚା ବିଜେ', 'ଗୁଣସାଗର', 'ଧର୍ମସାଗର', 'ରସବିନୋଦ' ଓ 'ଅନେକ ଭଜନ', 'ଜଣାଣ', 'ଚଉପଦି' ଓ 'ଚଉତିଶା' ସେ ରଚନା କରିଛନ୍ତି । ମାତ୍ର ଏ ସମସ୍ତ କାବ୍ୟ ଭିତରୁ 'ରସକଲ୍ଲୋଳ' ହିଁ କବିଙ୍କୁ ସମଗ୍ର ସାହିତ୍ୟ ଜଗତରେ ଶ୍ରେଷ୍ଠ କବିର ମାନ୍ୟତା ପ୍ରଦାନ କରିଛି । ରସକଲ୍ଲୋଳର କାନ୍ତ କୋମଳ ପଦାବଳୀ ପାଇଁ ତାଙ୍କୁ କେହି କେହି ଓଡ଼ିଆ ସାହିତ୍ୟର ଜୟଦେବ ରୂପେ ତୁଳନା କରିଛନ୍ତି । ରସକଲ୍ଲୋଳର ଏକ ଅଦ୍ଭୁତ କାବ୍ୟ ଚାତୁରୀ ହେଲା ଏହାର ପ୍ରତ୍ୟେକ ପଦର ଆଦ୍ୟ ଅକ୍ଷର 'କ'ରୁ ଆରମ୍ଭ ହୋଇଛି । ସମସ୍ତ କାବ୍ୟଟି ଏହି ନିୟମରେ ରଚିତ ଏହା କିଛି ସହଜକଥା ନୁହଁ ଏ ସମ୍ପର୍କରେ କବି କହିଛନ୍ତି -

'କ' ଅକ୍ଷରେ ହୋଇଛି ନିୟମ
କଥା ନୋହେ ଦିବ୍ୟ ଅଦିବ୍ୟ ସସ
କେତେ କଉତୁକ କରନ୍ତି ଏଥି
କେବଳ କ୍ଷୀର ସିନ୍ଧୁ ପ୍ରାୟ ମନ୍ଥି
କରି ରସ ଜାତ
କରଧୀଷଣା ମନ୍ଦର ପର୍ବତ ।

କବିଙ୍କ ଦୃଷ୍ଟିରେ କୃଷ୍ଣ ଓ ଜଗନ୍ନାଥ ଏକ ଆଉ ଅଭିନ୍ନ । ତେଣୁ କୃଷ୍ଣଙ୍କ ଭିତରେ ଜଗନ୍ନାଥ ଓ ଜଗନ୍ନାଥଙ୍କ ଭିତରେ କୃଷ୍ଣଙ୍କୁ ସେ ଦେଖିଛନ୍ତି । ଦୀନକୃଷ୍ଣଙ୍କ କାବ୍ୟ ସମ୍ଭାର ଏତେ ସୁଦୂର ପ୍ରସାରୀ ଥିଲା ଯେ ତାଙ୍କର ପରବର୍ତ୍ତୀ ସମସ୍ତ କବି, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ପର୍ଯ୍ୟନ୍ତେ ଦୀନକୃଷ୍ଣଙ୍କୁ ସମ୍ମାନ ଦେଇଛନ୍ତି ।

**ହିମକାଳ କବିତାର ସାରମର୍ମ :**

'ହିମକାଳ' କବିତା କବିଦୀନକୃଷ୍ଣଙ୍କ ପ୍ରସିଦ୍ଧ ରସ କାବ୍ୟ 'ରସ କଲ୍ଲୋଳ'ର ଏକାଦଶ ଛାନ୍ଦର ଏକ ଅଂଶବିଶେଷ । ଗୋପରେ ଶ୍ରୀକୃଷ୍ଣଙ୍କର ବ୍ରଜଲୀଳା ସମୟରେ ଷଡ଼ଋତୁ ବର୍ଣ୍ଣନା କରାଯାଇଛି । ଏହି ଷଡ଼ଋତୁ ମଧ୍ୟରୁ ହିମଋତୁ କିପରି ଗୋପାଙ୍ଗନାମାନଙ୍କ ଉପରେ ମାନସିକ ଓ ଶାରୀରିକ ପ୍ରଭାବ ପକାଇଛି ଓ ହିମ ଋତୁରେ ପ୍ରକୃତିର ବର୍ଣ୍ଣନା ଇତ୍ୟାଦି ସ୍ଥାନ ପାଇଛି । ହିମକାଳ ପ୍ରବେଶ ହେବା ପରେ ପ୍ରକୃତିର ପରିବର୍ତ୍ତନ ଘଟିଛି । ହିମର ପ୍ରକୋପରେ

ପଦ୍ମବନ ଜଳିଯାଇଛି । ଶୀତର ପ୍ରକୋପରେ କେବଳ ପୃଥିବୀବାସୀ ନୁହନ୍ତି ସ୍ୱର୍ଗର ଦେବାଦେବୀମାନେ ମଧ୍ୟ ଶୀତ ଦାଉରୁ ରକ୍ଷା ପାଇପାରି ନାହାନ୍ତି । ସୃଷ୍ଟିକୁ ଜନ୍ମ ଦେଇଥିବା ବ୍ରହ୍ମା ମଧ୍ୟ ଶୀତର ପ୍ରକୋପକୁ ଭୋଗ କରିଛନ୍ତି । ଦେବଦେବୀମାନେ ଚନ୍ଦନର ଶୀତଳତା ଠାରୁ ଦୂରେଇ ରହିଛନ୍ତି । ପଦ୍ମଲକ୍ଷ୍ମୀ ଦେବୀଙ୍କ ବାସସ୍ଥାନ ଓ ବ୍ରହ୍ମାଙ୍କର ଆସନ । ଭଗବାନ ବିଷ୍ଣୁ ହାତରେ ପଦ୍ମକୁ ଧାରଣ କରନ୍ତି, ପୁଣି ସୂର୍ଯ୍ୟ ଦେବତା ପଦ୍ମର ନାଥ ବା ସ୍ୱାମୀ । ପଦ୍ମ ସହିତ ଏତେ ନିଗୂଢ଼ ସମ୍ପର୍କ ଥାଇବି ପଦ୍ମବନ ଶୀତ ପ୍ରକୋପରେ ଜଳିଯିବା ବେଳେ ପଦ୍ମକୁ କେହି ରକ୍ଷା କରିପାରି ନାହାନ୍ତି । କଥାରେ ଅଛି 'ସମ୍ପଦ ବେଳେ ସର୍ବେ ସଖା' । ସୁଖ ସମୟରେ ସମସ୍ତେ ନିଜର ଦୁଃଖ ସମୟରେ ମୁହଁ ଫେରାଇ ନେବା ପରି ଅବସ୍ଥା ଏଠି ପଦ୍ମର ହୋଇଛି ।

କବି ପୁଣି ଚନ୍ଦନ ଓ ଚନ୍ଦ୍ରର ଉଦାହରଣ ଦେଇଛନ୍ତି ଯେ ବିରହୀ ବିରହିଣୀ ଚନ୍ଦନ ଓ କର୍ପୁର ଲେପନ କରି ଶୀତଳତା ଅନୁଭବ କରିଥାନ୍ତି ଓ ଚନ୍ଦ୍ରର ଶୀତଳ କିରଣରେ ତୃପ୍ତି ଲାଭ କରିଥାନ୍ତି । ମାତ୍ର ସମୟର ଚକ୍ରରେ ସେହି ଚନ୍ଦ୍ର ଓ ଚନ୍ଦନ ତାକୁ ବିମୁଖ ଲାଗିଥାଏ ବା ବିଷ ତୁଲ୍ୟ ମନେ ହୋଇଥାଏ । ଜଳସହିତ ପଦ୍ମର ମଧୁର ସମ୍ପର୍କ, ଏ ସମ୍ପର୍କକୁ କବି କ୍ଷୀର ନୀର ସହିତ ତୁଳନା କରିଛନ୍ତି । କ୍ଷୀର ଓ ନୀର ଦୁହେଁ ମିତ୍ର । ମାତ୍ର କ୍ଷୀର ପାକ ସମୟରେ ନୀରର ମୃତ୍ୟୁହୁଏ ଓ ପ୍ରାଣଠୁ ଅଧିକ ପ୍ରିୟ କ୍ଷୀରଠାରୁ ତା'ର ବିଚ୍ଛେଦ ଘଟେ ।

ବ୍ରହ୍ମା ଓ ବିଷ୍ଣୁ ଦୁହେଁ ସୃଷ୍ଟି ଓ ପାଳନକର୍ତ୍ତା । ଏମାନେ ଜଗତର ମଙ୍ଗଳ ପାଇଁ ନିଜକୁ ସମର୍ପଣ କରିଥାନ୍ତି । କିନ୍ତୁ ସମୟକ୍ରମେ ନିଜକୁ ଯେତେବେଳେ ରକ୍ଷା କରିବା ଅସମ୍ଭବ ହୋଇପଡ଼େ ସେତେବେଳେ ସେମାନେ ସମାଜର ମଙ୍ଗଳ କରିବାରେ ଅସମର୍ଥ ହୋଇ ପଡ଼ନ୍ତି । ବିଷ୍ଣୁ ବିଭିନ୍ନ ଶୀତ ବସ୍ତ୍ରରେ ପରିଧାନ ହୋଇ ଲକ୍ଷ୍ମୀଙ୍କୁ କୋଳରେ ଧରି ଶୀତ ଦାଉରୁ ନିଜକୁ ରକ୍ଷା କରିଛନ୍ତି । ସୂର୍ଯ୍ୟ ଶୀତ ଦାଉରୁ ରକ୍ଷା ପାଇଁ ଦକ୍ଷିଣାୟନ ହୋଇଛନ୍ତି । ସଂସାରର ପ୍ରାଣୀମାନେ ଶୀତ ପ୍ରକୋପରୁ ରକ୍ଷା ପାଇଁ ଅଗ୍ନି ଦ୍ୱାରା ନିଆଁ ପୋଇଁବାରୁ କିଛି ମାତ୍ରାରେ ନିଜକୁ ରକ୍ଷା କରିଛନ୍ତି ।

ଅନ୍ୟଏକ ବର୍ଣ୍ଣନାରେ କବି ଶୀତର ପ୍ରଭାବକୁ ବର୍ଣ୍ଣନା କରି କହିଛନ୍ତି ଯେ ଶୀତର ପ୍ରକୋପ ହେତୁ ଲୋକମାନେ ଯୋଡ଼ ହସ୍ତ ହୋଇ ଶୀତ ଦାଉରୁ ରକ୍ଷା ପାଇବାକୁ ଚେଷ୍ଟା କରିଛନ୍ତି । କେହି କେହି ଛାତିରେ ଦୁଇ ହାତକୁ ଜାକି ଧରିଛନ୍ତି । ପୁଣି ଆଉ କେହି ସିଧା ହୋଇ ଛିଡ଼ା ନ ପାରି ବଙ୍କା ଭାବରେ ଛିଡ଼ା ହୋଇଛନ୍ତି । କୌଣସିମତେ କଷ୍ଟରେ ରାତି ବିତେଇ ଶୀତର ପ୍ରକୋପକୁ ନିନ୍ଦା କରିଛନ୍ତି ।

ଶେଷ ପର୍ଯ୍ୟାୟରେ କବି ଜଗତର କର୍ତ୍ତା, ସର୍ବ ମୋକ୍ଷର ମୁଖ୍ୟ, ଅଗତିର ଗତି, ଦୁଃଖନାଶନ, ଦରିଦ୍ରର ବନ୍ଧୁ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରିବା ପାଇଁ ପ୍ରେରଣା ଦେଇଛନ୍ତି । ତାଙ୍କ ପାଦପଦ୍ମରେ ମନନଯୋଗ କରି ତାଙ୍କ କଥା ଶ୍ରବଣ କରି, ତାଙ୍କ ପାଖରେ ଶରଣ ପଶି, ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିବା ପାଇଁ ଆହ୍ୱାନ କରିଛନ୍ତି । ସେଇ ଅପୂର୍ବ ଲୀଳାଖେଳାର ପ୍ରତୀକକୁ ଧ୍ୟାନ କରିବାକୁ ପରାମର୍ଶ ଦେଇଛନ୍ତି । ତାଙ୍କୁ ସ୍ମରଣ କରିବା, ତାଙ୍କ କଥା କାନରେ ଶୁଣିବା ଓ ଶୁଣେଇବା କୃଷ୍ଣ କାର୍ଯ୍ୟରେ ଅବହେଳା ନକରିବା, ତାଙ୍କୁ ଖୁସିକରିବା ପାଇଁ ବିଭିନ୍ନ ଦ୍ରବ୍ୟ ସାଇତି ରଖିବା ଆଦି କଲେ ପ୍ରଭୁ ଦୟାମୟ ଆଦିମୂଳ ସନ୍ତୁଷ୍ଟ ହେବେ ବୋଲି କବି କହିଛନ୍ତି ।

୧. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ପ୍ରଶ୍ନର ମୂଲ୍ୟ ୧ ନମ୍ବର । ସମ୍ଭାବ୍ୟ ୪ ଗୋଟି ଗୋଟି ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ ।

(କ) ଦଣ୍ଡଧର କହିଲେ କ'ଣ ବୁଝ ?

(ରାଜା, ଯମଦେବତା, ପୁଲିସ, ବିଚାରପତି)

ଉ.: ଯମଦେବତା ।

(ଖ) ନିମ୍ନଲିଖିତ କେଉଁ ନାମଟି କୃଷ୍ଣଙ୍କର ନୁହେଁ ?

(ପୀତବାସ, କଞ୍ଜନୟନ, ରୋହିଣୀ ନନ୍ଦନ, ଯଶୋଦାଜୀବନ)

ଉ.: ରୋହିଣୀ ନନ୍ଦନ ।

(ଗ) ପଦ୍ମିନୀର ସ୍ୱାମୀ କିଏ ?

(ଚନ୍ଦ୍ର, ପୃଥିବୀ, ସୂର୍ଯ୍ୟ, ପୁଷ୍କରିଣୀ)

ଉ.: ସୂର୍ଯ୍ୟ ।

(ଘ) କର୍ପୂର ଚନ୍ଦନ କେତେବେଳେ ଅଗ୍ନିଠାରୁ ଜ୍ୱଳନପ୍ରଦ ହୁଏ ?

(ବର୍ଷାଋତୁରେ, ସ୍ୱାମୀ ସ୍ତ୍ରୀର ବିରହ କାଳରେ, ଗ୍ରୀଷ୍ମକାଳରେ, ମିଳନ କାଳରେ)

ଉ.: ସ୍ୱାମୀ ସ୍ତ୍ରୀର ବିରହ କାଳରେ

(ଙ) ମିତ୍ର ସହିତ କିଏ ପ୍ରାଣତ୍ୟାଗ କରେ ?

(ପାଣି, କ୍ଷୀର, ମହୁ, ଘିଅ)

ଉ.: କ୍ଷୀର ।

(ଚ) କୋଟିବ୍ରହ୍ମାଣ୍ଡ ନାଥ କିଏ ?

(କୃଷ୍ଣ, ଜଗନ୍ନାଥ, ରାମ, ରାଜା)

ଉ.: ଜଗନ୍ନାଥ ।

(ଛ) ଚିତ୍ରଭାନୁର ଅର୍ଥ କ'ଣ ?

(ନିଆଁ, ପାଣି, ଖରା, ରେଙ୍କେଇ)

ଉ.: ନିଆଁ ।

(ଜ) ନିମ୍ନଲିଖିତ କେଉଁ କାର୍ଯ୍ୟଟି ଶୀତଋତୁ ଲାଗି ପ୍ରଯୁଜ୍ୟ ନୁହେଁ ?

(ନବ ନିଶାର ସଜାଡ଼ିଲା, ତପତ ଜଳେ ପ୍ରୀତିକଲା, ମନ୍ଦିର ଭେଦ ନିରୋଧିଲା, ଚନ୍ଦ୍ର ଚନ୍ଦନକୁ ସ୍ନେହ କଲା)

ଉ.: ଚନ୍ଦ୍ର ଚନ୍ଦନକୁ ସ୍ନେହ କଲା ।

(ଝ). ହିମଋତୁ ନିମ୍ନଲିଖିତ କେଉଁ କାର୍ଯ୍ୟଟି ହୁଏନାହିଁ ?

(ଦିବସ ସାନ ହୁଏ, ପଦ୍ମବନ ବିକଶିତ ହୁଏ ନାହିଁ, ପଦ୍ମବନ ପୋଡ଼ିଯାଏ, ଶୀତଳ ଜଳରୁ ଆଗ୍ରହ ତୁଟିଯାଏ)

ଉ.: ପଦ୍ମବନ ବିକଶିତ ହୁଏ ନାହିଁ ।

(ଞ) ନିମ୍ନଲିଖିତ କେଉଁ ବ୍ୟକ୍ତି ପଦ୍ମ ସହିତ ସଂପୃକ୍ତ ନୁହଁନ୍ତି ?

(ବ୍ରହ୍ମା, ସୂର୍ଯ୍ୟ, ଲକ୍ଷ୍ମୀ, ଯମ)

ଉ.: ଯମ ।

(ଟ) ଶୀତକାଳରେ ପଦ୍ମର ଜଳିଯିବାକୁ କବି କ'ଣ ଭାବରେ ଗ୍ରହଣ କରିଛନ୍ତି ?

(ଭାଗ୍ୟଫଳ, ଦୈବବଳ, ପୁଣ୍ୟବଳ, ପାପଫଳ)

ଉ.: ଭାଗ୍ୟଫଳ ।

(ଠ) ଦୁଃଖ ପଡ଼ିବାବେଳେ ବନ୍ଧୁମାନେ କି ପ୍ରତିକ୍ରିୟା ପ୍ରଦର୍ଶନ କରନ୍ତି ?

(ସୁଖୀ ହୁଅନ୍ତି, ବିମୁଖ ହୁଅନ୍ତି, ସମବେଦନା ଦିଅନ୍ତି, କ୍ରୋଧ ପ୍ରକାଶ କରନ୍ତି)

ଉ.: ବିମୁଖ ହୁଅନ୍ତି ।

(ଡ) ଶୀତ ଋତୁରେ ସୂର୍ଯ୍ୟ କେଉଁ ଦିଗକୁ ଗତି କରନ୍ତି ?

(ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ)

ଉ.: ଦକ୍ଷିଣ ।

(ଢ) ହସନ୍ତୀ କହିଲେ କ'ଣ ବୁଝ ?

(ହସୁଥିବା ଝିଅ, ସକାଳର ସୂର୍ଯ୍ୟ କିରଣ, ନିଆଁ ଉମ୍ବେଇ, ଉଦୟ ହୋଇ ଆସୁଥିବା ଚନ୍ଦ୍ର)

ଉ.: ନିଆଁ ଉମ୍ବେଇ ।

(ଣ) ଆମ ଦେଶରେ କେଉଁ ମାସକୁ ହିମ ଋତୁ କୁହାଯାଏ ?

(ଆଷାଢ଼-ଶ୍ରାବଣ, କାର୍ତ୍ତିକ-ମାର୍ଗଶୀର, ଫାଲ୍‌ଗୁନ-ଚୈତ୍ର, ବୈଶାଖ-ଜ୍ୟେଷ୍ଠ)

ଉ.: କାର୍ତ୍ତିକ-ମାର୍ଗଶୀର ।

(ତ) ନିମ୍ନଲିଖିତ କେଉଁ ନାମଟି ସୂର୍ଯ୍ୟଙ୍କର ନୁହେଁ ?

(ସହସ୍ରାଂଶୁ, ସହସ୍ରାକ୍ଷ, ବିକର୍ତ୍ତନ, ଦିବାକର)

ଉ.: ସହସ୍ରାକ୍ଷ ।

**୨. ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନ - ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନମୂଲ୍ୟ ୧ ନମ୍ବର ।**

(କ) ହିମକାଳ କବିତାର କବି କିଏ ?

ଉ.: ହିମକାଳ କବିତାର କବି ଦୀନକୃଷ୍ଣ ଦାସ ।

(ଖ) ଏହି କବିତାଟି କବିଙ୍କ କେଉଁ କାବ୍ୟର ଅଂଶବିଶେଷ ?

ଉ.: ଏହି କବିତାଟି କବିଙ୍କର 'ରସ କଲ୍ଲୋଳ' କାବ୍ୟର ଅଂଶବିଶେଷ ।

(ଗ) ଶୀତଋତୁ ଆସିବାରୁ ଦିବସର କି ଦଶା ହେଲା ?

ଉ.: ଶୀତଋତୁ ଆସିବାରୁ ଦିବସର ନ୍ୟୁନଭାବର ଦଶା ହେଲା ।

(ଘ) ବ୍ରହ୍ମାଙ୍କ ଆସନ କିଏ ?

ଉ.: ବ୍ରହ୍ମାଙ୍କ ଆସନ ପଦ୍ମ ।

(ଙ) ପଦ୍ମର ସ୍ୱାମୀ ବୋଲି କାହାକୁ କୁହାଯାଇଛି ?

ଉ.: ପଦ୍ମର ସ୍ୱାମୀ ବୋଲି ସୂର୍ଯ୍ୟଙ୍କୁ କୁହାଯାଇଛି ।

(ଚ) କାହାକୁ କାହିଁକି ଶ୍ରୀନିବାସ ବୋଲି କୁହାଯାଇଛି ?

ଉ.: ଲକ୍ଷ୍ମୀଙ୍କ ନାମ ଶ୍ରୀ, ନିବାସ ଅର୍ଥ ବାସସ୍ଥାନ ଲକ୍ଷ୍ମୀଙ୍କ ବାସସ୍ଥାନ ହୋଇଥିବାରୁ ପଦ୍ମର ନାମ ଶ୍ରୀନିବାସ ବୋଲି କୁହାଯାଇଛି ।

(ଛ) କୃଷ୍ଣଙ୍କ କରରେ କିଏ ଶୋଭାପାଏ ?

ଉ.: କୃଷ୍ଣଙ୍କ କରରେ ପଦ୍ମ ଶୋଭାପାଏ ।

(ଜ) କେତେବେଳେ ବନ୍ଧୁମାନେ ବିମୁଖ ହୁଅନ୍ତି ?

ଉ.: କଷ୍ଟ କାଳରେ ବନ୍ଧୁମାନେ ବିମୁଖ ହୁଅନ୍ତି ।

(ଝ) କର୍ପୂର ଚନ୍ଦନ କେତେବେଳେ ଅଗ୍ନିପରି ପ୍ରତୀୟମାନ ହୁଏ ?

ଉ.: ବିରହ କାଳରେ କର୍ପୂର ଚନ୍ଦନ ଅଗ୍ନିପରି ପ୍ରତୀୟମାନ ହୁଏ ।

(ଞ) ମିତ୍ର ସହିତ କିଏ ପ୍ରାଣତ୍ୟାଗ କରେ ?

ଉ.: କ୍ଷୀର ଜଳର ମିତ୍ରତା ପାଇଁ ପ୍ରାଣତ୍ୟାଗ କରେ ।

(ଟ) ଭଗବାନ ଜଗନ୍ନାଥ କେତେବେଳେ କାହିଁକି ଲକ୍ଷ୍ମୀଙ୍କୁ କୋଳରେ ବସାଇ ଅନେକ ଲୁଗା ଘୋଡ଼ି ହୁଅନ୍ତି ?

ଉ.: ଭଗବାନ ଜଗନ୍ନାଥ ଶୀତ ଋତୁରେ ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ଲକ୍ଷ୍ମୀଙ୍କୁ କୋଳରେ ବସାଇ ଅନେକ ଲୁଗା ଘୋଡ଼ି ହୁଅନ୍ତି ।

(ଠ) କାହିଁକି ଘରେ ଘରେ ଅଗ୍ନି ପୂଜା ପାଇଲେ ?

ଉ.: ଶୀତରୁ ରକ୍ଷା ପାଇବା ପାଇଁ ଘରେ ଘରେ ଅଗ୍ନି ପୂଜା ପାଇଲେ ।

(ଡ) ଶୀତକୁ କିଏ ନିନ୍ଦା କରେ ?

ଉ.: ଶୀତକୁ ଦୁଇହାତ ହୃଦୟରେ ଚାପିରଖି କଷ୍ଟ ପାଉଥିବା ବ୍ୟକ୍ତି ନିନ୍ଦା କରେ ।

(ଢ) ମନରୁ କିଏ ଶୀତଭୟ ଛାଡ଼ିଦେଲା ?

ଉ.: ନୂଆ ଶୀତବସ୍ତ୍ର ସଜାଡ଼ିଥିବା ବ୍ୟକ୍ତି ମନରୁ ଶୀତଭୟ ଛାଡ଼ିଦେଲା ।

(ଣ) ଶୀତ ଋତୁରେ ସୂର୍ଯ୍ୟ କେଉଁ ଦିଗକୁ ଗତି କରନ୍ତି ?

ଉ.: ଶୀତ ଋତୁରେ ସୂର୍ଯ୍ୟ ଦକ୍ଷିଣ ଦିଗକୁ ଗତି କରନ୍ତି ।

(ତ) ଶୀତରୁ ରକ୍ଷା ପାଇବା ପାଇଁ ଲୋକେ କ'ଣ କଲେ ?

ଉ.: ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ଉହ୍ମେଇରେ ନିଆଁ ଜାଳି, ଘର ଭିତରେ ଜଲାକବାଟ ବନ୍ଦ କରି, ଶୀତବସ୍ତ୍ର ପିନ୍ଧି ଏବଂ ଉଷୁମ ପାଣିକୁ ଆଦର କରିବାକୁ ଲାଗିଲେ ।

**୩. ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକ ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ।**

(କ) କୃଷ୍ଣକଥା ଶ୍ରବଣରେ କେଉଁ ବ୍ୟଥା ଦୂରହୁଏ ବୋଲି କବି କହିଛନ୍ତି ?

ଉ.: ଏକଥା 'ହିମକାଳ' କବିତାରୁ ଆନୀତ ଓ କବି ଦୀନକୃଷ୍ଣ ଦାସ । କୃଷ୍ଣ କଥା ଶ୍ରବଣରେ ଦଣ୍ଡଧର ବ୍ୟଥା ବା ଯମ ଦଣ୍ଡ ଦୂର ହୁଏ ବୋଲି କବି କହିଛନ୍ତି ।

(ଖ) ଶୀତ ଋତୁ ଆଗମନରେ କିଏ ପୋଡ଼ିଗଲା ?

ଉ.: ଏହି ଉକ୍ତିଟି 'ହିମକାଳ' କବିତାର ଆନୀତ ଓ କବି ଦୀନକୃଷ୍ଣ ଦାସ । ଶୀତଋତୁ ଆଗମନରେ ପଦ୍ମବନ ପୋଡ଼ିଗଲା ।

(ଗ) ସୁଖ ଓ ଦୁଃଖରେ ବନ୍ଧୁମାନେ କିପରି ବ୍ୟବହାର କରନ୍ତି ?

ଉ.: ଏ କଥାଟି 'ହିମକାଳ' କବିତାର ଆନୀତ ଓ କବି ଦୀନକୃଷ୍ଣ ଦାସ । ସୁଖ ସମୟରେ ବନ୍ଧୁମାନେ ଆପଣାର ଓ ଦୁଃଖ ସମୟରେ ପର ହେବା ପରି ବ୍ୟବହାର କରନ୍ତି ।

(ଘ) ବିଚ୍ଛେଦ ସମୟରେ ଚନ୍ଦ୍ର ଓ ଚନ୍ଦନ ପ୍ରେମୀ ଯୁଗଳଙ୍କୁ କିପରି ଲାଗେ ?

ଉ.: ପ୍ରଶ୍ନଟି 'ହିମକାଳ' କବିତାର ଆନୀତ ଓ କବି ଦୀନକୃଷ୍ଣ ଦାସ । ବିଚ୍ଛେଦ ସମୟରେ ଚନ୍ଦ୍ର ଓ [illegible] ଙ୍କୁ ବିଷତୁଲ୍ୟ ମନେ ହୁଏ ।

(ଙ) କ୍ଷୀର କାହିଁକି ଆତ୍ମହତ୍ୟା କରେ ବୋଲି କବି କହିଛନ୍ତି ?

ଉ.: ଏହା 'ହିମକାଳ' କବିତାର ଆନୀତ ଓ କବି ଦୀନକୃଷ୍ଣ ଦାସ । କ୍ଷୀର ଓ ନୀର[illegible] ସମ୍ପର୍କ, [illegible] କ୍ଷୀର

ସିଝିବା ସମୟରେ ଜଳର ମୃତ୍ୟୁ ହୋଇଥାଏ ଅର୍ଥାତ୍ କ୍ଷୀର ପାଇ ନୀର ଆତ୍ମହତ୍ୟା କରେ ।

(ଚ) ଶୀତରେ ଜଗନ୍ନାଥ କିପରି ବେଶଭୂଷା ହେଲେ ?

ଉ.: ଉଦ୍ଧୃତ ପାଠ୍ୟାଂଶଟି 'ହିମକାଳ' କବିତାର ଆସିଅଛି ଓ କବି ଦୀନକୃଷ୍ଣ ଦାସ । ଶୀତରେ ଜଗନ୍ନାଥ ବିଭିନ୍ନ ଶୀତବସ୍ତ୍ର ପରିଧାନ କରି ଲକ୍ଷ୍ମୀଙ୍କୁ କୋଳରେ ବସାଇ ବେଶଭୂଷା ହେଲେ ।

(ଛ) ଘରେ ଘରେ କାହିଁକି ଅଗ୍ନି ଉଦୟ ହେଲେ ?

ଉ.: ଏହା 'ହିମକାଳ' କବିତାର ଆନୀତ ଓ କବି ଦୀନକୃଷ୍ଣ ଦାସ । ଶୀତର ପ୍ରକୋପରୁ ରକ୍ଷା ପାଇବା ନିମନ୍ତେ ଘରେ ଘରେ ଅଗ୍ନି ଉଦୟ ହେଲେ ।

(ଜ) କେହି ମନରୁ କାହିଁକି ଶୀତ ଭୟ ଛାଡ଼ିଲେ ?

ଉ.: ଏହା 'ହିମକାଳ' କବିତାର ଆନୀତ ଓ କବି ଦୀନକୃଷ୍ଣ ଦାସ । କେହି ମନରୁ ଶୀତଭୟ ଛାଡ଼ିବା ପାଇଁ ନୂଆ ଶୀତବସ୍ତ୍ର ଯଥା ନୂଆ ଶୀତ ଲୁଗା, ରେଜେଇ କାଢ଼ି ଘୋଡ଼େଇ ହେଲେ ।

(ଝ) ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଲୋକମାନେ କି କି ପ୍ରତିଷେଧକ ବ୍ୟବସ୍ଥା କଲେ ?

ଉ.: ଏହା 'ହିମକାଳ' କବିତାର ଆନୀତ ଓ କବି ଦୀନକୃଷ୍ଣ ଦାସ । ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଲୋକମାନେ କିଏ ଉହ୍ଲେଇରେ ନିଆଁ ଜାଳି ଘର ଭିତରେ ବସିଲେ । ଆଉ କେହି ଉଷୁମ ପାଣି ଓ ଘରେ ଥିବା ଜଳାକବାଟି ବନ୍ଦ କରି ଶୀତଦାଉରୁ ରକ୍ଷା ପାଇଲେ ।

(ଞ) ଅଗୁରୁଧୂପ ପୁରେ ପଶି ଲୋକେ କ'ଣ ଗାଇ ତୋଷ ହେଉଥିଲେ ?

ଉ.: ଏହା 'ହିମକାଳ' କବିତାର ଆନୀତ ଓ କବି ଦୀନକୃଷ୍ଣ ଦାସ ।ଅଗୁରୁଧୂପ ପୁରେ ପଶି ଲୋକେ କୃଷ୍ଣନାମ ଓ ଚରିତ ଗାଇ ତୋଷ ହେଉଥିଲେ ।

**୪. ପ୍ରାୟ ୩୦ଟି ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକ ସୂଚନା ପାଇଁ ୧ ନମ୍ବର । ଉତ୍ତର ପାଇଁ ୨ ନମ୍ବର ।**

(କ) ଗୋପପୁରରେ ଶୀତଋତୁ ପ୍ରବେଶ କରିବାରୁ କି କି ଘଟଣା ଘଟିଲା ?

ଉ.: ଏହା 'ହିମକାଳ' କବିତାର ଆନୀତ ଓ କବି ଦୀନକୃଷ୍ଣ ଦାସ । ଶୀତ ଋତୁ ପ୍ରବେଶ କରିବାରୁ । ଲୀଳାମୟ କୃଷ୍ଣ ବିଭିନ୍ନ ପ୍ରକାର ଲୀଳା ଖେଳାରେ ମଗ୍ନ ରହିଲେ । ଶୀତର ପ୍ରକୋପରୁ ପଦ୍ମବନ ଗୁଡ଼ିକ ନଷ୍ଟ ହୋଇଗଲା ଓ ଦିନ ସାନ ହୋଇଗଲା ।

(ଖ) ପଦ୍ମକୁ କେଉଁମାନେ କାହିଁକି ରକ୍ଷା କରିପାରିଲେ ନାହିଁ ?

ଉ.: ଏହା 'ହିମକାଳ' କବିତାର ଆନୀତ ଓ କବି ଦୀନକୃଷ୍ଣ ଦାସ । ପଦ୍ମକୁ ବ୍ରହ୍ମା, ବିଷ୍ଣୁ ଓ ଲକ୍ଷ୍ମୀ ମଧ ରକ୍ଷା କରି ପାରିଲେ ନାହିଁ । କାରଣ ଯେତେବେଳେ ଯାହା ଘଟିବା କଥା, ଯାହାକୁ ଯେଉଁ କଷ୍ଟ ଭୋଗ କରିବା କଥା ସେ କଥା ବିଧି ନିର୍ଦ୍ଦିଷ୍ଟ ତାକୁ ଏହା ନିଶ୍ଚୟ ଭୋଗ କରିବାକୁ ପଡ଼ିବ ବୋଲି କବି କହିଛନ୍ତି ।

(ଗ) 'ସମସ୍ତେ ସୁଖର ସାଥୀ' ଏହି ପ୍ରସଙ୍ଗକୁ କବି କିପରି ବର୍ଣ୍ଣନା କରିଅଛନ୍ତି ?

ଉ.: ଏହା 'ହିମକାଳ' କବିତାର ଆନୀତ ଓ କବି ଦୀନକୃଷ୍ଣ ଦାସ । ପଦ୍ମ ସମସ୍ତଙ୍କର ପ୍ରିୟ ଯେଉଁଥିପାଇଁ ବ୍ରହ୍ମା ପଦ୍ମ ଉପରେ ବସନ୍ତି, ଲକ୍ଷ୍ମୀ ପଦ୍ମ ବନରେ ବାସ କରନ୍ତି ଓ କୃଷ୍ଣ ତାକୁ ହସ୍ତରେ ଧାରଣ କରନ୍ତି ତଥାପି ପଦ୍ମବନ ଶୀତ ପ୍ରକୋପରେ ନଷ୍ଟ ହେଲାବେଳେ ତାକୁ କେହି ରକ୍ଷା କରିପାରି ନାହାନ୍ତି । ଯେଉଁଥିପାଇଁ ସମସ୍ତେ ସୁଖର ସାଥୀ ପ୍ରସଙ୍ଗଟି ଉଲ୍ଲେଖ କରାଯାଇଛି ।

(ଘ) ଶୀତଋତୁ ଆଗମନରେ ଜଗନ୍ନାଥଙ୍କ ସେବା ପୂଜା କିପରି ହେଲା ?

ଉ.: ଏହା 'ହିମକାଳ' କବିତାର ଆନୀତ ଓ କବି ଦୀନକୃଷ୍ଣ ଦାସ । ଜଗନ୍ନାଥ ଲୀଳାମୟ ମାନବୀୟ ଲୀଳାଖେଳା କରିବାକୁ ସେ ଧରାପୃଷ୍ଠରେ ଅବତରଣ କରିଅଛନ୍ତି । ତେଣୁ ମଣିଷ ପରି ତାଙ୍କୁ ଶୀତ ଲାଗିଥିବା ଜାଣି ସେବାକାରୀମାନେ ତାଙ୍କୁ ବିଭିନ୍ନ ପ୍ରକାର ଶୀତବସ୍ତ୍ର ପରିଧାନ କରାଇ ସେବା ପୂଜା କରିଛନ୍ତି ।

(ଙ) ସାଧାରଣ ଲୋକ ଶୀତକୁ କିପରି ନୁଭବ କଲେ ?

ଉ.: ଏହା 'ହିମକାଳ' କବିତାର ଆନୀତ ଓ କବି ଦୀନକୃଷ୍ଣ ଦାସ । ସାଧାରଣ ଲୋକ ଶୀତଦାଉରୁ ନିଜକୁ ରକ୍ଷା କରିବା ପାଇଁ ହାତ ଦୁଇଟି ଯୋଡ଼ିଦେଲେ । ଦେହ ହାତ ଥରିଯିବାରୁ କେହି କେହି ଛାତିରେ ହାତକୁ ଚାପି ଧରିଲେ । ଆଉ କେହି ମୁଣ୍ଡ ନଇଁ ବଙ୍କା ହୋଇ ରହିଲେ ଓ ନିଆଁକୁ ଆଶା କରିରହିଲେ ।

(ଚ) ଶୀତ ଆସିବାରୁ ଲୋକେ କେଉଁସବୁ ପଦାର୍ଥରେ ଆଗ୍ରହ ପ୍ରକାଶ କଲେ ?

ଉ.: ଏହା 'ହିମକାଳ' କବିତାର ଆନୀତ ଓ କବି ଦୀନକୃଷ୍ଣ ଦାସ । ଶୀତ ଆସିବାରୁ ତା ପ୍ରକୋପରୁ ରକ୍ଷା ପାଇବା ଲାଗି ଲୋକେ ଶୀତବସ୍ତ୍ର ପିନ୍ଧିଲେ । ତୁଳାଗଦିରେ ରେଜେଇ, ଉହ୍ମେଇ ନିଆଁ ପୋଇଁବାର ଆଗ୍ରହ, ଉଷୁମ ପାଣିରେ ଆଗ୍ରହ ପ୍ରକାଶ କଲେ ।

(ଛ) ଶ୍ରୀତରୁ ରକ୍ଷା ପାଇବା ପାଇଁ ଲୋକେ କ'ଣ କଲେ ?

ଉ.: ଏହା 'ହିମକାଳ' କବିତାର ଆନୀତ ଓ କବି ଦୀନକୃଷ୍ଣ ଦାସ । ଶୀତ ଦାଉରୁ ରକ୍ଷା ପାଇବା ଲାଗି ଲୋକ ଉଷୁମ ପାଣିରେ ଆଗ୍ରହ ପ୍ରକାଶ କଲେ । ଘର ଭିତରେ ରହି ନିଆଁ ଦେଇ ଉହ୍ମେଇରେ ସେକି ହେଲେ । ନୂଆ ଶୀତବସ୍ତ୍ର ପରିଧାନ ଓ ରେଜେଇ ଲୋଡ଼ିଲେ । ଘରର ଝକ କବାଟ ସବୁ ବନ୍ଦ କରି ଘର ଭିତରେ ବସି ରହିଲେ ।

(ଜ) ଶୀତ ଯୋଗୁଁ କେଉଁ ସବୁ ପଦାର୍ଥରୁ ଲୋକଙ୍କ ଆଗ୍ରହ ତୁଟିଗଲା ?

ଉ.: ଏହା 'ହିମକାଳ' କବିତାର ଆନୀତ ଓ କବି ଦୀନକୃଷ୍ଣ ଦାସ । ଶୀତ ଆସିଯିବାରୁ ଲୋକେ ତା'ର ପ୍ରକୋପରେ କଷ୍ଟ ଅନୁଭବ କଲେ । ଶୀତଳତା ପାଇଁ ଆବଶ୍ୟକୀୟ ସାମଗ୍ରୀ ଉପରୁ ତାଙ୍କର ମୋହ ତୁଟିଗଲା । ଚନ୍ଦ୍ର ଶୀତଳତା ଅନାବଶ୍ୟକ ମନେ ହେଲା ଓ ଚନ୍ଦନ କର୍ପୂରର ଶୀତଳତାକୁ ଲୋକେ ବିମୁଖ ହେଲେ । ସେମାନଙ୍କ ପ୍ରତି ଆଦର ଓ ମୋହ ତୁଟିଗଲା ।

(ଝ) କୃଷ୍ଣ ଚରିତ୍ର ଗାନରେ କିଏ କାହିଁକି କିପରି ଖୁସି ହେଉଥିଲେ ?

ଉ.: ଏହା 'ହିମକାଳ' କବିତାର ଆନୀତ ଓ କବି ଦୀନକୃଷ୍ଣ ଦାସ । ଶୀତର ପ୍ରକୋପରୁ ରକ୍ଷା ପାଇବା ପାଇଁ ଲୋକେ ଘରେ ଶୀତବସ୍ତ୍ର ପରିଧାନ ପୂର୍ବକ ରହିଥିଲେ । ଲୋକମାନେ ଗୋବିନ୍ଦଙ୍କ ନାମ ସ୍ମରଣ କରିଥିଲେ । ଘର ଭିତରେ କର୍ପୂର, ଅଗରବତୀ, ଝୁଣା ଆଦି ଦେଇ କୃଷ୍ଣନାମ ସ୍ମରଣ କରି, କୃଷ୍ଣ ନାମ ଗାନ କରି ଶୀତ ଦାଉରୁ

ରକ୍ଷା ପାଇବାକୁ ଖୁସି ହୋଇଥିଲେ ।

**୫. ଦୀର୍ଘ ଉତ୍ତରମୂଳକ ପ୍ରଶ୍ନୋତ୍ତର ପ୍ରାୟ ୧୫୦ ଶବ୍ଦ ମଧ୍ୟରେ ଉତ୍ତର ଦେବାକୁ ହେବ । ପ୍ରଶ୍ନର ମୂଲ୍ୟ ୫ ନମ୍ବର ।**

**(କ) ହିମକାଳ କବିତା ଅବଲମ୍ବନରେ ଶୀତଋତୁର ପ୍ରାକୃତିକ ଚିତ୍ର ପ୍ରଦାନ କର ।**

ଉ.: 'ହିମକାଳ' କବିତାଟି କବି ଦୀନକୃଷ୍ଣ ଦାସଙ୍କ ଦ୍ୱାରା ରଚିତ । ଏହା ଦୀନକୃଷ୍ଣଙ୍କ ପ୍ରସିଦ୍ଧ କାବ୍ୟ 'ରସକଲ୍ଲୋଳର' ଅଂଶବିଶେଷ । ଦୀନକୃଷ୍ଣଙ୍କ କବିତ୍ୱ ଓ ପାଣ୍ଡିତ୍ୟର ରସମୟ ରୂପ ହେଉଛି ରସ କଲ୍ଲୋଳ । ଲାଳିତ୍ୟ ପଦ ସଂଯୋଜନା, କ ଅକ୍ଷର ନିୟମରେ ରଚିତ ଏହି ଗ୍ରନ୍ଥଟିରେ ସାହିତ୍ୟର ସମସ୍ତ ଦିଗ ପୂରି ରହିଛି । ତା ମଧ୍ୟରୁ ପ୍ରକୃତି ବର୍ଣ୍ଣନା ଅନ୍ୟତମ । ପ୍ରକୃତିକୁ ନେଇ ପ୍ରାଚୀନ ଯୁଗରୁ ଅତ୍ୟାଧୁନିକ ଯୁଗ ଯାଏ କବିଙ୍କ ମନର ଉତ୍କଣ୍ଠାର ଭାବ ତାଙ୍କ କାବ୍ୟଗୁଡ଼ିକରେ ପ୍ରତିଫଳିତ ହୋଇଛି । ପ୍ରକୃତି ସୌନ୍ଦର୍ଯ୍ୟର ଗନ୍ତାଘର । ବିଧି ନିର୍ଦ୍ଦେଶ ଅନୁଯାୟୀ ଷଡ଼ଋତୁର ପ୍ରଭାବ ପୃଥିବୀ ଉପରେ ପଡ଼ିଛି । ଷଡ଼ଋତୁ ମଧ୍ୟରୁ ଶୀତଋତୁ ଅନ୍ୟତମ । ଏହି ଶୀତ ଋତୁକୁ କବି ଦୀନକୃଷ୍ଣ ତାଙ୍କ 'ହିମକାଳ' କବିତାରେ ସୁନ୍ଦର ଭାବରେ ଉପସ୍ଥାପିତ କରିଛନ୍ତି ।

ଶୀତଋତୁର ଆଗମନରେ କେଉଁ ସବୁ ଘଟଣା ଘଟିଛି ଓ ପ୍ରକୃତିର ରୂପରେ କି ପରିବର୍ତ୍ତନ ଘଟିଛି ସେସବୁ କବିତାଟିରେ ଉଲ୍ଲିଖିତ । ପ୍ରକୃତିର ଆଗମନରେ ଶ୍ରୀକୃଷ୍ଣ ଗୋପନାରୀମାନଙ୍କ ସହିତ ବିଭିନ୍ନ ଲୀଳାଖେଳାରେ ମଗ୍ନ ହୋଇଛନ୍ତି । ଶୀତଋତୁ ଆସିବା ପରେ ଦିନ ଛୋଟ ହୋଇଛି ଓ ରାତି ବଡ଼ ହୋଇଛି । ଶୀତଋତୁ ପୂର୍ବରୁ ପଦ୍ମବନ ସୁଶୋଭିତ ଥିଲା ମାତ୍ର ଅତ୍ୟଧିକ କାକର ଓ ପ୍ରଚଣ୍ଡ ଶୀତରେ ସୁଶୋଭିତ ପଦ୍ମବନ ପୋଡ଼ି ନଷ୍ଟ ହୋଇଯାଇଛି । ଶୀତଋତୁ ଆଗରୁ ଗ୍ରୀଷ୍ମରୁ ରକ୍ଷା ପାଇବା ପାଇଁ ଯେଉଁ ଶୀତଳ ପଦାର୍ଥର ଆବଶ୍ୟକ ହେଉଥିଲା ତାହା ପ୍ରତି ଲୋକମାନେ ବିମୁଖ ହୋଇଛନ୍ତି ବା ମୁହଁ ଫେରାଇ ନେଇଛନ୍ତି । ସୂର୍ଯ୍ୟଙ୍କର ଦକ୍ଷିଣାୟନ ଗତି ହୋଇଛି । ଯାହାର କାରଣ ପାଇଁ ଉତ୍ତାପ କମିଯାଇ ଶୀତର ପ୍ରକୋପ ବୃଦ୍ଧି ପାଇଛି । ଶୀତ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଛି ।

ଶୀତ ଦାଉରୁ ରକ୍ଷା ପାଇବା ପାଇଁ ଲୋକେ କରଯୋଡ଼ି ଛିଡ଼ା ହୋଇଛନ୍ତି । କେହି କେହି ଛାତିରେ ହାତକୁ ଚାପିଧରି ଶୀତଦାଉରୁ ନିଜକୁ ରକ୍ଷା କରିଛନ୍ତି ଆଉ କେତେକ ନଇଁ ପଡ଼ିଛନ୍ତି । ପ୍ରକୃତିର ଏହି କୋପରୁ ରକ୍ଷା ପାଇବା ପାଇଁ ଶୀତବସ୍ତ୍ର ପରିଧାନ ସ୍ୱରୂପ ନୂଆ ଶୀତବସ୍ତ୍ର, ତୁଳାର ରେଜେଇ ପରିଧାନ କରିଛନ୍ତି । ଆଉ କେହି ଘର ଭିତରେ ଆବଦ୍ଧ ରହିଛନ୍ତି । ଉହ୍ନେଇରେ ନିଆଁ ଜାଳି ଉତ୍ତାପ ଗ୍ରହଣ କରିଛନ୍ତି । ଘର ଭିତରେ ପାଣି ରହି ଶୀତକୁ ପ୍ରତିହତ କରିବା ପାଇଁ ଧୂପ, ଝୁଣା କର୍ପୂର ଆଦି ଦେଇ ବସି ରହିଛନ୍ତି । ଘରର ଛୋଟ ଛୋଟ ଜଳା କବାଟଗୁଡ଼ିକୁ ବନ୍ଦ କରି ଦେଇଛନ୍ତି, ଯେମିତି ଶୀତ ଭିତରକୁ ପଶିନଆସେ । ଆଉ କେହି ଭକ୍ତିରେ ଆବଦ୍ଧ ଘର ଭିତରେ କୃଷ୍ଣ ନାମ ଜପନ କୀର୍ତ୍ତନ ସ୍ୱରୂପ ପୂଜା କରିଛନ୍ତି । କବି ଏଥିରେ ଶୀତଋତୁକୁ ସୁନ୍ଦର ଭାବରେ ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ଶୀତ ଋତୁରେ ଲୋକମାନଙ୍କ ପ୍ରତିକାର, ପ୍ରତିକ୍ରିୟା ସମ୍ବନ୍ଧୀୟ ସୁନ୍ଦର ଚିତ୍ରଟିଏ ଆଙ୍କିଛନ୍ତି ।

**(ଖ) ପଠିତ 'ହିମକାଳ' କବିତା ଅବଲମ୍ବନରେ ଦୀନକୃଷ୍ଣଙ୍କର କବିତ୍ୱ ଓ ପାଣ୍ଡିତ୍ୟ ସମ୍ପର୍କରେ ସୂଚନା ଦିଅ ।**

ଉ.: କବିଦୀନକୃଷ୍ଣଦାସଙ୍କ ରଚିତ 'ହିମକାଳ' କବିତା ରସର ଏକ ନିର୍ଝରିଣୀ । ସପ୍ତଦଶ ଶତାବ୍ଦୀର ଆଦ୍ୟ ଭାଗରେ ଜନ୍ମ ନେଇଥିବା ଏହି କବିଙ୍କର ବିରଳ କୃତି ହେଉଛି 'ରସ କଲ୍ଲୋଳ' । ଅନ୍ତରସ୍ପର୍ଶୀ ପଦ ସଂଯୋଜନାରେ, ପାଣ୍ଡିତ୍ୟରେ, ଚରିତ୍ର ଚିତ୍ରଣରେ, ପ୍ରକୃତି ବର୍ଣ୍ଣନାରେ, ନବରସର ପ୍ରୟୋଗରେ ତାଙ୍କର ସାର୍ଥକତା ସେ ପ୍ରତିପାଦନ

କରିଛନ୍ତି । 'କଲ୍ଲୋଳେ ପଦଲାଳିତ୍ୟମ୍' ତାଙ୍କ ସୃଷ୍ଟିର ପରିଚୟ । ମୋଟ ଉପରେ ନିର୍ମଳ କବିତ୍ୱ ଉପରେ ପର୍ଯ୍ୟବେସିତ ତାଙ୍କର ସୃଷ୍ଟି । ସେଥିପାଇଁ ସେ କହିଛନ୍ତି -

"କବି ହୋଇ କରୁଥିବ ନିର୍ମଳ କବିତ୍ୱ
କର୍ଣ୍ଣ ଦେଇ ଶୁଣୁଥିବ ରସିକ ପଣ୍ଡିତ ।"

ଅର୍ଥାତ୍ ତାଙ୍କ କବିତା କୃତ୍ରିମତାକୁ ଗ୍ରହଣ କରିନାହିଁ । ନିର୍ମଳ କବିତ୍ୱ ଉପରେ ଗୁରୁତ୍ୱ ପ୍ରଦାନ କରିଛି । 'ହିମକାଳ' କବିତାରେ କବି ରସମୟ କୃଷ୍ଣଙ୍କୁ ଆରମ୍ଭରେ ଓ ପରିଶେଷରେ ପ୍ରାର୍ଥନା କରିଛନ୍ତି ଓ ତାଙ୍କ ଲୀଳାକୁ ବର୍ଣ୍ଣନା କରିଛନ୍ତି । ପ୍ରକୃତିର ପଥ କେହି ରୋଧ କରିପାରିବନାହିଁ । ସଂସାରର ସଚରାଚର ଜୀବଜୀଗତ ଏଇ ପ୍ରକୃତିର ନିୟମରେ ବନ୍ଧା । ତେଣୁ ଷଡ଼ଋତୁ ମଧ୍ୟରୁ ଶୀତ ପ୍ରକୃତି ଉପରେ ପ୍ରାଧାନ୍ୟ ବିସ୍ତାର କରିବାର ଚିତ୍ର ଏଠି ଚିତ୍ରିତ । ଶୀତଋତୁରେ ସାଧାରଣତଃ ଶୀତର ପ୍ରକୋପ ବୃଦ୍ଧି ହୁଏ । ଲୋକେ ଶୀତବସ୍ତ୍ର ପରିଧାନ କରନ୍ତି । ଗଛଲତା କାକର ଓ କୁହୁଡ଼ି ପ୍ରଭାବରେ ନଷ୍ଟ ହୁଏ ଇତ୍ୟାଦି । ମାତ୍ର ଏଇ ସାଧାରଣ ପ୍ରକ୍ରିୟାକୁ କବି ଅସାଧାରଣ ରୂପ ଦେଇଛନ୍ତି, ତାଙ୍କ ଲେଖନୀ ମୁନରେ । ପଦ୍ମପୋଖରୀ କୁହୁଡ଼ିରେ ଜଳିଯିବାକୁ କବି ବିଭିନ୍ନ ଉଦାହରଣ ଦେଇ ଉଚ୍ଚକୋଟୀର କରିଛନ୍ତି । ଯେଉଁ ପଦ୍ମ ସ୍ୱୟଂ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ଆସନ, ଲକ୍ଷ୍ମୀଙ୍କ ଘର, ବିଷ୍ଣୁଙ୍କ ଆୟୁଧ ସେ ମଧ୍ୟ ପ୍ରକୃତି କୋପରୁ ରକ୍ଷା ପାଇନାହିଁ ଓ ତାକୁ ସେମାନେ ରକ୍ଷାକରିପାରି ନାହାନ୍ତି । ଏଇ ସୁନ୍ଦର ବର୍ଣ୍ଣନାଟିକୁ କବି ଭାଗ୍ୟର ଖେଳ ବୋଲି କହିଛନ୍ତି । ଯାହା ଘଟିବାର ଅଛି ତାହା ଘଟିବ ଏକଥା ଅନ୍ୟଥା ନୁହେଁ ଏହାକୁ ପ୍ରମାଣ କରିଛନ୍ତି ।

ବର୍ଣ୍ଣନା ଚାତୁରୀରେ କବି ପାଣ୍ଡିତ୍ୟର ପରାକାଷ୍ଠା ଦେଖାଇଛନ୍ତି । ଶବ୍ଦ ସଂଯୋଜନା ଶୈଳୀ ମଧ୍ୟ ଅତି ଚମତ୍କାର । ଗୋଟିଏ ଶବ୍ଦରେ ଏକରୁ ଅନେକ ଅର୍ଥ ପ୍ରକାଶ କରାଇ ପଦମର୍ଯ୍ୟାଦା ବୃଦ୍ଧି କରିଛନ୍ତି ଯଥା ପୟ, କଞ୍ଜ, କଞ୍ଜନୟନ, କଞ୍ଜନେତ୍ରୀ, ଚନ୍ଦ୍ର ଚନ୍ଦନ ଇତ୍ୟାଦି । ଶୀତଋତୁରେ ଲୋକମାନଙ୍କର ବେଶ ପରିପାଟିଠୁ ଆରମ୍ଭ କରି କୃଷ୍ଣ ନାମ କୀର୍ତ୍ତନ ପର୍ଯ୍ୟନ୍ତ ସବୁଠି ପ୍ରକୃତିକୁ ପାଣ୍ଡିତ୍ୟ ଓ ବର୍ଣ୍ଣନା ବିଳାସରେ କରିଛନ୍ତି ସୁନ୍ଦର ଓ ସରସ ।

**(ଗ) 'ହିମକାଳ' କବିତା ଆଧାରରେ କବିଙ୍କର ଶୀତ ସୌନ୍ଦର୍ଯ୍ୟ ବର୍ଣ୍ଣନାକୁ ନିଜ ଭାଷାରେ ଲେଖ ।**

ଉ.: 'ହିମକାଳ' କବିତାର କବି ଦୀନକୃଷ୍ଣ ଦାସ ଜଣେ ଉଚ୍ଚକୋଟୀର କବିଥିଲେ । ତାଙ୍କ ରଚିତ 'ରସକଲ୍ଲୋଳ', 'ଆର୍ତ୍ତତ୍ରାଣ ଚଉତିଶା'ରୁ କବିଙ୍କ ଭାବାବେଗର ପରିଚୟ ମିଳେ । କବିଙ୍କ ଦୃଷ୍ଟିରେ କବିତା ବନିତା କବି ତା'ର ପିତା ଗାନ କରିବା ଲୋକ ଉପମାତା । ତାଙ୍କ ସୃଜନଶୀଳ ସୃଷ୍ଟିର ଯଥାର୍ଥ ଦାୟାଦ ହେଉଛି 'ରସକଲ୍ଲୋଳ' । ଉପମା, ପଦଲାଳିତ୍ୟ, ଛନ୍ଦ, ପାଣ୍ଡିତ୍ୟ, ରସ, ପ୍ରକୃତି, ନୀତିବାଣୀ ଏସବୁରେ ପରପୂର୍ଣ୍ଣ ତାଙ୍କ ସୃଷ୍ଟି । ତାଙ୍କ ଜୀବନ କାଳ ଭିତରେ କବି ବହୁ ଦୁଃଖ ଯନ୍ତ୍ରଣା ଭୋଗ କରିଥିଲେ ବି କେବେ କେଉଁଠି ସ୍ୱାଭିମାନକୁ ବଳି ଦେଇନାହାନ୍ତି । ଯେଉଁଥିପାଇଁ ରାଜାର କୋପ ଦୃଷ୍ଟିରେ ପଡ଼ି ସେ ନାନାଦି ଯନ୍ତ୍ରଣା ଭୋଗିଥିଲେ । ସେ ବୁଝିଥିଲେ ଯେ ରସିକ ନୁହେଁ, ଗୁଣଗ୍ରାହୀ ପାଠକ ନୁହେଁ ତା' ପାଖରେ ନିଜକୁ ସମର୍ପି ଦେବା ମୂର୍ଖତାର ପରିଚୟ । ରସ କଲ୍ଲୋଳ କାବ୍ୟରେ ମୁଖ୍ୟତଃ କୃଷ୍ଣଲୀଳାମୃତ ରହିଛି । କିନ୍ତୁ ସୌନ୍ଦର୍ଯ୍ୟ ବର୍ଣ୍ଣନାରେ କବିଙ୍କର ପଟାନ୍ତର ନାହିଁ । ଏକ ଉଦାହରଣ .

"କୁସୁମ ସମୟ ହୋଇଲା ଉଦୟ: ଦକ୍ଷିଣା ପବନ ବହିଲା
କାମଦେବ ଦୂତ ହୋଇ ମହାମତ୍ତ ପଞ୍ଚମସ୍ୱରରେ କହିଲା ।"

ଏଥିରୁ ତାଙ୍କର ପଦଲାଳିତ୍ୟ ଓ ପ୍ରକୃତି ପ୍ରୀତିର ସୌନ୍ଦର୍ଯ୍ୟ ଧାରା ପ୍ରମାଣିତ ।

ବ୍ରଜସୁନ୍ଦର ଶ୍ରୀକୃଷ୍ଣ ଯେଉଁ ସମୟରେ ପୃଥିବୀରେ ଲୀଳା କରୁଥିଲେ ଠିକ୍ ସେହି ସମୟରେ ପ୍ରକୃତି ତାଙ୍କୁ ଶୀତ

ରୂପରେ ଆସି ଅଭିନନ୍ଦନ ଜଣାଇଛି । ଶୀତଋତୁ ଆଗମନରେ ପ୍ରକୃତି ଓ ଜୀବଜଗତର ପରିବର୍ତ୍ତନ ଘଟିଛି । ପଦ୍ମବନ ଝାଉଁଳି ପଡ଼ିଛି । ଜନସାଧାରଣ ଶୀତଋତୁରେ ଅସହାୟ ହୋଇଛନ୍ତି । ସୃଷ୍ଟିକର୍ତ୍ତା ବ୍ରହ୍ମା, ପାଳନକର୍ତ୍ତା ବିଷ୍ଣୁ, ମା' ଲକ୍ଷ୍ମୀ ଠାକୁରାଣୀ, ସୂର୍ଯ୍ୟଦେବ ଯେ କି ପ୍ରଚଣ୍ଡ ରୌଦ୍ର ତାପର ଅଧିକାରୀ କେହି ଏହାର ରୂପ ପରିବର୍ତ୍ତନରେ ପ୍ରତିରୋଧ କରିପାରିନାହାନ୍ତି, କାରଣ ଏ ସ୍ରଷ୍ଟାର ନିୟମ । ସୃଷ୍ଟିନିୟନ୍ତାର ଖେଳ । ସୂର୍ଯ୍ୟଙ୍କର ଦକ୍ଷିଣାୟନ ପାଇଁ ଜୀବଜଗତ ଅସ୍ତବ୍ୟସ୍ତ । ଶୀତ ପ୍ରକୋପରୁ ରକ୍ଷାପାଇଁ ଲୋକମାନେ ବିଭିନ୍ନ ଉପାୟରେ କିଏ ହାତଯୋଡ଼ି, କିଏ ଛାତିରେ ହାତ ଚାପିରଖି, କିଏ ନିଆଁର ଉହ୍ମାଇ ଜାଳି, କିଏ ଉଷୁମ ପାଣି କରି, କିଏ କବାଟ ବନ୍ଦକରି ବନ୍ଦ ଘର ଭିତରେ ଜଳକବାଟ ବନ୍ଦକରି, ଏ ପ୍ରକୋପରୁ ନିଜକୁ ରକ୍ଷା କରିବାକୁ ପ୍ରୟାସ କରିଛନ୍ତି । ଶୀତଳ ପଦାର୍ଥ ଚନ୍ଦ୍ର ଚନ୍ଦନକୁ ବିମୁଖ ହୋଇଛନ୍ତି । ହିମକାଳ କବିତାରେ କବି ଶୀତଋତୁକୁ ଉପମା ମାଧ୍ୟମରେ ମନୋଜ୍ଞ କରିଛନ୍ତି ।

## (ଗ) ପଠିତ କବିତାରୁ କବି ଦୀନକୃଷ୍ଣଙ୍କର ଭକ୍ତିଭାବନାର ପରିଚୟ ଦିଅ ।

ଉ.: 'ହିମକାଳ' କବିତା ଦୀନକୃଷ୍ଣଙ୍କ ଅକ୍ଷୟ ଓ କାଳଜୟୀ କୃତି 'ରସକଲ୍ଲୋଳ' କାବ୍ୟର ଛାନ୍ଦରୁ ଆସିଅଛି । ଦୀନକୃଷ୍ଣ ରୀତି ଯୁଗୀୟ କାବ୍ୟଧାରାର ବୟୋଜ୍ୟେଷ୍ଠ ସ୍ରଷ୍ଟା । ତାଙ୍କ ସୃଷ୍ଟିରେ କବି ଜୀବନର ଗାଥା, ସମାଜର ଚିତ୍ର ଓ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଛନ୍ତି । ଜୀବନଦର୍ଶନର, ଅନ୍ୟନାମ ରୂପେ ରସକଲ୍ଲୋଳକୁ ଗଢ଼ିତୋଳିଛନ୍ତି । କବି 'ରସକଲ୍ଲୋଳ' କାବ୍ୟବ୍ୟତୀତ, 'ଆର୍ତ୍ତତ୍ରାଣ ଚଉତିଶା'ରେ ମଧ୍ୟ କାବ୍ୟିକ ମାଧୁର୍ଯ୍ୟ ଫୁଟାଇଛନ୍ତି ।

ଭକ୍ତି ଭାବନା ଦୀନକୃଷ୍ଣଙ୍କ ସୃଷ୍ଟିର ଶ୍ରେଷ୍ଠ ସମ୍ପଦ । ନାମ ଭକ୍ତିର ପରିଚୟ ଦୀନକୃଷ୍ଣଙ୍କ କାବ୍ୟରେ ଦେଖିବାକୁ ମିଳେ । କୃଷ୍ଣନାମ ସ୍ମରଣ ଓ କୀର୍ତ୍ତନରେ ଦିନ କାଟିବାରେ ତାଙ୍କର ଅନନ୍ଦ ଓ ପରାମର୍ଶ । ଶ୍ରୀକୃଷ୍ଣ ନାମ ଶ୍ରବଣ, କୀର୍ତ୍ତନ, ସ୍ମରଣ, ପାଦସେବନ, ଅର୍ଚ୍ଚନା, ବନ୍ଦନା ଓ ଆତ୍ମସମର୍ପଣ ପାଇଁ ସେ ପରାମର୍ଶ ଦେଇଛନ୍ତି । ସେଥିପାଇଁ କବି କହିଛନ୍ତି ।

କୃଷ୍ଣ ନାମରେ ପାପକ୍ଷୟ ଯେତେ । କରିନପାରେ ପାପୀ ପାପ ତେତେ
କୁଧର ପ୍ରମାଣେ ତୁଳାକୁ ଶିଖୀ । କଣ ମାତ୍ରକେ ନ ଦିଅଇ ରଖି ।
କର ହେ ଜନେ କୃଷ୍ଣ କୀର୍ତ୍ତନ । କର୍ଣ୍ଣରେ ଶୁଣ କୃଷ୍ଣ କଥା ମାନ ।

କୃଷ୍ଣନାମ ଶ୍ରବଣ କୀର୍ତ୍ତନରେ ମୋକ୍ଷ ଲାଭ ହୁଏ । ପାପ କ୍ଷୟ ହୁଏ । ଏହି ଦର୍ଶନ ତତ୍ତ୍ୱ ସେ ସମାଜକୁ ଦେଇଛନ୍ତି । ବ୍ୟକ୍ତିକୁ ଯମଦଣ୍ଡ ଲାଗେନାହିଁ ଯଦି ସେ କୃଷ୍ଣ ନାମ ଜପ ଓ ତପ କରେ । ହିମକାଳ କବିତାର ଆରମ୍ଭରେ କବି ସେଇ ପରମ କାରୁଣିକ ଲୀଳାମୟଙ୍କ ଲୀଳାରୁ ହିଁ କବିତାଟିକୁ ଆରମ୍ଭ କରିଛନ୍ତି । କୃଷ୍ଣଙ୍କ ଲୀଳାଖେଳା ସମୟରେ ହିମଋତୁର ଆଗମନ ହୋଇଛି ଦେବତାମାନେ ମଧ୍ୟ ଶୀତ ପ୍ରକୋପରୁ ରକ୍ଷା ପାଇ ନାହାନ୍ତି । ମାନବୀୟ ଲୀଳା କରୁଥିବା ପ୍ରଭୁ ଜଗନ୍ନାଥଙ୍କୁ ମଧ୍ୟ ଶୀତ ଲାଗିଛି, ବସନ ଦରକାର ହୋଇଛି । ପଦ୍ମବନ ଜଳିବା କଥା ଏଠାରେ ଉଲ୍ଲେଖ କରାଯାଇଛି । ଯାହା ଉପରେ ଦେବତାମାନେ ନିର୍ଭରଶୀଳତାର ରକ୍ଷା କ'ଣ ସେମାନେ କରିପାରି ନଥାନ୍ତେ, ମାତ୍ର ପ୍ରକୃତି ଓ ବିଧିର ବିଧାନକୁ ବିନମ୍ରତାର ସହିତ ଏଠି ସମ୍ମାନ ଦିଆଯାଇଛି ।

ପରିଶେଷରେ କବି ଶୀତ ଦାଉରୁ ରକ୍ଷା ପାଇଁ ପ୍ରଭୁ ଲକ୍ଷ୍ମୀ ଠାକୁରାଣୀଙ୍କୁ ନେଇ ମାନବୀୟ ଶୀତ ଖେଳକୁ ଉପଭୋଗ କରିବା ପାଇଁ ବାହାରିଯାଇଛନ୍ତି । ଘର ଭିତରେ ସର୍ବଜନ ମିଳି ଅଗରୁ, କର୍ପୂର ଆଦି ଜାଳି କୃଷ୍ଣ ନାମ କୀର୍ତ୍ତନ ଓ ଶ୍ରବଣରେ ମଜ୍ଜି ରହିଛନ୍ତି । କବିତାଟି ଭକ୍ତିରୁ ଆରମ୍ଭ ଓ ଭକ୍ତିରେ ପରିସମାପ୍ତି ଘଟିଛି ।

❑❑❑

# ବିଷୟ-ମିତ୍ରତା

## କବି - କବିସମ୍ରାଟ ଉପେନ୍ଦ୍ରଭଞ୍ଜ

**କବି ପରିଚୟ :**

କବି ସ୍ରଷ୍ଟା ଓ ଦ୍ରଷ୍ଟା । କବିର ଅନ୍ତର୍ନିହିତ ଭାବସତ୍ତା ସହିତ ସାଧନା ଓ ଅଭ୍ୟାସର ସମ୍ମିଶ୍ରଣରେ ତା'ର ସୃଷ୍ଟିର କଳେବର ଶୁଦ୍ଧ ଓ ପବିତ୍ର ହୁଏ । କବିତା ତାହାର ମାନସପୁତ୍ର ଓ ନନ୍ଦିନୀ । କବି ତାହାର ଯଥାର୍ଥ ରୂପକାର । କବିତା କବିର ଚିତ୍ତଲୋକର ସୃଷ୍ଟି । ଏହା ଏକ ସ୍ୱତସ୍ଫୂର୍ତ୍ତ ଅଭିବ୍ୟକ୍ତି । ମଧ୍ୟଯୁଗୀୟ କାବ୍ୟ ସାହିତ୍ୟର କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ହେଉଛନ୍ତି ଶ୍ରେଷ୍ଠ କବି । ସମଗ୍ର ରୀତି କାବ୍ୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଥିଲେ ପ୍ରତିନିଧି । ସେଥିପାଇଁ ରୀତିଯୁଗକୁ ଭଞ୍ଜ ଯୁଗ ବୋଲି ମଧ୍ୟ କୁହାଯାଏ । ଏକ ରାଜକୀୟ ପରିବେଶରେ କବି ଗଞ୍ଜାମ ଜିଲ୍ଲା ଘୁମୁସର ଠାରେ ୧୬୭୦ ମସିହାରେ ଜନ୍ମ ଗ୍ରହଣ କରିଥିଲେ ଓ ୧୭୨୦ରେ ତାଙ୍କର ମୃତ୍ୟୁ ହୋଇଥିଲା । ଉପେନ୍ଦ୍ର ଭଞ୍ଜ ତାଙ୍କ ଜୀବନ କାଳ ଭିତରେ ବହୁ କାବ୍ୟ ସୃଷ୍ଟି କରିଛନ୍ତି । ସେଥିରୁ ପ୍ରଧାନ କାବ୍ୟ ଗୁଡ଼ିକରୁ କେତୋଟିର ନାମହେଲା 'ଲାବଣ୍ୟବତୀ', 'ପ୍ରେମ ସୁଧାନିଧି', 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ', 'ରସିକ ହାରାବଳୀ', 'ରସଲେଖା', 'ବୈଦେହୀଶ ବିଳାସ', 'ସୁଭଦ୍ରା ପରିଣୟ', 'ହେମ ମଞ୍ଜରୀ', 'ପ୍ରେମଲତା', 'ଚିତ୍ରକାବ୍ୟ ବନ୍ଧୋଦୟ', 'ଛାନ୍ଦ ଭୂଷଣ', 'ରସପଞ୍ଚକ', 'ପୁରୁଷୋତ୍ତମ ମାହାତ୍ମ୍ୟ', 'ଚୌପଦୀ ଚନ୍ଦ୍ର', 'ଦଶପୋଇ', 'ଗୀତାଭିଧାନ' ଇତ୍ୟାଦି ।

କବିର ଉପେନ୍ଦ୍ରଭଞ୍ଜ ବହୁ ଶାସ୍ତ୍ରଦର୍ଶୀ, ପଣ୍ଡିତ ଓ ଅସାଧାରଣ ଜ୍ଞାନର ଅଧିକାରୀ ଥିଲେ । ବିଷୟ ବିନ୍ୟାସ, କାହାଣୀଚୟନ, ଶବ୍ଦ ଚାତୁରୀ, ଅଳଙ୍କାର ପ୍ରୟୋଗ, ରସ ପରିବେଷଣ, ସୌନ୍ଦର୍ଯ୍ୟ ବର୍ଣ୍ଣନା, ପ୍ରକୃତି ବର୍ଣ୍ଣନା, ପାଣ୍ଡିତ୍ୟର ପରାକାଷ୍ଠା ଓ ବିରହ ମିଳନର ବର୍ଣ୍ଣନା ଓଡ଼ିଆ ସାହିତ୍ୟରେ ଅନ୍ୟ କୌଣସି କବିଙ୍କ ପାଖରେ ଦେଖିବାକୁ ମିଳେନାହିଁ । ମୋଟ ଉପରେ ସମଗ୍ର ଭଞ୍ଜ ସାହିତ୍ୟକୁ ଅବଲୋକନ କଲେ ଏକଥା ନିର୍ବିବାଦରେ କହିହେବ ଯେ କେବଳ ଓଡ଼ିଆ ସାହିତ୍ୟ କାହିଁକି ସମଗ୍ର ଭାରତୀୟ ସାହିତ୍ୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଜଣେ ଦୁର୍ଲ୍ଲଭ ପ୍ରତିଭା ବାନ୍ କବି । ତାଙ୍କ ସମ୍ପର୍କରେ କବି ଗୋପବନ୍ଧୁଙ୍କ ଲେଖାରୁ ନିମ୍ନରେ ଏକ ଉଦାହରଣ-

"ଗାଏ ତୁମ୍ଭ ଗୀତି ସଭାରେ ପଣ୍ଡିତ
ପଥେ ପାନ୍ଥ ହୃଷ୍ଟମନା
ବିଲେ ଗାଏ ଚଷା ଅନ୍ତଃପୁରେ ଯୋଷା
ନୃତ୍ୟ ରଙ୍ଗେ ବାରାଙ୍ଗନା ।"

ପୁଣି ନିଜର କବିତ୍ୱ ଓ ପାଣ୍ଡିତ୍ୱ ଉପରେ ଅଖଣ୍ଡ ଭରସା ରଖି କବି ସ୍ୱାଭିମାନର ସହ କହିଛନ୍ତି ।

"କହେ ଉପଇନ୍ଦ୍ର ବୀର ଟେକିବେନି ବାହାକୁ
ରବିତଳେ କବିପଣେ ନ ମଣେ ମୁଁ କାହାକୁ
ଜୟଦେବ, ଦୀନକୃଷ୍ଣ ପଦେମୋର ଶରଣ
ଆନ କବିଙ୍କର ମାଥେ ମୋର ବାମ ଚରଣ ।"

**ମିତ୍ରତାର ସାରମର୍ମ :**

ଆଲୋଚ୍ୟ 'ମିତ୍ରତା' କବିତାଟି କବିଙ୍କର ବିଶିଷ୍ଟ ଧର୍ମକାବ୍ୟ ବୈଦେହୀଶ ବିଳାସର ଅଷ୍ଟବିଂଶ ଛାନ୍ଦରୁ ଆସିଅଛି । ରାମାୟଣର କଥାବସ୍ତୁ ଉପରେ ଆଧାରିତ ଏହି ବିଷୟରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଓ ସୁଗ୍ରୀବଙ୍କର ମିତ୍ରତା ଉପରେ ଆଲୋଚନା କରାଯାଇଛି । ବନବାସ ସମୟରେ ରାମଚନ୍ଦ୍ର, ଲକ୍ଷ୍ମଣ, ସୀତା ବଣରେ ଥିବାବେଳେ ବହୁ ଅସୁରମାନଙ୍କୁ ନିଧନ କରି ମୁନି ମାନଙ୍କୁ ଅଭୟ ପ୍ରଦାନ କରିଛନ୍ତି । ବହୁ ଭ୍ରମଣ ପରେ ପଞ୍ଚବଟୀରେ ଅବସ୍ଥାନ କରିଛନ୍ତି । ପଞ୍ଚବଟୀରେ ଅବସ୍ଥାନ ସମୟରେ ଲକ୍ଷ୍ମଣ ରାବଣ ସୂର୍ପଣଖାର ବ୍ୟବହାର ସହିନପାରି ତା'ର ନାକ କାନ ଛେଦନ କରିଛନ୍ତି । ରାବଣ ପାଖରେ ଭଉଣୀ ସମସ୍ତ ବୃତ୍ତାନ୍ତ କହିବା ପରେ, ପ୍ରତିଶୋଧ ପରାୟଣ ରାବଣ ଛଦ୍ମ ବେଶରେ ଆସି ସୀତାଙ୍କୁ ହରଣ କରି ନେଇଯାଇଛି । ସୀତାଙ୍କୁ ଖୋଜି ଖୋଜି ରାମଲକ୍ଷ୍ମଣ କିଷ୍କିନ୍ଧାରେ ପହଞ୍ଚିଛନ୍ତି । ସେହି ରାଜା ସୁଗ୍ରୀବଙ୍କ ସହ ରାମଙ୍କର ମିତ୍ରତା ସ୍ଥାପନ ହୋଇଛି । ସୁଗ୍ରୀବ ଓ ଶ୍ରୀରାମ ପରସ୍ପର ମଧ୍ୟରେ ନିଜ ନିଜର ଦୁଃଖ ଓ ଅସୁବିଧା ପ୍ରକାଶ କରିଛନ୍ତି । ବାଳି ଭୟରେ ସୁଗ୍ରୀବ ଘୋର ଜଙ୍ଗଲରେ ଆତ୍ମଗୋପନ କରିଛନ୍ତି । ରାମ କହିଛନ୍ତି ସେ ବାଳିକୁ ବଧ କରି ତୁମକୁ ସିଂହାସନରେ ଅଧିଷ୍ଠିତ କରାଇବି । ସୁଗ୍ରୀବ ମଧ୍ୟ ରାମଚନ୍ଦ୍ରଙ୍କ ବଚନ ଦେଇଛନ୍ତି ମୁଁ ତିନିଲୋକରେ ମାତା ସୀତା ଯେଉଁଠି ଥିଲେ ବି ଖୋଜି ବାହାର କରିଦେବି । ପାଖରେ ଥିବା ଭଣଜାଙ୍କୁ ସୁଗ୍ରୀବ ଦେଖାଇ ତାର ପରାକ୍ରମ ବି ଷୟରେ ରାମଚନ୍ଦ୍ରଙ୍କୁ ଅବଗତ କରାଇଛନ୍ତି । ଅଗ୍ନିକୁ ସାକ୍ଷୀ ରଖି ରାମ ସୁଗ୍ରୀବ ବନ୍ଧୁ ହୋଇଛନ୍ତି ।

ପ୍ରଭୁ ରଘୁବୀରଙ୍କର ଶକ୍ତି ଉପରେ ସୁଗ୍ରୀବର ସନ୍ଦେହ ହୋଇଛି ତେଣୁ ସେ ରାମଚନ୍ଦ୍ରଙ୍କୁ ପରୀକ୍ଷା କରିଛନ୍ତି । ରାମଚନ୍ଦ୍ର ଦୁଇଥର ପରୀକ୍ଷା ଦେଇଛନ୍ତି । ପ୍ରଥମ ପରୀକ୍ଷା ମୃତ ଦୁନ୍ଦୁଭି ରାକ୍ଷସର୍ଙ୍କ ଅସ୍ଥି ଉତ୍ତୋଳନ । ରାମଚନ୍ଦ୍ର ଦୁନ୍ଦୁଭି ରାକ୍ଷସର ଅସ୍ଥି ଉତ୍ତୋଳନ କରି ବାମପାଦ ବୁଢ଼ା ଆଙ୍ଗୁଠିରେ ପର୍ବତ୍ ପ୍ରାୟ ଅସ୍ଥିକୁ ଆକାଶକୁ ଫିଙ୍ଗି ଦେଇଛନ୍ତି ଠିକ୍ ହାତୀ ଫୁଲକୁ ଟେକି ଫିଙ୍ଗିବା ପରି । ତଥାପି ସୁଗ୍ରୀବର ବିଶ୍ୱାସ ହୋଇନାହିଁ । ସେ ଭାବିଛି ମରିବା ବେଳେ ଦୁନ୍ଦୁଭି ରାକ୍ଷସ ଦେହରେ ମାଂସ, ଚମଡ଼ା ଥିଲା ମାତ୍ର ସେସବୁ ପଚିଯିବା ପରେ ଏବେ ହାଲ୍‌କା ହୋଇ ଯାଇଛି ଯେଉଁଥିପାଇଁ ରାମ ଅକ୍ଳେଶରେ ଫିଙ୍ଗିଦେଲେ । ତେଣୁ ସେ ରାମଙ୍କୁ ଦ୍ୱିତୀୟ ପରୀକ୍ଷା ପାଇଁ ନେଲେ । ବାଳି ଚାଲିବା ବେଳେ ତା'ର ଓଜନ ଭାରରେ ବସୁଧା ଭାରାକ୍ରାନ୍ତ ହୋଇଛି । ତେଣୁ ତା'ର ଅଧା ବଳକୁ ବ୍ରହ୍ମା ସପ୍ତଶାଳା ପଛରେ ଦେଖିଛନ୍ତି । ଏହି ଗଛକୁ ଦେବତାମାନେ ଗୋଟିଏ ଶରରେ ବିନ୍ଧି ପାରିନାହାନ୍ତି । ତା'ର କାରଣ ଗୋଟିଏ ସାପ ସାତବାଙ୍କ ହୋଇ ଶୋଇଛି । ତା ଦେହର ସାତୋଟି ବାଙ୍କ ଉପରେ ସାତଗୋଟି ଶାଳଗଛ ଅଛି । ରାମଚନ୍ଦ୍ର ସାପର ଲାଙ୍ଗୁଡ଼କୁ ଛୁଇଁବା ପରେ ସେ ସିଧା ହୋଇଛି ଓ ରାମଚନ୍ଦ୍ର ଶାଳଗଛକୁ ଗୋଟିଏ ଶରରେ ସାତଟିକୁ ଭେଦ କରାଇଛନ୍ତି । ଏହାହିଁ ମିତ୍ରତାର ସାରାଂଶ । ଏଥିରେ ବନ୍ଧୁପ୍ରୀତିର ନିଛକ ବର୍ଣ୍ଣନା ଓ ବୀରତ୍ୱର କାହାଣୀ ପ୍ରକଟିତ ହୋଇଛି ।

**୧. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ସମ୍ଭାବ୍ୟ ଉତ୍ତରମାନଙ୍କ ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ ।**

(କ) 'ବିଭାବସୁ ବଂଶେ ଜାତ ଆମ୍ଭର'– ବିଭାବସୁ ଶବ୍ଦର ଅର୍ଥ କ'ଣ ?

(ସୂର୍ଯ୍ୟ, ଚନ୍ଦ୍ର, ସୋମ, ନାଗ)

ଉ.: ସୂର୍ଯ୍ୟ ।

(ଖ) ସୁଗ୍ରୀବ କେଉଁ ଦେଶର ରାଜା ଥିଲେ ?

(ଅଯୋଧ୍ୟା, କିଷ୍କିନ୍ଧ୍ୟା, ହସ୍ତିନା, ଲଙ୍କା)

ଉ.: କିଷ୍କିନ୍ଧ୍ୟା ।

(ଗ) ରାମ ଓ ସୁଗ୍ରୀବ କ'ଣ ଖାଇ ବଞ୍ଚୁଥିଲେ ?

(ଫଳମୂଳ, ଭାତଡାଲି, ରୁଟି-ତରକାରୀ, ପଣାପାଣି)

ଉ.: ଫଳମୂଳ ।

(ଘ) 'ବାଧା ମାତା ଭ୍ରାତାରେ ଉପୁଜିଛି' - ଭ୍ରାତା କହିଲେ କାହାକୁ ବୁଝାଏ ?

(ଲକ୍ଷ୍ମଣ, ବାଳୀ, ହନୁମାନ, ଭରତ)

ଉ.: ବାଳୀ ।

(ଙ) ରାମ ଓ ସୁଗ୍ରୀବଙ୍କର କାହାକୁ ସାଧିବା ପାଇଁ ଇଚ୍ଛା ?

(ପାପ, ବୈରି, ପୁଣ୍ୟ, ଧର୍ମ)

ଉ.: ବୈରି ।

(ଚ) ସୁଗ୍ରୀବ ବାଳି ଡରରେ କେଉଁଠି ଲୁଚିଥିଲେ ?

(ବନ, ଗୃହ, ଗିରି, ପ୍ରାସାଦ)

ଉ.: ଗିରି ।

(ଛ) ସିଂହ ହାତୀକୁ ମାରିଲେ ମଧ୍ୟ କାହାକୁ ଡରେ ?

(ବ୍ୟାଘ୍ର, କୁକୁର, ଶରଭ, ଶୁକର)

ଉ.: ଶରଭ ।

(ଜ) କିଏ ଜନ୍ମ ହେବାମାତ୍ରେ ବାଳ ସୂର୍ଯ୍ୟଙ୍କୁ ଡେଇଁ ଧରିଥିଲା ?

(ହନୁମାନ, ବାଳି, ଅଙ୍ଗଦ, ସୁଗ୍ରୀବ)

ଉ.: ହନୁମାନ ।

(ଝ) ରାମ ଓ ସୁଗ୍ରୀବ କାହାକୁ ସାକ୍ଷୀ ରଖି ମିତ୍ର ହେଲେ ?

(ଲକ୍ଷ୍ମଣ, ହନୁମାନ, ବହ୍ନି, ପର୍ବତ)

ଉ.: ବହ୍ନି ।

(ଞ) ଦୁନ୍ଦୁଭି ଅସ୍ଥିକୁ ରାମଚନ୍ଦ୍ର କିପରି ଫିଙ୍ଗିଦେଲେ ?

(ହାତରେ, ବାମ ପାଦର ବୃଦ୍ଧାଙ୍ଗୁଳିରେ, ଖରରେ, ଧନୁ ହଳରେ)

ଉ.: ବାମ ପାଦର ବୃଦ୍ଧାଙ୍ଗୁଳିରେ ।

(ଟ) ବଜ୍ରଠାରୁ କାହାର ଆଣ୍ଟ ଅଧିକ ?

(ସପ୍ତଶାଳା, ଲକ୍ଷ୍ମଣର ଶର, ରାମଙ୍କ ବାଣ, ବାଳିର ଶକ୍ତି)

ଉ.: ସପ୍ତଶାଳା ।

(ଠ) ବିରାଧାରି କିଏ ?

(ରାମ, ଲକ୍ଷ୍ମଣ, ସୁଗ୍ରୀବ, ବାଳି)

ଉ.: ରାମ ।

**୨. ସଂକ୍ଷିପ୍ତ ପ୍ରଶ୍ନୋତ୍ତର – ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନ ମୂଲ୍ୟ-୧ନମ୍ବର ।**

(କ) 'ମିତ୍ରତା' କବିତାର କବି କିଏ ?

ଉ.: 'ମିତ୍ରତା' କବିତାର କବି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ।

(ଖ) ଉପେନ୍ଦ୍ରଭଞ୍ଜଙ୍କ ଜନ୍ମସ୍ଥାନ କେଉଁଠି ?

ଉ.: ଉପେନ୍ଦ୍ରଙ୍କ ଜନ୍ମସ୍ଥାନ ଗଞ୍ଜାମର ଘୁମୁସରରେ ।

(ଗ) ଉପେନ୍ଦ୍ର ଭଞ୍ଜଙ୍କ ଚାରିଗୋଟି କାବ୍ୟର ନାମ ଲେଖ ।

ଉ.: ଉପେନ୍ଦ୍ର ଭଞ୍ଜଙ୍କ ଚାରିଗୋଟି କାବ୍ୟର ନାମ – 'ଲାବଣ୍ୟବତୀ', 'ପ୍ରେମସୁଧାନିଧି', 'ରସଲେଖା', 'ପ୍ରେମଲତା' ।

(ଘ) 'ରାମ ସୁଗ୍ରୀବ ମିତ୍ରତା' କେଉଁ କାବ୍ୟର ଅଂଶବିଶେଷ ?

ଉ.: 'ରାମ ସୁଗ୍ରୀବ ମିତ୍ରତା' 'ବୈଦେହୀଶବିଳାସ' କାବ୍ୟର ଅଂଶବିଶେଷ ।

(ଙ) କେଉଁ ବେନିଜନଙ୍କର ଏକ ଦଶା ପଡ଼ିଥିଲା ?

ଉ.: ରାମ ଓ ସୁଗ୍ରୀବ ବେନିଜନଙ୍କର ଏକ ଦଶା ପଡ଼ିଥିଲା ।

(ଚ) ସୂର୍ଯ୍ୟଙ୍କ ପୁତ୍ର କିଏ ?

ଉ.: ସୂର୍ଯ୍ୟଙ୍କ ପୁତ୍ର ସୁଗ୍ରୀବ ।

(ଛ) 'ପର ଧରଷଣେ' ଶବ୍ଦର ଅର୍ଥ କ'ଣ ?

ଉ.: 'ପର ଧରଷଣେ' ଅର୍ଥ ଅନ୍ୟଦ୍ୱାରା ଦୁଃଖ ପାଇବା ।

(ଜ) କାହାର ପ୍ରବୋଧନାରେ ବୋଧ ହୋଇ ରାମ ଓ ସୁଗ୍ରୀବ ଜୀବନ ଧରିଥିଲେ ?

ଉ.: ଲକ୍ଷ୍ମଣଙ୍କ ପ୍ରେରଣାରେ ରାମ ଓ ମନ୍ତ୍ରୀଙ୍କ ପ୍ରେରଣାରେ ସୁଗ୍ରୀବ ବୋଧ ହୋଇ ଜୀବନ ଧରିଥିଲେ ।

(ଝ) କାହାପାଇଁ ରାମଚନ୍ଦ୍ରଙ୍କର ବନବାସ ବାଧା ଉପୁଜିଛି ?

ଉ.: ବୈରି ପାଇଁ ରାମଚନ୍ଦ୍ରଙ୍କର ବନବାସ ବାଧା ଉପୁଜିଛି ।

(ଞ) କାହାପାଇଁ ସୁଗ୍ରୀବଙ୍କ ଜୀବନରେ ବାଧା ଉପୁଜିଥିଲା ?

ଉ.: ବାଲୀ ପାଇଁ ସୁଗ୍ରୀବଙ୍କ ଜୀବନରେ ବାଧା ଉପୁଜିଥିଲା ।

(ଟ) ରାମଚନ୍ଦ୍ର ସୁଗ୍ରୀବଙ୍କର କାହାକୁ ବିନାଶ କରିବାକୁ ଇଚ୍ଛା ଅଛି ?

ଉ.: ରାମଚନ୍ଦ୍ର ଓ ସୁଗ୍ରୀବଙ୍କର ବୈରି ବିନାଶ କରିବାକୁ ଇଚ୍ଛା ଅଛି ।

(ଠ) ରାମ ଓ ସୁଗ୍ରୀବ କାହିଁକି ମିତ୍ର ହେଲେ ?

ଉ.: ଦୁଇଜଣ ସମାନ ଦଶା ଭୋଗୁଥିବାରୁ ରାମ ଓ ସୁଗ୍ରୀବ ମିତ୍ର ହେଲେ ।

(ଡ) ପଶୁରାଜ ସିଂହ ଅତିବଳଶାଳୀ ହେଲେ ମଧ କାହାକୁ ଡରୁଥାଏ ?

ଉ.: ପଶୁରାଜ ସିଂହ ଅତିବଳଶାଳୀ ହେଲେ ମଧ ଶରଭକୁ ଡରୁଥାଏ ।

(ଢ) ରାମ ଉତ୍ସାହରେ କ'ଣ କହିଲେ ?

ଉ.: ରାମ ଉତ୍ସାହରେ ଗୋଟିଏ ବାଣରେ ବାଳୀକୁ ହତ୍ୟା କରିବାକୁ କହିଲେ ।

(ଣ) ସୁଗ୍ରୀବ ସୀତା କେଉଁ ଲୋକରେ ଥିଲେ ମଧ ଖୋଜାଇ ଆଣିବି ବୋଲି କହିଛନ୍ତି ?

ଉ.: ସୀତା ବ୍ରହ୍ମଲୋକରେ ଥିଲେ ମଧ ଖୋଜାଇ ଆଣିବି ବୋଲି ସୁଗ୍ରୀବ କହିଛନ୍ତି ।

(ତ) କିଏ ଜନ୍ମ ହେବାମାତେ ବାଳ ସୂର୍ଯ୍ୟଙ୍କୁ ଡେଇଁ ଧରିଛି ?

ଉ.: ହନୁମାନ ଜନ୍ମ ହେବାମାତ୍ରେ ବାଳ ସୂର୍ଯ୍ୟଙ୍କୁ ଡେଇଁ ଧରିଛି ।

(ଥ) ରାମ ଓ ସୁଗ୍ରୀବ କିପରି ମିତ୍ର ହେଲେ ?

ଉ.: ଦୁଇଜଣ ଏକଦଶା ଭୋଗୁଥିବାରୁ ଅଗ୍ନିକୁ ସାକ୍ଷୀ ରଖି ମିତ୍ର ହେଲେ ।

(ଦ) ରାମଚନ୍ଦ୍ର ସୁଗ୍ରୀବଙ୍କୁ କାହାକୁ ଦେଖାଅ ବୋଲି କହିଛନ୍ତି ?

ଉ.: ରାମଚନ୍ଦ୍ର ସୁଗ୍ରୀବଙ୍କୁ ଶତ୍ରୁକୁ ଦେଖାଇବାକୁ କହିଛନ୍ତି ।

(ଧ) ସୁଗ୍ରୀବ ରାମଚନ୍ଦ୍ରଙ୍କୁ ବାଳିକୁ ବଧ କରିବାକୁ ହେଲେ କାହାର ଅସ୍ଥି ଟେକିବାକୁ କହିଛନ୍ତି ?

ଉ.: ବାଳିକୁ ବଧ କରିବାକୁ ହେଲେ ଦୁନ୍ଦୁଭିର ଅସ୍ଥି ଟେକିବାକୁ ସୁଗ୍ରୀବ ରାମଚନ୍ଦ୍ରଙ୍କୁ କହିଛନ୍ତି ।

(ନ) ରାମଚନ୍ଦ୍ର ତାଙ୍କର କେଉଁ ପାଦ ଓ ଆଙ୍ଗୁଳିରେ ଦୁନ୍ଦୁଭି ଅସ୍ଥିକୁ ଟେକି ଫୋପାଡ଼ି ଦେଲେ ?

ଉ.: ରାମଚନ୍ଦ୍ର ତାଙ୍କର ବାମପାଦ ବୁଢା ଆଙ୍ଗୁଳିରେ ଦୁନ୍ଦୁଭି ଅସ୍ଥିକୁ ଟେକି ଫୋପାଡ଼ି ଥିଲେ ।

(ପ) ଦୁନ୍ଦୁଭି ଅସ୍ଥି ପଡ଼ିବାର ଶବ୍ଦ ଶୁଣି କିଷ୍କିନ୍ଧ୍ୟାର ଲୋକମାନେ କ'ଣ ଭାବିଲେ ?

ଉ.: ଦୁନ୍ଦୁଭି ଅସ୍ଥି ପଡ଼ିବାର ଶବ୍ଦ ଶୁଣି କିଷ୍କିନ୍ଧ୍ୟାର ଲୋକମାନେ ଭାବିଲେ ଯେ, ବଜ୍ରାଘାତରେ ମୈନାକ ପର୍ବତ ଦୂରରେ ପଡ଼ିଲା ।

(ଥ) ବିରାଧାରି ଶବ୍ଦର ଅର୍ଥ କ'ଣ ?

ଉ.: ବିରାଧାରି ଶବ୍ଦର ଅର୍ଥ ବିରାଧ ରାକ୍ଷସର ଶତ୍ରୁ ରାମଚନ୍ଦ୍ର ।

**୩. ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକ ସୂଚନା ପାଇଁ ୧ ନମ୍ବର ଉତ୍ତର ପାଇଁ ୧ ନମ୍ବର ।**

(କ) ସୁଗ୍ରୀବ କାହିଁକି ବାଳୀକୁ ଡରୁଥିଲେ ?

ଉ.: ଏ ପାଠ୍ୟାଂଶଟି 'ମିତ୍ରତା' କବିତାରୁ ଆସିଅଛି ଓ ଏହାର କବି ଉପେନ୍ଦ୍ର ଭଞ୍ଜ । ବାଳୀ ସୁଗ୍ରୀବଙ୍କୁ ମାରିଦେବା ପାଇଁ ଚାହୁଁଥିବାରୁ ସୁଗ୍ରୀବ ବାଳୀକ ଡରୁଥିଲେ ।

(ଖ) ହନୁମାନ କାହିଁକି ସୂର୍ଯ୍ୟଙ୍କୁ ଧରିଥିଲେ ?

ଉ.: ପାଠ୍ୟାଂଶଟି 'ମିତ୍ରତା' କବିତାରୁ ଆସିଅଛି ଓ ଏହାର କବି ଉପେନ୍ଦ୍ର ଭଞ୍ଜ । ଲାଲ ରଙ୍ଗର ସୂର୍ଯ୍ୟଙ୍କୁ ଦେଖି ତାକୁ ଖାଇବାକୁ ହନୁମାନ ସୂର୍ଯ୍ୟଙ୍କୁ ଧରିଥିଲେ ।

(ଗ) ଦୁନ୍ଦୁଭି କିଏ ?

ଉ.: ପାଠ୍ୟାଂଶଟି 'ମିତ୍ରତା' କବିତାରୁ ଆସିଅଛି ଓ ଏହାର କବି ଉପେନ୍ଦ୍ର ଭଞ୍ଜ । ଦୁନ୍ଦୁଭି ଏକ ଭୟଙ୍କର ରାକ୍ଷସ ସେ ବାଳୀ ସାଙ୍ଗରେ ଯୁଦ୍ଧ କରିବାକୁ ଆହ୍ୱାନ କରିଥିଲା କିନ୍ତୁ ଭୟରେ ଯାଇ ପାତାଳରେ ଲୁଚିଥିଲା, ବାଳୀ ତାକୁ ପାତାଳରେ ଯାଇ ବଧ କରିଥିଲେ ।

(ଘ) ଇନ୍ଦ୍ର ମୈନାକ ଉପରେ ବଜ୍ରାଘାତ କରିଥିଲେ କାହିଁକି ?

ଉ.: ପାଠ୍ୟାଂଶଟି 'ମିତ୍ରତା' କବିତାରୁ ଉଦ୍ଧୃତ ଓ କବି ଉପେନ୍ଦ୍ର ଭଞ୍ଜ । ମୈନାକ ପର୍ବତର ବଡ଼ ବଡ଼ ପକ୍ଷ ଥିଲା ସମୟେ ସମୟେ ତାହା ଉଡ଼ି ବହୁ ଜନଜୀବନ ନଷ୍ଟ କରୁଥିଲା ଓ ଲୋକଙ୍କ ବିକଳ ସହି ନପାରି ବଜ୍ର ପ୍ରହାରରେ ଇନ୍ଦ୍ର ତା'ର ପକ୍ଷ ଛେଦନ କରିଥିଲେ ।

(ଙ) ଦୁନ୍ଦୁଭି ଅସ୍ଥି ହାଲୁକା ହୋଇଯାଇଛି ବୋଲି ସୁଗ୍ରୀବ କାହିଁକି ଭାବିଲା ?

ଉ.: ବିଷୟର ନାମ 'ମିତ୍ରତା' ଓ କବି ଉପେନ୍ଦ୍ର ଭଞ୍ଜ । କାରଣ ରାମଚନ୍ଦ୍ର ଅଙ୍ଗୁଳିରେ ସବୁ ଅସ୍ଥି ଫିଙ୍ଗି ଦେବା ପରେ ବି ସୁଗ୍ରୀବର ବିଶ୍ୱାସ ହୋଇନାହିଁ, ସେ ଭାବିଛି ଦୁନ୍ଦୁଭି ବହୁତ ଓଜନିଆ ଥିଲା ମାତ୍ର ପଚି ସଢ଼ି ଯାଇଥିବାରୁ ତା'ର ଓଜନ କମିଯାଇଥିବ, ତେଣୁ ରାମଚନ୍ଦ୍ର ଫିଙ୍ଗି ଦେଲେ ।

(ଚ) ସପ୍ତଶାଳା କ'ଣ ?

ଉ.: ବିଷୟର ନାମ 'ମିତ୍ରତା' ଓ କବି ଉପେନ୍ଦ୍ର ଭଞ୍ଜ । ପୃଥିବୀ ମାତା ବଳୀ ପାଦର ଭାରା ସହି ନ ପାରିବାରୁ ବ୍ରହ୍ମା ତା'ର ଅର୍ଦ୍ଧେକ ବଳ ସପ୍ତଶାଳା ବ ସାତଟି ଶାଳ ଗଛରେ ରଖିଥିଲେ । ସେ ସାତଟି ଶାଳଗଛକୁ ଯେଉଁ ବୀର ଗୋଟିଏ ଶରରେ ବିଦ୍ଧ କରିପାରିବ ସେ ହିଁ ବାଳୀକୁ ବଧ କରିପାରିବ । ବାଳୀ ମୃତ୍ୟୁ ସହ ଶପ୍ତଶାଳାର ସମ୍ପର୍କ ରହିଛି ।

(ଛ) ରଘୁବୀର କିଏ ?

ଉ.: ଏ କବିତାଂଶଟି ମିତ୍ରତା କବିତାରୁ ଆସିଅଛି ଓ ଏହାର ରଚୟିତା ଉପେନ୍ଦ୍ର ଭଞ୍ଜ । ରାମଚନ୍ଦ୍ର ପବିତ୍ର ରଘୁବଂଶରେ ଜାତ ହୋଇଥିବାରୁ ରାମଚନ୍ଦ୍ରଙ୍କୁ ରଘୁବୀର ବୋଲି କୁହାଯାଏ ।

(ଜ) ବିଭାବସୁ ବଂଶ କହିଲେ କ'ଣ ବୁଝ ?

ଉ.: ଏ ପାଠ୍ୟାଂଶଟି ମିତ୍ରତା କବିତାରୁ ଉଦ୍ଧୃତ ଓ ଏହାର କବି ଉପେନ୍ଦ୍ର ଭଞ୍ଜ । ରାମଚନ୍ଦ୍ର ବିଭାବସୁ ବା ସୂର୍ଯ୍ୟବଂଶରେ ଜନ୍ମ ନେଇଥିବାରୁ ତାଙ୍କ ବଂଶକୁ ବିଭାବସୁ ବଂଶ କୁହାଯାଏ ।

((ଝ) କିଏ ପିଲାବେଳେ ସୂର୍ଯ୍ୟଙ୍କୁ ଧରିଥିଲା ?

ଉ.: ଏହି କବିତାଂଶଟି 'ମିତ୍ରତା' କବିତାରୁ ଆନୀତ ଓ କବି ଉପେନ୍ଦ୍ର ଭଞ୍ଜ । ବୀର ହନୁମାନ ପିଲାବେଳେ ସୂର୍ଯ୍ୟଙ୍କୁ ଧରିଥିଲା ।

(ଞ) ଶ୍ରୀରାମ ଓ ସୁଗ୍ରୀବ କିପରି ମିତ୍ର ହେଲେ ?

ଉ.: ଏହି କବିତାଂଶଟି 'ମିତ୍ରତା' କବିତାରୁ ଆନୀତ ଓ କବି ଉପେନ୍ଦ୍ର ଭଞ୍ଜ । ବୀର ହନୁମାନ ପିଲାବେଳେ ସୂର୍ଯ୍ୟଙ୍କୁ ଧରିଥିଲା ।

(ଟ) ବିଧିରେ କିଏ ବିଭାବସୁଙ୍କ ପୁତ୍ର ଅଟନ୍ତି ?

ଉ.: ଏହି ପାଠ୍ୟାଂଶଟି 'ମିତ୍ରତା' କବିତାରୁ ଆନୀତ ଓ କବି ଉପେନ୍ଦ୍ର ଭଞ୍ଜ । ବିଧିରେ ସୁଗ୍ରୀବ ବିଭାବସୁଙ୍କ ପୁତ୍ର ଅଟନ୍ତି ।

(ଠ) କେଉଁ ମାନଙ୍କ ପ୍ରବୋଧନାରେ ରାମ ଓ ସୁଗ୍ରୀବ କାଳଯାପନ କରୁଥିଲେ ?

ଉ.: ପାଠ୍ୟାଂଶଟି 'ମିତ୍ରତା' କବିତାରୁ ଆନୀତ ଓ କବି ଉପେନ୍ଦ୍ର ଭଞ୍ଜ । ଲକ୍ଷ୍ମଣଙ୍କ ପ୍ରବୋଧନାରେ ରାମ ଓ ମନ୍ତ୍ରୀଙ୍କ ପ୍ରବୋଧନାରେ ସୁଗ୍ରୀବ କାଳଯାପନ କରୁଥିଲେ ।

(ଡ) 'ବାଧାମାତା ଭ୍ରାତାରେ ଉପୁଜିଛି'ର ଅର୍ଥ କ'ଣ ?

ଉ.: ପଠିତାଂଶଟି 'ମିତ୍ରତା' କବିତାରୁ ଆନୀତ ଓ କବି ଉପେନ୍ଦ୍ର ଭଞ୍ଜ । ମାତା କୈକେୟୀଙ୍କ ବାଧାରେ ରାମଚନ୍ଦ୍ର ଓ ଭ୍ରାତା ବାଳୀଙ୍କ ବାଧାରେ ସୁଗ୍ରୀବ ରାଜ ସିଂହାସନ ଆରୋହଣରେ ବାଧା ଉପୁଜିଛି ବୋଲି ଏକଥାଟି କୁହାଯାଇଛି ।

(ଢ) ରାମଚନ୍ଦ୍ର ଧରଣୀରେ କିପରି ବୁଲୁଥିଲେ ?

ଉ.: ପଠିତାଂଶଟି 'ମିତ୍ରତା' କବିତାରୁ ଆନୀତ ଓ ଏହାର କବି ଉପେନ୍ଦ୍ର ଭଞ୍ଜ । ଧରଣୀରେ ରାମଚନ୍ଦ୍ର ନିର୍ଭୟରେ ବୁଲୁଥିଲେ ।

(ଣ) ସୁଗ୍ରୀବ ପର୍ବତରେ କାହିଁକି ଲୁଚିଥିଲେ ?

ଉ.: ପଠିତାଂଶଟି 'ମିତ୍ରତା' କବିତାରୁ ଆନୀତ ଓ କବି ଉପେନ୍ଦ୍ର ଭଞ୍ଜ । ଭ୍ରାତା ବାଳୀର ଭୟରେ ସୁଗ୍ରୀବ ପର୍ବତରେ ଲୁଚିଥିଲେ ।

(ତ) ସୁଗ୍ରୀବ ବିନୟର ସହିତ କ'ଣ କହିଲେ ?

ଉ.: ଉଦ୍ଧୃତାଂଶଟି 'ମିତ୍ରତା' କବିତାରୁ ଆସିଅଛି ଓ କବି ଉପେନ୍ଦ୍ର ଭଞ୍ଜ । ସୁଗ୍ରୀବ ରାମଚନ୍ଦ୍ରଙ୍କୁ ବିନୟର ସହିତ ଦୁନ୍ଦୁଭିର ଅସ୍ଥି ଟେକି ଶକ୍ତିପରୀକ୍ଷା ଦେବା ପାଇଁ କହିଛନ୍ତି ।

(ଥ) ବିଧାତା ସପ୍ତଶାଳା ଗଛରେ ବାଳୀର ଅଧେ ବଳ କାହିଁକି ରଖିଥିଲେ ?

ଉ.: ପାଠ୍ୟାଂଶଟି 'ମିତ୍ରତା' କବିତାରୁ ଆନୀତ ଓ ଏହାର କବି ଉପେନ୍ଦ୍ର ଭଞ୍ଜ । ଧରଣୀ ମାତାର କଷ୍ଟ ଦୂର କରିବା ପାଇଁ ବିଧାତା ବାଳୀର ଅଧେ ବଳ ସପ୍ତଶାଳା ଗଛରେ ରଖିଥିଲେ ।

**୪. ପ୍ରାୟ ତିରିଶଟି ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକ ସୂଚନା ପାଇଁ ଏକ ନମ୍ବର ଓ ଠିକ୍ ଉତ୍ତର ପାଇଁ ୨ ନମ୍ବର ।**

(କ) 'ବେନିଜନେ ପଡ଼ିଛି ଏକଦଶା' – କାହା ପ୍ରସଙ୍ଗରେ ଓ କାହିଁକି କୁହାଯାଇଛି ?

ଉ.: ଉକ୍ତିଟି 'ମିତ୍ରତା' କବିତାରୁ ଆନୀତ ଓ କବି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ । 'ବେନିଜନେ ପଡ଼ିଛି ଏକଦଶା' ଉକ୍ତିଟି ରାମଚନ୍ଦ୍ର ଓ ସୁଗ୍ରୀବଙ୍କ ମିତ୍ରତା ପ୍ରସଙ୍ଗରେ କୁହାଯାଇଛି । ରାମଚନ୍ଦ୍ର ସୀତାଙ୍କୁ ଅନୁସନ୍ଧାନ କରି ବନରେ ବୁଲୁଥିବା ବେଳେ ସୁଗ୍ରୀବ ଭ୍ରାତା ବାଳୀର ଭୟରେ ପାହାଡ଼ରେ ଲୁଚି ରହିଥିଲେ । ରାମ ଓ ସୁଗ୍ରୀବଙ୍କ ସାକ୍ଷାତ ପରେ ଦୁହେଁ ଦୁହିଁଙ୍କ ଦୁଃଖ ପରସ୍ପର ଆଗରେ କହି ଅଗ୍ନିକୁ ସାକ୍ଷୀ ରଖି ମିତ୍ରତାରେ ଆବଦ୍ଧ ହେବାକୁ ନେଇ ଏକଥା କୁହାଯାଇଛି ।

(ଖ) ରାମ ଓ ସୁଗ୍ରୀବ କାହିଁକି ମିତ୍ର ହେବା ଉଚିତ ?

ଉ.: ଉଦ୍ଧୃତାଂଶଟି 'ମିତ୍ରତା' କବିତାରୁ ଆସିଅଛି ଓ ଏହାର କବି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ । ରାମଚନ୍ଦ୍ର ଓ ସୁଗ୍ରୀବ ଘନ ଜଙ୍ଗଲ ମଧ୍ୟରେ ସମାନ ସମସ୍ୟା ନେଇ ଚିନ୍ତିତ ଥିବାବେଳେ ଦୁହେଁ ଦୁହିଁଙ୍କୁ ଭେଟିଛନ୍ତି । ଉଭୟ ସୂର୍ଯ୍ୟ ବଂଶଧର । ପୁଣି ଦୁଇଜଣଙ୍କୁ ପତ୍ନୀ ବିଚ୍ଛେଦ ଦୁଃଖ ଭୋଗ କରିବାକୁ ହୋଇଛି । ଦୁଇଜଣ ଯୋଗ୍ୟ ଥାଇବି ରାଜା ହୋଇ ପାରି ନାହାନ୍ତି । ରାମଚନ୍ଦ୍ର ଅଯୋଧ୍ୟାର ଓ ସୁଗ୍ରୀବ କିଷ୍କିନ୍ଧ୍ୟାର, ରାଜ ପରିବାରର ହୋଇବି ଫଳମୂଳ ଆହାର କରି ବଞ୍ଚିଛନ୍ତି । ତେଣୁ ଦୁଇଜଣଙ୍କର ଦୁଃଖ ଓ ଭାବ ସମାନ ଥିବାରୁ ସେମାନେ ମିତ୍ର ହେବା ଉଚିତ ।

(ଗ) ରାମଚନ୍ଦ୍ରଙ୍କ ବୀରତ୍ୱର ପରୀକ୍ଷା ସୁଗ୍ରୀବ କିପରି ନେଲେ ?

ଉ.: ପାଠ୍ୟାଂଶଟି 'ମିତ୍ରତା' କବିତାରୁ ଆସିଅଛି ଓ କବି ଉପେନ୍ଦ୍ର ଭଞ୍ଜ । ରାମଚନ୍ଦ୍ର ପ୍ରକୃତରେ ବାଳୀକୁ ମାରିବାପାଇଁ ସମର୍ଥ କି ନାହିଁ ସେକଥା ପରୀକ୍ଷା କରିବା ପାଇଁ ବିନୟତାରେ ସୁଗ୍ରୀବ କହିଲେ ଦୁଇଟି ପରୀକ୍ଷା କରିଛନ୍ତି । ଗୋଟିଏ ଦୁନ୍ଦୁଭି ଅସୁରର ଅସ୍ଥିକୁ ଉଠାଇ ଫିଙ୍ଗିବା ଓ ଅନ୍ୟଟି ସପ୍ତଶାଳା ବୃକ୍ଷକୁ ଗୋଟିଏ ଶରରେ ବିଦ୍ଧ କରିବା । ରାମଚନ୍ଦ୍ର ପ୍ରଥମ ପରୀକ୍ଷାଟିକୁ ବାମ ପାଦ ବୃଦ୍ଧ ଅଙ୍ଗୁଳିରେ, ଅନ୍ୟଟିକୁ ସାପ ଲାଙ୍ଗୁଡ଼ରେ ଛୁଇଁ ତାକୁ ସିଧା କରିବା ଫଳରେ ଗଛ ମଧ୍ୟ ସିଧା ହୋଇଗଲା ତାକୁ ବିଦ୍ଧ କଲେ ।

(ଘ) ରାମଚନ୍ଦ୍ର ସୁଗ୍ରୀବ ଅସ୍ଥିକୁ ସହଜରେ ଫିଙ୍ଗିଦେବାରୁ ସୁଗ୍ରୀବ ମନରେ କି ସନ୍ଦେହ ଜାତ ହେଲା ?

ଉ.: ଉଦ୍ଧୃତାଂଶଟି 'ମିତ୍ରତା' କବିତାରୁ ଆନୀତ ଓ ଏହାର କବି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ । ରାମଚନ୍ଦ୍ର ଦୁନ୍ଦୁଭିର

ଅସ୍ଥିକୁ ଅକ୍ଲେଶରେ ଫିଙ୍ଗିଦେବାରୁ ସୁଗ୍ରୀବ ଭାବିଲା ଯେ ଦୁନ୍ଦୁଭିର ଶରୀର ମାଂସ ଚମଡ଼ା ଥିଲା, ପଚି ନଷ୍ଟ ହେବା ପରେ ଅସ୍ଥିଗୁଡ଼ିକ ଶୁଖି ଯାଇଥିବାରୁ ଏହାକୁ ସାମାନ୍ୟ ବାମ ପାଦ ବୁଢ଼ା ଆ ଙ୍ଗୁଳିରେ ଫିଙ୍ଗି ଦେଲେ । ତେଣୁ ରାମଚନ୍ଦ୍ରଙ୍କ ଶକ୍ତି ଉପରେ ତା'ର ବିଶ୍ୱାସ ଆସିନାହିଁ ।

(ଙ) ସପ୍ତଶାଳା ବୃକ୍ଷର ମାହାତ୍ମ୍ୟ ବର୍ଣ୍ଣନା କର ?

ଉ.: ପାଠ୍ୟାଂଶଟି ପଠିତ 'ମିତ୍ରତା' କବିତାରୁ ଆସିଅଛି ଓ ଏହାର କବି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ । ବାଳୀ ପାଦଚାଳନାର ଭାରାରେ ଧରଣୀ ମାତାଙ୍କୁ ଅସହ୍ୟ ହୋଇଛି ତେଣୁ ବିଧାତା ବାଳୀର ଅର୍ଦ୍ଧେକ ବଳକୁ ସପ୍ତଶାଳା ଗଛରେ ରଖିଥିଲେ । ସେ ସପ୍ତଶାଳା ଗଛକୁ ଗୋଟିଏ ନାଗସାପ ସପ୍ତବାଙ୍କରେ ଆବଦ୍ଧ କରି ରଖିଥିଲା ଗୋଟିଏ ଶରରେ ଯେଉଁ ବୀର ସେ ଗଛକୁ ବିଦ୍ଧ କରିପାରିବ ସେ ହିଁ ବାଳୀକୁ ମାରିପାରିବ ବୋଲି ମାହାତ୍ମ୍ୟ ଥିଲା ।

(ଚ) ସୁଗ୍ରୀବର କାହା ଉପରେ ଭରସା ଥିଲା ଓ କାହିଁକି ?

ଉ.: ଉଦ୍ଧୃତାଂଶଟି ପଠିତ ସାହିତ୍ୟ ବହିର 'ମିତ୍ରତା' କବିତାରୁ ଆସିଅଛି ଓ ଏହାର କବି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ । ଏଠାରେ କବି ବାଳୀର ରାମଚନ୍ଦ୍ରଙ୍କ ଉପରେ ଭରସାର କଥାକୁ ଉଲ୍ଲେଖ କରିଛନ୍ତି । ଦୁଇଟି ପରୀକ୍ଷା ରାମଚନ୍ଦ୍ର ଦେଇଥିଲେ । ଗୋଟିଏ ଦୁନ୍ଦୁଭି ରାକ୍ଷସର ଅସ୍ଥି ଫିଙ୍ଗିବା ଅନ୍ୟଟି ସପ୍ତଶାଳ ଗଛଠାରୁ ଶର ବିଦ୍ଧ କରିବା, ଏ ଦୁଇଟି ଅସମ୍ଭବ କାର୍ଯ୍ୟ ରାମଚନ୍ଦ୍ର କରି ଦେଖାଇବା ପରେ ସୁଗ୍ରୀବ ଚିନ୍ତା କରିଥିଲା, ଏ ମହାପୁରୁଷହିଁ ବାଳୀକୁ ମାରିପାରିବେ ଓ ଯୁଦ୍ଧ କରି ପାରିବେ । ସେଥିପାଇଁ ସୁଗ୍ରୀବର ଭରସା ଆସିଥିଲା ।

**୫. ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ । ପ୍ରଶ୍ନର ମୂଲ୍ୟ ୫ ନମ୍ବର, ୧୫୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ ।**

(କ) ରାମ ସୁଗ୍ରୀବଙ୍କର ମିତ୍ରତା କିପରି ହେଲା, ତାହା ଉଲ୍ଲେଖ କର ।

ଉ.: କବି କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ଓଡ଼ିଆ କାବ୍ୟ ସାହିତ୍ୟର ସୁନିପୁଣ କାରିଗର । ତାଙ୍କ ଦ୍ୱାରା ରଚିତ କାବ୍ୟକୃତିର ପରିଧି ମଧ୍ୟ ଅସାମାନ୍ୟ । ପୌରାଣିକ, କାଳ୍ପନିକ, ତତ୍ତ୍ୱମୂଳକ, ଆଳଂକାରିକ ଓ ଛାନ୍ଦ, ଗୀତିକବିତାଦି ସାହିତ୍ୟର ସମସ୍ତ ବିଭାଗକୁ ସେ ଲେଖନୀ ଚାଳନା କରି ତାଙ୍କର ଅଗାଧ ପାଣ୍ଡିତ୍ୟର ପରିଚୟ ଦେଇଛନ୍ତି । ଆଲୋଚ୍ୟ 'ମିତ୍ରତା' କବିତାଟି କବିଙ୍କ ଧାର୍ମିକ ପୌରାଣିକ ଗ୍ରନ୍ଥ 'ବୈଦେହିଶ ବିଳାସ'ର ଅଂଶବିଶେଷ । ଏହି ଗ୍ରନ୍ଥଟିକୁ କବି 'ବ' ଅନୁପ୍ରାସରେ ରଚନା କରିଥିଲେ । ରାମାୟଣ କଥାବସ୍ତୁ ଉପରେ ଆଧାରିତ ଏହି କବିତାରେ ରାମ ସୁଗ୍ରୀବଙ୍କର ମିତ୍ରତା ଉପରେ ବର୍ଣ୍ଣନା କରାଯାଇଛି ।

ରାମ ଓ ସୁଗ୍ରୀବଙ୍କର ମିତ୍ରତା ଏକ ଦୈବୀ ସଂଯୋଗ । ପିତୃ ସତ୍ୟ ରକ୍ଷା କରିବାକୁ ରାମଚନ୍ଦ୍ର ବନବାସ ସମୟରେ ସୀତାଙ୍କୁ ମାୟାବୀ ରାବଣ ଚୋରାଇ ନେଇଛି । ସୀତାଙ୍କ ଅନୁସନ୍ଧାନରେ ରାମଚନ୍ଦ୍ର ବନରେ ବୁଲିବା ସମୟରେ କିଷ୍କିନ୍ଧ୍ୟା ରାଜା ସୁଗ୍ରୀବଙ୍କ ସହ ଭେଟ ହୋଇଛି । ସୁଗ୍ରୀବ ମଧ୍ୟ ସ୍ତ୍ରୀକୁ ହରାଇ ବାଳୀ ଭୟରେ ପାହାଡ଼ରେ ଆତ୍ମଗୋପନ କରିଛି । ରାମଚନ୍ଦ୍ର ଓ ସୁଗ୍ରୀବ ସୌଭାଗ୍ୟରୁ ବଞ୍ଚିତ ହତଭାଗ୍ୟ । କାରଣ ରାମଚନ୍ଦ୍ର ମା' କୈକେୟୀଙ୍କ ପାଇଁ ରାତି ପାହିଲେ ରାଜା ହେବାରୁ ବଞ୍ଚିତ ବନବାସୀ ଓ ସୁଗ୍ରୀବ ମଧ୍ୟ ରାଜା ହେବାରୁ ଭାଇ ବାଳି ଦ୍ୱାରା ହରଣ ହୋଇଥିବା ନିଜ ସ୍ତ୍ରୀ ସହିତ ରାଜ୍ୟ ହରାଇ ବଣରେ ଭୋକ ଉପବାସରେ ଫଳମୂଳ ଖାଇ ପଡ଼ିରହିଛି । ଦୁଇ ଜଣଙ୍କର ଜୀବନ କାହାଣୀ ସମାନ । ଦୁଇଜଣ ଯାକ ସୂର୍ଯ୍ୟବଂଶୀ । କେବଳ ଆଶ୍ୱାସନା ସ୍ୱରୂପ ରାମଙ୍କ ପାଖରେ ଲକ୍ଷ୍ମଣ ଓ ସୁଗ୍ରୀବଙ୍କ ପାଖରେ ତାଙ୍କର ପ୍ରିୟ ମନ୍ତ୍ରୀ । ଦୁହେଁ କଥୋପକଥନ ସମୟରେ ନିଜ ନିଜର ଦୁଃଖ ବର୍ଣ୍ଣନା କରି ପରସ୍ପରକୁ

ସାହାଯ୍ୟ କରିବା ପାଇଁ ମନ ବଳାଇଛନ୍ତି । ରାମଚନ୍ଦ୍ର ବାଳୀକୁ ଗୋଟିଏ ଶରରେ ବିନ୍ଧିଦେବେ ବୋଲି କହିବା ପରେ ସୁଗ୍ରୀବ ମଧ୍ୟ ବ୍ରହ୍ମଲୋକରେ ଥିଲେ ବି ସୀତାଙ୍କୁ ଖୋଜି ଆଣିଦେବ ବୋଲି ପ୍ରତିଶ୍ରୁତି ଦେଇଛି ।

ରାମଚନ୍ଦ୍ର ଓ ସୁଗ୍ରୀବ କେବଳ ବୈରୀଙ୍କୁ ହତ ବା ପରାସ୍ତ ପାଇଁ ମିତ୍ରତା ସୂତ୍ରରେ ଆବଦ୍ଧ ହୋଇଥିଲେ ମଧ୍ୟ ଏହା ବିଧି ନିର୍ଦ୍ଦେଶ । କବି ଉପେନ୍ଦ୍ର ଭଞ୍ଜ 'ବ' ଅନୁପ୍ରାସରେ 'ବୈଦେହୀଶ ବିଳାସ' ଗ୍ରନ୍ଥରେ ଏହିପରି ରାମାୟଣରୁ ଅନେକ କଥାବସ୍ତୁ ଅବତାରଣା କରିଛନ୍ତି ଯାହା ତାଙ୍କର କବିତ୍ୱ ଓ ପାଣ୍ଡିତ୍ୟର ପରାକାଷ୍ଠାକୁ ପ୍ରମାଣିତ କରେ ।

**(ଖ) ରାମଙ୍କୁ ବାଳୀ ସହ ଲଢ଼ିବା ପୂର୍ବରୁ କେଉଁ ଦୁଇଟି ଶକ୍ତିପରୀକ୍ଷା ଦେବାକୁ ପଡ଼ିଥିଲା ତାହାର ବର୍ଣ୍ଣନା କର ।**

ଉ.: କବି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଓଡ଼ିଆ କାବ୍ୟ ଜଗତର ବିସ୍ମୟ । ତାଙ୍କର ସୃଷ୍ଟିର ଜ୍ୟୋତି ଚିର ଉଦ୍‌ଭାସିତ । କବି ଓଡ଼ିଆ ଜନଜୀବନକୁ ତାଙ୍କ କାବ୍ୟର ଗାୟନ ମାଧୁରୀର ସମ୍ମୋହନ ସ୍ୱରରେ ବାନ୍ଧି ରଖିଥିଲେ ଓ ଜ୍ଞାନୀ ପଣ୍ଡିତ ବର୍ଗକୁ କାବ୍ୟର ପାଣ୍ଡିତ୍ୟରେ ମୁଗ୍ଧ କରିଥିଲେ । ଉପେନ୍ଦ୍ରଙ୍କ କାବ୍ୟସାହିତ୍ୟ ରସପିପାସୁ ପାଇଁ ଅସରନ୍ତି ଝରଣାର ଉତ୍ସ । ଆଲୋଚ୍ୟ 'ମିତ୍ରତା' କବିତା ପ୍ରସିଦ୍ଧ ରାମାୟଣ ଗ୍ରନ୍ଥରୁ ଆସିଅଛି । ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ସହିତ ବାନରେ ବନ୍ଧୁ ସୁଗ୍ରୀବଙ୍କ ସମ୍ପର୍କର ଏକ ନମୁନା ଏଥିରେ ପ୍ରଦାନ କରାଯାଇଛି ।

ସମଗ୍ର ବିଷୟବସ୍ତୁ ଭିତରେ ରାମଚନ୍ଦ୍ର ଓ ସୁଗ୍ରୀବଙ୍କ ଜୀବନ କାହାଣୀ ସଂଯୋଗ ବଶତଃ ପରସ୍ପର କହିବା ପାଇଁ ଆଗଭର ହୋଇଛନ୍ତି । ବିପଦ ବେଳେ କୁଟାଖିଅକୁ ଭରସା ପରି ଦୁହେଁ ଦୁହିଁଙ୍କୁ ନେଇ ଆଶାବାଦୀ ହୋଇପଡ଼ିଛନ୍ତି । ରାମଚନ୍ଦ୍ର ସ୍ତ୍ରୀ ସୀତାଙ୍କୁ ରାବଣ ମାୟାରେ ଚୋରେଇ ନେଇଛି । ବାଳୀ ସୁଗ୍ରୀବର ପତ୍ନୀକୁ ବଳପୂର୍ବକ ହରଣ କରି ସୁଗ୍ରୀବକୁ ରାଜ୍ୟରୁ ବିତାଡ଼ିତ କରିଛି । ଦୁହିଁଙ୍କର ସମାନ ଦୁଃଖ ଦୁହେଁ ପରସ୍ପରକୁ ଭେଟିବା ପରେ ଏକଥା ଜାଣିଛନ୍ତି । ରାମଚନ୍ଦ୍ର ବାଳୀଠୁ ପ୍ରତିଶୋଧ ଓ ସୁଗ୍ରୀବ ସୀତାଙ୍କ ସନ୍ଧାନର ପ୍ରତିଶ୍ରୁତି ହିଁ ଏହି ଦୁଇଜଣଙ୍କୁ ମିତ୍ର ସୂତ୍ରରେ ଆବଦ୍ଧ କରାଇଛି । ମାତ୍ର ସୁଗ୍ରୀବର ବାଳୀର ଶକ୍ତି ଉପରେ ଅଭିଜ୍ଞତା ଥିବାରୁ ରାମଚନ୍ଦ୍ର ବାଳୀକୁ ମାରିବାକୁ ସକ୍ଷମ କି ନୁହେଁ ଏକଥା ପରୀକ୍ଷା ନେବାକୁ ରାମଙ୍କୁ ବିନୟଭାବର ସହ ଅନୁରୋଧ କରିଛି ଓ ସର୍ତ୍ତ ରଖିଛନ୍ତି ଦୁନ୍ଦୁଭି ରାକ୍ଷସର ପଡ଼ିଥିବା ଶବର ଅସ୍ଥିକୁ ଉଠାଇ ଫିଙ୍ଗିବା ପାଇଁ । ଦ୍ୱିତୀୟ ସର୍ତ୍ତ ସପ୍ତଶାଳାକୁ ଗୋଟିଏ ଶରରେ ବିଦ୍ଧ କରିବା ପାଇଁ ।

ରାମଚନ୍ଦ୍ର ପ୍ରଥମ ସର୍ତ୍ତକୁ ପରୀକ୍ଷା ସ୍ୱରୂପ ବାମ ପାଦର ବୁଢ଼ା ଆଙ୍ଗୁଠିରେ ଟେକି ଫିଙ୍ଗିଛନ୍ତି ଯାହା ବଜ୍ର ପଡ଼ିବା ପରି ଶବ୍ଦରେ ପ୍ରକମ୍ପିତ ହୋଇଛି । ତଥାପି ସୁଗ୍ରୀବ ଚିନ୍ତା କରିଛି ଯେ ଦୁନ୍ଦୁଭି ଶରୀରର ଅସ୍ଥିଗୁଡ଼ିକ ଖରାରେ ଶୁଖି ଯାଇଥିବ ନଚେତ୍ ଏତେ ବଡ଼ କାର୍ଯ୍ୟ ଏ ଅକ୍ଲେଶରେ କଲେ କେମିତି । ତେଣୁ ଦ୍ୱିତୀୟ ପରୀକ୍ଷା ସ୍ୱରୂପ ସେ ସପ୍ତଶାଳାକୁ ଶର ନିକ୍ଷେପ ପାଇଁ କହିଛି । ସପ୍ତଶାଳା ବୃକ୍ଷର ମାହାତ୍ମ୍ୟ ହେଲା ସେଥିରେ ବାଳୀର ଅଧେ ବଳକୁ ବିଧାତା ରଖିଥିଲେ ସାତଟି ଶାଳଗଛରେ । ସାତଟି ଶାଳଗଛ ଅଙ୍କାବଙ୍କା ହୋଇ ରହିଥିଲା କାରଣ ଗୋଟିଏ ନାଗସାପ ସାତଟାଙ୍କ ହୋଇ ତା ଦେହରେ ଶୋଇଥିଲା । ରାମଚନ୍ଦ୍ରଙ୍କ ପାଦସ୍ପର୍ଶରେ ସାପଟି ସଳଖ ହୋଇଯାଇଛି ଓ ଗଛଗୁଡ଼ିକ ସିଧା ଗୋଟିଏ ଧାଡ଼ିରେ ରହିଛନ୍ତି । ରାମଚନ୍ଦ୍ର ତାକୁ ଶର ବିଦ୍ଧ କରିଛନ୍ତି । ରାମଙ୍କର ଏ ପରୀକ୍ଷା ସରିବା ପରେ ସୁଗ୍ରୀବ ପ୍ରକୃତ ଚିନ୍ତା କରିଛି ଏ ମହାପୁରୁଷ ବାଳିକି ପରାସ୍ତ କରିବା ପାଇଁ ସମର୍ଥ ।

**(ଗ) 'ମିତ୍ରତା' କବିତାରୁ କବିଙ୍କର ଶବ୍ଦ ସଂଯୋଜନା ଓ ବର୍ଣ୍ଣନା ଚାତୁର୍ଯ୍ୟର ପରିଚୟ ପ୍ରଦାନ କର ।**

ଉ.: ଉପେନ୍ଦ୍ର ... ଶବ୍ଦର ଯାଦୁକର । ତାଙ୍କର ପ୍ରତ୍ୟେକ ସୃଷ୍ଟିରେ ଏହି କଥାର ପ୍ରମାଣ ଦେଖିବାକୁ ମିଳେ ।

ସେଥିପାଇଁ କବି ତାଙ୍କ 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' କାବ୍ୟରେ କହିଛନ୍ତି -

"କହେ ଉପଇନ୍ଦ୍ର ଭଂଜ ମୁଁ
ଲଭିଛି ଶବଦ ସମୁଦ୍ର ପାର ।"

ତାଙ୍କର ପୌରାଣିକ କାବ୍ୟ ହେଉ କି କାଳ୍ପନିକ କାବ୍ୟ ହେଉ ପ୍ରତ୍ୟେକ କାବ୍ୟରେ ସେ ଶବ୍ଦ ପାଣ୍ଡିତ୍ୟର ପ୍ରାକାଷ୍ଠା ଦେଖାଇଛନ୍ତି । ଯେଉଁଥିପାଇଁ ତାଙ୍କୁ କେହି କେହି ନାରୀ ଓ ଡିକ୍‌ସନାରୀ କବି ବୋଲି ଆକ୍ଷେପ କରିଛନ୍ତି । ଆଲୋଚ୍ୟ କବିତା ଭଂଜ ସୃଷ୍ଟିର ଶ୍ରେଷ୍ଠ ପୌରାଣିକ ଗ୍ରନ୍ଥ 'ବ' ଅନୁପ୍ରାସ ରଚିତ ବୈଦେହୀଶ ବିଳାସରୁ ଆସିଛି । ଏହା କବିଙ୍କ କଳା ସମ୍ପଦର କୋଠଭଣ୍ଡାର । ବାଉନ ଛାନ୍ଦ ବିଶିଷ୍ଟ ଏହି ବିଶାଳ ଗ୍ରନ୍ଥର ଅଷ୍ଟବିଂଶ ଛାନ୍ଦରୁ ଏହା ଉଦ୍ଧୃତ । ଏହା 'ବ' ଅନୁପ୍ରାସ ନିୟମ ଓ ଚକ୍ରକେଳୀ ରାଗରେ ରଚିତ ହୋଇଛି ।

'ବୈଦେହୀଶ ବିଳାସ' ସମଗ୍ର କାବ୍ୟରେ ପାଣ୍ଡିତ୍ୟ, ଶବ୍ଦ ସଂଯୋଜନା ଆଦି ବହୁ ପ୍ରଭାବ ବିସ୍ତାର କରିଛି । ବର୍ଣ୍ଣନା ଚାତୁରୀରେ ଏହା ଅସାମାନ୍ୟ ଓ ଅଦ୍ୱିତୀୟ । ବର୍ଣ୍ଣନା ଚାତୁରୀରେ କବି ରାମଚନ୍ଦ୍ର ଦୁନ୍ଦୁଭି ଅସୁରର ଅସ୍ଥିକୁ ଟେକି ଫିଙ୍ଗିବା ପରେ ସୁଗ୍ରୀବ କହିଛି -

ବସା ଆଦି ମାଂସ ଚର୍ମେ ସମ୍ପୂର୍ଣ୍ଣ
ବିନାଶ ତ ପୂତିବଶେ ସେମାନ
ବିବସ୍ୱାନ - କିରଣେ ଶୁଷ୍କ ଭାବ
ବହେ ବାଳି ତେବେ ଏକେ ରାଘବ ।

ଅର୍ଥାତ୍ ରାକ୍ଷସ ଶରୀର ପଚିଯିବା ପରେ ମାଂସ ଚର୍ମ କ୍ଷୟ ହୋଇ ଖରାରେ ଅସ୍ଥିଗୁଡ଼ିକ ଶୁଖିଯାଇଥିବାରୁ ଏହାକୁ ରାମଚନ୍ଦ୍ର ସହଜରେ ଫିଙ୍ଗି ଦେଲେ ।

ବିଭାବସୁ, ବିବସ୍ୱାନ, ବିହାୟସେ, ବାଦ ରଚନେ ଇତ୍ୟାଦି ଶବ୍ଦର ବ୍ୟବହାର ତାଙ୍କ ପାଣ୍ଡିତ୍ୟକୁ ସୂଚେଇଦିଏ । ଲାଳିତ୍ୟ ପଦ ସଂଯୋଜନା କାବ୍ୟଟିକୁ ମଧୁର କରିଛି । ବର୍ଣ୍ଣନା ଶୈଳୀ ଦୃଷ୍ଟିରୁ ସୁଗ୍ରୀବ ଓ ରାମଚନ୍ଦ୍ରଙ୍କର କଥୋପକଥନ । ରାମଚନ୍ଦ୍ର ଦୁନ୍ଦୁଭି ଅସୁରର ଅସ୍ଥି ଉତ୍ତୋଳନ ଓ ସପ୍ତଶାଳ୍ମକୁ ଶର ନିକ୍ଷେପ ତା'ର ବର୍ଣ୍ଣନା ଅତୀବ ମନୋହର । ବାଳୀଙ୍କ ବଳକୁ ଅଷ୍ଟପାଦ ବିଶିଷ୍ଟ ଶରଭ ସହିତ, ସେହିପରି ବାଧା ମାତା ଭ୍ରାତାରେ ଉପୁଜିଛି, ବାଳଭାନୁ ଜନ୍ମୁ ତେଇଁ ଧରିଛି ଆଦି ସୁନ୍ଦର ବର୍ଣ୍ଣନା କରାଯାଇଛି ।

**(ଘ) 'ମିତ୍ରତା' କବିତାର ସାରମର୍ମ ନିଜ ଭାଷାରେ ଲେଖ ।**

ଉ.: କବି କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜନ୍ମ ଏକ ରାଜକୀୟ ପରିବାରରେ ହୋଇଥିଲା । ପ୍ରସିଦ୍ଧ ଧନଞ୍ଜୟ ଭଞ୍ଜଙ୍କ ବଂଶଧର ଭାବରେ ଉପେନ୍ଦ୍ରଭଞ୍ଜ ସମଗ୍ର ଓଡ଼ିଆ ସାହିତ୍ୟକୁ ବହୁ ଶାସ୍ତ୍ରରେ ମଣ୍ଡିତ କରିଛନ୍ତି ଓ କବିକୁଳର ତିଳକ ରୂପେ ପରିଚିତ ହୋଇଛନ୍ତି । ତାଙ୍କ ଦ୍ୱାରା ରଚିତ କାବ୍ୟଗୁଡ଼ିକ ମଧ୍ୟରେ, 'ବୈଦେହୀଶ ବିଳାସ', 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ', 'ଲାବଣ୍ୟବତୀ', 'ରସିକ ହାରାବଳୀ', 'ରସଲେଖା', 'କଳାକଉତୁକ', 'ପ୍ରେମ ସୁଧାନିଧି' ଓ 'ସୁଭଦ୍ରା ପରିଣୟ' ଆଦି ପ୍ରସିଦ୍ଧ । ଆଲୋଚ୍ୟ 'ମିତ୍ରତା' କବିତା ପ୍ରସିଦ୍ଧ କାବ୍ୟ 'ବୈଦେହୀଶ ବିଳାସ'ର ଅଷ୍ଟବିଂଶ ଛାନ୍ଦରୁ ଉଦ୍ଧୃତ । କବି ବିଶେଷ କରି ଏହି କବିତାରେ ବନ୍ଧୁତ୍ୱର ନିମୂଢ଼ ନିଦର୍ଶନର ଚିତ୍ର ଅଙ୍କନ କରିଛନ୍ତି ।

ଅଯୋଧ୍ୟାର ରାଜା ରାମଚନ୍ଦ୍ର ପିତୃସତ୍ୟ ପାଳନ କରିବାକୁ ଚଉଦବର୍ଷ ବନଗାମୀ ହୋଇଛନ୍ତି । ଏହି ଚଉଦ ବର୍ଷ ଭିତରେ ସେନ୍ତୁ ଘାତ ପ୍ରତିଘାତ ସମ୍ମୁଖୀନ ହୋଇଛନ୍ତି । ଯାହା ତାଙ୍କ ମର୍ତ୍ତ୍ୟ ଲୀଳାର ପୂର୍ବ ବିଧି ବିଧାନ ଅନୁସାରେ ସ୍ଥିରୀକୃତ । ବନବାସ ସମୟରେ ଭଉଣୀ ଅପମାନର ପ୍ରତିଶୋଧ ପାଇଁ ରାବଣ ସୀତାଙ୍କୁ ହରଣ କରିଛି । ରାମଚନ୍ଦ୍ର ପତ୍ନୀ ସୀତାଙ୍କୁ ଖୋଜିବ ପାଇଁ ଘନ ଜଙ୍ଗଲରେ ବିଚରଣ ବେଳେ ସେପଟେ ସମାନ ଦୁଃଖରେ ଦୁଃଖୀ ପତ୍ନୀ ବିରହୀ ରାଜ୍ୟରୁ ବିତାଡ଼ିତ ସୁଗ୍ରୀବ ଭାଇ ବାଳୀର ଭୟରେ ଆତ୍ମଗୋପନ କରି ପର୍ବତରେ କରିଛି । ସଂଯୋଗବଶତଃ ରାମ ସୁଗ୍ରୀବଙ୍କର ଭେଟ ହେବା ପରେ ଦୁହେଁ ନିଜ ନିଜର ଦୁଃଖ ପ୍ରକାଶ କରିଛନ୍ତି ଓ ପରସ୍ପର ମଧ୍ୟରେ ଭାବଗତ ଓ ଭାଗ୍ୟ ଫଳଗତ ସାମାନତା ଥିବାରୁ ଦୁହେଁ ପରସ୍ପର ଦୁଃଖ ଦୂର କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି ।

ସୁଗ୍ରୀବ ନିଜର ଭଣଜା ହନୁମାନଙ୍କୁ ଦେଖାଇ ରାମଙ୍କ ଆଗରେ ହନୁମାନଙ୍କ ବୀରତ୍ୱ ବଖାଣିଛି, ସେ ପିଲାଦିନେ କିପରି ସୂର୍ଯ୍ୟଙ୍କୁ ଗିଳିବାକୁ ଧରିଥିଲା । ତେଣୁ ହନୁମାନ ମାତା ସୀତାଙ୍କୁ ତିନିପୁରରେ ଯେଉଁଠି ଥିଲେ ବି ଠାବ କରିପାରିବ ବୋଲି ସୁଗ୍ରୀବ କହିଛନ୍ତି । ସେପଟେ ବାଳୀ ପାଖରେ ଶତସିଂହର ବଳ ଥିବାରୁ ବାଳୀକୁ ରାମଚନ୍ଦ୍ର ଯେ ଯୁଦ୍ଧରେ ହରାଇ ପାରିବେ ଏଥିରେ ସନ୍ଦେହ ଉପୁଜିବାରୁ ସୁଗ୍ରୀବ ରାମଙ୍କୁ ଦୁଇଟି ପରୀକ୍ଷା କରାଇଛି । ଗୋଟିଏ ଦୁନ୍ଦୁଭି ରାକ୍ଷସର ଅସ୍ଥିକୁ ସ୍ଥାନାନ୍ତର ଆଉ ଗୋଟିଏ ସପ୍ତଶାଳାକୁ ଗୋଟିଏ ଶରରେ ବିଦ୍ଧ କରିବାର ପରୀକ୍ଷା । ପ୍ରଥମ ପରୀକ୍ଷା ସ୍ୱରୂପ ରାମଚନ୍ଦ୍ର ବାମ ପାଦ ବୃଦ୍ଧାଙ୍ଗୁଳିରେ ପର୍ବତ ଆକାର ଅସ୍ଥିକୁ ଫିଙ୍ଗିଛନ୍ତି, ଯାହାର ଶବ୍ଦ ବଜ୍ରନାଦ ପରି କିଷ୍କିନ୍ଧ୍ୟା ବାସୀଙ୍କୁ ମନେ ହୋଇଛି । ସୁଗ୍ରୀବର ତଥାପି ରାମଚନ୍ଦ୍ର ଉପରେ ସନ୍ଦେହ ହୋଇଛି । କାରଣ ଅସ୍ଥିଗୁଡ଼ିକ ଖରାରେ ଶୁଖିଯାଇଥିବା ହେତୁ ରାମଚନ୍ଦ୍ରଙ୍କ ଏକାର୍ଯ୍ୟ ସହଜରେ କରିପାରିଲେ ବୋଲି ଭାବି ଦ୍ୱିତୀୟ ପରୀକ୍ଷା କରାଇଛି । ସପ୍ତଶାଳା ଗଛକୁ ଗୋଟିଏ ଶରରେ ବିଦ୍ଧ କରିବାକୁ କହିଛି । ଏ ଗଛଟିର ମାହାତ୍ମ୍ୟ କବି ସୁନ୍ଦର ଭାବରେ ଏକ ପୌରାଣିକ କାହାଣୀକୁ ନେଇ ଉପସ୍ଥାପିତ କରିଛନ୍ତି । ଯେ ବାଳୀ ଶରୀରଭାରା ଓ ପାଦଭାରା ସହିନପାରି ଧରିତ୍ରୀମାତା ବ୍ୟସ୍ତ ହୋଇପଡ଼ିବାରୁ ବିଧାତା ବାଳୀର ଅର୍ଦ୍ଧେକବଳ ଏଇ ଗଛରେ ରଖିଥିଲେ ଗଛଟିକୁ ଏକ ବିରାଟ ନାଗ ଗୁଡ଼େଇ ସପ୍ତବାଙ୍କ ହୋଇ ଶୋଇଛି ମାତ୍ର ରାମଚନ୍ଦ୍ର ପ୍ରଥମେ ନାଗର ଲାଞ୍ଜକୁ ଆଡ଼େଇ ଦେବାରୁ ସେ ସିଧା ହୋଇଗଲା ଓ ରାମଚନ୍ଦ୍ର ଶରବିଦ୍ଧ କଲେ । ରାମ ସୁଗ୍ରୀବଙ୍କର ବନ୍ଧୁତ୍ୱ ସମାଜର ବନ୍ଧୁଭାବ ବିପଦ ସମୟର ସାହାଯ୍ୟକାରୀର ପ୍ରତୀକ ଭାବେ ପରିଗଣିତ ।

**(ଡ) କବିତାର ନାମକରଣ 'ମିତ୍ରତା' ଦିଆଯିବାର ସାର୍ଥକତା ବିଚାରକର ।**

ଉ.: ଉପେନ୍ଦ୍ର ଭଞ୍ଜଙ୍କ ବୈଦେହୀଶ ବିଳାସ ଏକ ଉଚ୍ଚକୋଟୀର ଓ ଅନନ୍ୟ ସୃଷ୍ଟି ସମ୍ପଦର ଅଧିକାରୀ । ରାମାୟଣର କଥାବସ୍ତୁ ଉପରେ ଆଧାରିତ ଏହି କାବ୍ୟରେ କବି ନିଜ କବିତ୍ୱର ପରାକାଷ୍ଠା ପ୍ରଦାନ କରିଛନ୍ତି । 'ମିତ୍ରତା' କବିତା ତା'ର ଏକ କ୍ଷୁଦ୍ର ଅଂଶ ମାତ୍ର । ଏହାର ନାମକରଣ କାବ୍ୟର କଥାବସ୍ତୁକୁ ନେଇ ନୁହେଁ ବରଂ ରାମଚନ୍ଦ୍ର ଓ ସୁଗ୍ରୀବଙ୍କର ବନ୍ଧୁତ୍ୱ ଓ ଭେଟ ସମୟର କାହାଣୀକୁ ନେଇ ହୋଇଛି । ରାମଚନ୍ଦ୍ର ଓ ସୁଗ୍ରୀବଙ୍କର ସେ ସମୟର ଅବସ୍ଥା ସମାନ ଥିବାରୁ ଦୁହେଁ ପରସ୍ପର ପ୍ରତି ଅଧିକ ସହାନୁଭୂଶୀଳ ହେବା ସ୍ୱାଭାବିକ । କାରଣ ଉଭୟ ପତ୍ନୀ ବିରହରେ ପୀଡ଼ିତ । ରାଜଯୋଗ ଥାଇବି ସେମାନେ ଭିନ୍ନ ଭିନ୍ନ କାରଣରୁ ନିର୍ବାସିତ । ବଣରେ ପଶୁ ପକ୍ଷୀ ଗହଣରେ ଫଳ ମୂଳ ଖାଇ ଜୀବନ ଅତିବାହିତ କରିଛନ୍ତି ।

ରାମଚନ୍ଦ୍ରଙ୍କ ପତ୍ନୀଙ୍କୁ ରାବଣ ହରଣ କରିବା ପରେ ସନ୍ଧାନ ପାଇଁ ଘୁରି ବୁଲୁଥିବା ରାମଚନ୍ଦ୍ରଙ୍କର ସୁଗ୍ରୀବଙ୍କ ସହିତ ଭେଟ ହୁଏ । ସୁଗ୍ରୀବ ଅଧର୍ମୀ ବାଳୀ ପରି ଭାଇର ପ୍ରତିଶୋଧ ନେବା ପାଇଁ ଅଳ୍ପ କିଛି ସୈନ୍ୟ ଓ ବିଶ୍ୱସ୍ତ ମନ୍ତ୍ରୀ ସହ ଆତ୍ମଗୋପନ ସମୟରେ ରାମଚନ୍ଦ୍ରଙ୍କ ସହିତ ସାକ୍ଷାତ ହୋଇଛି । ଏ ସାକ୍ଷାତ ଆଳାପ ଆଲୋଚନା ଶେଷରେ ପରସ୍ପରକୁ

ସମବେଦନା ସ୍ତର ଦେଇ ବନ୍ଧୁତ୍ୱରେ ଶେଷ ହୋଇଛି । ଗୋଟିଏ ବାଣରେ ବାଳୀକୁ ବଧ କରିଦେବାର କଥା କହିବା ବେଳେ ସୁଗ୍ରୀବ ଆଶ୍ୱାସନା ପାଇଛି ଓ ତିନିପୁରରେ ଯେଉଁଠି ଥିଲେ ବି ସୀତାଙ୍କୁ ଖୋଜି ଆଣିଦେବାର ପ୍ରତିଶ୍ରୁତି ଦେଇଛି ସୁଗ୍ରୀବ । ଏହି ସମ୍ଭାବନା ଓ ପ୍ରତିଶ୍ରୁତି ବନ୍ଧୁତ୍ୱରେ ରୂପାନ୍ତରିତ ହୋଇଛି ଶେଷରେ ।

ଏ ମିତ୍ରତା ପରସ୍ପରର ସ୍ୱାର୍ଥ ହାସଲ ପାଇଁ ହୋଇଥିଲେ ବି ପରବର୍ତ୍ତୀ ପର୍ଯ୍ୟାୟରେ ସତ୍ୟରକ୍ଷା ପାଇଁ ପରସ୍ପର ସେମାନଙ୍କର ଦୁର୍ଦ୍ଦିନରେ ଅଲଗା ହୋଇନାହାନ୍ତି । ମିତ୍ରତାର ଏକ ଜ୍ୱଳନ୍ତ ନିଦର୍ଶନ ସ୍ୱରୂପ ରାମଚନ୍ଦ୍ର ବାଳୀକୁ ବଧ କରିଛନ୍ତି ଓ ହନୁମାନଙ୍କ ଦ୍ୱାରା ଲଙ୍କାରେ ସୀତାଦେବୀଙ୍କୁ ଠାବ କରାଯାଇଛି । ଯଥାର୍ଥରେ 'ମିତ୍ରତା' ନାମକରଣର ସାର୍ଥକତା ଏଠାରେ ପ୍ରତିପାଦିତ ହୋଇଛି ।

❑❑❑

# ବିଷୟ - ପୟରେ ପଶୁଛି ଶରଣ

## କବି - ସନ୍ଥକବି ଭୀମଭୋଇ

**କବି ପରିଚୟ :**

ଜନ୍ମାନ୍ଧ ସନ୍ଥକବି ଭୀମଭୋଇ ଜଣେ ବିସ୍ମୟ ପ୍ରତିଭା । ତାଙ୍କର ଅସାଧାରଣ କବିତ୍ୱ ଏହାର ପରିଚୟ । ଦରିଦ୍ର କନ୍ଧ ପରିବାରରେ ୧୮୫୦ ମସିହାରେ ରେଢ଼ାଖୋଲ ନିକଟବର୍ତ୍ତୀ ଗ୍ରାମଡ଼ିହାରେ କବି ଜନ୍ମଗ୍ରହଣ କରିଥିଲେ । କବି ଏହି ଜଞ୍ଜାଳପୂର୍ଣ୍ଣ ମାୟା ସଂସାରକୁ ତୁଚ୍ଛ ମନେ କରିଛନ୍ତି । କବି ଥିଲେ ଦିବ୍ୟଦ୍ରଷ୍ଟା । ମାନବୀୟ ଦୃଷ୍ଟିଶକ୍ତି ନଥିଲେ ବି କବି ଦିବ୍ୟ ଚକ୍ଷୁରେ ସବୁ ଦେଖିପାରୁଥିଲେ । ସ୍ୱୟଂ ଗୋବିନ୍ଦ ବାବା ଓ ମହିମା ସ୍ୱାମୀ ଦିବ୍ୟଦୃଷ୍ଟି ଓ ଜ୍ଞାନ ପ୍ରଦାନ କରିଥିଲେ । ଭୀମଭୋଇ ଓଡ଼ିଶାର ବିଭିନ୍ନ ସ୍ଥାନ ବୁଲି ଧର୍ମ ପ୍ରଚାର କରିଥିଲେ । ଯେଉଁଥିପାଇଁ ତାଙ୍କ ଜନ୍ମସ୍ଥାନକୁ ନେଇ ବିଭିନ୍ନ ପ୍ରକାର ମତଭେଦ ଦେଖାଯାଏ ।

ମହିମା ସ୍ୱାମୀ ତାଙ୍କୁ ଦୀକ୍ଷା ଦେବା ପରେ ଭୀମଭୋଇ ମହିମା ଧର୍ମର ପ୍ରଚାର ପାଇଁ ନିଜକୁ ଉତ୍ସର୍ଗ କରିଦେଇଥିଲେ । ମହିମା ସ୍ୱାମୀ ଭୀମ ଭୋଇଙ୍କ ପାଖରେ ଦିବ୍ୟଗୁଣର ସନ୍ଧାନ ପାଇଥିଲେ । ପଙ୍କରୁ ପଦ୍ମ ଜାତ ପରି ଏହି ଦରିଦ୍ର କନ୍ଧ ମହିମା ଧର୍ମକୁ ପୁରପଲ୍ଲୀରେ ପରିଚିତ କରାଇ ସର୍ବୋଚ୍ଚ ସ୍ତରକୁ ନେଇଯାଇଥିଲେ । ଭୀମଭୋଇ ମୂର୍ଖ, ଅପଣ୍ଡିତ ବୋଲି ନିଜେ ବାରମ୍ବାର ସବୁ ସ୍ଥାନରେ ସ୍ୱୀକାର କରିଛନ୍ତି । ଗୁରୁଙ୍କ ଆଶୀର୍ବାଦରୁ ସେ ଲେଖନୀ ଧରିଥିଲେ । ଗୁରୁ ଯାହା ବତେଇ ଦିଅନ୍ତି ଭୀମଭୋଇ ତାହାହିଁ ଲେଖନ୍ତି ବୋଲି କହନ୍ତି । ଏହି ଯୁଗପୁରୁଷ ଯେଉଁ ଜାତିର ଯେଉଁ ଧର୍ମର ହୋଇଥାଆନ୍ତୁନା କାହିଁକି ତାଙ୍କର ସୃଜନଶୀଳତା ଉପରେ କେହି ଅଙ୍ଗୁଳି ନିର୍ଦ୍ଦେଶ କରି ନାହାନ୍ତି । ତାଙ୍କ ସୃଷ୍ଟିରେ ରହିଛି ମାର୍ମିକ ଆବେଗ । କବିଙ୍କର କୃତି ଗୁଡ଼ିକ ମଧ୍ୟରେ 'ସ୍ତୁତି ଚିନ୍ତାମଣି', 'ବ୍ରହ୍ମ ନିରୂପଣ ଗୀତା', 'ସ୍ତୁତିନିଷେଧ ଗୀତା', 'ମହିମାବିନୋଦ', 'ପୂର୍ଣ୍ଣ ସଂହିତା', 'କଳିଯୁଗ ଗୀତା', 'ମହିମା ଗୋପନ' ଓ ଅନେକ ବୋଲିର ସେ ରଚୟିତା । ତାଙ୍କର ସରଳ ଗୀତିଧର୍ମୀ କାବ୍ୟ କବିତାଗୁଡ଼ିକ ସର୍ବଜନ ବୋଧ ଓ ଭାବପୂର୍ଣ୍ଣତାର ବାର୍ତ୍ତା ବହନ କରେ ।

**କବିତାର ସାର କଥା :**

ଆଲୋଚ୍ୟ କବିତାଟି କବି ଭୀମଭୋଇଙ୍କ 'ସ୍ତୁତି ଚିନ୍ତାମଣି' ଗ୍ରନ୍ଥରେ ସପ୍ତଦଶ ବୋଲି । ଏଥିରେ କବି ଶୂନ୍ୟପୁରୁଷ ପରଂବ୍ରହ୍ମଙ୍କ ନିକଟରେ ସମର୍ପଣ ମନୋଭାବ ନେଇ ଆକୁଳ ବିକଳ ନିବେଦନ କରିଛନ୍ତି । ମହାମାନୀ ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କ ଉପରେ ଈର୍ଷାତୁର ହୋଇ ସେମାନଙ୍କୁ ହତ୍ୟା କରିବା ପାଇଁ ଜତୁଗୃହ ନିର୍ମାଣ କରିଛନ୍ତି । କ୍ଷମତାର ମୋହ ଦୁର୍ଯ୍ୟୋଧନଙ୍କୁ ଅନ୍ଧ କରିଦେଇଛି । ମାତ୍ର ପାଣ୍ଡବମାନଙ୍କ ସଖା ଶ୍ରୀକୃଷ୍ଣ ସେମାନଙ୍କୁ ରକ୍ଷା କରିଛନ୍ତି । କବିଙ୍କ ମତରେ ସତ୍ୟ, ଧର୍ମ ଓ ନ୍ୟାୟ ପଥରେ ପରିଚାଳିତ ବ୍ୟକ୍ତିର ସର୍ବଦା ଜୟ ହୋଇଥାଏ । ତେଣୁ କବି ନିଜ ହୃଦୟରୁ ସମସ୍ତ ମାୟା, ମୋହ, ଲୋଭ, କ୍ରୋଧ ଆଦିରୁ ଦୂରେଇ ଯାଇ ଶାନ୍ତିକାମୀ ହୋଇଛନ୍ତି । ଭଗବାନ ପରଂବ୍ରହ୍ମ ଇଚ୍ଛାମୟଙ୍କୁ ନିବେଦନ କରିଛନ୍ତି ହେ ପ୍ରଭୁ ! ମୋତେ ପାପ ପଙ୍କିଳତା ଭିତରୁ ଉଦ୍ଧାର କରି କଳଙ୍କ ମୁକ୍ତ କର, ସାତ୍ତ୍ୱିକ ଭାବ ମୋ ହୃଦୟରେ ଉଦ୍ରେକ କରାଇ ମୋତେ ଉଦ୍ଧାର କର ।

ପୁଣି ପ୍ରଭୁ କବିଙ୍କୁ କି ଆଜ୍ଞା ଦେବେ ସେକଥା ସେ ଜାଣିଛନ୍ତି । ଏହି କ୍ରମରେ କବି ମହାଭାରତର ଦ୍ରୌପଦୀ ଚରିତ୍ରକୁ ନେଇ ଏକ ସୁନ୍ଦର କଥା କହିଛନ୍ତି ଯେ, ପାଞ୍ଚାଳ ଦେଶକୁ ବ୍ରାହ୍ମଣ ବେଶରେ ପାଣ୍ଡବମାନେ ଯାଇ ଅର୍ଜ୍ଜୁନ

ଲକ୍ଷ୍ୟବିଦ୍ଧ କରି ଦ୍ରୌପଦୀଙ୍କୁ ପାଇଥିଲେ ଓ ସେହି ଦ୍ରୌପଦୀ ପାଇଁ ମହାଭାରତ ପରି ଏକ ବିରାଟ ଯୁଦ୍ଧର ସୂତ୍ରପାତ ହେଲା । କବି ପୁଣି ପ୍ରଭୁଙ୍କୁ ଅନ୍ତର୍ଯ୍ୟାମୀ, ତୁମେ ସମସ୍ତଙ୍କ ମନକଥା ଜାଣିପାର ତୁମକୁ ଆଉ କ'ଣ ବା ଅଧିକ କହିବି । ପ୍ରଭୁଙ୍କୁ କବି ସେବା ଓ ଭକ୍ତିରେ ମାଗୁଣି କରିଛନ୍ତି ଯେ ତାଙ୍କର ସେବକ ଓ ଭକ୍ତଭାବକୁ ଗ୍ରହଣ କରିବା ପାଇଁ । ହେ ଗୁରୁଦେବ ତୁମ ଦୟା ଓ ଆଶୀର୍ବାଦରେ ମୁଁ ବଞ୍ଚିଛି ତୁମେ ମୋର ଏହି ମାଗୁଣି ଗ୍ରହଣ କର । ମହାଭାରତ ପରେ କବି ପୁଣି ରାମାୟଣର ଉଦାହରଣ ଦେଇଛନ୍ତି ଯେ ରାମଚନ୍ଦ୍ରଙ୍କୁ ପାଇବା ପାଇଁ ମୁନିମାନେ ଘୋର ତପସ୍ୟା କରିଥିଲେ । ସେମାନଙ୍କ ଇଚ୍ଛା ପୂରଣ ପାଇଁ ରାମଚନ୍ଦ୍ର କୃଷ୍ଣ ଅବତାର ନେଇ ମୁନିମାନଙ୍କୁ ଗୋପୀ ରୂପରେ ତାଙ୍କ ଇଚ୍ଛା ପୂରଣ କରିଥିଲେ । ତେଣୁ ହେ ପ୍ରଭୁ ପ୍ରଳୟ କାଳରେ ମୁଁ ଭାସିଯାଉଛି ତୁମେ ଟିକେ କରୁଣା କର ମୋ ଉପରେ ଟିକେ କୃପା ନେତ୍ର ପକାଅ ।

ପୁଣି କବି କାଳୀୟ ଦଳନ କଥା ଉଲ୍ଲେଖ କରି କହିଛନ୍ତି ଯେ କୃଷ୍ଣଙ୍କୁ ମାରିବା ପାଇଁ ମହାବିଧ୍ୱଂସୀ କାଳୀୟ ନାଗ ରହୁଥିବା କାଳୀୟ ହ୍ରଦରୁ ଲକ୍ଷେଭାର ପଦ୍ମ ଆଣିବା ପାଇଁ କଂସ ଆଦେଶ ଦେଇଥିଲା । ଆପଣ କାଳୀୟ ହ୍ରଦରୁ ପଦ୍ମ ଆଣିବା ସଙ୍ଗେ ସଙ୍ଗେ କାଳୀୟ ନାଗର ଗର୍ବଚୂର୍ଣ୍ଣ କରିଥିଲେ । ଆପଣଙ୍କୁ କାଳୀୟ ନାଗ ଦଂଶନ କରିଥିଲା, ତଥାପି ଗରୁଡ଼ଙ୍କୁ ପଠାଇ ତା'ର ମୁକ୍ତି କରି ଆପଣ ତାକୁ କ୍ଷମା ପ୍ରଦାନ କରିଥିଲେ । ତେଣୁ ମୋ ଗୁହାରୀ ଆପଣ ଘେନା କର । ପୁଣି ଜରାଶବର ତୁମ ପାଦକୁ ଶରାଘାତ କରିଥିଲା ତୁମେ ତାକୁ ଦଣ୍ଡ ବଦଳରେ କ୍ଷମା ପ୍ରଦାନ କରିବା ସ୍ୱରୂପ ବିଷ୍ଣୁଦୂତ ଦ୍ୱାରା ତାକୁ ସ୍ୱର୍ଗକୁ ପଠାଇଥିଲ । କବି ସେଇ ଇଚ୍ଛାମୟଙ୍କ ଇଚ୍ଛାରେ ଲେଖନୀ ଚାଳନା କରିଛନ୍ତି, ତାଙ୍କ ନାମ କୀର୍ତ୍ତନ ତାଙ୍କରି ଇଚ୍ଛାରେ କରୁଛନ୍ତି ତଥାପ ସେ ପ୍ରଭୁଙ୍କ ପାଖରେ ଦୋଷୀ ବୋଲି ସ୍ୱୀକାର କରି କହିଛନ୍ତି ହେ ପ୍ରଭୁ ମୋତେ ଦୟା କର ମୁଁ ଏ ଭବ ସାଗରରୁ କିପରି ତରିଯାଏ ।

ପରିଶେଷରେ କବି କହିଛନ୍ତି ହେ ପ୍ରଭୁ ମାଟିଆ ବା ଘଟକୁ ଗେରୁଆ ରଙ୍ଗରେ ସଜ୍ଜିତ କରି ମୁଁ ସେହି ରଙ୍ଗର ବସ୍ତ୍ର ପରିଧାନ କରିଛି ମାତ୍ର ଏ ଭବସାଗାରରୁ ମୁକ୍ତି ପାଇଁ ବାଟ ଖୋଜି ପାଉ ନାହିଁ । ଏ ପ୍ରଳୟ ଜଳର ପ୍ରଭାବରେ ମୋର ଡାଳ ବୃକ୍ଷ ସବୁ ବିଲୀନ ହୋଇଯାଉଛି । ପ୍ରଳୟର ଭଉଁରୀ ମୋତେ ଟାଣି ନେଉଛି କିନ୍ତୁ ମୁଁ ତୁମ ନାମ ଜପ କରୁଛି ମୋତେ ଉଦ୍ଧାର କର । କବି ନିଜକୁ ଅଜ୍ଞାନୀ ପାପୀ, ମୂଢ଼, ମ୍ଳେଚ୍ଛ ରୂପେ ବର୍ଣ୍ଣନା କରି ତାଙ୍କର ବାଳୁତ ଅଜ୍ଞାନୀ, ଅସ୍ଥିର ମନକୁ ସ୍ଥିର କରିବା ପାଇଁ ପ୍ରଭୁଙ୍କୁ ନିବେଦନ କରିଛନ୍ତି । ଇଚ୍ଛାମୟ ହେଉଛନ୍ତି ଗତି ମୁକ୍ତିଦାତା । ତାଙ୍କ ଇଚ୍ଛା ବିନା ସଂସାରରୁ ମୁକ୍ତି ପାଇବା ଅସମ୍ଭବ । ତେଣୁ ଏକ ସମର୍ପିତ ମନ ଓ ପ୍ରାଣ ନେଇ କବି ଇଚ୍ଛାମୟଙ୍କୁ ନିବେଦନ କରିଛନ୍ତି ମାୟା ଜଞ୍ଜାଳରୁ ମୁକ୍ତି ଦେବା ପାଇଁ ।

**୧. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ପ୍ରଶ୍ନର ମୂଲ୍ୟ ୧ ନମ୍ବର । ୪ ଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ ।**

(କ) ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କୁ କେଉଁଠାରେ ଜାଳି ଦେବାକୁ ଉଦ୍ୟମ କରିଥିଲେ ?

(କୋଠଘରେ, ସୁବର୍ଣ୍ଣପୁରେ, ଜଉଘରେ, ଚାଳଘରେ)

ଉ.: ଜଉଘରେ ।

(ଖ) ଲୁଚାଇଲା କାୟା ଦେଖାଇଲା ମାୟା ଗୁପତରେ କଲା –

(ତାରି, ମାର, ପାରି, ହାରି)

ଉ.: ପାରି ।

(ଗ) ସତ୍ୟ ଓ ଧର୍ମ ମାର୍ଗରେ କ'ଣ କ୍ଷୟ ହୁଏ ?

(ଦୟା, ବିପଦ, ଧର୍ମ, ସମ୍ପଦ)

ଉ.: ବିପଦ ।

(ଘ) କଳଙ୍କ ଫିଟିଗଲେ ବ୍ୟକ୍ତି କ'ଣ ଉପଭୋଗ କରେ ?

(ସାତ୍ତ୍ୱିକ, ଜଗତ ସୁଖ, ସ୍ୱର୍ଗ ସୁଖ, ସନ୍ତାନ ସୁଖ)

ଉ.: ସାତ୍ତ୍ୱିକ ।

(ଙ) କାହାକୁ ସର୍ବ ଅନ୍ତର୍ଯ୍ୟାମୀ ବୋଲି ଭୀମଭୋଇ କହିଛନ୍ତି ?

(ଗୁରୁଦେବ, ଦୁର୍ଯ୍ୟୋଧନ, ଅର୍ଜ୍ଜୁନ, ରାମଚନ୍ଦ୍ର)

ଉ.: ଗୁରୁଦେବ ।

(ଚ) ପ୍ରଭୁଙ୍କ ଶ୍ରୀ ଛାମୁରେ ମନ ଭିତରେ ଭୀମଭୋଇ କ'ଣ ଅର୍ପଣ କରିଛନ୍ତି ?

(ପୂଜାଫୁଲ, ଭୋଗ ସାମ୍ରଗୀ, ସେବା ଭକ୍ତି, କାବ୍ୟକବିତା)

ଉ.: ସେବା ଭକ୍ତି ।

(ଛ) ତ୍ରେତୟା ଯୁଗରେ ରାମ ଅଭିଷେକ ବେଳେ ଋଷିମାନେ କ'ଣ ଚାହିଁ ମୁଗ୍ଧ ହୋଇଥିଲେ ?

(ବଳବୀର୍ଯ୍ୟ, ରୂପରାଶି, ପାଣ୍ଡିତ୍ୟ, ଧନସମ୍ପତ୍ତି)

ଉ.: ରୂପରାଶି ।

(ଜ) ରାମଚନ୍ଦ୍ର ଋଷିମାନଙ୍କ ମନୋବାଞ୍ଛା କିପରି ପୂର୍ଣ୍ଣ କଲେ ?

(ଆଶୀର୍ବାଦ କରି, ମୋକ୍ଷଦାନ କରି, ବ୍ରଜନାରୀ କରି, ସ୍ୱର୍ଗପୁରକୁ ପଠାଇ)

ଉ.: ବ୍ରଜନାରୀ କରି ।

(ଝ) ହରି କ'ଣ କଲେ ଭୀମଭୋଇ ନିସ୍ତରି ଯିବି ବୋଲି ବିଚାର କରିଛନ୍ତି ?

(ଚାହିଁଦେଲେ, ଦେଖାଦେଲେ, ଛୁଇଁଦେଲେ, ପାଖକୁ ଆସିଲେ)

ଉ.: ଚାହିଁଦେଲେ ।

(ଞ) କାଳିନ୍ଦୀରେ ପଦ୍ମ ତୋଳିବାବେଳେ କାଳୀ କୃଷ୍ଣଙ୍କ କେଉଁଠି ଦଂଶନ କଲା ?

(ହାତ, ପାଦ, ମୁଣ୍ଡ, ପିଠି)

ଉ.: ପାଦ ।

(ଟ) କାଳୀ ନାଗର ଦୋଷ ପ୍ରଭୁ କାହିଁକି କ୍ଷମା କଲେ ?

(ଦେବତାମାନେ କହିବାରୁ, କାଳୀ ସ୍ତୁତି କରିବାରୁ, ପାଦରେ ଶରଣ ଯିବାରୁ, ତ୍ରୁଟି ସ୍ୱୀକାର କରିବାରୁ)

ଉ.: ପାଦରେ ଶରଣ ଯିବାରୁ ।

(ଠ) ବିଷ୍ଣୁଦୂତମାନେ ଜରା ଶବରର କେଉଁ ଭାରାକୁ ଖଣ୍ଡନ କରି ବିଷ୍ଣୁ ପୁରକୁ ନେଇଗଲେ ?

(ପାପ, ଅପରାଧ, ଦୋଷ, ଘାତ)

ଉ.: ଅପରାଧ ।

(ଡ) ନୀଳଗିରି ବାସୀ ମଞ୍ଚରେ କେଉଁରୂପ ଧାରଣ କରିଛନ୍ତି ?

(କୃଷ୍ଣ, ରାମ, ଯୋଗୀ, ମହିମା ସ୍ୱାମୀ)

ଉ.: ଯୋଗୀ ।

(ଢ) କବି ଭୀମଭୋଇ ପରିତ୍ରାଣ ପାଇଁ କାହାର ଆଶ୍ରା ନେଇଛନ୍ତି ?

(ଜମିଦାର, ଭଗବାନ୍, ଶୂନ୍ୟବାନା, ରଜା)

ଉ.: ଶୂନ୍ୟବାନା ।

(ଣ) ବାଳୁତ ବୁଦ୍ଧି ଭୀମ ସଂସାର ସାଗର ପାର ହେବାପାଇଁ କି ଉପାୟ ଅବଲମ୍ବନ କରିଛନ୍ତି .

(ଯୋଗସାଧନା, ଦାନପୁଣ୍ୟ, ସାଧୁଜନଙ୍କ ପାଦସେବା, ବ୍ରତ ଉପବାସ)

ଉ.: ସାଧୁଜନଙ୍କ ପାଦସେବା ।

(ତ) କାହାର ଦୟା ବିନା ଏ ଶରୀର ମୋକ୍ଷ ଲାଭ କରିପାରିବ ନାହିଁ ?

(ଈଶ୍ୱର, ଗୁରୁଦେବ, ରାଜା, ପୁରୋହିତ)

ଉ.: ଗୁରୁଦେବ ।

**୨. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ – ୧ ନମ୍ବର ବିଶିଷ୍ଟ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉତ୍ତର ଦିଅ ।**

(କ) 'ପୟରେ ପଶୁଛି ଶରଣ' କବିତା ଭୀମ ଭୋଇଙ୍କର କେଉଁ ପୁସ୍ତକର କେଉଁ ବୋଲିରୁ ଉଦ୍ଧୃତ କରାଯାଇଛି ?

ଉ.: 'ପୟରେ ପଶୁଛି ଶରଣ' କବିତା ଭୀମ ଭୋଇଙ୍କର 'ସ୍ତୁତି ଚିନ୍ତାମଣି' ଗ୍ରନ୍ଥର ସପ୍ତଦଶ ବୋଲିରୁ ଉଦ୍ଧୃତ କରାଯାଇଛି ।

(ଖ) ପଞ୍ଚୁପାଣ୍ଡବ ମାନଙ୍କୁ କିଏ ଜଉଘରେ ଭରି ଦେଇଥିଲା ?

ଉ.: ପଞ୍ଚୁପାଣ୍ଡବ ମାନଙ୍କୁ ଦୁର୍ଯ୍ୟୋଧନ ଜଉଘରେ ଭରି ଦେଇଥିଲା ।

(ଗ) ଦୁର୍ଯ୍ୟୋଧନ କେଉଁମାନଙ୍କୁ ଜଉଘରେ ଭରି ଦେଇଥିଲା ?

ଉ.: ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କୁ ଜଉଘରେ ଭରି ଦେଇଥିଲା ।

(ଘ) କିଏ କାୟା ଲୁଚାଇ ମାୟା ଦେଖାଇଥିଲେ ?

ଉ.: ପାଣ୍ଡବମାନଙ୍କର ରକ୍ଷାକର୍ତ୍ତା କୃଷ୍ଣ କାୟା ଲୁଚାଇ ମାୟା ଦେଖାଇଥିଲେ ।

(ଙ) କାହାଙ୍କୁ ଗୁପ୍ତରେ ପାରିକରି ଦିଆଯାଇଥିଲା ?

ଉ.: ପଞ୍ଚୁ ପାଣ୍ଡବଙ୍କୁ ଗୁପ୍ତରେ ପାରିକରି ଦିଆଯାଇଥିଲା ।

(ଚ) କେଉଁ ମାର୍ଗରେ ବିପଦ କ୍ଷୟ ହୁଏ ?

ଉ.: ସତ୍ୟ ଓ ଧର୍ମ ମାର୍ଗରେ ବିପଦ କ୍ଷୟ ହୁଏ ।

(ଛ) କିଏ ବିପଦକୁ କ୍ଷୟ କରନ୍ତି ?

ଉ.: ପରଂବ୍ରହ୍ମ ପରମେଶ୍ୱର ବିପଦକୁ କ୍ଷୟ କରନ୍ତି ।

(ଜ) କଳଙ୍କ ଫିଟିଗଲେ ବ୍ୟକ୍ତି କ'ଣ ଉପଭୋଗ କରେ ?

ଉ.: କଳଙ୍କ ଫିଟିଗଲେ ବ୍ୟକ୍ତି ସାତ୍ତ୍ୱିକ ଭାବ ଉପଭୋଗ କରେ ।

(ଝ) ଭୀମ ଏକାନ୍ତରେ ପ୍ରଭୁଙ୍କୁ କ'ଣ ମାଗୁଣି କରିଛନ୍ତି ?

ଉ.: ଭୀମ ଯାହା ଭାବିଛନ୍ତି, ସେହି ଭାବନା ପୂରଣ ପାଇଁ ଚିରକାଳ ଆଜ୍ଞା ଦେବାକୁ ପ୍ରଭୁଙ୍କୁ ମାଗୁଣି କରିଛନ୍ତି ।

(ଞ) ପାଞ୍ଚାଳ ଦେଶରେ ଗୁପ୍ତରେ କିଏ ଲାଖ ବିନ୍ଧିଥିଲେ ?

ଉ.: ପାଞ୍ଚାଳ ଦେଶରେ ଗୁପ୍ତରେ ଅର୍ଜ୍ଜୁନ ଲାଖ ବିନ୍ଧିଥିଲେ ।

(ଟ) ଅର୍ଜ୍ଜୁନ କେଉଁ ଦେଶରେ ଲାଖ ବିନ୍ଧିଥିଲେ ?

ଉ.: ଅର୍ଜ୍ଜୁନ ପାଞ୍ଚାଳ ଦେଶରେ ଲାଖ ବିନ୍ଧିଥିଲେ ।

(ଠ) କାହାକୁ ଦ୍ରୌପଦୀଙ୍କୁ ଦେଇ ଯୁଦ୍ଧ ଆଭରଣ କରାଯାଇଥିଲା ?

ଉ.: ପଞ୍ଚୁ ପାଣ୍ଡବଙ୍କୁ ଦ୍ରୌପଦୀଙ୍କୁ ଦେଇ ଯୁଦ୍ଧ ଆଭରଣ କରାଯାଇଥିଲା ।

(ଡ) କାହାକୁ ସର୍ବ ଅନ୍ତର୍ଯ୍ୟାମୀ ବୋଲି ଭୀମ ଭୋଇ କହିଛନ୍ତି ?

ଉ.: ଗୁରୁଦେବ ମହିମା ସ୍ୱାମୀଙ୍କୁ ସର୍ବ ଅନ୍ତର୍ଯ୍ୟାମୀ ବୋଲି ଭୀମ ଭୋଇ କହିଛନ୍ତି ।

(ଢ) ଭୀମ ଭୋଇ କାହା ଛାମୁରେ ମାଗୁଣି କରିଛନ୍ତି ?

ଉ.: ଭୀମ ଭୋଇ ମହିମା ସ୍ୱାମୀଙ୍କ ଛାମୁରେ ମାଗୁଣି କରିଛନ୍ତି ।

(ଣ) ଭୀମ ଭୋଇ ସେବା ଓ ଭକ୍ତି କାହାକୁ ନିବେଦନ କରିଛନ୍ତି ?

ଉ.: ଭୀମ ଭୋଇ ସେବା ଓ ଭକ୍ତି ଭାବରେ ଗୁରୁଦେବଙ୍କୁ ନିବେଦନ କରିଛନ୍ତି ।

(ତ) ଭୀମ ଭୋଇ କାହା ପାଖରେ ସନମାନ ରକ୍ଷା ପାଇଁ ଅନୁରୋଧ କରିଛନ୍ତି ?

ଉ.: ଭୀମ ଭୋଇ ଗୁରୁଦେବଙ୍କ ପାଖରେ ସନମାନ ରକ୍ଷା ପାଇଁ ଅନୁରୋଧ କରିଛନ୍ତି ।

(ଥ) ତ୍ରେତୟା ଯୁଗରେ ରାମଙ୍କ ଅଭିଷେକ ବେଳେ ଋଷିମାନେ କ'ଣ କଳ୍ପନା କରିଥିଲେ ?

ଉ.: ତ୍ରେତୟା ଯୁଗରେ ଋଷିମାନେ ରାମଙ୍କ ଅଭିଷେକ ବେଳେ ରାମଚନ୍ଦ୍ରଙ୍କ ଅପୂର୍ବ ରୂପରାଶିକୁ କଳ୍ପନା କରିଥିଲେ ।

(ଦ) ଦ୍ୱାପରରେ କେଉଁମାନେ ବ୍ରଜନାରୀ ରୂପ ଗ୍ରହଣ କରିଥିଲେ ?

ଉ.: ଦ୍ୱାପରରେ ତ୍ରେତୟା ଯୁଗର ଋଷିମାନେ ବ୍ରଜନାରୀ ରୂପ ଗ୍ରହଣ କରିଥିଲେ ।

(ଧ) ବ୍ରଜନାରୀ କରି, କିଏ କାହାର ମନବାଞ୍ଛା ପୂର୍ଣ୍ଣ କରିଥିଲେ ?

ଉ.: ବ୍ରଜନାରୀ କରି, ରାମଚନ୍ଦ୍ର କୃଷ୍ଣ ରୂପରେ ଋଷିମାନଙ୍କର ମନବାଞ୍ଛା ପୂର୍ଣ୍ଣ କରିଥିଲେ ।

(ନ) ହରି ଯଦି ଚାହିଁ ଦିଅନ୍ତି ଭୀମ ଭୋଇଙ୍କର କ'ଣ ହେବ ବୋଲି ନିବେଦନ କରିଛନ୍ତି ?

ଉ.: ହରି ଯଦି ଚାହିଁ ଦିଅନ୍ତି ଭୀମ ଭୋଇଙ୍କର କରୁଣା ସାଗର କଳରୁ ନିସ୍ତାର ହେବ ବୋଲି ନିବେଦନ କରିଛନ୍ତି ।

(ପ) କାହାର ଆଜ୍ଞାରେ ବେନୁପାଣି ପଦ୍ମପୁଷ୍ପ ତୋଳିବାକୁ ଯାଇଥିଲେ ?

ଉ.: କଂସର ଆଜ୍ଞାରେ ବେନୁପାଣି ପଦ୍ମପୁଷ୍ପ ତୋଳିବାକୁ ଯାଇଥିଲେ ।

(ଫ) କେଉଁଠାରେ ବେନୁପାଣିଙ୍କ ପାଦରେ କାଳୀଦଂଶନ କରିଥିଲା ?

ଉ.: ଫୁଲଶଯ୍ୟାରେ ଶୟନ କରିଥିବା ବେଳେ ବେନୁପାଣିଙ୍କ ପାଦରେ କାଳୀଦଂଶନ କରିଥିଲା ।

(ବ) ପ୍ରଭୁ କାଳୀକୁ କାହିଁକି କ୍ଷମା ପ୍ରଦାନ କରିଥିଲେ ?

ଉ.: କାଳୀ ଭଗବାନଙ୍କ ପାଖରେ ଶରଣ ପଶିବାରୁ ପ୍ରଭୁ କ୍ଷମା ପ୍ରଦାନ କରିଥିଲେ ।

(ଭ) ଭୀମ ଭୋଇ ପାଦରେ ଶରଣ ପଶି କେଉଁ କଥା ବୁଝିବା ପାଇଁ ନିବେଦନ କରୁଛନ୍ତି ?

ଉ.: ଭୀମ ଭୋଇ ପାଦରେ ଶରଣ ପଶି ବିନତି କଥା ବୁଝିବା ପାଇଁ ନିବେଦନ କରୁଛନ୍ତି ।

(ମ) ଜାରା କାହାର ଅଙ୍ଗରେ ଘାତ କରିଥିଲା ?

ଉ.: ଜାରା ଶ୍ରୀକୃଷ୍ଣଙ୍କ ଅଙ୍ଗରେ ଘାତ କରିଥିଲା ।

(ଯ) ଜାରା ଅପରାଧ ଖଣ୍ଡନ କରି ପ୍ରଭୁ ତାକୁ କିପରି ସ୍ୱର୍ଗପଥ ନେଇଥିଲେ ?

ଉ.: ବିଷ୍ଣୁ ଦୂତ ପ୍ରେରଣ କରି ପ୍ରଭୁ ଜାରା ଅପରାଧ ଖଣ୍ଡନ କରି ସ୍ୱର୍ଗପଥ ନେଇଥିଲେ ।

(ର) ବିଷ୍ଣୁ ଦୂତମାନେ କାହାକୁ ସ୍ୱର୍ଗକୁ ନେଇଥିଲେ ?

ଉ.: ବିଷ୍ଣୁ ଦୂତମାନେ ଜରାକୁ ସ୍ୱର୍ଗକୁ ନେଇଥିଲେ ।

(ଲ) ନୀଳଗିରିବାସୀ ମଞ୍ଚରେ କିପରି ଦେହଧାରଣ କରିଛନ୍ତି ?

ଉ.: ନୀଳଗିରିବାସୀ ମଞ୍ଚରେ ଯୋଗ ଲୟରେ ବସି ଦେହଧାରଣ କରିଛନ୍ତି ।

(ବ) ଭୀମ ଭୋଇ ନିଜ ଜନ୍ମଜନ୍ମାନ୍ତର କ'ଣ ବୋଲି କହିଛନ୍ତି ?

ଉ.: ଭୀମ ଭୋଇ ନିଜ ଜନ୍ମଜନ୍ମାନ୍ତର ଦୋଷୀ ବୋଲି କହିଛନ୍ତି ।

(ଶ) ଭୀମ ଭୋଇ ଦୁଃଖରେ ପଡ଼ି କାହାର ଛାୟାକୁ ଆଶ୍ରା କରିଛନ୍ତି ?

ଉ.: ଭୀମ ଭୋଇ ଦୁଃଖରେ ପଡ଼ି ଶୂନ୍ୟବାନା ଛାୟାକୁ ଆଶ୍ରା କରିଛନ୍ତି ।

(ଷ) ଭୀମ ଭୋଇ ସଂସାର ଦୁଃଖକୁ ତରିବାକୁ କାହାର ଆଶା ଓ ଭରସା କରିଛନ୍ତି ?

ଉ.: ଭୀମ ଭୋଇ ସଂସାର ଦୁଃଖକୁ ତରିବାକୁ ମହିମା ଧର୍ମର ଆଶା ଓ ଭରସା କରିଛନ୍ତି ।

(ସ) କେଉଁ ଜଳରୁ ତାରଣ ହେବାକୁ ଆଉ ବୁଦ୍ଧି ଦିଶୁନାହିଁ ?

ଉ.: କାରୁଣ୍ୟ ଜଳରୁ ତାରଣ ହେବାକୁ ଆଉ ବୁଦ୍ଧି ଦିଶୁନାହିଁ ।

(ହ) କାରୁଣ୍ୟ ଜଳ କିପରି ପ୍ରବାହିତ ହେଉଛି ବୋଲି କବି ବର୍ଣ୍ଣନା କରିଛନ୍ତି ।

ଉ.: କାରୁଣ୍ୟ ଜଳ ଡାଳକୁ ସିଝାଡ଼ି ମୂଳକୁ ଉପାଡ଼ି ମହାଗାଢ଼େ ବା ଜୋରରେ ପ୍ରବାହିତ ହେଉଛି ବୋଲି କବି ବର୍ଣ୍ଣନା କରିଛନ୍ତି ।

(କ୍ଷ) କବି କାହାର ପାଦଧରି ସଂସାର ସାଗର ପାରି ହେବାକୁ ଚାହିଁଛନ୍ତି ?

ଉ.: ସାଧୁଜନଙ୍କ ପାଦଧରି କବି ସଂସାର ସାଗର ପାରି ହେବାକୁ ଚାହିଁଛନ୍ତି ।

(ୟ) କାହା ବିନା ଶରୀର ମୋକ୍ଷ ହେବ ନାହିଁ ?

ଉ.: ଗୁରୁଦେବଙ୍କ ବିନା ଶରୀର ମୋକ୍ଷ ହେବ ନାହିଁ ।

**୩. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ପ୍ରଶ୍ନର ମୂଲ୍ୟ ୨ ନମ୍ବର ଲେଖା ଓ ଲେଖକ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୧ ନମ୍ବର ।**

(କ) କିଏ ଗୁପ୍ତରେ କାହାକୁ ପାରି 'କରିଥିଲେ ?

ଉ.: କବିତାଂଶଟି 'ପୟରେ ପଶୁଛି ଶରଣ' କବିତାରୁ ଆସିଅଛି ଓ କବି ସନ୍ଥ କବି ଭୀମଭୋଇ । ଲୀଳାମୟ ଶ୍ରୀକୃଷ୍ଣ

ଗୁପ୍ତରେ ଜତୁଗୃହରୁ ପାଣ୍ଡବ ମାନଙ୍କ ପାରି କରିଥିଲେ ।

(ଖ) ଜଗତରେ ଠାବ ଦେବାପାଇଁ କିଏ କାହାକୁ ଅନୁରୋଧ କରିଛନ୍ତି ?

ଉ.: କବିତାଂଶଟି 'ପୟରେ ପଶୁଛି ଶରଣ' କବିତାରୁ ଆସିଅଛି ଓ କବି ସନ୍ଥ କବି ଭୀମଭୋଇ । ଜଗତରେ ଠାବ ଦେବାପାଇଁ କବି ଭୀମଭୋଇ ଶୂନ୍ୟ ବ୍ରହ୍ମ ନିରାକାରଙ୍କୁ ଅନୁରୋଧ କରିଛନ୍ତି ।

(ଗ) କବି କେଉଁ କଥା ଏକା ଜାଣିବା ପାଇଁ ନିବେଦନ କରିଛନ୍ତି ?

ଉ.: କବିତାଂଶଟି 'ପୟରେ ପଶୁଛି ଶରଣ' କବିତାରୁ ଆସିଅଛି ଓ କବି ସନ୍ଥ କବି ଭୀମଭୋଇ । କବି ଅନ୍ତରର ଭାବନାକୁ ସାକାର କରିବା ପାଇଁ ଭଗବାନଙ୍କୁ ଆଜ୍ଞା ଦେବାକୁ ନିଦେନ କରିଛନ୍ତି ଏବଂ ଯେଉଁ ଆଜ୍ଞା ଦେବେ ଦେବେ ତାହା ସେ ଏକା ଜାଣିବା ପାଇଁ ନିବେଦନ କରିଛନ୍ତି ।

(ଘ) ଭୀମଭୋଇ କାହା ଛାମୁରେ କ'ଣ ମାଗୁଣି କରିଛନ୍ତି ?

ଉ.: କବିତାଂଶଟି ପୟରେ ପଶୁଛି ଶରଣ କବିତାରୁ ଆସିଅଛି ଓ କବି ସନ୍ଥ କବି ଭୀମଭୋଇ ପ୍ରଭୁଙ୍କ ଛାମୁରେ ମନ ଭିତର ଇଚ୍ଛାକୁ ମାଗୁଣି କରିଛନ୍ତି ।

(ଙ) କବି ଅବଧୂତଙ୍କୁ କେଉଁ କେଉଁ ରୂପ ବର୍ଦ୍ଧିତ କରିବାକୁ ଅନୁରୋଧ କରିଛନ୍ତି ?

ଉ.: କବିତାଂଶଟି 'ପୟରେ ପଶୁଛି ଶରଣ' କବିତାରୁ ଆନୀତ ଓ କବି ସନ୍ଥ କବି ଭୀମଭୋଇ । କବି ଅବଧୂତଙ୍କୁ କର୍ମସିଦ୍ଧି ଓ ଦୟା ରୂପ ବର୍ଦ୍ଧିତ କରିବାକୁ ଅନୁରୋଧ କରିଛନ୍ତି ।

(ଚ) ବ୍ରଜନାରୀ କରି କେଉଁମାନଙ୍କ ମନୋବାଞ୍ଛା ପୂର୍ଣ୍ଣ କଲେ ?

ଉ.: କବିତାଂଶଟି 'ପୟରେ ପଶୁଛି ଶରଣ' କବିତାରୁ ଆନୀତ ଓ କବି ସନ୍ଥ କବି ଭୀମଭୋଇ । ବ୍ରଜନାରୀ କରି ପ୍ରଭୁ ତ୍ରେତୟା ଯୁଗରେ ରାମ ଅବତାରେ ସବୁ ଋଷିମାନଙ୍କ ମନୋବାଞ୍ଛା ପୂର୍ଣ୍ଣ କଲେ ।

(ଛ) କିଏ ଶରଣ ଯିବାରୁ ପ୍ରଭୁ ତା'ର ଦୋଷ କ୍ଷମା କଲେ ?

ଉ.: କବିତାଂଶଟି 'ପୟରେ ପଶୁଛି ଶରଣ' କବିତାରୁ ଆନୀତ ଓ କବି ସନ୍ଥ କବି ଭୀମଭୋଇ । କବି ତାଙ୍କର ଅପରାଧ କ୍ଷମା କର ବିନତି କଥା କହି ପାଦରେ ଶରଣ ପଡ଼ିଛନ୍ତି ।

(ଜ) କେଉଁ ବିନତି କଥା କହି କବି ପାଦରେ ଶରଣ ପଶିଛନ୍ତି ?

ଉ.: କବିତାଂଶଟି 'ପୟରେ ପଶୁଛି ଶରଣ' କବିତାରୁ ଆନୀତ ଓ କବି ସନ୍ଥ କବି ଭୀମଭୋଇ । କବି ତାଙ୍କର ଅପରାଧ କ୍ଷମା କର ବିନତି କଥା କହି ପାଦରେ ଶରଣ ପଶିଛନ୍ତି ।

(ଝ) ବିଷ୍ଣୁଦୂତ ପଠେଇ ପ୍ରଭୁ କାହାକୁ ସ୍ୱର୍ଗ ପଥର ଅଧିବାସୀ କରାଇଥିଲେ ?

ଉ.: କବିତାଂଶଟି 'ପୟରେ ପଶୁଛି ଶରଣ' କବିତାରୁ ଆନୀତ ଓ କବି ସନ୍ଥ କବି ଭୀମଭୋଇ ବିଷ୍ଣୁଦୂତ ପଠାଇ ପ୍ରଭୁ ଜରା ଶବରକୁ ସ୍ୱର୍ଗ ପଥର ଅଧିବାସୀ କରାଇଥିଲେ ।

(ଞ) କବି କେଉଁ ଶୂନ୍ୟବାନାର ଆଶ୍ରୟ କରିଛନ୍ତି ?

ଉ : କବିତାଂଶଟି 'ପୟରେ ପଶୁଛି ଶରଣ' କବିତାରୁ ଆନୀତ ଓ କବି ସନ୍ଥ କବି ଭୀମଭୋଇ କବି ମହିମାଧର୍ମ ଶୂନ୍ୟ ବାନାର ଆଶ୍ରୟ କରିଛନ୍ତି ।

**୪. ପ୍ରାୟ ତିରିଶଟି ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର ଲେଖା ଓ ଲେଖକ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ।**

(କ) କବି କେଉଁ ଆଜ୍ଞା ଏକା ଜାଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ?

ଉ.: ପ୍ରସଙ୍ଗଟି ସନ୍ଥ କବି ଭୀମଭୋଇଙ୍କ 'ପୟରେ ପଶୁଛି ଶରଣ' କବିତାରୁ ଉଦ୍ଧୃତ । ସନ୍ଥକବି ଭୀମଭୋଇ ଦିବ୍ୟ ଦୃଷ୍ଟିର ଅଧିକାରୀ । ସେ ତାଙ୍କର ଜୀବନକୁ ପ୍ରଭୁଙ୍କ ଚରଣରେ ସମ୍ପୂର୍ଣ୍ଣ ସମର୍ପଣ କରିଥିଲେ । କବି କହିଛନ୍ତି ପ୍ରଭୁ ମୁଁ ଯେଉଁ ଅଭିଳାଷ ମୋ ହୃଦୟରେ ସ୍ଥାନ ଦେଇଛି ସେକଥା ଅନ୍ୟ କେହି ଜାଣିପାରିବେ ନାହିଁ । ଏ ଆଜ୍ଞା କବି ନିଜେ ଜାଣିବା ପାଇଁ ଚାହିଁଛନ୍ତି । କବି ନିଜ ଭିତରେ ପ୍ରଭୁଙ୍କର ଆଶୀର୍ବାଦ ରୂପକ ଇଚ୍ଛାକୁ ନିଜେ ଏକାନ୍ତରେ ଜାଣିବାକୁ ଚାହିଁଛନ୍ତି ।

(ଖ) କବି ପ୍ରଭୁଙ୍କ ଶ୍ରୀ ଛାମୁରେ କ'ଣ ମାଗୁଣି କରିଛନ୍ତି ?

ଉ.: ଅନ୍ଧ କବି ଭୀମଭୋଇଙ୍କ ଦ୍ୱାରା ରଚିତ 'ସ୍ତୁତି ଚିନ୍ତାମଣି' ବୋଲିଟି ଏଠି 'ପୟରେ ପଶୁଛି ଶରଣ' କବିତା ରୂପରେ ପ୍ରକାଶିତ । ଏଠାରେ କବି ନିଜର ଅଖଣ୍ଡ ଭକ୍ତି ଓ ସମର୍ପିତ ସେବା ଶକ୍ତିରେ ପ୍ରଭୁଙ୍କୁ ମୋହିତ କରିବାକୁ ଚେଷ୍ଟା କରିଛନ୍ତି । କବି ପ୍ରଭୁଙ୍କୁ ନିବେଦନ କରିଛନ୍ତି ଯେ ତାଙ୍କ କର ଧରି ଉଠେଇ ନେବାକୁ । କବି କେବଳ ବିଶ୍ୱାସ କରିଛନ୍ତି ପ୍ରଭୁ ହିଁ ତାଙ୍କୁ ତାଙ୍କ କର୍ମସିଦ୍ଧିର ମାର୍ଗ ବତାଇ ପାରିବେ ।

(ଗ) ତ୍ରେତୟା ଯୁଗରେ ଋଷିମାନଙ୍କର ଅଭିଳାଷର ଫଳ କ'ଣ ମିଳିଲା ?

ଉ.: ଏକଥାଟି 'ପୟରେ ପଶୁଛି ଶରଣ' କବିତାରେ କବି ଭୀମଭୋଇ କହିଛନ୍ତି । ତ୍ରେତୟା ଯୁଗରେ ଋଷିମାନେ ପ୍ରଭୁ ଶ୍ରୀରାମଙ୍କର କମନୀୟ କାନ୍ତି ଦେଖି ତାଙ୍କର ଅଙ୍ଗ ସଙ୍ଗ ଲାଭ କରିବାକୁ ଇଚ୍ଛା ପୋଷଣ କରିଥିଲେ । ଭକ୍ତବତ୍ସଳ ପ୍ରଭୁ ଶ୍ରୀରାମ ଦ୍ୱାପର ଯୁଗରେ ତାଙ୍କର ସେ ଇଚ୍ଛା ପୂରଣ ସଦୃଶ ସେମାନଙ୍କୁ ବ୍ରଜନାରୀ ବା ଗୋପୀ ରୂପରେ ଓ ଭଗବାନ ଶ୍ରୀରାମକୃଷ୍ଣର ଅବତାରରେ ସନ୍ତୁଷ୍ଟ କରିଥିଲେ ।

(ଘ) 'ଚାହିଁ ଦେଲେ ହରିଯିବି ମୁଁ ନିସ୍ତରି'ର ଭାବାର୍ଥ କ'ଣ ?

ଉ.: ଏହା 'ପୟରେ ପଶୁଛି ଶରଣ' କବିତାର ଅଂଶବିଶେଷ ଓ କବି ସନ୍ଥକବି ଭୀମଭୋଇ କବି ନିଜକୁ ପରମଭକ୍ତ ରୂପେ ଚିତ୍ରିତ କରି ପ୍ରଭୁଙ୍କୁ କହିଛନ୍ତି, ହେ ହରି ତୋର କୃପାନେତ୍ରରେ ମୋତେ ଥରେ ଚାହିଁଦେଲେ । ତୋ ପରଂବ୍ରହ୍ମ ସ୍ୱରୂପ ଥରେ ଦର୍ଶନ କଲେ ମୋ ଭିତରେ ଥିବା ସମସ୍ତ କଳୁଷ ନାଶ ହୋଇଯିବ ମୁଁ ଏ ସଂସାରର ପ୍ରଳୟ ଜଳରୁ ମୁକ୍ତିଲାଭ କରିବି ଏଥିରେ କବିଙ୍କର ସମର୍ପଣ ଭାବନାର ସ୍ୱରୂପ ପ୍ରାକଶ ପାଇଛି ।

(ଙ) 'ଶରଣ ବୋଇଲେ କାରଣ ପାଇଲା' କେଉଁ ପ୍ରସଙ୍ଗରେ କୁହାଯାଇଛି ?

ଉ.: ଏହା ସନ୍ଥକବି ଭୀମଭୋଇଙ୍କ ଲିଖିତ 'ପୟରେ ପଶୁଛି ଶରଣ' କବିତାରୁ ଆସିଅଛି । ଏ ପ୍ରସଙ୍ଗରେ କବି କାଳୀୟ ନାଗର ଗର୍ବ ଗଞ୍ଜନ ବିଷୟରେ ଉଲ୍ଲେଖ କରିଛନ୍ତି । ଭଗବାନ କୃଷ୍ଣ ଲକ୍ଷେ ପଦ୍ମ ତୋଳିବାକୁ କାଳୀୟ ହ୍ରଦରେ ପଶିଥିବା ବେଳେ କାଳୀୟ ତାଙ୍କୁ ଦଂଶନ କରିଥିଲା । କୃଷ୍ଣ ଗରୁଡ଼କୁ ପଠାଇ ଥିଲେ କାଳୀୟକୁ ଧରି

ଆଣିବା ପାଇଁ । କାଳୀୟ ପ୍ରଭୁଙ୍କ କୋପ ଦେଖି ଭୟଭୀତ ହୋଇ ପ୍ରଭୁଙ୍କର ଚରଣରେ ଶରଣ ପଶିବାର ଦୟାମୟତାକୁ କ୍ଷମା ଦେଇଥିଲେ । ଏହି ପ୍ରସଙ୍ଗକୁ ଏଠାରେ କୁହାଯାଇଛି ।

(ଚ) ନାମ ବିକି ଶାହାସ୍ର କିଣି କବିଙ୍କୁ କ'ଣ ଫଳ ମିଳିଲା ?

ଉ.: ଏକଥାଟି **'ପୟରେ ପଶୁଛି ଶରଣ କବିତା'**ରୁ ଉଦ୍ଧୃତ ଓ କବି ସନ୍ଥକବି ଭୀମଭୋଇ । କବି ପ୍ରଭୁଙ୍କ ନାମ ଓ ଗୁଣ ପ୍ରଚାର ପ୍ରସାର କରି, ପ୍ରଭୁଙ୍କ ନାମକୁ ବିକି ନିଜକୁ ଦୋଷୀ ରୂପରେ ଚିତ୍ରଣ କରି କହିଛନ୍ତି ହେ ପ୍ରଭୁ ତୁମ ନାମ ବିକ୍ରି କରି ମୁଁ ସଦାସର୍ବଦା ଦୁଃଖ ଓ ଯାତନାରେ କାଳ କାଟୁଛି । ତୁମ ପାଖରେ ମୁଁ ଦୋଷୀ । ତୁମ୍ଭ ନାମ ଶ୍ରବଣ କୀର୍ତ୍ତନ କରି ମୁଁ ଏହି ଶୂନ୍ୟ ବାନା ତଳେ ଆଶ୍ରୟ ଭିକ୍ଷୁ ଭାବରେ ରହିଛି ।

(ଛ) କବି ମ୍ଳେଚ୍ଛ, ପତିତ, ପାମର ଶବ୍ଦର ପ୍ରୟୋଗରେ ନିଜର କେଉଁ ଭାବକୁ ପ୍ରକାଶ କରିଛନ୍ତି ?

ଉ.: କବିତାର ନାମ **'ପୟରେ ପଶୁଛି ଶରଣ'** କବି ଭୀମଭୋଇ । ମୁଁ ଦୀନ, ହୀନ, ଅକିଞ୍ଚନ, ପାମର, ମ୍ଳେଚ୍ଛ, ପତିତ, ଅପରାଧୀ ଆଦି ଦୋଷୀ ବା ବିନୟ ଭାବକୁ ପ୍ରକାଶ କରିବା ହେଉଛି ଏକ ପୂର୍ଣ୍ଣ ଭକ୍ତି ପ୍ରାଣତାର ପରିଚୟ । କବି ତାଙ୍କର ଦେହ, ମନକୁ ପ୍ରଭୁଙ୍କ ପାଖରେ ସମର୍ପି ଦେଇଛନ୍ତି ଓ ସଂସାରର ଏ ପ୍ରଳୟ ଜଳଧିରୁ କିପରି ମୁକ୍ତି ପାଇବେ ସେଇ ଚିନ୍ତାରେ ମଗ୍ନ ରହି ପ୍ରଭୁଙ୍କର ଶରଣାପନ୍ନ ହୋଇଛନ୍ତି ।

(ଜ) ଶେଷରେ କବି ଭୀମଭୋଇ କାହା ପାଦକୁ ଧ୍ୟାନ କରି ଶରଣ ପଶିଛନ୍ତି ?

ଉ.: ଏହି ଅଂଶଟି **'ପୟରେ ପଶୁଛି ଶରଣ'** କବିତାରୁ ଉଦ୍ଧୃତ । କବି ସନ୍ଥ ଭୀମଭୋଇ । ସମଗ୍ର କବିତାରେ କବି ବିଶ୍ୱନିୟନ୍ତାଙ୍କ ପାଖରେ ଶରଣ ପଶିଛନ୍ତି । ସେଇ ପରମ ପୁରୁଷ ପରମ କାରୁଣିକ ଭଗବାନ ହେଉଛନ୍ତି ସକଳ କାରଣର କାରଣ । ତାଙ୍କ ପାଦ ଧ୍ୟାୟୀ, ନାମ ସ୍ମରଣ କରି, ଜପ ପରି ଏ ଭବସାଗରରୁ ତରିଯିବା ପାଇଁ ଇଚ୍ଛା ପ୍ରକଟ କରିଛନ୍ତି । ସର୍ବୋପରି ନିଜର ସୁଖ ଦୁଃଖ ମାୟା ମୋହ, ଅଭିଳାଷ ସବୁ ପ୍ରଭୁଙ୍କୁ ଜଣା । ସେ ହିଁ ଉଦ୍ଧାର କରିବେ ଓ କୃପା କରିବେ ବୋଲି କବି ତାଙ୍କ ପାଦରେ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିଛନ୍ତି ।

**୫. ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ । ପ୍ରଶ୍ନର ମୂଲ୍ୟ ୫ ନମ୍ବର । ୧୫୦ ଶବ୍ଦ ମଧ୍ୟରେ ଉତ୍ତର ଦେବାକୁ ହେବ ।**

(କ) 'ପୟରେ ପଶୁଛେ ଶରଣ' କବିତାରୁ କବିଙ୍କର ଭକ୍ତିମତ୍ତାର ପରିଚୟ ପ୍ରଦାନ କର ।

ଉ.: ଯୁଗେ ଯୁଗେ ଭକ୍ତ ଓ ଭଗବାନଙ୍କୁ ନେଇ ଅନେକ ପୁରାଣ ଶାସ୍ତ୍ର, ବେଦ ବେଦାନ୍ତ ରଚିତ ହୋଇଛି । ସମର୍ପଣ ଭାବର ଅନ୍ୟ ନାମ ଭକ୍ତ । ଯେଉଁ ପୂର୍ଣ୍ଣ ପ୍ରାଣ ପୂର୍ଣ୍ଣ ହୃଦୟର ସମର୍ପଣ ଭାବ ନାହିଁ ସେଠି ପ୍ରାର୍ଥନା ଏକ ଛଳନା । ଆଲୋଚ୍ୟ 'ପୟରେ ପଶୁଛି ଶରଣ' କବିତାର ସ୍ରଷ୍ଟା ଭୀମଭୋଇ ସେଇ ସମର୍ପଣ ଭାବର ଶୀର୍ଷ ସ୍ତରକୁ କବିତାର ଭାବକୁ ନେଇଛନ୍ତି । 'ସ୍ତୁତି ଚିନ୍ତାମଣି' ଗ୍ରନ୍ଥର ନାମକରଣ ଯେପରି ତା'ର ଉଦ୍ଧୃତ କବିତା 'ପୟରେ ପଶୁଛି ଶରଣ' ବୋଲିଟିର ନାମକରଣ ମଧ୍ୟ ସେପରି ପୂର୍ଣ୍ଣ ସମର୍ପିତ ଆତ୍ମାର ମାର୍ମିକ ପରିପ୍ରକାଶ ।

ପ୍ରଭୁଙ୍କ କରୁଣା ଆଶା ଭକ୍ତର ଶ୍ରେଷ୍ଠ ଇଚ୍ଛା । ପ୍ରଭୁର କରୁଣା ଉଣା ହେଲେ ଭକ୍ତ ବ୍ୟାକୁଳିତ ହୁଏ । ତେଣୁ ଅତ୍ୟନ୍ତ କାତର ଓ ବିନୟ ହୋଇ କବିତାରେ କବି ପ୍ରଭୁ ପରଂବ୍ରହ୍ମଙ୍କୁ ଡାକିଛନ୍ତି । ପ୍ରଭୁଙ୍କର [illegible] ମଧ୍ୟ ସ୍ଥାନ ଦେଇଛନ୍ତି । ଭକତର ଭାବରେ ବନ୍ଧା ପ୍ରଭୁ କିପରି [illegible]

ଜଳିଯିବାରୁ ରକ୍ଷା କଲେ ସେକଥା ଦର୍ଶାଇଛନ୍ତି । ଭୀମଭୋଇ ତାଙ୍କ ଭକ୍ତିଭାବକୁ ବ୍ରହ୍ମଙ୍କ ଠାରେ ସମର୍ପି ଦେଇଛନ୍ତି ଓ କହିଛନ୍ତି ।

"ସେବା ଭକ୍ତି ନିଅ ହସ୍ତ ତୋଳିଦିଅ କର୍ମସିଦ୍ଧି ବିଧାନକ

ଦୟାରେ ବର୍ଦ୍ଧିତ କରି ଅବଧୂତ ସନମାନ କରି ରଖ ।"

ପୁଣି ତ୍ରେତୟା ଯୁଗରେ ଋଷିମାନଙ୍କ ଇଚ୍ଛା ପୂରଣ ପାଇଁ ଦ୍ୱାପରେ ଯୁଗରେ ପ୍ରଭୁ କୃଷ୍ଣ ରୂପରେ ଋଷିମାନଙ୍କୁ ଗୋପୀ ସ୍ୱରୂପରେ ସନ୍ତୁଷ୍ଟ କରିଥିଲେ କାଳୀୟ ନାଗ ତାଙ୍କୁ କଷ୍ଟ ଦେଇଥିଲେ ବି ସେ ତାକୁ କ୍ଷମା ପ୍ରଦାନ କରିଥିଲେ । ଜରା ଶବର ତାଙ୍କୁ ଶରବିଦ୍ଧ କରିଥିଲେ ବି ତାକୁ ପୁଣ୍ୟ ପଥର ଯାତ୍ରୀ କରାଇଥିଲେ । ଏପରି ଅନେକ କରୁଣାର ଭଣ୍ଡାର ସେହି ପ୍ରଭୁ ପରମ କାରୁଣିକଙ୍କ ପାଖରେ କବି ନିଷ୍କାମ ଭାବନା ବ୍ୟକ୍ତ କରିଛନ୍ତି । କବିଙ୍କର କେବଳ ଗୋଟିଏ ଲାଳସା ବା ଇଚ୍ଛା ହେଉଛି ଏ ଆତ୍ମାର ମୋକ୍ଷ ବା ମୁକ୍ତି ।

କବି ଅନ୍ତର୍ଯ୍ୟାମୀଙ୍କୁ ନିଜ ଦୁଃଖ ଜଣାଇ କହିଛନ୍ତି ମୁଁ ଆଉ କ'ଣ କହିବି ତୁମକୁ କେଉଁ କଥା ଜଣାନାହିଁ । କେବଳ ପ୍ରଭୁଙ୍କ କରୁଣା ମିଳିଲେ ସେ ଏ ଭବସାଗରର ପ୍ରଳୟରୁ ଉଦ୍ଧାର ପାଇ ପାରିବେ ବୋଲି ଆଶା ପୋଷଣ କରିଛନ୍ତି । ସେ ଭବସିନ୍ଧୁରୁ ଭାବସିନ୍ଧୁଙ୍କ ଆଡ଼କୁ ଯିବା ପାଇଁ ବ୍ୟଗ୍ର ହୋଇଛନ୍ତି । ଅପୂର୍ଣ୍ଣତାରୁ ପୂର୍ଣ୍ଣତାର, ମରଣରୁ ଅମୃତର ସନ୍ଧାନ ପାଇଁ ଚିର କାଳ ସାଧୁଜନଙ୍କ ସେବାରେ ମନୋନିବେଶ କରିବାକୁ ପରାମର୍ଶ ଦେଇଛନ୍ତି ।

**(ଖ) ଭୀମଭୋଇଙ୍କ ପରିକଳ୍ପିତ ସତ୍ୟ ଓ ଧର୍ମ ମାର୍ଗ ସମ୍ପର୍କରେ ଆଲୋଚନା କର ।**

ଉ.: ଆଲୋଚ୍ୟ ବିଷୟ ବସ୍ତୁଟି ଭୀମଭୋଇଙ୍କ ରଚିତ "ପୟରେ ପଶୁଛି ଶରଣ" କବିତାରୁ ଆସିଛି । ଏହା କବି ଭୀମଭୋଇଙ୍କ ଶ୍ରେଷ୍ଠକୃତି 'ସ୍ତୁତି ଚିନ୍ତାମଣି'ର ଅଂଶବିଶେଷ । କବି ମହିମାଧର୍ମ ବା ଅଲେଖ ଧର୍ମର ପ୍ରଚାରକ ଓ ଭକ୍ତ । ସତ୍ୟ, ଧର୍ମ ଓ ନ୍ୟାୟ ମାର୍ଗର ଉନ୍ମୋଚନ ମହିମା ଧର୍ମର ମୁଖ୍ୟ ଲକ୍ଷ୍ୟ । କବିଙ୍କର ଭକ୍ତି ହେଉଛି ଶକ୍ତି । ଦୁଃଖ ସନ୍ତାପରେ ରହି ମଧ୍ୟ ସେ ପ୍ରଭୁଙ୍କୁ ଅଭିମାନରେ କିଛି କହି ନାହାନ୍ତି କେବଳ ନିଜର ଦୈନ୍ୟ ଭାବକୁ ପ୍ରକାଶ କରିଛନ୍ତି । ଆତ୍ମାର ମୋକ୍ଷ ପାଇଁ ମଙ୍ଗଳ ପାଇଁ ତାଙ୍କ ପ୍ରାଣ ବ୍ୟାକୁଳିତ ହୋଇଛି । ସେ ପ୍ରଭୁଙ୍କୁ କହିଛନ୍ତି-

"ନିରେଖ ଜୀବକୁ ଅନାଥ ନ କରି ନିଷ୍କାମରେ ଫଳ ଦେବ ।

ନିଶାଖା ପ୍ରାଣୀକି ଶୂନ୍ୟ ନାମ ବ୍ରହ୍ମ କୃପାଜଳେ ତାରି ନେବ ॥"

ଏଥିରୁ କବିଙ୍କର ଜଗତକର୍ତ୍ତାଙ୍କ ଉପରେ ଭରସା ଓ ଅକୁଣ୍ଠ ଚିତ୍ତରେ ମଙ୍ଗଳ କରିବା ପାଇଁ ନିବେଦନ ରହିଛି । ପାଣ୍ଡବମାନଙ୍କ ରକ୍ଷା କରିବା ପାଇଁ ଶ୍ରୀକୃଷ୍ଣ ସତ୍ୟ, ଧର୍ମ ନ୍ୟାୟର ପ୍ରତୀକ ସାଜି ଜତୁଗୃହରୁ ସେମାନଙ୍କୁ ରକ୍ଷା କରିଥିଲେ । ଜଗତକର୍ତ୍ତା ଶ୍ରୀକୃଷ୍ଣଙ୍କ ଉଦାହରଣ ଦେଇ କବି ସମାଜକୁ ସେଇ ମାର୍ଗରେ ପରିଚାଳିତ ହେବାକୁ ପରାମର୍ଶ ଦେଇଛନ୍ତି ଓ କହିଛନ୍ତି-

"ସତ୍ୟଧର୍ମ ମାର୍ଗେ କରୁଣା ସମ୍ଭବେ ବିପଦକୁ କରକ୍ଷୟ ।

ଫିଟାଅ କଳଙ୍କ ଭୁଞ୍ଜାଅ ସାତୁକ୍ୟ ଜଗତରେ ଠାବ ଦିଅ ॥"

ସାତ୍ତ୍ୱିକ ଆହାର ସ୍ୱରୂପ ମହିମା ଧର୍ମାବଲମ୍ବୀମାନେ ଯେଉଁଠି ଯାହା ମିଳେ ଖାଇଥାନ୍ତି । ସଂସାରର ମୋହରେ ବାନ୍ଧି ନହେବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ରହିନଥାନ୍ତି । ସମାଜକୁ ମୋହମାୟାରୁ ମୁକ୍ତ ପାଇଁ ସେ ଆହ୍ୱାନ ଦେଇଛନ୍ତି ।

ଧର୍ମସଂସ୍ଥାପନା ପାଇଁ ନ୍ୟାୟର ପ୍ରତିଷ୍ଠା ପାଇଁ, ନୀତିନିଷ୍ଠ ହେବା ପାଇଁ ପରାମର୍ଶ ଦେଇଛନ୍ତି । ଯେଉଁଥିପାଇଁ କବି କାଳୀୟ ବିଷଧର ନାଗକୁ ମଧ୍ୟ କ୍ଷମା ପ୍ରଦାନ କରିଥିଲେ । ଜାରାଶବର ତାଙ୍କୁ ଶରାଘାତ କଲା ତଥାପି ପ୍ରଭୁ ତାକୁ ମୋକ୍ଷ ପ୍ରଦାନ କଲେ । ସ୍ୱର୍ଗକୁ ପଠାଇଲେ । ଏସବୁ ଘଟଣାର ଅବତାରଣା କରି ସମାଜକୁ ଧର୍ମ ମାର୍ଗରେ ପରିଚାଳିତ ହେବାକୁ ପରାମର୍ଶ ଦେଇଛନ୍ତି ।

ରାମଚନ୍ଦ୍ରଙ୍କୁ ପାଇବା ପାଇଁ ଋଷିମାନଙ୍କର ତପସ୍ୟାର ଫଳ ତାଙ୍କୁ ଦ୍ୱାପରେ ଯୁଗରେ ଗୋପୀ ରୂପରେ ମିଳିଛି । ଯେଉଁଠି କୃଷ୍ଣ ସେମାନଙ୍କ ମନସ୍କାମନା ପୂର୍ଣ୍ଣ କରିଛନ୍ତି । ସମସ୍ତ କବିତାଟିରେ ଭୀମଭୋଇଙ୍କ ସମର୍ପିତ ଭାବର ପରିଚୟ ମିଳିଛି ।

**(ଗ) ସମର୍ପଣ ମୋକ୍ଷର ସର୍ବଶ୍ରେଷ୍ଠ ସାଧନ- 'ପୟରେ ପଶୁଛି ଶରଣ' କବିତା ଅନୁସରଣରେ ବିଚାର କର ।**

ଉ.: କବି ଭୀମଭୋଇ ଦୁଃଖର କଷଟି ପଥରରେ ନିଜ ଜୀବନକୁ ଘଷି ସଫା କରିଛନ୍ତି । ଦୁଃଖ, ଯାତନା, ଦାରିଦ୍ର୍ୟ ଅନଟନ ତାଙ୍କୁ ଓ ତାଙ୍କର ପ୍ରତିଭାର ପଥ ରୋଧି ପାରିନାହିଁ । ସଦାସର୍ବଦା ସେ ପ୍ରଭୁଙ୍କ ପାଖରେ ଅଳି କରିଛନ୍ତି ନିଜକୁ ଦୀନଦୁଃଖୀ ଭାବେ ସମର୍ପଣ କରିଛନ୍ତି । "ସ୍ତୁତି ଚିନ୍ତାମଣି"ର ଏହି ବୋଲିଟି 'ପୟରେ ପଶୁଛି ଶରଣ' ରୂପରେ ଭକ୍ତି ଭାବର ଗୋଟିଏ ମଧୁର ଝରଣା । ପ୍ରଭୁଙ୍କ ପାଖରେ କେତେବେଳେ ସେ ମାନ ଅଭିମାନ କରିଛନ୍ତି ତ ଆଉ କେତେବେଳେ ଦୟାଳୁ ଠାକୁରଙ୍କ ଭିତରେ ଲୀନ ହୋଇଯିବାକୁ ଚାହିଁଛନ୍ତି । ତା'ର ଏକ ଉଦାହରଣ ଦିଆଗଲା -

"ସନ୍ତାପରେ କେତେ ଦହୁଅଛ ମୋତେ କେତେ ଦଉଛ କଷଣ
ଭଗତ ରକ୍ଷଣ ବାନା ବହିଅଛ ଧନ୍ୟ ତୁମ୍ଭ ପ୍ରଭୁ ପଣ ।"

ପୁଣି କେତେବେଳେ କବି କହିଛନ୍ତି । "ତୋ ପାଦେ ଶରଣ ଯାଉ ଏ ପରାଣ, ଯୁଗେ ଯୁଗେ ରହୁ କୀର୍ତ୍ତି" । ଏହି ଆତ୍ମସମର୍ପଣ ତାଙ୍କର ପ୍ରତ୍ୟେକ ସୃଷ୍ଟିରେ, ଭଜନ ଜଣାଣରେ ପ୍ରତିଫଳିତ । କବିଙ୍କ ମତରେ -

"ଜଗତ ଧାରଣ ମୁକତି କାରଣ ତୁ ଯେ ବ୍ରହ୍ମାଣ୍ଡ କରତା
ପିଣ୍ଡ ପ୍ରାଣ ଆଦି ଲାଗିଲା ଅନାଦି ଦୁଃଖ ସୁଖ ସର୍ବଚିନ୍ତା ।"

ଆତ୍ମାର ସଦ୍‌ଗତି ବା ଆତ୍ମା ପରମାତ୍ମା ଦେହରେ ଲୀନ ହେବା ପାଇଁ, ମୋକ୍ଷ ଲାଭ କରିବା ପାଇଁ ତାଙ୍କର ଏ ପ୍ରାର୍ଥନା । ଏଇ ପ୍ରାର୍ଥନା କବି ଜାରା ଶବର, କାଳୀୟ ନାଗ ଉଦ୍ଧାର କଥା ପ୍ରକାଶ ବେଳେ 'ପୟରେ ପଶୁଛି ଶରଣ' କବିତାରେ କହିଛନ୍ତି ।

କଂସର ପଦ୍ମ ଦରକାର, ସେ ପଦ୍ମ ପୁଣି କୃଷ୍ଣଙ୍କ ଦ୍ୱାରା ଆଣିବା ଏସବୁ ବିଧିବିଧାନ ନିର୍ଦ୍ଧାରିତ । କାଳୀୟ ନାଗ କୃଷ୍ଣଙ୍କ ଦ୍ୱାରା ମୋକ୍ଷ ଲାଭ କରିଛି ଓ ପାପ ବୁଦ୍ଧି ପାଇଁ ପ୍ରଭୁଙ୍କର ଶରଣାପନ୍ନ ହୋଇଛି । ଜାରାଶବର କୃଷ୍ଣଙ୍କୁ ପାଦରେ ଆଘାତ ଦେଇଛି । ଲୀଳାମୟ ନିଜେ ଯନ୍ତ୍ରଣା ସହି ଜାରା ଶବରକୁ ଆଘାତ ନଦେଇ କ୍ଷମା ପ୍ରଦାନ କରିଛନ୍ତି । ଏହି ମହନୀୟଗୁଣର ପ୍ରଚାର ଓ ପ୍ରସାର କରିଛନ୍ତି କବି କେବଳ ଧର୍ମ ଓ ମୋକ୍ଷ ପ୍ରାପ୍ତିର ମାର୍ଗ ଉନ୍ମୋଚନ କରିବାକୁ । ନିଜେ ନୀଳଗିରିବାସୀଙ୍କ ପ୍ରତି ନିଜର ସମର୍ପଣ ଭାବ ପ୍ରକାଶ କରିବା ସଙ୍ଗେ ସଙ୍ଗେ ଶୂନ୍ୟ ବାବାଙ୍କ ଚରଣ ତଳେ ଗେରୁଆ ରଙ୍ଗରେ ଚିତ୍ରିତ ହୋଇ ପଡ଼ିରହିଛନ୍ତି ବୋଲି କହିଛନ୍ତି । କାରଣ ସେଇ ପ୍ରଭୁ ଲୀଳାମୟ ହିଁ ଏ ପ୍ରଳୟ [illegible] [illegible] ମୁକ୍ତି ଦେଇପାରିବେ । ତେଣୁ ସମସ୍ତ ସାଧୁଜନଙ୍କୁ ସେ ଏଇ ମିନତି କରିଛନ୍ତି ଯେ ପ୍ରଭୁଙ୍କର ଶରଣାପନ୍ନ ହୁଅ, ମୋକ୍ଷ ଲଭିବ ।

**(ଘ) କବି ଭୀମଭୋଇ ପ୍ରଭୁଙ୍କ ନାମ ଗାନ କରି କିପରି ସଂସାରରୁ ମୁକ୍ତି ପାଇବା ପାଇଁ ଆଶା ପୋଷଣ କରିଛନ୍ତି, ଆଲୋଚନା କର ।**

ଉ.: ଆଲୋଚ୍ୟ ବିଷୟ ବସ୍ତୁଟି ମହିମା ଅଲେଖ ଧର୍ମାବଲମ୍ବୀ ଯୁଗପୁରୁଷ କବି ଭୀମଭୋଇଙ୍କ 'ସ୍ତୁତି ଚିନ୍ତାମଣି' କାବ୍ୟରୁ ଆନୀତ । 'ପୟରେ ପଶୁଛି ଶରଣ' ନାମକରଣରୁ ହିଁ କବିଙ୍କ ଭାବାବେଗର ପରିଚୟ ମିଳିଅଛି । ପୁତିଗନ୍ଧମୟ ନର୍କରୁ ଉଦ୍ଧାର ପାଇବା ପାଇଁ ସେଇ ଶୂନ୍ୟବାଦୀ ପରଂବ୍ରହ୍ମଙ୍କ ପାଦତଳେ ଆଶ୍ରୟ ନେବାକୁ ସେ ସାଧୁଜନମାନଙ୍କୁ ପ୍ରେରଣା ଦେଇଛନ୍ତି । ଧର୍ମ ମାର୍ଗରେ ପରିଚାଳିତ ହୋଇ ମୋକ୍ଷ ଲାଭ କରିବାର ଏକମାତ୍ର ପନ୍ଥା ହେଉଛି ପ୍ରଭୁ ପାଦରେ ଶରଣାପନ୍ନ ହେବା ।

ପ୍ରଭୁ ପାଦରେ ଶରଣ ନେଇ ଜଗତର ମଙ୍ଗଳ ପାଇଁ ସେ କହିଛନ୍ତି-

"ଚିରବାଞ୍ଛିତ କାନ୍ଦି କାନ୍ଦି ଭକ୍ତ ଗଡ଼ି ଗଲେଣି ସକଳ
ଦୋଷ ଅପରାଧ କ୍ଷମା କରି ସ୍ୱାମୀ ଜାଗ୍ରତରେ ପ୍ରତିପାଳ
ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ।"

ଜଗତର ମଙ୍ଗଳ ପାଇଁ, ଜୀବର ମୋକ୍ଷ ପାଇଁ ତାଙ୍କ ପ୍ରାଣର ଆତୁରତା ଏଠି ପ୍ରକାଶିତ । ସେଇ ଭାବ ତାଙ୍କର ପୟରେ ପଶୁଛି ଶରଣ କବିତାରେ ପ୍ରତିଫଳିତ ।

ଭକ୍ତିଭାବରେ ପ୍ରଭୁ ନାମ ଜପକଲେ ଆଦିମୂଳଙ୍କ ସାନିଧ ଲାଭ ହୁଏ । ସମଗ୍ର କବିତାଟି ଏହି ଭକ୍ତି ଭାବର ଚିରନ୍ତନ ନିଦର୍ଶନ । ଏଥିରେ କବି ପ୍ରଥମେ ପ୍ରଭୁ ପାଣ୍ଡବ ମାନଙ୍କୁ ଜତୁଗୃହରୁ ରକ୍ଷା କରିବା କଥା ଉଲ୍ଲେଖ କରିଛନ୍ତି । ଦୁର୍ଯ୍ୟୋଧନର ସମସ୍ତ ମାୟା ଓ ଚକ୍ରାନ୍ତକୁ ପଣ୍ଡ କରି ପାଣ୍ଡବମାନଙ୍କୁ ସୁରକ୍ଷିତ ରଖିଛନ୍ତି କେବଳ ସତ୍ୟର ଟେକ ରଖିବାକୁ । କୁରୁସଭାରେ ବିବସନା ଦ୍ରୌପଦୀ ଦୁଇହାତ ଟେକି ସମ୍ପୂର୍ଣ୍ଣ ନିଜକୁ ଅସହାୟ ମନେ କଲାବେଳେ ପ୍ରଭୁତାର ଲାଜ ରକ୍ଷା କରିଛନ୍ତି । ସେବାଭକ୍ତି ବଳରେ ପ୍ରଭୁଙ୍କ ସାନ୍ନିଧ ଲାଭ କରିବା ପାଇଁ ବିକଳ କବି ମନ କହିଛି -

"ସେବା ଭକ୍ତି ନିଅ ହସ୍ତ ତୋଳିଦିଅ କର୍ମସିଦ୍ଧି ବିଧାନକ ।
ଦୟାରେ ବର୍ଦ୍ଧିତ କରି ଅବଧୂତ ସନମାନ କରି ରଖ ।"

ପୁଣି ଭବ ସଂସାରରୁ ପାରିହେବା ପାଇଁ ସେଇ ଭବସିନ୍ଧୁ ଦୀନବନ୍ଧୁଙ୍କୁ ନିଜକୁ ସମର୍ପଣ କରିବା ପାଇଁ ନିବେଦନ କରିଛନ୍ତି । ଗୁରୁଦେବଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି । ସେବା ଭକ୍ତି ବଳରେ ପ୍ରଭୁଙ୍କୁ ନିଜର କରିବାର ଅଭିଳାଷ ପୋଷଣ କରିଛନ୍ତି । କେତେବେଳେ କବି ନିଜକୁ ବାଳୁତ ବୋଲି କହିଛନ୍ତି ତ ଆଉ କେତେବେଳେ ଦୀନହୀନ ମ୍ଳେଛ ପତିତ ରୂପରେ ପ୍ରଭୁଙ୍କୁ ନିବେଦନ କରିଛନ୍ତି । ଜୀବନର ଜ୍ଞାନ ଅଜ୍ଞାନରେ କରିଥିବା ପାପକୁ ଖଣ୍ଡନ ପାଇଁ, ସଂସାର ଭବ ବନ୍ଧନରୁ ମୁକ୍ତିପାଇଁ ସେ ନିଜେ ସମର୍ପିତ ହେବା ସଙ୍ଗେ ସଙ୍ଗେ ଜଗତକୁ ଗୁରୁପାଦ ସେବା ଓ ସତମାର୍ଗରେ ପରିଚାଳିତ ହେବାକୁ ପରାମର୍ଶ ଦେଇଛନ୍ତି ।

**(ଡ) ପୟରେ ପଶୁଛି ଶରଣ କବିତାର ସାରମର୍ମ ଲେଖ ।**

ଉ.: ସନ୍ଥକବି ଭୀମଭୋଇ ଜୀବନର ସକଳ କାମନା ବାସନାକୁ ପରିତ୍ୟାଗ କରି ପରଂବ୍ରହ୍ମଙ୍କ ଶରଣାପନ୍ନ ହୋଇଥିଲେ । ନିତ୍ୟ ନିରଞ୍ଜନ, ଅଣାକାର, ଶୂନ୍ୟବ୍ରହ୍ମ ଓ ନିରାକାରଙ୍କୁ ଧ୍ୟାନ କରି ସେ ଦିବ୍ୟଜ୍ଞାନର ଅଧିକାରୀ ହୋଇଥିଲେ । ସେହି ଦିବ୍ୟଜ୍ଞାନ ବଳରେ ସେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ସ୍ଥାପନ କରିପାରିଛନ୍ତି । କବି ଇନ୍ଦ୍ରିୟରୁ ଅତିନ୍ଦ୍ରିୟ ଚେତନା ଭିତରେ ହଜିଯିବା ପାଇଁ ମାନବସମାଜକୁ ଆହ୍ୱାନ ଦେଇଛନ୍ତି । ଗୁରୁଙ୍କ କୃପାରୁ ସେ ଅନେକଗୁଡ଼ିଏ ଗ୍ରନ୍ଥର ରଚୟିତା । ସେଗୁଡ଼ିକୁ ହେଲା ସ୍ତୁତିଚିନ୍ତାମଣି, ନିର୍ବେଦ ସାଧନ, ମହିମା ବିନୋଦ, ଅଷ୍ଟ ବିହାରୀ ଗୀତା, କଳିଯୁଗ ସଂହିତା ଇତ୍ୟାଦି ।

ଆଲୋଚ୍ୟ କବିତା 'ପୟରେ ପଶୁଛି ଶରଣ' ତାଙ୍କର ସ୍ତୁତି ଚିନ୍ତାମଣି ଗ୍ରନ୍ଥର ସପ୍ତଦଶ ବୋଲି । ଯେଉଁଥିରେ କବିଙ୍କ ଲେଖନୀରୁ ଭକ୍ତି ରସର ଅମୃତ ଝରଣା ଝରିଛି । ସମର୍ପଣ ଭାବହିଁ ଏହାର ମୁଖ୍ୟ ପୃଷ୍ଠଭୂମି । କବିତାର ପ୍ରାଥମିକ ପର୍ଯ୍ୟାୟରେ କବି ମହାଭାରତ କଥାବସ୍ତୁର ପାଣ୍ଡବମାନଙ୍କ ରକ୍ଷା ନିମନ୍ତେ ଜତୁଗୃହ କଥା ଉଲ୍ଲେଖ କରିଛନ୍ତି । ମାୟା ବଳରେ କିପରି ଗୁପ୍ତ ରାସ୍ତା ଦେଇ ପାଣ୍ଡବ କୂଳକୁ ରକ୍ଷା କରିଥିଲେ ଓ ଯୁଗେ ଯୁଗେ ସତ୍ୟର ବାନା ଉଡ଼ାଇଥିଲେ । ପ୍ରଭୁଙ୍କୁ ନିବେଦନ କରିଛନ୍ତି ଯେ ତାଙ୍କ ମନରେ ଯେଉଁ କଥା ଅଛି ତାକୁ କେବଳ ପ୍ରଭୁ ଜାଣିଛନ୍ତି, ସଂସାରର କାହାରିକୁ ଏକଥା ଜଣାନାହିଁ । ପୁଣି ଦ୍ରୌପଦୀ ସ୍ୱୟଂମ୍ବର କଥାରେ କିପରି ଦ୍ରୌପଦୀ ମହାଭାରତ ଯୁଦ୍ଧର କାରଣ ପାଲଟିଛନ୍ତି । ଏତେବଡ଼ ବିପଦରୁ ଉଦ୍ଧାର କରିଥିବା ସେଇ କରୁଣାମୟ ତାଙ୍କୁ ନିରାଶ କରିବେ ନାହିଁ, ତାଙ୍କର ମନୋବାଞ୍ଛା ପୂର୍ଣ୍ଣ କରିବେ ବୋଲି କବି କହିଛନ୍ତି । ଜଗତର ହିତ ସାଧନ ପାଇଁ କବି ପ୍ରାଣ ବ୍ୟାକୁଳିତ । ଏ ବ୍ୟାକୁଳଭରା ନିବେଦନ ଜଗତ ସାଇଁ ନଶୁଣିବାକୁ କବି ଅଭିମାନରେ କହିଛନ୍ତି ଯେ ତ୍ରେତୟା ଯୁଗରେ ଋଷିମାନେ ପ୍ରଭୁଙ୍କର ସାନିଧ ଲାଭ ପାଇଁ ବ୍ୟାକୁଳ ହେବାରୁ ପ୍ରଭୁ ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ରୂପରେ ବ୍ରଜବାଳୀ ମାନଙ୍କର ଇଚ୍ଛା ପୂରଣ କରିଥିଲେ ମୋ କଥା ତାଙ୍କ କର୍ଣ୍ଣକୁ କାହିଁକି ଶୁଭୁ ନାହିଁ ? ଜରା ଶବର ପ୍ରଭୁଙ୍କୁ ଆଘାତ କଲା, ତଥାପି ମୃତ୍ୟୁ ପରେ ପ୍ରଭୁ ତାଙ୍କୁ ଦୂତ ପଠେଇ ମୋକ୍ଷ ଗାମୀ କରାଇଥିଲେ ।

କବି ଏଠି ଭକ୍ତ ଭଗବାନ, ଜୀବ ପରଂବ୍ରହ୍ମ ଆଦି ଅନାଦିର ଭିତରେ ଗୋଟିଏ ଭାବ ଓ ଭକ୍ତିର ଯୋଗସୂତ୍ର ସ୍ଥାପନ କରିଛନ୍ତି । କବିଙ୍କର ଇଚ୍ଛା ଏ ଜଗତର ମଙ୍ଗଳ ହେଉ । ଏ ମାୟା ଜଞ୍ଜାଳ ଭିତରୁ ସେ କେମିତି ଉଦ୍ଧାର ପାଇବେ ସେଥିପାଇଁ କାରଣ ଓ ନିରାକରଣର କଥା ଭାବି ତାଙ୍କ ମନ ବ୍ୟାକୁଳ ହୋଇଛି । କବିଙ୍କର ଏକ ସୁନ୍ଦର ଭାବପୂର୍ଣ୍ଣ କଥାକୁ ଏଠାରେ ଉଲ୍ଲେଖ କରାଯାଇପାରେ ।

"ଅତି ଅନାଚାର ଏ ମାୟା ସଂସାର କେଉଁ ରୂପେ ନେବି ଦିନ
ପିଣ୍ଡ ବ୍ରହ୍ମାଣ୍ଡରେ ସକଳ ଠାବରେ ଛନ୍ଦି ଅଛି ତିନିଗୁଣ ।"

ଅର୍ଥାତ୍ ଏ ମାୟା ସଂସାର ଭିତରେ ଛନ୍ଦି ହୋଇଥିବା କବି ମୋହରୁ ମୁକ୍ତି ପାଇଁ ପରମେଶ୍ୱରଙ୍କ ପାଖରେ ଆକୁଳ ନିବେଦନ କରିଛନ୍ତି । କବିଙ୍କ ଆଶା ଏ ଜଗତର ମଙ୍ଗଳ ହେଉ, ପ୍ରାଣୀର ଆରତ ଦୂର ହେଉ ଏହିକଥା ହିଁ ସେ 'ପୟରେ ପଶୁଛି ଶରଣ' କବିତାରେ କହିବାକୁ ଚାହିଁଛନ୍ତି ।

❑❑❑

# ତୃତୀୟ ଏକକ
## ଏକାଙ୍କିକା
## ବିଷୟ : ଅତ୍ୟାଚାରିତ
### ଲେଖକ : ପ୍ରାଣବନ୍ଧୁ କର

ଲେଖକ ପରିଚୟ :

ନାଟ୍ୟକାର ପ୍ରାଣବନ୍ଧୁ କର ୧୯୧୪ ମସିହାରେ କଟକ ଜିଲ୍ଲା ଡମପଡ଼ା ଠାରେ ଜନ୍ମଗ୍ରହଣ କରିଥିଲେ । ଅଧ୍ୟାପନାକୁ ବୃତ୍ତିଗତ କାର୍ଯ୍ୟ ରୂପେ ଗ୍ରହଣ କରି ସେ ବହୁ ସୁନାମର ଅଧିକାରୀ ଥିଲେ । ବିଶେଷ କରି ଓଡ଼ିଆ ଏକାଙ୍କିକା ଜଗତକୁ ତାଙ୍କର ଅବଦାନ ପାଇଁ ସେ ଓଡ଼ିଆ ସାହିତ୍ୟରେ ଅବସ୍ମରଣୀୟ, ଏଥିରେ ଦ୍ୱିମତ ହେବାର ନାହିଁ । ସେ ଏକାଧାରରେ ଜଣେ ନାଟ୍ୟକାର, ଗାଳ୍ପିକ ଓ ଏକାଙ୍କିକା ଲେଖକ ଭାବେ ପରିଚିତ । ନାଟ୍ୟକାର ପ୍ରାଣବନ୍ଧୁ କର ସୃଷ୍ଟି ସୀମିତ ହେଲେ ମଧ୍ୟ ସେଇ ସୀମିତ ସୃଷ୍ଟି ଭିତରେ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ଛାଡ଼ି ଯାଇଛନ୍ତି । ଦୂରଦର୍ଶନ, ଆକାଶବାଣୀ, ଆଦିରେ ତାଙ୍କର ଏକାଙ୍କିକା ଶ୍ରୋତା ଓ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଅଛି । 'ଅଶାନ୍ତ' ନାଟକ ପାଇଁ ସେ କେନ୍ଦ୍ରସାହିତ୍ୟ ପୁରସ୍କାର ଲାଭ କରିଛନ୍ତି ।

ନାଟ୍ୟକାର ପ୍ରାଣବନ୍ଧୁ କରଙ୍କ ରଚିତ 'ଶ୍ୱେତପଦ୍ମ' କଲିକତା ସର୍ବଭାରତୀୟ ନାଟକ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲା । ତାଙ୍କ ଦ୍ୱାରା ରଚିତ ଏକାଙ୍କିକାଗୁଡ଼ିକ ପ୍ରଥମ ଭାଗ ଓ ଦ୍ୱିତୀୟ ଭାଗ ନାମରେ ପ୍ରକାଶିତ ହୋଇଛି । 'ଅଶାନ୍ତ', 'ସ୍ନାୟୁ ସଂହାର', 'ଦୁଃଖାବତରଣ' ଆଦି ନାଟକ ଓ 'ଶୋଭାବର୍ଦ୍ଧନ', 'ପାଗଳ ଜନତାର ବାହାରେ', 'ଦଶବର୍ଷ ପରେ', 'ବାସ୍ତବ', 'ଶିଳ୍ପୀର ମୃତ୍ୟୁ', 'ପ୍ରବୀର ଦାସ', 'ଶିଶୁ', 'ସନ୍ଧ୍ୟା ଆସରର ଭୂତ', 'କିଛି ନାହିଁ ସେଥିରେ', 'ରାମଚନ୍ଦ୍ରର ସାଧନା' ଇତ୍ୟାଦି ପ୍ରଧାନ । ସ୍ୱଳ୍ପ ସମୟ ଭିତରେ ଦର୍ଶକର ମନୋରଞ୍ଜନ ଓ ଭାବ ଗମ୍ଭୀର ଲେଖା ଦର୍ଶକଙ୍କୁ ଆମୋଦିତ କରି ରଖିଥାଏ । ମୋଟ ଉପରେ ଓଡ଼ିଆ ଏକାଙ୍କିକା ଜଗତର ପ୍ରାଣବନ୍ଧୁ କର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ସମ୍ରାଟ ଏଥିରେ ସନ୍ଦେହ ନାହିଁ । ଏତଦ୍‌ବ୍ୟତୀତ ନାଟ୍ୟକାର 'ମାମୁଁ', 'ଛ'ମାଣ ଆଠଗୁଣ୍ଠ', 'ଲଛମା', 'ମାଟିର ମଣିଷ' ଉପନ୍ୟାସକୁ ସଫଳ ନାଟ୍ୟରୂପ ପ୍ରଦାନ କରି କଥାବସ୍ତୁଗୁଡ଼ିକ ଅଧିକ ଦର୍ଶକଙ୍କ ନିକଟରେ କରିଛନ୍ତି ।

ଅତ୍ୟାଚାରିତର ସାରମର୍ମ :

'ଅତ୍ୟାଚାରିତ' ଏକାଙ୍କିକା ଯଥାର୍ଥରେ ମାନସିକ ଆନ୍ଦୋଳନର ମନ୍ମୟ ପରିପ୍ରକାଶ । ଏକ ସମ୍ପୂର୍ଣ୍ଣ ପାରିବାରିକ ଘଟଣାକୁ ନେଇ ଏହା ରଚିତ । ଏଥିରେ ନାଟ୍ୟକାର ସାମ୍ପ୍ରତିକ ସ୍ଥିତିର ବିଭିନ୍ନ ସମସ୍ୟାକୁ ଉପସ୍ଥାପିତ କରିଛନ୍ତି । ଏକାଙ୍କିକାର ନାୟକ ହେଉଛନ୍ତି, ବ୍ରଜବିହାରୀ ପତି । ଯିଏକି ମାସରେ ୨୦ଦିନ ଟୁର୍‌ରେ ବାହାରକୁ ଯାଆନ୍ତି । ଟୁରରୁ ଫେରି ଆରାମ ଚେୟାରରେ ବସିପଡ଼ି ପେପର ଉପରେ ଆଖି ପକାଇଲା ବେଳେ ଦେଖିଛନ୍ତି ନିଜ ନିରୁଦ୍ଦିଷ୍ଟ ଖବର । ଏଥିରେ ବ୍ରଜବାବୁ ବିଚଳିତ ହୋଇଛନ୍ତି । କାରଣ ସେଥିରେ ନିଜ ପତ୍ନୀ ବନମାଳା ଲେଖିଛନ୍ତି, ମୋ ସ୍ୱାମୀ ବ୍ରଜବିହାରୀ ପତିଙ୍କୁ ଯଦି କେହି ମହିଳା ପାଇଥାନ୍ତି ତାହେଲେ ନିମ୍ନ ଠିକଣାରେ ଫେରସ୍ତ ଦେବେ । ଏହାପରେ ସେ ଜୋର୍‌ରେ ପାଟିକରି ଚାକର ଦନେଇକୁ ଡାକିଛନ୍ତି । ଦନେଇ ଆସିବା ଡେରି କରିବାରୁ ତାକୁ ପଚାରିଛନ୍ତି, ଏ ଘରେ କ'ଣ ସମସ୍ତେ ମରିଛନ୍ତି ! ଦନେଇ ଉତ୍ତରରେ କହିଛନ୍ତି ସମସ୍ତେ ଅଛନ୍ତି ଓ ବଞ୍ଚିଛନ୍ତି । ବ୍ରଜବିହାରୀ ବାବୁ ତାକୁ ଦନେଇ

ଡାକିବାରୁ, ତୁ କହିବାରୁ, ସେ ଯୁକ୍ତି କରିଛି । କାରଣ ତା ଦୃଷ୍ଟିରେ ମାଜିଷ୍ଟ୍ରେଟ୍ ବି ମଣିଷ ମୁଁ ବି ମଣିଷ । ତାଙ୍କୁ ଯଦି ବାବୁ କୁହାଗଲା ମୋତେ ବାବୁ ଡାକିଲେ କ୍ଷତି କ'ଣ ? ଚାକରର ବ୍ୟବହାର ବ୍ରଜଭାଇଙ୍କୁ ଅତିଷ୍ଠ କରିଛି । ଦନେଇ ନିଜକୁ ଜନାର୍ଦ୍ଦନ ବୋଲି ଡାକିବାକୁ କହିଛି । ଚାକରବାକର ଛୋଟ ଚାକିରି କଲେ ବି ସେମାନଙ୍କର ମାନ ମର୍ଯ୍ୟାଦା ଅଛି । ଚାକରିରେ କାର୍ଯ୍ୟ କରିବାର ସମୟ ନିର୍ଘଣ୍ଟ ହୋଇଛି ଓ ସେମାନଙ୍କର ନିଜସ୍ୱ ସଂଘ ଅଛି ଓ ସେମାନଙ୍କ ସଂଘର ନାମ ନିଖିଳ କଟକ ଚାକର ସଂଘ । ଏହି ସଂଘରେ ସେମାନଙ୍କର ବିଚାର ହୁଏ ଉପଯୁକ୍ତ ତଦାରଖ ପରେ ନହେଲେ ନାହିଁ । ଏକଥା ଜନାର୍ଦ୍ଦନ କହିଛି ।

ନିଖିଳ କଟକ ଚାକର ସଙ୍ଘର ସେକ୍ରେଟାରୀ ନିର୍ଦ୍ଦେଶରେ ସବୁ କାର୍ଯ୍ୟ ହୁଏ । ଏ ଭିତରେ ବ୍ରଜବାବୁ ଜନାର୍ଦ୍ଦନଙ୍କୁ ଦନେଇରୁ ଜନାର୍ଦ୍ଦନ ବାବୁ ସମ୍ବୋଧନ କରି ମା'ଙ୍କୁ ଡାକି ଦେବାପାଇଁ କହିଛନ୍ତି, ମାତ୍ର ସେ କାର୍ଯ୍ୟ ପାଇଁ ମଧ ଦନେଇ ରାଜି ହୋଇନାହିଁ କାରଣ ତା ସମୟ ସରିଯାଇଛି । ଏଥିରେ ପୁଣି ବାବୁଙ୍କ ପ୍ରଶ୍ନର ଉତ୍ତରରେ ନିଜର କାର୍ଯ୍ୟ କରିବାର ଏକ ସୂଚୀ ବାବୁଙ୍କୁ ପ୍ରଦାନ କରିଛି ଯାହା ତାଙ୍କ ସଂଘ ଦ୍ୱାରା ନିର୍ଦ୍ଧାରିତ ହୋଇଛି । ସେ କହିଛି ସକାଳ ସାତଟାରୁ ସନ୍ଧ୍ୟା ପାଞ୍ଚଟା ପର୍ଯ୍ୟନ୍ତ ସେମାନେ ଅଫିସ୍ କାର୍ଯ୍ୟ କରିବେ ୫ଟା ପରେ ବୁଲିବେ ସିନେମା ଦେଖିବେ । ଯେଉଁଠି ଥିଲେ ବି ରାତି ବାରଟା ଆଗରୁ ଘରକୁ ଫେରିବ । ଏସବୁ କଥା ଶୁଣି ବ୍ରଜବାବୁ ଜନାର୍ଦ୍ଦନଙ୍କୁ ବାହାର କରିବା ପାଇଁ ନିଖିଳ କଟକ ଚାକର ସଂଘକୁ ଚିଠି କରିଛନ୍ତି ଯାହାର ସମ୍ପାଦକ ନିଜେ ଜନାର୍ଦ୍ଦନ ବେହେରା ।

ପତ୍ନୀ ବନମାଳା ପହଞ୍ଚିବା ପରେ ତାଙ୍କର ବେଶଭୂଷା ଓ ଚାଲିଚଳଣରେ ଅତିଷ୍ଠ ହୋଇଛନ୍ତି ବ୍ରଜବାବୁ କିନ୍ତୁ ନିଜକୁ ନିରୁପାୟ ମନେ କରିଛନ୍ତି । କାରଣ ସ୍ତ୍ରୀ ହିସାବରେ ବନମାଳା ଭିତରେ ସେ କୌଣସି ପ୍ରତିକ୍ରିୟା ଦେଖିନାହାନ୍ତି । ବରଂ ସପ୍ତାହକ ପାଇଁ ଟୁର୍ ପ୍ରୋଗ୍ରାମ ଦୁଇ ମାସର କରିବା ଫଳରେ ସେ ନିରୁଦ୍ଦିଷ୍ଟ ଖବର ଖବରକାଗଜକୁ ଦେଇଛନ୍ତି । ସେ ନିରୁଦ୍ଦିଷ୍ଟ ନୁହେଁ ଯାଜପୁର ବନ୍ୟାଞ୍ଚଳକୁ ଯାଇଥିଲେ ବୋଲି କହିବା ପରେ ମଧ ବନମାଳା କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି କି ତାଙ୍କ ମନରେ କିଛି ପରିବର୍ତ୍ତନ ଘଟିନାହିଁ ସ୍ୱାମୀଙ୍କୁ ଅନେକ ଦିନ ହେଲା ଦେଖିନଥିବାର ଭାବ ତାଙ୍କ ପାଖରେ କିଛି ନାହିଁ । ସଜବାଜ ହୋଇ ଗୃହଲକ୍ଷ୍ମୀ ସମିତିସଭାକୁ ବାହାରିଛନ୍ତି । ସ୍ୱାମୀଙ୍କୁ, ବଡ଼ପୁଅ ପଢ଼ି ସାରିବା ପରେ ତାହାଇ ଜଳଖିଆ ଓ ସାନପୁଅକୁ କ୍ଷୀର ପିଇବାକୁ ଦେବାକୁ ବରାଦ କରିଛନ୍ତି ।

ସାନଭାଇ ରାଜେନ୍ଦ୍ର ଛାତ୍ର ସଂଗଠନର ନିୟମ ସବୁ ବଡ଼ ଭାଇକୁ ପଢ଼ାଇଛି । କିପରି ସ୍ୱାଧୀନ ଭାବରେ ଚଳିବ, ତା ସ୍ୱାଧୀନତା ଉପରେ କେହି ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ରୋକ୍ଠୋକ୍ ଶୁଣାଇଦେଇଛି । ଆହୁରି କହିଛି ପାଠ ନପଢ଼ି ମଧ ଉପର କ୍ଲାସ୍‌କୁ ଉତ୍ତୀର୍ଣ୍ଣ ହେବାର ନିୟମ ବିଷୟରେ କହିଛି । ପରୀକ୍ଷା ଥିବା ଜାଣି ସିନେମା ଦେଖିବାକୁ ଯାଇଛି । ଏହି ଟୁର୍, ଅଫିସ୍‌କାର୍ଯ୍ୟ, ଘରପାଇଁ ସମୟ ନଦେବା ଆଦି ଘଟଣା କିପରି ବ୍ରଜବାବୁଙ୍କ ପରିବାରକୁ ଅସଜଡ଼ା, ବେପରୱା କରିଦେଇଛି ସେ ଅନୁଭବ କରିଛନ୍ତି । ଏମିତିକି ପୁଅର ଟିଉସନ୍ ମାଷ୍ଟର ମଧ ବ୍ରଜବାବୁଙ୍କୁ ବେଖାତିର କରିଛି । ମାତ୍ର ୫୦ ମିନିଟ୍ ପାଠ ପଢ଼େଇ ସାରି ସେ ପିଲାମାନଙ୍କୁ ବେଶୀ ପଢ଼ାଇ କିଛି ଲାଭ ନାହିଁ ବୋଲି କହିଛନ୍ତି । ପିଲାମାନେ ବେଶୀ ଫେଲ୍ ହେଲେ ସେ ଅଧିକ ଟିଉସନ୍ ପାଇବେ ଏଥିଲା, ତାଙ୍କର ମାନସିକତା ସକାଳ ଓଳି ମାଷ୍ଟର ୬ଟି ସ୍ଥାନରେ ପାଠ ପଢ଼ାନ୍ତି । ଶିକ୍ଷକମାନଙ୍କର ମଧ ସଂଗଠନ ଅଛି ତାର ନାମ Low paid teachers Association ଯେହେତୁ ସେମାନେ ସ୍ୱଳ୍ପ ବେତନ ଭୋଗୀ ତେଣୁ ଅଧିକ ସମୟ ପାଠ ପଢ଼େଇବେ ନାହିଁ ।

ଶେଷରେ ବ୍ରଜବାବୁ 'ଅତ୍ୟାଚାରିତ ସ୍ୱାମୀ ସଂଘ'ର ଆଶ୍ରୟ ନେଇଛନ୍ତି । ସେଠାରେ ବିନୋଦ ବାବୁଙ୍କ ସହ ତାଙ୍କର ପରିଚୟ ପରେ ବିନୋଦବାବୁ କିପରି ସ୍ତ୍ରୀ ଦ୍ୱାରା ଅତ୍ୟାଚାରିତ ଓ ତାଙ୍କ ସ୍ତ୍ରୀ କିପରି ସ୍ୱେଚ୍ଛାଚାରିଣୀ, ବ୍ୟଭିଚାରିଣୀ

ସାଜିଛି ସେ ନିଜ ଘଟଣା ବର୍ଣ୍ଣନା କରିଛନ୍ତି । ସଂଘର ସର୍ବୋଚ୍ଚ କର୍ତ୍ତା ଶିବରାମ ବାବୁ ନିଷ୍ପତ୍ତି ନେଇଛନ୍ତି ଯେ ଯାହାସବୁ ଘଟଣା ଘଟିଛି ସେଥିପାଇଁ ନିଜେ ବ୍ରଜବାବୁ ଦାୟୀ । କାରଣ ସେ ଟୁର୍ ଉପରେ ଟୁର୍ କରିଛନ୍ତି ସ୍ତ୍ରୀର ମନକଥା ବୁଝିନାହାନ୍ତି । ଏ ସମସ୍ୟାର ସମାଧାନ ପାଇଁ ବ୍ରଜବାବୁଙ୍କୁ ଅନ୍ୟ ମହିଳାଙ୍କ ସହ ମିଳାମିଶା କରିବାକୁ ପରାମର୍ଶ ଦେଇଛନ୍ତି । ସେହି ସମୟରେ ନିଜେ ବନମାଳା ଦେବୀ ପହଞ୍ଚିଛନ୍ତି । ତାଙ୍କୁ ପରିଚିତ କରାଇଛନ୍ତି । ବିନୋଦ ବାବୁ ଯେ ବନମାଳା ଦେବୀ ପାରିବାରିକ ଥଇଥାନ ସମିତିର ଚେୟାରମ୍ୟାନ । ଶେଷରେ ବ୍ରଜବାବୁଙ୍କ ପାରିବାରିକ ସମସ୍ୟାର ଦାୟିତ୍ୱ ନିଜେ ବନମାଳା ଦେବୀ ଦେଇଛନ୍ତି । 'ଅତ୍ୟାଚାରିତ' ଏକାଙ୍କିକାଟିରେ ନାଟ୍ୟକାର ପାରିବାରିକ ଝଡ଼ ଓ ସମସ୍ୟାର କାରଣ ପରିବାର ପ୍ରତି ଅବହେଳା ପ୍ରଦର୍ଶନକୁ ହିଁ ଦର୍ଶାଇ ଏହାକୁ ଶେଷରେ ଆପଣଙ୍କ ସମିତିର ଚେୟାରମ୍ୟାନ୍ ମୋ ପତ୍ନୀ ବନମାଳା କହିବାରୁ ଏକାଙ୍କିକାଟି ଉତ୍କର୍ଷପୂର୍ଣ୍ଣ ଭାବରେ ସମାପ୍ତ ହୋଇଛି ।

## ପ୍ରଶ୍ନାବଳୀ

**୧. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ପ୍ରଶ୍ନର ମୂଲ୍ୟ ୧ ନମ୍ବର । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ ।**

(କ) ବ୍ରଜବିହାରୀଙ୍କୁ କିଏ ଡେଢ଼ିକରି କଥା କହୁଥିଲା ?

(କୁଲି, ଅନାଦି, ଦନେଇ, ବିନୋଦ)

ଉ.: ଦନେଇ ।

(ଖ) ଚାକରସଂଘର ଯେକୌଣସି ଚାକର କେତେଘଣ୍ଟାରୁ ବେଶି କାମ କରିପାରିବେନି ବୋଲି କୁହାଯାଇଛି ?

(ଆଠଘଣ୍ଟା, ନଅଘଣ୍ଟା, ଦଶଘଣ୍ଟା, ବାରଘଣ୍ଟା)

ଉ.: ଦଶଘଣ୍ଟା ।

(ଗ) କେତେଦିନ ପରେ ବ୍ରଜବିହାରୀ ଘରକୁ ଫେରିଥିଲେ ?

(ଚାରିମାସ, ତିନିମାସ, ଦୁଇମାସ, ଏକମାସ)

ଉ.: ଦୁଇମାସ ।

(ଘ) ବ୍ରଜବିହାରୀଙ୍କ ଅନୁପସ୍ଥିତିରେ ତାଙ୍କ ସାନଭାଇ ରାଜେନ୍ଦ୍ର କ'ଣ ହୋଇଯାଇଛି ବୋଲି ସେ କହିଲେ ?

(ଚତୁର, ଫାଜିଲ, ଅଭଦ୍ର, ଧୂରନ୍ଧର)

ଉ.: ଅଭଦ୍ର ।

(ଙ) "ଏଇ ଶେଷ ରେଜୋଲ୍ୟୁସନ ହିଁ ବାସ୍ତବିକ୍ ସବୁଠୁଁ ବାଞ୍ଛନୀୟ"-ଏହା କିଏ କହିଛନ୍ତି ?

(ରାଜେନ୍ଦ୍ର, ବନମାଳା, ବ୍ରଜବିହାରୀ, ଅନାଦିବାବୁ)

ଉ.: ବ୍ରଜବିହାରୀ ।

(ଚ) ରାଜେନ୍ଦ୍ର କେଉଁ ଫିଲ୍ମ ଦେଖିବାକୁ ଯାଉଥିଲା ?

(ରଖୱାଲା, ହମିତଓ୍ୱାଲି, ହଣ୍ଟରଓ୍ୱାଲି, ବିଡ଼ିଗାର୍ଡ଼)

ଉ.: ହଣ୍ଟରଓ୍ୱାଲି ।

(ଛ) ତାଙ୍କର କ'ଣ ସଂଘଫଙ୍ଗ ନାହିଁ ବୋଲି ବ୍ରଜବିହାରୀ କାହାକୁ ପଚାରିଲେ ?

(ଚାକରକୁ, ପତ୍ନୀଙ୍କୁ, ସାନଭାଇକୁ, ମାଷ୍ଟ୍ରେଙ୍କୁ)

ଉ.: ମାଷ୍ଟ୍ରେଙ୍କୁ ।

(ଜ) କେଉଁ ଡାକଟା ଗୋଟାଏ ଅବଜ୍ଞାସୂଚକ ସମ୍ବୋଧନ ବୋଲି କୁହାଯାଇଛି ?

(ଚାକର, ମାଷ୍ଟ୍ରେ, ହେ, ହଇହୋ)

ଉ.: ମାଷ୍ଟ୍ରେ ।

(ଝ) ବୁଲୁକୁ ପଢ଼େଇବାକୁ ମାଷ୍ଟ୍ରେ କେତେବେଳେ ଆସିଥିଲେ ?

(ସାଢ଼େ ତନିଟା, ସାଢ଼େ ଚାରିଟା, ସାଢ଼େ ପାଞ୍ଚଟା, ସାଢ଼େ ଛଅଟା)

ଉ.: ସାଢ଼େ ଚାରିଟା ।

(ଞ) ବୁଲୁର ପାଠପଢ଼ା ସାରି ମାଷ୍ଟ୍ରେ କେତେବେଳେ ଫେରି ଯାଇଥିଲେ ?

(ପାଞ୍ଚଟା କୋଡ଼ିଏ, ଚାରିଟାଟା କୋଡ଼ିଏ, ଛଅଟା କୋଡ଼ିଏ, ସାତଟା କୋଡ଼ିଏ)

ଉ.: ପାଞ୍ଚଟା କୋଡ଼ିଏ ।

(ଟ) ବୁଲୁକୁ ମାଷ୍ଟ୍ରେ କେତେ ମିନିଟ୍ ପଢ଼ାଇଥିଲେ ?

(ପଇଁଚାଳିଶି ମିନିଟ୍, ପଞ୍ଚାବନ ମିନିଟ୍,ପଚାଶ ମିନିଟ୍, ଚାଳିଶ ମିନିଟ୍)

ଉ.: ପଚାଶ ମିନିଟ୍ ।

(ଠ) ମାଷ୍ଟ୍ରେ ଓଳିକି କେତେଟା କରି ଟିଉସନ କରୁଥିଲେ ?

(ପାଞ୍ଚଟା, ଚାରିଟା, ତନିଟା, ଛଅଟା)

ଉ.: ଛଅଟା ।

(ଡ) ମାଷ୍ଟ୍ରେ ପାଠଗୁଡ଼ାକ କେଉଁଭଳି ପିଲାମାନଙ୍କୁ ଗଳେଇ ଦିଅନ୍ତି ?

(ଚକ୍‌ଲେଟ୍, ପିଲ୍, ବଟିକା, ଗୁଳି)

ଉ.: ପିଲ୍ ।

(ଢ) କେଉଁ କଥା ବୁଝିବା ଦରକାର ନାହିଁ ବୋଲି ବ୍ରଜବିହାରୀ ପ୍ରଶ୍ନ କରିଛନ୍ତି ?

(ପାଠ, ସତ୍ୟ, ଗଣିତ, ଭଲମନ୍ଦ)

ଉ.: ପାଠ ।

(ଣ) ବ୍ରଜବିହାରୀ ଜଣେ ଅତ୍ୟାଚାରିତ ସ୍ୱାମୀ ବୋଲି କାହାକୁ କହିଥିଲେ ?

(ବନମାଳାଙ୍କୁ, ବିନୋଦବାବୁଙ୍କୁ, ରାଜେନ୍ଦ୍ରଙ୍କୁ, ମାଷ୍ଟ୍ରେଙ୍କୁ)

ଉ.: ବିନୋଦବାବୁଙ୍କୁ ।

(ତ) ବିନୋଦ ଅତ୍ୟାଚାରିତ ସ୍ୱାମୀ ସଂଘର କେଉଁ ପଦବୀରେ ଥିଲେ ?

(ଚେୟାରମ୍ୟାନ, ସଭାପତି, ସମ୍ପାଦକ, ଉପ-ସଭାପତି)

ଉ.: ସମ୍ପାଦକ ।

(ଥ) 'ଅତ୍ୟାଚାରିତ ସ୍ୱାମୀ ସଂଘ', ଅତ୍ୟାଚାରିତ ସ୍ୱାମୀଙ୍କ ବିଷୟ ବୁଝିବାକୁ କେତେ ଫିସ୍ ନିଏ ?

(ପାଞ୍ଚଶହ, ତିନିଶହ, ଦୁଇଶହ, ଏକଶହ)

ଉ.: ଏକଶହ ।

(ଦ) 'ଅତ୍ୟାଚାରିତ ସ୍ୱାମୀ ସଂଘର ସାଇକିଆଟ୍ରିଷ୍ଟ କିଏ ଥିଲେ ?

(ବିନୋଦବାବୁ, ବସନ୍ତବାବୁ, ଶିବରାମବାବୁ, ଘନଶ୍ୟାମବାବୁ)

ଉ.: ଶିବରାମବାବୁ ।

(ଧ) ବନମାଳାଙ୍କର ବୟସ କେତେ ଥିଲା ?

(ପଇଁଚାଳିଶି, ବତିଶ, ତିରିଶ, ଛତିଶ)

ଉ.: ତିରିଶ ।

(ନ) ବ୍ରଜବିହାରୀଙ୍କ ବୟସ କେତେ ଥିଲା ?

(ଚାଳିଶ, ପଇଁଚାଳିଶ, ପଇଁତିରିଶ, ପଞ୍ଚାବନ)

ଉ.: ଚାଳିଶ ।

(ପ) ବନମାଳା ବିବାହ ହେଲାବେଳେ କଲେଜରେ କେଉଁ ଶ୍ରେଣୀରେ ପଢୁଥିଲେ ?

(+୨, ବି.ଏ., ଏମ୍.ଏ, ଆଇ.ଏ)

ଉ.: ଆଇ.ଏ ।

(ଫ) ବ୍ରଜବିହାରୀବାବୁ ମାସରେ କେତେଦିନ ଟୁର୍ କରନ୍ତି ?

(ପନ୍ଦରଦିନ, ସତରଦିନ, ଅଠରଦିନ, କୋଡ଼ିଏଦିନ)

ଉ.: କୋଡ଼ିଏଦିନ ।

(ବ) ଅନାଦିଙ୍କ ସ୍ତ୍ରୀଙ୍କ ନାମ କ'ଣ ଥିଲା ?

(ମିନତିଦେବୀ, ସୁଷମାଦେବୀ, ସେବତୀଦେବୀ, ବିନତିଦେବୀ)

ଉ.: ବିନତିଦେବୀ ।

(ଭ) ପାରିବରିକ ଅଭ୍ୟୁତ୍ଥାନ ସମିତିର ଚେୟାରମ୍ୟାନ କିଏ ଥିଲେ ?

(ବିନତିଦେବୀ, ବନମାଳାଦେବୀ, ମିନତିଦେବୀ, ମେଘମାଳାଦେବୀ)

ଉ.: ବନମାଳାଦେବୀ ।

**୨. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ : ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(କ) ବ୍ରଜବିହାରୀ ପତି କେଉଁ ପଦବୀରେ ଥିଲେ ?

ଉ.: ବ୍ରଜବିହାରୀ ପତି ଡେପୁଟି ମାଜିଷ୍ଟ୍ରେଟ୍ ପଦବୀରେ ଥିଲେ ।

(ଖ) ଦନେଇର ଭଲ ନାଁ କ'ଣ ଥିଲା ?

ଉ.: ଦନେଇର ଭଲ ନାମ ହେଲା ଜନାର୍ଦ୍ଦନ ବେହେରା ।

(ଗ) କେଉଁକଥା କହିପାରିବନି ବୋଲି ଦନେଇ ବ୍ରଜବିହାରୀଙ୍କୁ କହିଛି ?

ଉ.: ଦନେଇମା'ଙ୍କ କଥା କହିପାରିବନି ବୋଲି ବ୍ରଜବିହାରୀଙ୍କୁ କହିଛି ।

(ଘ) ଦନେଇ ନ ଡାକି ତାକୁ ଜନାର୍ଦ୍ଦନବାବୁ ଡାକିବାକୁ ସେ କେଉଁ ଯୁକ୍ତି ଦର୍ଶାଇଥିଲା ?

ଉ.: ଦନେଇର ଯୁକ୍ତିଥିଲା ବାବୁତ ମଣିଷ ସେତ ମଣିଷ । ଯଦି ବାବୁଙ୍କୁ ବାବୁ ଡକାଯିବ ତାହେଲେ ତାଙ୍କୁ କାହିଁକି ବାବୁ ଡକା ନ ଯିବ ।

(ଙ) କେଉଁ ସଂଘରେ ତାଙ୍କ ପାଇଁ ଆଇନ୍ ପାଶ୍ ହୋଇଛି ବୋଲି ଦନେଇ କହିଥିଲା ?

ଉ.: ନିଖିଳ କଟକ ଚାକର ସଂଘରେ ତାଙ୍କ ପାଇଁ ଆଇନ୍ ପାଶ୍ ହୋଇଛି ବୋଲି ଦନେଇ କହିଥିଲା ।

(ଚ) ଛୁଟି ପାଇବାପରେ ଚାକରମାନେ କ'ଣ କରିବେ ବୋଲି ଦନେଇ କହିଛି ?

ଉ.: ଛୁଟି ପାଇବାପରେ ଚାକରମାନେ ବୁଲିବେ ଓ ଥିଏଟର ସିନେମା ଦେଖିବେ ବୋଲି ଦନେଇ କହିଛି ।

(ଛ) ଚାକରମାନେ ଘରକୁ କେତେବେଳେ ଫେରିବେ ବୋଲି କୁହାଯାଇଛି ?

ଉ.: ଚାକରମାନେ ଘରକୁ ରାତି ବାରଟା ଆଗରୁ ଫେରିବେ ବୋଲି କୁହାଯାଇଛି ।

(ଜ) ନିଖିଳ କଟକ ଚାକର ସଭାର ସେକ୍ରେଟାରୀ କିଏ ଥିଲେ ?

ଉ.: ଜନାର୍ଦ୍ଦନ ବେହେରା ନିଜେ ନିଖିଳ କଟକ ଚାକର ସଭାର ସେକ୍ରେଟାରୀ ଥିଲେ ।

(ଝ) ଆଜିକାଲି କୌଣସି ପୁରୁଷ ନିରୁଦ୍ଦେଶ ହେବାର ଅର୍ଥ କ'ଣ ହୋଇପାରେ ?

ଉ.: ଆଜିକାଲି କୌଣସି ପୁରୁଷ ନିରୁଦ୍ଦେଶ ହେବାର ଅର୍ଥ କୌଣସି ନାରୀର କବଳରେ ପଡ଼ିଥିବା କାରଣରୁ ହେଇଛି ।

(ଞ) ଓଡ଼ିଶା କନ୍ଦିବିକନ୍ଦିରେ ଆଜିକାଲି କେଉଁମାନେ ଖୁନ୍ଦି ହୋଇଗଲେଣି ?

ଉ.: ଓଡ଼ିଶା କନ୍ଦିବିକନ୍ଦିରେ ଆଜିକାଲି ବନମାଳା ପରି ଦୁର୍ଦ୍ଦାନ୍ତ ନାରୀମାନେ ଖୁନ୍ଦି ହୋଇଗଲେଣି ।

(ଟ) ବନମାଳା ଦେବୀ କାହାର ସଭାନେତ୍ରୀ ଥିଲେ ?

ଉ.: ବନମାଳା ଦେବୀ ଗୃହଲକ୍ଷ୍ମୀ ସମିତିର ସଭାନେତ୍ରୀ ଥିଲେ ।

(ଠ) ଛାତ୍ରସଂଘର ନୂଆ ଆଇନ ଅନୁଯାୟୀ କୌଣସି ଗାର୍ଡ଼ିଆନ୍ ଛାତ୍ରର କେଉଁକଥା ଉପରେ ହସ୍ତକ୍ଷେପ କରିପାରିବେ ନାହିଁ ?

ଉ.: ଛାତ୍ରସଂଘର ନୂଆ ଆଇନ ଅନୁଯାୟୀ କୌଣସି ଗାର୍ଡ଼ିଆନ୍ ଛାତ୍ରର ସ୍ୱାଧୀନତା ଉପରେ ହସ୍ତକ୍ଷେପ କରିପାରିବେ ନାହିଁ ।

(ଡ) ଅଧ୍ୟାପକ ଓ ଶିକ୍ଷକମାନେ କ'ଣ କରିପାରିବେନି ବୋଲି କୁହାଯାଇଛି ?

ଉ.: ଅଧ୍ୟାପକ ଓ ଶିକ୍ଷକମାନେ ଛାତ୍ରମାନଙ୍କୁ ଶାସନ କରିପାରିବେନି ବୋଲି କୁହାଯାଇଛି ।

(ଢ) ପରୀକ୍ଷାରେ ସବୁ ସବ୍‌ଜେକ୍ଟରେ ବାସ୍ତବିକ ଫେଲ ହେଲେ ମଧ୍ୟ ସେମାନଙ୍କୁ କ'ଣ କରାଯିବ ବୋଲି କୁହାଯାଇଛି ?

ଉ.: ପରୀକ୍ଷାରେ ସବୁ ସବ୍‌ଜେକ୍ଟରେ ବାସ୍ତବିକ ଫେଲ ହେଲେ ମଧ୍ୟ ସେମାନଙ୍କୁ Sent-up ବା ଉପର କ୍ଲାସକୁ ଉଠେଇ ଦିଆଯିବ ବୋଲି କୁହାଯାଇଛି ।

(ଣ) ତାଙ୍କପାଇଁ କେଉଁ ସଂଘ ତିଆରି ହୋଇଛି ବୋଲି ମାଷ୍ଟ୍ରେ କହିଥିଲେ ?

ଉ.: ତାଙ୍କପାଇଁ Low-paid teacher's Association ତିଆରି ହୋଇଛି ବୋଲି ମାଷ୍ଟ୍ରେ କହିଥିଲେ ।

(ତ) ଏଣିକି ତାଙ୍କୁ କ'ଣ ଡାକିବାକୁ ମାଷ୍ଟ୍ରେ ବ୍ରଜବିହାରୀଙ୍କୁ କହିଥିଲେ ?

ଉ.: ଏଣିକି ତାଙ୍କୁ ମାଷ୍ଟ୍ରେ ବାବୁ ଡାକିବାକୁ ମାଷ୍ଟ୍ରେ ବ୍ରଜବିହାରୀଙ୍କୁ କହିଥିଲେ ।

(ଥ) ଆଜିକାଲି କେଉଁକଥା ଭାରି ସହଜ ବୋଲି ମାଷ୍ଟ୍ରେ କହିଛନ୍ତି ?

ଉ.: ଆଜିକାଲି ପାଠ ପଢ଼େଇବା ଭାରି ସହଜ ବୋଲି ମାଷ୍ଟ୍ରେ କହିଛନ୍ତି ।

(ଦ) ମାଷ୍ଟରକୁଳ ଭାସିଯିବେ ବୋଲି କାହିଁକି କୁହାଯାଇଛି ?

ଉ.: ପିଲାମାନେ ବୁଝିକରି ପାଠ ପଢ଼ିଲେ ମାଷ୍ଟରକୁଳ ଭାସିଯିବେ ବୋଲି କୁହାଯାଇଛି ।

(ଧ) କେଉଁ କଥାରେ ବିପଦ ବୋଲି ମାଷ୍ଟ୍ରେ କହିଛନ୍ତି ?

ଉ.: ପିଲାମାନେ ବୁଝି ପାଠ ପଢ଼ିଲେ ବିପଦ ବୋଲି ମାଷ୍ଟ୍ରେ କହିଛନ୍ତି ।

(ନ) ବ୍ରଜବିହାରୀଙ୍କ ଦୁଇପୁଅଙ୍କର ନାମ କ'ଣ ?

ଉ.: ବ୍ରଜବିହାରୀଙ୍କ ଦୁଇପୁଅଙ୍କର ନାମ ବୁଲୁ ଓ ଟୁଲୁ ।

(ପ) ବ୍ରଜବିହାରୀବାବୁ କେତେବର୍ଷ ହେଲା ବିବାହ କରିଥିଲେ ବୋଲି କହିଛନ୍ତି ?

ଉ.: ବ୍ରଜବିହାରୀବାବୁ ପନ୍ଦରବର୍ଷ ହେଲା ବିବାହ କରିଥିଲେ ବୋଲି କହିଛନ୍ତି ।

(ଫ) ବନମାଳା କଲେଜରେ କେଉଁ ଶ୍ରେଣୀରେ କେତେଥର ଫେଲ୍ ହୋଇଥିଲେ ?

ଉ.: ବନମାଳା କଲେଜରେ କେଉଁ ଶ୍ରେଣୀରେ ୩ ଥର ଫେଲ୍ ହୋଇଥିଲେ ।

(ବ) ବ୍ରଜବିହାରୀଙ୍କ ବଡ଼ପୁଅ ତାଙ୍କ ସାନପୁଅଠାରୁ କେତେବଡ଼ ଥିଲା ?

ଉ.: ବ୍ରଜବିହାରୀଙ୍କ ବଡ଼ପୁଅ ତାଙ୍କ ସାନପୁଅଠାରୁ ନଅବର୍ଷ ବଡ଼ ଥିଲା ।

(ଭ) ବ୍ରଜବିହାରୀ ତାଙ୍କ ସ୍ତ୍ରୀଙ୍କୁ କାହିଁକି ସିନେମା ଥିଏଟର ଦେଖାଇ ନେଇ ପାରନ୍ତିନି ?

ଉ.: ବ୍ରଜବିହାରୀ ତାଙ୍କ ସ୍ତ୍ରୀଙ୍କୁ ସିନେମା ଦେଖାଇ ନେଇ ନ ପାରିବାର କାରଣ ହେଲା ଟୁର୍‌ରେ ଯିବା ଓ ଅଫିସ କାମରେ ବ୍ୟସ୍ତ ପାଇଁ ।

(ମ) କେଉଁ ଆହତ ସୈନ୍ୟମାନଙ୍କ ପାଇଁ ବନମାଳା ସ୍ୱେଟର, ମଫଲର ବୁଣୁଥିଲେ ?

ଉ.: ଇଣ୍ଡୋନେସିଆର ଆହତ ସୈନ୍ୟମାନଙ୍କ ପାଇଁ ବନମାଳା ସ୍ୱେଟର ଓ ମଫଲର ବୁଣୁଥିଲେ ।

(ଯ) ସାଇକିଆଟ୍ରିଷ୍ଟ ଶେଷରେ କାହାର ଦୋଷ ଦେଇଛନ୍ତି ?

ଉ.: ସାଇକିଆଟ୍ରିଷ୍ଟ ଶେଷରେ ବ୍ରଜବିହାରୀବାବୁଙ୍କୁ ଦୋଷ ଦେଇଛନ୍ତି ।

(ର) ବ୍ରଜବିହାରୀଙ୍କର କେଉଁମାନଙ୍କ ବିଷୟରେ ଧାରଣା ନାହିଁ ବୋଲି କୁହାଯାଇଛି ?

ଉ.: ବ୍ରଜବିହାରୀଙ୍କର ନାରୀମାନଙ୍କ ବିଷୟରେ ଧାରଣା ନାହିଁ ବୋଲି କୁହାଯାଇଛି ।

(ଲ) ନାରୀ କ'ଣ କରିବେ ବୋଲି ବ୍ରଜବିହାରୀ କହିଛନ୍ତି ?

ଉ.: ନାରୀ କେବଳ ବିବାହ କରି ପିଲାଛୁଆ ଜନ୍ମ କରିବେ ବୋଲି ବ୍ରଜବିହାରୀ କହିଛନ୍ତି ।

(ଳ) ତାଙ୍କୁ କ'ଣ କରିବାକୁ ଚେଷ୍ଟା କରନ୍ତୁ ବୋଲି ବ୍ରହଜବିହାରୀ ଶିବରାମଙ୍କୁ କହିଛନ୍ତି ?

ଉ.: ବ୍ରଜବିହାରୀ ଶିବରାମଙ୍କୁ କହିଛନ୍ତି ମୋତେ ସାମାଜିକ କରିବାକୁ ଚେଷ୍ଟା କରନ୍ତୁ ।

(ଶ) ବ୍ରଜବିହାରୀଙ୍କ ପରି ଅନାଦି ବି କ'ଣ ଥିଲେ ?

ଉ.: ବ୍ରଜବିହାରୀଙ୍କ ପରି ଅନାଦି ଅତ୍ୟାଚାରିତ ସ୍ୱାମୀ ଥିଲେ ।

(ଷ) ଅନାଦିବାବୁଙ୍କ ଆଦର ସମାଜରେ କେଉଁ ଭାବରେ ବଢୁଥିଲା ?

ଉ.: ଅନାଦିବାବୁଙ୍କ ଆଦର ସମାଜରେ ବିନତୀ ଦେବୀଙ୍କ ସ୍ୱାମୀ ଭାବରେ ବଢୁଥିଲା ।

(ସ) ବ୍ରଜବାବୁଙ୍କ କେସ୍‌ଟା ବଡ଼ ସାଂଘାତିକ ବୋଲି କାହିଁକି କୁହାଯାଇଛି ?

ଉ.: କାରଣ ଅନାଦି ବାବୁ ସ୍ତ୍ରୀ ଅନ୍ୟ ସହ ପ୍ରଣୟରେ ଲିପ୍ତ ଅଛନ୍ତି ବୋଲି ।

(ହ) ସ୍ତ୍ରୀଙ୍କ ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ଅନାଦି ବାବୁ କାହାର ସାହାଯ୍ୟ ନେଇଥିଲେ ?

ଉ.: ସ୍ତ୍ରୀଙ୍କ ଅତ୍ୟାଚାରରୁ ରକ୍ଷା ପାଇବା ପାଇଁ ଅନାଦି ବାବୁ 'ଅତ୍ୟାଚାରିତ ସ୍ୱାମୀ ସଂଘ'ର ସାହାଯ୍ୟ ନେଇଥିଲେ ।

(କ୍ଷ) କେଉଁ ବିଷୟରେ ସନ୍ଦେହ ରହିବା ଉଚିତ ନୁହେଁ ବୋଲି ବିନୋଦବାବୁ ବ୍ରଜବିହାରୀଙ୍କୁ କହିଥିଲେ ?

ଉ.: ସଂଘର ସାଧୁ ଉଦ୍ଦେଶ୍ୟ ବିଷୟରେ ସନ୍ଦେହ ରହିବା ଉଚିତ ନୁହେଁ ବୋଲି ବିନୋଦବାବୁ ବ୍ରଜବିହାରୀଙ୍କୁ କହିଥିଲେ ।

**୩. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ : ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକ ସୂଚନା ପାଇଁ ୧ ନମ୍ବର ଏବଂ ଉତ୍ତର ପାଇଁ ୧ ନମ୍ବର ରହିବ ।**

(କ) ବ୍ରଜବିହାରୀଙ୍କ ବୟସ କେତେ ଥିଲା ଓ ସେ ଦେଖିବାକୁ କିପରି ଥିଲେ ?

ଉ.: ଏହି ଏକାଙ୍କିକାଟିର ନାମ 'ଅତ୍ୟାଚାରିତ' ଓ ନାଟ୍ୟକାର ପ୍ରାଣବନ୍ଧୁ କର । ବ୍ରଜବିହାରୀଙ୍କ ବୟସ ୪୦ ବର୍ଷ ଥିଲା ଓ ଥିଲେ ସ୍ୱାସ୍ଥ୍ୟବାନ, ଗୌରବର୍ଣ୍ଣ । କୁଞ୍ଚୁକୁଞ୍ଚୁଆ ବାଳ, ଆଖିରେ ତାଙ୍କର ଚଷମା ପରିଧାନ କରୁଥିଲେ ।

(ଖ) "ତୋ ମୁଣ୍ଡ ବିଗିଡ଼ିଯାଇଛି କିରେ" – ଏହା କିଏ କାହାକୁ କାହିଁକି କହିଛନ୍ତି ?

ଉ.: ଏହି ଏକାଙ୍କିକାଟିର ନାମ 'ଅତ୍ୟାଚାରିତ' ଓ ନାଟ୍ୟକାର ପ୍ରାଣବନ୍ଧୁ କର । ଏହି ଉକ୍ତିଟି ବ୍ରଜବିହାରୀ ଚାକର ଦନେଇକୁ କହିଛନ୍ତି । ଯେତେବେଳେ ଦନେଇ ତାଙ୍କୁ ଜନାର୍ଦ୍ଦନ ବାବୁ ସମ୍ବୋଧନ କରି ଡାକିବାକୁ କହିଛି ।

(ଗ) କେଉଁ ଆଇନ ପାଶ୍ ହୋଇଗଲାଣି ବୋଲି ଦନେଇ କହିଛି ଓ କାହିଁକି ?

ଉ.: ଏହି ଏକାଙ୍କିକାଟିର ନାମ 'ଅତ୍ୟାଚାରିତ' ଓ ନାଟ୍ୟକାର ପ୍ରାଣବନ୍ଧୁ କର । ବ୍ରଜବାବୁ ଚଢ଼ାଗଳାରେ ରାଗି ଦନେଇକୁ ତୁ ବୋଲି କହିବାରୁ ଦନେଇ କହିଛି ଆଜିକାଲି ଛୋଟ ବଡ଼ ସବୁ ସମାନ କେହି କାହାକୁ ତୁ ତା, ରେ ରା କହିପାରିବେ ନାହିଁ । ଏଥିପାଇଁ ଆଇନ ତିଆରି ହେଲାଣି ।

(ଘ) ଦନେଇକୁ ଲେଖିପଢ଼ି ଆସେ କି ନାହିଁ ପଚାରିବାରୁ ବ୍ରଜବିହାରୀଙ୍କୁ ଦନେଇ କି ଉତ୍ତର ଦେଇଛି ?

ଉ.: ଏହି ଏକାଙ୍କିକାଟିର ନାମ 'ଅତ୍ୟାଚାରିତ' ଓ ନାଟ୍ୟକାର ପ୍ରାଣବନ୍ଧୁ କର । ଦନେଇକୁ ଲେଖିପଢ଼ି ଆସେ କି ନାହିଁ ଉତ୍ତରରେ ଦନେଇ କହିଛି ମୋତେ ଦସ୍ତଖତ କରି ଆସେ ବା ଦରଖାସ୍ତଗୁଡ଼ିକୁ ଆଉ କାହା ହାତରେ ପଢ଼େଇ ନେବି ।

(ଙ) ଦରଖାସ୍ତ ପାଇ ଦନେଇ କ'ଣ କହିଥିଲା ?

ଉ.: ଏକାଙ୍କିକାଟିର ନାମ 'ଅତ୍ୟାଚାରିତ' ଓ ନାଟ୍ୟକାର ପ୍ରାଣବନ୍ଧୁ କର । ଦରଖାସ୍ତ ପାଇ ଦନେଇ କହିଥିଲା, ହଉ ତେବେ ମୁଁ ଏ କଥା ତାଙ୍କ ସଂଘରେ ପକେଇବି ।

(ଚ) ପୁରୁଷମାନଙ୍କର ଆଉ ଚାରା ନାହିଁ କାହିଁକି ?

ଉ.: ଏହି ଏକାଙ୍କିକାଟିର ନାମ 'ଅତ୍ୟାଚାରିତ' ଓ ନାଟ୍ୟକାର ପ୍ରାଣବନ୍ଧୁ କର । ଏକଥା ବ୍ରଜବାବୁ କହିଛନ୍ତି ଯେ ନାରୀମାନେ ବନମାଳା ଦେବୀ ପରି ଦୁର୍ଦ୍ଦାନ୍ତ ହେଲେଣି ଓ ଓଡ଼ିଶାର ଗଳିକନ୍ଦିରୁ ଅନେକ ନାରୀ ଏଭଳି ବାହାରିବେ କାରଣ ସବୁ ଜିଲ୍ଲାରେ କଲେଜ ପୁଣି ସହଶିକ୍ଷା । ତେଣୁ ପୁରୁଷମାନଙ୍କର ଚାରା ନାହିଁ ।

(ଛ) ଗୃହଲକ୍ଷ୍ମୀ ସମିତି ଦ୍ୱାରା ଗଢ଼ା ସଂଘଟିର ପ୍ରଧାନ ଲକ୍ଷ କ'ଣ ଥିଲା ?

ଉ.: ଏକାଙ୍କିକାଟି 'ଅତ୍ୟାଚାରିତ'ରୁ ଆସିଅଛି ଓ ଏହାର ନାଟ୍ୟକାର ପ୍ରାଣବନ୍ଧୁ କର । ଗୃହଲକ୍ଷ୍ମୀ ସମିତି ଦ୍ୱାରା ଗଢ଼ା ସଂଘଟିର ପ୍ରଧାନ ଲକ୍ଷ୍ୟ ହେଲା ଉପଯୁକ୍ତ ଗୃହିଣୀ ଗଢ଼ିବା ।

(ଜ) କେଉଁଥିରେ ବଡ଼ଭାଇ ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ରାଜେନ୍ଦ୍ର କହିଛି ?

ଉ.: ଉକ୍ତ ପଦ୍ୟାଂଶଟି 'ଅତ୍ୟାଚାରିତ'ଏକାଙ୍କିକାରୁ ଆସିଅଛି, ଏହାର ଲେଖକ ପ୍ରାଣବନ୍ଧୁ କର । ରାଜେନ୍ଦ୍ର କହିଛି ଯେ ଛାତ୍ରର ବ୍ୟକ୍ତିଗତ ସ୍ୱାଧୀନତା ଉପରେ ବଡ଼ଭାଇ ହସ୍ତକ୍ଷେପ କରିପାରିବେ ନାହିଁ ।

(ଝ) ଅଧ୍ୟାପକ ଓ ଶିକ୍ଷକମାନଙ୍କ ପାଇଁ କିଏ କେଉଁ ଆଇନ ତିଆରି କରିଛନ୍ତି ?

ଉ.: ଉକ୍ତ ପାଠ୍ୟାଂଶଟି 'ଅତ୍ୟାଚାରିତ' ଏକାଙ୍କିକାରୁ ଆନୀତ ଓ ଏହାର ନାଟ୍ୟକାର ପ୍ରାଣବନ୍ଧୁ କର । ଅଧ୍ୟାପକ ଓ ଶିକ୍ଷକମାନଙ୍କ ପାଇଁ ଛାତ୍ର ସଂଘ ଆଇନ ତିଆରି କରିଛନ୍ତି । ଯେଉଁଥିରେ ଶିକ୍ଷକମାନେ ଛାତ୍ରମାନଙ୍କୁ ଶାସନ କରିପାରିବେ ନାହିଁ ।

(ଞ) ଛାତ୍ରଙ୍କ ପରୀକ୍ଷା ଫଳ ସମ୍ପର୍କରେ ନୂଆ ଆଇନରେ କ'ଣ କୁହାଯାଇଛି ?

ଉ.: ଏହା ଅତ୍ୟାଚାରିତ ଏକାଙ୍କିକାରୁ ଆସିଅଛି ଓ ଲେଖକ ପ୍ରାଣବନ୍ଧୁ କର । ଛାତ୍ରମାନଙ୍କ ପରୀକ୍ଷା ଫଳ ସମ୍ପର୍କରେ ନୂଆ ଆଇନରେ କୁହାଯାଇଛି ଯେ ପିଲାମାନେ ପରୀକ୍ଷାରେ ଫେଲ ହେଲେ ମଧ୍ୟ ସେମାନଙ୍କୁ ପରବର୍ତ୍ତୀ କ୍ଲାସ୍‌କୁ ଉତ୍ତୀର୍ଣ୍ଣ କରାଯିବ ।

(ଟ) ଲେଡ଼ି ଷ୍ଟୁଡ଼େଣ୍ଟମାନଙ୍କ ସମ୍ପର୍କରେ ନୂଆ ଆଇନରେ କ'ଣ କୁହାଯାଇଛି ?

ଉ.: ଉକ୍ତ ବିଷୟଟି ପ୍ରାଣବନ୍ଧୁକରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ ଆସିଅଛି । ଲେଡ଼ି ଷ୍ଟୁଡ଼େଣ୍ଟମାନଙ୍କ ସମ୍ପର୍କରେ ନୂଆ ଆଇନରେ କୁହାଯାଇଛି ଯେ ସେମାନେ କ୍ଲାସ୍‌ରେ ଅଲଗା ନବସି ଛାତ୍ରମାନଙ୍କ ସହ ମିଶି ଗୋଟିଏ ବେଞ୍ଚରେ ବସିବେ ।

(ଠ) କାଲି ପରୀକ୍ଷା ଦୃଷ୍ଟିରୁ ରାଜେନ୍ଦ୍ରକୁ କ'ଣ କରିବାକୁ ହେବ ବୋଲି ବଡ଼ ଭାଇ କହିଛନ୍ତି ?

ଉ.: ଏହା ପ୍ରାଣବନ୍ଧୁକରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ ଆସିଅଛି । ବଡ଼ଭାଇ ବ୍ରଜ ରାଜେନ୍ଦ୍ରକୁ କାଲି ପରୀକ୍ଷା ଅଛି ପଢ଼ି ପଢ଼ି ମୁଣ୍ଡ ଗରମ ହୋଇଯିବଣି ସିନେମା ଦେଖି ଆସିବାକୁ ବାହାରିଛୁ ବୋଲି ବ୍ୟଙ୍ଗ ଭାବରେ କହିଛନ୍ତି ।

(ଡ) ବ୍ରଜବିହାରୀ କେଉଁକଥା ଭୁଲି ଯାଇଥିଲେ ବୋଲି ମାଷ୍ଟ୍ରେଙ୍କୁ କହିଥିଲେ ?

ଉ.: ଏହା ପ୍ରାଣବନ୍ଧୁକରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ ଆସିଅଛି । Low paid teacher's

Association କଥା ବ୍ରଜବାବୁ ଭୁଲି ଯାଇଥିଲେ ବୋଲି ମାଷ୍ଟ୍ରଙ୍କୁ କହିଥିଲେ ।

(ଢ) ବୁଲୁକୁ ପଢ଼ାଇବାକୁ ମାଷ୍ଟ୍ରେ କେତେବେଳେ ଆସିଥିଲେ ଓ କେତେବେଳେ ଯାଇଥିଲେ ?

ଉ.: ଏହା ପ୍ରାଣବନ୍ଧୁକରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ ଆସିଅଛି । ବୁଲୁକୁ ପଢ଼ାଇବାକୁ ମାଷ୍ଟ୍ରେ ସାଢ଼େ ଚାରିଟା ବେଳେ ଆସି ପାଞ୍ଚଟା କୋଡ଼ିଏରେ ଯାଇଥିଲେ ।

(ଣ) ପାଠ ମୁଖସ୍ଥ କରିଦେଲେ ପିଲାଙ୍କର କ'ଣ ହେବ ବୋଲି କୁହାଯାଇଛି ?

ଉ.: ଏହା ପ୍ରାଣବନ୍ଧୁକରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ ଆସିଅଛି । ପାଠ ମୁଖସ୍ଥ କରିଦେଲେ ପିଲାମାନେ ପରୀକ୍ଷା ଖାତାରେ ଲେଖୁ ଲେଖୁ ଯୋଉଠି ଅଟକିଲେ, ସେଇଠି ଆଉ ମୁଣ୍ଡରୁ କିଛି ବାହାରିବ ନାହିଁ ବୋଲି ମାଷ୍ଟ୍ରେ କହିଛନ୍ତି ।

(ତ) ବ୍ରଜବିହାରୀ ପରିବାର ସମୁଦାୟ କେତେଜଣ ଥିଲେ ଓ କିଏ କିଏ ?

ଉ.: ଏହା ପ୍ରାଣବନ୍ଧୁକରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ ଆସିଅଛି । ବ୍ରଜବିହାରୀ ପରିବାରର ଚାକରକୁ ମିଶେଇ ଛଅଜଣ ଓ ସେମାନଙ୍କ ନାମ ବ୍ରଜବିହାରୀ, ବନମାଳା, ବୁଲୁ, ଟୁଲୁ, ରାଜୁ ଓ ଚାକର ଦନେଇ ।

(ଥ) ବ୍ରଜବିହାରୀ କେଉଁ କଥା ମନେପଡୁନି ବୋଲି ସେ ସାଇକିଆଟ୍ରିଷ୍ଟଙ୍କୁ କହିଥିଲେ ।

ଉ.: ଏହା ପ୍ରାଣବନ୍ଧୁକରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ ଆସିଅଛି । ବ୍ରଜବିହାରୀ ସ୍ତ୍ରୀଙ୍କୁ 'ତମେ ଖୁବ୍ ସୁନ୍ଦରୀ' କହିଥିବା କଥା ମନେପଡୁନି ବୋଲି ସାଇକିଆଟ୍ରିଷ୍ଟଙ୍କୁ କହିଥିଲେ ।

(ଦ) ସାଇକିଆଟ୍ରିଷ୍ଟ ବ୍ରଜବିହାରୀଙ୍କ କେଉଁ ଦୋଷ ଥିବାର ସୂଚନା ଦେଇଛନ୍ତି ?

ଉ.: ଏହା ପ୍ରାଣବନ୍ଧୁକରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ ଆସିଅଛି । ବ୍ରଜବିହାରୀଙ୍କର ଦୋଷକଥା ଉଲ୍ଲେଖ କରି ସାଇକ୍ରିଆଟ୍ରିଷ୍ଟ କହିଛନ୍ତି ଯେ ସେ ଅସାମାଜିକ ହୋଇପଡ଼ିଛନ୍ତି ଓ ସ୍ତ୍ରୀ ସହ ବିଶେଷ ମିଳାମିଶା କରିପାରି ନାହାନ୍ତି ।

(ଧ) ବ୍ରଜବିହାରୀ କେଉଁକଥା କରିଥାନ୍ତେ ଓ କେଉଁକଥା ନକରିଥାନ୍ତେ ବୋଲି ସାଇକିଆଟ୍ରିଷ୍ଟ କହିଛନ୍ତି ?

ଉ.: ଏହା ପ୍ରାଣବନ୍ଧୁକରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ ଆସିଅଛି । ବ୍ରଜବାବୁ ଚାକିରି କରିଥାନ୍ତେ ଓ ସ୍ତ୍ରୀ ସଂସାର କରିନଥାନ୍ତେ ବୋଲି ସାଇକିଆଟ୍ରିଷ୍ଟ କହିଛନ୍ତି ।

(ନ) ପାରିବାରିକ ଥଇଥାନ କମିଟି କେଉଁ ଦଗରେ କାର୍ଯ୍ୟ କରେ ?

ଉ.: ଏହା ପ୍ରାଣବନ୍ଧୁକରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ ଆନୀତ । ପାରିବାରିକ ଥଇଥାନ କମିଟି ଅତ୍ୟାଚାରିତ ସ୍ୱାମୀମାନଙ୍କ ପରିବାରରେ ଶାନ୍ତି ଶୃଙ୍ଖଳା ଫେରାଇ ଆଣିବାକୁ କାର୍ଯ୍ୟ କରେ ।

(ପ) ପାରିବାରିକ ଥଇଥାନ ସମିତିରେ କେଉଁମାନେ କାର୍ଯ୍ୟ କରୁଥିବାର ଶିବରାମ କହିଛନ୍ତି ?

ଉ.: ଏହା ପ୍ରାଣବନ୍ଧୁକରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ ଆସିଅଛି । ପାରିବାରିକ ଥଇଥାନ କମିଟିରେ ବହୁ ଭଦ୍ରମହିଳା କାର୍ଯ୍ୟ କରୁଛନ୍ତି । ଅତ୍ୟାଚାରିତ ସ୍ୱାମୀମାନଙ୍କୁ ସାମାଜିକ କରିବା ପାଇଁ ଏମାନେ ସାହାଯ୍ୟ କରିଥାନ୍ତି ବୋଲି

ଶିବରାମ କହିଛନ୍ତି ।

(ଫ) ରସିଦ୍ ଦେବାବେଳେ ଶିବରାମ ବ୍ରଜବିହାରୀଙ୍କୁ କ'ଣ କହିଥିଲେ ?

ଉ.: ଏହା 'ଅତ୍ୟାଚାରିତ' ଏକାଙ୍କିକାରୁ ଆସିଅଛି ଓ ଲେଖକ ପ୍ରାଣବନ୍ଧୁ କର । ଆପଣ ସନ୍ଧ୍ୟାବେଳେ ଆସନ୍ତୁ ଆପଣଙ୍କର ସବୁ ବ୍ୟବସ୍ଥା କରିଦିଆଯିବ ବୋଲି ଶିବ କୁମାର କହିଛନ୍ତି ।

(ବ) ଅନାଦି ଉପରେ ତାଙ୍କ ସ୍ତ୍ରୀ କାହିଁକି ଅତ୍ୟାଚାର ଆରମ୍ଭ କରିଦେଇଥିଲେ ?

ଉ.: ଏହା ପ୍ରାଣବନ୍ଧୁକରଙ୍କ 'ଅତ୍ୟାଚାରିତ' ଏକାଙ୍କିକାର ଅଂଶବିଶେଷାସିଅଛି । । ଅନାଦି ତାଙ୍କ ସ୍ତ୍ରୀଙ୍କ ସବୁକଥା ଉପରେ ଅତିବେଶି ଆଖିଦେବାରୁ ତାଙ୍କ ସ୍ତ୍ରୀ ତାଙ୍କ ଉପରେ ଅତ୍ୟାଚାର ଆରମ୍ଭ କରିଦେଇଥିଲେ ।

(ଭ) ଆପଣ ତାଙ୍କୁ ଚିହ୍ନନ୍ତି ? ବିନୋଦବାବୁଙ୍କ ଏ ପ୍ରଶ୍ନର ଉତ୍ତରରେ ବନମାଳା ଦେବୀ କ'ଣ କହିଥିଲେ ?

ଉ.: ଏହା 'ଅତ୍ୟାଚାରିତ' ଏକାଙ୍କିକାରୁ ଆସିଅଛି ଓ ନାଟ୍ୟକାର ପ୍ରାଣବନ୍ଧୁ କର । ବନମାଳା ଦେବୀଙ୍କୁ ବିନୋଦବାବୁ ଆପଣ ତାଙ୍କ ଚିହ୍ନାନ୍ତି ବୋଲି ପ୍ରଶ୍ନ କରିବାରୁ ବନମାଳା ଦେବୀ କହିଥିଲେ, ମୁଁ ତାଙ୍କୁ ଭଲ ଭାବରେ ଚିହ୍ନେ ଓ ତାଙ୍କୁ ତାଙ୍କ ସ୍ତ୍ରୀଙ୍କ ଅତ୍ୟାଚାରରୁ ମୁଁ ମୁକ୍ତ କରିବି ବୋଲି କହିଛନ୍ତି ।

(ମ) ବିନୋଦ ଓ ଅନାଦି କାହିଁକି ବିସ୍ମିତ ହୋଇଥିଲେ ?

ଉ.: ଏହା ପ୍ରାଣବନ୍ଧୁକରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ ଆସିଅଛି । ସ୍ତ୍ରୀ ବିଷୟରେ ଅଭିଯୋଗ ପାଇଁ ଆସିଥିବା ବ୍ରଜବାବୁ, ସମିତିର ଚେୟାରମ୍ୟାନ ବନମାଳା ଦେବୀଙ୍କ ସ୍ୱାମୀ ବୋଲି ଜାଣିବା ପରେ ବିନୋଦ ଓ ଅନାଦି ବିସ୍ମିତ ହୋଇଥିଲେ ?

**୪. ୩୦ଟି ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକ ସୂଚନା ପାଇଁ ୧ ନମ୍ବର ଓ ଉତ୍ତର ପାଇଁ ୨ ନମ୍ବର ରହିବ ।**

(କ) ବ୍ରଜବାବୁ ବୈଠକ ଖାନାରେ ପ୍ରବେଶ କଲାପରେ କ'ଣ କରିଥିଲେ ?

ଉ.: ଏହା ନାଟ୍ୟକାର ପ୍ରାଣବନ୍ଧୁ କରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ ଆସିଅଛି । ବ୍ରଜବାବୁ ଦୀର୍ଘଦିନ ପରେ ଟୁର୍‌ରୁ ଫେରିବା ପରେ ବୈଠକ ଖାନାକୁ ପ୍ରବେଶ କଲେ । ପଛେ ପଛେ କୁଲି ଜିନିଷପତ୍ର ଧରି ପ୍ରବେଶ କଲା, ତା'ର ପ୍ରାପ୍ୟ ଦେଇସାରିବା ପରେ ଆରାମ ଚୌକି ଉପରେ ବସିପଡ଼ି ଶାନ୍ତିରେ ନିଶ୍ୱାସ ମାରିଲେ ଓ ଫ୍ୟାନ୍ ଚଳାଇ ସେଦିନର ଖବର କାଗଜ ଉପରେ ଦୃଷ୍ଟି ପକାଇଥିଲେ ।

(ଖ) ନିରୁଦ୍ଦେଶ ବ୍ୟକ୍ତିଙ୍କ ସମ୍ପର୍କରେ ଖବରକାଗଜରେ କ'ଣ ପ୍ରକାଶ ପାଇଥିଲା ?

ଉ.: ଏହା ପ୍ରାଣବନ୍ଧୁ କରଙ୍କ ଦ୍ୱାରା ଲିଖିତ 'ଅତ୍ୟାଚାରିତ' ଏକାଙ୍କିକାରୁ ଆସିଅଛି । ନିରୁଦ୍ଦେଶ ବ୍ୟକ୍ତିଙ୍କ ସମ୍ପର୍କରେ ବନମାଳା ଦେବୀ ଖବର ଛାପିଥିଲେ, "ମୋର ସ୍ୱାମୀ ଶ୍ରୀ ବ୍ରଜବିହାରୀ ପତି ଡେପୁଟି ମାଜିଷ୍ଟ୍ରେଟ ଓ କଲେକ୍ଟର, ବୟସ ଚାଳିଶି..., ସ୍ୱାସ୍ଥ୍ୟବାନ୍, ଗୌରବର୍ଣ୍ଣ, କୁଞ୍ଚୁକୁଞ୍ଚିଆ ବାଳ, ଆଖିରେ ଚଷମା ଆଜକୁ ପ୍ରାୟ ଦୁଇମାସ ହେବ

ନିରୁଦ୍ଦେଶ ହୋଇଛନ୍ତି - ଯଦି କୌଣସି ଦୟାଶୀଳା ନାରୀ ମୋର ସ୍ୱାମୀଙ୍କୁ ପାଇଥାନ୍ତି, ତେବେ ତାଙ୍କୁ ସେ ନିଜର ସମ୍ପତ୍ତି ଭାବରେ ଅଧିକାର ନ କରି ଦୟାକରି ନିମ୍ନଲିଖିତ ଠିକଣାରେ ଫେରସ୍ତ ଦେବେ ।

(ଗ) ଶ୍ରୀମତୀ ବନମାଳା ପତି, ଚାନ୍ଦିନୀ ଚୌକ, କଟକ-୨ 'ଏକଥା କୋଉଠି ଲେଖାଅଛି ?' - ଏକଥା କେଉଁ ପ୍ରସଙ୍ଗରେ କୁହାଯାଇଛି ?

ଉ.: ଏହା ନାଟ୍ୟକାର ପ୍ରାଣବନ୍ଧୁ କରଙ୍କ ଦ୍ୱାରା ଲିଖିତ ଏକାଙ୍କିକା 'ଅତ୍ୟାଚାରିତ'ରୁ ଆସିଛି । ବ୍ରଜବାବୁ ଡାକିବା ପରେ କେହି ଶୁଣି ନାହାନ୍ତି । କିଛି ସମୟ ପରେ ଚାକର ଦନେଇ ଆସିବାରୁ ବାବୁ କହିଲେ ଏ ଘରେ କ'ଣ ସମସ୍ତେ ମରିଗଲେଣି ନା କ'ଣ ? ଦନେଇ କହିଛି ସମସ୍ତେ ବଞ୍ଚିଛନ୍ତି ତେବେ ଶୁଣୁନା କାହିଁକି ବୋଲି ପ୍ରଶ୍ନର ଉତ୍ତରରେ ଦନେଇ କହିଛି ବଞ୍ଚିଛୁ ବୋଲି ଡାକିଲେ ଶୁଣିବୁ ଏକଥା କୋଉଠି ଲେଖାଅଛି ।

(ଘ) ଆଜିକାଲି ସଭିଙ୍କର ହେଲାଣି, ଆମର ହେବନି କାହିଁକି ? ଏହା କିଏ କେଉଁ ପ୍ରସଙ୍ଗରେ କହିଛି ?

ଉ.: ଏହା ପ୍ରାଣବନ୍ଧୁକରଙ୍କ 'ଅତ୍ୟାଚାରିତ' ଏକାଙ୍କିକାର ଅଂଶବିଶେଷ । ଆଜିକାଲି ସମାଜରେ ସବୁ ସଂଘ ତିଆରି ହେଲାଣି । ସମାଜରେ ସବୁ ସମାନ କେହି କାହାରିକୁ ତୁ ରେ ଭାଷା କହିପାରିବେ ନାହିଁ କି ଅପମାନ କଥା କହିପାରିବେ ନାହିଁ । ଏକଥା ସଂଘରେ ପାଶ୍ ହୋଇଛି । ବ୍ରଜବାବୁ ଦନେଇ ଚାକର ମୁହଁରୁ ଏକଥା ଶୁଣି ତୁମର ଗୋଟିଏ ସଂଘ କ'ଣ ଗଢ଼ା ହେଲାଣି ବୋଲି ପ୍ରଶ୍ନ କରିବାରୁ ଦନେଇ କହିଛି ସମସ୍ତଙ୍କର ସଂଘ ଅଛି ଆମର ହବନି କାହିଁକି ?

(ଙ) 'ନିଖିଳ କଟକ ଚାକର ସଭାରେ' କେଉଁ ସବୁ ଆଇନ୍ ପାଶ୍ ହୋଇଥିଲା ?

ଉ.: ଏକଥା 'ଅତ୍ୟାଚାରିତ' ଏକାଙ୍କିକାରେ ପ୍ରାଣବନ୍ଧୁ କର କହିଛନ୍ତି । ନିଖିଳ କଟକ ଚାକର ସଭାରେ ଆଇନ୍ ପାଶ୍ ହୋଇଥିଲା ଯେ ଚାକର ଓ ମୁନିବ ସବୁ ସମାନ ଯେହେତୁ ସେମାନେ ଉଭୟ ମଣିଷ । ତେଣୁ ମୁନିବମାନେ ତୁ ତା କରିପାରିବେନି, ମାରଧର କରିପାରିବେନି । ଖାଇବା, ଶୋଇବା ସବୁଥିରେ ଚାକର ମୁନିବ ସମାନ ବୋଲି ଆଇନ ପାଶ୍ ହୋଇଥିବା କଥା ଜନାର୍ଦ୍ଦନ ବାବୁ କହିଛନ୍ତି ।

(ଚ) ବାବୁ ଓ ଚାକର କେଉଁଥିରେ ସମାନ ନୁହେଁ ବୋଲି ଦନେଇ କହିଛି ?

ଉ.: ଏହା ପ୍ରାଣବନ୍ଧୁକରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ ଉଦ୍ଧୃତ । ଦନେଇ ବ୍ରଜବାବୁଙ୍କୁ ବାବୁ ଓ ଚାକର ବିଷୟରେ କହିଛି ଖାଇବା, ଶୋଇବା ଓ ପିନ୍ଧିବାରେ ବାବୁ ଓ ଚାକର ସମାନ । ସମାନ ମଣିଷ ଜନ୍ମ ହୋଇଥିବାରୁ ସବୁଥିରେ ସମାନ ହେବା ଉଚିତ । କେବଳ ଦରମା କ୍ଷେତ୍ରରେ ବାବୁ ଓ ଚାକର ଦୁହେଁ ସମାନ ନୁହେଁ ବୋଲି ଦନେଇ କହିଛି ।

(ଛ) ଭଲ କାମ ନକଲେ ବାବୁମାନେ ଚାକରଙ୍କୁ କିପରି ତଡ଼ିଦେଇ ପାରିବେ ବୋଲି କୁହାଯାଇଛି ?

ଉ.: ଏକଥା ପ୍ରାଣବନ୍ଧୁକରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ କୁହାଯାଇଛି । ଚାକରଙ୍କୁ ଚାକିରିରୁ ତଡ଼ିବା ପାଇଁ ଦନେଇ ସଂଘର ନିୟମ ବ୍ରଜବାବୁଙ୍କୁ ବୁଝେଇ କହିଛି ଯେ ଭଲକାମ ନ କଲେ ବାବୁମାନେ ପ୍ରଥମେ ଚାକର ସଂଘର ସମ୍ପାଦକଙ୍କୁ ଦରଖାସ୍ତ ଦେବେ । ସେ ଆସି ତଦନ୍ତ କରିବେ । ତଦନ୍ତରେ ଦୋଷୀ ବିବେଚିତ ହେଲେ ସେ ହୁକୁମ୍ ଦେଲେ ବାବୁ ଚାକରକୁ ତଡ଼ିପାରିବେ ନହେଲେ ନାଇ ।

(ଜ) ବ୍ରଜବାବୁ ଦେଇଥିବା ଦରଖାସ୍ତଟିର ବିଷୟବସ୍ତୁ କ'ଣ ଥିଲା ?

ଉ.: ଏକଥା ପ୍ରାଣବନ୍ଧୁକରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ ଆସିଛି । ଏଥିରେ ବିଷୟବସ୍ତୁ ଥିଲା ସମ୍ପାଦକ ବା ସେକ୍ରେଟାରୀ ଜନାର୍ଦ୍ଦନ ବେହେରାଙ୍କୁ ଦରଖାସ୍ତ, ଯେ ସେ ଦନେଇ ବେହେରାଙ୍କୁ ତଦନ୍ତ କରି ଚାକିରିରୁ ବାହାର କରିବାକୁ ସୁପାରିଶ କରନ୍ତୁ ।

(ଝ) ବନମାଳାଦେବୀ ଖବରକାଗଜରେ ମିଶିଂ କଲମରେ ବ୍ରଜବିହାରୀଙ୍କ ନା ବାହାର କରିଥିଲେ କାହିଁକି ?

ଉ.: ଏକଥା ପ୍ରାଣବନ୍ଧୁକରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରେ ଉଲ୍ଲେଖ କରିଛନ୍ତି । ବ୍ରଜବିହାରୀ ବାବୁ ମାଜିଷ୍ଟ୍ରେଟ୍ ସାତଦିନ ଟୁର୍‌ରେ ଯାଇ ଦୀର୍ଘ ଦୁଇମାସ ହେବ ଫେରି ନଥିବାରୁ ବନମାଳା ଦେବୀ ବ୍ରଜବିହାରୀଙ୍କ ନାମ ମିଶିଂ କଲମରେ ଖବର କାଗଜରେ ବାହାର କରିଥିଲେ ।

(ଞ) ବ୍ରଜବିହାରୀ କେତେଦିନ ଧରି ଘରକୁ ନ ଫେରିବାର କାରଣ କ'ଣ ଥିଲା ବୋଲି କହିଛନ୍ତି ?

ଉ.: ଏକଥା ପ୍ରାଣବନ୍ଧୁକରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରେ ଅଂଶବିଶେଷ । ବ୍ରଜବିହାରୀ ବାବୁ ଯାଜପୁର ବନ୍ୟାଞ୍ଚଳକୁ ଯାଇଥିବାରୁ ସେଠାରେ ବନ୍ୟାଦେବୀଙ୍କ କବଳରୁ ମୁକ୍ତି ପାଇପାରୁ ନ ଥିଲେ । ବନ୍ୟାରେ ଯାଜପୁର ଅଞ୍ଚଳର ଅବସ୍ଥା ଏତେ ଶୋଚନୀୟ ଥିଲା ଯେ ସେଠାରୁ ସେ ଫେରିଆସି ପାରିଲେ ନାହିଁ କିମ୍ବା ସେଠାରୁ ଡାକ ମଧ୍ୟ ଆସିପାରିଲା ନାହିଁ । ଏହା ଥିଲା ତାଙ୍କର ଘରକୁ ଫେରି ନ ପାରିବାର କାରଣ ।

(ଟ) କିଏ ଉପଯୁକ୍ତ ଘରଣୀ ତିଆରି କରିପାରିବ ବୋଲି ବ୍ରଜବିହାରୀ କହିଛନ୍ତି ?

ଉ : ଏହା ପ୍ରାଣବନ୍ଧୁ କରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ ଆନୀତ । ଏକଥା ବ୍ରଜବିହାରୀ ବାବୁ ନିଜ ପତ୍ନୀ ବନମାଳାକୁ ବ୍ୟଙ୍ଗ କରି କହିଛନ୍ତି । ପାରିବାରିକ ସଂଘର ସଭାନେତ୍ରୀ ବନମାଳା ତରତରରେ ବାହରକୁ ବାହାରିଯିବାକୁ ତାସଲ୍ୟ କରି କହିଛନ୍ତି ଯେ, ସ୍ତ୍ରୀ -ସ୍ୱାମୀର ଚର୍ଚ୍ଚା କରିବାର ଲୋଭକୁ ସମ୍ବରଣ କରି ସଂଘର ସଭାନେତ୍ରୀ କରିବାକୁ ବାହାରେ, ସେହି ସିନା ଉପଯୁକ୍ତ ଗୃହିଣୀ ତିଆରି ପାରିବେ ।

(ଠ) ବନମାଳା, 'ଗୃହଲକ୍ଷ୍ମୀ ସମିତି'ର ସଭାକୁ ଗଲାବେଳେ ବ୍ରଜବିହାରୀକୁ କ'ଣ ସବୁ କରିବାକୁ ବରାଦ କରିଯାଇଥିଲେ ?

ଉ.: ଏହା ପ୍ରାଣବନ୍ଧୁ କରଙ୍କ ଏକାଙ୍କିକା 'ଅତ୍ୟାଚାରିତ'ରୁ ଆସିଅଛି । ବନମାଳା ଦେବୀ ଗଲାବେଳେ ବ୍ରଜବିହାରୀଙ୍କୁ ସାନପୁଅ ଟୁଲୁର ଖାଇବା ସମୟ ହେଲେ ଆଲମାରୀରେ ଫିଡ଼ିଂ ବୋତଲରେ କ୍ଷୀର ଅଛି ପିଇବାକୁ ଦେବାକୁ କହିଛନ୍ତି ଓ ବଡ଼ପୁଅ ପାଠପଢ଼ି ସାରିବା ପରେ ତାଙ୍କୁ ଟିଫିନ୍ ଦେବା ପାଇଁ ବରାଦ କରିଦେଇ ଯାଇଛନ୍ତି ।

(ଡ) ଛାତ୍ର ସଂଘର ନୂଆ ଆଇନ କ'ଣ କ'ଣ ଥିଲା ?

ଉ.: ଏହା ପ୍ରାଣବନ୍ଧୁ କରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ ଆନୀତ । ଛାତ୍ରସଂଘର ନୂଆ ଆଇନ୍ ଅନୁଯାୟୀ କୌଣସି ଗାଡ଼ିୟାନ୍ ଛାତ୍ରର ବ୍ୟକ୍ତିଗତ ସ୍ୱାଧୀନତା ଉପରେ ହସ୍ତକ୍ଷେପ କରି ପାରିବେନି । ଅଧ୍ୟାପକ କିମ୍ବା ଶିକ୍ଷକମାନେ ଛାତ୍ରମାନଙ୍କୁ ଶାସନ କରି ପାରିବନି । ଅଧ୍ୟାପକ କିମ୍ବା ଶିକ୍ଷକମାନେ ଛାତ୍ରମାନଙ୍କୁ ଶାସନ କରି ପାରିବେନି । ଫେଲ୍ ପିଲାମାନଙ୍କୁ ପ୍ରମୋଶନ ମିଳିବ ଓ ଛାତ୍ରଛାତ୍ରୀମାନେ ଏକାଠି ଗୋଟିଏ ବେଞ୍ଚରେ ବସିବେ । ଇତ୍ୟାଦି ।

(ଢ) ତାଙ୍କ ସଂସାର ଦୁଇମାସ ଭିତରେ କ'ଣ ହୋଇଛି ବୋଲି ବ୍ରଜବିହାରୀ କହିଥିଲେ ?

ଉ.: ଏହା ପ୍ରାଣବନ୍ଧୁ କରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ ଆନୀତ । ଏଇ ଦୁଇମାସ ପରେ ଫେରି ବ୍ରଜବାବୁ ପତ୍ନୀ ବନମାଳା, ଭାଇ ରାଜେନ୍ଦ୍ର ଓ ପରିବାର, ପାଠପଢ଼ା ସବୁ ଯେମିତି ପରିବର୍ତ୍ତନ ହେବାର ଲକ୍ଷ୍ୟ କରିଛନ୍ତି ଓ କହିଛନ୍ତି ଘରେ ଆଉ କିଏ ରହିଲେ ମୁଁ ବୁଲୁ ଆଉ ଟଲୁ । ଏମାନଙ୍କ ବ୍ୟତୀତ ଏଇ under developed economy ସମସ୍ତଙ୍କର ମୁଣ୍ଡ developed ହେଇଗଲାଣି ବୋଲି ଭାବିଛନ୍ତି ।

(ଣ) ବୁଲୁର ପାଠପଢ଼ା ସମୟ ସମ୍ପର୍କରେ ବ୍ରଜବିହାରୀ ଓ ମାଷ୍ଟ୍ରେଙ୍କ ମଧ୍ୟରେ କେଉଁସବୁ କଥାବାର୍ତ୍ତା ହୋଇଛି ?

ଉ.: ଏହା ପ୍ରାଣବନ୍ଧୁ କରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ ଉଦ୍ଧୃତ । ବ୍ରଜବିହାରୀ ଓ ମାଷ୍ଟ୍ରଙ୍କ ମଧ୍ୟରେ ପ୍ରଥମେ ବୁଲୁର ପାଠ ପଢ଼ା ସମୟ ନେଇ କଥାବାର୍ତ୍ତା ହୋଇଛି ମାଷ୍ଟ୍ର ସାଢ଼େ ଚାରିଟାରେ ଆସି ପାଞ୍ଚଟା କୋଡ଼ିଏ ମାତ୍ର ୫୦ ମିନିଟ୍ ପଢ଼େଇବା ଉପରେ କହିଛନ୍ତି ସକାଳ ବେଳା ତାଙ୍କର ଛଅଟି ଟ୍ୟୁସନ୍ । ଆହୁରି କହିଛନ୍ତି ଯେ ଆଜିକାଲି ପାଠପଢ଼ା ସହଜ । ପିଲାମାନଙ୍କୁ ପିଲ୍ ଗିଳେଇବା ଭଳି ସବୁ ବିଷୟରେ ନୋଟ୍ ଡାକି ଘୋଷାଇ ଦେଉଛନ୍ତି ।

(ତ) ଆଜିକାଲି ପାଠପଢ଼ାରେ କାହିଁକି କଷ୍ଟ ନାହିଁ ବୋଲି ମାଷ୍ଟ୍ରେ କହିଛନ୍ତି ?

ଉ.: ଏହା ପ୍ରାଣବନ୍ଧୁ କରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ ଉଦ୍ଧୃତ । ଏତେ କମ୍ ସମୟ ପାଠପଢ଼ା ଓ ମାଷ୍ଟ୍ରଙ୍କର ହାବଭାବ ବ୍ରଜବିହାରୀଙ୍କୁ ବିରକ୍ତ ଲାଗିଛି । ସେ ରାଗିଛନ୍ତି । ମାଷ୍ଟ୍ର ତାଙ୍କୁ କହିଛନ୍ତି ଆଜିକାଲି ପାଠପଢ଼େଇବା ସହଜ । କାରଣ ଶୀଘ୍ର ମନେରଖିବା ପାଇଁ କେବଳ ନୋଟ୍ ଡାକି ପିଲାଙ୍କୁ ଘୋଷେଇ ଦେବା ଅର୍ଥ ପିଲ୍ ଗିଳିବା ସହିତ ସମାନ । ଅଳ୍ପ ପରିଶ୍ରମରେ ଭଲ ସୁବିଧା ଏକଥା ବୁଝେଇଛନ୍ତି ।

(ଥ) ବୁଝି କରି ପାଠ ପଢ଼ିଲେ କ'ଣ ହେବ ବୋଲି କୁହାଯାଇଛି ?

ଉ.: ଏକାଙ୍କିକାଟିର ନାମ 'ଅତ୍ୟାଚାରିତ' ଓ ନାଟ୍ୟକାର ପ୍ରାଣବନ୍ଧୁ କର । ବୁଝିକରି ପାଠ ପଢ଼ିଲେ ମାଷ୍ଟରମାନେ ଭାସିଯିବେ । ଅର୍ଥାତ୍ ଅଧିକ ସଂଖ୍ୟାରେ ପିଲା ଭଲ କରି ପାଶ୍ କରିଯିବେ । ପିଲା ବେଶୀ ସଂଖ୍ୟାରେ ପାଶ୍ କଲେ, ମାଷ୍ଟରଙ୍କର ଟ୍ୟୁସନ୍ ଧନ୍ଦା ବନ୍ଦ ହୋଇଯିବ ଅର୍ଥାତ୍ ରୋଜଗାର କମିଯିବ ।

(ଦ) ମାସ ଦୁଇଟାରେ କ'ଣ ହେଇଗଲାଣି ବୋଲି ବ୍ରଜବିହାରୀ କହିଛନ୍ତି ।

ଉ.: ଏହା ପ୍ରାଣବନ୍ଧୁ କରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ ଆସିଛି । ବ୍ରଜବିହାରୀ ବାବୁ କହିଛନ୍ତି ଏଇ ଦୁଇ ମାସ ଭିତରେ ଘରେ ବହୁ ପରିବର୍ତ୍ତନ ଘଟିଛି । ପୁଅ ଦୁଇଟିକୁ ଛାଡ଼ି ଆଉ ସମସ୍ତଙ୍କ ମୁଣ୍ଡ Under develped economy ରୁ over developed ହୋଇଗଲାଣି ।

(ଧ) ପତ୍ନୀ ବନମାଳା ବ୍ରଜବିହାରୀଙ୍କ ଉପରେ କି ଧରଣର ଅତ୍ୟାଚାର କରୁଥିଲେ ?

ଉ.: ଏହା ପ୍ରାଣବନ୍ଧୁ କରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ ଆନୀତ । ବନାମାଳା କି ପ୍ରକାର ଅତ୍ୟାଚାର କରୁଥିଲେ ଏ ପ୍ରଶ୍ନ ସାଇକିଆଟ୍ରିଷ୍ଟ ପଚାରିଥିଲେ ଓ ବ୍ରଜବାବୁ କହିଥିଲେ ସେ ଟୁରରୁ ଫେରି ସ୍ତ୍ରୀଙ୍କର ଅଭ୍ୟର୍ଥନା ପାଉନଥିଲେ । ସବୁବେଳେ ସଭା ସମିତି ଯାଉଥିଲେ । ଘରେ ଚା କପେ ମଧ୍ୟ କରିଦେଉ ନଥିଲେ । ସବୁ କାମ ନିଜକୁ କରିବାକୁ ହେଉଥିଲା ଏମିତିକି ପିଲାଙ୍କ କାର୍ଯ୍ୟ ମଧ୍ୟ । ଏହି ଧରଣର ଅତ୍ୟାଚାର କରୁଥିଲେ ।

(ନ) ଅଧିକାଂଶ ସମୟରେ ବନମାଳା କ'ଣ କରିଥାନ୍ତି ?

ଉ.: ଏହା 'ଅତ୍ୟାଚାରିତ' ଏକାଙ୍କିକାରୁ ଓ ଲେଖକ ପ୍ରାଣବନ୍ଧୁ କର । ବନମାଳା ଅଧିକାଂଶ ସମୟ ବାହାରେ ରୁହନ୍ତି । ବାହାରେ ଖାଇପିଇ ଆସନ୍ତି । ପ୍ରାୟ ସବୁଦିନ ରାତି ଦଶଟା ପରେ ଘରକୁ ଫେରନ୍ତି । ଘର କଥା କିଛି ବୁଝନ୍ତି ନାହିଁ ବୋଲି ବ୍ରଜ ବିହାରୀ ଅଭିଯୋଗ କରିଛନ୍ତି ।

(ପ) କ'ଣ କଲେ ବ୍ରଜ ବିହାରୀ ତାଙ୍କ ସ୍ତ୍ରୀକୁ ଜବଦ କରିପାରିବେ ବୋଲି ଶିବରାମ କହିଛନ୍ତି ?

ଉ.: ଏହା ପ୍ରାଣବନ୍ଧୁ କରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ ଆସିଛି । ବ୍ରଜ ବିହାରୀ ବାବୁଙ୍କୁ ଏ ସମସ୍ୟାରୁ ମୁକ୍ତି ପାଇଁ ବା ସ୍ତ୍ରୀଙ୍କୁ ଜବଦ କରିବା ପାଇଁ ଅନ୍ତତଃ ସୋସିଏବଲ୍ ହେବାକୁ ପଡ଼ିବ । ପ୍ରତ୍ୟେକ ଦନ ଘଣ୍ଟାଏ ଲେଖା କୌଣସି ମହିଳାଙ୍କ ସହିତ ଗପସପ ହେବାକୁ ପଡ଼ିବ । ଏପରି ଗପସପ ଓ ମିଳାମିଶା କଲେ ଯାଇ ତାଙ୍କ ସ୍ତ୍ରୀକୁ ଜବଦ କରିପାରିବେ ବୋଲି ଶିବିରାମ କହିଛନ୍ତି ।

(ଫ) ମହିଳାଟିଏ କେଉଁଠୁ ପାଇବେ ବୋଲି ବ୍ରଜବିହାରୀ ପଚାରିବାରୁ ଶିବରାମ କ'ଣ କହିଛନ୍ତି ?

ଉ.: ଏହା ପ୍ରାଣଦନ୍ଧୁ କରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ ଆସିଛି । ଶିବ କୁମାର ବ୍ରଜବିହାରୀଙ୍କୁ ବ୍ୟସ୍ତ ନହେବାକୁ ପରାମର୍ଶ ଦେଇ କହିଛନ୍ତି ଆମର ସମସ୍ତ ବ୍ୟବସ୍ଥା ଏଠାରେ ଅଛି । ଆମ ପାରିବାରିକ ଥଇଥାନ ସମିତିରେ ଏମିତି ବହୁ ଭଦ୍ରମହିଳା ସଭ୍ୟ ଅଛନ୍ତି । ସେମାନେ ଚିତ୍ତାକର୍ଷକ ବ୍ୟବହାର ଦ୍ୱାରା ଅତ୍ୟାଚାରିତ ବ୍ୟକ୍ତିମାନଙ୍କୁ ସାମାଜିକ କରି ଦେବାର କ୍ଷମତା ରଖିଛନ୍ତି ।

(ବ) ପାରିବାରିକ ଥଇଥାନ ସମିତି କାହାକୁ ସାହାଯ୍ୟ କରିଥାଏ ?

ଉ.: ଏହା ପ୍ରାଣବନ୍ଧୁ କରଙ୍କ 'ଅତ୍ୟାଚାରିତ' ଏକାଙ୍କିକାର ଅଂଶବିଶେଷ । ପାରିବାରିକ ଥଇଥାନ ସମିତି ଅତ୍ୟାଚାରିତ ସ୍ୱାମୀମାନଙ୍କୁ ସାହାଯ୍ୟ କରିଥାଏ । ଯେଉଁ ସ୍ୱାମୀମାନେ ବିଭିନ୍ନ ଅତ୍ୟାଚାର ଭୋଗୁଛନ୍ତି ସେମାନଙ୍କୁ ଏଇ ସମିତିର ଭଦ୍ର ମହିଳାମାନେ ତାଙ୍କର ଭଦ୍ର ବ୍ୟବହାର ଓ ଗପସପର ବଳରେ ସାମାଜିକ କରିଥାନ୍ତି ।

(ଭ) ସ୍ତ୍ରୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଅନାଦି କ'ଣ କରିଥିଲେ ?

ଉ.: ଏହା ପ୍ରାଣବନ୍ଧୁ କରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ ଆସିଅଛି । ସ୍ତ୍ରୀଙ୍କୁ ସନ୍ତୁଷ୍ଟ କରିବାପାଇଁ ଅନାଦି ସ୍ତ୍ରୀକୁ ସମସ୍ତ ପ୍ରକାର ସ୍ୱାଧୀନତା ପ୍ରଦାନ କରିଥିଲେ । ଯେତେବେଳେ ଯାହା ଦରକାର, ଶାଢ଼ି, ଗହଣା, ଗାଡ଼ି ଆଦି ବିପୁଳ ସୁଯୋଗ ଦେଇଥିଲେ । ସ୍ତ୍ରୀ ପଛରେ ବହୁତ ପଇସା ଖର୍ଚ୍ଚ କରିଥିଲେ, କେବଳ ସନ୍ତୁଷ୍ଟ କରିବା ପାଇଁ ।

(ମ) ଅନାଦିଙ୍କୁ ସାହାଯ୍ୟ କରିବା ପାଇଁ ସଂଘ କ'ଣ କରିପାରିବ ବୋଲି କୁହାଯାଇଛି ?

ଉ.: ଏହା ପ୍ରାଣବନ୍ଧୁ କରଙ୍କ ରଚିତ ଏକାଙ୍କିକା 'ଅତ୍ୟାଚାରିତ'ର ଅଂଶବିଶେଷ । ଅନାଦିଙ୍କୁ ସାହାଯ୍ୟ କରିବାକୁ ସଂଘ କହିଛି ସେମାନେ ନାରୀମାନଙ୍କ ସହ ଅନ୍ତରଙ୍ଗ ଆଳାପ ପାଇଁ ନାରୀ ଯୋଗାଇଦେବେ । ସ୍ତ୍ରୀକୁ ଦେଖେଇ ଦେଖେଇ ଅନ୍ୟ ନାରୀ ସହ ମିଶିବେ, ପ୍ରେମ ଅଭିନୟ କରିବେ । ଏଥିପାଇଁ ପାରିବାରିକ ଥଇଥାନ ସମିତି ନାରୀ ଯୋଗାଇ ଦେବ ବୋଲି କହିଛି ।

(ଯ) କୌଣସି ଦୁର୍ଘଟଣା ଘଟିବାର ନାହିଁ ବୋଲି ବିନୋଦବାବୁ କହିଥିଲେ କାହିଁକି ?

ଉ.: ଏହା ପ୍ରାଣବନ୍ଧୁ କରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ ଆନୀତ । ବ୍ରଜ ଓ ଅନାଦି ବାବୁଙ୍କ ପରି ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ବିନୋଦବାବୁ କହିଥିଲେ ଆପଣମାନେ ମାନ୍ୟଗଣ୍ୟ ବ୍ୟକ୍ତି ଓ ଆମ ପରିବାର ଥଇଥାନ ସମିତିର ସଭ୍ୟମାନେ ବି ମାନ୍ୟଗଣ୍ୟ ବ୍ୟକ୍ତି ତେଣୁ କୌଣସି ଅସୁବିଧା ବା ଦୁର୍ଘଟଣା ଘଟିବନାହିଁ ।

(ର) ବ୍ରଜବାବୁଙ୍କର ଭଲ ଭାଗ୍ୟ ବୋଲି ବିନୋଦବାବୁ କହିବାର କାରଣ କ'ଣ ଥିଲା ?

ଉ.: ଏହା ପ୍ରାଣବନ୍ଧୁ କରଙ୍କ 'ଅତ୍ୟାଚାରିତ' ଏକାଙ୍କିକାରୁ ଆନୀତ । ବ୍ରଜବାବୁ ନିଜ ସମସ୍ୟା ନେଇ ଆଲୋଚନା ସମୟରେ ବନମାଳା ଆସି ପହଞ୍ଚି ଯାଇଛନ୍ତି । ତାଙ୍କୁ ଦେଖି ବିନୋଦବାବୁ କହିଛନ୍ତି ଏଇ ତ ଚେୟାରମ୍ୟାନ୍ ଆସିଲେଣି । ଚେୟାରମ୍ୟାନ୍ ସବୁ ଶୁଣି ବ୍ରଜବାବୁଙ୍କ ସମସ୍ୟାର ଦାୟିତ୍ୱ ନିଜେ ନେଇଛନ୍ତି ତେଣୁ ବିନୋଦବାବୁ ବ୍ରଜବାବୁଙ୍କୁ ଭାଗ୍ୟବାନ୍ ବୋଲି କେହିଛନ୍ତି ।

**୫. ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ । ୧୫୦ଟି ଶବ୍ଦରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୫ ନମ୍ବର ।**

(କ) 'ଅତ୍ୟାଚାରିତ' ଏକାଙ୍କିକାର ନାମକରଣ ସାର୍ଥକତା ଦର୍ଶାଅ ।

ଉ.: ନାଟ୍ୟକାର ପ୍ରାଣବନ୍ଧୁ କର ଓଡ଼ିଆ ଏକାଙ୍କିକା ଜଗତର ଜଣେ ପ୍ରତିଷ୍ଠିତ ଓ ସୁପରିଚିତ ସ୍ରଷ୍ଟା । ସମାଜର ବାସ୍ତବ ଚିତ୍ରକୁ ସେ ତାଙ୍କ ସୃଷ୍ଟିରେ ସ୍ଥାନ ଦେଇଛନ୍ତି । ସାମ୍ପ୍ରତିକ ସ୍ଥିତିକୁ ନେଇ ତାଙ୍କ ଚରିତ୍ରଗୁଡ଼ିକୁ ବେଶ୍ ସଫଳତାର ସହ ସେ ପ୍ରୟୋଗ କରିଛନ୍ତି । ପୁଣି ନାମକରଣ ତା'ର ଚମତ୍କାରିତା ବଜାୟ ରଖିଛି । ଏଥିରେ ସ୍ଥାନ ପାଇଥିବା ଅଧିକାଂଶ ଚରିତ୍ର ନିଜେ ନିଜକୁ ଅତ୍ୟାଚାରିତ ବା ଅତ୍ୟାଚାରର ଶିକାର ହୋଇଛନ୍ତି ବୋଲି ପ୍ରକାଶ କରିଛନ୍ତି । ବ୍ୟସ୍ତ ବହୁଳ ଜୀବନ ଶୈଳୀ ବା କର୍ମବ୍ୟସ୍ତତା ଓ ସାମାଜିକ ସ୍ଥିତି ସେମାନଙ୍କୁ ସେହି ଦିଗକୁ ଟାଣିନେଇଛି । ଯେତେବେଳେ ଅସଜଡ଼ା, ଅବ୍ୟବସ୍ଥିତ, ବିଗିଡ଼ି ଯାଇଥିବା ପାରିବାରିକ ଜୀବନକୁ ସେ ଦେଖନ୍ତି ତାକୁ ସଜାଡ଼ିବାକୁ ତାଙ୍କ ପାଖରେ ରାସ୍ତା ନଥାଏ । କେବଳ ନିଜର ଦୋଷତ୍ରୁଟିକୁ ଖୋଜିବା ବଦଳରେ ଅନ୍ୟ ଉପରେ ଦୋଷ ଲଦି ଦିଅନ୍ତି ।

ଆଲୋଚ୍ୟ 'ଅତ୍ୟାଚାରିତ' ଏକାଙ୍କିକାଟି ସେହିଭଳି ଏକ ଅସଜଡ଼ା ସଂସାର ଜୀବନରୁ ଆରମ୍ଭ । ଘୋର ମାନସିକ ଯନ୍ତ୍ରଣା ଭିତରେ ପରିସମାପ୍ତି । ମୁଖ୍ୟ ଚରିତ୍ର ବ୍ରଜବିହାରୀ ପତ୍ନୀ ବନମାଳା ଦ୍ୱାରା ଅତ୍ୟାଚାରିତ ଅଥଚ ବ୍ରଜବାବୁ ନିରୁପାୟ । ଠିକ୍ ସେହିଭଳି ସଂଘ ଓ ସମିତିର ଧମକ୍ ଦେଇ ସାମାନ୍ୟ ଚପରାଶୀ ଜଣେ ମାଜିଷ୍ଟ୍ରେଟ୍‌ଙ୍କୁ ମୁହେଁ ମୁହେଁ ଶୁଣେଇ ଦେଇଛି ଧମକ୍ ନଦେବାକୁ ଓ ଡ୍ୟୁଟି ସମୟ ପରେ କାମ ନଦେବାକୁ । ବାଧ କରିଛି ଦନେଇ ନଡ଼ାକି ଜନାର୍ଦ୍ଦନ ବାବୁ ବୋଲି ସମ୍ବୋଧନ କରିବାକୁ । ପରିବର୍ତ୍ତିତ ସମୟ ଓ ସମାଜକୁ ନେଇ ବ୍ରଜବାବୁ ଚୁପ୍ ରହିଛନ୍ତି । କୋଡ଼ିଏ ଦିନ ପରେ ଅଫିସ୍ କାମରେ ବନ୍ୟା ପ୍ରପିଡ଼ିତଙ୍କୁ ସାହାଯ୍ୟ କରି ଫେରିବା ପରେ ସନ୍ଦେହୀ ପତ୍ନୀ ତାଙ୍କ ଅନ୍ୟ ସ୍ତ୍ରୀ ପାଖରେ ଥିବାର ସନ୍ଦେହ କରିଛି ଓ ସେବା ବଦଳରେ ନିଜେ ସଭାରେ ଯୋଗଦେବାକୁ ଯାଉଛି କହି ପିଲାମାନଙ୍କ କଥା ବୁଝିବା ପାଇଁ ତାଗିଦ୍ କରି ଦେଇଯାଇଛି ।

ପୁଣି ଅତ୍ୟାଚାର ସୀମା ଲଂଘନ କରୁଥିବା ଦେଖି ସେ 'ପାରିବାରିକ ଥଇଥାନ ସମିତି'ର ଆଶ୍ରୟ ନେବାକୁ ଯାଇ ସେଠି ମଧ୍ୟ ହଟହଟା ହୋଇଛନ୍ତି । ଅନ୍ୟପଟେ ସାନଭାଇ ରାଜେନ୍ଦ୍ର ମଧ୍ୟ ବେପରୱା ଭାବରେ ବଡ଼ଭାଇଙ୍କୁ ଅସମ୍ମାନ କରିଛି । ସେପଟେ ଅନାଦି ମଧ୍ୟ ତାଙ୍କ ପତ୍ନୀଙ୍କ ଦ୍ୱାରା ଅତ୍ୟାଚାର ରଶିକାର ହୋଇଛନ୍ତି । ଅତ୍ୟଧିକ ସ୍ୱାଧୀନତା ଦେବାର ଫଳ ସେ ଭୋଗ କରିଛନ୍ତି । ଏହିପରି ସମସ୍ତ ଚରିତ୍ରକୁ ଅବଲୋକନ କଲେ 'ଅତ୍ୟାଚାରିତ' ନାମକରଣର ଯଥାର୍ଥତା ବୁଝିହୁଏ ।

**(ଖ) 'ଅତ୍ୟାଚାରିତ' ଏକାଙ୍କିକାରୁ ବ୍ରଜବିହାରୀଙ୍କ ଚରିତ୍ର ଚିତ୍ରଣ କର ।**

ଉ.: ଏକାଙ୍କିକା ସ୍ୱଳ୍ପ ସମୟ ଭିତରେ ପାଠକର ତୃପ୍ତି ଲାଭ କରାଇଥାଏ । ସୀମିତ କଳେବର ଭିତରେ ମଧ ପାଠକଙ୍କୁ ବାନ୍ଧିରଖି ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ ସୃଷ୍ଟିକରେ । ଚରିତ୍ରର ସଠିକ୍ ପ୍ରୟୋଗ ଓ ପରିସ୍ଫୁଟନ ସୃଷ୍ଟିଟିକୁ ସଫଳତା ଆଣିଦିଏ । ଅତ୍ୟାଚାରିତ ନାମକରଣ ସହିତ ବ୍ରଜ ବିହାରୀ ପତିଙ୍କ ଚରିତ୍ରକୁ ସୁନ୍ଦର ସମନ୍ୱୟ ରଖି 'ଅତ୍ୟାଚାରିତ' ଏକାଙ୍କିକାଟିକୁ ପାଠକର ନିକଟତର କରିଛନ୍ତି ନାଟ୍ୟକାର । ବ୍ରଜ ବିହାରୀ ପତି ଡେପୁଟି ମାଜିଷ୍ଟ୍ରେଟ୍ ଓ କଲେକ୍ଟର ବନ୍ୟାଞ୍ଚଳ ସ୍ଥିତି ଅନୁଧାନ ପାଇଁ ସାତଦିନ ଟୁର୍‌ରେ ଯାଜପୁର ଯାଇଛନ୍ତି ମାତ୍ର ପରିସ୍ଥିତିରେ ପଡ଼ି ସେ ଦୁଇମାସ ପରେ ଫେରିଛନ୍ତି । ଘରେ ପାଦଦେବା ପରେ ସେ ଅନୁଭବ କରିଛନ୍ତି, ଘରର ପ୍ରତ୍ୟେକ ଚରିତ୍ରର ପରିବର୍ତ୍ତନ । ଚାକର ଦନେଇ ନିଜର ହାକିମ ଆଗରେ ଆଇନକାନୁନ୍ ବୁଝେଇଛି । ମଣିଷ ଭାବରେ ସମସ୍ତେ ସମାନ । ସମସ୍ତେ ସମ୍ମାନ ପାଇବାକୁ ଯୋଗ୍ୟ, ତେଣୁ ସେ ହାକିମଙ୍କୁ ତୁ, ତା, ରେ, ରା ନକହିବାକୁ ତାଗିଦ୍ କରିଛି ଓ ବ୍ରଜବାବୁ ମା'ଙ୍କୁ ଡାକିବାକୁ କହିଲେ, ସମୟ ହେଲାଣି ଡାକି ହବ ନାହିଁ ବୋଲି ରୋକ୍‌ଠୋକ୍ ଶୁଣେଇଛି ।

ବ୍ୟସ୍ତବହୁଳ ଜୀବନ ସୂଚୀ ଭିତରେ ପରିବାରର ଭଲମନ୍ଦ ସ୍ତ୍ରୀର ମନକଥା ବୁଝି ନ ପାରିବାରୁ ବନମାଳା ଦେବୀ ସ୍ୱାମୀଙ୍କ ଉପସ୍ଥିତିକୁ ଦେଖି ନ ଦେଖିଲା ପରି ନିଜ କାମରେ ବାହାରିଯାଇଛନ୍ତି । ବ୍ରଜବାବୁ କେବଳ ନିରୁପାୟ ଭାବରେ ବସି ରହିଛନ୍ତି । ଖବରକାଗଜରୁ ନିଜ ନିରୁଦେଶ ଖବର ପଢ଼ି ଆଶ୍ଚର୍ଯ୍ୟ ହୋଇଛନ୍ତି । ଖବର କାଗଜରେ ପୁଣି ନିଜେ ପତ୍ନୀ ତାଙ୍କର ନାମ, ଗ୍ରାମ ଠିକଣା ଆଦି ଦେଇ ବିଜ୍ଞାପନ କାଢ଼ିଛନ୍ତି । ଦୁଇପୁଅ ବୁଲୁ, ଟୁଲୁଙ୍କୁ ପଢ଼େଇବାକୁ ଆସୁଥିବା ମାଷ୍ଟର ମାତ୍ର ୫୦ ମିନିଟ୍ ପାଠ ପଢ଼େଇଛି ତାଙ୍କୁ ପଚାରିଲେ Low paid teacher, ୬ଟା ଟିଉସନ ପୁଣି ସକାଳ ବେଳା ଆଦି ସଫେଇ ଦେଇଛି । ପିଲାମାନଙ୍କର ପାଠପଢ଼ା ଓ ଶିକ୍ଷକମାନଙ୍କର ଚିନ୍ତାଧାରା ତାଙ୍କୁ ଆଶ୍ଚର୍ଯ୍ୟ କରିଛି ।

ସାଇକିଆଟ୍ରିଷ୍ଟ ଶିବରାମ ବାବୁ, ରାଜେନ୍ଦ୍ର (ସାନଭାଇ) ତାଙ୍କୁ ଦୁଇଟି ବିପରୀତ ଦିଗରୁ ଜୀବନକୁ ବୁଝେଇଛନ୍ତି । ସାନଭାଇ ପାଠ ନପଢ଼ି ବିନା ପାଠରେ ପାଶ୍ କରିବାକୁ ସଂଘ ଗଢ଼ିବା କଥା କହିଛି । ସାଇକିଆଟ୍ରିଷ୍ଟ ତାଙ୍କୁ ଚାକିରି କିମ୍ବା ସଂସାର ଭିତରୁ ଗୋଟିଏକୁ ବାଛିଥିଲେ ଭଲ ହୋଇଥାନ୍ତା ଯେଉଁମାନେ ଚାକିରି ପ୍ରତି ବେଶୀ ଧ୍ୟାନ ଦିଅନ୍ତି ତାଙ୍କ ସ୍ତ୍ରୀମାନେ ଏପରି ସ୍ୱେଚ୍ଛାଚାରିଣୀ ହୁଅନ୍ତି ବୋଲି ମତ ଦେଇଛନ୍ତି । ସଂସାର କ୍ଷେତ୍ରରେ ସେ ଜଣେ ଅସଫଳ ମଣିଷ । ଅସଫଳ ସ୍ୱାମୀ, ପିତା ଓ ଭାଇ ଭାବରେ ସେ ବ୍ୟତିବ୍ୟସ୍ତ ହୋଇ ଅତ୍ୟାଚାରିତ ସ୍ୱାମୀ ସଂଘ ଓ ଭାଇ ଭାବରେ ସେ ବ୍ୟତିବ୍ୟସ୍ତ ହୋଇ ଅତ୍ୟାଚାରିତ ସ୍ୱାମୀ ସଂଘର ଆଶ୍ରୟ ନେଇଛନ୍ତି । ନାରୀମାନଙ୍କ ସମ୍ପର୍କରେ ସେ ଯାହା ଚିନ୍ତା କରିଛନ୍ତି ଯେ ନାରୀ କେବଳ ବିବାହ କରିବ ପିଲାଛୁଆ ଜନ୍ମ କରିବ ଏ ଧାରଣା ତାଙ୍କର ଭୁଲ ପ୍ରମାଣିତ ହୋଇଛି । ଏହି ଅତ୍ୟାଚାର ଯନ୍ତ୍ରଣାରୁ ମୁକ୍ତି ପାଇଁ ତାଙ୍କୁ ଅନ୍ୟ ନାରୀ ସହ ମିଳାମିଶା, ପ୍ରେମାଳାପ କରିବାକୁ ପରାମର୍ଶ ଦିଆଯାଇଛି, ଯାହାକୁ ସେ ଠିକ୍ ଭାବରେ ଗ୍ରହଣ କରିପାରିନାହାନ୍ତି । ନାଟ୍ୟକାର ବ୍ରଜବାବୁ ଚରିତ୍ର ମାଧମରେ କର୍ମବ୍ୟସ୍ତ ଚାକିରିଆମାନଙ୍କର ପାରିବାରିକ ଜୀବନର ଚିତ୍ର ପ୍ରଦାନ କରିଛନ୍ତି ।

**(ଗ) ପଠିତ ଏକାଙ୍କିକାଟିରେ ନାଟକୀୟ ଉତ୍କଣ୍ଠା ସୃଷ୍ଟି କରିବାରେ ବନମାଳାଙ୍କ ଭୂମିକା ନିରୂପଣ କର ।**

ଉ.: ଦର୍ଶକ ହୃଦୟରେ ନାଟକ ପ୍ରତି ଆଗ୍ରହ ସୃଷ୍ଟିକରିବାରେ ଉତ୍କଣ୍ଠାରେ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଗୋଟିଏ ଦୃଶ୍ୟ ପରେ ଆର ଦୃଶ୍ୟକୁ କ'ଣ ହେବ, ବିଷୟ ବସ୍ତୁ କେଉଁ ଆଡ଼କୁ ଗତିକରିବ ଇତ୍ୟାଦି ପ୍ରଶ୍ନ ହିଁ ନାଟ୍ୟୋତ୍କଣ୍ଠା । ଏହି

ଜଣା ବା କିଛି ପରିକଳ୍ପନା ଓ କିଛି ଅକଳ୍ପନୀୟ ଭାବହିଁ ଉତ୍କଣ୍ଠା । ଏଥିରେ ପୁରୁଷ ଚରିତ୍ର ମଧ୍ୟରେ ବ୍ରଜବାବୁ ଓ ନାରୀ ଚରିତ୍ର ମଧ୍ୟରେ ବନମାଳା ଚରିତ୍ର ମାଧ୍ୟମରେ ନାଟ୍ୟକାର ପ୍ରକାଶ କରିଛନ୍ତି । ଏହି ବିସ୍ମୟଭାବ ଓ ଉତ୍କଣ୍ଠାମୟ ଭାବ ହିଁ ନାଟକଟିକୁ ସରସ ସୁନ୍ଦର କରିଥାଏ ।

ବନମାଳା ଦେବୀ ଜଣେ ଆଧୁନିକା ନାରୀ ଭାବରେ ନାଟକରେ ନିଜର ଭୂମିକା ନିର୍ବାହ କରିଛନ୍ତି । ଦୀର୍ଘଦିନ ପରେ ଟୁର୍‌ରୁ ଫେରିଥିବା ସ୍ୱାମୀ ନିରୁଦ୍ଦେଶ ଥିବାର ଖବର ବନମାଳା ଦେବୀ ଖବର କାଗଜରେ ଛାପିଛନ୍ତି । ଯାହା ବ୍ରଜବାବୁଙ୍କୁ ବିସ୍ମିତ କରିଛି । ସ୍ୱାମୀ ଫେରିବା ପରେ ଦୀର୍ଘଦିନର ଦେଖା ପରେ ମଧ ବନମାଳା ଦେବୀଙ୍କ ଭିତରେ କୌଣସି ପ୍ରତିକ୍ରିୟା ନାହିଁ । ସ୍ୱାମୀଙ୍କୁ ସେ ଦେଖି ନ ଦେଖିଲା ପରି ରହିଛନ୍ତି । ନଜେ ସଜବାଜ ହୋଇ ଗୃହଲକ୍ଷ୍ମୀ ସମିତିରେ ଯୋଗଦେବକୁ ବାହାରି ଯାଇଛନ୍ତି । ତାଙ୍କ ଭିତରେ ଏକ ଅଦ୍ଭୁତ ଧାରଣା ଯେ କୌଣସି ସ୍ୱାମୀ ଦୀର୍ଘଦିନ ଧରି ପରିବାରକୁ ଛାଡ଼ି ରହିବା ଅର୍ଥ ଅନ୍ୟ ଏକ ନାରୀର ବନ୍ଧନରେ ଆବଦ୍ଧ ରହିବା । ପୁରୁଷ ଜାତି ପ୍ରତି ଏ ପ୍ରକାର ଚିନ୍ତାଧାରା ବେଶ୍ କୌତୁହଳପ୍ରଦ । ବନମାଳାଦେବୀ ଘରୁ ବାହାରି ଗଲାବେଳେ ବ୍ରଜବାବୁ କୌଣସି ପ୍ରତିକ୍ରିୟା ପ୍ରକାଶ କରି ନାହାନ୍ତି ବରଂ ସ୍ତ୍ରୀକୁ କହିଛନ୍ତି ଯେ "ତମ ଭଳି ଦୁର୍ଦ୍ଦାନ୍ତ ନାରୀ ଆଜିକାଲି ଓଡ଼ିଶାର ଗଳି କନ୍ଦିରେ ଖୁନ୍ଦି ହୋଇଗଲେଣି ।" ବନମାଳାଦେବୀଙ୍କ ଚରିତ୍ର ଏଠି ସମାଜ ସହ ତାଳଦେଇ ଚାଲୁଥିବା ଜଣେ ତଥାକଥିତ ସଭ୍ୟାନାରୀ, ଯିଏକି ସ୍ୱାମୀଙ୍କୁ ଯିବା ବେଳେ ତାଗିଦ୍ କରିଦେଇ ଯାଇଛି ମନେକରି ପିଲାମାନଙ୍କୁ ଖାଇବାକୁ ଦେବାକୁ ଓ ତାଙ୍କ କଥା ବୁଝିବାକୁ ।

ପୁଣି ବ୍ରଜବାବୁ ସ୍ତ୍ରୀର ଏ ଅତ୍ୟାଚାରର ସମାଧାନ ପାଇଁ 'ଅତ୍ୟାଚାରିତ ସ୍ୱାମୀ ସଂଘ'ରେ ଆଶ୍ରୟ ନେଇଛନ୍ତି । ସେଠି ମନସ୍ତାତ୍ତ୍ୱିକ ବିଭାଗର ଡାକ୍ତର ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଛନ୍ତି । ନିରାକରଣ ସ୍ୱରୂପ ଅନ୍ତତଃ ପ୍ରତ୍ୟେକ ଦିନ ଘଣ୍ଟାଏ ଲେଖା ଅନ୍ୟ ମହିଳାଙ୍କ ସହ ପ୍ରେମାଳାପ କରିବାର ଅଦ୍ଭୁତ ପରାମର୍ଶ ପାଇଛନ୍ତି । ଏହି କଥୋପକଥନ ଭିତରେ ବନମାଳା ଦେବୀ ପ୍ରବେଶ କଲାପରେ ବିନୋଦବାବୁ ବ୍ରଜବାବୁଙ୍କୁ ଚିହ୍ନେଇ ଦେଇଛନ୍ତି ଯେ ବନମାଳା ଦେବୀ ଆମର ଚେୟାରମ୍ୟାନ୍ । 'ପୁରୁଷ ଅତ୍ୟାଚାରିତ ସଂଘ'ର ବନମାଳା ଦେବୀ ଚେୟାରମ୍ୟାନ୍ ଶୁଣି ବ୍ରଜବାବୁ ଆଶ୍ଚର୍ଯ୍ୟ ହୋଇ ଯାଇଛନ୍ତି । ଦୁଇଜଣଙ୍କ ଭେଟ ମଧ ଆକସ୍ମିକ ଭାବରେ ଉତ୍କଣ୍ଠା ସୃଷ୍ଟି କରିଛି । ବ୍ରଜବାବୁଙ୍କୁ ବିନୋଦବାବୁ କହିଛନ୍ତି ତୁମର ଭାଗ୍ୟ ବହୁତ ଭଲ କାରଣ ସ୍ୱୟଂ ଚେୟାରମ୍ୟାନ୍ ନିଜେ ଆପଣଙ୍କ ଦାୟିତ୍ୱ ନେଇଛନ୍ତି । ବ୍ରଜବାବୁ ବନମାଳା ଦେବୀ ମୋ ପତ୍ନୀ କହିବା ପରେ ଉତ୍କଣ୍ଠା ଆହୁରି ବଢ଼ିଯାଇଛି ।

**(ଘ) ପଠିତ ଏକାଙ୍କିକାରୁ ଶିବରାମଙ୍କ ଚରିତ୍ର ବୁଝାଅ ।**

ଉ.: ନାଟ୍ୟକାର ପ୍ରାଣବନ୍ଧୁ କରଙ୍କ 'ଅତ୍ୟାଚାରିତ' ଏକାଙ୍କିକା ଏକ ସାମ୍ପ୍ରତିକ ପାରିବାରିକ ସ୍ଥିତିର ଜ୍ୱଳନ୍ତ ନିଦର୍ଶନ । ନାଟକ, କ୍ଷୁଦ୍ରଗଳ୍ପ ଏକାଙ୍କିକା ସହିତ ବହୁ ପ୍ରସିଦ୍ଧ ଉପନ୍ୟାସ 'ମାମୁ', 'ଛମାଣ ଆଠ ଗୁଣ୍ଠ', 'ଲଛମା', 'ମାଟିର ମଣିଷ' ଆଦି ଉପନ୍ୟାସକୁ ନାଟ୍ୟରୂପ ଦେବାରେ ତାଙ୍କର ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ । ଆତ୍ୟାଚାରିତ ଏକାଙ୍କିକାରେ ଦାମ୍ପତ୍ୟ ଜୀବନର ଝଡ଼ କିପରି ପ୍ରବାହିତ ହୋଇଛି ତା'ର ଚିତ୍ର ସ୍ପଷ୍ଟ ହୋଇଛି । ସାମ୍ପ୍ରତିକ ସମୟରେ ପତ୍ନୀ ଦ୍ୱାରା ନିର୍ଯ୍ୟାତିତ ପତିମାନେ କିପରି ନିଜକୁ ଅସହାୟ ମନେ କରିଛନ୍ତି ଏହା ବ୍ରଜବାବୁ ଓ ଅନାଦି ବାବୁଙ୍କ ପରି ଚରିତ୍ର ମାଧ୍ୟମରେ ପ୍ରକାଶିତ । ନାରୀ ଯେ ସୀମାବଦ୍ଧତା ଭିତରେ ଆବଦ୍ଧ ହୋଇ ରହିବାକୁ ଚାହେଁ ନାହିଁ ଏକଥା ପ୍ରମାଣ କରାଯାଇଛି ।

ସାଇକିଆଟ୍ରିଷ୍ଟ ଶିବରାମ ବାବୁଙ୍କ ଚରିତ୍ରର ଭୂମିକା ନାଟକକୁ ଅଧିକ ସରସ ସୁନ୍ଦର କରିପାରିଛି । ବ୍ରଜବାବୁ ସ୍ତ୍ରୀ ଅତ୍ୟାଚରର ଅଭିଯୋଗ ନେଇ ସାଇକିଆଟ୍ରିଷ୍ଟ ଶିବବାବୁଙ୍କୁ ସମ୍ମୁଖୀନ ହୋଇଛନ୍ତି । କାରଣ ସେ ବ୍ରଜବାବୁଙ୍କୁ ତାଙ୍କ ମାନସିକତାର ପରୀକ୍ଷା କରିବେ । ବ୍ରଜବାବୁଙ୍କ ସାଇକିଆଟ୍ରିଷ୍ଟ ପାରିବାରିକ ସମ୍ପର୍କ ଉପରେ ବହୁ ପ୍ରଶ୍ନ ପଚାରିଛନ୍ତି । ଏ ସମସ୍ତ ପ୍ରଶ୍ନର ଉତ୍ତର ବ୍ରଜବାବୁ ଦେଇ ସାରିବା ପରେ ଶିବବାବୁ ସାଇକିଆଟ୍ରିଷ୍ଟ କହିଛନ୍ତି । ଏସବୁ କାରଣ ପାଇଁ ଆପଣ ଅର୍ଥାତ୍ ବ୍ରଜବାବୁ ନିଜେ ଦାୟୀ । ଏକଥାରେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି ବ୍ରଜବାବୁ । ତା'ର ଉତ୍ତରରେ ଶିବବାବୁ କହିଛନ୍ତି 'ଆପଣ ବଡ଼ ଅସାମାଜିକ ହୋଇପଡ଼ିଛନ୍ତି । ଅସାମାଜିକ ଅର୍ଥ କାହା ସହିତ ନମିଶିବା ବା ପରିବାର ସହିତ ସମ୍ପର୍କ ନ ରଖିବାକୁ ଏଠାରେ ବୁଝାଯାଇଛି । ସ୍ତ୍ରୀଙ୍କ ସହିତ ଯଥେଷ୍ଟ ମିଳାମିଶା କରି ନଥିବାରୁ ସେ ଦୋଷୀ । ସବୁବେଳେ ଚାକିରି ଓ କାର୍ଯ୍ୟ ବ୍ୟସ୍ତତା ପାଇଁ ଏସବୁ ଘଟିଥିବା କଥା ସେ ସ୍ପଷ୍ଟ କରିଛନ୍ତି ।

ଏସବୁ ସମସ୍ୟାର ସମାଧାନର ସୂତ୍ର ଶିବବାବୁ ବାହାର କରିଛନ୍ତି ତାହା ମଧ୍ୟ ବଡ଼ ବିଚିତ୍ର । ସ୍ତ୍ରୀଙ୍କୁ ବାଟକୁ ଆଣିବାକୁ ହେଲେ ତାଙ୍କୁ ଅସାମାଜିକରୁ ସୋସିଆଲ ବା ସାମାଜିକ ହେବାକୁ ପଡ଼ିବ । ଅର୍ଥାତ୍ ଅନ୍ତତଃ ପ୍ରତ୍ୟେକ ଦିନ ଅନ୍ୟ କୌଣସି ଅପରିଚିତ ଭଦ୍ରମହିଳାଙ୍କ ସଙ୍ଗରେ ଏକଘଣ୍ଟା ଲେଖା ଖୁସି ଗପ କରିବାକୁ ପଡ଼ିବ । ଅର୍ଥାତ ପାରିବାରିକ ଥଇଥାନ ସମିତିର ଭଦ୍ରମହିଳାଙ୍କ ସାହାଯ୍ୟ ନେବାକୁ ପଡ଼ିବ ।

ଶିବରାମ ଚରିତ୍ରଟି ଏଠି 'ଅତ୍ୟାଚାରିତ' ଏକାଙ୍କିକାର ମୂଳ ଭାବେ ପ୍ରକାଶିତ ହୋଇଛି । କାରଣ ସମସ୍ୟା ସମାଧାନ କରିବା ବଦଳରେ ସେ ସମିତିର ଚେୟାରମ୍ୟାନ୍ ଯିଏକି ଏ ଅତ୍ୟାଚାରର ମୂଳ କାରଣ ତାଙ୍କୁ ବ୍ରଜବାବୁଙ୍କ ସମସ୍ୟାର ଦାୟିତ୍ୱ ଅର୍ପଣ କରିଛନ୍ତି । ଯାହା ଆଶ୍ଚର୍ଯ୍ୟ କରିଛି ବ୍ରଜବାବୁଙ୍କୁ । ନିଜ ପତ୍ନୀ ବିରୁଦ୍ଧରେ ଅଭିଯୋଗ ପୁଣି ସେ ଅଭିଯୋଗ ବିଚାର କରିବେ ଯିଏ ଅଭିଯୋଗର ମୂଳ କାରଣ ।

ବାସ୍ତବିକ୍ ଏହା ଏକ ଉତ୍କଣ୍ଠାପୂର୍ଣ୍ଣ ସ୍ଥିତି ସୃଷ୍ଟି କରିଛି ।

**(ଙ) ଏକ ପାରିବାରିକ ସମସ୍ୟା ଭିତ୍ତିକ ଏକାଙ୍କିକା ଭାବେ 'ଅତ୍ୟାଚାରିତ'ର ମୂଲ୍ୟାୟନ କର ।**

ଉ.: ଅତ୍ୟାଚାରିତ ଏକାଙ୍କିକାର ପ୍ରାୟ ଅଧିକାଂଶ ଚରିତ୍ର ଅତ୍ୟାଚାରିତ । ପରିବାର ଭିତରେ ସମନ୍ୱୟର ଅଭାବ ରହିଲେ କ'ଣ ଅସୁବିଧା ହୁଏ ତାହା ଏଠାରେ ଦର୍ଶାଯାଇଛି । ପତି-ପତ୍ନୀ, ପିତା-ସନ୍ତାନ, ଭାଇ-ଭାଇ ଭିତରେ ଯେଉଁ ବୁଝାମଣା ରହିବା କଥା ତାହା ଏଠାରେ ପରିଲକ୍ଷିତ ହୋଇନାହିଁ । ଯେଉଁଥିପାଇଁ ସମସ୍ତେ ନିଜେ ନିଜକୁ ନିର୍ଯ୍ୟାତିତ ହେଉଥିବାର ଅନୁଭବ କରିଛନ୍ତି । ପରିବାର ପ୍ରତି ଯଥେଷ୍ଟ ଧ୍ୟାନ କିମ୍ବା ଆଦୌ ଧ୍ୟାନ ନଦେଇ ପାରିବାର ଯନ୍ତ୍ରଣା ବ୍ରଜବାବୁ ଭୋଗିଛନ୍ତି । ସେହିପରି ଅନାଦିବାବୁ ପତ୍ନୀଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦେଇ ସମାନ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ।

ବ୍ରଜବାବୁ ହେଉଛନ୍ତି ଜଣେ ଉଚ୍ଚପଦସ୍ଥ କର୍ମଚାରୀ ଯେଉଁଥିପାଇଁ ତାଙ୍କୁ ବିଭିନ୍ନ ସରକାରୀ କାମରେ ଅଫିସ୍‌ରୁ ବାହାରକୁ ଯିବାପାଇଁ ପଡ଼େ । ମାସରେ ଅଫିସରେ ୧୦ ଦିନ ଓ ଆଉ ୨୦ ଦିନ ସେ ବାହାରକୁ ଟୁର୍‌ରେ ଯାଆନ୍ତି । ପରିବାର ପ୍ରତି କର୍ତ୍ତବ୍ୟ ଓ ପରିବାରର ମୁଖିଆ ଭାବରେ ଅନ୍ୟମାନଙ୍କ ପ୍ରତି କର୍ତ୍ତବ୍ୟକୁ ସେ ଭୁଲି ଯାଇଛନ୍ତି । ଦୁଇମାସ ଘରେ ଅନୁପସ୍ଥିତ ରହି ଘରକୁ ଫେରିବା ପରେ ଘରେ ଚାକର ବାକରଠୁଁ ଆରମ୍ଭ କରି ପତ୍ନୀ ପିଲାଛୁଆ, ଭାଇ ସମସ୍ତେ ପରିବର୍ତ୍ତନ ହୋଇ ଯାଇଥିବାର ଦେଖିଛନ୍ତି । ଚାକର ଦନେଇ କହିଛି ତାଙ୍କୁ ବାବୁ ସମ୍ବୋଧନ କରିବାକୁ । ପତ୍ନୀ ବନମାଳା ସଭାନେତ୍ରୀରେ ରୂପାନ୍ତରିତ ହୋଇ ପତିଙ୍କ ପ୍ରତି କର୍ତ୍ତବ୍ୟରେ ଅବହେଳା କରିଛନ୍ତି । ଭାଇ ମଧ୍ୟ ଛାତ୍ର ସଂଗଠନ ଗଢ଼ିଛି, ଯେଉଁ ସଂଗଠନ ଛାତ୍ରମାନଙ୍କୁ ବିନା ପଢ଼ାରେ ପ୍ରମୋଶନ ଦେବ । ଟିୟୁସନ ମାଷ୍ଟର ୫୦ ମିନିଟ୍

ପାଠ-ପଢ଼େଇ କେଉଁ ପଢ଼ା ଭଲ କିଏ ଖରାପ ବ୍ରଜବାବୁଙ୍କୁ ବୁଝେଇଛନ୍ତି ।

ସେପଟେ ପତ୍ନୀ ନାମରେ ଅଭିଯୋଗ ନେଇ 'ପୁରୁଷ ଅତ୍ୟାଚାରିତ ସଂଘ'କୁ ଯିବାବେଳେ ସେଠି ଆଉ ଜଣେ ଅତ୍ୟାଚାରିତ ଅନାଦି ବାବୁ ନିଜ ଅତ୍ୟାଚାରର କାହାଣୀ ବ୍ରଜବାବୁଙ୍କ ଆଗରେ ବର୍ଣ୍ଣନା କରିଛନ୍ତି, ଯେ ସେ କିପରି, ଗାଡ଼ି, ଟଙ୍କା ଓ ସ୍ୱାଧୀନତା ଦେଇ ଦୁଃଖକୁ ଆମନ୍ତ୍ରଣ କରିଛନ୍ତି । ପରିଶେଷରେ ଅତ୍ୟାଚାରିତା ସ୍ତ୍ରୀ ସେ ସଙ୍ଘର ଚେୟାରମ୍ୟାନ୍ ଶୁଣି ସେ ଅତ୍ୟାଚାର ସମାଧାନର ନିଶା ତାଙ୍କ ମୁଣ୍ଡରୁ ଖସିଯାଇଛି ଠିକ୍ ପାଦତଳୁ ମାଟି ଖସିଯିବା ପରି ।

**(ଚ) ପଠିତ ଏକାଙ୍କିକାରୁ ଅତ୍ୟାଚାରିତ ସ୍ୱାମୀଙ୍କର ଅତ୍ୟାଚାର ଜନିତ ଦୁଃଖ ବୁଝାଅ ।**

ଉ.: ସମଗ୍ର 'ଅତ୍ୟାଚାରିତ' ଏକାଙ୍କିକାଟି ପରିବାରିକ ଭୁଲ୍ ବୁଝାବଣାର କାହାଣୀକୁ ନେଇ ରଚିତ । ନାଟ୍ୟକାର ବ୍ରଜ ବିହାରୀ ଓ ଅନାଦି ଚରିତ୍ର ମାଧ୍ୟମରେ ଅତ୍ୟାଚାରିତ ସ୍ୱାମୀ ମାନଙ୍କର ଦୁଃଖକୁ ଉପସ୍ଥାପିତ କରିଛନ୍ତି । କର୍ତ୍ତବ୍ୟ ନକରି ଅଧିକାର ସାବ୍ୟସ୍ତ କରିବସିଲେ ତା'ର ପରିଣାମ କେବଳ ନିରାଶା ଏକଥା ସୂଚେଇ ଦିଆଯାଇଛି । ବ୍ରଜବାବୁ ଓ ଅନାଦି ନିଜର କର୍ତ୍ତବ୍ୟର ଚରମ ଅବହେଳାର ପରିଣତି ଭୋଗ କରିଛନ୍ତି । ତାହା ପୁଣି ନିଜ ପରିବାର ମାଧ୍ୟମରେ । ବ୍ରଜବାବୁ ଖୁସିରେ ବୁଲିବାକୁ ଯାଇନାହାନ୍ତି । ସରକାରୀ କାମରେ ବାରମ୍ବାର ବାହାରକୁ ଯିବା, ସପ୍ତାହକ ପାଇଁଯାଇ ଦୁଇମାସ ରହିବା ତାଙ୍କ ପରିବାରକୁ ବିପଥଗାମୀ କରାଇବାରେ ସାହାଯ୍ୟ କରିଛି । ଯାହାର ସୁଯୋଗ ନେଇଛନ୍ତି ପତ୍ନୀ ବନମାଳା, ଭାଇ ରାଜେନ୍ଦ୍ର ଓ ଟିଉସନ ମାଷ୍ଟର ।

ବ୍ରଜବାବୁ ଦୁଇମାସ ପରେ ଫେରି ସ୍ତ୍ରୀର ବ୍ୟବହାରରେ ଅତିଷ୍ଠ ହୋଇ ପରିବାର ପାଇଁ ଉଦ୍ଦିଷ୍ଟ 'ଅତ୍ୟାଚାରିତ ସ୍ୱାମୀ ସଂଘ'ର ସହାୟତା ନେବାକୁ ବାହାରିଛନ୍ତି । ବ୍ରଜବାବୁ ଦୀର୍ଘଦିନ ପରେ ଫେରି ଘରେ ସ୍ତ୍ରୀର ସେବା ଶୁଶ୍ରୂଷା ପାଇବାକୁ ଚାହିଁଛନ୍ତି, ମାତ୍ର ସେବା ତ ଦୂରର କଥା କପେ ଚା ମଧ୍ୟ ପାଇନାହାନ୍ତି । ବରଂ ସ୍ତ୍ରୀ ବାହାରକୁ ସଂଘରେ ଯୋଗ ଦେବାକୁ ଯାଉଥିବାରୁ ଅଧ କାମ ସମ୍ପୂର୍ଣ୍ଣ କରିବାକୁ ସ୍ୱାମୀଙ୍କୁ ନିର୍ଦ୍ଦେଶ ଦେଇ ଯାଇଛନ୍ତି । ସ୍ତ୍ରୀ ସମାଜ ସେବାକରି ଓ ଇଣ୍ଡୋନେସିଆ ସୈନ୍ୟମାନଙ୍କ ପାଇଁ ସ୍ୱେଟର ବୁଣୁଛନ୍ତି ଅଥଚ ସ୍ୱାମୀଙ୍କ ସାର୍ଟ, ପ୍ୟାଣ୍ଟ, କୋର୍ଟ ଛିଡ଼ିଗଲାଣି ତାକୁ ମରାମତି ପାଇଁ ତାଙ୍କ ପାଖରେ ସମୟ ନାହିଁ । ବାହାରେ ବନମାଳାଦେବୀ ସଭାସମିତି କରି ବାହାରୁ ଦିନେ ଦିନେ ଖାଇ ରାତି ଦଶଟାରେ ଘରକୁ ଫେରନ୍ତି । ଘରେ କିଏ ଖାଇଲେ ନଖାଇଲେ ସେକଥା ବୁଝନ୍ତି ନାହିଁ ।

ସେପଟେ ଅନାଦି ବାବୁ 'ଅତ୍ୟାଚାରିତ ସ୍ୱାମୀ ସଂଘ'ରେ ଅଭିଯୋଗ କରିବାକୁ ଆସି ବ୍ରଜବାବୁଙ୍କ ସହ ସାକ୍ଷାତ କରିଛନ୍ତି । ବ୍ରଜବାବୁ ଅନାଦି ବାବୁ ଦୁହେଁ ନିଜ ନିଜର ଦୁଃଖ ପ୍ରକାଶ କରିଛନ୍ତି । ଅନାଦି ବାବୁ ସ୍ତ୍ରୀକୁ ସମସ୍ତ ସ୍ୱାଧୀନତା ଦେଇ ସ୍ତ୍ରୀ କିପରି ବ୍ୟଭିଚାରିଣୀ ସାଜିଛି ତା'ର ଦୁଃଖଦ ଘଟଣା କହିଛନ୍ତି । ଏହି ପାରିବାରିକ ସମସ୍ୟାକୁ ନେଇ ଅତ୍ୟାଚାରିତ ଏକାଙ୍କିକାଟି ବେଶ୍ ସଫଳତା ଲାଭ କରିଛି । ଏହା ମାଧ୍ୟମରେ ନାଟ୍ୟକାର ପରିବାର ପ୍ରତି ଅବହେଳାର ପରିଣତି ସମ୍ବନ୍ଧରେ ସମାଜକୁ ଚେତାବନୀ ଦେଇଛନ୍ତି ।

□□□

# ବିଷୟ : ଭାଲୁ

## ନାଟ୍ୟକାର : ବିଜୟ ମିଶ୍ର

### ନାଟ୍ୟକାର ପରିଚୟ :

ନାଟ୍ୟକାର ବିଜୟ ମିଶ୍ର ୧୯୩୬ ମସିହା ଜୁଲାଇ ୧୫ ତାରିଖରେ ବାଲେଶ୍ୱର ଜିଲ୍ଲା ବାଲିପାଟଣାରେ ଜନ୍ମଗ୍ରହଣ କରିଥିଲେ । ପିଲାଟି ଦିନରୁ ତାଙ୍କର କଳାପ୍ରତି ଆଗ୍ରହଥିଲା, ଏହାର କାରଣ ତାଙ୍କ ପିତା ଜଣେ କଳାକାର ତଥା ଗୋଟିଏ ନାଟ୍ୟ ଦଳର ପୃଷ୍ଠପୋଷକ ଥିଲେ । ସବୁ ସାହିତ୍ୟିକଙ୍କ ପରି ବିଜୟ ମିଶ୍ରଙ୍କର ସାହିତ୍ୟିକ ଜୀବନ କବିତାରୁ ହିଁ ଆରମ୍ଭ ହୋଇଥିଲା । ଇଂଜିନିୟରିଂ ପାଠ ପଢ଼ା ଶେଷ ହେବାପରେ ଶ୍ରୀଯୁକ୍ତ ମିଶ୍ର ପ୍ରସିଦ୍ଧ ଅନ୍ନପୂର୍ଣ୍ଣ ଥିଏଟରରେ ପ୍ରବେଶ କଲେ । ୧୯୬୦ରୁ ୧୯୮୬ ମସିହା ଭିତରେ ଅର୍ଥାତ୍ ଏହି ୨୬ ବର୍ଷ ଭିତରେ ସେ ବହୁ ଉଚ୍ଚକୋଟୀର ନାଟକ ଓଡ଼ିଆ ସାହିତ୍ୟ ଜଗତକୁ ଉପହାର ସଦୃଶ ପ୍ରଦାନ କରିଛନ୍ତି । ୧୯୬୦ ମସିହାରେ ତାଙ୍କର ପ୍ରଥମ ନାଟକ 'ଜନନୀ' ରଚିତ ହୋଇ ଅନ୍ନପୂର୍ଣ୍ଣା ଥିଏଟରରେ ଅପୂର୍ବ ସଫଳତା ଲାଭ ପରେ ସେ ଆଉ ପଛକୁ ଫେରି ନାହାନ୍ତି । ତାପରେ କବି 'ପଞ୍ଚଶାୟକ', 'ଏକାକୀ', 'ଆର୍ତ୍ତନାଦ', 'ହଂସବଳାକା', 'ପାଷାଣର ପ୍ରତୀକ୍ଷା', 'ଆହ୍ୱାନ', 'ଅପ୍ରତିହତ', 'ଶୃଙ୍ଖଳ', 'ଅଶାନ୍ତଗ୍ରହ', 'ତିମିର ତୀର୍ଥ', 'ସାଗରତୀରେ', 'ଯାଯାବର', 'ହେ ସ୍ୱର୍ଗ ବିଦାୟ', 'ପ୍ରତୀକ୍ଷା', 'ମନଅରଣ୍ୟ', 'ଶବବାହକମାନେ', 'ଚନ୍ଦ୍ରଚୋରୀ', 'ଏଠି ସେଠି ସବୁଠି', 'ଦୁଇଟି ସୂର୍ଯ୍ୟଦଗ୍ଧ ଫୁଲକୁ ନେଇ', 'ଯାଦୁକର', 'ତଟନିରଞ୍ଜନା', 'ଜଣେ ରାଜଥିଲେ', 'ବାଦଶାହା ଓ ଅନ୍ଧକାରର ସ୍ୱର' ପ୍ରଭୃତି ନାଟକ ରଚନା କରିଥିଲେ । 'ଲେଭଲକ୍ରସିଂ', 'ଚତୁଷ୍କୋଣ', 'କୋଠରି', 'ଧର୍ମାବତାର', 'ମଣିଷହାଟ' ଆଦି ଅନେକ ସଫଳ ଏକାଙ୍କିକାର ସେ ଥିଲେ ଯଥାର୍ଥ ଦାୟାଦ । ପାରମ୍ପରିକ ନାଟକ, ଆଧୁନିକ ନାଟକ ଯେକୌଣସି ସ୍ତରରେ ସେ ହାତ ମାରିଛନ୍ତି ସେଥିରେ ସେ ସଫଳତା ଲାଭ କରିଛନ୍ତି । ସମୟ ସହିତ ତାଳଦେଇ ତାଙ୍କର ସୃଷ୍ଟି ଭାଷା ଓ ସଂଳାପ ଆଦିରେ ସ୍ୱତନ୍ତ୍ର ଯାଦୁ ସୃଷ୍ଟି କରିପାରିଛି । ଓଡ଼ିଆ ନାଟ୍ୟଜଗତର ବିଜୟ ମିଶ୍ର ଜଣେ ଅପ୍ରତିଦ୍ୱନ୍ଦୀ ସ୍ରଷ୍ଟା ଏଥିରେ ଦ୍ୱିମତ ନାହିଁ ।

### ଏକାଙ୍କିକାର ସାରମର୍ମ :

ଏକାଙ୍କିକାଟିରେ ଆତ୍ମସ୍ୱାର୍ଥ ବା ସ୍ୱାର୍ଥପରତା କିପରି ମଣିଷକୁ କବଳିତ କରିଛି ସେହିକଥାକୁ ଗୁରୁତ୍ୱ ଦେଇଛନ୍ତି । ଜଙ୍ଗଲର ଜୀବଜନ୍ତୁ ଠାରୁ ମଣିଷର ଏ ପ୍ରବୃତ୍ତି ଯେ ଭୟଙ୍କର ହିଂସ୍ରତାକୁ ବଳିଯାଇଛି ତା'ର ସାର୍ଥକ ଦୃଷ୍ଟାନ୍ତ ଏଥିରେ ଦିଆ ଯାଇଛି । ନିଜେ ବଞ୍ଚିବା ପାଇଁ, ନିଜେ ସୁରକ୍ଷିତ ରହିବା ପାଇଁ ମଣିଷ ଅନ୍ୟକୁ ବଳିଦେବା ପାଇଁ ପ୍ରସ୍ତୁତ ଏକଥା ଭାଲୁ ଉପଦ୍ରବ ଏକାଙ୍କିକାରେ ପ୍ରମାଣ କରାଯାଇଛି । ଏକାଙ୍କିକାଟିରେ ୬ ଗୋଟି ଚରିତ୍ରକୁ ନେଇ ନାଟ୍ୟକାର ସୃଷ୍ଟି କରିଛନ୍ତି ଏକ ସୁନ୍ଦର ବିଷୟବସ୍ତୁ । ମେସ୍‌ରେ ରହୁଥିବା ସୁରେଶ, କୈଳାସ, ନିଶାକର, ଗୋପୀ ନିଜନିଜର ନିତ୍ୟ କାର୍ଯ୍ୟ କରିବାକୁ ବାହାରିବା ବେଳେ ହଠାତ୍ ରେଡିଓରୁ ସହରକୁ ଜଙ୍ଗଲି ଭାଲୁ ପଶିଆସିବାର ଖବର ଶୁଣିଛନ୍ତି । ମେସ୍‌କୁ ବୁଲିଆସିଥିବା ଦେବକାନ୍ତ ଓ ମନମୋହନ ମଧ ଏକଥା ଶୁଣି ଆଶ୍ଚର୍ଯ୍ୟ ହୋଇଛନ୍ତି ଏ ଘଟଣାକୁ ବିଶ୍ୱାସ କରିନାହାନ୍ତି । ଏହି କ୍ରମରେ ସସେମିରା କଥା ଉଲ୍ଲେଖ ଆଲୋଚନା ହୋଇଛି ଓ ଦେବକାନ୍ତ ବିଶ୍ୱାସ ଘାତକତା ଭାଲୁ ଆଦୌ ସହିପାରେ ନାହିଁ ବୋଲି କହିଛି । ଦୈନ୍ୟନ୍ଦିନ ଜୀବନର ରୁଟିନ୍ ସବୁ ଏପଟ ସେପଟ ହୋଇଯାଇଛି । ଏହି ସମୟରେ ଗୋପୀ ହଠାତ୍ ପଶିଆସି ତାକୁ ଭାଲୁ ଆକ୍ରମଣ କରିବା ଭଳି ସେ ଅନୁଭବ କରିଛି ବୋଲି କହିଛି ।

ଏହି ସମୟରେ ଦେବକାନ୍ତ ନିତ୍ୟକର୍ମ ପାଇଁ ପାଇଖାନା ଯିବା ବେଳେ ଭିତରେ ଭାଲୁ ଥିବା କଥା ଦୌଡ଼ି ଦୌଡ଼ି ଆସି ସାଥୀମାନଙ୍କୁ କହିଛି । ରୋଷେଇବାସ ନିତ୍ୟକର୍ମ ସବୁ ବନ୍ଦ ହେବାରୁ ଏମାନେ ବ୍ୟସ୍ତ ହୋଇ ପଡ଼ିଛନ୍ତି । ରେଡିଓରେ ଭାଲୁର ଅବସ୍ଥିତି ଓ ତା'ର ପ୍ରଭାବରେ ବିଭିନ୍ନ କାର୍ଯ୍ୟକ୍ରମ ବାତିଲ୍ ନେଇ ଖବର ଘୋଷଣା କରାଇଯାଇଛି । ଗୋପୀ କମଳ ଘୋଡ଼େଇ ଶୋଇବା ଅବସ୍ଥାରେ ନିଶାକର ଗୋପୀକୁ ଭାଲୁ ଭାବି ଚିତ୍କାର କରିଛି । ଗୋପୀ କମଳ କାଢ଼ିଦେବା ପରେ ପୁଣି ପାଇଖାନାରେ ଦେଖିଥିବା ଜୀବ ଉପରେ ସମସ୍ତଙ୍କର ଧ୍ୟାନ କେନ୍ଦ୍ରିତ ହୋଇଛି । ଏ ଖବର ସ୍କ୍ୱାଡ଼କୁ ଜଣାଇବାକୁ ସୁରେଶ କହିଲେ ବି ନିଶାକର ବାରଣ କରିଛି । ହିଂସ୍ରଜନ୍ତୁ ଭାଲୁକୁ ନେଇ ଅନେକ ଆଲୋଚନା ପର୍ଯ୍ୟାଲୋଚନା ହୋଇଛି ଭାଲୁ ମଣିଷଠାରୁ ଭୟଙ୍କର ପୁଣି କି ଏ କହିଛି ବେଳେବେଳେ ଭାଲୁଠାରୁ ମଣିଷ ଅଧିକ ଭୟଙ୍କର ହୁଏ ଇତ୍ୟାଦି । ଭାଲୁ ଗୋପୀକୁ ପିଟିଛି ବୋଲି ଗୋପୀ କହି ତଳେ ପଡ଼ିଯାଇଛି । କୈଳାସ ମୃଦଙ୍ଗ ବଜାଇଛି ଓ ଭାଲୁ ଜଣାଣ ସମସ୍ତେ ଗାଇଛନ୍ତି ।

ତା ପରଦିନ ମଧ୍ୟ ସେମାନେ ଭାଲୁକୁ ନେଇ ନାନାଦି ଆଲୋଚନା କରିଛନ୍ତି । ସମସ୍ତେ ମିଶି ଆକ୍ରମଣ କରିବେ ନା ପାଇଖାନା କବାଟ ଖୋଲିବେ ଏସବୁ ଦ୍ୱନ୍ଦ୍ୱ ସେମାନଙ୍କ ମନଭିତରେ ଉପୁଜିଛି । ପରିଶେଷରେ ଗୋପୀ ଯିଏକି ସମସ୍ତଙ୍କ ମଧ୍ୟରେ ନିରୀହ ତାକୁ ପଠାଇବାକୁ ସ୍ଥିର କରିଛନ୍ତି । ନିଶାକର ଏକମାତ୍ର ବ୍ୟକ୍ତି ଯିଏକି ମନା କରିଛି କାରଣ ଗୋପୀକୁ ତା ବୁଢ଼ୀ ମା' ନିଶାକର ଜମାରେ ଛାଡ଼ିଥିଲା । ମାଡ଼ି ଗାଳିଦେଇ ଗୋପୀକୁ ପଠାଯାଇଛି । ଗୋପୀ କାକୁସ୍ଥ ହୋଇ କହିଛି, ତମେ ସବୁ ଡରିଲ ମୋତେ ପଠେଇଲ ମୁଁ ଆଉ କାହିଁକି ଡରିବି । ଗୋପୀ କବାଟ ଖୋଲିବାର ଧାରା ବିବରଣୀ ସୁରେଶ ପ୍ରଦାନ କରିଛି । ଭାଲୁ ପାଖରୁ କାନ୍ଦି କାନ୍ଦି ଗୋପୀ ଫେରିବା ପରେ ଆଖି ମଳି ମଳି କହିଛି ମୋ ବୁଢ଼ୀମା' ତମ ହାତରେ ଟେକିଦେଇ କେତେ ଗୁହାରୀ କରି କହିଥିଲା ମାତ୍ର ତମେମାନେ ମୋତେ ଜାଣିଶୁଣି ବିପଦ ମୁହଁକୁ ଠେଲିଦେଲ । ଦୟା ପୂର୍ବକ ଭାଲୁ ମୋତେ ଛାଡ଼ିଦେଲା । ମାତ୍ର ଯିବା ପୂର୍ବରୁ ତୁମ୍ଭମାନଙ୍କ ମୁହଁ ମୁଁ ଦେଖିଛି ତୁମକୁ ଦେଖିବା ପରେ ମୋର ହୃଦୟଙ୍ଗମ ହୋଇଛି, ତୁମଠାରୁ ଭାଲୁ ଢେର ଭଲ । ଭାଲୁ ସିନା ମୋତେ ଛାଡ଼ିଦେଲା ମୁଁ ନଯାଇଥିଲେ ତୁମେ ମୋତେ ପିଟିପିଟି ମାରିଦେଇଥାନ୍ତ । ଏଠି ମଣିଷର ସ୍ୱାର୍ଥପରତା କେତେ ହିଂସ୍ର ଓ ଭୟଙ୍କର ତା'ର ଚିତ୍ର ପ୍ରଦନ କରାଯାଇଛି । ଶେଷରେ ଗୋପୀ ସମସ୍ତଙ୍କୁ କହିଛି, ତମେମାନେ ନିଜେ ନିଜ ଜିଭରେ ସସେମିରା ଲେଖିଦେବ । ମୁଁ ଯାଉଚି । ଗୋପୀ ଛାଡ଼ି ଚାଲିଯିବା ପରେ ସମସ୍ତେ ଗୋପୀ ପାଖରେ ନିଜକୁ ଛୋଟ ମନେ କରୁଛନ୍ତି ।

## ପ୍ରଶ୍ନାବଳୀ

୧. **ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ : ପ୍ରଶ୍ନର ମୂଲ୍ୟ ୧ ନମ୍ବର । ଚାରିଗୋଟି ସମ୍ଭାବ୍ୟ ଉତ୍ତର ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ ।**

(କ) ରେଡ଼ିଓର ଜରୁରୀ ଘୋଷଣା ଶୁଣିବା ବେଳକୁ ସୁରେଶ କ'ଣ ଭାଙ୍ଗୁଥିଲା ?

(ପଥର, ମୁଗୁର, ଇଟା, ହାତୁଡ଼ି)

ଉ.: ମୁଗୁର ।

(ଖ) କିଏ ଯାଇ ରେଡିଓ ବନ୍ଦ କରି ଦେଇଚି ?

(ଦେବକାର, ନିଶାକର, ଗୋପୀ, ମନମୋହନ)

ଉ.: ମନମୋହନ ।

(ଗ) କେଉଁ ଖବରଟା ବେଳେବେଳେ ସତ ହୋଇଯାଏ ବୋଲି ନିଶାକର କହିଛନ୍ତି ?

(ସକାଳ, ମଧ୍ୟାହ୍ନ, ଅପରାହ୍ଣ, ସନ୍ଧ୍ୟା)

ଉ.: ସକାଳ ।

(ଘ) କୈଳାସର ସଂସ୍କୃତ ଶ୍ଳୋକ ଶୁଣି ତାହା କେଉଁ ଭାଷାର ବୋଲି ସୁରେଶ କହିଛନ୍ତି ?

(ଓଡ଼ିଆ, ହିନ୍ଦୀ, ତେଲୁଗୁ, ତାମିଲ)

ଉ.: ତେଲୁଗୁ ।

(ଙ) କେଉଁ କଥା ଭୟାନକ ବୋଲି ଗୋପୀ କହିଛି ?

(ଭାଲୁକାମୁଡ଼ା, ଭାଲୁର ଜିଭଚଟା, ଭାଲୁ ଆମ୍ଭୁଡ଼ା, ଭାଲୁ ଘୋଷରା)

ଉ.: ଭାଲୁ ଆମ୍ଭୁଡ଼ା ।

(ଚ) ଭାଲୁ ଆଦୌ କ'ଣ ସହିପାରେ ନାହିଁ ?

(ବନ୍ଧୁତା, ମାନବିକତା, ବିଶ୍ୱାସଘାତକତା, ଶଠତା)

ଉ.: ବିଶ୍ୱାସଘାତକତା ।

(ଛ) ମନମୋହନଙ୍କ ଭାଇଟିର କେତେବେଳେ ଇଣ୍ଟରଭିଉ ଥିଲା ?

(ଆଠଟାରେ, ନଅଟାରେ, ଦଶଟାରେ, ସାଢ଼େ ଦଶଟାରେ)

ଉ.: ଦଶଟାରେ ।

(ଜ) କୈଳାସଙ୍କର ସେଦିନ ଜଣକ ସାଙ୍ଗରେ କେଉଁଠି ଦେଖାକରିବାର ଥିଲା ?

(ବସ୍‌ଷ୍ଟାଣ୍ଡରେ, ମେଡ଼ିକାଲରେ, ରେଡ଼ିଓ ଷ୍ଟେସନରେ, ଷ୍ଟେସନରେ)

ଉ.: ଷ୍ଟେସନରେ ।

(ଝ) ନିଶାକରବାବୁ ଖଟ ଉପରେ କ'ଣ ଦେଖି ଭା... ବୋଲି କହିଲେ ?

(କଳାଚାଦର, କଳାବେଡ୍‌ସିଟ୍, କଳାକମ୍ବଳ, କଳାରେଜେଇ)

ଉ.: କଳାକମ୍ବଳ ।

(ଞ) କମ୍ବଳଟା କିଏ ଘୋଡ଼ିହୋଇ ଶୋଇଥିଲା ?

(ସୁରେଶ, ଦେବକାନ୍ତ, ଗୋପୀ, ମନମୋହନ)

ଉ.: ଗୋପୀ ।

(ଟ) ଭାଲୁର କାହାପ୍ରତି ଆଲର୍ଜି ବୋଲି ମନମୋହନ କହିଛନ୍ତି ?

(ଅନ୍ଧାର, ଆଲୁଅ, ଦ୍ୱିପ୍ରହର, ସକାଳ)

ଉ.: ଆଲୁଅ ।

(ଠ) କେଉଁ ଭାଲୁ ଜଙ୍ଗଲରୁ ଆସି ଆମ ପାଇଖାନାରେ ଲୁଚିନାହିଁ ବୋଲି ମନମୋହନ କହିଲେ ?

(ସହରୀ ଭାଲୁ, ଭୟାନକ ଭାଲୁ, କବିତାର ଭାଲୁ, ଗପର ଭାଲୁ)

ଉ.: ଗପର ଭାଲୁ ।

(ଡ) 'ଆଲୁଅରେ ଖାଇଲେ ଗୁଡ଼, ଅନ୍ଧାରରେ ଖାଇଲେ ତ ସେଇ ଗୁଡ଼'- ଏହା କିଏ କହିଛି ?

(ମନମୋହନ, ନିଶାକର, ସୁରେଶ, ଗୋପୀ)

ଉ.: ନିଶାକର ।

(ଢ) କେଉଁ କଥା ବରଦାସ୍ତ କରିପାରିବେନି ବୋଲି ସୁରେଶ କହିଛନ୍ତି ?

(ଭାଲୁ, ବନ୍ଦ, ଅପମାନ, ଭୟ)

ଉ.: ବନ୍ଦ ।

(ଣ) ଦରକାର ପଡ଼ିଲେ କିଏ ଭାଲୁଠୁ ଆହୁରି ବେଶି ହିଂସ୍ର ହୋଇପାରେ ?

(ସିଂହ, ବାଘ, ଗୟଳ, ମଣିଷ)

ଉ.: ମଣିଷ ।

(ତ) ଇଚ୍ଛାକଲେ ମଣିଷ ବି କ'ଣ ହୋଇପାରେ ବୋଲି ମନମୋହନ କହିଛନ୍ତି ?

(ହତ୍ୟାକାରୀ, ପଶୁ, ପ୍ରତିଶୋଧପରାୟଣ, କ୍ଷମାଶୀଳ)

ଉ.: ପଶୁ ।

(ଥ) ଗୋପୀକୁ କିଏ ପିଟିଲା ବୋଲି ସେ କହିଥିଲା ?

(ଭୂତ, ଭାଲୁ, ପୋଲିସ, କିଏ ଜଣେ)

ଉ.: ଭାଲୁ ।

(ଦ) କୈଳାସ କ'ଣ ବଜେଇ ବଜେଇ ଭିତରକୁ ଆସିଥିଲା ?

(ବଂଶୀ, କେନ୍ଦରା, ଖଞ୍ଜଣୀ, ମୃଦଙ୍ଗ)

ଉ.: ମୃଦଙ୍ଗ ।

(ଧ) କୈଳାସ କ'ଣ ହୋଇଗଲା ବୋଲି ସୁରେଶ କହିଛନ୍ତି ?

(କଳାକାର, ଯୋଗୀ, ପାଗଳ, ପଣ୍ଡିତ)

ଉ.: ପାଗଳ ।

(ନ) ଏ ଭାଲୁର ପୂର୍ବପୁରୁଷ କିଏ କୈଳାସ କହିଛି ?

(ହନୁମାନ, ଜାମ୍ବବାନ, ସୁଗ୍ରୀବ, ଅଙ୍ଗଦ)

ଉ.: ଜାମ୍ବବାନ ।

(ପ) ଭାଲୁକୁ ମାରିଲେ ଏହା କେଉଁଭଳି ଏକ ଇସ୍ୟୁ ହୋଇଯିବ ବୋଲି କୁହାଯାଇଛି ?

(ଅଯୋଧ୍ୟା, ଲଙ୍କା, କିଷ୍କିନ୍ଧ୍ୟା, କାଶ୍ମୀର)

ଉ.: ଅଯୋଧ୍ୟା ।

(ଫ) କିଏ ଗୋପୀକୁ ନିଶାକରର ଜିମାରେ ଛାଡ଼ିଦେଇ ଯାଇଥିଲେ ?

(ତା ମାଆ, ତା ବୁଢ଼ୀ ମା, ତା ବାପା, ତା' ବୁଢ଼ାବାପା)

ଉ.: ତା ବୁଢ଼ୀ ମା ।

**୨. ଗୋଟିଏ ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(କ) ରେଡିଓ ଜରୁରୀ ଘୋଷଣା ଶୁଣି କୈଳାସ ଅବସ୍ଥା କ'ଣ ହୋଇଛି ?

ଉ.: ରେଡିଓ ଜରୁରୀ ଘୋଷଣା ଶୁଣି କୈଳାସର ଭୟରେ ଗୋଡ଼ ଦୁଇଟା ତଳକୁ ଓହ୍ଲେଇ ଆସିଛି ଓ ସେପ୍ଲାଟ୍ ହୋଇଯାଇଛି ।

(ଖ) ସହର ଭିତରକୁ ଭାଲୁଟିଏ ପଶିଆସିଥିବାର ଶୁଣି ସୁରେଶର ଅବସ୍ଥା କ'ଣ ହୋଇଛି ?

ଉ.: ସହର ଭିତରକୁ ଭାଲୁଟିଏ ପଶିଆସିଥିବା ଖବର ଶୁଣି ସୁରେଶ ମୁଗୁର ଭାଙ୍ଗୁଥିବା ସୁରେଶ, ମହିଷାସୁର ମର୍ଦ୍ଦିନୀ ପରି ଭଙ୍ଗୀରେ ସ୍ଥିର ହୋଇଯାଇଛି ।

(ଗ) ରେଡ଼ିଓ କେଉଁ ସବୁ ବିଷୟରେ ମିଛ କହେ ବୋଲି କୈଳାସ କହିଛି ?

ଉ.: ରେଡ଼ିଓ ପାଣିପାଗ, ବଜାରଦ ଦର, ବନ୍ୟା, ମରୁଡ଼ି ଆଦି ବିଷୟରେ ମିଛ କହେ ବୋଲି କୈଳାସ କହିଛି ।

(ଘ) ସସେମିରା ପ୍ରସଙ୍ଗରେ କିଏ ସଂସ୍କୃତ ଶ୍ଳୋକଟିଏ କହିଛି ?

ଉ.: କୈଳାସ ସସେମିରା ପ୍ରସଙ୍ଗରେ ସଂସ୍କୃତ ଶ୍ଳୋକଟିଏ କହିଛି ।

(ଙ) କୌଣସି ଏକ ଭାଲୁ କାହା ଜିଭରେ ସସେମିରା ଲେଖିଦେଇଥିଲା ?

ଉ.: ରାଜାପୁଅ ଜିଭରେ କୌଣସି ଏକ ଭାଲୁ ସସେମିରା ଲେଖିଦେଇଥିଲା ।

(ଚ) ଆଜି ଆଉ ବଜାର ଯିବା ସମ୍ଭବ ନୁହେଁ ବୋଲି ନିଶାକର କାହିଁକି କହିଛି ?

ଉ.: ସହର ଭିତରକୁ ଭାଲୁ ପଶିଆସିବା ଖବର ରେଡ଼ିଓରୁ ଶୁଣିବାପରେ ଆଜି ଆଉ ବଜାର ଯିବା ସମ୍ଭବ ନୁହେଁ ବୋଲି ନିଶାକର କହିଛି ।

(ଛ) ଭାଲୁ କେଉଁ ବାଟଦେଇ ବାଥ୍ରୁମ୍‌କୁ ପଶିଆସିଥିଲା ବୋଲି ଦେବକାନ୍ତ ଅନୁମାନ କରିଛି ?

ଉ.: ଭାଲୁ ପଛପାଖ ଖୋଲା ଦରଜା ଦେଇ ବାଥ୍ରୁମ୍‌କୁ ପଶିଆସିଥିଲା ବୋଲି ଦେବକାନ୍ତ ଅନୁମାନ କରିଛି ।

(ଜ) ଭାଲୁ ବେଡ୍ ରୁମ୍‌ରେ ଢୁକିଥିଲେ କ'ଣ ହୋଇଥାନ୍ତା ?

ଉ.: ଭାଲୁ ଯଦି ବେଡ୍ ରୁମ୍‌ରେ ଢୁକିଥାନ୍ତା, ତାହେଲେ ମଣିଷ ପିଣ୍ଡାରେ ଶୋଇ ପଡ଼ିଥାନ୍ତା ।

(ଝ) ଭାଲୁ କେଉଁଠିଥିଲେ ବାହାରିବାର ଉପାୟ ନାହିଁ ବୋଲି ମନମୋହନ କହିଛି ?

ଉ.: ଭାଲୁ ବାହାରେ କିମ୍ବା ଭିତରେ ଯେଉଁଠି ଥିଲେ ବି ବାହାରିବାର ଉପାୟ ନାହିଁ ବୋଲି ମନମୋହନ କହିଛି ।

(ଞ) କେଉଁଠି ଭାଲୁ ଉପଦ୍ରବ ଆରମ୍ଭ ହୋଇଯାଇଛି ବୋଲି ନିଶାକର କହିଲେ ?

ଉ.: ସହରରେ ନୁହେଁ, ଆମର ଏ ମେସ୍ ଭିତରେ ଭାଲୁ ଉପଦ୍ରବ ଆରମ୍ଭ ହୋଇଯାଇଛି ବୋଲି ନିଶାକର କହିଲେ ।

(ଟ) ନିଶାକର ବାବୁ ଗୋପାଳକୁ ଠେଲିଦେଇ କ'ଣ କହିଥିଲେ ?

ଉ.: ନିଶାକର ବାବୁ ଗୋପାଳକୁ ଠେଲିଦେଇ କହିଥିଲେ ଖାଲି ସବୁବେଳେ ସପନ ଦେଖୁଥା'।

(ଠ) ମନମୋହନ ଭାଲୁକୁ ଶୋଇଥିବାର ଦେଖିବା ବେଳେ ଭାଲୁ କେଉଁ ଅବସ୍ଥାରେ ଥିଲା ବୋଲି ନିଶାକର କହିଲେ ?

ଉ.: ମନମୋହନ ଭାଲୁକୁ ଶୋଇଥିବାର ଦେଖିବା ବେଳେ ସେତେବେଳେ ଦିନ ଥିବାରୁ ଜରରେ କମ୍ପୁଥିବା ଅବସ୍ଥାରେ ଥିଲା ବୋଲି ନିଶାକର କହିଲେ ।

(ଡ) ମନମୋହନ ଓ ନିଶାକର ଭାଲୁ ସମ୍ପର୍କରେ କଥାହେଲା ବେଳେ ସୁରେଶ ହାତରେ କ'ଣ ସବୁ ଧରି ଆସିଥିଲେ ?

ଉ.: ମନମୋହନ ଓ ନିଶାକର ଭାଲୁ ସମ୍ପର୍କରେ କଥାହେଲା ବେଳେ ସୁରେଶ ହାତରେ ବଲ୍‌ବ ହୋଲ୍‌ଡ଼ର ସବୁ ଧରି ଆସିଥିଲେ ।

(ଢ) କେଉଁ କଥା ପ୍ରମାଣ ମାଗିଲେ ଦବା କଷ୍ଟକର ବୋଲି ନିଶାକର କହିଛି ?

ଉ.: ଏ ଜଗତଟା ବିଶ୍ୱାସରେ ଚାଲିଛି, ଏକଥାର ପ୍ରମାଣ କିଏ ମାଗିଲେ ଦବା କଷ୍ଟକର ବୋଲି ନିଶାକର କହିଛି ।

(ଣ) ଆଲୁଅ ନଜାଳିବାକୁ ନିଶାକର କାହିଁକି କହିଛି ?

ଉ.: ଭାଲୁର ବିଶ୍ୱସ୍ତତା ପ୍ରତି ଆସ୍ଥା ରଖି ଆଲୁଅ ନଜାଳିବାକୁ ନିଶାକର କହିଛି ।

(ତ) ଭାଲୁର କେଉଁକଥା ପ୍ରତି ଆଶା ରଖାଯାଉ ବୋଲି ନିଶାକର କହିଛି ?

ଉ.: ଭାଲୁର ବିଶ୍ୱାସ ପ୍ରତି ଆସ୍ଥା ରଖାଯାଉ ବୋଲି ନିଶାକର କହିଛି ।

(ଥ) କେଉଁ କଥା ସବୁ ବନ୍ଦ ବୋଲି ସୁରେଶ କହିଛି ?

ଉ.: ଖାଇବା, ଶୋଇବା, ଝାଡ଼ା, ପରିସ୍ରା ଆଦି ଆଦି ସବୁ ବନ୍ଦ ବୋଲି ସୁରେଶ କହିଛି ।

(ଦ) ଭାଲୁ ବିଷୟରେ କାହାକୁ ଖବର ଦେବ ବୋଲି ମନମୋହନ କହିଛି ?

ଉ.: ଆଣ୍ଟି ଭାଲୁ ସ୍କ୍ୱାର୍ଡ଼କୁ ଭାଲୁ ବିଷୟରେ ଖବର ଦେବ ବୋଲି ମନମୋହନ କହିଛି ।

(ଧ) ସ୍କ୍ୱାଡ୍ ଫୁଆଡ୍ କଥା ରଖି କ'ଣ ଦରକାର ବୋଲି ମନମୋହନ କହିଛି ?

ଉ.: ଘର ବାଲା ଚୂନ ଦବାପାଇଁ ରଖିଥିବା ଗୋଟିଏ ବାଉଁଶ ଦରକାର ବୋଲି ସ୍କାର୍ଡ଼ ଫୁଆଡ଼୍ କଥା ରଖି ମନମୋହନ କରିଛି ।

(ନ) ବହିରେ କ'ଣ ଲେଖିଚି ବୋଲି ଦେବକାନ୍ତ କହିଛି ?

ଉ.: ବହିରେ ଲେଖିଚି ଯେ ଭାଲୁ ଗୋଟିଏ ପ୍ରତିଶୋଧ ପ୍ରବଣ ଓ ହିଂସ୍ର ପ୍ରାଣୀ ବୋଲି ଦେବକାନ୍ତ କହିଛି ।

(ପ) ଭାଲୁଟାର କେଉଁ ଜ୍ଞାନ ନାହିଁ ବୋଲି ନିଶାକର କହିଛି ?

ଉ.: ଭାଲୁ ଗୋପୀର ଗାଲକୁ ମାରିଥିବାରୁ ତା'ର ବଡ଼ ସାନ ଜ୍ଞାନ ନାହିଁ ବୋଲି ନିଶାକର କହିଛି ।

(ଫ) ରାତିଟାର କଥା ବୋଲି ନିଶାକର କାହିଁକି କହିଛି ?

ଉ.: ରାତି ପାହିଲେ ଭାଲୁ ଭାଲୁ ବାଟରେ ଆମେ ଆମ ବାଟରେ ରହିବା କଥା ନିଶାକର କହିଛି ।

(ବ) ମହାତ୍ମାଗାନ୍ଧୀ ମଣିଷମାନଙ୍କ ଉଦ୍ଦେଶ୍ୟରେ କ'ଣ କହିଛନ୍ତି ବୋଲି କୁହଯାଇଛି ?

ଉ.: ମହାତ୍ମାଗାନ୍ଧୀ ମଣିଷମାନଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଗୋଟିଏ ଗାଲରେ ମାରିଲେ ଆର ଗାଲଟି ଦେଖେଇ ଦିଅ ।

(ଭ) ଗଭର୍ଣ୍ଣମେଣ୍ଟ କେଉଁ ବିଷୟରେ ଅର୍ଡ଼ର ଦେଇନି ବୋଲି ନିଶାକର କହିଛି ?

ଉ.: ଭାଲୁ ମାରିବା ବିଷୟରେ ଗଭର୍ଣ୍ଣମେଣ୍ଟ ବିଷୟରେ ଅର୍ଡର ଦେଇନି ବୋଲି ନିଶାକର କହିଛି ।

(ମ) କୈଳାସ ଘର ଭିତରେ ବସିବସି କ'ଣ କରିଚି ଓ ସମସ୍ତେ କ'ଣ କରିବାକୁ ହେବ ବୋଲି କହିଛି ?

ଉ.: କୈଳାସ ଘର ଭିତରେ ବସିବସି ଜଣାଣଟିଏ ଲେଖିଛି ଓ ଗାଇଛି, ସମସ୍ତଙ୍କୁ ସେହି ଜଣାଣ ଗାଇବାକୁ କହିଛି ।

(ଯ) ଓଡ଼ିଆ ସାହିତ୍ୟରେ କେଉଁ ଜଣାଣ ଥିଲା ଏବଂ କେଉଁ ଜଣାଣ ନଥିଲା ବୋଲି କୁହାଯାଇଛି ?

ଉ.: ଓଡ଼ିଆ ସାହିତ୍ୟରେ 'ସର୍ପ ଜଣାଣ' ଥିଲା ଏବଂ ଭାଲୁ ଜଣାଣ ନଥିଲା ବୋଲି କୁହାଯାଇଛି ।

(ର) ଯଦି ସମସ୍ତେ ମିଶି ଭାଲୁକୁ ଆକ୍ରମଣ କରନ୍ତି, ତେବେ ଭାଲୁ କ'ଣ କରିବ ?

ଉ.: ଯଦି ସମସ୍ତେ ମିଶି ଭାଲୁକୁ ଆକ୍ରମଣ କରନ୍ତି, ତେବେ ଭାଲୁ ପ୍ରତ୍ୟାକ୍ରମଣ କରିବ ବୋଲି କୁହାଯାଇଛି ।

(ଲ) ଭାଲୁ ଭୀଷଣ ବିରକ୍ତ ବୋଲି କେଉଁଥିରୁ ଜଣାପଡୁଥିଲା ?

ଉ.: ଭାଲୁର ବାରମ୍ବାର ଗର୍ଜନରୁ ସେ ଭୀଷଣ ବିରକ୍ତ ବୋଲି ଜଣାପଡୁଥିଲା ।

(ଳ) କୈଳାସ କବାଟର ଜଞ୍ଜିର ଖୋଲିବାକୁ କାହିଁକି ନାହିଁ କଲା ?

ଉ.: କାଲି କୀର୍ତ୍ତନ କରୁ କରୁ ଗୋଡ଼ଟା ମକଚି ହୋଇଯାଇଥିବା କଥା କହି କୈଳାସ କବାଟର ଜଞ୍ଜିର ଖୋଲିବାକୁ ମନାକଲା ।

(ଶ) ଗୋପୀ କମ୍ବଳେ କିଏ କବାଟ ଖୋଲିବାକୁ ଯିବ ବୋଲି କୁହାଯାଇଛି ?

ଉ.: [illegible] କୈଳାସକୁ [illegible] ବୋଲି କୁହାଯାଇଛି ।

(ଷ) ସମସ୍ତେ ମିଶି ତାକୁ କ'ଣ କହୁଛନ୍ତି ବୋଲି ଗୋପୀ କ

ଉ.: ସମସ୍ତେ ମିଶି ତାକୁ ମରଣ ମୁହଁକୁ ଠେଲି ଦେଉଛନ୍ତି ବୋଲି ଗୋପୀ କହିଥିଲା ।

(ସ) ଗୋପୀଟା ନଯାଇଥିଲେ କ'ଣ ହୋଇଥାନ୍ତା ବୋଲି ମନମୋହନ କହିଥିଲେ ?

ଉ.: ଗୋପୀ ନଯାଇଥିଲେ ବଡ଼ ପ୍ରୋବ୍ଲେମ୍ ହୋଇଥାନ୍ତା ବୋଲି ମନମୋହନ କହିଥିଲେ ।

(ହ) ଗୋପୀର ବୁଢ଼ୀମା' କ'ଣ ଜାଣିନଥିଲା ବୋଲି ସେ କହିଲା ?

ଉ.: ବିପଦରୁ ମୁକୁଳିବାକୁ ହେଲେ ଯାହାକୁ ନାଇ ତାକୁ ଦରକାର ପଡ଼ିଲେ ମଝି ଦରିଆକୁ ଠେଲିଦେବାକଥା ବୁଢ଼ୀମା' ଜାଣିନଥିଲା ବୋଲି ଏକଥା କହିଛି ।

**୩. ଦୁଇଟି ବାକ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକ ସୂଚନା ପାଇଁ ୧ ନମ୍ବର । ଠିକ୍ ଉତ୍ତର ପାଇଁ ୧ ନମ୍ବର ।**

(କ) ସହର ଭିତରକୁ ଭାଲୁଟିଏ ପଶି ଆସିଥିବାର ନଶାକରଠାରୁ ଶୁଣି ମନମୋହନ କ'ଣ କହିଛି ?

ଉ.: ଏକଥାଟି 'ଭାଲୁ ଉପଦ୍ରବ' ଏକାଙ୍କିକାରେ ନାଟ୍ୟକାର ବିଜୟ ମିଶ୍ର କହିଛନ୍ତି । ସହର ଭିତରକୁ ଭାଲୁ ପଶିଆସିଥିବା କଥା ଶୁଣି ନିଶାକରକୁ ମନମୋହନ କହିଛି ଆପଣ ମହାଗାଲୁ ଏମିତି କହି ବଜାର ନଯାଇ ପଟାପୋକରା ପରିବାରେ କାମ ଚଳେଇ ନେବେ ।

(ଖ) ରେଡ଼ିଓର ସକାଳ ଖବରଟା ବେଳେ ବେଳେ ସତ ହୋଇଯାଏ ଶୁଣି ମନମୋହନ କ'ଣ କହିଛି ?

ଉ.: ଏହା ବିଜୟ ମିଶ୍ରଙ୍କର ଏକାଙ୍କିକା 'ଭାଲୁ ଉପଦ୍ରବ'ରୁ ଆସିଅଛି । ବେଳେବେଳେ ସକାଳ ଖବରଟା ସତ ହୋଇଯାଏ ଶୁଣି ମନମୋହନ କହିଛି ହେଉ ଭାଲୁଟି ପଶି ଆସିଛି ସେଥିରେ ତୁମର ଓ ଆମର କ'ଣ ହେଇଯିବ ।

(ଗ) କେଉଁ କଥା ମନମୋହନ ଜାଣିପାରିବନି ବୋଲି ଗୋପୀ ମନମୋହନଙ୍କୁ କହିଛି ?

ଉ.: ଏହା ନାଟ୍ୟକାର ବିଜୟ ମିଶ୍ରଙ୍କ ଏକାଙ୍କିକା 'ଭାଲୁ ଉପଦ୍ରବ'ରୁ ଗୃହୀତ । ସହରରେ ରହୁଥିବା ଲୋକ ଭାଲୁ ଆମ୍ଭୁଡ଼ା କି ଭୟାନକ ଏକଥା ଜାଣିପାରିବେନି ବୋଲି ଗୋପୀ ମନମୋହନଙ୍କୁ କହିଛି ।

(ଙ) "ଆପଣ ଯାହା ଭାବିପାରନ୍ତି"... ଏକଥା କିଏ କେଉଁ ପ୍ରସଙ୍ଗରେ କହିଛି ?

ଉ.: ଏହା ନାଟ୍ୟକାର ବିଜୟ ମିଶ୍ରଙ୍କ ଏକାଙ୍କିକା 'ଭାଲୁ ଉପଦ୍ରବ'ରୁ ଗୃହୀତ । ପରିବା କିଣିବାକୁ ନଯିବା ପାଇଁ ଭାଲୁକଥା କହିଛନ୍ତି ବୋଲି ମନମୋହନ କହିବା ପରେ ନିଶାକର କହିଛି ଆପଣ ଯାହା ବି ଭାବିପାରନ୍ତି ।

(ଙ) ଭାଲୁର ଯିବା ଆସିବା ସମ୍ପର୍କରେ ମନମୋହନ କ'ଣ କହିଛି ?

ଉ.: ଏକଥା ନାଟ୍ୟକାର ବିଜୟ ମିଶ୍ରଙ୍କ 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆସିଛି । ଭାଲୁ କ'ଣ ଟୁର୍ ପ୍ରୋଗ୍ରାମ୍ କରି ସହରକୁ ଗ୍ରସ୍ତ କରିବାକୁ ଆସିଛି ଯେ ତା ଯିବା ଆସିବା କଥା ଜଣା ପଡ଼ିବ ବୋଲି ମନମୋହନ କହିଛି ।

(ଚ) ସୁରେଶର ସେଦିନ କ'ଣ କାମ ଥିଲା ବୋଲି ସେ କହିଛି ?

ଉ.: ଏହା ନାଟ୍ୟକାର ବିଜୟ ମିଶ୍ରଙ୍କ 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଉଦ୍ଧୃତ । ସୁରେଶର ସେଦିନ ଗୋଟିଏ ଜରୁରୀ ଫାଇଲ ଡିସ୍ପୋଜ୍ କରିବାର ଥିଲା ବୋଲି ସେ କହିଛି ।

(ଛ) ସରକାର ସମସ୍ତଙ୍କୁ କେଉଁ ବିଷୟରେ ଜଣାଇବାକୁ ଅନୁରୋଧ କରିଥିଲେ ?

ଉ.: ଏହା ନାଟ୍ୟକାର ବିଜୟ ମିଶ୍ରଙ୍କ 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆସିଅଛି । ସରକାର ଭାଲୁ ସନ୍ଧାନ ପାଇଁ ଖୋଲିଥିବା ଅନୁସନ୍ଧାନ ସ୍କ୍ୱାର୍ଡ଼କୁ ଭାଲୁର ଅବସ୍ଥିତି ଜଣାଇବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ ।

(ଜ) ସବିଶେଷ ଖବରରୁ କ'ଣ ଜଣାଯାଇଛି ବୋଲି ଆନାଉନ୍‌ସ ହୋଇଛି ?

ଉ.: ଏହା ନାଟ୍ୟକାର ବିଜୟ ମିଶ୍ରଙ୍କ 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆନୀତ । ସବିଶେଷ ଖବର ଅନୁଯାୟୀ ଆଜି ସହରରେ ଅନୁଷ୍ଠିତ ହେବାକୁ ଥିବା ଇଣ୍ଟରଭ୍ୟୁ, କ୍ରିକେଟ୍ ଖେଳ ଓ ଅନ୍ୟାନ୍ୟ ପ୍ରୋଗ୍ରାମ୍ ବାତିଲ ବୋଲି ଆନାଉନ୍‌ସ ହୋଇଛି ।

(ଝ) ଗୋପୀ ଆଖି ବନ୍ଦ କରି ଚିତ୍କାର କରିବା ଦେଖି ନିଶାକର ବାବୁ କ'ଣ କହିଛନ୍ତି ?

ଉ.: ଏହା ନାଟ୍ୟକାର ବିଜୟ ମିଶ୍ରଙ୍କ ଏକାଙ୍କିକା 'ଭାଲୁ ଉପଦ୍ରବ'ରୁ ଆସିଛି । ଗୋପୀର ଚିତ୍କାର ଶୁଣି ନିଶାକର କହିଛନ୍ତି, କାହିଁକି ଏଡ଼େ ଚିତ୍କାର କରୁଛି ସେ ଶୋଇଚି ଉଠିପଡ଼ିବ ।

(ଞ) ମନମୋହନ ବାବୁ ଭାଲୁକୁ କେଉଁଠି ଶୋଇଥିବାର ଦେଖିଲେ ?

ଉ.: ଏହା ନାଟ୍ୟକାର ବିଜୟ ମିଶ୍ରଙ୍କ 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆନୀତ । ମନମୋହନ ବାବୁ ଭାଲୁକୁ ପାଇଖାନା ଭିତରେ ଶୋଇଥିବାର ଦେଖିଲେ ।

(ଟ) ଶକ୍ତି ଆଉ ବଳ ମାପିବା ପାଇଁ କ'ଣ ଦରକାର ହୁଏ ବୋଲି ମନମୋହନ ନିଶାକରଙ୍କୁ କହିଛି ?

ଉ.: ଏହା 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆସିଛି ଓ ଲେଖକ ନାଟ୍ୟକାର ବିଜୟ ମିଶ୍ର । ଶକ୍ତି ଆଉ ବଳ ମାପିବା ପାଇଁ ଘୋଡ଼ା ଆଉ ସିଂହାର ୟୁନିଟ୍ ଆବଶ୍ୟକ ବୋଲି ମନମୋହନ କହିଛି ।

(ଠ) ସୁରେଶ ଗୋପୀକୁ ଡାକି କେଉଁଠି ଆଲୁଅ ଜାଳିବାକୁ କହିଛି ଓ କାହିଁକି ?

ଉ.: ଏକଥା ନାଟ୍ୟକାର ବିଜୟ ମିଶ୍ରଙ୍କ 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଉଦ୍ଧୃତ । ସୁରେଶ ଗୋପୀକୁ ଡାକି ବାଥ୍‌ରୁମ୍ ବାହାରେ ଆଲୁଅ ଜାଳିବାକୁ କହିଛି । ଆଲୁଅର ଅଳ୍ପ ଅଂଶ ଯେପରି ବାଥ୍‌ରୁମ୍‌ରେ ପଡ଼େ ଯାହା ଫଳରେ ଭାଲୁର ଅବସ୍ଥିତି ଜାଣିହେବ ।

(ଡ) ଭାଲୁ କେଉଁ ଦଣ୍ଡ ଦେବ ବୋଲି ସୁରେଶକୁ ଜଣା ନଥିଲା ?

ଉ.: ଏହା ନାଟ୍ୟକାର ବିଜୟ ମିଶ୍ରଙ୍କ 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଉଦ୍ଧୃତ । ଭାଲୁ ପାଇଁ ସେମାନେ ଦିନସାରା ଉପବାସ, ଭିତରେ ବି ସେଇ ଅବସ୍ଥା ହେଇପାରେ ଓ ପାଇଖାନା ଯିବା ବନ୍ଦ ଏପରି ଦଣ୍ଡ ଭାଲୁ ଦେବ ବୋଲି ସୁରେଶକୁ ଜଣାନଥିଲା ।

(ଢ) ସୁରେଶ ସ୍କ୍ୱାର୍ଡ଼ କଥା କାହିଁକି କହୁଥିଲା ବୋଲି ମନମୋହନକୁ କହିଛି ?

ଉ.: ଏହା ନାଟ୍ୟକାର ବିଜୟ ମିଶ୍ରଙ୍କ 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଉଦ୍ଧୃତ । ଭାଲୁଟି ସେମାନଙ୍କୁ ବହୁ ହଇରାଣ କରିଛି ସେ ନଗଲା ପର୍ଯ୍ୟନ୍ତ ଏଘରେ କାହାରି Fredom ନାହିଁ ତେଣୁ ସୁରେଶ ସ୍କ୍ୱାର୍ଡ଼କଥା ମନମୋହନକୁ କହିଛି ।

(ଣ) "ଠିକ୍ କହିଛୁ ମନମୋହନ" - ଏଠାରେ ମନମୋହନର କେଉଁ କଥାଟି ଠିକ୍ ବୋଲି କୁହାଯାଇଛି ?

ଉ.: ଏହା ନାଟ୍ୟକାର ବିଜୟ ମିଶ୍ରଙ୍କ 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆସିଛି । ଦେବକାନ୍ତ ଭାଲୁକୁ ଗୋଟିଏ ପ୍ରତିଶୋଧ ପରାୟଣ ହିଂସ୍ରପ୍ରାଣୀ କହିବା ପରେ ମନମୋହନ କହିଛି ଦରକାର ପଡ଼ିଲେ ମଣିଷ ତାଠୁ ଆହୁରି ବେଶି ହିଂସ୍ର ହୋଇପାରେ, ଏହି କଥାଟି ଠିକ୍ ବୋଲି ସୁରେଶ କହିଛି ।

(ତ) ଭାଲୁ କ'ଣ କରିପାରେ ବୋଲି ଦେବକାନ୍ତ କହିଛି ?

ଉ.: ଏହା ନାଟ୍ୟକାର ବିଜୟ ମିଶ୍ରଙ୍କ 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଉଦ୍‌ଧୃତ । ଏକଥା ବିଜୟ ମିଶ୍ରଙ୍କ ଏକାଙ୍କିକା 'ଭାଲୁ ଉପଦ୍ରବ'ରୁ ଆସିଛି । ଭାଲୁ ଉଚ୍ଚ ସ୍ଥାନକୁ ଚଢ଼ିପାରେ, ଆମ୍ଭୁଡ଼ା କାମୁଡ଼ା ପରି ଜାବୁଡ଼ା ବି ଲଗେଇ ପାରେ ବୋଲି ଦେବକାନ୍ତ କହିଛି ।

(ଥ) "ଟିଟ୍ ଫର୍ ଟ୍ୟାଟ୍" ପ୍ରସଙ୍ଗରେ କ'ଣ କୁହାଯାଇଛି ?

ଉ.: ଏହା ନାଟ୍ୟକାର ବିଜୟ ମିଶ୍ରଙ୍କ 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଉଦ୍ଧୃତ । ଏକଥା ମନମୋହନ କହିଛି ଯେ ଭାଲୁପରି ହିଂସ୍ର ଜୀବକୁ ଘରେ ପୂରେଇ କାକୁସ୍ଥ ହୋଇ ରହିବା ଅପେକ୍ଷା ତା'ର ସାମ୍ନା କରିବା ଅତ୍ୟନ୍ତ ଭଲ ଅର୍ଥାତ୍ Tit for teet ଦାନ୍ତ ବଦଳରେ ଦାନ୍ତ ଆଖି ବଦଳରେ ଅଖି ।

(ଦ) ମନମୋହନ ଉଦ୍‌ବୋଧନ ଶୁଣି ଗୋପୀ କ'ଣ କହିଥିଲା ?

ଉ.: ଏହା ନାଟ୍ୟକାର ବିଜୟ ମିଶ୍ରଙ୍କ 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଉଦ୍ଧୃତ । ମନମୋହନର ଉଦ୍‌ବୋଧନ ଶୁଣି ଗୋପୀ କହିଛି ବାଉଁଶଟା ଆଣିଦେବି ଆଜ୍ଞା ପଛଦରଜା ଖୋଲା ଅଛି ଦି ଖେଞ୍ଚା ମାରିଦେଲେ ଖୋଲା ଦରଜା ଦେଇ ଭାଲୁ ପଳାଇବାକୁ ବାଟ ପାଇବନନି ।

(ଧ) ଉଣେଇଶ ସହ ଏକାନବେ ମସିହାରେ ଆଇ.ଏ.ଏସ୍ ପରୀକ୍ଷାରେ ଜାମ୍ବବାନ୍ ବିଷୟରେ କେଉଁ ପ୍ରଶ୍ନ ପଡ଼ିଥିଲା ?

ଉ.: ଏହା ନାଟ୍ୟକାର ବିଜୟ ମିଶ୍ରଙ୍କ 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଉଦ୍ଧୃତ । ଏକଥା ଭାଲୁ ଉପଦ୍ରବ ଏକାଙ୍କିକାରେ ନାଟ୍ୟକାର ବିଜୟ ମିଶ୍ର କହିଛନ୍ତି । ଉଣେଇଶ ସହ ଏକାନବେ ଆଇଏଏସ୍ ପରୀକ୍ଷାରେ ପ୍ରଶ୍ନ ପଡ଼ିଥିଲା, 'Wright a short note on Jamboban was a bear who served ରାମ like Hanuman"

(ନ) କୈଳାସ ଘର ଭିତରେ ବସିବାସି କ'ଣ କରିଛି ?

ଉ.: ଏହା ନାଟ୍ୟକାର ବିଜୟ ମିଶ୍ରଙ୍କ 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଉଦ୍ଧୃତ । କୈଳାସ ଘର ଭିତରେ ବସି ବସି ଜଣାଣ ଲେଖିଛି, ବୋଲିଛି ଓ ସମସ୍ତଙ୍କୁ ଗାଇବାକୁ କହିଛି ।

(ପ) କୈଳାସ ତା ମନଟାକୁ କିପରି ବୁଝେଇ ସାରିଛି ?

ଉ.: ଏହା ନାଟ୍ୟକାର ବିଜୟ ମିଶ୍ରଙ୍କ 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଉଦ୍ଧୃତ । ଏହା 'ଭାଲୁଉପଦ୍ରବ' ଏକାଙ୍କିକା ଓ ବିଜୟ ମିଶ୍ରଙ୍କ ଦ୍ୱାରା ରଚିତ । କୈଳାସ ତା ମନଟାକୁ ବୁଝେଇ ସାରିଛି ଏଠି ପଡ଼ିଆ ନାହିଁ, ପୋଖରୀ ନାହିଁ ପାଇଖାନା ବନ୍ଦ ହେଇଛିରେ ମନ ତୁ ଶୋଇଯା, ଶୋଇଯା କହି ବୁଝେଇଛି ।

(ଫ) କ'ଣ କଲେ ଭାଲୁ ଚାଲିଯିବ ବୋଲି ଦେବକାନ୍ତ ପ୍ରସ୍ତାବ ଦେଇଛି ?

ଉ.: ଏକଥାଟି ନାଟ୍ୟକାର ବିଜୟ ମିଶ୍ରଙ୍କ 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆସିଛି । ଦେବକାନ୍ତ ପଛପଟ ଦରଜାଟା ଖୋଲିଦେଲେ ଭାଲୁ ଚାଲିଯିବ ବୋଲି ପ୍ରସ୍ତାବ ଦେଇଛି ।

(ବ) ଭାଲୁ ତା ନିରାପଦ ଜାଗା କାହିଁକି ଛାଡ଼ିଯିବ ନାହିଁ ବୋଲି ନିଶାକର କହିଛି ?

ଉ.: ଏକଥାଟି ନାଟ୍ୟକାର ବିଜୟ ମିଶ୍ରଙ୍କ 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆସିଛି । ଭାଲୁକୁ ଜର ଆସିବା ସମୟ ହୋଇଯାଇଥିବାରୁ ସେ ତା'ର ନିରାପଦ ସ୍ଥାନ ଛାଡ଼ିଯିବନାହିଁ ବୋଲି ନିଶାକର କହିଛି ।

(ଭ) ପାଇଖାନା ଭିତରେ ଭାଲୁ କ'ଣ ଜାଣିପାରିଥିବ ଏବଂ ଦରଜା ଖୋଲା ଦେଖିଲେ କ'ଣ କରିବ ବୋଲି କୁହାଯାଇଛି ?

ଉ.: ଏହା ନାଟ୍ୟକାର ବିଜୟ ମିଶ୍ରଙ୍କ 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଉଦ୍ଧୃତ । ପାଇଖାନା ଭିତରେ ରହି ଭାଲୁ ମୁକ୍ତି ଦରକାର ବୋଲି ଜାଣିପାରିଥିବ ଆଉ ଦରଜା ଖୋଲା ଦେଖିଲେ ତା'ର ଜରଫର ଛାଡ଼ି ପଳେଇବା କଥା ଏଠାରେ କୁହାଯାଇଛି ।

(ମ) ଶୋଇଯାଇଥିବା ଗୋପୀ ଖିଲିଖିଲି ହସି କ'ଣ କହୁଥିଲା ?

ଉ.: ଏହା ନାଟ୍ୟକାର ବିଜୟ ମିଶ୍ରଙ୍କ ଏକାଙ୍କିକା 'ଭାଲୁ ଉପଦ୍ରବ'ରେ କୁହାଯାଇଛି । ନିଦରେ ଶୋଇ ଗୋପୀ ସ୍ୱପ୍ନ ଦେଖୁଥିଲା ଏ ଭାଲୁ ଛାଡ଼ ଛାଡ଼ମ ତୁ କୁତୁ କୁତୁ କଲେ ମୁଁ ତତେ କୁତୁକୁତୁ କରିଦେବି ଚୁପ୍ ହୋଇ ବସିଲୁ ଖେଳିବା ।

(ଯ) ଗୋପୀ କବାଟର ଜଞ୍ଜିରଟା ଖୋଲିଦେବା ପ୍ରସ୍ତାବ ଶୁଣି କୈଳାସ କଣ କହିଚି ?

ଉ.: ଏହା 'ଭାଲୁ ଉପଦ୍ରବ' ଏକାଙ୍କିକାରେ ବିଜୟ ମିଶ୍ର କହିଛନ୍ତି । କୈଳାସ ଗୋପୀ କବାଟ ଖୋଲିବାର ପ୍ରସ୍ତାବ ଶୁଣି କହିଛି ଜାମ୍ବବାନର ବଂଶଧର ଭାଲୁ ତାକୁ ମୁକ୍ତି ଦେଲେ ଇହକାଳ ପରକାଳ ସବୁକାଳକୁ ମୁକ୍ତି ମିଳିଯିବ ।

(ର) ରାତିସାରା ଭାଲୁ କ'ଣ କଲା ବୋଲି ଗୋପୀ କହିଛି ?

ଉ.: ଏକଥା 'ଭାଲୁ ଉପଦ୍ରବ' ଏକାଙ୍କିକାରେ ବିଜୟ ମିଶ୍ର କହିଛନ୍ତି । ଗୋପୀକୁ ରାତିସାରା ସପନରେ ଭାଲୁ କୁତୁ କୁତୁ କଲା ବୋଲି ଗୋପୀ କହିଛି ।

(ଳ) ପଛ ପରଜାଟା ଖୋଲି ଦେବାକୁ ଗୋପୀ କାହିଁକି ନାହିଁ କରିଥିଲା ?

ଉ.: ଏହା ନାଟ୍ୟକାର ବିଜୟ ମିଶ୍ରଙ୍କ 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଗୃହୀତ । ଏତେ ସମୟ ଭିତରେ ରହି ଭାଲୁ ରାଗି ଯାଇଥିବ କବାଟ ଖୋଲିବା ମାତ୍ରେ ତା ଉପରକୁ ଝାମ୍ପିପଡ଼ିବ ବୋଲି ଗୋପୀ ନାହିଁ କରିଥିଲା ।

(ଲ) ଗୋପୀ ଶେଷରେ କ'ଣ କହି କାନ୍ଦି କାନ୍ଦି ଚାଲିଗଲା ?

ଉ.: ଏକଥା ନାଟ୍ୟକାର ବିଜୟ ମିଶ୍ରଙ୍କ 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆନୀତ । ଗୋପୀକୁ ସମସ୍ତେ ମିଶି ମାଡ଼ ମାରିବା ପରେ ଗୋପୀ କହିଛି ତମେମାନେ ସବୁ ଭାଲୁକୁ ଡରିଗଲ ମୁଁ କାହିଁକି ଡରିବି କହି କାନ୍ଦି କାନ୍ଦି ଚାଲିଗଲା ।

(ଶ) ଗୋପୀ ତା ଘରକୁ ଚାଲିଯିବା ବେଳେ ଭାଲୁ ଓ ଅନ୍ୟ ସମସ୍ତଙ୍କ ମଧ୍ୟରେ କ'ଣ ପ୍ରଭେଦ ଥିବାର କହିଥିଲା ?

ଉ.: ଏକଥା 'ଭାଲୁ ଉପଦ୍ରବ' ଏକାଙ୍କିକାରେ ବିଜୟ ମିଶ୍ର କହିଛନ୍ତି । ଗୋପୀ ଏଠି ଭାଲୁ ଓ ମଣିଷମାନଙ୍କ ମଧ୍ୟରେ ପ୍ରଭେଦ କଥା ଉଲ୍ଲେଖ କରି କହିଛି ଭାଲୁ ନିରୀହ ସେ ହିଂସ୍ର ହୋଇ ମୋତେ ଛାଡ଼ି ଦେଲା, ମୁଁ ନଯାଇଥିଲେ ତୁମେମାନେ ମୋତେ ମାରି ଦେଇଥାନ୍ତ, ତେଣୁ ତୁମମାନଙ୍କ ଠାରୁ ଭାଲୁ ଢେର ଭଲ ।

**୪. ୩୦ ଶବ୍ଦ ମଧ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକ ପାଇଁ ୧ ନମ୍ବର । ଉତ୍ତର ପାଇଁ ୨ ନମ୍ବର ।**

(କ) ଭାଲୁ ଉପଦ୍ରବ ଏକାଙ୍କିକାଟିର ମଞ୍ଚସଜ୍ଜା କିପରି ହୋଇଛି ।

ଉ.: ଏହ ବିଷୟଟିର ନାମ 'ଭାଲୁ ଉପଦ୍ରବ' ଓ ଲେଖକ ବିଜୟ ମିଶ୍ର । ସାଧାରଣତଃ ମଞ୍ଚସ୍ଥ ହେବାକୁ ଥିବା ନାଟକ ଦୃଶ୍ୟାନ୍ତର ପୂର୍ବରୁ ମଞ୍ଚସଜ୍ଜା କରାଯାଇଥାଏ । ଭାଲୁ ଉପଦ୍ରବ ଏକାଙ୍କିକାରେ ମଞ୍ଚସଜ୍ଜାରେ ଗୋଟିଏ ବୈଠକ ଘର । କଣକୁ ଖଟିଆଟିଏ ଆଉ ଗୋଟିଏ କଣରେ ଛୋଟିଆ ଟିପଏ ଉପରେ ଟିଭି ଓ ରେଡ଼ିଓ । କାନ୍ଥରେ ବ୍ରୁସ୍‌ଲିଠାରୁ ବିଭିନ୍ନ ଅଭିନେତା ଅଭିନେତ୍ରୀଙ୍କ ଫଟର ବିଜ୍ଞାପନ । ଗୋଟିଏ ଯୋଡ଼ିଏ ଚେୟାର ଇତସ୍ତତ ପଡ଼ିଛି ପାଖକୁ କୁସ୍ତିର ସରଞ୍ଜାମ ରହିଛି ।

(ଖ) କେଉଁ ଅପ୍ରତ୍ୟାଶିତ ସମ୍ବାଦଟି ରେଡିଓ ଘୋଷଣା କରିଛି ?

ଉ.: ବିଷୟଟିର ନାମ 'ଭାଲୁ ଉପଦ୍ରବ' ଓ ଏକାଙ୍କିକାଟିର ଲେଖକ ବିଜୟ ମିଶ୍ର । ରେଡ଼ିଓରେ ହଠାତ୍ ସମ୍ବାଦ ଆସିଛି ଯେ ଗୋଟିଏ ଜଙ୍ଗଲୀ ଭାଲୁ ସହରକୁ ପାଣି ଆସିଛି । ଏହି ଭାଲୁଟି ଉତ୍‌କ୍ଷିପ୍ତ ହୋଇଛି ତେଣୁ ଏହା ଯେକୌଣସି ମୁହୂର୍ତ୍ତରେ ଯେକୌଣସି ଜାଗାରେ ପଶିପାରେ, ଥାଇପାରେ କିମ୍ବା ଯେକୌଣସି ଲୋକର କ୍ଷତି ମଧ୍ୟ କରିପାରେ ଏହି ସମ୍ବାଦଟି ରେଡିଓ ଘୋଷଣା କରିଛି ।

(ଗ) ଭାଲୁ ସହ ସଂସ୍କୃତର ସମ୍ପର୍କ ବିଷୟରେ କୈଳାସ କ'ଣ କହିଛି ?

ଉ.: ଏହି କଥାଟି 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆସିଅଛି । ଏହାର ନାଟ୍ୟକାର ବିଜୟ ମିଶ୍ର । କୈଳାସ ଭାଲୁ ସହ ସଂସ୍କୃତିର ସମ୍ପର୍କ ବିଷୟରେ କହିଛି ଯେ ଭାଲୁ ସହ ସଂସ୍କୃତର ସମ୍ପର୍କ ନିବିଡ଼ । ଯଦି ଭାଲୁ ସଂସ୍କୃତରେ ପଣ୍ଡିତ ନହୋଇଥାନ୍ତା ତାହେଲେ ଗଛ ଉପରେ ଚଢ଼ିଥିବା ମଣିଷର ଜିଭ ଭିତରେ ସସେମିରା ବୋଲି କିପରି ଲେଖିଥାନ୍ତା ? ଭାଲୁ ସଂସ୍କୃତରେ ପଣ୍ଡିତ ବୋଲି ଏହା କରିପାରିଛି ।

(ଘ) ସାଧାରଣ ଇକ୍ୟୁଏସନ୍‌ରେ ମନମୋହନ କେଉଁ ସିଦ୍ଧାନ୍ତରେ ପହଞ୍ଚି ପାରୁଥିବାର କହିଲା ?

ଉ.: ଏହା 'ଭାଲୁ ଉପଦ୍ରବ' ଏକାଙ୍କିକାରେ କୁହାଯାଇଛି ଓ ନାଟ୍ୟକାର ବିଜୟ ମିଶ୍ର । ନିଶାକରକୁ ମନମୋହନକୁ କହିବା କଥାକୁ ଏଠାରେ ଉଲ୍ଲେଖ କରାଯାଇଛି । ମନମୋହନ ନିଶାକରଙ୍କୁ କହିଛନ୍ତି ଯେ ଆପଣ ଭାଲୁ ପ୍ରତି ଭୟଭୀତ ନିଶ୍ଚୟ ହୋଇଯାଇଛନ୍ତି । ଯେକୌଣସି କାରଣରୁ ହେଉପଛେ ଆପଣ ଡରୁଥିବାର ସଂସ୍କୃତ ଶ୍ଳୋକରୁ ଜଣା ପଡୁଛି । ଭାଲୁ ବିଶ୍ୱାସଘାତକ ମାନଙ୍କୁ ଘୃଣାକରେ । ମନମୋହନ ସାଧାରଣ ଇକ୍ୟୁଏସନ୍‌ରେ ଏହି ନିଷ୍ପତ୍ତିରେ ପହଞ୍ଚିପାରିଛି ।

(ଡ) "ରାଗୁଛନ୍ତି କାହିଁକି ସାର୍" - ଏହା କିଏ କାହାକୁ କେଉଁ ପ୍ରସଙ୍ଗରେ କହିଛି ?

ଉ.: ଏହି କଥାଟି ଭାଲୁ ଉପଦ୍ରବ ଏକାଙ୍କିକାରୁ ଆସିଅଛି ଓ ନାଟ୍ୟକାର ବିଜୟ ମିଶ୍ରଙ୍କ ଦ୍ୱାରା ରଚିତ । ଭାଲୁ ପାଇଁ ବଜାର ନଯିବା କଥା ସିଦ୍ଧାନ୍ତ ପରେ ନିଶାକର ରୋଷେଇ ବନ୍ଦ କଥା ଚିନ୍ତା କରିଛି । ଏହାକୁ ଦେଖି ସୁରେଶ ନିଶାକରକୁ ବିଶ୍ୱାସଘାତକ କହିବାରୁ ନିଶାକର ରାଗିଯାଇଛି । ମନମୋହନ ନିଶାକରକୁ ବୁଝେଇବାକୁ ଯାଇ କହିଛି ଯେ ରାଗୁଛନ୍ତି କାହିଁକି ସାର୍ ମେସ୍‌ରେ ଏମିତି ଛୋଟ ବଡ଼ ବିଶ୍ୱାସ ଘାତକତା ନକଲେ ମେସ୍ ଚଳାଇବା ଭାରି କଠିନ । ତେଣୁ ଭାଲୁ ଯଦି ଆକ୍ରମଣ କରି ଆମେ **defend** କରିବୁ ବୋଲି ମନମୋହନ କହିଛି ।

(ଚ) ହାତୀ ପାଇଁ ଏ ଦେଶରେ ବନ୍ଦ୍ ଡାକରା ଦେବେ ବୋଲି ସୁରେଶ କାହିଁକି କହିଛି ?

ଉ.: ଏକଥାଟି 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆସିଅଛି ଓ ନାଟ୍ୟକାର ବିଜୟ ମିଶ୍ର କହିଛନ୍ତି । ଭାଲୁ ଉପଦ୍ରବ ସହରରେ ଥିବାରୁ ମାର୍କେଟ୍ ନଯାଇ ମେସ୍ ବନ୍ଦ ହେବାକଥା ଶୁଣି ସୁରେଶ ନିଶାକରକୁ ଆକ୍ଷେପ କରି ଏକଥା କହିଛି, 'ଭାଲୁକୁ ଆଳ କରି ଯଦି ତମେ ମେସ୍ ବନ୍ଦ କରିଦେବ ତାହେଲେ ହାତୀ ଉପଦ୍ରବ କଥା ଉଠିଲେ ତୁମେ ଗୋଟିଏ ବନ୍ଦ ଡାକରା ଦେଇଦେବ ।'

(ଛ) 'କହ କହ କେଉଁଠାରେ ତୁହି' ବୋଲି ସୁରେଶ କାହିଁକି କହିଛି ?

ଉ.: ଏ ପ୍ରସଙ୍ଗଟି 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆସିଅଛି ଓ ଏକାଙ୍କିକାର ଲେଖକ ବିଜୟ ମିଶ୍ର । ଭାଲୁ ମେସ୍‌ର ବାଥ୍‌ରୁମ୍‌କୁ ପଶିଆସିଛି ବୋଲି ଗୋପୀ ଚିତ୍କାର କରିଛି । ଦେବକାନ୍ତ, ମନମୋହନ, କୈଳାସ ସମସ୍ତେ ଅସ୍ଥିର ହୋଇପଡ଼ିଛନ୍ତି । ମାତ୍ର ସୁରେଶ ମନରେ ଭୟ ଥିଲେ ବି ନାଟକୀୟ ଢଙ୍ଗରେ ଫମ୍ପା ଅଭିନୟ କରିକହିଛି, 'କହ କହତୁ କେଉଁଠାରେ ତୁହି' । ରେ ଭଲ୍ଲୁକ ଆଜି ତୋତେ ଗଦା ଘାତେ ପଠାଇବି ସମନ ସଦନେ ବୋଲି କହିଛି ।

(ଜ) ଭାଲୁକୁ ସମନ ସଦନକୁ ପଠାଇବା କାହିଁକି ସମ୍ଭବ ହେଲାନି ବୋଲି ସୁରେଶ କହିଛି ?

ଉ.: ଏହା 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆସିଅଛି ଓ ନାଟ୍ୟକାର ବିଜୟ ମିଶ୍ର । ସୁରେଶ ପୁଣି ଆଉ ଏକ ନୂଆ ଫମ୍ପାକଥା କହିଛି ଯେ ଭାଲୁଟି ବାଥ୍‌ରୁମ୍ ଭିତରେ ପଶିଛି । ଯେହେତୁ ବାଥରୁମ୍‌ଟି ଗୋଟିଏ ଛୋଟ ରୁମ୍ ଏବଂ ତା ଭିତରେ ଫାଇଟିଂ କରି ହେବନି ତେଣୁ ଭାଲୁକୁ ସମନ ସଦନକୁ ପଠେଇ ହେଲାନି ବୋଲି ସୁରେଶ କହିଛି ।

(ଝ) ସରକାର କେଉଁମାନଙ୍କୁ ନେଇ ଏକ ଅନୁସନ୍ଧାନ ସ୍କ୍ୱାର୍ଡ଼ ଖୋଲିଥିଲେ ଓ କାହିଁକି ?

ଉ.: ଏହା 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆସିଅଛି । ଲେଖକ ନାଟ୍ୟକାର ବିଜୟ ମିଶ୍ର । ଭାଲୁ ବିଷୟରେ ଲୋକମାନଙ୍କୁ ସଚେତନ କରେଇବା ପାଇଁ ସହରର ପୋଲିସ ବାହିନୀ, ଉତ୍ସାହୀ ସ୍ୱେଚ୍ଛା ସେବୀ, ଛୋଟବଡ଼ ଅନୁସନ୍ଧାନକାରୀ ଦଳ ଓ ଛୋଟ ବଡ଼ ଶିକାରୀମାନଙ୍କ ନେଇ ଏକ ସ୍କ୍ୱାର୍ଡ଼ ଗଠନ କରିଥିଲେ । ଯେଉଁମାନେ ଲୋକମାନଙ୍କୁ ସଚେତନ କରାଇବା ସଙ୍ଗେ ସଙ୍ଗେ ଅବସ୍ଥିତି ସମ୍ପର୍କରେ ଖବର ଦେବେ ।

(ଞ) ଟି.ଭି.ରେ ଦର୍ଶକମାନଙ୍କୁ କ'ଣ ଜଣାଇ ଦେଉଛୁ ବୋଲି କିଏ କାହିଁକି କହିଛି ?

ଉ.: ଏହା 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆସିଅଛି ଓ ନାଟ୍ୟକାର ବିଜୟ ମିଶ୍ର କହିଛନ୍ତି । ସହରକୁ ଭାଲୁ ପଶିଆସିବା ସମ୍ବନ୍ଧରେ ବିଶେଷ ଖବରରେ ଦର୍ଶକମାନଙ୍କୁ ଜଣାଇଦିଆଯାଇଛି ଯେ ସରକାର ଖୋଲିଥିବା ସ୍କ୍ୱାର୍ଡ଼ ବାହିନୀକୁ ଭାଲୁର ଅନୁସନ୍ଧାନ ଓ ଅବସ୍ଥିତି ଜଣାଇବେ । ସହରର ସମସ୍ତ ଇଣ୍ଟରଭ୍ୟୁ, କ୍ରିକେଟ୍ ଖେଳ ଆଦି ବନ୍ଦ ରହିବ ।

ଆଜି ରାତି ୯ଟା ୫୦ରେ ଭାଲୁ ଉପରେ ଏକ ବୃତ୍ତ ଚିତ୍ର ମଧ୍ୟ ପ୍ରଦର୍ଶନ ହେବ । ଏକଥା ଜଣେ ମହିଳା ଆନାଉନ୍ସ କରିଛନ୍ତି ଲୋକମାନଙ୍କୁ ସଚେତନତା ପାଇଁ ।

(ଟ) ନିଶାକର ବାବୁ ଅନ୍ଧାର ଭିତରେ ଟି.ଭି. ସୁଇଚ୍ ଅଫ୍ କରି କ'ଣ କହିଲା ?

ଉ.: ଏହା 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆସିଅଛି ଓ ନାଟ୍ୟକାର ବିଜୟ ମିଶ୍ର । ଟି.ଭିରୁ ଭାଲୁ ପାଇଁ ଅନୁସନ୍ଧାନ ସ୍କ୍ୱାର୍ଡ଼ ଗଠନ କଥା ଘୋଷଣା ହେବା ପରେ ନିଶାକର ଟି.ଭି.ରୁ ଶୁଣି ଭୀଷଣ ରାଗିଯାଇ କହିଛି ଖୋଜୁଥା ହ୍ୟାପେ ଜାଲ ପକେଇ ଖୋଜୁଥା ! ତମ ଅନୁସନ୍ଧାନ ସ୍କ୍ୱାର୍ଡ଼କୁ କ୍ୟା କହୁଁ ! ଭାଲୁ ଆସି ଆମ ଝାଡ଼ା ପରିସ୍ରା ବନ୍ଦ କରି ସାରିଲାଣି ।'

(ଠ) ଗୋପୀ ଭାଲୁ ବିଷୟରେ କ'ଣ ସ୍ୱପ୍ନ ଦେଖୁଥିଲା ?

ଉ.: ଏହା 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆସିଅଛି ଓ ନାଟ୍ୟକାର ବିଜୟ ମିଶ୍ର କହିଛନ୍ତି । ଭାଲୁ ଭୟ ସାରା ମେସ୍‌କୁ ଗୋଡ଼ାଇଛି । ଗୋପୀ ଭାଲୁ ଭୟରେ ଶୋଇ ସ୍ୱପ୍ନ ଦେଖିଛି ଯେ ଭାଲୁ ପାଇଖାନା ଭିତରୁ ବାହାରିଆସି ଖଟ ଉପରେ ଗୋପୀର କମ୍ବଳ ଟେକି ତା' ପାଖରେ ଜାକିଜୁକି ହୋଇ ଶୋଇଛି ।

(ଡ) ସ୍କ୍ୱାର୍ଡ଼କୁ ସୁରେଶ ଭାଲୁର ଖବର ଦେବାକୁ ଯିବା ବେଳେ ନିଶାକର ତାକୁ କାହିଁକି ବାରଣ କରିଛି ?

ଉ.: ଏକଥା 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆସିଅଛି ଓ ନାଟ୍ୟକାର ବିଜୟ ମିଶ୍ର କହିଛନ୍ତି । ସୁରେଶ ଭାବିଛି ଏ ଭାଲୁ ଆଜି ଦିନସାରା ସମସ୍ତଙ୍କ ଝାଡ଼ା ପରିସ୍ରା ବନ୍ଦ କରିଛି ତେଣୁ ସେ ସ୍କ୍ୱାର୍ଡ଼କୁ ଭାଲୁର ଅବସ୍ଥିତ ଜଣାଇବାକୁ ଗଲାବେଳେ ନିଶାକର କହିଛି, 'ଯେ ଆପଣା ଭଲକରି ଜାଣିଛନ୍ତି ଯେ ଭାଲୁ ବିଶ୍ୱାସଘାତକଙ୍କୁ କ୍ଷମାକରେ ନାହିଁ । ଯଦି ଭାଲୁ ଆମ ସମସ୍ତଙ୍କ ଜିଭ ଟାଣି ସେ ତା'ଉପରେ ସସେମିରା ଲେଖିଦେଲା... ।'

(ଢ) ଭୟଟାକୁ ଆମେ ଆଖି ସାମ୍ନାରେ ରଖିଛୁ ବୋଲି ନିଶାକର କାହିଁକି କହିଛି ?

ଉ.: ଏହା 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆନୀତ ଓ ନାଟ୍ୟକାର ବିଜୟ ମିଶ୍ର । କାରଣ ଭାଲୁ ଭୟରେ ସାରା ସହର ବନ୍ଦ ରହିଛି । ଟି.ଭି. ମଧ୍ୟ ଆନାଉନ୍ସ କରିଛି ଦେଖନ୍ତୁ ଭାଲୁ ଆମ ଉପରେ କେତେ ଦୟା କରିଛି । ସମସ୍ତେ ଯେତେବେଳେ ଅଜଣା ବିପଦକୁ ଭୟକରି କବାଟ କିଳି ଘରେ ପଶିଛନ୍ତି । ଆମେ ସେତେବେଳେ ଭୟଟାକୁ ଆମ ଆଖି ସାମ୍ନାରେ ରଖିଛୁ ।

(ଣ) କ'ଣ ତାକୁ ମିଳିଗଲା ବୋଲି ଦେବକାନ୍ତ କହିଛି ?

ଉ.: ଏକଥା 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆସିଅଛି ଓ ନାଟ୍ୟକାର ବିଜୟ ମିଶ୍ର କହିଛନ୍ତି । ଦେବକାନ୍ତ ମିଳିଗଲା ମିଳିଗଲା କହିବା ପରେ ନିଶାକର କ'ଣ ମିଳିଗଲା ବୋଲି ପଚାରିବାରୁ ଦେବକାନ୍ତ କହିଛି ଭାଲୁ ବିଷୟରେ ରଚନା ମିଳିଗଲା । ଆଜିକାଲି ପରିବେଶ ଆଉ ବନ୍ୟଜନ୍ତୁ ସୁରକ୍ଷା ପାଇଁ ଏସବୁ Interview Preparation ବହିରେ ଥାଏ । ଏକଥା Geerai knowledge ବହିରୁ ପାଇବା ପରେ ଦେବକାନ୍ତ କହିଛି ।

(ତ) ଦେବକାନ୍ତ ଠାରୁ ମିଳିଗଲା ବୋଲି ଶୁଣି ଏବଂ ଭାଲୁ ବିଷୟରେ ରଚନାଥିବାର ଜାଣି ନିଶାକର ଓ ମନମୋହନ କ'ଣ କହିଛନ୍ତି ?

ଉ.: ଏହା 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆସିଅଛି ଓ ନାଟ୍ୟକାର ବିଜୟ ମିଶ୍ର କହିଛନ୍ତି । ଭାଲୁ ବିଷୟରେ ରଚନା ମିଳିଗଲା ବୋଲି ଦେବକାନ୍ତ ନିକଟରୁ ଶୁଣି ଥଟ୍ଟାକରି ନିଶାକର ଓ ମନମୋହନ କହିଛନ୍ତି । 'ଯେ ଭାଲୁ ଗୋଟିଏ ସ୍ତନ୍ୟପାୟୀ ପ୍ରାଣୀ କି ନୁହେଁ ଅଣ୍ଡାଦିଏ ନା ପିଲା ଜନ୍ମକରେ କ'ଣ ଖାଏ, ବ୍ରେକ୍ ଫାଷ୍ଟ ନା ଲଞ୍ଚ, କେଉଁଠି ଶୁଏ କ'ଣ ଡନ୍‌ଲପ ବେଡ୍‌ରେ । ଲଭେଣ୍ଡର ସାବୁନରେ ଗାଧାଏ' ଇତ୍ୟାଦି କହି ତା ହାତରୁ ବହିଟିକୁ ଛଡ଼େଇ ଫିଙ୍ଗି ଦେଇଥିଲେ ।

(ଥ) ଗୋପୀର ଗାଲରେ କିଏ ଠାଏ କିନା ଚାପୁଡ଼ାଟେ ବସାଇ ଦେଲା ବୋଲି ଗୋପୀ କହିଛି ?

ଉ.: ଏହା 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆସିଅଛି ଓ ନାଟ୍ୟକାର ବିଜୟ ମିଶ୍ର କହିଛନ୍ତି । ଗୋପୀ ଭାଲୁ ବିଷୟ ବିଷୟରେ କହିଛି ଯେ ସେ ପାଇଖାନା ସ୍କାଇଲାଇଟ୍ ବାଟେ ଭାଲୁର ଅବସ୍ଥିତିକୁ ମୁହଁ ଗଳେଇ ଦେଖୁଥିବା ବେଳେ ଭାଲୁ ପାଇଖାନା ଭିତରେ ଷ୍ଟୁଲ୍ ଉପରେ ଚଢ଼ି ଗୋପୀର ଗାଲକୁ ଠାଏ କରି ଚାପୁଡ଼ା ମାରିଛି ।

(ଦ) ମନମୋହନ ନିଶାକରକୁ ଚୁପ୍ ରହିବାକୁ କାହିଁକି କହିଛି ?

ଉ.: ଏହା 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆସିଅଛି ଓ ନାଟ୍ୟକାର ବିଜୟ ମିଶ୍ର କହିଛନ୍ତି । ଗୋପୀଠୁ ଗାଲରେ ଚାପୁଡ଼ା କଥା ଶୁଣି ନିଶାକର ଗାନ୍ଧୀଙ୍କ ଉଦାହରଣ ଦେଇ ଆରଗାଲ ଦେଖେଇବା କଥା କହିଛି । ମାତ୍ର ମନମୋହନ ବିରକ୍ତ ହୋଇ ତାକୁ ଚୁପ୍ ରହିବାକୁ କହିଛି ଯେ ଏପରି କାକୁସ୍ଥ ହୋଇ ଲୁଚି ରହିବା ଅପେକ୍ଷା ତା'ର ସାମ୍‌ନା କରିବା ବରଂ ଭଲ ।

(ଧ) ମନମୋହନ ଉଦ୍‌ବୋଧନ ଦେବା ଭଙ୍ଗୀରେ କ'ଣ କହିଲେ ?

ଉ.: ଏହା 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆସିଅଛି ଓ ନାଟ୍ୟକାର ବିଜୟ ମିଶ୍ର କହିଛନ୍ତି । ମନମୋହନ ଉଦ୍‌ବୋଧନ ଦେବାଭଙ୍ଗୀରେ କହିଛନ୍ତି ଯେ "ଆପଣମାନଙ୍କ ମନରେ ଭୟ ଅଛି । ଭୀରୁତା ଅଛି । Fighting spirit ନାହିଁ । ସେଇଥିପାଇଁ ଭାଲୁ କ'ଣ ପିମ୍ପୁଡ଼ିଟାଏ ବି ଆପଣଙ୍କୁ ଡରେଇ ଦେଉଚି । କିନ୍ତୁ ମୁଁ ଯିବି । ମୁଁ ତାକୁ ସାମ୍‌ନା କରିବି ।"

(ନ) ତୁ ଗଲୁବେ କୈଳାସ ବୋଲି ସୁରେଶ କାହିଁକି କହିଛି ?

ଉ.: ଏହା 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆସିଅଛି ଓ ନାଟ୍ୟକାର ବିଜୟ ମିଶ୍ର କହିଛନ୍ତି । ତୁ ଗଲୁବେ ବୋଲି ସୁରେଶ କହିବାର କାରଣ ଦିନସାରା ଭାଲୁ ପାଇଁ ସେମାନେ ଭୋକ ଉପାସ ସହିତ ଝାଡ଼ା ପରିସ୍ରା ବନ୍ଦ କରିଛନ୍ତି । ମାତ୍ର ଭାବପ୍ରବଣ କୈଳାସ ଭାଲୁକୁ ଜାମ୍ବବାନ୍ ଓ ଆମକୁ ଉଦ୍ଧାର କରିବାକୁ ଆସିଛନ୍ତି ବୋଲି କୈଳାସ କହିବାରୁ ସୁରେଶ ବିରକ୍ତ ହୋଇ ଏକଥା କହିଛି ।

(ପ) ସ୍କାର୍ଡ଼କୁ ଖବର ଦେଲେ ସ୍କାର୍ଡ଼ କି କି ପ୍ରଶ୍ନ କରିବ ବୋଲି କୁହାଯାଇଛି ?

ଉ.: ଏକଥା 'ଭାଲୁ ଉପଦ୍ରବ' ଏକାଙ୍କିକାରେ ନାଟ୍ୟକାର ବିଜୟ ମିଶ୍ର କହିଛନ୍ତି । ଦେବକାନ୍ତ ସ୍କାର୍ଡ଼କୁ ଖବର ଦେବା କଥା କହିବାରୁ ନିଶାକର କହିଛି ଯେ ସ୍କାର୍ଡ଼କୁ ଖବର ଦେଲେ ସ୍କାର୍ଡ଼ ପଚାରିବ "ଏ ଭାଲୁ କେତେବେଳୁ ଆପଣଙ୍କ ପାଇଖାନା ଦଖଲ କରିଚି । ଚବିଶ ଘଣ୍ଟା ବିତି ଯାଇଥିଲେ ବି ଆପଣ କାହିଁକି ସ୍କାର୍ଡ଼କୁ ଖବର କରିନଥିଲେ ଇତ୍ୟାଦି ପ୍ରଶ୍ନ କରିବ ବୋଲି ଆଲୋଚନା ହୋଇଛି ।

(ଫ) କେଉଁ ସମ୍ଭାବନାକୁ ଆଦୌ ଏଡ଼ାଇ ଦିଆଯାଇପାରେନା ବୋଲି ଦେବକାନ୍ତ କହିଛି ?

ଉ.: ଏକଥା 'ଭାଲୁ ଉପଦ୍ରବ' ଏକାଙ୍କିକାରେ ନାଟ୍ୟକାର ବିଜୟ ମିଶ୍ର କହିଛନ୍ତି । ପାଇଖାନା ପଛପାଖ ଦରଜା ଖୋଲିବା କଥା ଆଲୋଚନା ବେଳେ ଏକଥାଟି ଉଠିଛି ଯେ ପାଇଖାନା ପଛପାଖ କବାଟ ବହୁଦିନରୁ ଖୋଲା ଯାଇନଥିବାରୁ ଖରା ବର୍ଷା ଖାଇ ସେଥିରେ କଳଙ୍କି ଲାଗିଥିବ, ଆଉ ଖୋଲିବା ବେଳେ କେଁ କଟର ଶବ୍ଦ ଶୁଣି ବିରକ୍ତ ହୋଇ ଭାଲୁ ଯଦି ଖୋଲିବା ଲୋକକୁ ଆକ୍ରମଣ କରେ ! ଏକଥା ଶୁଣି ଦେବକାନ୍ତ କହିଛି ଏଭଳି ସମ୍ଭାବନାକୁ ଆଦୌ ଏଡ଼େଇ ଦିଆଯାଇ ନପାରେ ।

(ବ) "ବିରାଡ଼ି ବେକରେ ଘଣ୍ଟି ବାନ୍ଧିବ କିଏ" - ଏକଥା କେଉଁ ପ୍ରସଙ୍ଗରେ କୁହାଯାଇଛି ?

ଉ.: ଏହା 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆସିଅଛି ଓ ନାଟ୍ୟକାର ବିଜୟ ମିଶ୍ର କହିଛନ୍ତି । ସମସ୍ତଙ୍କ ମଧ୍ୟରେ ନିଷ୍ପତ୍ତି ହୋଇଛି ଯେ ପାଇଖାନା ପଛପାଖ କବାଟଟି ଖୋଲିଦିଆଯିବ ଫଳରେ ଭାଲୁ ପଳାଇବ । ମାତ୍ର ଏକଥା ଶୁଣି ନିଶାକର କହିଛି ତା ହେଲେ 'ବିରାଡ଼ି ବେକରେ ଘଣ୍ଟି ବାନ୍ଧିବ କିଏ' ?

(ଭ) ଦରଜା ଖୋଲିବା ସମ୍ପର୍କରେ ଗୋପୀ ନିଶାକରଙ୍କୁ କ'ଣ କହିଥିଲା ?

ଉ.: ଏହା 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆସିଅଛି ଓ ନାଟ୍ୟକାର ବିଜୟ ମିଶ୍ର । ସମସ୍ତେ ଦରଜା ଗୋପୀ ଖୋଲିବା କଥା କହିବାପରେ ଗୋପୀକୁ ଆଣିଥିବା ନିଶାକରକୁ ଗୋପୀ କହିଛି, "ବାବୁ ତମେତ ଆମ ଗାଁ ଲୋକ ସେମାନେ ସିନା ମୋର କେହିନୁହନ୍ତି । ସେମାନେ ମୋତେ ବାଧ କରୁଛନ୍ତି ମୋର ଯଦି କିଛି ହେଇଯାଏ ମୋ ବୁଢ଼ୀମା'କୁ ତମେ କ'ଣ କହିବ ।"

(ମ) ଗୋପୀ ଦରଜା ଖୋଲିବାକୁ ନାହିଁ କରିବାରୁ ଅନ୍ୟମାନଙ୍କ ପ୍ରତିକ୍ରିୟା କ'ଣ ଥିଲା ?

ଉ.: ଏକଥା 'ଭାଲୁ ଉପଦ୍ରବ' ଏକାଙ୍କିକାରେ ନାଟ୍ୟକାର ବିଜୟ ମିଶ୍ର କହିଛନ୍ତି । ଗୋପୀ ଦରଜା ଖୋଲିବାକୁ ଅମଙ୍ଗ ହେବାରୁ ଅନ୍ୟମାନେ ଅତି ନିଷ୍ଠୁର ଭାବ ପୋଷଣ କରିଥିଲେ । ସୁରେଶ ଗୋପୀର ବେକକୁ ଧରିଥିଲା । ମନମୋହନ ମାଡ଼ର ଧମକ ଦେଇଥିଲା । ଦେବକାନ୍ତ ଚାପୁଡ଼ା ମାରିଥିଲା । କୈଳାସ ଯିବାପାଇଁ ବାଧ କରିଥିଲା ଓ ନିଶାକର ଯିବାପାଇଁ ବୁଝାଉଥିଲା ।

(ଯ) ଗୋପୀର ବୁଢ଼ୀମା' ସମସ୍ତଙ୍କୁ ନେହୁରା ହୋଇ କ'ଣ କହିଯାଇଥିଲା ?

ଉ.: ଏହା 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆସିଅଛି ଓ ନାଟ୍ୟକାର ବିଜୟ ମିଶ୍ର କହିଛନ୍ତି । ଗୋପୀର ବୁଢ଼ୀମା' ଗୁହାରୀ କରି ସମସ୍ତଙ୍କୁ କହିଯାଇଥିଲା ଯେ ତମେ ମାନେ ମୋ ବିପଦ ଆପଦକୁ ସାହାଭରସା ହେବ । ମୋ ଅଳିଅର୍ଦ୍ଦଳି ସମ୍ଭାଳିବ । ହେଲେ ବାବୁମାନେ ତମେ ମୋର ଏଇମିତି ସାହା ହେଲ... ।

(ର) ଭାଲୁ ପାଖକୁ ଯିବା ଆଗରୁ ଗୋପୀ ବାବୁମାନଙ୍କ ଠାରେ କ'ଣ ଦେଖିଚ ବୋଲି କହିଲା ?

ଉ.: ଏହା 'ଭାଲୁ ଉପଦ୍ରବ' ଏକାଙ୍କିକାରେ ନାଟ୍ୟକାର ବିଜୟ ମିଶ୍ର କହିଛନ୍ତି । ଭାଲୁ ପାଖକୁ ଯିବା ଆଗରୁ ଗୋପୀ ଦେଖିଛି ସେମାନଙ୍କର ହିଂସ୍ରରୂପ । ଯେଉଁ ରୂପ ଭାଲୁ ପରି ହିଂସ୍ର ପ୍ରାଣୀ ଠାରୁ ବି ଭୟଙ୍କର । ଭାଲୁ ସିନା ତାକୁ ଦୟାରେ ଛାଡ଼ି ଦେଲା । ମାତ୍ର ଏମାନେ ନଯାଇଥିଲେ ଭାଲୁ ଠାରୁ ଆହୁରି ହିଂସ୍ର ହୋଇ ମାରିଦେଇଥାନ୍ତେ ।

(ଳ) ସସେମିରା ଗପ କଥା ମନେ ପକାଇ ଗୋପୀ ଗଲାବେଳେ ବାବୁମାନଙ୍କୁ କ'ଣ କହିଯାଇଥିଲା ?

ଉ.: ଏହା 'ଭାଲୁ ଉପଦ୍ରବ' ଏକାଙ୍କିକାରୁ ଆସିଛି ଓ ଲେଖକ ବିଜୟ ମିଶ୍ର । ଗୋପୀ ଗଲାବେଳେ ସସେମିରା ଗପକଥା ମନେପକାଇ ବାବୁମାନଙ୍କୁ କହିଯାଇଥିଲା କୈଳାସବାବୁ ତମେ ମୋତେ ସସେମିରା ଗପ କହୁଥିଲନା ମୋ ବୁଢ଼ୀମା' ତମ ପାଖରେ ମୋତେ ବିଶ୍ୱାସରେ ଛାଡ଼ିଦେଇ ଯାଇଥିଲା ତାକୁ ସମସ୍ତେ ମିଶି ଭାଙ୍ଗିଦେଲ । ମୁଁ ଗରିବ ତମମାନଙ୍କ ଠାରୁ ସାନ । ହେଲେ ଗଲାବେଳେ କହିଯାଉଚି ତମେମାନେ ସମସ୍ତ ନିଜ ହାତରେ ଜିଭଟାଣି ସସେମିରା ଲେଖିଦେବ ।

**୫. ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ । ୧୫୦ଟି ଶବ୍ଦ ମଧ୍ୟରେ ଉତ୍ତର ଦିଅ ।**

**(କ) 'ଭାଲୁ ଉପଦ୍ରବ' ଏକାଙ୍କିକା ନାମକରଣର ସାର୍ଥକତା ପ୍ରଦାନ କର ।**

ଉ.: 'ଭାଲୁ ଉପଦ୍ରବ' ଏକାଙ୍କିକାର ଏକାଙ୍କିକା-କାର ହେଉଛନ୍ତି ନାଟ୍ୟକାର ବିଜୟ ମିଶ୍ର । ନାଟ୍ୟକାର ବିଜୟ ମିଶ୍ର ସାମ୍ପ୍ରତିକ ମଣିଷର ସମସ୍ୟା ଜଡ଼ିତ କଥାବସ୍ତୁକୁ ନେଇ ମୁଖ୍ୟତଃ ତାଙ୍କ ନାଟକରେ ସ୍ଥାନିତ କରିଛନ୍ତି । ୧୯୬୦ରୁ ୬୮ ମସିହା ହେଉଛି ତାଙ୍କ ନାଟକର ସ୍ୱର୍ଣ୍ଣିମ ମୁହୂର୍ତ୍ତ । ୧୯୬୨ରେ ନାଟ୍ୟକାର ସଂଗୀତ ନାଟକ ଏକାଡ଼େମୀ ଓ ୧୯୮୦ରେ ଓଡ଼ିଆ ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଥିଲେ । 'ତଟ ନିରଞ୍ଜନା', 'ଏକାକୀ', 'ଯାଦୁକର', 'ଅଶାନ୍ତ ଗ୍ରହ', 'ଶବ ବାହକମାନେ', 'ଜଣେ ରାଜା ଥିଲେ' ପ୍ରଭୃତି ତାଙ୍କର ପ୍ରସିଦ୍ଧ ନାଟକ । ଏଥି ସହିତ ସେ ଅନେକ ଏକାଙ୍କିକା ମଧ୍ୟ ରଚନା କରିଥିଲେ ।

ଆଲୋଚ୍ୟ 'ଭାଲୁ ଉପଦ୍ରବ'ଟି ନାଟ୍ୟକାର ବିଜୟ ମିଶ୍ରଙ୍କର ଗୋଟିଏ ଭାଲୁକୁ କେନ୍ଦ୍ରକରି କଥାବସ୍ତୁଟି ଗଢ଼ି ଉଠିଛି । ଏଥିରେ ଆରମ୍ଭର ଶେଷ ପର୍ଯ୍ୟନ୍ତ ଭାଲୁର ଉପସ୍ଥିତି, ତା'ର ପ୍ରତିକ୍ରିୟା ଏବଂ ବ୍ୟକ୍ତିର ବିକୃତ ମାନସିକତା ଓ ଭାଲୁକୁ ନେଇ ବିଭିନ୍ନ ପ୍ରକାର ଉଭଟ ଚିନ୍ତାଧାରା ଏକାଙ୍କିକାକୁ ଗତିଶୀଳ କରାଇଛି । ଆରମ୍ଭରେ ଏକ ଜଙ୍ଗଲି ଭାଲୁ ସହରକୁ ପଶିଆସିବାର ଖବର ପ୍ରଚାରିତ ହେବାପରେ ଗୋଟିଏ ମେସ୍‌ରେ ରହୁଥିବା ପିଲାମାନେ ଏକାଙ୍କିକାର କେନ୍ଦ୍ର ପାଲଟିଛନ୍ତି । ପୁଣି ଭାଲୁଟି ସେଇ ମେସ୍ ଭିତର ବାଥ୍‌ରୁମ୍‌ରେ ପଶିଯାଇଥିବାର ଖବରଟି ଆହୁରି ଏକାଙ୍କିକାକୁ ରୋଚକ କରିଛି । ଭାଲୁ ଭୟରେ କେହି ବାହାରକୁ ବାହାରି ପାରିନାହାନ୍ତି ଓ ଝାଡ଼ାପରିସ୍ରା ମଧ୍ୟ ସେମାନଙ୍କର ବନ୍ଦ ହୋଇଯାଇଛି । ବଜାରରୁ ସଉଦା ଆଣିବା ସମ୍ଭବ ନୁହେଁ କହି ମେସ୍‌ର ମ୍ୟାନେଜର ନିଶାକର ମେସ୍ ବନ୍ଦ କରିଛନ୍ତି ।

ଏଥିପାଇଁ ସରକାରୀ ସ୍ତରରେ ସଚେତନତା ସୃଷ୍ଟି ପାଇଁ ଏକ ସ୍କ୍ୱାର୍ଡ଼ ଗଠନ କରାଯାଇଛି । ଯେଉଁମାନେ ଭାଲୁର ଅବସ୍ଥିତି ସମ୍ପର୍କରେ ଅନୁସନ୍ଧାନ କରିବେ ଓ ଟିଭି ଦ୍ୱାରା ମଧ୍ୟ ଲୋକମାନଙ୍କୁ ଭାଲୁର ଅବସ୍ଥିତି ସମ୍ପର୍କରେ ଜଣାଇବାକୁ ସୂଚନା ଦିଆଯାଇଛି । ସହରର ସମସ୍ତ ଅଫିସ୍ ଓ ପ୍ରୋଗ୍ରାମ୍ ରଦ୍ଦ କରିଦିଆଯାଇଛି । ଏପଟେ ମେସ୍‌ରେ ଭାଲୁର ଉପସ୍ଥିତି ଗୋପୀ ଓ ଅନ୍ୟମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରିଛି । ଭାଲୁକୁ ନେଇ ନିଶାକର, ଜୟକୃଷ୍ଣ ମନମୋହନ, କୈଳାସ ବିଭିନ୍ନ ଆଲୋଚନା କରିଛନ୍ତି । ପରିଶେଷରେ ଭାଲୁକୁ ବାଥ୍‌ରୁମ୍‌ରୁ ବାହାର କରିବା ପାଇଁ ମନ୍ତ୍ରଣା ପରେ ଗୋପୀକୁ ମୋହରା ବନେଇଛନ୍ତି । ପଛପଟ ଦରଜା ଖୋଲିଦେଲେ ଭାଲୁ ପଳେଇଯିବ ବୋଲି ଆଲୋଚନା ହୋଇଛି । ମାତ୍ର ଦରଜା ଖୋଲିବାକୁ କେହି ଆଗଭର ନହୋଇ ଗୋପୀକୁ ମାଡ଼ଗାଳି ଦେଇ ପଠେଇଛନ୍ତି ।

ପରିଶେଷରେ ନିରୀହ ଗୋପୀ ଜୀବନକୁ ପାଣିଛ-ଡେଇ ଦରଜା ଖୋଲିବାକୁ ଯାଇଛି । ସୌଭାଗ୍ୟବଶତଃତା'ର

କିଛି ହୋଇନାହିଁ । ଗୋପୀ ଫେରିଆସି ସମସ୍ତଙ୍କୁ ଭାଲୁଠାରୁ ଭୟଙ୍କର ବୋଲି ତୁଳନା କରିଛି । ବୁଢ଼ୀମା' ତାକୁ ଯେଉଁ ବିଶ୍ୱାସ ଓ ଭରସାରେ ପଠେଇଥିଲା ସେ ବିଶ୍ୱାସ ଏମାନେ ରଖିପାରି ନାହାନ୍ତି । ପରିଶେଷରେ ଗୋପୀ ସମସ୍ତଙ୍କୁ ନିଜ ହାତରେ ନିଜ ନିଜର ଜିଭଟାଣି ସସେମିରା ଲେଖିଦେବା କଥା କହି ମେସ୍‌ରୁ ବିଦାୟ ନେଇ ଯାଇଛି ।

**(ଖ) ଭାଲୁ ଉପଦ୍ରବ ଏକାଙ୍କିକାରୁ ମନମୋହନର ଚରିତ୍ର ଚିତ୍ରଣ କର ।**

ଉ.: ନାଟ୍ୟକାର ବିଜୟ ମିଶ୍ର ଆଧୁନିକ ମଣିଷର ଯନ୍ତ୍ରଣାସିକ୍ତ ହୃଦୟକୁ, ମାନସିକତାକୁ, ସମସ୍ୟାକୁ ଯେପରି ନିକଟରୁ ଦେଖିଛନ୍ତି, ଠିକ୍ ସେହିପରି ପରିବେଶ ଚୟନ, ଚରିତ୍ର ଚିତ୍ରଣ ଓ ନାଟକୀୟ ଉତ୍କର୍ଷରେ ତାଙ୍କର ସୃଷ୍ଟିଗୁଡ଼ିକୁ ସରସସୁନ୍ଦର କରିଛନ୍ତି । ଆଲୋଚ୍ୟ ଭାଲୁ ଉପଦ୍ରବ ଏକାଙ୍କିକାରେ ନାଟ୍ୟକାର ଗୋଟିଏ ମେସ୍‌ରେ ରହୁଥିବା ଯୁବକ ଓ ଭାଲୁଟିର ଚରିତ୍ରକୁ ମୁଖ୍ୟତଃ ସ୍ଥାନ ଦେଇଛନ୍ତି । ମନମୋହନ ସେମାନଙ୍କ ମଧ୍ୟରୁ ଅନ୍ୟତମ । ଏଥିରେ ମୁଖ୍ୟତଃ ମଣିଷର ସୁବିଧାବାଦୀ ଚିନ୍ତାଧାରା ବା ସ୍ୱାର୍ଥକୈନ୍ଦ୍ରିକ ମନୋଭାବର ଚିତ୍ର ପ୍ରଦାନ କରାଯାଇଛି ।

ମନମୋହନ ଭାଲୁ ପଶି ଆସିଥିବା କଥା ଶୁଣି ନିଶାକରକୁ ପ୍ରଥମେ କହିଛନ୍ତି ତମେ ମହାଗାଲୁ ଭାଲୁ ନାମରେ ମେସ୍ ବନ୍ଦ କରିବା କଥା ଚିନ୍ତା କରୁଛ । ଭୟ କ'ଣ ଭାଲୁ ପଶିଆସିଛି ଆସୁ । ପୁଣି ନିଶାକର ଉଦ୍ଦେଶ୍ୟରେ ମନମୋହନ ଯେ ବିଶ୍ୱାସଘାତକମାନଙ୍କୁ ଭାଲୁ ବହୁତ ଘୃଣା କରେ ଅର୍ଥାତ୍ ନିଶାକରକୁ ସେ ପରୋକ୍ଷରେ ବିଶ୍ୱାସଘାତକ କହିଛି । ମେସ୍‌ରେ ସେ ନିଶାକରକୁ ପୁଣି କହିଛି ଭାଲୁ ବାହାରେ ଥିଲେ ଯେମିତି ବାହାରିବାର ଉପାୟ ନାହିଁ ଭିତରେ ଥିଲେ ବି ସେମିତି । ଜର ଛାଡ଼ିଗଲା ପରେ ଭାଲୁ ପାଞ୍ଚ ହର୍ଷ ପାୱାର ଇଞ୍ଜିନ୍ ପରି ଗୋଟିଏ ସିଂହର ବଳ ସହ ସମାନ ହୋଇଥିବ । ଦେବକାନ୍ତ ଭାଲୁ ଉପରେ ରଚନା ପାଇବା କଥା କହିବା ବେଳେ, ଖାଦ୍ୟ, ନିତ୍ୟକର୍ମ କରିନପାରି ବହୁ କଷ୍ଟରେ ଥିବା ମନମୋହନ ବିରକ୍ତ ହୋଇ କହିଛି, 'ହଁ ଭାଲୁ ବ୍ରେକ୍‌ଫାଷ୍ଟ, ଲଞ୍ଚ, ଡିନର ସବୁ ଖାଏ, ଡନ୍‌ଲପ୍ ବେଡ୍‌ରେ ଶୁଏ ଲେଭେଣ୍ଡର ସାବୁନ୍‌ରେ ଗାଧାଏ', ଇତ୍ୟାଦି କହି ବିରକ୍ତ ହୋଇ ଦେବକାନ୍ତ ହାତରୁ ବହିଟି ଟାଣିନେଇ ଫିଙ୍ଗି ଦେଇଛି ।

ପରିଶେଷରେ ସମସ୍ତଙ୍କ ସହିତ ଗୋପୀକୁ ଭାଲୁକୁ ତଡ଼ିବାପାଇଁ ପାଇଖାନା ପଛପଟ ଦରଜା ଖୋଲିବାକୁ ବାଧକରି ମାଡ଼ ଦେବାପାଇଁ ଧମକ ଦେଇଛି ଓ କହିଛି 'ମାରିମାରି ତୋ ପିଠିରୁ ଛାଲ ଉଭାରି ଦେବି ଯଦି ତୁ ନ ଯିବୁ' ଗୋପୀ କବାଟ ଖୋଲିବାକୁ ଯିବା ପରେ ସମସ୍ତଙ୍କ ସହିତ ସେ ବି ଖୁସି ହୋଇଛି ଓ ଗୋଟିଏ ବଡ଼ ସମସ୍ୟା ଗଲାବୋଲି କହିଛି । ଏଥିରେ ନାଟ୍ୟକାର ଗୋଟିଏ ସ୍ୱାର୍ଥାନ୍ୱେଷୀ ଚରିତ୍ର ଭାବରେ ମନମୋହନକୁ ଚିତ୍ରଣ କରିଛନ୍ତି ।

**(ଗ) ପଠିତ ଏକାଙ୍କିକାରୁ ଗୋପୀ ଚରିତ୍ରର ଆବଶ୍ୟକତା ବୁଝାଅ ।**

ଉ.: ଆଲୋଚିତ 'ଭାଲୁ ଉପଦ୍ରବ' ଏକାଙ୍କିକାଟିରେ ନାଟ୍ୟକାର ବିଜୟ ମିଶ୍ର ଜଣେ ସଫଳ ଚରିତ୍ର ଚିତ୍ରକାର ରୂପେ ଏକାଙ୍କିକାଟିକୁ ମନୋରଞ୍ଜନଧର୍ମୀ କରିଛନ୍ତି । ସାମ୍ପ୍ରତିକ ସମୟରେ ସ୍ୱାର୍ଥାନ୍ୱେଷୀ ମଣିଷ ପାଖରୁ ମାନବିକତା କିପରି ହଜିଯାଇଛି ତା'ର ସାର୍ଥକ ଉଦାହରଣ ଗୋପୀ ଚରିତ୍ର ମାଧ୍ୟମରେ ପ୍ରଦାନ କରିଛନ୍ତି । ଗୋପୀ ଏଠି ଜଣେ ସରଳ, ନିରହଂକାରୀ, ସାଧାସିଧା ଗାଉଁଲି ପିଲା । ସହରୀ ମଣିଷର ମାୟାକୁ ବୁଝିନପାରି ସେମାନଙ୍କ ପାଖକୁ ବୁଢ଼ୀମା'ର ପରାମର୍ଶରେ ଆସିଛି ଓ ଶେଷରେ ପରିଣତି କ'ଣ ହୋଇଛି ତା'ର ଏକ ସୁନ୍ଦର ଚିତ୍ର ପ୍ରଦାନ କରିଛନ୍ତି ନାଟ୍ୟକାର । ଗୋପୀ ଚରିତ୍ର ମାଧ୍ୟମରେ ନାଟ୍ୟକାର ସହରୀ ସ୍ୱାର୍ଥଲୋଭୀ ମଣିଷର ଅସଲ ମୁଖା ଉନ୍ମୋଚନ କରିଛନ୍ତି ।

ଗୋପୀ କେବଳ ମେସ୍‌ରେ ଟହଲିଆ କାମ କରେ, ମେସ୍‌ରେ ଖାଏ ଓ ଶୁଏ । ଏତଦ୍‌ବ୍ୟତୀତ ତା ପାଖରେ ଅନ୍ୟକିଛି କାମ ନ ଥାଏ । ବଜାର ସଉଦା କରିବା, ବାବୁମାନଙ୍କ ଭଲ ମନ୍ଦ ବୁଝିବା, ତା କାମ । ଗାଁ ପିଲା ହିସାବରେ ଭାଲୁ ସହରକୁ ପୁଣି ମେସ୍ ବାଥ୍‌ରୁମ୍ ଭିତରକୁ ପଶିଥିବାର ଶୁଣି ଭାଲୁକୁ ନେଇ ସମସ୍ତଙ୍କ ଉତ୍ସୁକତା ବଢ଼ିଯାଇଛି । ଯେତେବେଳେ, ଭାଲୁପ୍ରତି ହେୟଜ୍ଞାନ ପାଇଥିବା ମେସ୍‌ର ପିଲାମାନଙ୍କୁ ଭାଲୁ ଆମ୍ପୁଡ଼ା କେତେ ଭୟଙ୍କର ସେକଥା ସହରୀ ମଣିଷ କେମିତି ଜାଣିବେ ବୋଲି ଗୋପୀ କହିଛି । ଗୋପୀ ପ୍ରଥମେ ବାଥ୍‌ରୁମ୍‌ରେ ଭାଲୁଥିବା କଥା ପ୍ରକାଶ କରିଛି । ଭାଲୁର ଉପସ୍ଥିତି ଦେଖି ଭୟରେ ସେ କମ୍ବଳ ଘୋଡ଼େଇ ଶୋଇପଡ଼ିଛି । ଶୋଇ ଶୋଇ ଭାଲୁ ବିଷୟରେ ସ୍ୱପ୍ନ ଦେଖିଛି ଯେ ଭାଲୁ କିପରି କମ୍ବଳ ଟେକି ତା' ପାଖରେ ଜାକିଜୁକି ହୋଇ ଶୋଇଛି । ସେପଟେ ନିଶାକର ବାବୁ ଗୋପୀକୁ ଦେଖି ଭୟଭୀତ ହୋଇଛନ୍ତି । କାରଣ ସେ ଭାବିଛନ୍ତି କଳା କମ୍ବଳ ଘୋଡ଼େଇ ହୋଇଥିବା ଗୋପୀ ଭାଲୁ । ଭାଲୁ ବିଷୟରେ ପୁଣି ଗୋପୀ କହିଛି ଯେ ଭାଲୁ କିପରି ବାଥ୍‌ରୁମ୍ କଣାରେ ଦେଖୁଥିବା ବେଳେ ଗୋପୀ ଗାଲକୁ ଚାପୁଡ଼ା ମାରିଛି । ସେକଥା ବର୍ଣ୍ଣନା କଲାବେଳେ ଅନ୍ୟମାନେ ମୁହଁ ଫୁଟାଣି ମାରିଲେ ବି ଭିତର ଭୟଭୀତ ହୋଇପଡ଼ିଛନ୍ତି ।

ଶେଷରେ ଭାଲୁକୁ ବାହରା ନ କଲେ ସମସ୍ତଙ୍କର ଝାଡ଼ା ପରିସ୍ରା ବନ୍ଦ ହେବା ଓ ରୋଷେଇ ବାସ କରିବା ଆଦି ବିଭିନ୍ନ ଅସୁବିଧା ଦୂରହେବ ନାହିଁ ଭାବି ନିଜ ନିଜ ଭିତରେ ମତାନ୍ତର ପରେ ଶେଷରେ ଗୋପୀକୁ ପଛପଟ ଦରଜା ଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥିପାଇଁ ଗୋପୀ ରାଜିନହେବାରୁ ସମସ୍ତେ ମିଶି ତାକୁ ମାଡ଼ ଗାଳିଦେଇ ରାଜି କରାଇଛନ୍ତି । ଜୀବନକୁ ପାଣି ଛଡ଼େଇ ଗୋପୀ ଅନ୍ୟ ଉପାୟ ନପାଇ କବାଟ ଖୋଲିବାକୁ ଯାଇଛି । ସୌଭାଗ୍ୟବଶତଃ ରୋଗୀର କିଛି ହୋଇନାହିଁ ତଥାପି ଗୋପୀ ଭଲଭାବେ ଜାଣିଯାଇଛି ଯେ ଜଙ୍ଗଲ ହିଂସ୍ର ଜନ୍ତୁଙ୍କଠାରୁ ଏ ମଣିଷ କେତେ ଭୟଙ୍କର । ଭାଲୁର କାମୁଡ଼ା ଆମ୍ପୁଡ଼ା ଠାରୁ ସ୍ୱାର୍ଥପର ମଣିଷର ଚେହେରା ଆହୁରି ଭୟଙ୍କର ଏକଥା ବୁଝି ଗୋପୀ ସେମାନଙ୍କୁ କଠୋର ଶାସ୍ତି ଦେଇଛି । ତଥାକଥିତ ଶିକ୍ଷିତମାନଙ୍କୁ ଯିବାବେଳେ ତା ବୁଦ୍ଧିମାର ବିଷରେ ବିଷ ଦେଇଥିବାରୁ ସମସ୍ତଙ୍କ ବିଶ୍ୱାସଘାତକ ବୋଲି ଆକ୍ଷେପ କରିବା ସଙ୍ଗେ ସଙ୍ଗେ, ସମସ୍ତେ ନିଜ ନିଜ ହାତରେ ଜିଭରେ 'ସସେମିରା' ବୋଲି ଲେଖିଦେବାକୁ ପରାମର୍ଶ ଦେଇ ଏକାଙ୍କିକାଟିକୁ କରୁଣ ତଥା ଚିତ୍ତାକର୍ଷକ କରିଛି । ଗୋଟିଏ ସରଳ ନିଷ୍କପଟ ହୃଦୟର ଯନ୍ତ୍ରଣା ଏଠାରେ ପ୍ରକାଶ କରି ନାଟ୍ୟକାର ଏକାଙ୍କିକାଟିକୁ ଗୋପୀ ଚରିତ୍ର ମାଧ୍ୟମରେ ଶିକ୍ଷଣୀୟ କରିଛନ୍ତି ।

**(ଘ) 'ସସେମିରା' ଉପାଖ୍ୟାନଟି କ'ଣ ? ଭାଲୁ ଉପଦ୍ରବ ଏକାଙ୍କିକାରେ ଏହାର ସଂଯୋଜନା କିପରି ଫଳପ୍ରଦ ହୋଇଛି ଆଲୋଚନା କର ।**

ଉ.: 'ଭାଲୁ ଉପଦ୍ରବ' ଏକାଙ୍କିକା ସ୍ୱାର୍ଥସର୍ବସ୍ୱ ମଣିଷର ଚିତ୍ର ପ୍ରକାଶ କରିବାରେ ସଫଳ ହୋଇଛି । ଲେଖକ ସସେମିରା ଗଳ୍ପଟିର ଅବତାରଣା କରାଇ ଅଧିକ ରସମୟ କରିଛନ୍ତି । ନାଟକୀୟ ଉତ୍କଣ୍ଠା ପ୍ରକାଶ କରିବାରେ ଏହି ସସେମିରା ଗଳ୍ପଟିର ଭୂମିକା ରହିଛି । ଗଳ୍ପଟି ଏହିପରି ଯେ ରାଜାପୁଅ ଜଙ୍ଗଲରେ ବୁଲୁଥିବା ବେଳେ ସନ୍ଧ୍ୟା ହୋଇଯାଇଛି । ଜଙ୍ଗଲରେ ରାଜାପୁଅ ବାଘ ହାବୁଡ଼ରେ ପଡ଼ିଛି । ବାଘକୁ ଦେଖି ଭୟଭୀତ ରାଜାପୁଅ ଗଛ ଉପରକୁ ଚଢ଼ିଯାଇଛି । ଗଛ ଉପରେ ଚଢ଼ି ଦେଖିଛି ଯେ ଗଛ ଉପରେ ଭାଲୁଟିଏ ଲୁଚିଛି । ବାଘ ଭୟରେ ଦୁହେଁ ଲୁଚିଥିବାରୁ ପରସ୍ପର ବିପଦର ବନ୍ଧୁ ଭାବେ ଭାଲୁ ପାଖରୁ ରାଜାପୁଅ ଆଶ୍ୱାସନା ପାଇଛି । ରାଜାପୁଅକୁ ନିଦ ଆସିଲାପରେ ଭାଲୁ ତାକୁ ତା ଜଙ୍ଘ ଉପରେ ଶୋଇ ପଡ଼ିବାକୁ କହିଛି । ମାତ୍ର ଗଛ ମୂଳେ ଜଗି ରହିଥିବା ବାଘ ଭାଲୁକୁ ପ୍ରଭାବିତ କରିବାକୁ ଚେଷ୍ଟା କରିଛି ଯେ ରାଜାପୁଅକୁ ତଳକୁ ଠେଲିଦେଲେ ସେ ଖାଇଦେଇ ଚାଲିଯିବ ।

ମାତ୍ର ଅବିଶ୍ୱାସକୁ ଆଦୌ ବରଦାସ୍ତ କରୁନଥିବା ଭାଲୁ ସେ ଭୁଲ୍ କରିନାହିଁ । କିନ୍ତୁ ଭାଲୁ ଯେତେବେଳେ ରାଜାପୁଅ କୋଳରେ ଶୋଇପଡ଼ିଛି ସେତେବେଳେ ରାଜାପୁଅ ବାଘ କଥାରେ ଭାଲୁକୁ ତଳକୁ ଠେଲିଦେଇଛି । ସୌଭାଗ୍ୟବଶତଃ ଭାଲୁ ଗଛକୁ ଜାବୁଡ଼ି ଧରି ଅଟକିଯାଇଛି । ସକାଳେ ବାଘ ଚାଲିଯିବା ପରେ ବିଶ୍ୱାସଘାତକ ରାଜାପୁଅ ଜିଭରେ ଭାଲୁ ସସେମିରା ଲେଖିଦେଇଛି । ଫଳରେ ରାଜାପୁଅ ସର୍ବଦା ସସେମିରା ସସେମିରା ଜପ କରିଛି । ପରିଶେଷରେ କାଳିଦାସଙ୍କ କୃପାରୁ ରାଜାପୁଅ ମୁକ୍ତି ପାଇଛି ।

'ଭାଲୁ ଉପଦ୍ରବ' ଏକାଙ୍କିକାରେ ଏହି ସସେମିରା କଥା ଏକାଙ୍କିକାର ଗୋପୀ ମୁହଁରେ ଉଦାହରଣ ଦେଇ କହିଛନ୍ତି । ପୁଣି ମନମୋହନ ଚରିତ୍ର ମାଧ୍ୟମରେ ମଧ୍ୟ ଭାଲୁ ବିଶ୍ୱାସଘାତକମାନଙ୍କୁ କିପରି ଭାଲୁ ଘୃଣାକରେ ସେକଥା କହିଛନ୍ତି । ଗୋପୀ ଉପରେ ଅକଥନୀୟ ଅତ୍ୟାଚାର କରି ସବୁ ମେସ୍ ବାସିନ୍ଦାମାନେ ନିରୀହ ଗୋପୀକୁ ଭାଲୁ ପାଖକୁ ପଠାଇଛନ୍ତି । ମାତ୍ର ସୌଭାଗ୍ୟବଶତଃ ଭାଲୁ ତା'ର କିଛି କରିନାହିଁ । ହେଲେ ନିଶାକର ଓ ଅନ୍ୟ ସାଥୀମାନଙ୍କୁ ଗୋପୀ କହିଛି ମୋ ବୁଢ଼ୀମା' ତୁମମାନଙ୍କ ଉପରେ ବିଶ୍ୱାସରଖି ଛାଡ଼ିରଖିଥିଲା ମାତ୍ର ତମେମାନେ ବିଶ୍ୱାସଘାତକ ସାଜିଛ । ତମେମାନେ ବନ୍ୟଜନ୍ତୁଙ୍କ ଠାରୁ କୌଣସି ଗୁଣରେ କମ୍ ନୁହଁ । ତୁମ ହାତରେ ମାଡ଼ଖାଇ ମରିବା ଅପେକ୍ଷା ଭାଲୁ ବହୁତ ଭଲ । ତମେମାନେ ମୁଁ ନଯାଇଥିଲେ ମୋତେ ମାରିଦେଇଥାନ୍ତ ମାତ୍ର ଭାଲୁ ସେମିତିକିଛି କରି ନାହିଁ । ମେସ୍ ଛାଡ଼ି ଯିବା ବେଳେ ଏହି ସସେମିରାର ସୁନ୍ଦର କଥାଟିକୁ ସେମାନଙ୍କ ମନେପକେଇ ଦେଇ କହିଛି ଯେ ତୁମେମାନେ ତୁମ ଜିଭରେ ନିଜେ ନିଜେ ସସେମିରା ବୋଲି ଲେଖିଦେବ । ଏକ ଅବିଶ୍ୱାସର ବାତାବରଣ ଏଠାରେ ଖେଳିଯାଇଛି । ଯେଉଁଥିପାଇଁ ସସେମିରା କଥା କୁହାଯାଇଛି ।

**(ଙ) ଭାଲୁ ସମ୍ପର୍କରେ ଉପସ୍ଥିତ ବନ୍ଧୁମାନେ ଯେଉଁସବୁ ମନ୍ତବ୍ୟ ଦେଇଥିଲେ ତା'ର ଆକଳନ କର ।**

ଉ.: ନାଟ୍ୟକାର ବିଜୟ ମିଶ୍ର ଓଡ଼ିଆ ନାଟ୍ୟଜଗତର ଜଣେ ପ୍ରତିଷ୍ଠିତ ନାଟ୍ୟକାର । ପେଶାରେ ଇଞ୍ଜିନିୟର ହେଲେ ବି ସାହିତ୍ୟ ପ୍ରତିଥିବା ଦୁର୍ବଳତା ତାଙ୍କୁ ଶ୍ରେଷ୍ଠସ୍ଥାନ ପ୍ରଦାନ କରିଛି । ତାଙ୍କର ପ୍ରତ୍ୟେକ ନାଟକରେ ସେ ନୂତନ ଦିଗକୁ ଉନ୍ମୋଚନ କରିଛନ୍ତି । ସାମ୍ପ୍ରତିକ ପରିସ୍ଥିତିରେ ପରିବର୍ତ୍ତନଶୀଳ ମଣିଷର ରୁଚି, ମାନସିକତା ନୂଆ ରୂପରେ ସେ ଦେଖିଛନ୍ତି ଓ ଲେଖିଛନ୍ତି । ଆଲୋଚିତ 'ଭାଲୁ ଉପଦ୍ରବ' ଏକାଙ୍କିକାରେ ନାଟ୍ୟକାର ଗୋଟିଏ ହିଂସ୍ର ଜଙ୍ଗଲୀଜନ୍ତୁ ପାଖରେ ମଣିଷକୁ ନୀଚ କରିଦେଇଛନ୍ତି । କାରଣ ସ୍ୱାର୍ଥପର ମଣିଷ ପାଖରେ ତା'ର ସ୍ୱାର୍ଥ ହିଁ ସବୁକିଛି ସେଥିପାଇଁ ସେ ଯେକୌଣସି ସ୍ତରକୁ ମଧ୍ୟ ଯାଇପାରେ ।

ଭାଲୁ ସହରକୁ ପଶି ଆସିଥିବା ଖବର ମେସ୍‌ର ପିଲାମାନେ ପ୍ରଥମେ ଟି.ଭି.ରୁ ଜାଣିବାକୁ ପାଇଛନ୍ତି । ମାତ୍ର ଭାଲୁ ପଶି ଆସିବା କଥା ଶୁଣିଲା ପରେ ଅନ୍ୟମାନେ ଭୟ କରିଥିବା ବେଳେ ପ୍ରଥମେ ମନମୋହନ ଭିତରେ ଭୟ ଓ ଉପରେ ଫୁଟାଣି ମାରି ଭୟଭୀତ ନ ହେବା ପାଇଁ ସମସ୍ତଙ୍କୁ କହିଛି । କୈଳାସ ସସେମିରା ଗଳ୍ପ କଥା କହିଛି ଓ ଭାଲୁ ବିଷୟରେ ରଚନା ଲେଖା ଗୀତ ଲେଖା ଓ ଗାଇବା ପର୍ଯ୍ୟନ୍ତ କାମ କରିଛନ୍ତି । ଗୋପୀ କିନ୍ତୁ ଗାଁ ପିଲା ଭାବରେ ସତ୍ୟକୁ ହିଁ ପ୍ରକାଶ କରିଛି ଭାଲୁ ଆକ୍ରମଣ କେତେ ଭୟାନକ ତାହା ପ୍ରକାଶ କରିଛି । ନିଶାକରର ଭାଲୁ ଉପରେ ମନ୍ତବ୍ୟ ହେଲା ଯେ ଭାଲୁ ବିଶ୍ୱାସଘାତକକୁ ଆଦୌ କ୍ଷମା କରେ ନାହିଁ । ଅର୍ଥାତ୍ ଅବିଶ୍ୱାସ କରେନାହିଁ କି ଅବିଶ୍ୱାସୀକୁ କ୍ଷମା କରେ ନାହିଁ ।

ପୁଣି ଏହି ଭାଲୁର ସନ୍ଧାନ ଦେବାପାଇଁ ବା ଖୋଜି ବାହାର କରିବା ପାଇଁ ଅନୁସନ୍ଧାନ ସ୍କ୍ୱାର୍ଡ଼ ଗଠିତ ହୋଇଛି । ପୁଣି ମେସ୍ ଭିତରେ, ବାହାରେ, ମନରେ ସବୁଠି ଭାଲୁ ଭୟର ଆତଙ୍କ ଖେଳିଯାଇଛି । ଏମିତିକି ଖଟ ଉପରେ କମ୍ବଳ

ଘୋଡ଼େଇ ଶୋଇଥିବା ଗୋପୀ ମଧ୍ୟ ସେମାନଙ୍କୁ ଭାଲୁ ପରି ଜଣାପଡ଼ିଛି । ମନମୋହନ କହିଛି ଭାଲୁକୁ ରାତି ହେଲେ ଜର ଛାଡ଼ିଯାଏ, ସେ ଭୟଙ୍କର ରୂପ ଧାରଣ କରେ । କୈଳାସ ପୁଣି ଭାଲୁକୁ ଜାମ୍ବବାନ୍ କହି ପୂଜା କରିବାକୁ କହିଛି । ସର୍ପଜଣାଣ ପରି ଭାଲୁ ଜଣାଣ ପଢ଼ିଛି । ଭାଲୁ ସମ୍ପର୍କରେ ବହୁ ବିଚିତ୍ର ଓ ଅଦ୍ଭୁତ ତଥା ଲୋକକଥା ଓ କଳ୍ପନା ସୃଷ୍ଟ କଥା ଓ ସଂଳାପ ଦେଇ ନାଟ୍ୟକାର ଏହାକୁ ଅଧିକ ଉପଭୋଗ୍ୟ କରିଛନ୍ତି ।

**(ଚ) ଭାଲୁ ଉପଦ୍ରବ ଏକାଙ୍କିକାରୁ ସୁରେଶର ଚରିତ୍ର ଚିତ୍ରଣ କର ।**

ଉ.: ଚରିତ୍ର ନାଟକର ଯଥାର୍ଥ ଚିତ୍ରଶାଳା । ଏହି ଚରିତ୍ର ମାଧ୍ୟମରେ ନାଟକ ହୁଏ ଗତିମୁଖର । ଉପଯୁକ୍ତ କଥାବସ୍ତୁ ଓ ଚରିତ୍ର ଚିତ୍ରଣ ହିଁ ଗୋଟିଏ ଉନ୍ନତ ସୃଷ୍ଟିର ଯଥାର୍ଥ ମାନଦଣ୍ଡ । ନିଶାକର, ମନମୋହନ, ଗୋପୀ ପରି ସୁରେଶ ମଧ୍ୟ ନାଟକର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଚରିତ୍ର । ଏକ ରୁଗ୍ଣ ମାନସିକତାକୁ ଗ୍ରହଣ କରି ଏହି ଏକାଙ୍କିକାର ଅଧିକାଂଶ ଚରିତ୍ର ଗଢ଼ିଛନ୍ତି । ଭାଲୁ ସହରକୁ ପଶି ଆସିଥିବାରୁ ମେନେଜର ନିଶାକର ବଜାର ଯାଇପାରିନାହିଁ ଫଳରେ ମେସ୍ ବନ୍ଦ ରହିଛି । ଯାହାକୁ କେହିବି ସହଜରେ ଗ୍ରହଣ କରିନାହାନ୍ତି । ନିଶାକରକୁ ସୁରେଶ ମଧ୍ୟ ଆକ୍ଷେପ କରିବାକୁ ପଛେଇ ନାହିଁ । ଛାର ଭାଲୁ ପାଇଁ ମେସ୍ ବନ୍ଦ ହେବ ତାହେଲେ ହାତୀ ପାଇଁ ଦେଶକୁ ବନ୍ଦ ଡାକରା ଦେଇଦେବ ବୋଲି ସୁରୋଶ କହଛି । ଭାଲୁକୁ ସମସ୍ତେ ଭୟ କରିଛନ୍ତି । ଗୋପୀ ଭାଲୁ ଭାଲୁ କହି ପ୍ରାଣ ବିକଳରେ ଦୌଡ଼ି ଆସିବାରୁ ସୁରେଶ କାହିଁ କାହିଁ ବୋଲି ବୃଥା ବାହାସ୍ଫୋଟ ମାରି ଗଦା ବୁଲେଇ ବୁଲେଇ ଭାଲୁର ପ୍ରାଣ ନାଶ କରିବା କଥା କହିଛି । ପୁଣି ବାଥ୍ରୁମ୍‌ଟି ସଂକୁଚିତ ସ୍ଥାନ ହୋଇଥିବାରୁ ଭାଲୁ ସହିତ ଯୁଦ୍ଧ କରିହେବ ନାହିଁ କହି ପଛଘୁଞ୍ଚା ଦେଇଛି ।

ଭାଲୁ ବାଥ୍ରୁମ୍ ଭିତରେ ଥିବାର ଶୁଣିବା ପରେ ସୁରେଶର ମୁହଁ ଟାଣ କମିଯାଇଛି । ପଶୁ ଓ ମଣଷ ସମ୍ବନ୍ଧରେ ସୁରେଶ କହିଛି "ପଶୁ ମଣିଷକୁ ମାରିଦିଏ ଏକଥା ଯେମିତି ଠିକ୍ ମଣିଷ ପଶୁମାଂସ ଖାଏ, ଏକଥା ବି ଠିକ୍" । ଏତେସବୁ ପରେ ସମସ୍ତେ ମିଳିମିଶି ଗୋପୀ ବାଥରୁମ୍ କବାଟ ଖୋଲିବା କଥା ଯେତେବେଳେ ନିଷ୍ପତ୍ତି ହୋଇଛି ସେତେବେଳେ ସୁରେଶ ପ୍ରଥମେ ଏହାକୁ ବିରୋଧ କରିଛି । ପରବର୍ତ୍ତୀ ପର୍ଯ୍ୟାୟରେ ସେ ଅନ୍ୟମାନଙ୍କ କଥାରେ ପଡ଼ି ବା ସହମତି ପ୍ରକାଶ କରି ଗୋପୀକୁ ମାଡ଼ ମାରିଛି ଓ ଯିବାକୁ ବାଧ କରିଛି । ଗୋପୀକୁ ବିପଦ ମୁହଁକୁ ଠେଲିଦେଇ ସମସ୍ତେ ଉତ୍ସୁକତାର ସହିତ ଘଟଣାଟିକୁ କେବଳ ଉପଭୋଗ କରିଛନ୍ତି । ଏଥିରୁ ଏକାଙ୍କିକାର ସମସ୍ତ ଚରିତ୍ର ସୁବିଧାବାଦୀ ଓ ସ୍ୱାର୍ଥାନ୍ୱେଷୀ ତାହା ଜଣାପଡ଼ିଛି । ସୁରେଶ ଚରିତ୍ର ମାଧ୍ୟମରେ ନାଟ୍ୟକାର ସ୍ୱାର୍ଥପର ମଣିଷର ଅସଲ ଚେହେରାକୁ ଉନ୍ମୋଚନ କରିଛନ୍ତି ।

❑❑❑

# ବିଷୟ- ସୀମିତ ସମ୍ପର୍କ

## କାର୍ତ୍ତିକ ଚନ୍ଦ୍ର ରଥ

**ଏକାଙ୍କିକାକାରଙ୍କ ପରିଚୟ ଓ ସୃଷ୍ଟି ସମୂହ :**

ଓଡ଼ିଆ ନାଟ୍ୟକାର ଜଗତର ଶ୍ରୀଯୁକ୍ତ କାର୍ତ୍ତିକ ଚନ୍ଦ୍ର ରଥ ଜଣେ ପରିଚିତ ନାମ । ଓଡ଼ିଆ ନବନାଟ୍ୟ ଆନ୍ଦୋଳନରେ ଶ୍ରୀଯୁକ୍ତ ରଥଙ୍କର ବିଶେଷ ଭୂମିକା ରହିଛି । ପାରମ୍ପରିକ ନାଟ୍ୟଶୈଳୀ ଠାରୁ ଦୂରେଇଯାଇ ସେ ପରୀକ୍ଷାମୂଳକ ନାଟକ ରଚନାରେ ମନ ନିଯୋଗ କରିଛନ୍ତି । ତାଙ୍କ ନାଟକରେ ସଂଳାପଗୁଡ଼ିକ ଅନେକାଂଶରେ ବ୍ୟଙ୍ଗଧର୍ମୀ । ତାଙ୍କ ନାଟକର ମୁଖ୍ୟ ଆକର୍ଷଣ ହେଲା ମନସ୍ତତ୍ତ୍ୱ ବିଶ୍ଳେଷଣ । ଜଉଘର, 'ସମୁଦ୍ରର ରଙ୍ଗ ଯନ୍ତ୍ରଣା', 'ବହ୍ନିମାନ', 'ଈଶ୍ୱର ଜଣେ ଯୁବକ', 'ସ୍ମୃତି', 'ସାନ୍ତ୍ୱନା ଓ ଶୂନ୍ୟତା', 'ମାଂସର ଫୁଲ', 'ଚଇତିଘୋଡ଼ା', 'ଶୁକଶାରୀ କଥା', 'ଚାରିକାନ୍ଥର ନାଟକ', 'ନିଃସଙ୍ଗ ନିସର୍ଗ' ଓ 'ଜୀବନଯଜ୍ଞ' ପ୍ରଭୃତି ବହୁ ଉଚ୍ଚକୋଟୀର ନାଟକର ସେ ରଚୟିତା । ପ୍ରତୀକ ଧର୍ମୀ ସଂଳାପ ରଚନାରେ ତାଙ୍କର ସ୍ୱତନ୍ତ୍ରତା ସ୍ୱତଃ ବାରି ହୋଇପଡ଼େ । ତାଙ୍କ ନାଟକର ନାଟକୀୟ ଉତ୍କଣ୍ଠା, ମଞ୍ଚ କୌଶଳ, ସଂଳାପ ଓ ଭାଷା ତାଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ମାନୀତ କରିଛି ।

**ବିଷୟବସ୍ତୁ ସମ୍ପର୍କରେ :**

'ସୀମିତ ସମ୍ପର୍କ' ଏକ ପାରିବାରିକ ସମସ୍ୟା ବହୁଳ ଏକାଙ୍କିକା । ଏଥିରେ ଏକାଙ୍କିକାକାର ପ୍ରଥମେ ପୃଥିବୀର କେନ୍ଦ୍ରବିନ୍ଦୁ ସମ୍ପର୍କରେ ଚିତ୍ର ପ୍ରଦାନ କରିଛନ୍ତି । ପରିବାର ସେ ଯୌଥ ହେଉକି ଛୋଟ ପରିବାର ହେଉ ଯେଉଁଘରେ ଛୋଟବଡ଼ ଭେଦଭାବ ନଥାଏ ସେ ଘର ବୈକୁଣ୍ଠମୟ ହୋଇଯାଏ । ପରିବାରର ପରସ୍ପର ପ୍ରତି ସ୍ନେହ ଅନୁରାଗ ରହିଲେ ସେ ପରିବାରରେ ସର୍ବଦା ସୁଖ, ସୌଭାଗ୍ୟ ଓ ଆନନ୍ଦ ମିଳିଥାଏ । ଯାହା ବର୍ତ୍ତମାନ ବା ଅତ୍ୟାଧୁନିକ ଯୁଗରେ ଶୁଣାଯାଉନାହିଁ । ଏ ଭାବ କିନ୍ତୁ ଧୀରେ ଧୀରେ କମି ଆସିଲାଣି । ଆର୍ଥିକ ଦୁର୍ଗତିର ପ୍ରଭାବ ପ୍ରାୟତଃ ସମାଜକୁ କବଳିତ କରିଛି । ତ୍ୟାଗ ଓ ସହନଶୀଳତା ନାହିଁ । ଯୌଥ ପରିବାରର ଆନନ୍ଦ ଆଉ ଦେଖିବାକୁ ମିଳୁନାହିଁ । ସ୍ୱାମୀ ସ୍ତ୍ରୀ, ଶାଶୂ, ମା, ପୁଅ ବୋହୂ, ନାତି ଇତ୍ୟାଦି ସୀମିତ ଚରିତ୍ର ମଧ୍ୟରେ ଏକାଙ୍କିକାଟି ଗତିମୁଖର ।

ସାଂସାରିକ ଭୁଲ ବୁଝାମଣା ପାଇଁ ସମସ୍ତ ଚରିତ୍ର ଦୁଃଖ ପାଇଛନ୍ତି । ଏଠାରେ ଗୋଟିଏ ମଧ୍ୟବିତ୍ତ ପରିବାର ଚିତ୍ର ଦିଆଯାଇଛି । ଗୋଟିଏ କିରାଣୀ ପରିବାର । ବୁଢ଼ୀଟିଏ ବସି କୁଲାରେ ଚାଉଳରୁ ଗୋଡ଼ି ବାଛୁଛି । ବୟସ ୫୫ ପାଖାପାଖି ସ୍ୱାମୀ ଇଂରେଜ ସମୟର କିରାଣୀ କେବେଠୁ ଆରପାରିକୁ ଚାଲିଗଲେଣି । ସ୍ୱାମୀ ମରିବା ପୂର୍ବରୁ ମଧ୍ୟ ସେଇ ଅଶାନ୍ତି ମଧ୍ୟରେ ଥିଲେ । ଅଶାନ୍ତିର କାରଣ ପରିବାରର ଏକମାତ୍ର ବୋହୂ । ବୋହୂର ବ୍ୟବହାରରେ ସେ ଅସନ୍ତୁଷ୍ଟ ଥିଲେ । ବୋହୂ ମଧ୍ୟ ସ୍କୁଲ୍ ଶିକ୍ଷୟିତ୍ରୀ । କର୍ମଜୀବୀ ମହିଳା ଭାବରେ ବ୍ୟସ୍ତତା ଭିତରେ ଘରର କୌଣସି କାମ କରୁନଥିବାରୁ ଶାଶୂ ବୋହୂ ଶ୍ୱଶୁର ଏମାନଙ୍କ ମଧ୍ୟରେ ସମ୍ପର୍କ ମଧ୍ୟ ଭଲ ନାହିଁ । ବେଳେ ବେଳେ କାମର ଅତ୍ୟଧିକ ଚାପ ଶାଶୂ ବୋହୂ ମଧ୍ୟରେ କଳହ ସୃଷ୍ଟି କରେ । ବୋହୂ ରାଗରେ ପୁଅ ପିଠିରେ ବିଧା କଷିଦେଇ ରାଗ ଶୁଝାଏ । ଶାଶୂ ବୋହୂ କଳି ଉଗ୍ର ରୂପ ଧାରଣ କରିଛି । ବୋହୂ କହିଛି ମୁଁ ଏ ଘରକୁ ଆପେ ଆପେ ଚାଲି ଆସିନି କି ତୁଆଟାକୁ ନେଇ ଆସିନି ଇତ୍ୟାଦି । ଚାକିରି କରି ସେ ଶାଶୂର ଦୁଇ ଝିଅ ବା ନଣନ୍ଦମାନଙ୍କର ବାହାଘର କରିଛି ବୋଲି ଶାଶୂ ବୋହୂ କଳି ଗୋଟିଏ ନିଛକ ଅଭାବୀ ପରିବାର ଓ ସମସ୍ୟା ବହୁଳ ଜୀବନର କଥା ଏଠି କହିଛି ।

ନାଟକର ଦ୍ୱିତୀୟ ଅଧ୍ୟାୟରେ ପୁଅ ଗୋବର୍ଦ୍ଧନ ଘର ଭିତରକୁ ଆସୁ ଆସୁ ମା'କୁ ଖୋଜିବାରୁ ଶାଶୂ ଉପରେ ରାଗିଥିବା ସ୍ତ୍ରୀ ସ୍ୱାମୀ ଉପରେ ରାଗ ଶୁଝେଇଛି । ରାଗି ବାପଘରକୁ ଚାଲିଯିବ କହିଛି । ଯେତେ ବୁଝେଇ କହିଲେ ବି ଶୁଣିନାହିଁ । ନିଜ ପିଲା ପ୍ରତି ଅବହେଳା ହେଉଥିବା କହି ପୁଅକୁ ବି ନେଇ ଯିବାକୁ ଚାହିଁଛି । ଏହିପରି ପ୍ରାୟ ସବୁଦିନ ଝଗଡ଼ା ସେ ପରିବାରରେ ଗୋଟେ ନିତିଦିନିଆ ଘଟଣାରେ ପରିଣତ ହୋଇଛି । କାହାରି ସହିତ କାହାରି ମନ ମିଶି ନାହିଁ । ସର୍ବଦା ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଛି ସେ ଘରେ ।

ଶାଶୂବୋହୂ ପରସ୍ପର କଳିରେ ଲିପ୍ତ ରହିଛନ୍ତି । ଚାକର ପିଲାଟିଏ ଥିଲା ସ୍କୁଲ ପାଖରେ ଘରଭଡ଼ା ନେବା ପରେ ସେ ଚାକରପିଲାକୁ ବାହାର କରିଦିଆଗଲା । ଏକଥା କରିବା ବେଳେ ଶାଶୂ ନିଜକୁ ଚାକରାଣୀ ବୋଲି ଆକ୍ଷେପ କରି ବୋହୂକୁ କହିଛି । ବୋହୂ ନିଜ ଅଶାନ୍ତି, ପିଲାର ଅବସ୍ଥା, କଥା ତା ବାପା ଭାଇଙ୍କ ମନଦୁଃଖ କଥା ଆଦି ଯେତେ ବୁଝେଇବାକୁ ଚେଷ୍ଟା କରିଛି ଶାଶୂ ବୁଝିନାହିଁ । ଓଲଟା ତା ବାପାଭାଇ କଥା ଶୁଣି ଆହୁରି ରାଗିଯାଇଛି । ଚାକରି କରି ପରପୁରୁଷ ସାଙ୍ଗରେ ମିଶୁଥିବାର ଆକ୍ଷେପ କରି ସତୀ ସୀତା, ସତୀ ଶିରୋମଣୀ ଇତ୍ୟାଦି କହିଛି । ବୋହୂ କାନ୍ଦି କାନ୍ଦି ମନଦୁଃଖରେ ସର୍ବଦା ରହିଛି । ଶେଷ ଦୃଶ୍ୟରେ ସ୍ୱାମୀ ସ୍ତ୍ରୀ ଶୋଇବା ସମୟର କଥା ଏଠାରେ କୁହାଯାଇଛି । ସ୍ୱାମୀସ୍ତ୍ରୀ ପରସ୍ପର କଥାବାର୍ତ୍ତା ବେଳେ ସ୍ତ୍ରୀ ଅସନ୍ତୋଷ ଜାହିର କରିଛି । କେବଳ ଦୁନିଆଁ ଆଖିରେ ଘୃଣା ଓ ନିନ୍ଦାକୁ ଭୟକରି ସେ ପଡ଼ିରହିଛି ବୋଲି ସ୍ୱାମୀଙ୍କୁ କହିଛି । ନହେଲେ ଏଠୁ ଚାଲିଯାଆନ୍ତାଣି । ସ୍ୱାମୀକୁ ଘରଛାଡ଼ି ଯିବାକୁ ପରୋକ୍ଷରେ ପ୍ରେରଣା ଦେଇଛି । ସ୍ୱାମୀ ସ୍ତ୍ରୀ ସମ୍ପର୍କ ଏଠି କେବଳ ଗୋଟେ ବାହାନା, ଉପରଠାଉରିଆ, ଅଭିନୟ ସର୍ବସ୍ୱ ହୋଇଛି । ଅର୍ଥାତ ଗୋଟିଏ ଛାତ ତଳେ ଗୋଟିଏ ଘରେ, ଗୋଟିଏ ଖଟରେ ଶୋଇଥିଲେ ବି ସ୍ୱାମୀ ସ୍ତ୍ରୀର ସମ୍ପର୍କ ଏଠି ଗୋଟିଏ ନାଟକର ଜୀବନ୍ତ ଅଭିନୟ ଠାରୁ କମ୍ ନୁହେଁ ବୋଲି କୁହାଯାଇଛି । ଶେଷରେ ନେପଥ୍ୟରୁ ନାଟକର ଏଇ ସୀମିତ ସମ୍ପର୍କ କଥା ଶୁଣାଯାଇଛି । ଏନାଟକ ସରିନାହିଁ, ଏଇମାତ୍ର ଆରମ୍ଭ । ଏହା ନିତିଦିନିଆ କଥା ବୋଲି ପ୍ରମାଣିତ କରାଯାଇଛି ।

୧. ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ । ପ୍ରଶ୍ନର ମୂଲ୍ୟ ୧ ନମ୍ବର । ସମ୍ଭାବ୍ୟ ୪ ଗୋଟି ଉତ୍ତର ମଧ୍ୟରୁ ଠିକ୍ ଉତ୍ତର ବାଛି ଲେଖ ।

(କ) 'ସୀମିତ ସମ୍ପର୍କ' ନାଟକିଟର ପ୍ରଥମ ଚରିତ୍ର କିଏ ?

(ମାନମୟୀ ଦେବୀ, କୃପାମୟୀ ଦେବୀ, ପ୍ରେମମୟୀ ଦେବୀ, ସ୍ନେହମୟୀ ଦେବୀ)

ଉ.: ସ୍ନେହମୟୀ ଦେବୀ ।

(ଖ) କରୁଣାଙ୍କ ପୁଅର ବୟସ କେତେ ?

(ଚାରିବର୍ଷ, ପାଞ୍ଚବର୍ଷ, ତିନିବର୍ଷ, ଦୁଇବର୍ଷ)

ଉ.: ତିନିବର୍ଷ ।

(ଗ) [illegible] [illegible] ଚାକିରି କରିଥିଲେ ?

(କିରାଣୀ, ଶିକ୍ଷୟିତ୍ରୀ, ନର୍ସ, ପିଅନ)

ଉ.: ଶିକ୍ଷୟିତ୍ରୀ ।

(ଘ) ଛାତିରେ କ'ଣ ପଡ଼ିଲେ ସହିବାକୁ ହୁଏ ବୋଲି କୁହାଯାଇଛି ?

(ପତର, ମାଙ୍କଡ଼ା, ଡେଣୁଆ, ପଥର)

ଉ.: ପଥର ।

(ଙ) 'ନାଟର ଗୋବର୍ଦ୍ଧନ' କେତେ ନମ୍ବର ଚରିତ୍ର ?

(ଏକନମ୍ବର, ଦୁଇନମ୍ବର, ତିନିନମ୍ବର, ଚାରିନମ୍ବର)

ଉ.: ଚାରିନମ୍ବର ।

(ଚ) 'ନାଟର ଗୋବର୍ଦ୍ଧନ' ଚରିତ୍ରର ପ୍ରକୃତ ନାମ କ'ଣ ?

(ଗୋବର୍ଦ୍ଧନ, ଗନ୍ଧର୍ବ, ମୁକୁନ୍ଦ, ଯୋଗୀନ୍ଦ୍ର)

ଉ.: ଗୋବର୍ଦ୍ଧନ ।

(ଛ) କାହାପାଇଁ ଏ ଘରେ ସେ ଅଛନ୍ତି ବୋଲି କରୁଣା କହିଛି ?

(ସ୍ୱାମୀଙ୍କ ପାଇଁ, ମା'ଙ୍କ ପାଇଁ, ପୁଅ ପାଇଁ, ସାଙ୍ଗ ପାଇଁ)

ଉ.: ପୁଅ ପାଇଁ ।

(ଜ) ତାଙ୍କର ଏକା କ'ଣ ମାଡ଼ିବସୁଚି ବୋଲି ମା' କହିଛି ?

(ବଳ, ବୟସ, ବଳବୟସ, ଶକତି)

ଉ.: ବଳବୟସ ।

(ଝ) ବାହାରୁ ଦେଖିବାକୁ ପରିବାରଟି ଛୋଟ ହେଲେ ବି ଭିତରଟା କ'ଣ ବୋଲି କୁହାଯାଇଛି ?

(ଅଯୋଧ୍ୟା, ଲଙ୍କା, ମଥୁରା, ଦ୍ୱାରିକା)

ଉ.: ଲଙ୍କା ।

(ଞ) କେଉଁ ଯୁଗରେ ଚାକରଟାଏ ପୁଣି କ'ଣ ବୋଲି ଶାଶୂ କହିଛି ?

(ଅଭାବୀ ଯୁଗରେ, ମହରଗ ଯୁଗରେ, ଦରଦାମ ଯୁଗରେ, ଶିଖାପଢ଼ା ଯୁଗରେ)

ଉ.: ମହରଗ ଯୁଗରେ ।

(ଟ) ନିଜକୁ ଗୋଟାଏ ଚାକରାଣୀ ବୋଲି କିଏ କହିଛି ?

(ଶାଶୂ, ବୋହୂ, ସ୍କୁଲର ଦାସୀ, ମୂଲିଆଣୀ)

ଉ.: ଶାଶୂ ।

(ଠ) କାହା ଘରେ ପିଲାଟାଙ୍କୁ ରୋଜ୍ ଛାଡ଼ିକି ଯାଉଚି ବୋଲି ବୋହୂ କହିଛି ?

(ଚାକରାଣୀ, ପାଖ ପଡ଼ୋଶୀ, ସ୍କୁଲର ଦାସୀ, ସ୍କୁଲ ବେଳର ସାଙ୍ଗ)

ଉ.: ସ୍କୁଲର ଦାସୀ ।

(ଡ) କାହା ପାଇଁ ବୋହୂଟି ବଞ୍ଚିବାକୁ ଚାହେଁ ବୋଲି କହିଛି ?

(ମୁନା, କୁନା, ଟୁନା, ସୁନା)

ଉ.: କୁନା ।

(ଢ) ନାଟକିଟିର ଉପସଂହାରକୁ କ'ଣ କୁହାଯାଇଛି ?

(କନ୍‌କ୍ଲୁଜନ, ସସ୍‌ପେନ୍‌ସ, କାଟାଷ୍ଟ୍ରୋଫିଂ, ପ୍ରିଲ୍ୟୁଡ଼)

ଉ.: କାଟାଷ୍ଟ୍ରୋଫିଂ ।

(ଣ) ସ୍ତ୍ରୀ ତା'ର ସ୍ୱାମୀକୁ କେଉଁ ଲୋକ ବୋଲି କହିଛି ?

(ଗର୍ବୀ, ଅହଂକାରୀ, ଜିଦ୍‌ଖୋର, କ୍ରୋଧୀ)

ଉ.: ଜିଦ୍‌ଖୋର ।

(ତ) ତାଙ୍କ ସମ୍ପର୍କଟା ଖାଲି ଗୋଟାଏ କ'ଣ ବୋଲି ସ୍ତ୍ରୀ ଜାଣିଥିବାର କହିଛି ?

(ବାହାର ଦେଖାଣିଆ, ମିଛିମିଛିକା, ବାହାନା, ଛଳନା)

ଉ.: ବାହାନା ।

(ଥ) ସ୍ତ୍ରୀ କାହାଭଳି ମୂକ ହୋଇଥିବ ବୋଲି କୁହାଯାଇଛି ?

(ମେଣ୍ଢାଭଳି, ଗାଈଭଳି, ଗଧଭଳି, ଓଟଭଳି)

ଉ.: ଗାଈଭଳି ।

(ଦ) ସ୍ୱାମୀ-ସ୍ତ୍ରୀର ସମ୍ପର୍କଟା କାହାଠାରୁ ବଳି ଅଧିକ ସୁନ୍ଦର ବୋଲି କୁହାଯାଇଛି ?

(ଗୋଟିଏ ନାଟକର ଦୃଶ୍ୟ, ଗୋଟିଏ ନାଟକର ଅଭିନୟ, ଗୋଟିଏ ରଙ୍ଗୀନ୍ ଫୁଲ, ଗୋଟିଏ ପୂର୍ଣ୍ଣିମା ଜହ୍ନ)

ଉ.: ଗୋଟିଏ ନାଟକର ଅଭିନୟ ।

**୨. ଗୋଟିଏ ବାକ୍ୟରେ ଉତ୍ତର ଦିଅ । ପ୍ରଶ୍ନର ମୂଲ୍ୟ ୧ ନମ୍ବର ।**

(କ) "ଏଡ଼େ ବହପ ତୋର" ଏହା କିଏ କାହାକୁ କହିଛି ?

ଉ.: "ଏଡ଼େ ବହପ ତୋର" ଏକଥା ଶାଶୂ ବୋହୂକୁ କହିଛି ।

(ଖ) ଭାରି ଲୋକ ବୋଲି ନାତି କହିବାରୁ ବୋହୂ କ'ଣ କହିଛି ?

ଉ. ଭାରି ଲୋକ ବୋଲି ନାତି କହିବାରୁ ବୋହୂ କହିଛି "ମୋତେ ଖାଇଦେ, ମୁଁ ଏ [illegible]

(ଗ) ନାତି ପିଠାଟାକୁ ବୋହୂ ଦୁମ୍ କିନା ଥୋଇବାରୁ ଶାଶୂ କ'ଣ କହିଛି ?

ଉ. ନାତି ପିଠାଟାକୁ ବୋହୂ ଦୁମ୍ କିନା ଥୋଇବାରୁ ଶାଶୂ କହିଛି ତାକୁ କାହିଁକି [illegible] ହୋଇଛନ୍ତି ?

(ଘ) ଶାଶୂ କାହିଁକି ତା' ବାପା-ମା'ର ଶ୍ରାଦ୍ଧ କରୁଛନ୍ତି ବୋଲି ବୋହୂଟି କହିଲା ?

ଉ.: ଯଉତୁକ ଦେଇ ଝିଅ ପଠେଇ ନ ଥିଲେ ବୋଲି ଶାଶୂ ତା' ବାପା-ମା'ର ଶ୍ରାଦ୍ଧ କରୁଛନ୍ତି ବୋଲି ବୋହୂଟି କହିଛି ।

(ଙ) କେଉଁ କଥା ମିଛକଥା ବୋଲି ସ୍ୱାମୀ କହିଛି ?

ଉ.. ସ୍ତ୍ରୀ ବାପଘରକୁ ଗଲେ ଫେରିବନି, ଏହା ମିଛକଥା ବୋଲି ସ୍ୱାମୀ କହିଛି ।

(ଚ) ମା' ତା'ର ପୁଅକୁ କେଉଁକଥା ପଚାରିଛି ?

ଉ. ମା' ତା'ର ପୁଅକୁ ପଚାରିଛି ସବୁତକ ବୋଝ କ'ଣ ମୋରି ମୁଣ୍ଡକୁ ?

(ଛ) ମୋ ସ୍ତ୍ରୀ କଥାଗୁଡ଼ାକ କିପରି ଲାଗୁଚି ମା' ପୁଅକୁ କହିଛି ?

ଉ. ମୋ ସ୍ତ୍ରୀ କଥାଗୁଡ଼ାକ ସୁଆଦିଆ କି ନା, ଖାଲି ବାସୁଚି ବୋଲି ମା' ପୁଅକୁ କହିଛି ।

(ଜ) କେଉଁକଥା ଶେଷ ହେବାକୁ ନାହିଁ ବୋଲି ମା' କହିଛି ?

ଉ. ଶାଶୂ-ବୋହୂ କଳିର ଶେଷ ହେବାକୁ ନାହିଁ ବୋଲି [illegible]

(ଝ) କେଉଁ କଥା ନିଜେଇ ଠିକ୍ ବୁଝିପାରୁନି ବୋଲି ପୁଅ କହିଛି ?

ଉ. ଶାଶୂ ବୋହୂକୁ କିପରି ବୁଝେଇବ ସେକଥା ବୁଝିପାରୁନି ବୋଲି ପୁଅ କହିଛି ।

(ଞ) କ'ଣ ଯାଇ ଦେଖିବାକୁ ପୁଅ ମା'କୁ କହିଛି ?

ଉ.: ଯୋଗାବଡ଼ା କିପରି ଶୀଘ୍ର ସରିବ ସେ କଥା ଯାଇ ଦେଖିବାକୁ ପୁଅ ମା'କୁ କହିଛି ।

(ଟ) କେଉଁ କଥା ହେଲେ ବସି ମଜା ପାଇବ ବୋଲି ପୁଅ କହିଛି ?

ଉ. [illegible] ଏମିତି ନେଲିରେ ଗଲେ କେଉଁଦିନ ଚାକିରିଟା ଚାଲିଗଲେ ବସି ମଜା [illegible]

[illegible]

(ଠ) କେଉଁ କଥା [illegible] ବୋଲି ସ୍ୱାମୀ ସ୍ତ୍ରୀଙ୍କୁ କହିଛନ୍ତି ?

ଉ: [illegible] ଯଦି ହେଲେ କଥା ଶୁଣିବାକୁ ଚାହାନ୍ତିନି ବୋଲି ସ୍ୱାମୀ ସ୍ତ୍ରୀଙ୍କୁ କହିଛନ୍ତି ।

(ଝ) କେଉଁ କାମ ସେ କରିବାକୁ ଚାହାନ୍ତିନି ବୋଲି ସ୍ୱାମୀ, ସ୍ତ୍ରୀଙ୍କୁ କହିଛି ?

ଉ: ସ୍ତ୍ରୀ ମନରେ ଆଘାତ ନଦେବା ଭଳି କିଛି କାମ କରିବାକୁ ଚାହିଁ ନାହାନ୍ତି ବୋଲି ସ୍ୱାମୀ, ସ୍ତ୍ରୀଙ୍କୁ କହିଛନ୍ତି ।

(ଦ) କେଉଁ କଥା ତାଙ୍କର ବୋକାମୀ ବୋଲି ସ୍ୱାମୀ କରୁଣାକୁ କହିଛି ?

ଉ: ପୁଅକୁ ତାଙ୍କଠାରୁ ଦୂରେଇ ରଖିବା ବୋକାମୀ ବୋଲି ସ୍ୱାମୀ କରୁଣାକୁ କହିଛନ୍ତି ।

(ଧ) କେଉଁ କଥା ଆପେ ଆପେ ଫୁଟି ବାହାରି ପଡ଼ିବ ବୋଲି କୁହାଯାଇଛି ?

ଉ: [illegible] ଲୁଚେଇଲେ ସେ ଆପେ ଆପେ ଫୁଟି ବାହାରି ପଡ଼ିବ ବୋଲି କୁହାଯାଇଛି ।

[illegible] ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୨ ନମ୍ବର । ଲେଖା ଓ ଲେଖକ ସୂଚନା ପାଇଁ ଏକନମ୍ବର ଓ ଉତ୍ତର ପାଇଁ ୧ ନମ୍ବର ।

(କ) ସ୍ନେହମୟୀ ଦେବୀଙ୍କ ସମ୍ପର୍କରେ କ'ଣ କୁହାଯାଇଛି ?

ଉ. ଏହା ଏକାଙ୍କିକା 'ସୀମିତ ସମ୍ପର୍କ'ରୁ ଆସିଛି ଓ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ । ସ୍ନେହମୟୀ ନାଟକର ପ୍ରଥମ [illegible] ବୋଲି କୁହାଯାଇଛି ।

(ଖ) [illegible] ବେଳେ ସମ୍ପର୍କରେ ତାଙ୍କ ଶାଶୂ କ'ଣ କହିଛନ୍ତି ?

ଉ: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରେ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ଶାଶୂ କହିଛନ୍ତି ଆମେ ଆମ [illegible] ବେଳ ପଡ଼ିଲା ବେଳକୁ ଆସୁଥିଲେ ଯେ ଏଇନେ ଆସୁ ଆସୁ ବେଳ ଯାଉଚି ।

(ଗ) [illegible] କଥା ସମ୍ପର୍କରେ କରୁଣା କ'ଣ କହିଛି ?

ଉ: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ଆସିଅଛି ଓ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ । କରୁଣା କହିଛି ଖାଲି ତ ପିଲାଙ୍କ ପାଠପଢ଼େଇଲେ ହେବନି ଅନେକ କାମ ମଧ୍ୟ କରିବାକୁ ପଡୁଛି ।

(ଘ) ମରି ମରି ଖଟି ଆସିଲା ବେଳକୁ ଶାଶୂ ପୁଣି କ'ଣ କହୁଛନ୍ତି ବୋଲି ବୋହୂ କହିଛି ?

ଉ: ଏହା ଏକାଙ୍କିକା 'ସୀମିତ ସମ୍ପର୍କ'ରେ କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ମରିମରି ଖଟି ଫେରିବା ବେଳକୁ ଶାଶୂ [illegible] କଥା କହୁଥିବାର ବୋହୂ କହିଛନ୍ତି ।

(ଙ) [illegible] କଥା କହିବାରୁ ବୋହୂ ଶାଶୂଙ୍କୁ କ'ଣ କହିଛି ?

ଉ: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ଆସିଛି ଓ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ । ବୋହୂ କହିଛି ଯେ ପିଲାଟା ଏକାକୁ ଘରକୁ ଯାଉଥିଲା ଆଗେ ତାକୁ ମୁଠେ ବୋଲି ଖାଇବାକୁ ଦେ ବୋଲି କହିଲନି ବୋଲି ବୋହୂ କହିଛି ।

(ଚ) ଆଉ କେଖା କୁହନି କହି ବୋହୂ ପୁଣି ଶାଶୂଙ୍କୁ କ'ଣ କହିଛି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ବୋହୂ ଶାଶୂ ବେଶୀ କହିବାରୁ କହିଛି ଆଉ ବେଶୀ କୁହନି ପିଲାଟା ସକାଳୁ ଯାଇଥିଲା ଦେ ମୁଠେ ତାକୁ ଖାଇବାକୁ ଦେ କହିଲନି ।

(ଛ) ସେ ଘରକୁ କେମିତି ବୋହୂ ହୋଇ ଆସିଥିଲା ବୋଲି ବୋହୂ କହିଛି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ଆସିଅଛି ଓ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ସେ କ'ଣ ମନକୁ ମନ ବୋହୂ ହୋଇ ଆସିଥିଲାକି ବୋଲି ବୋହୂ କହିଛି ।

(ଜ) ବୋହୂ ଘରକୁ କେମିତି କମ୍ପଉଚି ଏବଂ କେଉଁ କଥାକୁ ଜପୁନି ବୋଲି ଶାଶୂ କହିଛି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ବଡ଼ ବଡ଼ ପାଟିକରି ଘର କମ୍ପଉଚି ଓ ମାନମହତକୁ ଜଗୁନି ବୋଲି ଶାଶୂ ବୋହୂ ଉଦ୍ଦେଶ୍ୟରେ କହିଛି ।

(ଝ) କେଉଁ କଥାରେ ବୋହୂ ଫଟେଇ ହେଉଚି ବୋଲି ଶାଶୂ କହିଛି ?

ଉ.: ଏକଥାଟି 'ସୀମିତ ସମ୍ପର୍କ' ବିଷୟରୁ ଆସିଛି ଓ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ । ବୋହୂ ରୋଜଗାର ଶାଶୂ ଖାଉଛି ବୋଲି ବୋହୂ ଫଟେଇ ହେଉଚି ବୋଲି ଶାଶୂ କହିଛି ।

(ଞ) ମା' କ'ଣ କହୁଥିଲା ବୋଲି ସ୍ୱାମୀ ସ୍ତ୍ରୀକୁ କହିଛି ?

ଉ.: ଏହି କଥାଟି ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ 'ସୀମିତ ସମ୍ପର୍କ' ଏକାଙ୍କିକାରେ କହିଛନ୍ତି । ମା' କହୁଥିଲା ଏଇ କେତେଦିନ ହେଲା ତମେ ବାପଘରକୁ ଯିବ ବୋଲି ଜିଦ୍ ଧରିଛ ବୋଲି ସ୍ୱାମୀ ସ୍ତ୍ରୀକୁ କହିଛି ।

(ଟ) ସ୍ତ୍ରୀ ତାତ୍ସଲ୍ୟ କରି ତାଙ୍କ ସ୍ୱାମୀଙ୍କୁ କ'ଣ କହିଥିଲେ ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରେ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ସ୍ୱାମୀଙ୍କୁ ତାସଲ୍ୟ କରି ସ୍ତ୍ରୀ କହିଥିଲେ ତୁମର ଖାଲି ପୁଅଟିଏ ଦରକାର ମୋ ସହିତ ତୁମର ସମ୍ପର୍କ ବା କ'ଣ ?

(ଠ) ସ୍ତ୍ରୀଙ୍କର କେଉଁ ଅଭ୍ୟାସ କଥା ସ୍ୱାମୀ କହିଛି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରେ କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ସବୁବେଳେ ସବୁ କଥାରେ ଓଲଟା ବୁଝିବାର ଗୁଣ ବା ଅଭ୍ୟାସ କଥା ସ୍ୱାମୀ କହିଛି ।

(ଡ) "ତାହା ମୁଁ ଦେଖୁଛି" – କ'ଣ ଦେଖିଛନ୍ତି ବୋଲି ସ୍ୱାମୀ କହିଛନ୍ତି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରେ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ଯେତେସବୁ ବାଜେ କଥା ମୁଣ୍ଡରେ ଭର୍ତ୍ତିକରି ମୁଣ୍ଡଟାକୁ ବିଗାଡ଼ି ସାରିଲଣି ବୋଲି ସ୍ୱାମୀ ସ୍ତ୍ରୀଙ୍କୁ କହିଛନ୍ତି ।

(ଢ) କ'ଣ ଚାହିଁବେନି ଓ କ'ଣ କରିବେ ବୋଲି ସ୍ତ୍ରୀ ସ୍ୱାମୀଙ୍କୁ କହିଛନ୍ତି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ସ୍ତ୍ରୀ କହିଛନ୍ତି ଯେ ସେ ତାଙ୍କ ତରଫରୁ ଆଉ କୌଣସି କଥାକୁ ନ ବଢ଼େଇ କମେଇବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି ।

(ଣ) କେଉଁ କଥା ତାଙ୍କୁ ଆଶ୍ଚର୍ଯ୍ୟ ଲାଗେ ବୋଲି ସ୍ତ୍ରୀ କହିଛି ?

ଉ.: 'ସୀମିତ ସମ୍ପର୍କ' ଏକାଙ୍କିକାରେ ଏକଥା ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ପୁଅ କାନ୍ଦିଲେ ସ୍ୱାମୀଙ୍କୁ ଚିନ୍ତା

ଲାଗୁଥିବା କଥା ସ୍ତ୍ରୀଙ୍କୁ ଆଶ୍ଚର୍ଯ୍ୟ ଲାଗେ ବୋଲି ସ୍ତ୍ରୀ କହିଛନ୍ତି ।

(ତ) ପୁଅ କ'ଣ ଦେଖୁଚି ବୋଲି ମା'କୁ କହିଛି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାର କାର୍ତ୍ତିକ ଚନ୍ଦ୍ର ରଥଙ୍କ ଦ୍ୱାରା ରଚିତ । ଶାଶୂ ବୋହୂ କଳିକୁ ଆକ୍ଷେପ କରି କହିଛନ୍ତି ତମେ ଦି'ଟା ଯାକ ମୋ ଭେଜାଟାକୁ ପୂରା ଖାଇଗଲଣି ଓ ପାଗଳ ହେବାକୁ ମୋତେ ବେଶୀ ସମୟ ଲାଗିବନି ବୋଲି ସେ ମା'କୁ କହିଛି ।

(ଥ) ବୋହୂ ନିଜେ ତା' ବାପା ସମ୍ପର୍କରେ କ'ଣ କହିଛି ?

ଉ.: 'ସୀମିତ ସମ୍ପର୍କ' ଏକାଙ୍କିକାଟି ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥଙ୍କ ଦ୍ୱାରା ରଚିତ । ବୁଢ଼ା ବାପା ତା ଦୁଃଖ ଶୁଣି କେବଳ ଲୁହ ସିନା ଗଡ଼ଉଛନ୍ତି ମାତ୍ର ତାକୁ ପାଖରେ ନେଇ ରଖିବାକୁ ରାଜି ନୁହନ୍ତି ।

(ଦ) ବୋହୂ ନିଜେ ତା ଭାଇ ସମ୍ପର୍କରେ କ'ଣ କହିଛି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । କଟାଘା'ରେ ଚୂନ ଦେବା ପରି ଅଭାବ ଅସୁବିଧା କଥା ନିଜ ସ୍ୱାମୀକୁ ଜଣାଇବାକୁ ଭାଇ କହିଛି ବୋଲି ବୋହୂ କହିଛି ।

(ଧ) ବୋହୂର ବାପା ଭାଇଙ୍କ ସମ୍ପର୍କରେ ଶାଶୂ କ'ଣ କହିଛି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ବୋହୂକୁ ଆକ୍ଷେପ କରି ଶାଶୂ କହିଛି ବାପା ବୋଉ ତତେ ଯଦି ପୋଷିବା କଥା ପୋଷୁ ନାହାନ୍ତି କିଏ ମନା କରୁଛି । ତତେ ନେଇ ମୁଣ୍ଡରେ ବସାନ୍ତୁ ।

(ନ) ଚାକିରି କରୁଛି ବୋଲି ବୋହୂ କ'ଣ କରୁଛି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ଶାଶୂ କହିଛି ଚାକିରି କରିଚୁ ବୋଲି ପରପୁରୁଷଙ୍କ ସାଙ୍ଗରେ ମିଶୁଛୁ କିନା, ସେଇଥି ପାଇଁ ଏତେ ବଡ଼ ବଡ଼ ଫୁଟାଣି କଥାଗୁଡ଼ାକ କହିବାକୁ ସାହସ ପାଉଚିତ ତା ନହେଇଥିଲେ... ।

(ପ) ସ୍ତ୍ରୀ ପାଇଁ ସ୍ୱାମୀଙ୍କର ପଦେକଥା କ'ଣ ଥିଲା ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ମା' ମନରେ କେବେ ଦୁଃଖ ନଦେବା ପାଇଁ ସ୍ୱାମୀ ସ୍ତ୍ରୀକୁ କହିଛନ୍ତି ।

(ଫ) ପୁଅ କୁନା ବିଷୟରେ ସେ କାହିଁକି ଚିନ୍ତିତ ବୋଲି ସ୍ତ୍ରୀ ସ୍ୱାମୀଙ୍କୁ କହିଛି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ସ୍ୱାମୀଙ୍କର ପ୍ରଭାବ ପୁଅ ଉପରେ ଯେମିତି ନ ପଡ଼େ ସେକଥା ନେଇ ସ୍ତ୍ରୀ ଚିନ୍ତିତ ବୋଲି ସ୍ୱାମୀଙ୍କୁ କହିଛନ୍ତି ।

(ବ) ସ୍ତ୍ରୀ ପ୍ରକୃତରେ କ'ଣ କହିବାକୁ ଚାହାନ୍ତି ବୋଲି ସ୍ୱାମୀ କହିଛନ୍ତି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ସ୍ତ୍ରୀ ପ୍ରକୃତରେ କହିବାକୁ ଚାହାନ୍ତି ଯେ ସ୍ୱାମୀ ସ୍ତ୍ରୀ ସମ୍ପର୍କଟା କେବଳ ଲୋକଦେଖାଣିଆ ଆଉ ମିଛି ମିଛିକା ବାହାନା ବୋଲି ସ୍ୱାମୀ ସ୍ତ୍ରୀକୁ କହିଛନ୍ତି ।

୪. ୩୦ଟି ଶବ୍ଦ ମଧ୍ୟରେ ଉତ୍ତର ଲେଖ । ପ୍ରଶ୍ନର ମୂଲ୍ୟ ୩ ନମ୍ବର । ଲେଖା ଓ ଲେଖକ ପାଇଁ ୧ ନମ୍ବର ଉତ୍ତର ପାଇଁ ୨ ନମ୍ବର ।

(କ) ଶାଶୂ ତାଙ୍କ ବୋହୂ ସମ୍ପର୍କରେ କ'ଣ କହିଛନ୍ତି ?

ଉ.: ଏହା ନାଟ୍ୟକାର କାର୍ତ୍ତିକ ରଥଙ୍କର 'ସୀମିତ ସମ୍ପର୍କ' ଏକାଙ୍କିକାରୁ ଉଦ୍ଧୃତ । ଏଠାରେ ଶାଶୂ ତା ବୋହୂକୁ ଛତର ଖାଇ, ଅଇଁଠା ଗୋଟେଇ, ଆଦି ବିଭିନ୍ନ ପ୍ରକାର ଗାଳି କରିଛି ଓ କହିଛି ଛତରଖାଇ... ଅଇଁଠା ଗୋଟେଇବାକୁ ବୋହୂ କରି ଆଣିଲେ ଯେ, ତାକୁ କୋଉ କଥାକୁ ହେଲେ ଲଗା ଅଛିନା ପଘା ଅଛି ? ବାରବୁଲିକୁ ଘରକଥା କହିଲେ ଦାଣ୍ଡରେ ଯାଇ ନାଚିବ ।

(ଖ) 'ସେଠି କାମ ପଡ଼ିବନି' – ଏ ପ୍ରସଙ୍ଗରେ ଶାଶୂ କ'ଣ କହିଛନ୍ତି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ବୋହୂ ଚାକରି କଥା କହିବାରୁ ଶାଶୂ ତାକୁ ଆକ୍ଷେପ କରି କହିଛି ସ୍କୁଲରେ କାମ ପଡ଼ିବନି ଯେମିତି ହେଲେ ପଡ଼ିବ । ନହେଲେ ଘରଟା ଯାକର କାମ କରିବାକୁ ପଡ଼ିବ ଯେ... ! ଘର କାମ କଲେ ମହାରାଣୀ ଆମ ଚାକରାଣୀ ହୋଇଯିବେନି ? ତା' ସାଙ୍ଗକୁ ପୁଣି ସୁନା ଚମ୍ପା ଦେହଟା କଳାକାଠ ପଡ଼ିଗଲେ ରସିବ କିଏ ?

(ଗ) ହଇଲୋ ହେ... ହେ କହି ଶାଶୂ ବୋହୂକୁ କ'ଣ କହିଛି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । କଳିହୁଡ଼ି ଶାଶୂ କହିଛି ଯେ ହଇଲୋ ହେ... ଠାକୁରାଣୀ ସମାନ ଶାଶୂଟାର ମରଣ ଚାହୁଁଚୁ ? ଆଲୋ ଦଇବ ସହିବ ତ ? ତୋ ମୁହଁକୁ ଟିକେ ଲାଜ ନାହିଁ । ଏମିତିକିଆ ଅଲକ୍ଷଣିଆ କଥା କହିବାକୁ ତୋ ଜିଭ ଲେଉଟୁଚି । ହଇଲୋ ହେ ମୁଁ ମଲେ ଯାଇ ଏଇ ଯୋଗିନୀ ଖାଇଟାକୁ ସଜବାଜ ହୋଇ ମଉଜ କରବାକୁ ସୁଯୋଗ ମିଳିବ ପରା ।

(ଘ) "ଭାରି ବଢ଼ି ବଢ଼ି କଥା କହୁଚୁତ ତ" ଉତ୍ତରରେ ବୋହୂ କ'ଣ କହିଥିଲା ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ଶାଶୂକୁ ବୋହୂ ମୁହଁ ତୋଡ଼ ଜବାବ ଦେବା ପରେ ଶାଶୂର ପ୍ରଥମ କଥାରେ ବୋହୂ କହିଛି ଯେ, ଆଜିଯାଏ କେବେ କହି ନଥିଲି ହେଲେ ଏଣିକି କହିବାକୁ ବାଧ ହେଲି । ତମେ ମୋତେ ଯାହା ଦେଇ ମୋଠୁଁ ଠିକ୍ ସେଇଆ ପାଇବ ।

(ଙ) ତାକୁ (ମୋତେ) ଡରାଣ ଦେଖେଇବନି ବୋଲି ବୋହୂ ଶାଶୂକୁ କହିକି କହିଛି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ଶାଶୂ ତାଗିଦ୍ କଲାପରେ ବୋହୂ ଜବାବ ଦେଇ କହିଛି, "ମୋତେ ସେ ଡରାଣ ଦେଖେଇବନି ମୁଁ ଦନରାତି ଖଟି ଖଟି ଯାହା ପାଉଛି ସବୁ ଏଇ ଘରେ ଆଣି ଦେଉଛି ମୋ ବାପା ବୋଉକୁ ଦେଇଦେଉନି ଯେ ମୋତେ ତମେ ଡରାଣ ଦେଖେଇବ ।"

(ଚ) 'ତମ ଭଳି ଗୋଟେ ଲୋକକୁ ନେଇ କେମିତି ଚଳିବ'ର ଉତ୍ତରରେ ସ୍ତ୍ରୀ ସ୍ୱାମୀଙ୍କୁ କ'ଣ କହିଛି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ତମ ଭଳି ଗୋଟେ ଲୋକକୁ ନେଇ କେମିତି ଚଳିବ ପ୍ରଶ୍ନର ଉତ୍ତରରେ ସ୍ତ୍ରୀ କହିଛି, 'ମତେ ଛାଡ଼ି ଆଉ ଗୋଟେ ବାହାହେଇ ପଡ଼ୁନ ଯିଏ ତମକୁ ସୁଖ ସରାଗ ଅଜାଡ଼ି ଦେଇ ଠିକ୍ ଚଳେଇ ପାରିବ । ସବୁ କଥା ତମର ସିଧା ବୁଝିବ ।

(ଛ) କେଉଁ ଯୋଗ୍ୟତା ତାଙ୍କର ହେଇନି ବୋଲି ସ୍ତ୍ରୀ କହିଥିଲା ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ଏଠି ସ୍ୱାମୀ ସ୍ତ୍ରୀଙ୍କର ସୁସମ୍ପର୍କ କଥା କୁହାଯାଇଛି । ସ୍ୱାମୀ ସ୍ତ୍ରୀ ସାଙ୍ଗରେ ବସି ଖାଇବା ତାଙ୍କର କେବେ ନାହିଁ ଓ ସ୍ୱାମୀ କେବେ ଡାକି ନାହାନ୍ତି । ଏବେ ଡାକିବାରୁ ସ୍ତ୍ରୀ ଏକଥା କହିଛି ଯେ ସେ ଯୋଗ୍ୟତା ତାଙ୍କର ହୋଇନି ।

(ଜ) କେଉଁ କଥା ଶୁଣି ତାଙ୍କ ମନ ଭାରାକ୍ରାନ୍ତ ହୋଇ ହୋଇପଡ଼ିବ ବୋଲି ସ୍ୱାମୀ କହିଛନ୍ତି ?

ଉ.: ଏହା ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ 'ସୀମିତ ସମ୍ପର୍କ' ଏକାଙ୍କିକାରେ କହିଛନ୍ତି । ଭଲରେ କଥା ପଦେ କହିବନି, ଖାଇବାକୁ ଡାକିଲେ ଯୋଗ୍ୟତା ହୋଇନି ବୋଲି କହିବ । ଇତ୍ୟାଦି କଥା ଶୁଣି ସ୍ୱାମୀ ତାଙ୍କର ମନ ଭାରାକ୍ରାନ୍ତ ହୋଇପଡ଼ିବ ବୋଲି କହିଛନ୍ତି ।

(ଝ) ଘରର ବାସିକାମ ନସରୁଣୁ କ'ଣ ଆରମ୍ଭ ହୋଇଯାଏ ବୋଲି କୁହାଯାଇଛି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ରାତି ନପାହୁଣୁ କଳି ଗୋଳକୁ ଏଠି ଆକ୍ଷେପ କରାଯାଇ କୁହଯାଇଛି ଯେ ରାତି ନ ପାହିଲା ଆଗରୁ ଏଠି ଆରମ୍ଭ ହୁଏ ସ୍ଲୋଗାନ୍, ଧର୍ମଘଟ ଓ ଦାବି ପୂରଣ ପାଇଁ ଅନଶନ । ଏହି ପରିବାରର କଥାକୁ ଉଲ୍ଲେଖ କରାଯାଇଛି ।

(ଞ) ମା' କାନ୍ଦି କାନ୍ଦି ପୁଅକୁ କ'ଣ କହିଛି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ମା' କାନ୍ଦି କାନ୍ଦି ପୁଅକୁ କହିଛନ୍ତି, ଏତେସବୁ ଦହଗଞ୍ଜ ଭିତରେ ଘାଣ୍ଟିହେଇ ବଞ୍ଚିବା ଅପେକ୍ଷା ମରିଯିବା ଭଲ । ମରିଗଲେ ତ୍ରାହି ପାଇ ଯାଆନ୍ତି । ଖଟିବ ବୋଲି କ'ଣ ଏମିତି ଖଟିବ ଯେ ପୁନେଇ ନାହିଁକି ପରବ ନାହିଁ ।

(ଟ) 'ମୁଁ ଆଉ କାହାକୁ କହିବି କହ'ର ଉତ୍ତରରେ ମା' କ'ଣ କହିଛି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ଶାଶୁ ବୋହୂ କଳିରେ ପୁଅ ମା'କୁ କହିଛି ମୁଁ କାହାକୁ କହିବି କହ । ଏଥିରେ ମା' କହିଛି ମୁଁ ଆଉ ଏ ଘରେ କେହି ନୁହଁ । ତୁମେ ଦୁଇଜଣ ରୋଜଗାର କରୁଛ ମୁଁ ଦିନସାରା ଖଟିଖଟି ମରୁଛି । ସବୁ ହେଉଛି ତୋ ଭାରିଯା । ମୁଁ କେହି ନୁହଁ କିଛି ନୁହଁ । ମୁଁ ବି ତୁମ ଧନ ବସି ବସି ଏଠି ଖାଉନି ।

(ଠ) "କୁଆଡ଼େ ଆଉ ଯିବି ମୁଁ – କେଉଁ ପ୍ରସଙ୍ଗରେ ଏହା କୁହାଯାଇଛି ?

ଉ.: ଏକଥା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ପୁଅ ମା'କୁ ମୋ ଭେଜା ଖାଉଛ ବୋଲି କହିବାରୁ ମା' କହିଛି କୁଆଡ଼େ ଆଉ ଯିବି । ବାପ ଭାଇ ବୋଲିତ କିଛି ମୁଁ ଜାଣିଲିନି । ସେମାନେ ମୋତେ ପଚାରିଲେନି । ମତେ ନହେଲେ କୋଉ ମଠକି ମନ୍ଦିରରେ ଛାଡ଼ିଦେ ବୋଲି ମା' କହିଛି ।

(ଡ) 'ମୁଁ କ'ଣ ଜାଣିଥିଲିରେ ପୁଅ'– କେଉଁ କଥା ମା' ଜାଣିନଥିଲା ବୋଲି କହିଛି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ବୋହୂ କରି ଆଣିଥିଲି ସେ ମୋର ଭଲ ମନ୍ଦ କଥା ବୁଝିବ ମୋର ସେବା କରିବ । ମାତ୍ର ମୁଁ କ'ଣ ଜାଣିଥିଲି ଯେ ଶେଷରେ ମୋ ମୁଣ୍ଡ ଉପରେ ବସିବ ମୋତେ ଜବାବ ଦେବ ଏଇ ଅର୍ଥ କୁହାଯାଇଛି ।

(ଢ) ବୋହୂର ଭାତ ହଜମ କଥା ଶାଶୂ କାହିଁକି କହିଛି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ଶାଶୂ ବୋହୂ କଳିକୁ ନେଇ ଏକଥା କୁହାଯାଇଛି । ଶାଶୂ ବୋହୂକୁ କହିଛି, 'ଏଠି ଆଉ ତ କେହି ନାହାନ୍ତି ମୋ ସାଙ୍ଗର ବଜର ବଜର ନହେଲେ ତୋର କ'ଣ ଭାତ ହଜମ ହେବକି ?' ବୋଲି ଏକଥା ଶାଶୂ ବୋହୂକୁ କହିଛି ।

(ଣ) ବୋହୂଟି ତା ଭାଇ ସମ୍ପର୍କରେ କ'ଣ କହିଛି ?

ଉ.: ଏକଥା ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥଙ୍କ ଦ୍ୱାରା ରଚିତ ଏକାଙ୍କିକା 'ସୀମିତ ସମ୍ପର୍କ'ରେ କୁହାଯାଇଛି । ଭାଇ ସହିତ ନିଜ ଦୁଃଖ କଥା ହେଲାବେଳେ ଭାଇ କହିଛି ତୋ ଅଭାବ ଅସୁବିଧା କଥା ତୋ ବରକୁ ଜଣା । ଆମେ ଏ ବିଷୟରେ କିଛି କହିପାରିବୁ ନାହିଁ ।

(ତ) ବେଳ ପଡ଼ିଲେ ତା ବାପାଭାଇ କ'ଣ କରିବେ ବୋଲି ବୋହୂ କହିଛି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ସବୁ ଝିଅ ବାପ ଭାଇକୁ ନେଇ ଗର୍ବ କରିବା ପରି ବୋହୂ କହିଛି ଦରକାର ପଡ଼ିଲେ ବାପଭାଇ ମୁଣ୍ଡରେ ବସେଇ ଜୀବନ ସାରା ପୋଷିବେ । ଝିଅ ଜନମ କରିଛନ୍ତି ମାନେ ତାକୁ ଭସେଇ ଦେବେ ନାହିଁ ।

(ଥ) କେଉ ପାପ ଚିନ୍ତା କରିବା ଭଲ ନୁହେଁ ବୋଲି ବୋହୂ କହିଛି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ସ୍କୁଲରେ ବିବାହ କରିନଥିବା ଝିଅ ମାଷ୍ଟ୍ରାଣୀମାନଙ୍କ କଥା ଏଠାରେ କୁହାଯାଇଛି ଯେ ସେମାନେ ବିବାହ ନ କରିଥିଲେ ବି ଏକୁଟିଆ ଥିବାରୁ ତାଙ୍କୁ କେହି ଚରିତ୍ରହୀନା କହୁନାହାନ୍ତି । ସେମାନଙ୍କ ସମ୍ପର୍କରେ ପାପ ଚିନ୍ତା ମଧ୍ୟ କରିବା ଭଲ ନୁହେଁ ।

(ଦ) ବୋହୂଟି କୋହଭରା କଣ୍ଠରେ ତା ଶାଶୂକୁ କ'ଣ କହିଛି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ବୋହୂଟି ଦୁଃଖରେ ଶାଶୂକୁ କହିଛି ଯେ ସେ କେବଳ ତା ପୁଅ ଝିଅ କୁନା ପାଇଁ ବଞ୍ଚିଛି, ସ୍ୱାମୀ ପ୍ରତି ଘୃଣା ଥିଲେ ବି ବାଧ୍ୟ ହୋଇ ତାଙ୍କ ସହ ରହିଛି । ଅସହାୟ ନାରୀର ସାହାରା ତା ସ୍ୱାମୀ ତେଣୁ ସେଥିପାଇଁ ମୁଁ ପଡ଼ି ରହିଛି ଶାଶୂର ଗଞ୍ଜଣା ସହି ।

(ଧ) ସେ କ'ଣ ଦେଖୁଛନ୍ତି ସେଥିପାଇଁ କ'ଣ କରିବାକୁ ହେବ ବୋଲି ସ୍ୱାମୀ ସ୍ତ୍ରୀଙ୍କୁ କହିଛନ୍ତି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ସ୍ୱାମୀ ଦେଖିଛନ୍ତି ଶାଶୂ ବୋହୂ ଦିନରାତି କଳି ଝଗଡ଼ାରେ ବ୍ୟସ୍ତ । ଦୁହେଁ କେହି କାହାକୁ ଛାଡ଼ିବା ଲୋକ ନୁହଁ । ତେଣୁ ସ୍ତ୍ରୀକୁ ପରାମର୍ଶ ଦେଇ ନିଜଆଡୁ ଟିକେ ନରମିଯିବା ପାଇଁ କହିଛନ୍ତି ।

(ନ) କେମିତି ଏକାଥରକେ ସବୁ ସମସ୍ୟାର ସମାଧାନ ହୋଇଯା'ନ୍ତା ବୋଲି ସ୍ୱାମୀ ସ୍ତ୍ରୀଙ୍କୁ କହିଛନ୍ତି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ମା'କୁ କିଛି ନ କହିପାରି ସ୍ୱାମୀ ସ୍ତ୍ରୀକୁ କହିବାରୁ ସ୍ତ୍ରୀ କହିଛି ମତେ କହିବା ଅପେକ୍ଷା ତମେ ତମ ମା'କୁ କୁହ । ଯେମିତି ହାତଗୋଡ଼ ଜାକି ବସିଛନ୍ତି ସେମିତି ମୁହଁଟିକୁ ବନ୍ଦ କରି ବସନ୍ତୁ ଦେଖିବ ସବୁ ସମସ୍ୟାର ସମାଧାନ ହୋଇଯିବ ।

(ପ) ସ୍ୱାମୀଙ୍କୁ ଗୋଟିଏ ଜିଦ୍‌ଖୋର ଲୋକ କହି ସ୍ତ୍ରୀ ତାଙ୍କୁ କ'ଣ ପଚାରିଛନ୍ତି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ତମେତ କେବେହେଲେ ଗୋସେଇଁ ମା' କୋଳରେ ପିଲାଟାକୁ ବସିବାର ଦେଖିନାହିଁ ବା ନାତିକୁ ସେ କେବେ ସ୍ନେହ ଦେଇ ନାହାନ୍ତି । ଆଉ ବାପ ହିସାବରେ ତମେତ କେବେ ସ୍ନେହ ଦେଇନାହିଁ ବୋଲି ସ୍ୱାମୀଙ୍କୁ ପଚାରିଛନ୍ତି ।

(ଫ) ଯଦି ଭବିଷ୍ୟତରେ ତା' ପୁଅ ବୋହୂ ତାକୁ ଅବହେଳା କରନ୍ତି, ତେବେ କରୁଣା କ'ଣ କରିବେ ବୋଲି ସ୍ୱାମୀଙ୍କୁ କହିଛନ୍ତି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ଆସିଛି ଓ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ । କରୁଣା ଏକଥା ଭାବଛି ଯେ ସେ ଜୀବନଟାକୁ ଖାଲି ଖାଲି ବିତେଇ ଦେଇଛି । ଜୀବନରେ ସୁଖ ବୋଲି କିଛି ନାହିଁ ବୋଲି ଭାବିବ ଓ ସେମାନଙ୍କ ହସଖୁସିକୁ ଚାହିଁ ଦିନ କାଟିବ ବୋଲି କହିଛି ।

(ବ) କେଉଁ କଥାଟା ଏକଦମ୍ ସ୍ପଷ୍ଟ ବୋଲି କୁହାଯାଇଛି ?

ଉ.: ଏହା 'ସୀମିତ ସମ୍ପର୍କ' ଏକାଙ୍କିକାରୁ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ କହିଛନ୍ତି । ସ୍ୱାମୀ ସ୍ତ୍ରୀ ସମ୍ପର୍କ କଥା ଏଠାରେ କୁହାଯାଇଛି । ସାମ୍ପ୍ରତିକ ସମୟରେ ସ୍ୱାମୀ ସ୍ତ୍ରୀ ସମ୍ପର୍କ ବାସ୍ତବତା ବା ଅନ୍ତରଙ୍ଗତା ଅପେକ୍ଷା ଛଳନାଟା ଅଧିକ ବା ଅଭିନୟ ଅଧିକ ବୋଲି କୁହାଯାଇଛି । ଏକଥାଟା ଏକଦମ୍ ସ୍ପଷ୍ଟ ବୋଲି କୁହାଯାଇଛି ।

**୫. ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ । ୧୫୦ ଶବ୍ଦ ମଧ୍ୟରେ ଉତ୍ତର ଦେବାକୁ ହେବ । ପ୍ରଶ୍ନର ମୂଲ୍ୟ ୫ ନମ୍ବର ।**

**(କ) "ଆମର ସମ୍ପର୍କରେ ବାହାନା ବୋଲି; ସମ୍ପର୍କ କମ୍"- ପଠିତ ଏକାଙ୍କିକାଟିରୁ ଏ ଉକ୍ତିଟିର ସତ୍ୟତା ବୁଝାଅ ।**

ଉ.: ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ 'ସୀମିତ ସମ୍ପର୍କ' ଏକାଙ୍କିକାରେ ସ୍ୱାମୀ ସ୍ତ୍ରୀଙ୍କର କଥୋପକଥନ ଛଳରେ ସ୍ତ୍ରୀ ମୁହଁରେ ଏକଥା ପ୍ରକାଶ କରିଛନ୍ତି । ସ୍ୱାମୀ ସ୍ତ୍ରୀର ବନ୍ଧନ ହେଉଛି ପବିତ୍ର ବନ୍ଧନ । ଏଥିରେ ଛଳନା ଓ ପ୍ରତାରଣାର ସ୍ଥାନ ରହିବା କଥା ନୁହେଁ । ମାତ୍ର ଏଇ ଛଳନା ଓ ଅଭିନୟ ଥିଲେ ସେ ସମ୍ପର୍କରେ ମଧୁରତା ଆସେ ନାହିଁ । ସୁଖ ନିଜ ଭିତରେ ଥାଏ । କେବଳ ଅର୍ଥକୁ ନେଇ, ଅଭାବକୁ ନେଇ ବେଳେ ବେଳେ ଝଡ଼ ସୃଷ୍ଟି ହୁଏ । ଏ ଝଡ଼ ପରିବାରକୁ ବିଶୃଙ୍ଖଳ କରିଦିଏ । ଏକାଙ୍କିକାରେ କରୁଣା ଜଣେ ଶିକ୍ଷୟତ୍ରୀ । ସ୍କୁଲରେ ପାଠପଢ଼ା ଓ ଅନ୍ୟାନ୍ୟ କାମ ସାରି ଘରକୁ ଆସିବା ପରେ ଶାଶୂଙ୍କର ବିଭିନ୍ନ କଟୁ କଥା ପ୍ରତ୍ୟେକ ଦିନ ଶୁଣି ଶୁଣି ବିରକ୍ତ ହୋଇଯାଏ । ବେଳେ ବେଳେ ଅତ୍ୟନ୍ତ ମାନସିକ ଚାପ ଭିତରେ ଶାଶୂଙ୍କ କଟୂକଥାର ଦୃଢ଼ ଜବାବ ଦେଇଥାଏ ।

ଶାଶୂ ତାକୁ ତାର ଚରିତ୍ର ଓ ବାପ ଘର ଇତ୍ୟାଦି ନେଇ ଅନେକ ସମୟରେ ଅରୁଚିକର ମନ୍ତବ୍ୟ ଦେଉଥିବି । ଏଥିରେ କରୁଣା ଅସହାୟ ହୋଇ ସ୍ୱାମୀଙ୍କ ପାଖରେ ଅଭିଯୋଗ କଲେ ସେ ସ୍ୱାମୀଙ୍କ ପାଖରୁ ବୋଲାଇ ଚାହେଁ ଶୁଣେ ଯେ ତୁମେ ଚୁପ୍ ହୋଇଯାଅ, ସହିଯାଅ ଇତ୍ୟାଦି । ମା'କୁ କେବେ କିଛି କହିପାରି ନାହାନ୍ତି କି ସବୁବେଳେ ନାହିଁକି ପାଟି କରୁଛୁ ବୋଲି କହିନାହାନ୍ତି । ତେଣୁ ସ୍ୱାମୀ ଉପରେ ସେ ସ୍ୱାଭାବିକ୍ ଭାବରେ ବାହାନା କରିବା କଥାକୁ ନେଇ ସୁନ୍ଦର କଥା କହିଛି, ଯେ ଖାଲି ସ୍ୱାମୀ ସ୍ତ୍ରୀ ଭାବରେ ସଂସାରରେ ପରିଚୟ ସୃଷ୍ଟି ପାଇଁ ଏ ବନ୍ଧନ । ପୁଣି କହିଛି ମୁଁ କେବଳ

ପୁଅ ପାଇଁ ବଞ୍ଚିଛି । କାରଣ ଜଣେ ନାରୀର ସମାଜରେ ବଞ୍ଚିବା ପାଇଁ ଗୋଟେ ଆଶ୍ରୟ ଲୋଡ଼ା, ତେଣୁ ମୁଁ ସେଥିପାଇଁ ଆଶ୍ରୟ ନେଇଛି । ସେଥିପାଇଁ ତୁମ ପ୍ରତି ମୋ ମନ ଭିତରେ ଘୃଣାଥିଲେ ବି ମୁଁ ଅଭିନୟ କରିବା ଢଙ୍ଗରେ ବଞ୍ଚିଛି । କରୁଣା ହୃଦୟ ଭିତରୁ ଏହି ଅବ୍ୟକ୍ତ କଥାଗୁଡ଼ିକ କହିଦେବା ପରେ ସ୍ୱାମୀ ଗୋବର୍ଦ୍ଧନ ବାବୁ ସ୍ଥିର ହୋଇଯାଇଛନ୍ତି । ଗୋବର୍ଦ୍ଧନ ଏହି କଥାଟିକୁ ସହଜ ଭାବରେ ଗ୍ରହଣ କରିନିପାରିଲେ ବି, କରୁଣା ବୁଝେଇବାକୁ ଚେଷ୍ଟା କରିଛି ଯେ ଯେତେ ଲୁଚାଇଲେ ବି ସେମାନଙ୍କ ସମ୍ପର୍କ ଭିତରେ ସ୍ୱାମୀ ସ୍ତ୍ରୀ ସମ୍ପର୍କ ଅପେକ୍ଷା ଛଳନା ଓ ବାହାନା ଅଧିକ, ମଧୁରତା କମ୍ । ନାମକୁ ମାତ୍ର ସ୍ୱାମୀ ସ୍ତ୍ରୀ ଜୀବନ ବିତାଇଥିଲେ ବି ଏହି ନିଷ୍ଠୁର ସତକଥାଟି ସେମାନଙ୍କ ସମ୍ପର୍କ ପାଇଁ ଉପଯୁକ୍ତ ।

**(ଖ) 'ସୀମିତ ସମ୍ପର୍କ' ଏକାଙ୍କିକାରୁ ଶାଶୂ ବୋହୂଙ୍କ ସମ୍ପର୍କ କିପରି ଥିଲା – ଆଲୋଚନା କର ।**

ଉ.: 'ସୀମିତ ସମ୍ପର୍କ' ଏକାଙ୍କିକାଟି ଶାଶୂ ବୋହୂର ସମ୍ପର୍କକୁ ନେଇ ହିଁ ଉତ୍କଣ୍ଠାମୟ ପରିସ୍ଥିତି ସୃଷ୍ଟି କରିଛି । ସାଧାରଣ ପରିବାରର ଚିତ୍ର ଏଠାରେ ଚିତ୍ରଣ କରାଯାଇଛି । ଯୌଥ ପରିବାର ଭିତରେ ଯେପରି ସବୁବେଳେ କନ୍ଦଳ ଲାଗି ରହିଥାଏ ତାହାର ନିଛକ ପ୍ରତିଛବି ଆମ ସମାଜରେ ଅଭାବ ନାହିଁ । ମାତ୍ର ଏଠି ଗୋଟିଏ ଛୋଟିଆ ପରିବାର ଭିତରେ ମଧ୍ୟ ଅଶାନ୍ତି ଓ ଅସନ୍ତୋଷର ଚିତ୍ର ସ୍ପଷ୍ଟ ବାରିହୋଇପଡ଼ିଛି । ନାଟକର ଆରମ୍ଭରୁ ଶାଶୂ ବୋହୂ କଳିର ଭୟଙ୍କର ରୂପ ଶେଷପର୍ଯ୍ୟନ୍ତ ଅଶାନ୍ତି ଓ ଅବସୋସ ଭିତରେ ପରିସମାପ୍ତି ଘଟିଛି । ଏଠି ଚାକିରିଆ ବୋହୂ ହେଲେବି ଶାଶୂ ତା'ର ପାରମ୍ପରିକ ଶୈଳୀରେ ବୋହୂ ଉପରେ ଅଧିକାର ସାବ୍ୟସ୍ତ କରିବାକୁ ଯାଇ ଅଶିକ୍ଷିତ ସମ୍ପ୍ରଦାୟ ପରି ବହୁ କଟୁଭାଷା ପ୍ରୟୋଗ କରିଛି ।

ଦିନସାରା ସ୍କୁଲରେ ପିଲାମାନଙ୍କ ସହ ବକର ବକର ହୋଇ ଘରକୁ ଫେରି ଶାଶୂ ମୁହଁରୁ ଏକଥାକୁ ସହଜରେ ହଜମ କରିପାରିନି ବୋହୂ । ତେଣୁ ସ୍ୱାଭାବିକ ଭାବରେ ପ୍ରତିକ୍ରିୟାଶୀଳ ହୋଇପଡ଼ିଛି । 'ଘରକାମ କଲେ ବୋହୂରାଣୀ ଚାକରାଣୀ ହୋଇଯିବେ । ସୁନା ଚମ୍ପାଦେହ କଳାକାଠ ପଡ଼ିଯିବ' ଇତ୍ୟାଦି ଆକ୍ଷେପ କରିଛି ଶାଶୂ । ଏପରିକି ଚରିତ୍ରକୁ ମଧ୍ୟ ସଂହାର କରିବାକୁ ପଛେଇ ନାହିଁ । ଯେଉଁଥିପାଇଁ ବୋହୂ ମଧ୍ୟ ଶାଶୂକୁ ଶୁଣେଇ ଦେଇଛି ଯେ ସ୍ନେହ ଦେଲେ ଭକ୍ତିମିଳେ ନଚେତ୍ ସମାନ ବ୍ୟବହାର ପାଇବ । ପୁଣି ରୋଜଗାର କରି ପଇସା ସେ ଏହି ଘର ପାଇଁ ଖର୍ଚ୍ଚ କରୁଛି । ଦୁଇ ଦୁଇଟା ନଣନ୍ଦ ବାହାଘର କରିଛି ମୋ ବାପଘରକୁ ନେଇ ଦେଇ ଆସୁନାହିଁ । ଜାନି ଯଉତୁକ ଆଣିନଥିବାରୁ ଶାଶୂ ଦେଖେଇ ଦେଖେଇ କଳିର ମଧ୍ୟ କଡ଼ା ଜବାବ ଦେଇଛି ।

ପୁଅ ପାଖରେ ବାହାରେ ଚାକିରି କରି ଆସୁଥିବାରୁ ଫୁଟାଣି ତା'ର ବଢ଼ିଯାଇଛି । ପୁଅ ପାଖରେ କହିବା ପରେ ପୁଅ ତାକୁ ବୁଝେଇବାକୁ ଚେଷ୍ଟା କରିଛି । ମାତ୍ର ବୋହୂ ଭାବିଛି ମାଆ କଥା କେବଳ ଶୁଣି ପୁଅ ମୋତେ ଏମିତି କଥା କହୁଛନ୍ତି । ତେଣୁ ବୋହୂ ଗୋବର୍ଦ୍ଧନଙ୍କୁ ମଧ୍ୟ ସିଧା ସିଧା ଘୃଣାକରେ ଓ ଏ ସମ୍ପର୍କ ଆମର ଉପର ଦେଖାଣିଆ ବୋଲି କହିଛି । ମା' ସମ୍ପର୍କରେ ବା ଶାଶୂ ଉଦ୍ଦେଶ୍ୟରେ କହିଛି, 'କାମ ଦାମ ନ କରି ଗୋଡ଼ ହାତ ଜାକି ବସିବା ପରି ପାଟିଟିକୁ ଚାପି ରହିଲେ ସବୁ ସମସ୍ୟା ସମାଧାନ ହେଇଯିବ ନଚେତ୍ କିଛି ଲାଭ ନାହିଁ ।' ଶେଷଦୃଶ୍ୟ ପର୍ଯ୍ୟନ୍ତ ଶାଶୂ ବୋହୂର ସମ୍ପର୍କରେ ସୁଧାର ଆସିନାହିଁ । ଦୁହେଁ ଦୁହିଁଙ୍କ ଦୋଷଦୁର୍ବଳତାକୁ ନେଇ ଝଗଡ଼ା ଲାଗିଛନ୍ତି । ଏଥିରୁ କର୍ମଜୀବୀ ଜଣେ ମହିଳା ତା'ର ସଂସାର ଗଢ଼ିବାର ଅସହାୟତାକୁ ପ୍ରକାଶ କରିଛି ।

**(ଗ) ପଠିତ ଏକାଙ୍କିକାରୁ ଶାଶୂର ଚରିତ୍ର ଚିତ୍ରଣ କର**

ଉ.: ବାସ୍ତବିକ 'ସୀମିତ ସମ୍ପର୍କ' ଏକାଙ୍କିକା ଗୋଟିଏ ପାରମ୍ପରିକ ସମାଜର ଚିତ୍ର ପ୍ରକାଶ କରିଛି । ଗାଉଁଲି ପରିବେଶକୁ କେନ୍ଦ୍ରକରି ପ୍ରଥମେ କୁଲାରେ ଚାଉଳରୁ ଗୋଡ଼ି ବାଛିବା ଦୃଶ୍ୟରୁ ନାଟକର ଆରମ୍ଭ । ଶାଶୂ ଓ ବୋହୂ ମା' ଝିଅର ସମ୍ପର୍କ

ପରି ପବିତ୍ର ଓ ଗଭୀର । ଏଥିରେ ଛଳନା ରହିବା ଉଚିତ ନୁହେଁ । ମାତ୍ର ଆଜିକାଲି ଏ ସମ୍ପର୍କ ଅହି ନକୁଳ ସମ୍ପର୍କକୁ ରୂପାନ୍ତରିତ ହେଲାଣି । ଶାଶୂର ଇଚ୍ଛା ସେ ମରିବାଯାଏ ଅଧିପତ୍ୟ ବିସ୍ତାର କରିବି ବା ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିବ । ମାତ୍ର ଯେତେବେଳେ ଏଥିରେ ସେ ଅସଫଳ ହୁଏ ତା'ର ଉଗ୍ର ସ୍ୱଭାବ ପ୍ରକାଶ କରେ । ତାହାହିଁ ଏଠି ଶାଶୂ ଚରିତ୍ର ମାଧ୍ୟମରେ ଲେଖକ କହିଛନ୍ତି । ସୀମିତ ସମ୍ପର୍କ' ଏକାଙ୍କିକାରେ ଦେଖାଯାଇଛି ଯେ ଶାଶୂ ଯେମିତି କେବଳ ବୋହୂର ଦୁର୍ଗୁଣ ଦେଖିବାକୁ ବସି ରହିଛି । ଜଣେ ସଚ୍ଚା ଗୃହିଣୀ ପରି ତା ବୋହୂ ତାକୁ ସେବା କରୁ ସମ୍ମାନ କରୁ ଇତ୍ୟାଦି । ସେଥିପାଇଁ ସେ ମଧ ବୋହୂକୁ ସମାନ ପରିମାଣରେ ସ୍ନେହ ଦେବା ଜରୁରୀ ଏକଥା ସେ ବୁଝିନାହିଁ ।

ବୋହୂ ସାଙ୍ଗରେ ଝଗଡ଼ା କରି ଶାଶୂ ପୁଅ ପାଖରେ ଅଭିଯୋଗ କରେ । ନାଁଟି ଲେଖକ ବାଛି ବାଛି ସ୍ନେହମୟୀ ଦେଇଛନ୍ତି ବାସ୍ତବିକ ସେ ସ୍ନେହମୟୀ ମାତ୍ର ଚରିତ୍ର ନାମକରଣ ସହିତ ତା'ର ଗୁଣାବଳୀ ସମ୍ପୂର୍ଣ୍ଣ ଓଲଟା । ଯୋଗିନୀ ଖାଇ, ମହାରାଣୀ, ଚରିତ୍ରକୁ ନେଇ ମଧ ବିଭିନ୍ନ ଆକ୍ଷେପ ଓଗାଳି କରିଛି । ପୁରୁଷଙ୍କ ସାଙ୍ଗରେ ମିଶୁଥିବାରୁ ତା'ର ଅହଂକାର ବଢ଼ିଯାଇଛି ବୋଲି କହେ । ପୁଣି ବୋହୂକୁ ଯୌତୁକ ଆଣିନଥିବାରୁ ବିଭିନ୍ନ କଟୁ କଥା କହେ । ସୀତା ସାବିତ୍ରୀ ସତୀ ଶିରୋମଣି ଆଦି ଆକ୍ଷେପ କରେ । ବୋହୂକୁ ଛତରଖାଇ, ଅଇଁଠା ଗୋଟେଇବାଲି କହି ଗାଳି ଦିଏ । ଏ ସମ୍ପର୍କରେ ନାଟ୍ୟକାର କହିଛନ୍ତି "ବାରବୁଲି ଛତର ଖାଇକୁ, ଅଇଁଠା ଗୋଟେଇକୁ ବୋହୂ କରିଆଣିଲି ଯେ ତାକୁ କୋଉ କଥାକୁ ନଗା ଅଛି ନା ପଘା ଅଛି । ବାରବୁଲିକୁ ଘରକଥା କହିଲେ, ଦାଣ୍ଡରେ ଯାଇ ନାଚିବ ।" ଗୋଟେ ନିଚ୍ ଗାଉଁଲୀ ବୁଢ଼ୀ ପରି ସୁନ୍ଦର ସଂଳାପ ଖଞ୍ଜି ଦେଇଛନ୍ତି ନାଟ୍ୟକାର । ବାସ୍ତବରେ ଏଇ ଶାଶୂ ଚରିତ୍ରଟି ହିଁ ଏକାଙ୍କିକାଟିକୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି ।

ଶାଶୂ ବୋହୂ ସମ୍ପର୍କକୁ ନେଇ ଆମ ସମାଜରେ ଅଗଣିତ ଶାଶୂମାନଙ୍କୁ ପରୋକ୍ଷରେ ସମ୍ପର୍କ ରହିବା ପାଇଁ ନାଟ୍ୟକାର ଆହ୍ୱାନ କରିଛନ୍ତି ।

**(ଘ) "ଆମର ସମ୍ପର୍କଟା ଯେକୌଣସି ଗୋଟିଏ ଅଭିନୟଠୁ ବଳି ବେଶୀ ସୁନ୍ଦର" - ପଠିତ ଉକ୍ତିରେ ମର୍ମ ବୁଝାଅ ।**

ଉ.: ଏକାଙ୍କିକାକାର କାର୍ତ୍ତିକ ଚନ୍ଦ୍ର ରଥଙ୍କ ରଚିତ ସୀମିତ ସମ୍ପର୍କରୁ ଏହି ପ୍ରଶ୍ନଟି ଉଦ୍ଧୃତ । ସୀମିତ ସମ୍ପର୍କ ଏକାଙ୍କିକାର ମୁଖ୍ୟ ନାରୀ ଚରିତ୍ର କରୁଣାର କରୁଣମୟ ନାରୀ ହୃଦୟର ଦୟନୀୟ ଭାବାବେଗ ଏଥିରେ ପ୍ରକାଶିତ । କରୁଣାର ଗୋଟିଏ ପୁଅ, ପେଶାରେ ସିଏ ସ୍କୁଲ ଶିକ୍ଷୟତ୍ରୀ, ସ୍ୱାମୀ ଗୋବର୍ଦ୍ଧନ ଓ ଶାଶୂ ସ୍ନେହମୟୀ । ଏଇ ପରିବାରଟି ଛୋଟ ପରିବାର ହେଲେ ମଧ ସେଥିରେ ଅଶାନ୍ତି ଓ ଅସନ୍ତୋଷର ନିଆଁ ସଦାସର୍ବଦା ଜଳିଛି । କରୁଣା ଏଠି ଜଣେ ଭଲ ଗୃହିଣୀ ନା ଭଲ ପତ୍ନୀ ନା ଭଲ ମାଆ ନା ଭଲ ବୋହୂ କେଉଁଥିରେ ବି ସଫଳ ହୋଇ ନାହାନ୍ତି । ସ୍ୱାମୀ ଗୋବର୍ଦ୍ଧନର ସରଳ ପଣ ପାଇଁ ସେ ଏପରି ଅକଥନୀୟ ଅତ୍ୟାଚାରର ଶିକାର ହୋଇଛନ୍ତି । ଶାଶୂ ସବୁ ସମୟରେ କେବଳ କରୁଣାର ଭୁଲକୁ ହିଁ ଦେଖିଛନ୍ତି । କେତେବେଳେ ତାକୁ ବୋହୂ ଭାବରେ ସ୍ନେହ ଦେଇ ନାହାନ୍ତି । ଶାଶୂ ତା'ର ଏତେ ସବୁ ତ୍ୟାଗ ଓ ପରିଶ୍ରମକୁ ତାସଲ୍ୟ କରିଛନ୍ତି ।

ଶାଶୂ ସ୍ନେହମୟୀଙ୍କ ବ୍ୟବହାର ଯଥା, ଯୋଗିଣୀଖାଇ, ମହାରାଣୀ, ସୁନା ଚମ୍ପାଦେହୀ, ଫୁଟାଣି, ବାହାନ, ପଇସା ରୋଜଗାର କରୁଥିବାରୁ ଗର୍ବୀ ବୋଲି ବିଭିନ୍ନ ଆକ୍ଷେପ କରିବା ସଙ୍ଗେ ସଙ୍ଗେ ଚରିତ୍ର ନେଇ ନାନା ପ୍ରକାର ଟିପ୍ପଣୀ ଦେଇଛି । ଏସବୁ ସ୍ୱାମୀ ପାଖରେ କହିବା ପରେ ସ୍ୱାମୀ ମା'ଙ୍କୁ କିଛି ନକହି ବରଂ କରୁଣାକୁ ଚୁପ୍ ରହିବା, କଳି ନକରିବା ପାଇଁ କହିଛନ୍ତି । ଯେଉଁଥିରେ କରୁଣା ଉତ୍‌କ୍ଷିପ୍ତ ହୋଇଛି । ଗୋଟିଏ ବୋଲି ପୁଅ ତା'ର ସେବା ଶୁଶ୍ରୂଷା

କରିପାରି ନ ଥିବାରୁ ଦୁଃଖ ଅନୁଭବ କରିଛନ୍ତି । ଯେଉଁଥି ପାଇଁ ସେ ସ୍ୱାମୀ ସ୍ତ୍ରୀର ସମ୍ପର୍କ କେବଳ ଲୋକଦେଖାଣିଆ ବା ଉପର ଠାଉରିଆ ବୋଲି କହିଛନ୍ତି । ପତିଙ୍କୁ କେବଳ ସନ୍ତାନ ଜନ୍ମ କରିବା ସ୍ତ୍ରୀର କର୍ତ୍ତବ୍ୟ ନଭାବି ତା'ର ବି କିଛି ମନ ଓ ହୃଦୟ ଅଛି ବୋଲି ଜଣେଇ ଦେଇଛି ।

'ସୀମିତ ସମ୍ପର୍କ'ରେ ଯଥାର୍ଥରେ ପତି ପତ୍ନୀ ବା କରୁଣା ଓ ଗୋବର୍ଦ୍ଧନ ଏଇ ସମ୍ପର୍କର ସୀମିତ ପରିଧି ଭିତରେ ବାନ୍ଧି ହୋଇଛନ୍ତି । କେହି କାହାରି ମନ ଓ ହୃଦୟକୁ ବୁଝି ପାରିନାହାନ୍ତି । କରୁଣା ପେଟର ଭୋକ ମୁହଁର ଲାଜ ନ୍ୟାୟରେ ସବୁ ମଥାପାତି ସହିଛି । ସ୍ୱାମୀ ଉପରେ ସବୁ ରାଗ ଶୁଝେଇଛି । ସ୍ୱାମୀକୁ କହିଛି ମୁଁ ଜାଣେ ମୋକଥା ତୁମ କାନରେ ବାଜିବ ନାହିଁ । ଆଜି ମୁଁ ବୁଝିଛି ତମେ ନିଜ ମା' ପାଇଁ ସ୍ତ୍ରୀ ନାଁରେ ଗୋଟିଏ ଚାକରାଣୀ ରଖିବାକୁ ଚାହଁ, ଯେ କି ଗାଈ ଭଳି ମୂକ ହେଇଥିବ । ଆଉ ମୁଁ ବି ପୁଅ ପାଇଁ ତମ ନାଁରେ ଲୋକ ଦେଖାଣିଆ ଆଶ୍ରୟ ଚାହେଁ । ମୁଁ ତୁମକୁ ଘୃଣା କଲେ ବି ତୁମ ସହ ତଥା କଥିତ ପତ୍ନୀତ୍ୱ ଜାହିର କରି ମୁଣ୍ଡ ପୋତି ଏଇଠି ପଡ଼ିରହିଛି ।

**(ଙ) ପଠିତ ଏକାଙ୍କିକାରୁ କରୁଣାଙ୍କ ପାରିବାରିକ ସମସ୍ୟା ଉପରେ ଆଲୋକପାତ କର ।**

ଉ.: ପରିବାର କହିଲେ ବାପା-ମାଆ, ସ୍ୱାମୀ-ସ୍ତ୍ରୀ, ପୁଅ-ବୋହୂ, ପୁଅ-ଝିଅ, ଦାଦା-ଖୁଡ଼ୀ, ଭାଇ-ଭଉଜ, ଜେଜେ-ଜେଜେମା, ନାତି-ନାତୁଣୀ ଇତ୍ୟାଦି ସମ୍ପର୍କ ଭିତରେ ସୀମାବଦ୍ଧ । ଏହି ସମ୍ପର୍କ ଗୋଟିଏ ରଜ୍ଜୁପରି ସମସ୍ତଙ୍କୁ ବାନ୍ଧିରଖେ । ମାତ୍ର ଏହି ମମତା ଓ ସ୍ନେହଭରା ବନ୍ଧନ ଭିତରେ ବେଳେ ବେଳେ ବୁଝାବଣାର ଅଭାବ ସମଗ୍ର ପରିବାରକୁ କ୍ଷତ ବିକ୍ଷତ କରେ । ଫଳରେ ଅଶାନ୍ତିର ଝଡ଼ ସୃଷ୍ଟିହୁଏ । କେହି କାହାରି ମନର ଭାବକୁ ବୁଝିନପାରିଲେ ଭୁଲ୍ ବୁଝାବଣା ସୃଷ୍ଟି ହୁଏ । ନାଟ୍ୟକାର ସେହି ବୁଝାବଣାର ଶିକାର ପାଲଟିଥିବା କରୁଣାର କରୁଣ ହୃଦୟର ଚିତ୍ର ଏକାଙ୍କିକାଟିରେ ପ୍ରକଟିତ କରିଛନ୍ତି ।

କରୁଣା ଶେଷ ପର୍ଯ୍ୟନ୍ତ ନିଜେ ଉଦ୍ୟମ କରିଛି ପରିବାର ଭିତରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ସ୍ଥାପନ ପାଇଁ । ମାତ୍ର କର୍ମଜୀବୀ ମହିଳା ଭାବରେ ସମସ୍ତ ଦାୟିତ୍ୱ ସମ୍ପାଦନ କରି ପୁଣି ଘରେ ଶାଶୂର ଗଞ୍ଜଣା ଆକ୍ଷେପ ତାକୁ ଗୋଟିଏ ବିଦ୍ରୋହୀ ନାୟିକା ଭାବରେ ଛିଡ଼ା କରିଛି । ସେ ଇଚ୍ଛା କରି ମଧ୍ୟ ଶାଶୂଙ୍କ ପ୍ରତି ମନୋଭାବର ପରିବର୍ତ୍ତନ କରିପାରି ନାହିଁ । ତିନି ବର୍ଷର ପୁଅକୁ ଶାଶୂ ପାଖରେ ନଛାଡ଼ି ସାଙ୍ଗରେ ନେଇଯାଆନ୍ତି । କର୍ମବ୍ୟସ୍ତତା ଓ ଶାଶୂର ଗାଳି ଭିତରେ ପୁଅ ଖାଇବାକୁ ମାଗିବାରୁ ତାକୁ ମାଡ଼ଦେଇ ମୋତେ ଖାଇଦେ ବୋଲି କହିଛି । ଶାଶୂଙ୍କୁ ରୋକ୍‌ଠୋକ୍ ଜବାବ ଦେଇ ଶୁଣେଇ ଦେଇଛି ଯେ ବୋହୂ ଭାବରେ ସ୍ନେହ କଲେ ଭକ୍ତି ପାଇବ । ନହେଲେ ଏମିତି ଶୁଣିବ । ବାପଘର ଲୋକ ମଧ୍ୟ କରୁଣାର ଦୁଃଖରେ ଭାଗିଦାର ହବାକୁ ଚାହିଁ ନାହାନ୍ତି ଯାହା କରୁଣାର ଭାଇ କହିଛି ।

କରୁଣାର ସବୁଠୁ ବଡ଼ ଦୁଃଖ ତା'ର ସ୍ୱାମୀ । ସ୍ୱାମୀ ଗୋବର୍ଦ୍ଧନ କରୁଣା ଦୃଷ୍ଟିରେ କେବଳ ନାମ ମାତ୍ର । ସ୍ୱାମୀ ଭାବରେ କରୁଣାର କରୁଣ ବେଦନା ତାଙ୍କ କାନରେ ଶୁଭୁନଥିବାରୁ ତାଙ୍କୁ ମଧ୍ୟ କରୁଣା କହିଛି ଯେ ମୁଁ କେବଳ ସମାଜର ନିନ୍ଦା ଅପବାଦ ପାଇଁ ତୁମ ପାଖରେ ଆଶ୍ରୟ ନେଇଛି । କେବଳ ପତ୍ନୀତ୍ୱର ପରିଚୟ ପାଇଁ ନହେଲେ ଏହାର ମାନେ କିଛି ନାହିଁ । ସ୍ୱାମୀ ଥାଇ ନଥିବା ପରି ସେ ନିଜକୁ ଅନୁଭବ କରିଛି । ଯେଉଁଥିପାଇଁ ସେ ସ୍ୱାମୀଙ୍କୁ ଘୃଣାକରେ ବୋଲି ସିଧାସଳଖ ଶୁଣେଇଛି । ପତିଙ୍କୁ ମର୍ଯ୍ୟାଦା ମଧ୍ୟ ଦେଇନାହିଁ । କରୁଣାର ପରିବାର ବର୍ଣ୍ଣନା ବେଳେ ଗୋଟିଏ ଅସହାୟ ନାରୀର ଚିତ୍ର ଚିତ୍ରଣ କରିଛନ୍ତି ।

**(ଚ) 'ନାଟର ଗୋବର୍ଦ୍ଧନ କିଏ' ? ସୀମିତ ସମ୍ପର୍କ ଏକାଙ୍କିକାରୁ ଏହା କହିବାର ତାତ୍ପର୍ଯ୍ୟ ବୁଝାଅ ।**

ଉ.: ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥଙ୍କ ସୀମିତ ସମ୍ପର୍କରୁ ଏକାଙ୍କିକାରେ ଏହି କଥାଟିର ତାତ୍ପର୍ଯ୍ୟ ଯଥେଷ୍ଟ ରହିଛି । ନାଟକର ପୁରୁଷ ଚରିତ୍ର ଗୋବର୍ଦ୍ଧନ ବାବୁ ଉଦ୍ଦେଶ୍ୟରେ ଏକଥା ନାଟ୍ୟକାର ନାଟକର ପ୍ରଥମ ଦୃଶ୍ୟର ଆରମ୍ଭ ପୂର୍ବରୁ ପରଚୟ ସ୍ୱରୂପ ପ୍ରଦାନ କରିଛନ୍ତି । ଗୋବର୍ଦ୍ଧନ ପିତା ଭାବରେ, ପତି ଭାବରେ, ପୁତ୍ର ଭାବରେ ଅସଫଳ ତେଣୁ ଜଣେ ଅସହାୟ ଚରିତ୍ର ଭାବରେ କାହାରିକୁ ସେ ଜୋର୍ ଦେଇ କିଛି କହି ପାରିନାହାନ୍ତି । ସମସ୍ତଙ୍କ ଅଭିଯୋଗ ଶୁଣି ନିରବଦ୍ରଷ୍ଟା ସାଜିଛନ୍ତି । ତାଙ୍କ ପାରିବାରିକ ସମ୍ପର୍କର ଡୋରିକୁ ସେ ଭଲ ଭାବରେ ଧରି ପାରିନାହାନ୍ତି । ସ୍ତ୍ରୀ ମା ନାମରେ ଅଭିଯୋଗ କରିଛି, ମା' ବୋହୂ ନାମରେ ଅଭିଯୋଗ କରିଛି, ତଥାପି ସେ ଭଲମନ୍ଦ ବୁଝିବାକୁ ଚେଷ୍ଟା କରିନାହାନ୍ତି । ମା'କଥା ଶୁଣି ବିରକ୍ତ ହେବା ପରେ ମା' ଆଖି ଛଳଛଳ କରି କାନ୍ଦିବା ପରେ ପୁଅ ମନ ତରଳି ଯାଇଛି । ରକ୍ତ ମାଉଁସ ଢାଳି ପଢ଼େଇ ମଣିଷକଲି ତୁ କ'ଣ ଶେଷକୁ ଏଇ ଫଳ ଦେବୁ ବୋଲି କହିବା ପରେ ପୁଅ ଚୁପ୍ ରହିଛି ।

ଗୋବର୍ଦ୍ଧନ ପିଲାଟି କଥା ବି କିଛି ବୁଝି ନାହାନ୍ତି । ସ୍ତ୍ରୀର ହଇରାଣ ହରକତ ଦେଖି ନିରବଦ୍ରଷ୍ଟା ସାଜିଛନ୍ତି । ସ୍ତ୍ରୀ ଓ ମା' ମଧ୍ୟରେ କଳହ ଦେଖି ଦେଖି ସ୍ଥାଣୁ ପାଲଟି ଯାଇଛନ୍ତି । ଯାହାପାଇଁ ପଦେ କହିଲେ ଅନ୍ୟଠୁ ଗାଳି ଶୁଣିଛନ୍ତି । ସ୍ତ୍ରୀ ତାଚ୍ଛଲ୍ୟ କରି କହେ ମୋତେଛାଡ଼ି ଆଉ ଗୋଟିଏ ବାହାହୋଇପଡ଼ । ଯିଏ ତୁମକୁ ସୁଖ ସରାଗ ଅଜାଡ଼ିଦେଇ ଠିକ୍ ଚଳେଇନେବ । ସ୍ତ୍ରୀକୁ ଖାଇବା ପାଇଁ ଡାକିଲେ ମଧ୍ୟ ଆକ୍ଷେପ ଶୁଣେ । ମା' ବୁଢ଼ୀ ଲୋକ ତା' କଥା ନଧରିବା ପାଇଁ କହିଲେ ସ୍ତ୍ରୀ ଶୁଣେନାହିଁ । ପତି ଓ ପତ୍ନୀ ଭିତରେ ଦୂରତ୍ୱ ବଢ଼ିଯାଇଛି ସିନା କମିବାର ନା ଧରିନି । ତେଣୁ କରୁଣା ବୁଝି ନେଇଛି ଓ ବୁଝେଇ ଦେଇଛି ଯେ ସେମାନଙ୍କର ସମ୍ପର୍କ ପତି ପତ୍ନୀର ସମ୍ପର୍କ ସତ ମାତ୍ର ଏହା କେବଳ ବାହାନା ଉପରେ ଦେଖାଣିଆ । ଅଭିନୟ କରିବା ପରି ସଂସାର ନିନ୍ଦା ଅପବାଦରୁ ବଞ୍ଚିବା ପାଇଁ ସେ କେବଳ ଏହି ପତି ନାମକ ବୃକ୍ଷଟିର ଛାଇତଳେ ଆଶ୍ରୟ ନେଇଛି । ଯାହା ଗୋବର୍ଦ୍ଧନକୁ ବାଧିଛି ମାତ୍ର ସେ ନିରୁପାୟ । ସବୁ ସହିଛି ମୁଣ୍ଡ ନୁଆଁଇ ସଂସାରର ଝଡ଼କୁ ଅତିକ୍ରମ କରିବାକୁ ଚେଷ୍ଟା କରିଛି । ଯଥାର୍ଥରେ ଏସବୁ ପାରିବାରିକ ସମସ୍ୟାର ଯଥାର୍ଥ ନାଟର ଗୋବର୍ଦ୍ଧନ ରୂପେ ଗୋବର୍ଦ୍ଧନ ଚରିତ୍ରକୁ ନିଆଯାଇଛି, ଯିଏକି ଜଣେ ପୁରୁଷ ହୋଇ ସଂସାରକୁ ନିୟନ୍ତ୍ରଣ କରିପାରିନାହିଁ ।

❑❑❑

# ଚତୁର୍ଥ ଏକକ

## ବୋଧଜ୍ଞାନ ପରୀକ୍ଷଣ

## (ଅବବୋଧ ପରୀକ୍ଷଣ)

### ଗଦ୍ୟାଂଶ-୨

ସାହିତ୍ୟ ଜ୍ୟୋତି ୧ମ ଭାଗ- ପୃ.: ୨୭୪-୨୭୬

ଜୀବନ ଚାହେଁ .................... ତାହାର ଶିଷ ବାଛିଲା ।

**(କ) ଏକ ନମ୍ବର ବିଶିଷ୍ଟ ପ୍ରଶ୍ନୋତ୍ତର (ସମ୍ଭାବ୍ୟ ଉତ୍ତର)**

୧. ଅଳସୁଆ ଲୋକ କାହାକୁ ପ୍ରଲୋଭନ ଦେଖାଇ କେଉଁଠାରେ ରଖେ ?

ଉ.: ଅଳସୁଆ ଲୋକ ସଇତାନ୍‌କୁ ପ୍ରଲୋଭନ ଦେଖାଇ ନିଜ ଦେହରେ ରଖେ ।

୨. ନିର୍ବୋଧ ଲୋକମାନେ କ'ଣ ଅନୁଭବ କରିଥାନ୍ତି ?

ଉ.: ନିର୍ବୋଧ ଲୋକମାନେ ଆଳସ୍ୟ ଭିତରେ, କାମରୁ ଛୁଟି ପାଇଛନ୍ତି ବୋଲି ଅନୁଭବ କରିଥାନ୍ତି ।

୩. ଜୀବନକୁ ପ୍ରକୃତ ଭଲପାଇବାର ଅର୍ଥ କ'ଣ ?

ଉ.: ଜୀବନକୁ ପ୍ରକୃତ ଭଲପାଇବାର ଅର୍ଥ ନିଜ ସମୟକୁ ନଷ୍ଟ ନ କରିବା ।

୪. କେଉଁମାନଙ୍କୁ ଭଗବାନ ତାଙ୍କ ଶିଷ୍ୟ ବାଛି ନେଲେ ?

ଉ.: ଯେଉଁମାନେ କାଠ କାଟିବା, ଜାଲ ବୁଣିବା, ହଳ କରିବା ଭଳି ଶାରୀରିକ ପରିଶ୍ରମ କରୁଥିଲେ, ସେମାନଙ୍କୁ ଭଗବାନ ତାଙ୍କ ଶିଷ୍ୟ ବାଛି ନେଲେ ।

**(ଖ) ଦୁଇ ନମ୍ବର ବିଶିଷ୍ଟ -**

୧. ତୁର୍କୀ ଦେଶର ସାଧାରଣ ଲୋକେ କେଉଁ କଥାକୁ ପ୍ରବାଦରୂପେ ବ୍ୟବହାର କରନ୍ତି ?

ଉ.: ତୁର୍କୀ ଦେଶର ସାଧାରଣ ଲୋକେ ଅଳସୁଆମାନଙ୍କ କଥାକୁ ପ୍ରବାଦରୂପେ ବ୍ୟବହାର କରିଥାନ୍ତି । ତାଙ୍କ ମତରେ ସଇତାନର ଏତେଶକ୍ତି ଯେ ସେ ଅନ୍ୟମାନଙ୍କୁ ପ୍ରଭାବିତ କରିଥାଏ, ମାତ୍ର ଅଳସୁଆମାନେ ପ୍ରଲୋଭନ ଦେଖାଇ ସଇତାନକୁ ନିଜ ଦେହରେ ରଖିଥାଏ ।

୨. କେଉଁ ଚିନ୍ତା ମଣିଷକୁ ତା' ଅଜାଣତରେ ଆଳସ୍ୟରେ ଶିକାର କରେ ?

ଉ.: ଯେଉଁ ଲୋକ ଆଖି ଦେଖିଲା ଭଳି କୌଣସି କାମ ନକରି, ଆଜିର କାମ ଆସନ୍ତାକାଲି ବା ସପ୍ତାହ ପରେ କରିବେ ବୋଲି ଚିନ୍ତା କରନ୍ତି, ସେମାନେ କୌଣସି କାମକୁ ଠିକ୍ ରୂପେ କରିପାରନ୍ତି ନାହିଁ । ବରଂ ସେଭଳି ଚିନ୍ତା ମଣିଷକୁ ତା' ଅଜାଣତରେ ଆଳସ୍ୟର ଶିକାର କରେ ।

୩. ମଣିଷ କାହାକୁ ଓ କାହିଁକି ଅନ୍ୟମାନଙ୍କଠାରୁ ଲୁଚାଏ ?

ଉ.: ମଣିଷ୍ୟ ଦାରିଦ୍ର୍ୟକୁ ଅନ୍ୟମାନଙ୍କ ଠାରୁ ଲୁଚାଏ । ସେ ଚାହେଁ ଅନ୍ୟମାନେ ତାହାର ଅଭାବକୁ ଜାଣି ନପାରନ୍ତୁ ।

## ଗଦ୍ୟାଂଶ-୩

ସାହିତ୍ୟ ଜ୍ୟୋତି ୧ମ ଭାଗ- ପୃ.: ୨୭୭-୨୭୮

ସ୍ୱାଧୀନତା ହାସଲ କରିବା ଦିନରୁ .................. ଅତ୍ୟନ୍ତ ଆବଶ୍ୟକ ।

### (କ) ଏକ ନମ୍ବର ବିଶିଷ୍ଟ ପ୍ରଶ୍ନୋତ୍ତର- (ସମ୍ଭାବ୍ୟ ଉତ୍ତର)

୧. ଆମେ କେଉଁ ସ୍ୱାଧୀନତା ଅର୍ଜନ କରିବା ପାଇଁ ଉଦ୍ୟମ କରିଥାଉ ?

ଉ.: ଆମେ ଏକ ପୂର୍ଣ୍ଣତର ତଥା ମହତ୍ତର ସ୍ୱାଧୀନତା ଅର୍ଜନ କରିବା ପାଇଁ ଉଦ୍ୟମ କରିଥାଉ ।

୨. ଆମେ ଜନସାଧାରଣଙ୍କର କେଉଁ ଅବସ୍ଥା ପୂରଣ କରିବା ଉଦ୍ଦେଶ୍ୟରେ ଉଦ୍ୟମ କରିଥାଉ ?

ଉ.: ଆମେ ଜନସାଧାରଣଙ୍କର ଶିଳ୍ପ ଓ ରପ୍ତାନୀ ବାଣିଜ୍ୟର ଆବଶ୍ୟକତା ପୂରଣ କରିବା ଉଦ୍ଦେଶ୍ୟରେ କୃଷି ଉତ୍ପାଦନ ବୃଦ୍ଧି କରିବା ପାଇଁ ଉଦ୍ୟମ କରିଥାଉ ।

୩. ଗୃହନିର୍ମାଣ ଯୋଜନା କାର୍ଯ୍ୟକାରୀ ହେଲେ କ'ଣ ହେବ ?

ଉ.: ଗୃହନିର୍ମାଣ ଯୋଜନା କାର୍ଯ୍ୟକାରୀ ହେଲେ, ସ୍ୱଳ୍ପ ବେତନ ଭୋଗୀ କର୍ମଚାରୀମାନଙ୍କ ପାଇଁ ବାସଗୃହ ଯୋଗାଇ ହେବ ।

୪. ଯୋଜନାଗୁଡ଼ିକର ଯେତେ ପରିମାଣର କାର୍ଯ୍ୟକାରୀ ହେବାକଥା ନ ହୋଇ ପାରିବାର ପ୍ରଧାନ କାରଣ କ'ଣ ?

ଉ.: ଯୋଜନାଗୁଡ଼ିକର ଯେତେ ପରିମାଣର କାର୍ଯ୍ୟକାରୀ ହେବାକଥା ନ ହୋଇ ପାରିବାର ପ୍ରଧାନ କାରଣ ହେଉଛି, ଜାତୀୟ ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ଥିବା କର୍ମଚାରୀମାନଙ୍କର ଭାବଗତ ଆନ୍ତରିକତାର ଅଭାବ ।

### (ଖ) ଦୁଇ ନମ୍ବର ବିଶିଷ୍ଟ -

୧. ଗାନ୍ଧିଜୀଙ୍କ ଦୃଷ୍ଟିରେ ଭାରତର ସ୍ୱରୂପ କ'ଣ ଥିଲା ?

ଉ.: ଗାନ୍ଧିଜୀଙ୍କ ଦୃଷ୍ଟିରେ ଭାରତର ସ୍ୱରୂପ ଥିଲା ଅତ୍ୟନ୍ତ ଦୟନୀୟ । ଭାରତର ପ୍ରତ୍ୟେକ ଅଞ୍ଚଳରେ ସେ ଦେଖିଥିଲେ, ଅଗଣିତ ଜ୍ୟୋତିହୀନ ଆଖି ଓ ମଣିଷର ଦୟନୀୟ ପ୍ରତିଛବି ।

୨. ବୈଷୟିକ ଦାରିଦ୍ର୍ୟ କିପରି ଦୂର କରାଯାଇ ପାରିବ ?

ଉ.: ବୈଷୟିକ ଦାରିଦ୍ର୍ୟ ଦୂର କରିବା ପାଇଁ ଆମକୁ ସବୁମତେ ଉଦ୍ୟମ କରିବାକୁ ପଡ଼ିବ । ଯୋଜନାକୃତ ଅର୍ଥନୈତିକ ଉନ୍ନୟନ ଦ୍ୱାରା ଏବଂ ଶିଳ୍ପ ଓ ରପ୍ତାନୀ ବାଣିଜ୍ୟ ଦ୍ୱାରା ବୈଷୟିକ ଦାରିଦ୍ର୍ୟ ଦୂର ହୋଇପାରିବ ।

୩. ଭାରତୀୟମାନଙ୍କ ପ୍ରଥମ ଓ ପ୍ରଧାନ ଆବଶ୍ୟକତା କ'ଣ ?

ଉ.: ଭାରତୀୟମାନଙ୍କ ପ୍ରଥମ ଓ ପ୍ରଧାନ ଆବଶ୍ୟକତା ହେଉଛି, ଖାଦ୍ୟ, ବସ୍ତ୍ର ଓ ଆଶ୍ରୟ । ଏହା ବିନା ଭାରତୀୟମାନେ ଦରିଦ୍ର ଓ ନିରାଶ୍ରୟରେ ଜୀବନ ଅତିବାହିତ କରୁଛନ୍ତି ।

## ଗଦ୍ୟାଂଶ-୪

ସାହିତ୍ୟ ଜ୍ୟୋତି ୧ମ ଭାଗ- ପୃ.: ୨୬୯-୨୮୧

ଦେଶଛାଡ଼ି ଜଣେ ଯଦି .................. ଅନୁପ୍ରାଣିତ କରନ୍ତି ।

**(କ) ଏକ ନମ୍ବର ବିଶିଷ୍ଟ ପ୍ରଶ୍ନୋତ୍ତର- (ସମ୍ଭାବ୍ୟ ଉତ୍ତର)**

୧. ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାର କ'ଣ ଦେଖିବାକୁ ବ୍ୟାକୁଳ ହେଉଥିଲେ ?

ଉ.: ଗାନ୍ଧିଜୀ ଦକ୍ଷିଣ ଆଫ୍ରିକାର କଲ୍ୟାଣ ଦେଖିବାକୁ ବ୍ୟାକୁଳ ହେଉଥିଲେ ।

୨. କେଉଁ ଦୁଇଜଣଙ୍କୁ ଆନ୍ତରିକ ସମ୍ବର୍ଦ୍ଧନା ମିଳିଥିଲା ?

ଉ.: ଗାନ୍ଧିଜୀ ଓ କସ୍ତୁରବାଙ୍କୁ ଆନ୍ତରିକ ସମ୍ବର୍ଦ୍ଧନା ମିଳିଥିଲା ।

୩. ଗାନ୍ଧିଜୀ କେଉଁ ଦୁଇ ପକ୍ଷର କ୍ଷତ ଶୀଘ୍ର ଆରୋଗ୍ୟ ହେଉ ବୋଲି କାମନା କରିଛନ୍ତି ?

ଉ.: ଗାନ୍ଧିଜୀ ଭାରତୀୟ ଓ ୟୁରୋପୀୟଙ୍କ କ୍ଷତ ଶୀଘ୍ର ଆରୋଗ୍ୟ ହେଉ ବୋଲି କାମନା କରିଛନ୍ତି ।

୪. କେଉଁମାନେ ଗାନ୍ଧିଜୀଙ୍କ ଠାରୁ ମହାନ୍ ?

ଉ.: ଯେଉଁ ଯୁବକମାନେ ଆନ୍ଦୋଳନରେ ପ୍ରାଣ ଦେଇଥିଲେ, ସେମାନେ ଗାନ୍ଧିଜୀଙ୍କ ଠାରୁ ମହାନ୍ ।

**(ଖ) ଦୁଇ ନମ୍ବର ବିଶିଷ୍ଟ -**

୧. ମୋହନ ଦକ୍ଷିଣ ଆଫ୍ରିକାରୁ କ'ଣ ନେଇ ଫେରିଲେ ?

ଉ.: ମୋହନ ଦକ୍ଷିଣ ଆଫ୍ରିକାରୁ ସବୁ ଅପ୍ରୀତିକର ସ୍ମୃତିକୁ ଭୁଲି ଯାଇଥିଲେ । ସେ ସେଠାକାର ଗୋଟିଏ ସୁନ୍ଦର ଚିତ୍ରକୁ ହୃଦୟରେ ଧରି ଫେରିଲେ ।

୨. କେଉଁ କଥା ଗାନ୍ଧିଜୀଙ୍କ ସ୍ମରଣରେ ରହିବ ?

ଉ.: ଦକ୍ଷିଣଆଫ୍ରିକାରେ ତାଙ୍କର ଦେଶବାସୀଙ୍କ ଠାରୁ ଗାନ୍ଧିଜୀ ଅନେକ ଶ୍ରଦ୍ଧା ପାଇଥିଲେ ଏବଂ ୟୁରୋପୀୟମାନେ ତାଙ୍କୁ ଉଦାର ଭାବେ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ । ଦକ୍ଷିଣ ଆଫ୍ରିକାର ଏହି ସ୍ମୃତି କଥା ଗାନ୍ଧିଜୀଙ୍କ ସ୍ମରଣ ରହିବ ।

୩. ଗାନ୍ଧିଜୀଙ୍କ ସ୍ମାରକୀ ଗ୍ରନ୍ଥରେ ସ୍ମଟ୍‌ସ କ'ଣ ଲେଖିଥିଲେ ?

ଉ.: ଗାନ୍ଧିଜୀଙ୍କ ସ୍ମାରକୀ ଗ୍ରନ୍ଥରେ ସ୍ମଟ୍‌ସ, ଗାନ୍ଧିଜୀ ପ୍ରତି ରହିଥିବା ସବୁ ତିକ୍ତତା ଭୁଲିଯାଇ ଶ୍ରଦ୍ଧା ଓ ଆନ୍ତରିକତା ପୂର୍ଣ୍ଣ କେତୋଟି ଧାଡ଼ି ଲେଖିଥିଲେ । ସେଥିରେ ଥିଲା, 'ଗାନ୍ଧିଜୀ ଆମକୁ ଘସରା, ତୁଚ୍ଛ ଓ ନିରର୍ଥକ ଜୀବନରୁ ଟାଣିଆଣି, ଅକ୍ଳାନ୍ତ ଭାବେ ଦୀନଦୁଃଖୀଙ୍କ ସେବାରେ ଉତ୍ସର୍ଗ କରିବାକୁ ଅନୁପ୍ରାଣିତ କରିଥିଲେ ।

## ଗଦ୍ୟାଂଶ-୫

ସାହିତ୍ୟ ଜ୍ୟୋତି ୧ମ ଭାଗ- ପୃ.: ୨୮୨-୨୮୩

"ସାହିତ୍ୟ ଜାତୀୟ ଜୀବନର .................. ଲେଖନୀ ଚାଳନା କରିବା ଶ୍ରେୟ ।

**(କ) ଏକ ନମ୍ବର ବିଶିଷ୍ଟ ପ୍ରଶ୍ନୋତ୍ତର- (ସମ୍ଭାବ୍ୟ ଉତ୍ତର)**

୧. ସାହିତ୍ୟକୁ ଜାତୀୟ ଜୀବନର କ'ଣ ବୋଲି କୁହାଯାଇଛି ?

ଉ.: ସାହିତ୍ୟକୁ ଜାତୀୟ ଜୀବନର ମାନ ମନ୍ଦିର ଓ ଜାତୀୟ ଜୀବନର ପରିମାପକ ବୋଲି କୁହାଯାଇଛି ।

୨. କେତେବେଳେ ଜାତୀୟ ସାହିତ୍ୟ ଗଠିତ ହୁଏ ?

ଉ.: ଜାତି ମଧ୍ୟରେ ପ୍ରବଳ ଜାତୀୟ ଭାବ ସୃଷ୍ଟି ହେବା ଦ୍ୱାରା ଜାତୀୟ ସାହିତ୍ୟ ଗଠିତ ହୁଏ ।

୩. କ'ଣ ଜୀବନ୍ତ ମୂର୍ତ୍ତି ପରିଗ୍ରହଣ କରି ସାହିତ୍ୟ ରୂପେ ପ୍ରକାଶିତ ହୁଏ ?

ଉ.: ଗୋଟିଏ ଆକାଙ୍କ୍ଷା, କୌଣସି ଏକ ସ୍ଥାନରୁ ବାହାରି ଦାବାଗ୍ନି ସଦୃଶ ଦେଶଯାକ ବ୍ୟାପିଗଲା ପରେ ଭାଷା ମାଧ୍ୟମରେ ତାହା ଜୀବନ୍ତ ମୂର୍ତ୍ତି ପରିଗ୍ରହଣ କରି ସାହିତ୍ୟ ରୂପେ ପ୍ରକାଶିତ ହୁଏ ।

୪. କେଉଁମାନେ କଠୋର ସାଧନା କରିବା ଉଚିତ ?

ଉ.: ଜାତିପାଇଁ ଓ ଜାତୀୟ ଜୀବନ ପାଇଁ ଯେଉଁମାନେ ନୂତନ ସାହିତ୍ୟ ଗଠନ କରିବାକୁ ବାଞ୍ଛା କରନ୍ତି, ସେମାନେ କଠୋର ସାଧନା କରିବା ଉଚିତ ।

**(ଖ) ଦୁଇ ନମ୍ବର ବିଶିଷ୍ଟ -**

୧. ଜାତୀୟ ସାହିତ୍ୟ ପ୍ରତି ଦୃଷ୍ଟିପାତର ଆବଶ୍ୟକତା କ'ଣ ?

ଉ.: ଜାତୀୟ ସାହିତ୍ୟ ହିଁ ଜାତୀୟ ଜୀବନର ପରିମାପକ । ଜାତୀୟ ଜୀବନର ଉନ୍ନତିର ପରିମାଣ ଓ ଜାତୀୟ ଜୀବନର ଗତି ନିରୂପଣ କରିବାର ଇଚ୍ଛା ହିଁ ଜାତୀୟ ସାହିତ୍ୟ ପ୍ରତି ଦୃଷ୍ଟିପାତର ଆବଶ୍ୟକତା ।

୨. କେତେବେଳେ ଜାତୀୟ ସାହିତ୍ୟ ସୃଷ୍ଟିହୁଏ ?

ଉ.: ଯେତେବେଳେ ଜାତି ମଧ୍ୟରେ ପ୍ରବଳ ଆକାଙ୍କ୍ଷା, ଉଦ୍ଦୀପନା, ଆଶା ଓ ଅନୁରାଗ ଜାତୀୟ ଜୀବନରେ ପ୍ରବେଶ କରେ ସେତେବେଳେ ଜାତୀୟ ସାହିତ୍ୟ ସୃଷ୍ଟିହୁଏ ।

୩. ସାହିତ୍ୟ ସେବକମାନଙ୍କର ଆଦର୍ଶ କ'ଣ ହେବା ଉଚିତ ?

ଉ.: ଯେଉଁପ୍ରକାର ସାହିତ୍ୟ ଗଠିତ ହେଲେ, ତାହା ଘରେ ଘରେ ପ୍ରବେଶ କରିବ ଏବଂ ଜାତୀୟ ଜୀବନକୁ ଗୋଟିଏ ଛାଞ୍ଚରେ ଢାଳି ପଦାରେ ଠିଆ କରାଇବ, ସେଥିପ୍ରତି ସାହିତ୍ୟ ସେବାରେ ଲକ୍ଷ୍ୟ ରହିବା ଉଚିତ । ସେହି ଉଦ୍ଦେଶ୍ୟକୁ ସମ୍ମୁଖରେ ରଖି ଲେଖନୀ ଚାଳନାହିଁ, ସାହିତ୍ୟ ସେବକମାନଙ୍କର ଆଦର୍ଶ ହେବା ଉଚିତ ।

## ଗଦ୍ୟାଂଶ-୬

ସାହିତ୍ୟ ଜ୍ୟୋତି ୧ମ ଭାଗ- ପୃ.: ୨୮୪-୨୮୫

ଅଗଷ୍ଟ ପନ୍ଦର .................. ସଂଯତ କର୍ମବାଦ ।

**(କ) ଏକ ନମ୍ବର ବିଶିଷ୍ଟ ପ୍ରଶ୍ନୋତ୍ତର- (ସମ୍ଭାବ୍ୟ ଉତ୍ତର)**

୧. ୧୯୪୨ ମସିହା କାହିଁକି ସ୍ମରଣୀୟ ?

ଉ.: ୧୯୪୨ ମସିହା ସ୍ମରଣୀୟ, କାରଣ ଏହି ବର୍ଷ ବ୍ରିଟିଶ ସରକାର ଭାରତୀୟଙ୍କ ଉପରେ ଗୁଳି ଚଳାଇଥିଲେ ପାଞ୍ଚଶହ ଅଠତିରିଶ ଥର ଏବଂ ଏଥିରେ ଏକ ହଜାର ଅଠାଇଶ ମରିଥିଲେ, ଆହାତ ହୋଇଥିଲେ ବତିଶି ଶହ, ଏହାଛଡ଼ା ଜେଲ୍ ଜୋରିମାନା, ମାଡ଼ ଗାଳି ଅତ୍ୟାଚାରର ସୀମା ରହିନଥିଲା ।

୨. କେଉଁମାନେ ଇତିହାସର କଥାବସ୍ତୁ ?

ଉ.: ଯେଉଁମାନେ ସ୍ୱାଧୀନତା ପ୍ରାପ୍ତି ପାଇଁ ଆତ୍ମବଳି ଦେଇଗଲେ, ସେମାନେ ଇତିହାସର କଥାବସ୍ତୁ ।

୩. ବର୍ତ୍ତମାନ ସ୍ୱାଧୀନତା ରକ୍ଷା କରିବାର ଦାୟିତ୍ୱ କାହାର ?

ଉ.: ବର୍ତ୍ତମାନ ସ୍ୱାଧୀନତା ରକ୍ଷା କରିବାର ଦାୟିତ୍ୱ ଆମ ଯୁବକ ବନ୍ଧୁମାନଙ୍କର ।

୪. ଯେକୌଣସି ଦାୟିତ୍ୱ ପାଇଁ କାହା ପ୍ରଜ୍ଞା ଓ କାହାର ଶକ୍ତି ଦରକାର ?

ଉ.: ଯେକୌଣସି ଦାୟିତ୍ୱ ପାଇଁ ବାର୍ଦ୍ଧକ୍ୟର ପ୍ରଜ୍ଞା ଓ ଯୌବନର ଶକ୍ତି ଦରକାର ।

**(ଖ) ଦୁଇ ନମ୍ବର ବିଶିଷ୍ଟ -**

୧. ଜାଲିଆନାୱାଲାବାଗ୍ କାହିଁକି ମନେ ପଡ଼େ ?

ଉ.: ଜାଲିଆନାୱାଲାବାଗରେ ନଭଶ୍ଚୁମ୍ବି ସ୍ମରଣ ସ୍ତମ୍ଭ ଦେଖିଲେ, ଜାଲିଆନା ୱାଲାବାଗ୍ ହତ୍ୟାକାଣ୍ଡ କଥା ମନେ ପଡ଼େ । ସେଠାରେ ନୃଶଂସ ଜେନେରାଲ ଡାୟାର ପୋକ ମାଛି ପରି ମଣିଷକୁ ମାରିଥିଲା ।

୨. ସ୍ୱାଧୀନତା ସଂଗ୍ରାମୀଙ୍କ ଉପରେ କିପରି ଅତ୍ୟାଚାର କରାଯାଉଥିଲା ?

ଉ.: ସ୍ୱାଧୀନତା ସଂଗ୍ରାମରେ, ସଂଗ୍ରାମୀମାନଙ୍କ ଉପରକୁ ବ୍ରିଟିଶ ସରକାର ଗୁଳିଚଳାଇ ଦେଉଥିଲେ । ଏହାଛଡ଼ା ସେମାନଙ୍କ ଉପରେ ଜେଲ୍, ଜୋରିମାନା, ମାଡ଼, ଗାଳି, ଅତ୍ୟାଚାରର ସୀମା ରହୁନଥିଲା ।

୩. ମହାପୁରୁଷଙ୍କର କ'ଣ ରକ୍ଷା କରିବା ଜାତିର କର୍ତ୍ତବ୍ୟ ?

ଉ.: ମହାପୁରୁଷମାନେ ବହୁ କଷ୍ଟ ସ୍ୱୀକାର କରି ଆମ ଦେଶର ଦୃଢ଼ ଭିତ୍ତି ସ୍ଥାପନ କରିଯାଇଛନ୍ତି । ସେମାନଙ୍କର ଦୃଢ଼ ଭିତ୍ତିକୁ ରକ୍ଷା କରିବା ଜାତିର କର୍ତ୍ତବ୍ୟ ।

## ଗଦ୍ୟାଂଶ-୭

ସାହିତ୍ୟ ଜ୍ୟୋତି ୧ମ ଭାଗ- ପୃ.: ୨୮୬-୨୮୯

ପ୍ରଥମ ବିଶ୍ୱ ସମନ୍ୱିତ .................. ଅସୁରକ୍ଷିତ କରିଦେଲାଣି ।

**(କ) ଏକ ନମ୍ବର ବିଶିଷ୍ଟ ପ୍ରଶ୍ନୋତ୍ତର- (ସମ୍ଭାବ୍ୟ ଉତ୍ତର)**

୧. ମାନବୀୟ କାର୍ଯ୍ୟକଳାପର ଯୁକ୍ତିସଙ୍ଗତ ପରିଚାଳନା ନକଲେ କ'ଣ ହେବ ?

ଉ.: ମାନବୀୟ କାର୍ଯ୍ୟକଳାପର ଯୁକ୍ତିସଙ୍ଗତ ପରିଚାଳନା ନକଲେ ସାମୁଦ୍ରିକ ସମ୍ବଳର ସହନଶୀଳତା ଧ୍ୱଂସ ହେବ ଏବଂ ଅସନ୍ତୁଳିତ ସମୁଦ୍ର ସମ୍ବଳ ମଣିଷର ବ୍ୟବହାର ଉପଯୋଗୀ ନହୋଇ ମାନବ ଜାତି ପାଇଁ ଏକ ଭୟାବହ ଭବିଷ୍ୟତ ସୃଷ୍ଟି କରିବ ।

୨. ଆମେ ପ୍ରତ୍ୟେକ କେତେ ସାମୁଦ୍ରିକ ଅଞ୍ଚଳ ବ୍ୟବହାର କରୁଛୁ ?

ଉ.: ଆମେ ପ୍ରତ୍ୟେକ ମାତ୍ର ଗୋଟିଏ ଘନ କିଲୋମିଟର ସାମୁଦ୍ରିକ ଅଞ୍ଚଳର ଏକ ପଞ୍ଚମାଂଶ ବ୍ୟବହାର କରୁଛୁ ।

୩. ୨୦୫୦ ମସିହା ବେଳକୁ କ'ଣ ହେବ ?

ଉ.: ୨୦୫୦ ମସିହା ବେଳକୁ ପୃଥିବୀର ଜନସଂଖ୍ୟା ହଜାରେ କୋଟି ଟପିଯିବ ଏବଂ ସେମାନଙ୍କ ସାମୁଦ୍ରିକ ଆବଶ୍ୟକତା ମେଣ୍ଟାଇବା ପାଇଁ, ସମୁଦ୍ର ଯଥେଷ୍ଟ ହେବ ନାହିଁ ।

୪. ସାମୁଦ୍ରିକ ଅଞ୍ଚଳ ଉପରେ ମଣିଷର ନିର୍ଭରଶୀଳତା ବଢ଼ିବା ଦ୍ୱାରା କ'ଣ ଘଟୁଛି ?

ଉ.: ସାମୁଦ୍ରିକ ଅଞ୍ଚଳ ଉପରେ ମଣିଷର ନିର୍ଭରଶୀଳତା ବଢ଼ିବା ଦ୍ୱାରା ଉପକୂଳ ଓ ସମୁଦ୍ରତଳର ବ୍ୟବହାରରେ ପରିବର୍ତ୍ତନ ଘଟୁଛି ।

**(ଖ) ଦୁଇ ନମ୍ବର ବିଶିଷ୍ଟ -**

୧. ପ୍ରଥମ ବିଶ୍ୱ ସମନ୍ୱିତ ଆକଳନ ରିପୋର୍ଟରେ କ'ଣ ସତର୍କ କରାଯାଇଛି ?

ଉ.: ପ୍ରଥମ ବିଶ୍ୱ ସମନ୍ୱିତ ଆକଳନ ରିପୋର୍ଟରେ, ସାମୁଦ୍ରିକ ସମ୍ବଳର ସୁରକ୍ଷା ପାଇଁ ପରାମର୍ଶ ଦିଆଯାଇଛି । ଏଥିରେ ଜଳବାୟୁ ପରିବର୍ତ୍ତନ, ସାମୁଦ୍ରିକ ସମ୍ବଳର ମାତ୍ରାତିରିକ୍ତ ଆହରଣ, ସାମୁଦ୍ରିକ ଅଞ୍ଚଳର କ୍ରମବର୍ଦ୍ଧିଷ୍ଣୁ ବ୍ୟବହାର, ବଢୁଥିବା ପ୍ରଦୂଷଣ ତଥା ଅନ୍ୟାନ୍ୟ କାରଣଗୁଡ଼ିକ ସମୁଦ୍ର ଉପରେ ମାତ୍ରାତିରିକ୍ତ ଚାପପକାଉଛି ବୋଲି ସତର୍କ କରାଯାଇଛି ।

୨. ସାମୁଦ୍ରିକ ଅଞ୍ଚଳ ପାଖକୁ କ'ଣ ଯୋଗାଇଥାଏ ?

ଉ.: ସାମୁଦ୍ରିକ ଅଞ୍ଚଳରୁ ଆମେ ପ୍ରତ୍ୟେକ ଗୋଟିଏ ଘନ କିଲୋମିଟର ଏକ ପଞ୍ଚମାଂଶ ବ୍ୟବହାର କରୁଛୁ । ଏହି ଅଞ୍ଚଳରୁ ଆମେ ଆମର ବାର୍ଷିକ ଅମ୍ଳଜାନ ଆବଶ୍ୟକତା, ସାରା ଜୀବନ ପାଇଁ ମଧୁରଜଳ ଏବଂ ଆମେ ଖାଉଥିବା ସମସ୍ତ ସାମୁଦ୍ରିକ ଖାଦ୍ୟ ଯୋଗାଇଥାଏ ।

୩. ମାନବୀୟ କାର୍ଯ୍ୟକଳାପର କେଉଁ ପ୍ରତିକୂଳ ପ୍ରଭାବ ସମୁଦ୍ର ଓ ମହାସାଗର ଉପରେ ପଡୁଛି ?

ଉ.: ଆଣବିକ ପରୀକ୍ଷଣରେ ତେଜସ୍କ୍ରିୟ ପଦାର୍ଥ ଦୀର୍ଘକାଳ ଧରି ଜମା ହୋଇ ରହିବା, ସମୁଦ୍ରରେ ତେଲ ବୋହିଯିବା, ମାତ୍ରାତିରିକ୍ତ ପରିମାଣରେ ମାଛ ଧରାଯିବା ତଥା ବେଳାଭୂମିରେ ଅନିୟନ୍ତ୍ରିତ ପର୍ଯ୍ୟଟନ ପରି ଅର୍ଥନୈତିକ କାର୍ଯ୍ୟ ଦ୍ୱାରା ସାମୁଦ୍ରିକ ଜୀବମାନଙ୍କ ପାଇଁ କ୍ଷତିକାରକ ହେଉଛି । ମାନବୀୟ କାର୍ଯ୍ୟକଳାପର ଏପରି ପ୍ରତିକୂଳ ପ୍ରଭାବ ସମୁଦ୍ର ଓ ମହାସାଗର ଉପରେ ପଡୁଛି ।

## ପଦ୍ୟାଂଶ-୨

ସାହିତ୍ୟ ଜ୍ୟୋତି ୧ମ ଭାଗ- ପୃ.: ୨୯୩-୨୯୪

୧. ଶରତ ଋତୁର ଆଗମନରେ ଭୂମିରେ ଥିବା ଜଳରାଶି ନିର୍ମଳ ହୋଇଯିବା ଦେଖି କବି ଏହାକୁ କାହା ସହିତ ତୁଳନା କରିଛନ୍ତି ?

ଉ.: ଶରତ ଋତୁର ଆଗମନରେ ଭୂମିରେ ଥିବା ଜଳରାଶି ନିର୍ମଳ ହୋଇଯିବା ଦେଖି କବି ଏହାକୁ ଭ୍ରଷ୍ଟଯୋଗୀଙ୍କର ଯୋଗ ସାଧନା ଦ୍ୱାରା ଚିତ୍ତ ନିର୍ମଳ ହେବା ସହିତ ତୁଳନା କରିଛନ୍ତି ।

୨. କ'ଣ ପାଇଁ ମନରେ ପାପ ଲାଗେ ନାହିଁ ?

ଉ.: ହରିଭକ୍ତିର ପ୍ରଭାବ ପାଇଁ ମନରେ ପାପ ଲାଗେ ନାହିଁ ।

୩. ଗୁରୁ କାହାକୁ ଜ୍ଞାନ ପ୍ରଦାନ କରନ୍ତି ?

ଉ.: ଗୁରୁ ଉତ୍ତମ ଶିଷ୍ୟମାନଙ୍କୁ ଜ୍ଞାନ ପ୍ରଦାନ କରନ୍ତି ।

୪. ଅଳ୍ପ ପାଣିରେ ଥିବା ଜନ୍ତୁମାନେ କିପରି କଷ୍ଟ ପାଆନ୍ତି ?

ଉ.: ଅଳ୍ପ ପାଣିରେ ଥିବା ଜନ୍ତୁମାନେ ଦରିଦ୍ର-କୁଟୁମ୍ବଙ୍କ ପରି କଷ୍ଟ ପାଆନ୍ତି ।

୫. ମନୁଷ୍ୟର ଅଜ୍ଞାନ ଭାବ କିପରି କ୍ଷୟ ହୋଇଯାଏ ?

ଉ.: ମନୁଷ୍ୟର ଅଜ୍ଞାନ ଭାବ ଯୋଗଲୟ ଦ୍ୱାରା କ୍ଷୟ ହୋଇଯାଏ ।

## ପଦ୍ୟାଂଶ-୩

ସାହିତ୍ୟ ଜ୍ୟୋତି ୧ମ ଭାଗ- ପୃ.: ୨୯୪-୨୯୫

୧. କବିତାର ପ୍ରକୃତ ଉପଭୋକ୍ତା କିଏ ?

ଉ.: କବିତାର ପ୍ରକୃତ ଉପଭୋକ୍ତା ରସିକା ନେତା ।

୨. ନାରୀର ସୌନ୍ଦର୍ଯ୍ୟ କାହାକୁ ଆକର୍ଷଣ କରି ପାରେନା ?

ଉ.: ନାରୀର ସୌନ୍ଦର୍ଯ୍ୟ ନପୁଂସକକୁ ଆକର୍ଷଣ କରି ପାରେନା ।

୩. କବିତାର ସ୍ୱାଦୁ କିଏ କିପରି ଜାଣିପାରେ ?

ଉ.: କବିତାର ସ୍ୱାଦୁ ରସିକ ବ୍ୟକ୍ତି କର୍ଣ୍ଣରୂପକ ତୁଣ୍ଡରେ ପାନକରି ଜାଣିପାରେ ।

୪. କବିତା ରୂପକ ବନିତାର ସମ୍ପର୍କୀୟ ଲୋକ ସବୁ କିଏ ?

ଉ.: କବିତା ରୂପକ ବନିତାର କବି ହେଉଛି ପିତା, ସମାଲୋଚନା କରୁଥିବା ବ୍ୟକ୍ତି ହେଉଛି ବିମାତା, କୁମତି ଭାବପ୍ରକାଶ କରୁଥିବା ବ୍ୟକ୍ତି ହେଉଛି ବିମାତା ପୁତ୍ର ଭାଇ ।

୫. କବିତ୍ୱ ରୂପକ କ୍ଷୀର କିପରି ଦହି ହୁଏ ?

ଉ.: କବିତ୍ୱ ରୂପକ କ୍ଷୀର କୁତ୍ସିତ ବୁଦ୍ଧି ସମ୍ପନ୍ନ ବ୍ୟକ୍ତି ପାଇଁ ଦହି ହୁଏ ।

### ପଦ୍ୟାଂଶ-୪

ସାହିତ୍ୟ ଜ୍ୟୋତି ୧ମ ଭାଗ- ପୃ.: ୨୯୬-୨୯୭

୧. ଚନ୍ଦନ ଆଦି ଶୀତଳ ଉପଚାର ବିରହୀ ବ୍ୟକ୍ତିକୁ କିପରି ଲାଗେ ?

ଉ.: ଚନ୍ଦନ ଆଦି ଶୀତଳ ଉପଚାର ବିରହୀ ବ୍ୟକ୍ତିକୁ ତପତ ଲୌହ ଉପରେ ଜଳ ଦେଲା ପରି ଲାଗେ ।

୨. ଅମୃତ ପାନ ପରେ କାହାର ଶିରଚ୍ଛେଦ ହୋଇଥିଲା ?

ଉ.: ଅମୃତ ପାନ ପରେ ରାହୁର ଶିରଚ୍ଛେଦ ହୋଇଥିଲା ।

୩. ମଙ୍ଗଳ ଗ୍ରହର ମହତ୍ତ୍ୱ କ'ଣ ?

ଉ.: ମଙ୍ଗଳ ଗ୍ରହର ମହତ୍ତ୍ୱ ହେଉଛି, ଯାହା ଭାଗ୍ୟରେ ମଙ୍ଗଳ ଗ୍ରହ ରହେ, ତାହାକୁ ଦୁଃଖକଷ୍ଟ ହୋଇଥାଏ ।

୪. ପୋଡ଼ା ଶାମୁକାରେ ପାଣି ଢାଳିଲେ କ'ଣ ହୁଏ ?

ଉ.: ପୋଡ଼ା ଶାମୁକାରେ ପାଣି ଢାଳିଲେ ସନ୍ତାପିତ ହୁଏ ।

୫. ବିରହର ଉପଚାର କ'ଣ ?

ଉ.: ବିରହର ଉପଚାର ଏକମାତ୍ର ମନୋହାରୀ ।

### ପଦ୍ୟାଂଶ-୫

ସାହିତ୍ୟ ଜ୍ୟୋତି ୧ମ ଭାଗ- ପୃ.: ୨୯୭-୨୯୮

୧. ଈଶ୍ୱର କେଉଁ ସ୍ଥାନରେ ନଥାନ୍ତି ?

ଉ.: ଈଶ୍ୱର କାହାରି ମଧ୍ୟରେ ନଥାନ୍ତି ।

୨. ଭଗବାନଙ୍କ ଅଶିକ୍ଷା ଶକ୍ତି କ'ଣ ?

ଉ.: ଭଗବାନଙ୍କ ଅଶିକ୍ଷା ଶକ୍ତି ହେଉଛି ତ୍ରିଗୁଣ ତ୍ରିବେଦ, ଓ ତ୍ରିପୁର ।

୩. କିଏ ନିଜେ ନିଜର ତୁଳନୀୟ ଅଟନ୍ତି ?

ଉ.: ଈଶ୍ୱର ନିଜେ ନିଜର ତୁଳନୀୟ ଅଟନ୍ତି ।

୪. କର୍ମର ଅଧୀନ କିଏ ?

ଉ.: କର୍ମର ଅଧୀନ ଈଶ୍ୱର ।

୫. ସୃଷ୍ଟି ଓ ପ୍ରଳୟକୁ ଈଶ୍ୱରଙ୍କର କେଉଁ କାର୍ଯ୍ୟ ସହ ତୁଳନା କରାଯାଇଛି ?

ଉ.: ସୃଷ୍ଟି ଓ ପ୍ରଳୟକୁ ଈଶ୍ୱରଙ୍କର ନିଶ୍ୱାସ ଆତଯାତ କାର୍ଯ୍ୟ ସହ ତୁଳନା କରାଯାଇଛି ।

### ପଦ୍ୟାଂଶ-୬

ସାହିତ୍ୟ ଜ୍ୟୋତି ୧ମ ଭାଗ- ପୃ.: ୨୯୯

୧. କେଉଁ କଥା ଜାଣିପାରିଲେ ମଣିଷର ଯମଦଣ୍ଡରୁ ମୁକ୍ତି ପାଇବ ?

ଉ.: ଚାରିବେଦର ତତ୍ତ୍ୱ ଜାଣିପାରିଲେ ମଣିଷର ଯମଦଣ୍ଡରୁ ମୁକ୍ତି ପାଇବ ।

୨. କି କି କାର୍ଯ୍ୟକଲେ ଧର୍ମ ହୁଏ ବୋଲି ଲୋକେ ବିଶ୍ୱାସ କରନ୍ତି ?

ଉ.: ତଡ଼ାଗ କୂପ ଖୋଳାଇଲେ, ଦେଉଳ ତୋଳାଇଲେ, ଦିଅଁ ସ୍ଥାପନ କଲେ, ଗୋପ ବୃନ୍ଦାବନ ଗଲେ, ପ୍ରୟାଗରେ ସ୍ନାନକଲେ ଧର୍ମ ହୁଏ ବୋଲି ଲୋକେ ବିଶ୍ୱାସ କରନ୍ତି ।

୩. ସାଧୁ-ସନ୍ଥଙ୍କ ଭେକ କିପରି ?

ଉ.: ସାଧୁ-ସନ୍ଥଙ୍କ ଭେକ ହେଉଛି, ଜଟା ରଖିବା, କୌପୁନି ପିନ୍ଧିବା, ମାଳାତିଳକ ଗଡ଼ାଇବା ଓ ଅଙ୍ଗରେ ଭସ୍ମ ଲେପନ କରିବା ।

୪. ମଣିଷ କିପରି ପ୍ରକୃତ ସୁଖ ପାଇବ ?

ଉ.: ମଣିଷ ଆତ୍ମାରେ ଆତ୍ମାକୁ ଦେଖିଲେ ପ୍ରକୃତ ସୁଖ ପାଇବ ।

୫. ଏହି କବିତାଟି ପଢ଼ିବା ପରେ ଈଶ୍ୱରଙ୍କ ସ୍ଥିତି ସମ୍ପର୍କରେ ତୁମର ମତାମତ କ'ଣ ?

ଉ.: ଏଥିରେ ଧର୍ମ ଅର୍ଜନ ପାଇଁ ଅନ୍ୟ କୁଆଡ଼େ ନଯାଇ, ନିଜ ମଧ୍ୟରେ ପରମାତ୍ମାଙ୍କର ସତ୍ତା ଚତୁର୍ଭୁଜ ମୂରତିକୁ ଅନୁଭବ କରିବାକୁ ପରାମର୍ଶ ଦିଆଯାଇଛି ।

### ପଦ୍ୟାଂଶ-୭

ପୃ.: ୩୦୦-୩୦୧

୧. ଗଜରାଜକୁ ପ୍ରଭୁ କିପରି ଉଦ୍ଧାର କଲେ ?

ଉ.: ଗଜରାଜକୁ ପ୍ରଭୁ ଚକ୍ର ପେଷି ଗ୍ରାହ ନାଶି ଉଦ୍ଧାର କଲେ ।

୨. ଦ୍ରୌପଦୀର ଲଜ୍ଜା କିଏ କିପରି ନିବାରଣ କଲେ .

ଉ.: ଦ୍ରୌପଦୀର ଲଜ୍ଜା ଶ୍ରୀକୃଷ୍ଣ କୋଟି ବସ୍ତ୍ର ଦେଇ ନିବାରଣ କଲେ ।

୩. ମୃଗୁଣୀ କିପରି କଷ୍ଟରୁ ରକ୍ଷା ପାଇଥିଲା ?

ଉ.: ମୃଗୁଣୀଙ୍କୁ ଭଗବାନ ଶ୍ରୀକୃଷ୍ଣ ମାୟା ବଳରେ ବ୍ୟାଧ କବଳରୁ ରକ୍ଷା ପାଇଥିଲା ।

୪. ପ୍ରଭୁ କାହାକୁ ଶରଣ ଦେଇଥିଲେ ?

ଉ.: ପ୍ରଭୁ ରାବଣର ଭାଇ ବିଭୀଷଣଙ୍କୁ ଶରଣ ଦେଇଥିଲେ ।

୫. ଦୁଷ୍ଟ ହିରଣ୍ୟ କଶିପୁକୁ ଜଗନ୍ନାଥ କିପରି ବିନାଶ କରିଥିଲେ ?

ଉ.: ହିରଣ୍ୟ କଶିପୁକୁ ଜଗନ୍ନାଥ ନୃସିଂହ ରୂପରେ ସ୍ତମ୍ଭରୁ ବାହାରି, ନଖରେ ବିଦାରି ବିନାଶ କରିଥିଲେ ।

### ପଦ୍ୟାଂଶ-୮

ପୃ.: ୩୦୧-୩୦୨

୧. ଯଶୋଦା କାହିଁକି ପୁତ୍ର କୃଷ୍ଣଙ୍କୁ ବନକୁ ଯିବାକୁ ବାରମ୍ବାର ମନା କରୁଥିଲେ ?

ଉ.: ଯଶୋଦା କୃଷ୍ଣଙ୍କୁ ବନରେ ଡାକିନୀ ବା ଡାହାଣୀ ନଜର ପକାଇ ଦେବେ ବା ଅସୁରମାନେ ରହିଥିବେ, ସେଥିପାଇଁ ପୁତ୍ର କୃଷ୍ଣଙ୍କୁ ବନକୁ ଯିବାକୁ ବାରମ୍ବାର ମନା କରୁଥିଲେ ।

୨. ଝାଞ୍ଜି ଖରା ଲାଗି କୃଷ୍ଣଙ୍କର କି ଅବସ୍ଥା ହେଉଥିବ ?

ଉ.: ଝାଞ୍ଜି ଖରା ଲାଗି କୃଷ୍ଣଙ୍କର ଅଙ୍ଗରୁ ଝାଳ ବୋହି ଯାଉଥିବ ଏବଂ ଶ୍ରମପାଇ ସେ ଗଛଛାଇରେ ବସିବାର ଅବସ୍ଥା ହେଉଥିବ ।

୩. ଯଶୋଦା କାହିଁକି ମୃଦୁ ପାଦର ଚିନ୍ତା କରୁଥିଲେ ?

ଉ.: ଯଶୋଦା ଜାଣିଥିଲେ କୃଷ୍ଣବନକୁ ଗଲାବେଳେ କଠଉ ନେଇନଥିଲେ, ସେଥିପାଇଁ ସେ କୃଷ୍ଣଙ୍କ ମୃଦୁ ପାଦର ଚିନ୍ତା କରୁଥିଲେ ।

୪. କିଏ କୃଷ୍ଣଙ୍କ ଠାରୁ ଅଧିକ ମନୁଆ ବୋଲି ଯଶୋଦା ଭାବୁଛନ୍ତି ?

ଉ.: ବଡ଼ଭାଇ ବଳରାମ କୃଷ୍ଣଙ୍କ ଠାରୁ ଅଧିକ ମନୁଆ ବୋଲି ଯଶୋଦା ଭାବୁଛନ୍ତି ।

୫. କ'ଣ ଦେଖି ଯଶୋଦାଙ୍କ ଆଖି ସୁଖୀ ହେଉଥିଲା ?

ଉ.: କୃଷ୍ଣଙ୍କର ରୂପଶୋଭା ଓ ଚାତୁର୍ଯ୍ୟ ଦେଖି ଯଶୋଦାଙ୍କ ଆଖି ସୁଖୀ ହେଉଥିଲା ।

### ପଦ୍ୟାଂଶ-୯

ପୃ.: ୩୦୩

୧. କୃଷ୍ଣଙ୍କର ଏତେ ସବୁ ବେଶ କାହା ପାଇଁ ?

ଉ.: କୃଷ୍ଣଙ୍କର ଏତେ ସବୁ ବେଶ ପ୍ରେମିକା ରାଧିକା ପାଇଁ ।

୨. ମୋହନ ମୁରଲୀକୁ କ'ଣ ନ କରିବାକୁ ରାଧା କହୁଛନ୍ତି ?

ଉ.: ମୋହନ ମୁରଲୀକୁ ଅଧରେ ଚୁମ୍ବିବ ନାହିଁ ବା ବଜାଇବ ନାହିଁ ବୋଲି ରାଧା କହୁଛନ୍ତି ।

୩. ପାଟ ପିତାମ୍ବରକୁ କିପରି ପିନ୍ଧିବାକୁ ରାଧା ଇଚ୍ଛା କରିଛନ୍ତି ?

ଉ.: ପାଟ ପିତାମ୍ବରକୁ ଭୂମିରେ ନଲୋଟାଇ ପିନ୍ଧିବାକୁ ରାଧା ଇଚ୍ଛା କରିଛନ୍ତି ।

୪. ତ୍ରିଭଙ୍ଗିମା ଚୂଳରେ କ'ଣ ଖୋଷିଲେ ତାହା ଅଧିକ ସୁନ୍ଦର ଦିଶେ ?

ଉ.: ତ୍ରିଭଙ୍ଗିମା ଚୂଳରେ ମୟୂର ଚନ୍ଦ୍ରିକା ଖୋଷିଲେ ତାହା ଅଧିକ ସୁନ୍ଦର ଦିଶେ ।

୫. ଚନ୍ଦନ ବିନ୍ଦୁ ସହିତ କାହାର ମିଶ୍ରଣ କୃଷ୍ଣଙ୍କ ମୁଖକୁ ଅଧିକ ସୁନ୍ଦର କରେ ?

ଉ.: ଚନ୍ଦନ ବିନ୍ଦୁ ସହିତ ଗୋରଚନାର ମିଶ୍ରଣ କୃଷ୍ଣଙ୍କ ମୁଖକୁ ଅଧିକ ସୁନ୍ଦର କରେ ।

**ପଦ୍ୟାଂଶ-୧୦**

ପୃ.: ୩୦୪-୩୦୫

୧. ରାମଚନ୍ଦ୍ର ସୀତାଙ୍କୁ କାହିଁକି ସଙ୍ଗରେ ଆଣିବାକୁ ଚାହୁଁନଥିଲେ ?

ଉ.: ରାମଚନ୍ଦ୍ର ସୀତାଙ୍କୁ ବନରେ କୌଣସି ବିପଦ ପଡ଼ିପାରେ, ତାହା ଆଶଙ୍କା କରି ସଙ୍ଗରେ ଆଣିବାକୁ ଚାହୁଁନଥିଲେ ।

୨. ମୁନିଋଷିମାନେ ସୀତାଙ୍କ ସମ୍ପର୍କରେ କି ଭବିଷ୍ୟବାଣୀ କରିଥିଲେ ?

ଉ.: ମୁନିଋଷିମାନେ ସୀତାଙ୍କ ସମ୍ପର୍କରେ ବିଧବା ଯୋଗ ନାହିଁ ବୋଲି ଭବିଷ୍ୟବାଣୀ କରିଥିଲେ ।

୩. ସଂସାରରେ କାହାକୁ ଦୋଷ ଦିଆଯାଏ ?

ଉ.: ସଂସାରରେ ଯୁବତୀ ଆଗରେ ପତିର ମୃତ୍ୟୁ ହେଲେ, ସେହି ଯୁବତୀକୁ ଦୋଷ ଦିଆଯାଏ ।

୪. ଲକ୍ଷ୍ମଣ ଶାଶୂମାନଙ୍କ ଆଗରେ କ'ଣ କହିବେ ?

ଉ.: ଦୈତ୍ୟ ରାବଣ ସୀତାଙ୍କୁ ହରଣ କରିନେଇ, ରାମଚନ୍ଦ୍ରଙ୍କୁ ମାରିଲେ ବୋଲି ଲକ୍ଷ୍ମଣ ଶାଶୂମାନଙ୍କ ଆଗରେ କହିବେ ।

୫. ରାମଙ୍କ ମୃତ୍ୟୁ ଖବର ଶୁଣିଲେ ଶାଶୂମାନଙ୍କର କି ଦଶା ହେବ ?

ଉ.: ରାମଙ୍କ ମୃତ୍ୟୁ ଖବର ଶୁଣିଲେ ଶାଶୂମାନେ ଆଉ ଜିଇଁବେ ନାହିଁ, ଅର୍ଥାତ୍ ସେମାନେ ବଞ୍ଚିପାରିବେ ନାହିଁ ।

**ପାଠ୍ୟ ପୁସ୍ତକସ୍ଥ ପ୍ରଶ୍ନାବଳୀର ଉତ୍ତର :**

ପ୍ରଶ୍ନର ମୂଲ୍ୟ ୫ ନମ୍ବର । ପ୍ରାୟ ୧୫୦ ଶବ୍ଦ ମଧ୍ୟରେ ଉତ୍ତର ଦିଆଯାଇଛି ।

୧. ତୁମ ଅଞ୍ଚଳରେ ହଇଜା ବ୍ୟାପୁଥିବାର ଏକ ସମ୍ବାଦ ଲେଖି କୌଣସି ଦୈନିକ ଖବରକାଗଜକୁ ପଠାଅ ।

ଉ.: ସମ୍ପାଦକ

ସମାଜ, ଗୋପବନ୍ଧୁ ଭବନ, କଟକ ।

ମହାଶୟ,

ଉକ୍ତ ସମ୍ବାଦଟିକୁ ଆପଣଙ୍କ ଖବର କାଗଜରେ ପ୍ରକାଶନ ନିମନ୍ତେ ପ୍ରେରଣ କଲୁ । ଏହାକୁ ଆପଣଙ୍କ ଖବର କାଗଜରେ ସ୍ଥାନିତ କରି ପ୍ରକାଶ କରିବା ପାଇଁ ଅନୁରୋଧ ।

ରାମନାଥ ରାଉତ

ମାଣପୁର

**ଅବହେଳାହିଁ ହଇଜା ବଢ଼ିବାର କାରଣ ହୋଇଛି**

ଜଗତସିଂହପୁର ଜିଲ୍ଲା, ମଙ୍ଗରାଜପୁର ପଞ୍ଚାୟତର ମାଣପୁର ଗ୍ରାମରେ ହଇଜା ରୋଗ ବ୍ୟାପିବାରେ ଲାଗିଛି । ସ୍ୱାସ୍ଥ୍ୟ ବିଭାଗର ଅବହେଳା ପାଇଁ ଗ୍ରାମର ହଇଜା ରୋଗ ବ୍ୟାପିବାରେ ଲାଗିଛି ।

ମାଣପୁର ଗ୍ରାମରେ ଏକ ସପ୍ତାହ ଧରି ୧୫ ଜଣରୁ ୨୦ ଜଣ ହଇଜା ରୋଗରେ ପୀଡ଼ିତ ହୋଇଛନ୍ତି । ସେହି ରୋଗୀମାନଙ୍କୁ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଚକିତ୍ସା କରାଯାଇଛି । ସେମାନଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ସଂକଟାପନ୍ନ ହେବାରୁ, କଟକ ବଡ଼ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଚିକିତ୍ସିତ ହୋଇ ୧୦ ଜଣ ଘରକୁ ଫେରିଲେ ମଧ୍ୟ ଆଉ ୯ ଜଣ ଏବେ ସୁଦ୍ଧା ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ଏଣେ ଗାଁରେ ଆଉ କେତେ ଜଣ ହଇଜା ରୋଗରେ ଆକ୍ରାନ୍ତ ହୋଇ, ଘରୋଇ ଭାବରେ ଚିକିତ୍ସିତ ହେଉଛନ୍ତି । ଏଭଳି ରୋଗ ବ୍ୟାପିବାର କାରଣ ହେଉଛି, ପାନୀୟ ଜଳର ଘୋର ଅଭାବ । ସରକାରୀ ନଳକୂପରୁ ପାଣି ବାହାରୁ ନଥିବାରୁ, ଲୋକମାନେ ବାଧ୍ୟ ହୋଇ ପୋଖରୀର ଜଳକୁ ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି । ପାଣିକୁ ସିଝାଇ ପିଇବା କିମ୍ବା ବିଶୁଦ୍ଧ କରି ପିଇବା ଭଳି ସଚେତନତା ଲୋକମାନଙ୍କର ମନରେ ଏବେ ସୁଦ୍ଧା ସୃଷ୍ଟି ହୋଇନାହିଁ । ଏହି ଅଞ୍ଚଳର ଅନ୍ୟାନ୍ୟ ଗ୍ରାମକୁ ରୋଗ ବ୍ୟାପିବାର ଆଶଙ୍କା କରାଯାଉଛି । ଏପରିକି ସେହି ଗ୍ରାମ (ମାଣପୁର)କୁ ବନ୍ଧୁବାନ୍ଧବ ଯିବା ଆସିବା ବନ୍ଦ କରିଦେଇଛନ୍ତି ।

ଏ ପର୍ଯ୍ୟନ୍ତ ରୋଗକୁ ନିୟନ୍ତ୍ରଣ କରିବା ପାଇଁ ପଞ୍ଚାୟତ ସ୍ତରରେ କିମ୍ବା ସରକାରୀ ସ୍ତରରେ କୌଣସି ପଦକ୍ଷେପ ନିଆଯାଇ ନାହିଁ । ତୁରନ୍ତ ସେବାକର୍ମୀ ବା ଡାକ୍ତର ପହଞ୍ଚି ରୋଗୀଙ୍କ ସେବାସହିତ ସଚେତନତା ସୃଷ୍ଟି ନ କରନ୍ତି, ତାହେଲେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ ।

**୨. ତୁମ ମହାବିଦ୍ୟାଳୟରେ ଅନୁଷ୍ଠିତ ବାର୍ଷିକ ବିବରଣୀର ଏକ ସଂମ୍ବାଦ ପ୍ରସ୍ତୁତ କର ।**

ଉ.: ସମ୍ପାଦକ

ପ୍ରମେୟ, ଜାଗମରା, ଭୁବନେଶ୍ୱର ।

ମହାଶୟ,

ଆମ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ପାଳନ କରାଯାଇଛି । ଏ ସମ୍ପର୍କରେ ନିମ୍ନ ସମ୍ବାଦଟିକୁ ପଠାଉଛୁ । ଦୟାପୂର୍ବକ ଆପଣଙ୍କ ଖବର କାଗଜରେ ଏହା ପ୍ରକାଶ କରିବେ ।

ଆପଣଙ୍କର ବିଶ୍ୱସ୍ତ

ଛାତ୍ରୀ ସଂସଦର ସମ୍ପାଦକ

ପଞ୍ଚାୟତ ମହିଳା ମହାବିଦ୍ୟାଳୟ, ପଙ୍କପାଳ

**ପଞ୍ଚାୟତ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ।**

ଏରସମା ବ୍ଲକ୍ ଅଧୀନରେ ଏକ ଉଲ୍ଲେଖଯୋଗ୍ୟ ଶିକ୍ଷାନୁଷ୍ଠାନ, ପଞ୍ଚାୟତ ମହିଳା ମହାବିଦ୍ୟାଳୟ, ପଙ୍କପାଳ । ଆଜି ତା ୧୨.୧୧.୧୭, ରବିବାର ଆମ ମହାବିଦ୍ୟାଳୟରେ ଛାତ୍ରୀ ସଂସଦର ସଭାପତି, ଯୋଗମାୟା ସାମନ୍ତରାୟଙ୍କ ପ୍ରଚେଷ୍ଟାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ, ଏହି ଅଞ୍ଚଳର ବିଧାୟକ ଧରଣୀଧର ରାଉତ । ସମ୍ମାନିତ ଅତିଥି ରୂପେ ସାଂସଦ ପ୍ରଶାନ୍ତ ପାଟଶାଣୀ ଓ ମୁଖ୍ୟବକ୍ତା ରୂପେ ପ୍ରାଧ୍ୟାପକ ପ୍ରଦୀପ୍ତ ସାହୁ ଯୋଗ ଦେଇଥିଲେ । ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେବାକୁ ଯୋଗ ଦେଇଥିଲେ ବକ୍ତା ଡି.ଏଲ୍.ସି ସୁଦୀପ୍ତ ପଣ୍ଡା ।

ବାର୍ଷିକ ଉତ୍ସବରେ ସଭାପତିତ୍ୱ କରିଥିଲେ ଅଧ୍ୟକ୍ଷା ଡଃ ସବିତା ସେନାପତି । ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ନିମନ୍ତ୍ରିତ ଅତିଥିମାନଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରାଯାଇଥିଲା । ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା । ଛାତ୍ରୀ ସଂସଦର ସଭାପତି ଯାଜ୍ଞସେନୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଅଧ୍ୟାପକ ରୀନା ମିଶ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ବକ୍ତାମାନେ ସମାଜଗଠନରେ ନାରୀଶକ୍ତିର ଭୂମିକା ଓ ନାରୀଶିକ୍ଷା ଉପରେ ଗୁରୁତ୍ୱ ଦେଇ ଭାଷଣ ଦେଇଥିଲେ ।

ସଭାର ଅନ୍ତିମ ପର୍ଯ୍ୟାୟରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଉକ୍ତ ବାର୍ଷିକ ଉତ୍ସବରେ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀମାନେ ସହଯୋଗ କରି ବାର୍ଷିକ ଉତ୍ସବକୁ ସରସ ସୁନ୍ଦର କରିଥିଲେ ।

**୩. ଦୁର୍ନୀତିଖୋର ସରପଞ୍ଚଙ୍କ ଯୋଗୁ ପଞ୍ଚାୟତର ବିକାଶମୂଳକ କାର୍ଯ୍ୟ ଆଗେଇ ପାରୁ ନଥିବାରୁ ଏକ ସମ୍ବାଦ ଲେଖ ।**

ଉ.: ସମ୍ପାଦକ

ପ୍ରଗତିବାଦୀ, ମଞ୍ଚେଶ୍ୱର, ଶିଳ୍ପାଞ୍ଚଳ, ଭୁବନେଶ୍ୱର ।

ମହାଶୟ,

ଏ ସମ୍ବାଦଟି ଆପଣଙ୍କ ଖବର କାଗଜରେ ପ୍ରକାଶନ ଲାଗି ପ୍ରେରଣ କରୁଛୁ । ଏହାକୁ ଆପଣଙ୍କ ଖବର କାଗଜରେ ସ୍ଥାନିତ କରିବାକୁ ଅନୁରୋଧ ।

ସୁଶାନ୍ତ ସାହୁ

ହରିହରପୁର

## ସରପଞ୍ଚଙ୍କ ଦୁର୍ନୀତି ଓ ଶୋଷଣ

ହରିହରପୁର ପଞ୍ଚାୟତ ତିର୍ତ୍ତୋଲ ବ୍ଲକ୍ ଅଧୀନରେ ଏକ ବଡ଼ ପଞ୍ଚାୟତ । ଏହି ପଞ୍ଚାୟତର ସରପଞ୍ଚ ନାଥ ସାହୁଙ୍କର ଦୁର୍ନୀତି ଦିନକୁ ଦିନ ବଢ଼ି ବଢ଼ି ଚାଲିଛି । ଲୋକସେବା ନାଁରେ ସରପଞ୍ଚ ଯେକୌଣସି କାମ ପାଇଁ ଟଙ୍କା ଦାବି କରୁଛନ୍ତି ।

ହରିହରପୁର ପଞ୍ଚାୟତ ଅଧୀନରେ ପାଞ୍ଚଟି ଗ୍ରାମ ରହିଛି । ଏହାର ଲୋକ ସଂଖ୍ୟା ପ୍ରାୟ ଆଠ ହଜାରରୁ ଅଧିକ ହେବ । ଏହି ପଞ୍ଚାୟତରେ ପୂର୍ବରୁ ସରକାରୀ ସ୍ତରରେ ଗ୍ରାମୀଣ ବିକାଶ ଯୋଜନା ସଫଳଭାବେ କାର୍ଯ୍ୟ କରୁଥିଲା । ସରକାରୀ ଯୋଜନାକୁ ଲୋକମାନେ ବୁଝି, ସେଥିରୁ ଫାଇଦା ପାଉଥିଲେ । ମାତ୍ର ନାଥ ସାହୁ ସରପଞ୍ଚ ହେଲାପରେ ଦଳୀୟ ମନୋବୃତ୍ତି ନେଇ ସାଧାରଣ ଲୋକଙ୍କୁ ବହୁ ଭାବରେ ଶୋଷଣ କରୁଛନ୍ତି । ଏ ସମ୍ପର୍କରେ ଉପରିସ୍ଥ କର୍ମଚାରୀଙ୍କ ପାଖରେ ଅଭିଯୋଗ କଲେ ମଧ୍ୟ କୌଣସି ଫଳ ମିଳୁନାହିଁ । ଗରିବ ଲୋକମାନଙ୍କୁ ଇନ୍ଦିରା ଆବାସ ଯୋଗାଇ ଦେବା ନାଁରେ ସେମାନଙ୍କ ଠାରୁ ପାଞ୍ଚ ହଜାରରୁ ସାତହଜାର ଟଙ୍କା ନିଆଯାଉଛି । ଯେଉଁମାନେ ପ୍ରକୃତରେ ଇନ୍ଦିରା ଆବାସ ପାଇବା କଥା, ମାତ୍ର ସରପଞ୍ଚଙ୍କୁ ଟଙ୍କା ଦେଇପାରୁ ନାହାନ୍ତି, ସେମାନଙ୍କୁ ସରକାରୀ ସୁବିଧାରୁ ବଞ୍ଚିତ କରାଯାଉଛି । ସେହିପରି ଯେଉଁମାନେ ବିଧବାଭତ୍ତା, ବାର୍ଦ୍ଧକ୍ୟ ଭତ୍ତା ପାଇବା କଥା, ସେମାନଙ୍କ ନାମ ସରପଞ୍ଚ ସୁପାରିଶ କରୁ ନାହାନ୍ତି । କେବଳ ଯେଉଁମାନେ ସରପଞ୍ଚଙ୍କୁ ଟଙ୍କା ଦେଉଛନ୍ତି, ସେହିମାନଙ୍କୁ ଭତ୍ତା ଦିଆଯାଉଥିବାର ପ୍ରମାଣ ରହିଛି । ସାହି ସାହିରେ ଗଣ୍ଡଗୋଳ ହେଲେ, ଭାଇ ଭାଇରେ କଳି ହେଲେ ସରପଞ୍ଚ ଉଭୟ ପଟରୁ ପଇସା ନେଇ, ବେଶ୍ ଫାଇଦା ଉଠାଉଛନ୍ତି । ଗ୍ରାମ୍ୟ ସଡ଼କ ଯୋଜନାରେ ସେ ନିଜର ରକ୍ତ ସମ୍ପର୍କୀୟଙ୍କୁ କାମ କରିବାର ଦାୟିତ୍ୱ ଦେଇ, ନିମ୍ନମାନର କାମର କାରଣ ହୋଇଛନ୍ତି । ଏହି ସରପଞ୍ଚ ଯଦି ଆମ ପଞ୍ଚାୟତରେ ଦୀର୍ଘଦିନ ରହନ୍ତି, ତାହେଲେ, ଲୋକମାନେ ସରକାରୀ ଯୋଜନାରୁ ସୁଫଳ ପାଇବେ ନାହିଁ ।

୪. ଜାଗର ଉପଲକ୍ଷେ ଗାଁରେ ଅନୁଷ୍ଠିତ ସାତରାତି ବାଦୀପାଲା ବିଷୟରେ ସମ୍ବାଦଟିଏ ଲେଖ । ।

ଉ.: ସମ୍ପାଦକ,

ସମୟ, ମଞ୍ଚେଶ୍ୱର, ଶିଳ୍ପାଞ୍ଚଳ, ଭୁବନେଶ୍ୱର ।

ମହାଶୟ,

ଆମେ ଏ ସମ୍ବାଦଟି ଆପଣଙ୍କ ଖବର କାଗଜରେ ପ୍ରକାଶନ ନିମନ୍ତେ ପଠାଉଛୁ । ଏହାକୁ ଆପଣଙ୍କ ଖବର କାଗଜରେ ସ୍ଥାନିତ କରିବାକୁ ଅନୁରୋଧ ।

ଯଦୁମଣି ପ୍ରଧାନ

ବଳରାମପୁର

## ବଳରାମପୁରରେ ବାଦିପାଲାର ପ୍ରସ୍ତୁତି

ଜଗତସିଂହପୁର ଜିଲ୍ଲା, [illegible] ବ୍ଲକ୍‌ର ବଳରାମପୁର ଏକ ସଂସ୍କୃତି ସମ୍ପନ୍ନ ଗ୍ରାମ । ଏହି ଗ୍ରାମରେ ବିଭିନ୍ନ ସମୟରେ ପାରମ୍ପରିକ ରୀତିରେ ପୂଜା, ପାର୍ବଣ, ମେଳି ମହୋତ୍ସବ ହୋଇଥାଏ । ଚଳିତ ସପ୍ତାହ ପର୍ଯ୍ୟନ୍ତ ଦୀର୍ଘ ସାତଦିନ ଧରି ସୁନାମଧନ୍ୟ ପାଲାଗାୟକଙ୍କ ଦ୍ୱାରା ବାଦୀପାଲା ପରିବେଷଣ କରାଯାଇ, ପାଲା ସଂସ୍କୃତିର ମର୍ଯ୍ୟାଦା ରକ୍ଷା କରାଯାଇଛି ।

ବଳରାମପୁରର ଜଙ୍ଗିଁତା ମଠରେ ଦୀର୍ଘଦିନ ହେଲା, ଜାଗର ଯାତ୍ରା ହୋଇଆସୁଛି । ଏହି ଯାତ୍ରାରେ ଦୂରଦୂରାନ୍ତରରୁ ଭକ୍ତମାନେ ଆସି ଶିବଦର୍ଶନ କରିବା ସହିତ, ଗୀତା ପାଠକରିଥାନ୍ତି । ପ୍ରତିବର୍ଷ ଜାଗର କମିଟି ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥାଏ । ଚଳିତ ବର୍ଷ ସାତଦିନ ଧରି ଏକ ବାଦୀପାଲାର ଆୟୋଜନ କରାଯାଇଛି । ସେହି ପାଲାରେ ସାରାଓଡ଼ିଶାରୁ ବହୁ ନାମୀ କଳାକାର ଉପସ୍ଥିତ ରହି କଳାକୃତି ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଥମଦିନରୁ ଶେଷଦିନ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ, ଏ ଅଞ୍ଚଳର ନେତା, ଶିକ୍ଷାବିତ୍, ସମାଜସେବୀଙ୍କୁ ନେଇ ସଭାର ଆୟୋଜନର ଯୋଜନା ରହିଛି । ପାଲା ପରିବେଷଣ ପାଇଁ କେନ୍ଦ୍ରାପଡ଼ାର ନିରଞ୍ଜନ କର, ଜଗତ୍‌ସିଂହପୁରର ଜଗନ୍ନାଥ ବେହେରା, ଗଞ୍ଜାମର ମନୋରଞ୍ଜନ ପାତ୍ର, ବାଲେଶ୍ୱରର ସଂଗ୍ରାମ ତ୍ରିପାଠୀ, ଭଦ୍ରକର ବଜ୍ରବନ୍ଧୁ ପ୍ରଧାନ, କଟକର ମାଧବ ସାହୁ ପ୍ରମୁଖ ସଦୟ ସ୍ୱୀକୃତି ଦେଇଛନ୍ତି । ବାଦୀପାଲାର ମହତ୍ତ୍ୱ ଅନୁଯାୟୀ ସେମାନଙ୍କ ମଧ୍ୟରେ ଯେଉଁ ପ୍ରଶ୍ନୋତ୍ତର ରହିବ, ତାହା ଦର୍ଶକମାନଙ୍କର ମନୋରଞ୍ଜନ କରିବ । ଜାଗରମେଳାରେ ବିଭିନ୍ନ ପ୍ରକାର ଉଠା ଦୋକାନୀ ବ୍ୟବସାୟ କରିବାର ବ୍ୟବସ୍ଥା ରହିଛି । ଏହି କାର୍ଯ୍ୟକ୍ରମକୁ ଜାଗର ମେଳା କମିଟିର ସଭାପତି ରାଘବ ପରିଡ଼ା, ସମ୍ପାଦକ ରଘୁନାଥ ଦାସ ଏବଂ ଅନ୍ୟାନ୍ୟ ସଭ୍ୟମାନେ ପରିଚାଳନା କରିବେ ।

**୫. ସ୍ଥାନୀୟ ଅଞ୍ଚଳରେ ଘଟିଥିବା ଯୌତୁକ ଜନିତ ଅପରାଧକୁ ନେଇ କୌଣସି ଖବର କାଗଜକୁ ସମ୍ବାଦଟିଏ ଲେଖ ।**

ଉ.: ସମ୍ପାଦକ

ଧରିତ୍ରୀ, ବି-୨୬, ରସୁଲଗଡ଼, ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦

ମହାଶୟ,

ଏ ସମ୍ବାଦଟି ଆପଣଙ୍କ ଖବର କାଗଜରେ ପ୍ରକାଶନ ଲାଗି ପ୍ରେରଣ କରୁଛୁ । ଏହାକୁ ଆପଣଙ୍କ ଖବର କାଗଜରେ ସ୍ଥାନିତ କରିବାକୁ ଅନୁରୋଧ ।

ଜଗବନ୍ଧୁ ଦାସ

ସନ୍ତରା

## ନବବଧୂ ନିର୍ଯାତନା ଅଭିଯୋଗରେ ଶାଶୂ ଗିରଫ

ଜଗତସିଂହପୁର, କୁଜଙ୍ଗ ଥାନା ଅନ୍ତର୍ଗତ ସନ୍ତରା ଗ୍ରାମରେ ନବବଧୂକୁ ନିର୍ଯାତନା ଓ ମାରିବାକୁ ଯୋଜନା କରିଥିବା ଅଭିଯୋଗରେ ଶାଶୂ ଗିରଫ ହୋଇଛନ୍ତି । ଏହି ଘଟଣା ଘଟିବା ପରେ ସ୍ୱାମୀ, ଶ୍ୱଶୁର ଓ ନଣନ୍ଦ ଫେରାର ଅଛନ୍ତି ।

ପ୍ରକାଶ ଯେ, ମଙ୍ଗରାଜପୁର ପଞ୍ଚାୟତର ପାରେଶ୍ୱରପୁର ଗ୍ରାମର ବାସୁଦେବ ମଲ୍ଲିକଙ୍କ କନ୍ୟା ଚଞ୍ଚଳା (ବୟସ ୨୪ ବର୍ଷ)ଙ୍କର ସନ୍ତରା ନିବାସୀ ନରହରି ଦାସଙ୍କ ପୁଅ ଗୌରହରିଙ୍କୁ ୨୦୧୭ ନଭେମ୍ବର ୩୦ ତାରିଖରେ ପ୍ରେମବିବାହ ହୋଇଥିଲା । ପ୍ରଥମେ ବରପକ୍ଷ ରାଜି ନହେଲେ ମଧ୍ୟ ପରବର୍ତ୍ତୀ ସମୟରେ ଗ୍ରାମବାସୀଙ୍କ ଆପୋଷ ସମାଧାନରେ ବିବାହ କାର୍ଯ୍ୟ ସରିଥିଲା । ବିବାହ ସମୟରେ ବରପକ୍ଷଙ୍କ ଦାବିମୁତାବକ କନ୍ୟାଘର ପକ୍ଷରୁ ୫୦ ହଜାର ଟଙ୍କା ଓ ବରପାଇଁ ସୁନାଚେନ୍ ଓ ମୁଦି ଦିଆଯାଇଥିଲା । ବିବାହର ମାସଟିଏ ଯିବା ପରେ ଚଞ୍ଚଳାକୁ ତା'ର ସ୍ୱାମୀ ଗୌରହରି, ଶାଶୂ କେତକୀ, ଶ୍ୱଶୁର ନରହରି, ନଣନ୍ଦ ଭଗବତୀ ଅଧିକ ଯୌତୁକ ଆଣିବାକୁ ବାଧ୍ୟ କରୁଥିଲେ । ବାପଘରକୁ ଖବର ପଠାଇ ଆଉ ଯୌତୁକ ଟଙ୍କା ଆଣିବାକୁ ଚାପ ପ୍ରୟୋଗ କରୁଥିଲେ । ଏପରିକି ସବୁବେଳେ ମାନସିକ ଓ ଶାରୀରିକ ନିର୍ଯାତନା ମଧ୍ୟ ଦେଇ ଆସୁଥିଲେ । ଯୌତୁକ ନ ପାଇବାରୁ ଚଞ୍ଚଳାର ଶାଶୂ ଓ ନଣନ୍ଦ ମଙ୍ଗଳବାରଦିନ (ଜାନୁଆରୀ ୨୭ ତାରିଖ, ୨୦୧୭) କିରୋସିନି ଢାଳି ମାରିଦେବାର ବ୍ୟବସ୍ଥା କରିଥିଲେ । ଦୈବ ଯୋଗକୁ ପାଟିତୁଣ୍ଡ ଶୁଣି ପଡ଼ୋଶୀ ଘରର ପଦ୍ମାବତୀ ମଲ୍ଲିକ ଆସି ପହଞ୍ଚିଯିବାରୁ, ଶାଶୂ ଓ ନଣନ୍ଦ ଏଥିରେ ସଫଳ ହୋଇପାରି ନଥିଲେ । ଏହି ସୁଯୋଗରେ ଚଞ୍ଚଳା ଘରୁ ବାହାରିଯାଇ ପଡ଼ୋଶୀ ଘରେ ପହଞ୍ଚି, ମୋବାଇଲ ଯୋଗେ ତା'ର ଭାଇ ଜଗଦୀଶଙ୍କୁ ଫୋନ୍ କରିଥିଲା । ସେତେବେଳକୁ ତା' ଦେହସାରା କିରୋସିନି ହୋଇଯାଇଥିଲା । ଭଉଣୀ ଚଞ୍ଚଳାକୁ ନେଇ ଭାଇ ଜଗଦୀଶ କୁଜଙ୍ଗ ଥାନାରେ ଏତଲା ଦେଇଥିଲା । ଘଟଣାରେ ପୋଲିସ ଶାଶୂଙ୍କୁ ଗିରଫ କରି, ଥାନାକୁ ଆଣି ପଚରା ଉଚରା କଲେବି, ସ୍ୱାମୀ, ଶ୍ୱଶୁର ଓ ନଣନ୍ଦ ଫେରାର ହୋଇଯାଇଛନ୍ତି । ଏଭଳି ବଧୂ ନିର୍ଯାତନାକାରୀଙ୍କୁ କଠୋର ଦଣ୍ଡ ମିଳିବାକୁ ଜନସାଧାରଣଙ୍କ ଠାରୁ ମତାମତ ପ୍ରକାଶ ପାଇଛି ।

୬. ଖରାଦିନେ ବାରମ୍ବାର ବିଜୁଳି କାଟିବା ଉପରେ ଏକ ସମ୍ବାଦ ଲେଖ ।

ଉ.: ସମ୍ପାଦକ

ପ୍ରଗତିବାଦୀ, ମଞ୍ଚେଶ୍ୱର, ଶିଳ୍ପାଞ୍ଚଳ, ଭୁବନେଶ୍ୱର ।

ମହାଶୟ,

ଏ ସମ୍ବାଦଟି ଆପଣଙ୍କ ଖବର କାଗଜରେ ପ୍ରକାଶନ ନିମନ୍ତେ ପଠାଉଛୁ । ଏହାକୁ ଆପଣଙ୍କ ଖବର କାଗଜରେ ସ୍ଥାନିତ କରିବାକୁ ଅନୁରୋଧ ।

ପ୍ରତାପ କୁମାର ମହାପାତ୍ର

ପାରାଦ୍ୱୀପ ଗଡ଼

**ଅ ୍ାଷିତ ବିଜୁଳି କାଟ ନେଇ ଗ୍ରାହକଙ୍କ ଅସନ୍ତୋଷ**

'ବର୍ତ୍ତମାନ ସମୟରେ ବିଜୁଳି ବା ଇଲେକ୍ଟ୍ରିକ୍‌ର ଆବଶ୍ୟକତା ଓ ଉପାଦେୟତା ଏତେ ପରିମାଣରେ ବଢ଼ିଯାଇଛି ଯେ, ତାହାକୁ ବୁଝାଇ କହିବାକୁ ହେବ ନାହିଁ । କାରଣ ନିତିଦିନ ବଞ୍ଚିବା ଓ ସରଳ ଜୀବନ ଧାରଣ କରିବାର ଅନ୍ୟତମ କାରଣ ହେଉଛି ବିଜୁଳି ବ୍ୟବସ୍ଥା । ଆମର ତିର୍ତ୍ତୋଲ ବ୍ଲକ୍ ଅଧୀନରେ ରହିଥିବା ଜଗନ୍ନାଥପୁର ପଞ୍ଚାୟତ ଓ ଏହାର ଆଖପାଖ ଗ୍ରାମଗୁଡ଼ିକ ତିର୍ତ୍ତୋଲ ବିଜୁଳି ଯୋଗାଣ ସଂସ୍ଥା ଅଧୀନରେ ରହିଅଛି । ଦୀର୍ଘ ଦୁଇ ସପ୍ତାହ ହେଲାଣି ଆମର ଏହି ଅଞ୍ଚଳରେ ଅଘୋଷିତ ବିଜୁଳି ସରବରାହ ବନ୍ଦ ରହିବାକୁ ନେଇ ଜନଅସନ୍ତୋଷ ଦେଖାଦେଇଛି । କାରଣ ଖରାଦିନେ ବିଜୁଳି ଅଭାବରୁ ଘରେ ରହିହେଉ ନାହିଁ । ବାହାରର ଖରା ସାଙ୍ଗକୁ ଘର ଭିତରେ ଗରମ ସମସ୍ତଙ୍କୁ

ଅଣନିଃଶ୍ୱାସୀ କରିପକାଉଛି । ଯେପରି ୧୦ ମିନିଟ୍ ବିଜୁଳି ଆସିଲା ବେଳକୁ ୨୦ ମିନିଟ୍ ଚାଲି ଯାଉଛି । କେତେବେଳେ ଆସୁଛି, କେତେବେଳେ ଯାଉଛି, ତାହାର କିଛି ଠିକ୍ ଠିକଣା ରହୁ ନାହିଁ । ଘର ଭିତରେ ବିଜୁଳି ପଙ୍ଖା ଅଭାବରୁ ଅସହ୍ୟ ଗରମ ହେତୁ ବୃଦ୍ଧ, ରୋଗୀ, ଶିଶୁ ନ ଶୋଇ, ଅନ୍ୟମାନଙ୍କ ଅଶାନ୍ତିର କାରଣ ହେଉଛନ୍ତି । ସେହିପରି ପିଲାମାନେ ପରୀକ୍ଷା ପାଇଁ ଠିକ୍ ରୂପେ ପାଠ ପଢ଼ି ପାରୁ ନାହାନ୍ତି ।

ବିଜୁଳି ଯୋଗାଣ ସଂସ୍ଥାକୁ ବାରମ୍ବାର ଯାଇ, ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନାହାନ୍ତି । ଏପରି କାହିଁକି ହେଉଛି, ସେ ସମ୍ପର୍କରେ କେହି ଜାଣୁନାହାନ୍ତି । ସରକାରୀ ସ୍ତରରେ ବେଶ୍ ପ୍ରସାର ପ୍ରଚାର ହେଉଛି, ସବୁ ଗାଁକୁ ବିଜୁଳି ସେବା ଯୋଗାଇଦିଆଯିବ, କିନ୍ତୁ ଯେଉଁ ଗାଁକୁ ବିଜୁଳି ଯାଇଛି, ସେ ଗାଁକୁ ଠିକ୍ ରୂପେ ବିଜୁଳି ସେବା ଦିଆଯାଇପାରୁନାହିଁ । ଏହା ଲାଗିରହିଲେ ଜନସାଧାରଣ ବିଜୁଳି ସେବା ଅଫିସ୍‌କୁ ଘେରାଉ କରିବେ ବୋଲି ପ୍ରସ୍ତୁତ ହେଉଛନ୍ତି ।

**୬. ସ୍ଥାନୀୟ ବଜାର ଛକରେ ମଦ୍ୟପମାନଙ୍କ ଦୌରାତ୍ମ୍ୟ ବିଷୟରେ ସମ୍ବାଦ ଲେଖ ।**

ଉ.: ସମ୍ପାଦକ,

ଧରିତ୍ରୀ, ବି-୨୬, ରସୁଲଗଡ଼, ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦

ମହାଶୟ,

ଏ ସମ୍ବାଦଟି ଆପଣଙ୍କ ଖବର କାଗଜରେ ପ୍ରକାଶନ ଲାଗି ପ୍ରେରଣ କରୁଛୁ । ଏହାକୁ ଆପଣଙ୍କ ଖବର କାଗଜରେ ସ୍ଥାନିତ କରିବାକୁ ଅନୁରୋଧ ।

ଦୋଳଗୋବିନ୍ଦ ନାୟକ
ତରାଦେଇପୁର

**ମଙ୍ଗଳା ଛକ ପାଲଟିଛି ମଧୁଶାଳା**

ଖୋର୍ଦ୍ଧା ଜିଲ୍ଲାର, ନୂଆଗାଁକୁ ଯିବା ବାଟରେ ପଡ଼େ ମଙ୍ଗଳାଛକ । ସେହି ଛକରେ ଗୋଟିଏ ଚା'ଦୋକାନ ଓ ପାନ ଦୋକାନ ରହିଛି । ଛକ ବାଟ ଦେଇ, ପ୍ରାଣପୁର, ରଥିପୁର, ଗୋବିନ୍ଦପୁରକୁ ଯିବାର ରାସ୍ତା ପଡ଼ିଛି । ଗାଁର ସବୁଲୋକ ଏହି ଛକ ବାଟ ଦେଇ ଯିବା ଆସିବା କରୁଥିବାରୁ ସେଠାରେ ଗୋଟିଏ ବିଶ୍ରାମସ୍ଥଳୀ ରହିଛି । ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଗାଁ ଲୋକମାନେ ସେହି ବାଟ ଦେଇ ଯିବା ଆସିବା କରନ୍ତି । ପାନ ଦୋକାନ ଓ ଚା'ଦୋକାନରେ ଖୋଲାଖୋଲି ଭାବେ ମଦ ବିକ୍ରି ଚାଲିଛି । ବିଶ୍ରାମସ୍ଥଳୀରେ ଅନେକ ଗଞ୍ଜେଇଆ ସନ୍ଧ୍ୟା ହେଲେ ଗଞ୍ଜେଇ ଟାଣୁଛନ୍ତି । ଗାଁର ବିପଥଗାମୀ ଯୁବକମାନେ ଛକକୁ ଆସି ମଦ୍ୟପାନ କରୁଛନ୍ତି । ମଦ୍ୟପଙ୍କ ସଂଖ୍ୟା ଏତେ ବଢ଼ିଯାଇଛି ଯେ, ସେହି ବାଟ ଦେଇ ସାଧାରଣ ଲୋକେ ଯିବା ଆସିବା କରିବାକୁ ନିରାପଦ ମନେକରୁ ନାହାନ୍ତି । ସନ୍ଧ୍ୟା ହେଲେ କଲେଜରୁ ଫେରୁଥିବା ଝିଅମାନେ ଅନେକ ସମୟରେ ଭୟଭୀତ ହେଉଛନ୍ତି । ମଦ୍ୟପମାନେ ଝିଅମାନଙ୍କୁ ଅଶ୍ଳୀଳ ଇଙ୍ଗିତ କରିବାକୁ ପଛାଉ ନାହାନ୍ତି । ଏଇ ଛକ ସମ୍ବନ୍ଧରେ ଥାନାରେ ଖବର ଦିଆଗଲେ ମଧ୍ୟ, କୌଣସି ପ୍ରକାର ପଦକ୍ଷେପ ନିଆଯାଉ ନାହିଁ । ଫଳରେ ସେହି ସ୍ଥାନଟି ଯେପରି ମଦ୍ୟପଙ୍କ ମଧୁଶାଳା ପାଲଟିଯାଇଛି । ଏହି ମଦ୍ୟପଙ୍କ ଦ୍ୱାରା ଅନେକ ସମୟରେ ଚୋରି, ଡକାୟତି କାର୍ଯ୍ୟ ସାଧାରଣ ଗ୍ରାମବାସୀଙ୍କୁ ବଡ଼ ଅସୁବିଧାରେ ପକାଉଛି । ସେମାନଙ୍କୁ ଡରି କେହି ସିଧାସିଧି ପ୍ରତିବାଦ କରୁନାହାନ୍ତି । ଯଦି ଏହି ସ୍ଥାନ ପ୍ରତି ପ୍ରଶାସନ ବିହିତ ପଦକ୍ଷେପ ନନିଏ, ତାହେଲେ ସେଠାରେ ଆଇନଶୃଙ୍ଖଳା ଜନିତ ପରିସ୍ଥିତି ସୃଷ୍ଟି ହେବ ।

# ପଞ୍ଚମ ଏକକ

# ମୋ ସ୍ୱପ୍ନର ଓଡ଼ିଶା

ମୁଁ ସ୍ୱପ୍ନ ଦେଖିଛି, ପୂର୍ଣ୍ଣାଙ୍ଗ ଉନ୍ନତିର ଶୀର୍ଷ ସୋପାନରେ ଓଡ଼ିଶା ପହଞ୍ଚି ପାରିବ । ଫଳରେ ଓଡ଼ିଶା ହେବ ସର୍ବଭାରତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପ୍ରଦେଶ । ଯାହା ସମସ୍ତଙ୍କ ପାଇଁ ହୋଇପାରିବ ଉଦାହରଣ । ମୋ ପୂର୍ବରୁ ଓଡ଼ିଶାର ଉନ୍ନତିପାଇଁ ଅନେକ ଯୋଗଜନ୍ମା ଯୁଗପୁରୁଷ ଯେ ସ୍ୱପ୍ନ ଦେଖି ନାହାନ୍ତି, ସେପରି ନୁହେଁ, ମାତ୍ର ସେମାନଙ୍କ ବାର୍ତ୍ତାର ପରିପ୍ରଚାର ଓ ପରିପ୍ରସାରକୁ ପରିବେଶ ଓ ପରିସ୍ଥିତି ବ୍ୟାହତ କରିଛି । ଫଳସ୍ୱରୂପ ସେମାନେ ଓଡ଼ିଶାକୁ ପୂର୍ଣ୍ଣଭାବରେ ଅଗ୍ରଗତି କରାଇପାରି ନାହାନ୍ତି । ତେଣୁ ଓଡ଼ିଶାରେ ଦେଖିବାକୁ ମିଳିଛି, ନଗଡ଼ାର ଶିଶୁ ଅପପୁଷ୍ଟି କିମ୍ବା ଦାନମାଝି ଭଳି ଅବ୍ୟବସ୍ଥିତ ବ୍ୟବସ୍ଥା, ବିଦେଶୀ ମାଟିରେ ଓଡ଼ିଆ ପୁଅର ଦାଦନ ଦୁଃଖ, ଶିଶୁ ଶ୍ରମିକର କରୁଣାତ୍ମକ ପରିସ୍ଥିତି କିମ୍ବା ନାରୀ ନିର୍ଯାତନାର ଲୋମହର୍ଷଣକାରୀ ଖବର । ସେହିସବୁ ଖବରକୁ ନେଇ ସୁବିଧାବାଦୀ ରାଜନୀତିକ ଗୋଷ୍ଠୀ, ଗୋଷ୍ଠୀଗତ ଫାଇଦା ଉଠାଇବା ପାଇଁ ଚେଷ୍ଟା କରୁଛନ୍ତି ସିନା, କୌଣସି ସମୟରେ ସମସ୍ୟାର ସମାଧାନ କରୁନାହାନ୍ତି ।

ମୋ ଜନ୍ମଭୂମି ଓଡ଼ିଶା ବନଭୂମିରେ ଚିରସୁନ୍ଦର । ସେ କାଶମୟୀ ଓ ହାସମୟୀ । ତାହାର ଚରଣକୁ ସଦାସର୍ବଦା ମହୋଦଧି ଧୌତ କରୁଛି । ତାଳ ନାରିକେଳ ଶୋଭିତ, ଚମ୍ପାକ ପଦ୍ମ ବିଭୂଷିତ, ମନ୍ଦିରମାଳିନୀ ଭାବରେ ସେ ପରିଚିତ । ଆଧ୍ୟାତ୍ମିକ ଦୃଷ୍ଟିରୁ ଓଡ଼ିଶାର ଜଗତର ନାଥ ଜଗନ୍ନାଥଙ୍କ ଦ୍ୱାରା ସେ ପରିଚିତ । ଏହାର ମାନବିକ ସମ୍ବଳଠାରୁ ଆରମ୍ଭକରି ପ୍ରାକୃତିକ ସମ୍ବଳ ପର୍ଯ୍ୟନ୍ତ, ସବୁକିଛି ପର୍ଯ୍ୟାପ୍ତ ଥିଲେ ବି, ଏହାର ସୁବିନିଯୋଗ ଓ ଦୂରଦୃଷ୍ଟିର ଅଭାବ ପାଇଁ, କବି ଓଡ଼ିଶା ପାଇଁ ଗାଇଛି, 'କି ଥିଲା ଏ ରାଜ୍ୟ, କି ହୋଇଛି ଆଜ' । ମୋ ମନରେ ଓଡ଼ିଶା ପାଇଁ ରହିଛି, ଅନେକ ପ୍ରାଚୁର୍ଯ୍ୟ ଓ ସୁଖର ସ୍ୱପ୍ନ । ସେହି ସ୍ୱପ୍ନକୁ ମୁଁ ସାକାର କରିବି ଓ କରାଇବାର ମାନସିକତା ନେବି ବୋଲି ସଂକଳ୍ପ କରିଛି ।

ଜାତିର ପିତା ମହାତ୍ମା ଗାନ୍ଧୀ ସର୍ବଭାରତୀୟ ସ୍ତରରେ ରାମରାଜ୍ୟର ସ୍ୱପ୍ନ ଦେଖିଥିଲେ । ସେହି ସ୍ୱପ୍ନ ସ୍ୱପ୍ନରେ ରହିଗଲେ ବି, ମୁଁ ତାହାକୁ ସାକାର କରିବାର ପ୍ରଚେଷ୍ଟା କରିବି । ବର୍ତ୍ତମାନର ଶାସନ ବ୍ୟବସ୍ଥାର ଓ ଅବକ୍ଷୟୀ ରାଜନୀତିର ପରିବର୍ତ୍ତନ ଆଣିବା ମୋହର ପ୍ରଥମ ସ୍ୱପ୍ନ । ସରକାରୀ ସ୍ତରରେ ଯେଉଁସବୁ ଯୋଜନା ହେଉଛି, ତାହା କାର୍ଯ୍ୟକାରୀ ନହେବାର ମୂଳକାରଣ ହେଉଛି, ଅଶିକ୍ଷା । ତେଣୁ ସମସ୍ତେ କିପରି ପ୍ରକୃତ ଶିକ୍ଷିତ ହୋଇପାରିବେ ସେଥିପାଇଁ ପ୍ରଚେଷ୍ଟା କରିବି । ସମାଜବାଦୀ ଅନୁଚିନ୍ତା ନେଇ ସମସ୍ତେ କିପରି ବଞ୍ଚିବାର ଓ ବଢ଼ିବାର ସର୍ବନିମ୍ନ ଆବଶ୍ୟକତା ପାଇପାରିବେ, ସେ ସମ୍ପର୍କରେ ମୁଁ ଚିନ୍ତା କରିବି । ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ଓ ସବୁବେଳେ ସବୁସ୍ତରରେ ସଚେତନ କରିବି । ବାହ୍ୟିକ ସ୍ୱଚ୍ଛତା ଅପେକ୍ଷା ସବୁବେଳେ ମାନସିକ ସ୍ୱଚ୍ଛତା ପାଇଁ ସମସ୍ତଙ୍କୁ ପ୍ରେରଣାଦେଲେ, ଓଡ଼ିଶା ତୁଳନାତ୍ମକ ଭାବେ ଆଗେଇଯିବ ।

ନାରୀଶିକ୍ଷା ଓ ନାରୀସମାଜ ପ୍ରତି ମର୍ଯ୍ୟାଦା, ମାନବସମ୍ବଳ ଓ ପ୍ରାକୃତିକ ସମ୍ବଳର ସୁବିନିଯୋଗ, ରାଜନୀତି କ୍ଷେତ୍ରରେ ଶାସନର ମୂଲ୍ୟବୋଧ ଆଦି ମୋ ମନରେ ରହିଥିବା ସ୍ୱପ୍ନ, ଓଡ଼ିଶାକୁ ଅଗ୍ରଣୀ ପ୍ରଦେଶରେ ପରିଚିତ କରାଇବ, ଏଥିରେ ସନ୍ଦେହ ନାହିଁ ।

## ଶିଷ୍ଟାଚାର

ନିୟମାନୁମୋଦିତ ମଧୁର ବ୍ୟବହାରକୁ ଅମେ ଶିଷ୍ଟ ବ୍ୟବହାର ବା ଶିଷ୍ଟାଚାର କରିଥାଉ । ସମାଜରେ ଶିଷ୍ଟ ଲୋକ ଅଛନ୍ତି, ଦୁଷ୍ଟ ଲୋକ ମଧ ଅଛନ୍ତି । ଶିଷ୍ଟଲୋକ ଜନତାର ପ୍ରିୟ ହେଉଥିଲା ବେଳେ, ଦୁଷ୍ଟ ଲୋକଙ୍କ ବ୍ୟବହାରରେ, ଅନ୍ୟମାନେ ଅତିଷ୍ଠ ହୋଇପଡ଼ନ୍ତି । ଦୁଷ୍ଟଲୋକ ସ୍ୱଳ୍ପ ସମୟ ପାଇଁ ନିଜର ବାହୁବଳ, ଅର୍ଥବଳ ଓ ଜନବଳରେ ନିଜର

ପ୍ରଭାବ ବିସ୍ତାର କଲେ ବି ଶିଷ୍ଟଲୋକର ବଳ ସର୍ବକାଳୀନ ହୋଇଥାଏ । ସୁତରାଂ ଯେଉଁ ବ୍ୟବହାର, କଥାବାର୍ତ୍ତା, ଆଚରଣ ଅନ୍ୟର ମନରେ ଆଘାତ ଦିଏ ନାହିଁ, ତଥା ବ୍ୟବହାରକାରୀଙ୍କ ସ୍ୱାଭିମାନକୁ ଉଚ୍ଚସ୍ତରରେ ରଖେ, ସେଭଳି ବ୍ୟବହାର ବା ଚଳଣିକୁ ଶିଷ୍ଟାଚାର କହିବା । ସାଧାରଣତଃ ଯେଉଁମାନେ ପ୍ରକୃତ ଶିକ୍ଷିତ, ଶିକ୍ଷାର ମର୍ଯ୍ୟାଦା ପ୍ରତି ସେମାନେ ସଦା ସଚେତନ ରହିଥାନ୍ତି । ସେମାନେ ମାର୍ଜିତ, ସୁଶୀଳ ବ୍ୟବହାର କରନ୍ତି । ଭଦ୍ରତା ଓ ନମ୍ରତା ହେଉଛି ଶିଷ୍ଟାଚାରର ମୁଖ୍ୟ ଗୁଣ ।

ଆମେ ସମାଜରେ ଭଲ ଭାବରେ ରହିବାକୁ ହେଲେ ଓ ଅନ୍ୟମାନଙ୍କ ମାନ ଅଭିମାନକୁ ମର୍ଯ୍ୟାଦା ଦେବାକୁ ହେଲେ ଶିଷ୍ଟାଚାରର ଆବଶ୍ୟକତା ରହିଛି । କାରଣ ଶିଷ୍ଟବ୍ୟବହାର ଦେଖାଇଲେ ଆମକୁ ନିଶ୍ଚୟ ମର୍ଯ୍ୟାଦା ମିଳିବ, ଏଥିରେ ସନ୍ଦେହ ନାହିଁ । ଅପରପକ୍ଷରେ ଅଶିଷ୍ଟ ବ୍ୟବହାର ସମାଜରେ ବିଭିନ୍ନ ପ୍ରକାର ବିଶୃଙ୍ଖଳା ସୃଷ୍ଟି କରିଥାଏ । ଏହି ଅଶିଷ୍ଟ ବ୍ୟବହାର ପାଇଁ ହାତାହାତି ହେବାର ସମ୍ଭାବନା ରହିଥାଏ । ସେଥିପାଇଁ କୁହାଯାଏ, ତୁମେ ଯେପରି ବ୍ୟବହାର କାହାରିଠାରୁ ଆଶା କର ନାହିଁ, ସେପରି ବ୍ୟବହାର କାହାକୁ ଦେଖାଅ ନାହିଁ ।

ସମାଜର ପ୍ରତ୍ୟେକ ସ୍ତରରେ ଓ ସ୍ଥାନରେ ଶିଷ୍ଟାଚାରର ସ୍ୱତନ୍ତ୍ର ମର୍ଯ୍ୟାଦା ରହିଛି । ଘରେ, ସ୍କୁଲରେ, କଲେଜରେ, ହାଟରେ, ବଜାରରେ, ଗାଡ଼ିମଟରରେ ଶିଷ୍ଟାଚାର ହେତୁ, ସମସ୍ତେ ନିଜ ନିଜର କର୍ମ ସମ୍ପାଦନ କରୁଛନ୍ତି । କାହା ପ୍ରତି କିପରି ବ୍ୟବହାର କରାଯିବା କଥା, ତାହା ସମସ୍ତେ ଜାଣିବା ଉଚିତ । ଶିଷ୍ଟାନୁମୋଦିତ ବ୍ୟବହାର ହିଁ ଏ ସମାଜକୁ ସୁସ୍ଥ ଭାବରେ ରଖିଛି । ଅଶିଷ୍ଟ ବ୍ୟବହାର ସମାଜରେ ସବୁପ୍ରକାର ଦୁଃଖ ଅଶାନ୍ତିର କାରଣ ବୋଲି ସମସ୍ତେ ଜାଣିବା ଉଚିତ ।

ନିଜର ପରିବାର ଓ ଘରର ସଦସ୍ୟଙ୍କ ଠାରୁ ପ୍ରଥମେ ଶିଷ୍ଟ ବ୍ୟବହାର ଶିକ୍ଷା କରାଯାଇଥାଏ, ଯାହାକୁ କେତେକ ପାରିବାରିକ ସଂସ୍କାର କହିଥାନ୍ତି । ପରବର୍ତ୍ତୀ ସମୟରେ ପିଲାଟି ସ୍କୁଲ୍ ଓ କଲେଜରୁ ଶିଷ୍ଟ ବ୍ୟବହାର ଶିକ୍ଷା କରିଥାଏ । ସ୍କୁଲ ଓ କଲେଜରେ ଶିକ୍ଷକ ଶିକ୍ଷିକା ପିଲାଙ୍କୁ ଶିଷ୍ଟାଚାର ସମ୍ବନ୍ଧରେ ଶିକ୍ଷା ଦେଇଥାନ୍ତି । ଅନୁଚ୍ଚ ସ୍ୱରରେ କଥାକହିବା, କମ୍ କଥାରେ ଅନ୍ୟକୁ ବୁଝାଇବା, ଅନ୍ୟର କଥାକୁ ମର୍ଯ୍ୟାଦାର ସହିତ ଶୁଣିବା, ଅନ୍ୟମାନଙ୍କୁ ଶ୍ରଦ୍ଧା ଓ ସମ୍ମାନର ସହିତ ଗ୍ରହଣ କରିବା, ରୁଚିପୂର୍ଣ୍ଣ ଭାଷା ବ୍ୟବହାର ଇତ୍ୟାଦି ଶିଷ୍ଟାଚାରର ଗୋଟିଏ ଗୋଟିଏ ଦୃଷ୍ଟାନ୍ତ ।

ଶିଷ୍ଟ ବ୍ୟବହାର ପାଇଁ ପଇସା ପଡ଼େନାହିଁ, ମାତ୍ର ଏହା ଜୀବନରେ ଅନେକ ପଇସା ପ୍ରାପ୍ତିର ଶାନ୍ତି ଆଣିଦିଏ । ଅଶିଷ୍ଟ ବ୍ୟବହାରକାରୀ ସମାଜରେ ନିନ୍ଦିତ ହେଉଥିଲା ବେଳେ, ଶିଷ୍ଟ ଲୋକ ସମସ୍ତଙ୍କ ଠାରୁ ମର୍ଯ୍ୟାଦା ପାଇଥାଏ ।

## ନାଗରିକର ଅଧିକାର ଓ କର୍ତ୍ତବ୍ୟ

ଅଧିକାର ଓ କର୍ତ୍ତବ୍ୟ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି । ଅଧିକାର ଥିଲେ କର୍ତ୍ତବ୍ୟ ଅଛି ଏବଂ କର୍ତ୍ତବ୍ୟ ଥିଲେ ଅଧିକାର ଭୋଗ କରିପାରିବ । ନାଗରିକ ଶବ୍ଦ ନଗର ଶବ୍ଦରୁ ଉତ୍ପନ୍ନ ହୋଇଛି । ଏହାର ଅର୍ଥ ନଗରରୁ ଜନ୍ମ ନେଇଥିବା, ନଗର ସମ୍ପର୍କିତ ଓ ନଗରରେ ବାସ କରୁଥିବା ବ୍ୟକ୍ତିକୁ ବୁଝାଏ । ପୂର୍ବରୁ ଗ୍ରୀସ୍‌ରେ ଅନେକ ନଗର ରାଜ୍ୟ ଥିଲା । ସେହି ନଗର ରାଜ୍ୟର ଲୋକମାନଙ୍କୁ ନାଗରିକ କୁହାଯାଉଥିଲା । ପରବର୍ତ୍ତୀ ସମୟରେ ନାଗରିକ ଶବ୍ଦର ଅର୍ଥ ପରିବ୍ୟାପ୍ତ ହେଲା । ଯେଉଁମାନେ ରାଜ୍ୟରେ ବସବାସ କଲେ ସେମାନଙ୍କୁ ନାଗରିକ ବୋଲି କୁହାଗଲା ।

ନାଗରିକମାନେ ହେଉଛନ୍ତି ଦେଶର ମାନବିକ ସମ୍ବଳ । ସେମାନେ ସୁସ୍ଥ, ଶିକ୍ଷିତ, ସଚେତନ ଓ ସ୍ୱଚ୍ଛଳ ହେଲେ ଦେଶର ଅଗ୍ରଗତି ହୋଇଥାଏ । ସୁତରାଂ ନାଗରିକମାନଙ୍କ ପାଇଁ ଶିକ୍ଷାବ୍ୟବସ୍ଥା, ରକ୍ଷଣାବେକ୍ଷଣ ବ୍ୟବସ୍ଥା, ସେମାନଙ୍କର

ଉନ୍ନତି କଥା ଚିନ୍ତା କରିବା ଦେଶର ପ୍ରଧାନ କର୍ତ୍ତବ୍ୟ । ସେହିପରି ଦେଶକୁ ପରିଚାଳିତ କରୁଥିବା ସରକାରୀ କଳ କାଳେ ମନମୁଖୀ ଶାସନ ବ୍ୟବସ୍ଥାରେ ପରିଚାଳିତ କରିବ, ସେଥିପାଇଁ ନାଗରିକମାନେ ସେମାନଙ୍କର ବିରୁଦ୍ଧାଚରଣ କରିଥାନ୍ତି ।

ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର । ଏଥିରେ ବସବାସ କରୁଥିବା ବ୍ୟକ୍ତି ନିଜ ଇଚ୍ଛାନୁସାରେ ଧର୍ମଗ୍ରହଣ କରିଥାନ୍ତି । କାରଣ ଏହାର ସମ୍ବିଧାନ ଖୁବ୍ ଉଦାର । ଧର୍ମ ଅନୁଯାୟୀ ଏହାର ଲୋକମାନେ କଥା କହିବା, ନିଜକୁ ପରିପ୍ରକାଶ ଆଦି ବିଷୟରେ ପୂର୍ଣ୍ଣ ସ୍ୱାଧୀନତା ଲାଭ କରିଥାନ୍ତି । ନାଗରିକମାନଙ୍କର ସୁରକ୍ଷା, ସମୃଦ୍ଧି ଓ ପ୍ରଗତି ପାଇଁ ଦେଶ ନାନା ପ୍ରକାର ବିଧି ବ୍ୟବସ୍ଥା ଖଞ୍ଜି ଦେଇଛି । ଧନଜୀବନ ପାଇଁ ପୁଲିସ ବ୍ୟବସ୍ଥା, ସ୍ୱାସ୍ଥ୍ୟ ପାଇଁ ଡାକ୍ତରଖାନା ଓ ଚିକିତ୍ସା ବ୍ୟବସ୍ଥା, ଶିକ୍ଷା ପାଇଁ ବିଦ୍ୟାଳୟ ଓ ମହା ବିଦ୍ୟାଳୟ ବ୍ୟବସ୍ଥା ଆଦିକର୍ମ କରିବା ପାଇଁ ଦେଶ ସୁବିଧା ସୁଯୋଗ ଦେଇଛି । ଯେହେତୁ ଦେଶ ହେଉଛି ନାଗରିକର, ସେଥିପାଇଁ ନାଗରିକ ପାଇଁ ଦେଶ ଅନେକ ସୁବିଧା ସୁଯୋଗର ବ୍ୟବସ୍ଥା କରିଛି ।

ଦେଶ ଯେପରି ନାଗରିକଙ୍କୁ ଯଥେଷ୍ଟ ସୁବିଧା ସୁଯୋଗ ଦେଇଛି, ପ୍ରତିବଦଳରେ ନାଗରିକର ମଧ୍ୟ ଅନୁରୂପ କର୍ତ୍ତବ୍ୟ ରହିଛି । ନାଗରିକମାନେ ସମ୍ବିଧାନକୁ ମାନିବା, ଆଇନ୍‌କାନୁନ୍ ପ୍ରତି ସମ୍ମାନବୋଧ କରିବା ପାଇଁ ଚେଷ୍ଟା କରିବା ଉଚିତ । ନାଗରିକର ମନରେ ରହିଥିବା ସଂକୀର୍ଣ୍ଣତା, ସ୍ୱାର୍ଥପରତା, ଧାର୍ମିକ ମତାନ୍ଧତା, ସାମ୍ପ୍ରଦାୟିକତା, ପ୍ରାଦେଶିକତାର ଭାବକୁ ମନରୁ ଦୂରେଇ ଦେଇ ଉଦାରଭାବ ଦେଖାଇଥାନ୍ତି ।

ଦେଶର ସମ୍ପତ୍ତି ହେଉଛି ନାଗରିକର ସମ୍ପତ୍ତି । ସୁତରାଂ ସମସ୍ତେ ଦେଶ ସମ୍ପତ୍ତିର ସୁରକ୍ଷା କରିବା ଉଚିତ । ସେହିପରି ରେଳରାସ୍ତା, ବସ୍, କୋଠା, ଯାନବାହାନ ଆଦିକୁ କୌଣସି ସମୟରେ ନଷ୍ଟ କରିବା ଉଚିତ ନୁହେଁ । ଯଦି ନାଗରିକ ଦେଶର ଉନ୍ନତି ପାଇଁ ନିଜକୁ ପୂର୍ଣ୍ଣ ପ୍ରାଣରେ ଉତ୍ସର୍ଗ କରିଦିଏ, ତାହା ହେବ ଦେଶ ପାଇଁ ନାଗରିକର ଯଥାର୍ଥ କର୍ତ୍ତବ୍ୟ ।

## ଶିଶୁ ଅଧିକାର

ଜନ୍ମ ପରଠାରୁ ପ୍ରାୟ ଚଉଦ ବର୍ଷ ପର୍ଯ୍ୟନ୍ତ ସମୟକୁ ଶିଶୁ ସମୟ ବା ଶିଶୁ ବୟସ ବୋଲି କୁହାଯାଇଥାଏ । ଭାରତର ସମ୍ବିଧାନ ଓ ଆଇନ ବ୍ୟବସ୍ଥା ଅନୁଯାୟୀ ଶିଶୁମାନେ ହେଉଛନ୍ତି ଦେଶର ଅମୂଲ୍ୟ ସମ୍ପଦ । ସେହି ଶିଶୁମାନଙ୍କୁ ନେଇ ଦେଶ ନିଜର ସୁଖସ୍ୱପ୍ନ ଓ କ୍ରମୋନ୍ନତିକୁ ଆକଳନ କରିପାରେ । ଭାରତ ବ୍ୟତୀତ ଅନ୍ୟ କେତେକ ଦେଶରେ ଶିଶୁମାନଙ୍କୁ ଦେଶର ମୂଲ୍ୟବାନ ସମ୍ପତ୍ତି ବୋଲି ବିବେଚନା କରାଯାଇଥାଏ । ଏପରିକି ପିତାମାତାଙ୍କ ଅପେକ୍ଷା ଦେଶ ଶିଶୁମାନଙ୍କର ଅନେକ ଯତ୍ନ ନିଏ ଏବଂ ସେମାନେ କିପରି ନିଜର ରୁଚି ଓ ଆଗ୍ରହ ମୁତାବକ ନିଜକୁ ବଢ଼ କରିବେ, ସେଥିପାଇଁ ସବୁପ୍ରକାର ଯୋଜନା ପ୍ରସ୍ତୁତ କରେ ।

ସୃଷ୍ଟିର ସବୁପ୍ରାଣୀମାନଙ୍କ ମଧ୍ୟରେ ମଣିଷ ହେଉଛି ସବୁଠାରୁ ଅସହାୟ ପ୍ରାଣୀ । କାରଣ ଜନ୍ମ ସମୟରେ ବିନା ସହାୟତାରେ ବଞ୍ଚିପାରେ ନାହିଁ କିମ୍ବା ବଢ଼ିପାରେ ନାହିଁ । ଜୀବନସାରା ସେ ନିଜର ସୁଖସୁବିଧା ପାଇଁ ଅନ୍ୟ ଉପରେ ନିର୍ଭର କରିଥାଏ । ପୁନଶ୍ଚ ଶିଶୁସମୟରେ ମଣିଷ ଅଧିକ ଅସହାୟ ଓ ନିର୍ଭରଶୀଳ ହୋଇଥାଏ । ସେ ନିଜର ବଢ଼ିବା ପାଇଁ ପରିବାର, ପରିସର ଓ ସମାଜ ଉପରେ ନିର୍ଭର କରିଥାଏ । ଶିଶୁର ସୁରକ୍ଷା ପାଇଁ କେତେକ ନିୟମ ବା ଅଧିକାର ରହିଛି । ଶିଶୁ ଅଧିକାରକୁ ସାଧାରଣତଃ ଚାରିଭାଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଉଛି – ଜୀବନ ଧାରଣର

ଅଧିକାର, ସଂରକ୍ଷଣର ଅଧିକାର, ସହଭାଗିତାର ଅଧିକାର ଓ ବିକାଶର ଅଧିକାର ।

ଜୀବଧାରଣ ଅଧିକାର ହେଉଛି ଶିଶୁ ପାଇଁ ପ୍ରଥମ ଅଧିକାର । ଶିଶୁଟି କିପରି ସମୟ ଓ ବୟସ ଅନୁସାରେ ଉପଯୁକ୍ତ ଖାଦ୍ୟ ପାଇପାରିବ, ସେଥିପାଇଁ ବ୍ୟବସ୍ଥା କରାଯାଇଛି । କାରଣ ଏହି ସମୟରେ ଶିଶୁଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ଥାଏ । ପ୍ରତିରୋଧକ ଶକ୍ତି ପାଇଁ ଉପଯୁକ୍ତ ଖାଦ୍ୟର ଆବଶ୍ୟକତା ରହିଛି । ଝିଅ ହେଉ ବା ପୁଅ ହେଉ ସମସ୍ତଙ୍କର ସେବାଯତ୍ନ ପାଇବାର ସମାନ ଅଧିକାର ରହିଛି । କେବଳ ଖାଦ୍ୟ ନୁହେଁ, ସ୍ୱାସ୍ଥ୍ୟକର ଘରେ ରହିବା ଓ ଉପଯୁକ୍ତ ପୋଷାକ ପିନ୍ଧିବାର ଅଧିକାର ମଧ୍ୟ ଶିଶୁର ରହିଛି । ସଂରକ୍ଷଣର ଅଧିକାରରେ ଶିଶୁମାନେ କିପରି ସୁରକ୍ଷିତ ରହିବେ, ସେଥିପାଇଁ ଗଠନମୂଳକ ବ୍ୟବସ୍ଥା ରହିଛି । ସେଥିପାଇଁ ଶିଶୁମାନେ ଯେପରି କୌଣସି ପ୍ରକାର ଶୋଷଣର ଶିକାର ନହୁଅନ୍ତି, ସମସ୍ତେ ସଚେତନ ରହିବା ଉଚିତ । ଅନେକ ସମୟରେ ଶିଶୁମାନଙ୍କର ପ୍ରତିରୋଧ କରିବାର ଶକ୍ତିନଥିବାରୁ, ସେମାନଙ୍କୁ ନେଇ ଅନେକବ୍ୟକ୍ତି, ବିପଦପୂର୍ଣ୍ଣ କାମରେ ଲଗାଇବା, ଘରେ ବୋଲକରା ହିସାବରେ ନିଯୁକ୍ତି କରାଇବା, ଭିକ୍ଷାବୃତ୍ତି କରାବା ବା ବେପାର କରାଇବା, କିମ୍ବା ବିବାହ ଭଳି ଘୃଣ୍ୟ କର୍ମ କରାଇଥାନ୍ତି । ଏହାଦ୍ୱାରା ଶିଶୁମାନଙ୍କର ଜୀବନ ନଷ୍ଟ ହୋଇ ଯାଇଥାଏ । ସହଭାଗିତାର ଅଧିକାରରେ ଶିଶୁମାନେ କିପରି ପରିବାର ଠାରୁ ଆରମ୍ଭ କରି ସମାଜର ବିଭିନ୍ନ କ୍ଷେତ୍ରରେ ନିଜର ସ୍ଥିତିକୁ ପରିପ୍ରକାଶ କରାଇପାରିବେ । ବିକାଶର ଅଧିକାରରେ ଶିଶୁ ନିଜ ଜୀବନର ପରିପ୍ରକାଶ ପାଇଁ, ଗୁଣବତ୍ତାଯୁକ୍ତ ଶିକ୍ଷା, ମନୋରଞ୍ଜନଧର୍ମୀ ଓ ଭୟରହିତ ଶିକ୍ଷାପାଇବା ଉଚିତ ।

ମୋଟ ଉପରେ ଶିଶୁକୁ ଉପଯୁକ୍ତ ଅଧିକାର ଦିଆଗଲେ ଦେଶ ଅଗ୍ରସର ହୋଇପାରିବ ।

# ପତ୍ର ଲିଖନ

## ବ୍ୟକ୍ତିଗତ / ଘରୋଇ ପତ୍ର

୧. ତୁମ ଜନ୍ମଦିନ ଉତ୍ସବରେ ଯୋଗଦାନ ନିମନ୍ତେ ପ୍ରିୟବନ୍ଧୁଙ୍କ ନିକଟକୁ ଏକ ପତ୍ର ଲେଖ ।

ପାରାଦ୍ୱୀପ

୩୧, ଡିସେମ୍ବର, ୨୦୧୭

ପ୍ରିୟବନ୍ଧୁ ସୋନାଲି,

ମୋର ସ୍ନେହ ନେବୁ । ମଉସା, ମାଉସୀଙ୍କୁ ମୋର ପ୍ରଣାମ, ବଡ଼ ଭାଇଙ୍କୁ ନମସ୍କାର । ମିତାଲି, ପାପାଲି ଓ ଟିନୁକୁ ମୋର ସ୍ନେହ ଜଣାଇବୁ । କିଛିଦିନ ହେଲା ଆମ ଭିତରେ ଚିଠିର ସମ୍ପର୍କ ରହିନଥିବାରୁ, ମୁଁ ଅନେକ ସମୟରେ ତୁମ କଥା ଭାବୁଥିଲି । ତୁମେ ନିଶ୍ଚୟ ଟିଉସନ୍, କ୍ଲାସ୍ ଓ ଘରେ ମାଉସୀଙ୍କୁ ସାହାଯ୍ୟ କରିବାରୁ ଚିଠି ଲେଖି ପାରୁନଥିବ ବୋଲି, ମୁଁ ଭାବୁଛି । ତଥାପି ସେହି ସବୁ କାମ ଭିତରେ ମୋ ପାଖକୁ ଚିଠିଦେବୁ ବୋଲି ମୁଁ ତୁମକୁ ଅନୁରୋଧ କରୁଛି ।

ସୋନାଲି ଜାଣି ଖୁସି ହେବ ଯେ, ଆସନ୍ତା ଜାନୁଆରୀ ୧୬ ତାରିଖ, ୨୦୧୮ରେ ମୋର ଜନ୍ମଦିନ ପାଳନ କରିବାର ଯୋଜନା ରହିଛି । ମୋତେ ୧୬ ବର୍ଷ ବୟସ ହୋଇଥିବାରୁ, ବାପାଙ୍କ ପ୍ରସ୍ତାବ ମୁତାବକ ଏଥର ଆମର ପାରମ୍ପରିକ ପଦ୍ଧତିରେ ଜନ୍ମଦିନ ପାଳନ କରାଯିବ ବୋଲି ବ୍ୟବସ୍ଥା ହେଉଛି । ଏହି ଅବସରରେ ଆମର ସମସ୍ତ ଦୂର ଓ ନିକଟବନ୍ଧୁ ତଥା ଆତ୍ମୀୟସ୍ୱଜନମାନଙ୍କୁ ନିମନ୍ତ୍ରଣ କରାଯାଇଛି । ମୋର ଏହି ପତ୍ରଟି ତୁମପାଇଁ, ମୋ ତରଫରୁ ଏକ

ସ୍ୱତନ୍ତ୍ର ନିମନ୍ତ୍ରଣ ବୋଲି ଚିନ୍ତାକରି, ତୁମେ ଜନ୍ମଦିନର ପୂର୍ବଦିନଠୁ ନିଶ୍ଚୟ ପହଞ୍ଚିବ ବୋଲି ଆଶା କରୁଛି । କାରଣ ତୁମ ଉପସ୍ଥିତି ମୋ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ଜନ୍ମଦିନ ପାଳନ ଅବସରରେ, ବାପାଙ୍କ ଯୋଜନା ମୁତାବକ ସେଦିନ ସନ୍ଧ୍ୟାରେ ସତ୍ୟନାରାୟଣ ପାଲା ଏବଂ ଗାୟକ ଶେଖର ଦୀନବନ୍ଧୁ ବେହେରାଙ୍କ ଦ୍ୱାରା ପାଲା ପରିବେଷଣ କରାଯିବ । ପାଲା ପୂର୍ବରୁ ଛୋଟ ପିଲାମାନଙ୍କ ପାଇଁ 'ମ୍ୟାଜିକ୍ ସୋ'ର ମଧ୍ୟ ବ୍ୟବସ୍ଥା ରହିଛି । ଆମ ସାଇପଡ଼ୋଶୀ ଓ ବନ୍ଧୁମାନଙ୍କ ପାଇଁ ଏକ ଭୋଜିର ମଧ୍ୟ ଆୟୋଜନ କରାଯାଉଛି । ଆମ ଜେଜେଙ୍କ କଥାନୁସାରେ ପାଶ୍ଚାତ୍ୟ ଶୈଳୀକୁ ସମ୍ପୂର୍ଣ୍ଣ ପରିହାର କରି ଆମ ନିଜସ୍ୱ ସଂସ୍କୃତି ଅନୁସାରେ ଏହି ଉତ୍ସବଟିକୁ ବେଶ୍ ଆଡ଼ମ୍ବର ସହିତ ପାଳନ କରାଯିବ । ମଉସା, ମାଉସୀ ଓ ସାନଭଉଣୀଙ୍କୁ ସାଙ୍ଗରେ ଧରି ପୂର୍ବଦିନ, ଅର୍ଥାତ୍ ୩୦ ତାରିଖରେ ପହଞ୍ଚିଲେ, ଆମେ ସାରଳା ମନ୍ଦିର ଯିବାପାଇଁ ବ୍ୟବସ୍ଥା କରିବା । ରହିବା ପାଇଁ କୌଣସି ପ୍ରକାର ଅସୁବିଧା ହେବନାହିଁ । ଅବଶ୍ୟ +୨, ବିଜ୍ଞାନ ପରୀକ୍ଷା ପାଇଁ ଆମର ସମୟ ନଷ୍ଟ କରିବା ଉଚିତ ନୁହେଁ, ତଥାପି ଏହି ଦୁଇଟି ଦିନ ଆମେ ସାଙ୍ଗ ହୋଇ ରହିଲେ, ପରୀକ୍ଷା ସମ୍ପର୍କରେ କିଛିଟା ଆଲୋଚନା ମଧ୍ୟ କରିପାରିବା ।

ମୁଁ ଏଠାରେ ସପରିବାରେ ଭଲରେ ଅଛି । ମା' ସାରଳାଙ୍କ ଦୟାରୁ ତୁମେ ସେଠାରେ ଭଲରେ ଥିବ ବୋଲି ମୋର ବିଶ୍ୱାସ । ପରିସ୍ଥିତି ଓ ମଉସାଙ୍କ ପରାମର୍ଶ ଅନୁସାରେ ତୁମେ ଯୋଜନା କରିବ । ଚିଠି ପାଇ ଚିଠି ଦେବାକୁ ଭୁଲିବ ନାହିଁ ।

॥ ଇତି ॥

ତୁମର ବନ୍ଧୁ

ପଦ୍ମା

ଠିକଣା

| ପ୍ରେରକ | ପ୍ରାପକ | ଟିକଟ |
|---|---|---|
| ପଦ୍ମାଳୟା ମିଶ୍ର | ସୋନାଲି କର | |
| ମାର୍ଫତ - ମହେଶ୍ୱର ମିଶ୍ର | ମାର୍ଫତ୍ - ପ୍ରାଣବନ୍ଧୁ କର | |
| ସ୍ଥାନ - ବଡ଼ ପଡ଼ିଆ | ସା/ପୋ. - ସହିଦ ନଗର, ଭୁବନେଶ୍ୱର | |
| ପୋ-ପାରାଦ୍ୱୀପ | | |
| ଜିଲ୍ଲା - ଜଗତସିଂହପୁର | ଜିଲ୍ଲା - ଖୋର୍ଦ୍ଧା | |

(ii) ଆବେଦନ ପତ୍ର

୨. ତୁମ ଅଞ୍ଚଳରେ ମଶା ଉପଦ୍ରବକୁ କମାଇବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦରଖାସ୍ତ ଲେଖ ।

ଉ.: ମାନନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ପୁରୀ

ବିଷୟ : ବୀରହରେକୃଷ୍ଣପୁର ପଞ୍ଚାୟତରେ ମଶା ଉପଦ୍ରବର ପ୍ରତିକାର ସମ୍ବନ୍ଧରେ ।

ମହାଶୟ,

ସମ୍ମାନର ସହ ନମ୍ରଭାବରେ ଆମ୍ଭେ ବୀରହରେକୃଷ୍ଣପୁର ଗ୍ରାମର ନିମ୍ନ ସ୍ୱାକ୍ଷରକାରୀ ଆପଣଙ୍କ ଅବଗତି ନିମନ୍ତେ ଜଣାଉଅଛୁ ଯେ, ଆମ ଗ୍ରାମଟି ପୁରୀ ସହରର ନିକଟବର୍ତ୍ତୀ, ଗ୍ରାମ ଭାବରେ ଅବସ୍ଥିତ । ଆମ ଗ୍ରାମଟି ବଡ଼ ହୋଇଥିବାରୁ ଏହାର ଲୋକସଂଖ୍ୟା ପ୍ରାୟ ସାତ ହଜାରରୁ ଅଧିକ । ବର୍ଷା ଦିନ ହୋଇଥିବାରୁ ଆମ ଗ୍ରାମର ଚାରିପାଖ ବୁଦାଳିଆ ଗଛଲଟାରେ ପରିପୂର୍ଣ୍ଣ ହୋଇଛି । ଯାହାଫଳରେ ମଶା ବଂଶ ବଢ଼ିଯାଇଛି ଏବଂ ସାଧାରଣ ଭାବେ ଚଳିବା ପାଇଁ ନିହାତି ଅସୁବିଧା ହେଉଛି ।

ଆମ ଗ୍ରାମର ପ୍ରାୟ ଶତକଡ଼ା ୭୦ ଭାଗ ଲୋକ କୃଷିଜୀବୀ । କୃଷି କାର୍ଯ୍ୟରେ ସେମାନେ ନିଜର ସମସ୍ତ ସମୟ ବ୍ୟୟ କରୁଥିବାରୁ ନିଜର ପରିବେଶକୁ ପରିଷ୍କାର ସୁତୁରା ରଖିବା କିମ୍ବା ବାଡ଼ିଘର ସଫାକରିବାର ଅବସର ପାଉ ନାହାନ୍ତି । ଫଳରେ ଏଠାରେ ମଶାଙ୍କର ଉପଦ୍ରବ ଏତେ ବଢ଼ିଯାଇଛି ଯେ, ସନ୍ଧ୍ୟା ହେଲେ ଲୋକମାନେ ଟିକିଏ ଶାନ୍ତିରେ ବସିପାରୁ ନାହାନ୍ତି । ପିଲାମାନଙ୍କ ପାଇଁ ପାଠ ପଢ଼ାରେ ଏଭଳି ପରିସ୍ଥିତି ବ୍ୟାଘାତ ସୃଷ୍ଟି କରୁଛି । ମଶା କାମୁଡ଼ା ହେତୁ ମେଲେରିଆ, ବ୍ରେନ୍ ମେଲେରିଆ, ଡେଙ୍ଗୁ ଓ ଫାଇଲେରିଆ ରୋଗୀଙ୍କର ସଂଖ୍ୟା ବଢ଼ି ବଢ଼ି ଚାଲିଛି ।

ଏପରି ପରିସ୍ଥିତିରେ, ଆମ୍ଭେମାନେ ଆପଣଙ୍କ ସଦୟ ଦୃଷ୍ଟି ଆକର୍ଷଣ କରୁକି, ଆପଣ ଯଥାଶୀଘ୍ର ମଶାମରା ବ୍ୟବସ୍ଥା ସାଙ୍ଗକୁ, ଦୁଇଜଣ ବିଶେଷଜ୍ଞ ଡାକ୍ତରଙ୍କୁ ଆମ ଗ୍ରାମକୁ ନପଠାଇଲେ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିବ । ଯଦି ମଶା ନିବାରଣ ପାଇଁ ଧୂଆଁର ବ୍ୟବସ୍ଥା, ଗରିବ ଲୋକଙ୍କ ପାଇଁ ବ୍ୟବସ୍ଥା ନକରିବେ, ଅନେକ ଲୋକ ଉପରୋକ୍ତ ରୋଗରେ ପଡ଼ି ଜୀବନହାନୀ ଭଳି ପରିସ୍ଥିତିର ସମ୍ମୁଖୀନ ହେବେ । ପରିସ୍ଥିତିର ଗୁରୁତ୍ୱକୁ ଆପଣ ସହୃଦୟତାର ବିଚାର କରି, ଉଚିତ ପଦକ୍ଷେପ ନେବାକୁ ଆମେ ଆପଣଙ୍କୁ ନିବେଦନ କରି ରହିଲୁ ।

॥ ଇତି ॥

ଆପଣଙ୍କର ବିଶ୍ୱସ୍ତ

ବୀରହରେକୃଷ୍ଣପୁର ଗ୍ରାମବାସୀ ବୃନ୍ଦ

ପଙ୍କଜ ସାମଲ

ଯୋଗେନ୍ଦ୍ର ମିଶ୍ର

ରାମକୃଷ୍ଣ ନନ୍ଦ

ହରିନାଥ ପଟ୍ଟନାୟକ

ରଘୁନାଥ ମହାନ୍ତି

ବୀରହରେକୃଷ୍ଣପୁର

ତା ୧୭.୧୧.୧୭

ଠିକଣା

ପ୍ରେରକ
ବୀରହରେକୃଷ୍ଣପୁର ଗ୍ରାମବାସୀ ବୃନ୍ଦ
ପଙ୍କଜ ସାମଲ ଓ ଅନ୍ୟମାନେ
ସା/ପୋ : ବୀରହରେକୃଷ୍ଣପୁର
ଜିଲ୍ଲା : ପୁରୀ

ପ୍ରାପକ
ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ପୁରୀ
ଜିଲ୍ଲା : ପୁରୀ

ଟିକଟ

(iii) ସମ୍ପାଦକଙ୍କୁ ପତ୍ର

୩. ମହାବିଦ୍ୟାଳୟ ସ୍ତରରେ ସକରାତ୍ମକ ଚିନ୍ତାଧାରାର ଶିକ୍ଷା ପ୍ରବର୍ତ୍ତନ ପାଇଁ ସମ୍ପାଦକଙ୍କୁ ପତ୍ର ।

ଉ.: ମାନନୀୟ ସମ୍ପାଦକ 'ସମ୍ବାଦ'

ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦

ମହାଶୟ,

ଆଜିକାଲି ଶିକ୍ଷା ବ୍ୟବସ୍ଥାରେ ଛାତ୍ରମାନଙ୍କର ପାଠ୍ୟଖସଡ଼ାରେ ବାସ୍ତବଜୀବନରେ ବଞ୍ଚିବା ଶୈଳୀକୁ ଯେପରି ପରିହାର କରାଯାଇଛି, ତାହା ଲକ୍ଷ୍ୟ କଲେ ଚିନ୍ତାଶୀଳ ବ୍ୟକ୍ତିମାନେ ନିଶ୍ଚୟ ମର୍ମାହତ ହେବେ । ଆଜିର ଛାତ୍ର ହେଉଛନ୍ତି, କାଲିର ନାଗରିକ । ସେମାନେ ହେଉଛନ୍ତି ଦେଶର ଭାଗ୍ୟ ଓ ଭବିଷ୍ୟତ । ସେମାନଙ୍କୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରୁ ଯଦି ସକରାତ୍ମକ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହେଲା ଭଳି ପାଠ୍ୟକ୍ରମ ରଖାନଯାଏ, ତାହେଲେ ସେମାନେ ବଞ୍ଚିବାର କଳାରୁ ନିଶ୍ଚୟ ବଞ୍ଚିତ ହେବେ ।

ଜୀବନର ସଂଜ୍ଞା ହେଉଛି ସମୟ ସଚେତନତା । ଜୀବନର ପରିଭାଷା ହେଉଛି କର୍ମ ପ୍ରବଣତା । ତେଣୁ ଜୀବନକୁ ଯଥାର୍ଥ ଭାବରେ ବୁଝାଇବା ପାଇଁ ଏବଂ ଅନ୍ତର୍ନିହିତ ବିଚାର ବୋଧକୁ ପରିପ୍ରକାଶ ପାଇଁ ମୂଲ୍ୟଭିତ୍ତିକ ଶିକ୍ଷାପ୍ରଦାନ କରାଯିବା ବିଧେୟ । ମନସ୍ତତ୍ତ୍ୱବିତ୍ କହିଛନ୍ତି, ଛାତ୍ରବୟସରୁ ହିଁ ସେମାନଙ୍କର ବ୍ୟକ୍ତିତ୍ୱକୁ ନିୟନ୍ତ୍ରଣ କରାଯାଇପାରେ । ପାଞ୍ଚବର୍ଷରୁ ଆରମ୍ଭ କରି ପନ୍ଦର ବର୍ଷ ପର୍ଯ୍ୟନ୍ତ ଛାତ୍ରକୁ ଯଦି ମୂଲ୍ୟବୋଧ ଭିତ୍ତିକ ଶିକ୍ଷାପ୍ରଦାନ କରାଯାଏ, ସେମାନେ କୌଣସି ସମୟରେ ଅସହାୟତା ବୋଧ କରିବେ ନାହିଁ । ସେମାନେ ମଣିଷ ଭଳି ମଣିଷ ହୋଇ ଦେଶର ଓ ଜାତିର ଉନ୍ନତିରେ ସହାୟକ ହୋଇପାରିବେ । ସକରାତ୍ମକ ଚିନ୍ତାଧାରା ଅଭାବରୁ ଆଜିର ଛାତ୍ର ନିଜକୁ ଏକୁଟିଆ ମନେ କରୁଛି । ଅନେକ ସମୟରେ ମୋବାଇଲ, ଲ୍ୟାପ୍‌ଟପ୍, କମ୍ପ୍ୟୁଟର ଆଦିରୁ ବିଭିନ୍ନ ପ୍ରକାର ଖେଳ ଖେଳୁଛି । କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ବା ମନ୍ଦ ଉଦ୍ଦେଶ୍ୟ ରଖିଥିବା ବ୍ୟକ୍ତିଙ୍କ ପାଇଁ ପିଲାମାନେ ପରିବାର ଠାରୁ ଦୂରେଇ ଯିବାକୁ ଚାହୁଁଛନ୍ତି । ଏପରିକି ନିଜର ମନକଥାକୁ ସାଙ୍ଗସାଥୀଙ୍କ ନିକଟରେ ପ୍ରକାଶ କରିବାକୁ ଚାହୁଁ ନାହାଁନ୍ତି । ଶେଷରେ ସେମାନେ 'ବ୍ଲୁହ୍ୱିଲ୍' ଭଳି ବିପଦପୂର୍ଣ୍ଣ ଜୀବନ ନାଶକାରୀ ଖେଳ ଖେଳୁଛନ୍ତି । ପୁନଶ୍ଚ ପାଠ ପଢ଼ାରେ ମନଦେଇ, ପରୀକ୍ଷାରେ ଶତପ୍ରତିଶତ ନମ୍ବର ରଖିବାକୁ ଚେଷ୍ଟା କରୁଛନ୍ତି । ବାସ୍ତବ ଜ୍ଞାନ ଅପେକ୍ଷା ପରୀକ୍ଷାଭିତ୍ତିକ ଜ୍ଞାନ ଉପରେ ସେମାନେ ଅଧିକ ଗୁରୁତ୍ୱ ଦେଉଛନ୍ତି । କୌଣସି କାରଣରୁ ସେଥିରେ ଅସଫଳ ହେଲେ କିମ୍ବା ପିତାମାତାଙ୍କ ଆଶା ପୂରଣ କରି ନପାରିଲେ, ସେମାନେ ଆତ୍ମହତ୍ୟା ମଧ୍ୟ କରୁଛନ୍ତି । ସୁତରାଂ ଛାତ୍ରଛାତ୍ରୀଙ୍କ ପାଠ୍ୟକ୍ରମରେ ଜୀବନର ସଂଗ୍ରାମ କରି ଉନ୍ନତିର ଶେଷ ସୋପାନରେ ପହଞ୍ଚିଥିବା ମହାପୁରୁଷ, ବୈଜ୍ଞାନିକ, ରାଷ୍ଟ୍ରନୀତିଜ୍ଞ, ସମାଜସେବୀ, କବି, କଳାକାରମାନଙ୍କର ଜୀବନୀକୁ ଆଦର୍ଶ ରୂପେ ଗ୍ରହଣ କରିବା ପାଇଁ ଶିକ୍ଷାରେ ପ୍ରୋତ୍ସାହନ ଦିଆଯିବା ଆବଶ୍ୟକ ।

ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଜୀବନର ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଚଳନ ପାଇଁ ଜନମତ ସୃଷ୍ଟି କରିବାର ପ୍ରେରଣା, ଆପଣଙ୍କ ଖବର କାଗଜ ସ୍ଥାନିତ ହେଲେ ଆମ୍ଭେ କୃତଜ୍ଞ ରହିବୁ ।

॥ ଇତି ॥

ଆପଣଙ୍କର ସୌଜନ୍ୟମୁଗ୍ଧ

ତା ୨୫.୧୦.୧୭

ରାଘବ ମହାପାତ୍ର

ଝାଞ୍ଜିରି ମଙ୍ଗଳା, କଟକ

ଠିକଣା

| | | |
|---|---|---|
| ପ୍ରେରକ | ପ୍ରାପକ | ଟିକଟ |
| ରାଘବ ମହାପାତ୍ର | ସମ୍ବାଦ | |
| ଝାଞ୍ଜିରି ମଙ୍ଗଳା, କଟକ | ରସୁଲଗଡ଼ ଶିକ୍ଷାଞ୍ଚଳ, ଭୁବନେଶ୍ୱର-୧୦ | |

(iv) ବାଣିଜ୍ୟ ଓ ବ୍ୟବସାୟିକ ପତ୍ର

ମ. କାର୍ଯ୍ୟାଳୟର କେତେକ ବ୍ୟବହାର୍ଯ୍ୟ ଦ୍ରବ୍ୟ ଯୋଗାଣ ପାଇଁ ବ୍ୟବସାୟ ପ୍ରତିଷ୍ଠାନକୁ ଅନୁରୋଧ ।

ଉ.: ପତ୍ରାଙ୍କ ନଂ ୨୨୯/୨୦୧୭ ଦିନାଙ୍କ ୧୯.୧୨.୧୬

ପ୍ରେରକ - ମହେଶ୍ୱର ପ୍ରଧାନ, ମୁଖ୍ୟ ଅଫିସ୍ ଅଧିକାରୀ,
ପାରାଦ୍ୱୀପ ମହାବିଦ୍ୟାଳୟ, ପାରାଦ୍ୱୀପ, ଜଗତସିଂହପୁର ।

ପ୍ରାପ୍ତେଷୁ - ପରିଚାଳକ, ମହାକାଳୀ ସମବାୟ ଭଣ୍ଡାର, ପାରାଦ୍ୱୀପ ।

ବିଷୟ - ମହାବିଦ୍ୟାଳୟର କାର୍ଯ୍ୟାଳୟ ପରିଚାଳନା ନିମନ୍ତେ ବିବିଧ ଉପକରଣ ଯୋଗାଣ ସମ୍ବନ୍ଧରେ ।

ମହାଶୟ,

ଆପଣ ଜାଣି ଖୁସି ହେବେ ଯେ, ଆମ ପାରାଦ୍ୱୀପ ମହାବିଦ୍ୟାଳୟର ପରିଚାଳନା ସମିତି ତାଙ୍କର ଅଧିବେଶନ ନଂ ୯୯, ୯.୧୨.୧୬ ତାରିଖରେ ଆଗାମୀ ୨୦୧୭ (ଜାନୁଆରୀର ୨୦୧୭ ଡିସେମ୍ବର ପର୍ଯ୍ୟନ୍ତ) ବର୍ଷ ନିମନ୍ତେ, ସର୍ବମୋଟ୍ ୨୨,୦୦୦/- (ବାଇଶି ହଜାର) ଟଙ୍କାର ଏକ ଆର୍ଥିକ ଅଟକଳ ବିଭିନ୍ନ କାର୍ଯ୍ୟାଳୟ ସାମଗ୍ରୀ କ୍ରୟ ନିମନ୍ତେ ଅନୁମୋଦନ କରିଛନ୍ତି । ଏହି ଅନୁମୋଦନ ଅନୁସାରେ, ଆମେ ନିମ୍ନଲିଖିତ କାର୍ଯ୍ୟାଳୟ ସାମଗ୍ରୀ ଆପଣଙ୍କ ସମବାୟ ଭଣ୍ଡାରରୁ କ୍ରୟ କରିବାକୁ ଚାହୁଁଅଛୁ ।

ଏହି ପରିପ୍ରେକ୍ଷୀରେ ଆପଣଙ୍କ ସମବାୟ ଭଣ୍ଡାରରେ ଗଚ୍ଛିତ ଥିବା ସାମଗ୍ରୀଗୁଡ଼ିକର ନମୁନା ଓ ବିକ୍ରୟ ଦର ସମ୍ପର୍କରେ ଏକ ଅଗ୍ରୀମ ଚିଠା ପ୍ରଦାନ କରିବା ହେବେ । ଆପଣଙ୍କ ଠାରୁ ଆନୁଷ୍ଠାନିକ ଭାବରେ ଆଶୁ ସମ୍ମତି ଆଶା କରୁଛୁ ଓ ନମୁନା ଦ୍ରବ୍ୟ ବିକ୍ରୟ ଦର ସହିତ ପ୍ରେରଣ କରିବାକୁ ଅନୁରୋଧ କରୁଛୁ ।

ଧନ୍ୟବାଦ ସହ

॥ ଇତି ॥

ଆପଣଙ୍କର ବିଶ୍ୱସ୍ତ

ମହେଶ୍ୱର ପ୍ରଧାନ

ପାରାଦ୍ୱୀପ କଲେଜ

ତା ୦୯.୧୨.୧୬

ଆବଶ୍ୟକ ଉପକରଣ

| | |
|---|---|
| ୧. ଜେ.କେ. ବଣ୍ଡ ପେପର - ୧୫ ରିମ୍ | ୧୩. ଚକ୍ (ଧଳା) - ୧୦୦ ଡବା |
| ୨. ଲିଙ୍କ ଡଟ୍‌ପେନ୍ - ୧୦ ଡଜନ୍ | ୧୪. ଚକ୍ (ନାଲି) - ୧୦୦ ଡବା |
| ୩. ଆଲ୍‌ପିନ୍ - ୧୦ ପ୍ୟାକେଟ୍ | ୧୫. ଡଷ୍ଟର - ୧୦ ଡଜନ |
| ୪. ଟ୍ୟାଗ୍ - ୨୦ ଡଜନ୍ | ୧୬. ପେନ୍‌ଷ୍ଟାଣ୍ଡ - ୧୦ଟି |
| ୫. ଷ୍ଟାପ୍‌ଲର୍ - ୧୦ଟି | ୧୭. ଶିକ୍ଷକ ଉପସ୍ଥାନ - ୧୦ଟି |
| ୬. ଷ୍ଟପ୍‌ଲର୍ ପିନ୍ - ୨୫ ପ୍ୟାକେଟ୍ | ୧୮. ଗାରପକା ପେପର - ୨ ରିମ୍ |
| ୭. କାଳି ବୋତଲ - ୧ ଲିଟର (ବ୍ଲୁ) | ୧୯. କ୍ୟାମେଲ୍ ଅଠା - ୫୦୦ ଗ୍ରାମ୍ (୨ଟି) |
| ୮. " " - ୫୦୦ (ରେଡ୍) | ୨୦. କାଚଗ୍ଲାସ୍ ଓ କଭର - ୨୦ଟି |
| ୯. ପେପର ପ୍ୟାଡ୍ - ୧୦୦ଟି | ୨୧. ଫିନାଇଲ୍ - ୧୦ କାର୍ଟୁନ୍ |
| ୧୦. ଛାତ୍ର ଉପସ୍ଥାନ - ୧୦୦ଟି | ୨୨. ରବର - ୫୦ଟି |
| ୧୧. ସାଦା ପେପର୍ - ୧୦ ରିମ୍ | ୨୩. ସ୍କେଲ୍ - ୫ଟି |
| ୧୨. ଗଡ୍‌ରେଜ୍ ତାଲା - ୧୦ଟି | ୨୪. କଭର ଫାଇଲ୍ - ୫୦ଟି |

ଠିକଣା

| ପ୍ରେରକ | ପ୍ରାପକ | ଟିକଟ |
|---|---|---|
| ମହେଶ୍ୱର ପ୍ରଧାନ | ହରିହର ଦାସ (ପରିଚାଳକ) | |
| ମୁଖ୍ୟ ଅଫିସ୍ ଅଧିକାରୀ | ମହାକାଳୀ ସମବାୟ ଭଣ୍ଡାର, ପାରାଦ୍ୱୀପ | |
| ପାରାଦ୍ୱୀପ କଲେଜ | ପାରାଦ୍ୱୀପ | |
| ପାରାଦ୍ୱୀପ, ଜଗତ୍‌ସିଂହପୁର | ଜଗତ୍‌ସିଂହପୁର | |

(v) ପୂଜା ନିମନ୍ତ୍ରଣ ପତ୍ର

ବିବାହ ନିମନ୍ତ୍ରଣ ପତ୍ର

ଓଁ ଶ୍ରୀ ଶ୍ରୀ ପ୍ରଜାପତୟେ ନମଃ

ମହାଶୟା/ମହାଶୟ,

ବଡ଼ ଖୁସି ଖବର ମୋର ବଡ଼ପୁଅ 'ମାନସ' (ମାନ)ର ବିବାହ କାର୍ଯ୍ୟ କୁଜଙ୍ଗ ନିବାସୀ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମହାନ୍ତି ଓ ସ୍ୱପ୍ନା ମହାନ୍ତିଙ୍କ ମଝିଆଁ ଝିଅ 'ଚପଳା'ଙ୍କ ସହିତ ଏଇ ମାସ ଫଗୁଣ, ଶୁକ୍ଳ ଦ୍ୱିତୀୟା ତିଥି, ତା ୦୯.୦୩.୨୦୧୭ରିଖ ଦିନ, ଦିଆଯାଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ବୈଦିକ ରୀତିରେ ହେବାକୁ ଯାଉଛି ।

ଆପଣଙ୍କୁ ଅନୁରୋଧ ରହିଲା, ମୋର କେନ୍ଦ୍ରାପଡ଼ା ସ୍ଥିତ 'ଜଗନ୍ନାଥ ଭବନ'ରେ ଉପସ୍ଥିତ ହୋଇ ପୁଅ ବୋହୂଙ୍କୁ ଆଶୀର୍ବାଦ ଦେଇ ନିଜର ମହାନୁଭବତାର ପରିଚୟ ଦେବେ ।

ନିମନ୍ତ୍ରଣରେ କିଛି ଭୁଲ୍ ଥିଲେ କ୍ଷମା କରିବେ ।

॥ ଇତି ॥

ଆପଣଙ୍କ ଅପେକ୍ଷାରେ

ଡଃ ରାଘବ ପରିଡ଼ା

ଡଃ ସଂଘମିତ୍ରା ପରିଡ଼ା

କେନ୍ଦ୍ରାପଡ଼ା

କାର୍ଯ୍ୟସୂଚୀ

ତା ୦୮.୦୩.୨୦୧୭ (ବୁଧବାର) : ମଙ୍ଗଳପାକ

ତା ୦୯.୦୩.୨୦୧୭ (ଗୁରୁବାର) : ଗୁରୁବାର – ବରାନୁଗମନ ଓ ପାଣିଗ୍ରହଣ

ତା ୧୦.୦୩.୨୦୧୭ (ରବିବାର) : ବନ୍ଧୁମିଳନ ଓ ପ୍ରୀତିଭୋଜନ - ସନ୍ଧ୍ୟା-୭ ଘଟିକା ଠାରୁ

# (ଗ) ବ୍ୟାକରଣ

## ୧. ପଦ ପ୍ରକରଣ

୧. ଗୋଟିଏ ବାକ୍ୟରେ ଉତ୍ତର ଦିଅ ।

(କ) ଶବ୍ଦ କେତେବେଳେ ପଦ ରୂପରେ ଚିହ୍ନିତ ହୁଏ ?

ଉ.: ଶବ୍ଦ ଉପଯୁକ୍ତ ରୂପରେ ଅର୍ଥାତ୍ ବିଭକ୍ତିଯୁକ୍ତ ହୋଇ ବାକ୍ୟରେ ବ୍ୟବହୃତ ହେଲେ, ତାହା ପଦ ରୂପରେ ଚିହ୍ନିତ ହୁଏ ।

(ଖ) ବିଶେଷ୍ୟ ପଦ କାହାକୁ କହନ୍ତି ?

ଉ.: ବାକ୍ୟ ମଧ୍ୟରେ ଥିବା ପଦ କୌଣସି ନାମକୁ ବୁଝାଇଲେ ତାହାକୁ ବିଶେଷ୍ୟ ପଦ କହନ୍ତି ।

(ଗ) ବିଶେଷ୍ୟ ପଦ କେତେ ପ୍ରକାର ?

ଉ.: ବିଶେଷ୍ୟ ପଦ ପାଞ୍ଚ ପ୍ରକାର ।

(ଘ) କ୍ରିୟାବାଚକ ବିଶେଷ୍ୟ କାହାକୁ କହନ୍ତି ?

ଉ.: ଯେଉଁ ପଦଗୁଡ଼ିକ କୌଣସି ନିର୍ଦ୍ଦିଷ୍ଟ କ୍ରିୟା ବା କାର୍ଯ୍ୟର ନାମକୁ ବୁଝାଏ, ତାହାକୁ କ୍ରିୟାବାଚକ ବିଶେଷ୍ୟ କହନ୍ତି ।

(ଙ) ଜାତିବାଚକ ବିଶେଷ୍ୟ କାହାକୁ କହନ୍ତି ?

ଉ.: କୌଣସି ପଦ ଏକ ଗୋଷ୍ଠୀ, ସମୂହ ବା ଜାତିକୁ ବୁଝାଇଲେ, ତାହାକୁ ଜାତିବାଚକ ବିଶେଷ କହନ୍ତି ।

(ଚ) ଗୁଣବାଚକ ବିଶେଷ୍ୟ କ'ଣ ?

ଉ.: ଯେଉଁ ପଦଗୁଡ଼ିକ କୌଣସି ଗୁଣର ନାମକୁ ବୁଝାନ୍ତି, ସେଗୁଡ଼ିକୁ ଗୁଣବାଚକ ବିଶେଷ୍ୟ କୁହାଯାଏ ।

**୨. ନିମ୍ନଲିଖିତ ଶବ୍ଦପୁଞ୍ଜ ମଧ୍ୟରୁ ବିଶେଷ୍ୟ ପଦଗୁଡ଼ିକୁ ଚିହ୍ନାଅ ।**

(କ) ରାମ, ହିମାଳୟ, ଓଃ, ସେମାନେ, ଭଲ

ଉ.: ବିଶେଷ୍ୟ ପଦ - ରାମ, ହିମାଳୟ, ଭଲ

(ଖ) ମଧୁର, ସୌନ୍ଦର୍ଯ୍ୟ, କୃଷ୍ଣ, ପରା, କିନ୍ତୁ

ଉ.: ବିଶେଷ୍ୟ ପଦ - ମଧୁର, ସୌନ୍ଦର୍ଯ୍ୟ, କୃଷ୍ଣ

(ଗ) କୁକୁର, ସୁନା, କଲମ, ତାଙ୍କୁ, ଦୁଷ୍ଟ

ଉ.: ବିଶେଷ୍ୟ ପଦ - କୁକୁର, ସୁନା, କଲମ

(ଘ) ଓଡ଼ିଶା, ଇଟା, କେଉଁଠି, କାହିଁକି, ଯାହା

ଉ.: ବିଶେଷ୍ୟ ପଦ - ଓଡ଼ିଶା, ଇଟା

(ଙ) ନାଚୁଛି, ଦୌଡୁଛି, ଆପଣ, ଶୁଣିଲେ, ଚାଉଳ

ଉ.: ବିଶେଷ୍ୟ ପଦ - ଚାଉଳ

(ଚ) ଶକ୍ତିମାନ, ପାଉଁଶିଆ, ମେଘାସନ, ସୂର୍ଯ୍ୟ, ଆହ୍ଲା

ଉ.: ଶକ୍ତିମାନ, ମେଘାସନ, ସୂର୍ଯ୍ୟ

**୩. ରେଖାଙ୍କିତ ପଦଗୁଡ଼ିକ କି ପ୍ରକାର ବିଶେଷ୍ୟ ଚିହ୍ନାଅ ।**

(କ) <u>ସାରଳା ଦାସ</u> ଓଡ଼ିଆ ଭାଷାରେ <u>ମହାଭାରତ</u> ରଚନା କରିଥିଲେ ।

ଉ.: ସାରଳାଦାସ, ମହାଭାରତ - ନାମବାଚକ ବିଶେଷ୍ୟ

(ଖ) <u>ସାହସର</u> ସହିତ ଅନ୍ୟାୟର ବିରୋଧ କର ।

ଉ.: ସାହସ - ଗୁଣବାଚକ ବିଶେଷ୍ୟ ।

(ଗ) <u>ଉତ୍କଳମଣି ଗୋପବନ୍ଧୁ</u>, <u>ଓଡ଼ିଶାର</u> ଗାନ୍ଧୀ ଥିଲେ ?

ଉ.: ଉତ୍କଳମଣି ଗୋପବନ୍ଧୁ, ଓଡ଼ିଶା - ନାମବାଚକ ବିଶେଷ୍ୟ

(ଘ) <u>ଟେବୁଲ</u> ଉପରେ <u>କଲମ</u> ଅଛି ।

ଉ.: ଟେବୁଲ୍ ଉପରେ କଲମ - ଜାତିବାଚକ ବିଶେଷ୍ୟ

(ଙ) ଲୋଭ ମନୁଷ୍ୟର ପରମ ଶତ୍ରୁ

ଉ.: ଲୋଭ - ଗୁଣବାଚକ ବିଶେଷ୍ୟ

ମନୁଷ୍ୟ - ଜାତିବାଚକ ବିଶେଷ୍ୟ

(ଚ) ବାଲ୍ୟକାଳୁ ଧର୍ମ ଧନ ସଞ୍ଚିବା ଉଚିତ ।

ଉ.: ବାଲ୍ୟକାଳୁ - ଗୁଣବାଚକ ବିଶେଷ୍ୟ ।

(ଛ) ପହଁରିବା ଗୋଟିଏ ଭଲ ବ୍ୟାୟାମ ।

ଉ.: ପହଁରିବା - କ୍ରିୟାବାଚକ ବିଶେଷ୍ୟ ।

(ଜ) ହିମାଳୟ ବିଶ୍ୱର ଉଚ୍ଚତମ ପର୍ବତ ।

ଉ.: ହିମାଳୟ - ନାମବାଚକ ବିଶେଷ୍ୟ ।

ପର୍ବତ - - ଜାତିବାଚକ ବିଶେଷ୍ୟ ।

(ଝ) ପକ୍ଷୀ ଆକାଶରେ ଉଡ଼ନ୍ତି ।

ଉ.: ପକ୍ଷୀ - ଜାତିବାଚକ ବିଶେଷ୍ୟ

(ଞ) ଦେବା ଠାରୁ ପୁଣ୍ୟ ନାହିଁ ।

ଉ.: ଦେବା - କ୍ରିୟାବାଚକ ବିଶେଷ୍ୟ ।

୪. ପ୍ରତ୍ୟେକ ଧାଡ଼ିରେ କେତେଗୁଡ଼ିଏ ବିଶେଷ୍ୟ ପଦ ଦିଆଯାଇଛି । ସେଗୁଡ଼ିକ ମଧ୍ୟରେ ଯେ ସମଜାତୀୟ ବିଶେଷ ନୁହେଁ ଚିହ୍ନାଇ ଦିଅ ।

(କ) ବାଘ, ନଦୀ, ମାଛ, ଗ୍ରାମ, ପର୍ବତ, କବି, ଫକୀର ମୋହନ, ଗଙ୍ଗା

ଉ.: ବାଘ, ନଦୀ, ମାଛ, ଗ୍ରାମ, ପର୍ବତ, କବି - ଜାତିବାଚକ ବିଶେଷ୍ୟ

ଫକୀର ମୋହନ, ଗଙ୍ଗା - ନାମବାଚକ ବିଶେଷ୍ୟ

(ଖ) କୋଣାର୍କ, ଭାରତ, ବିଷ୍ଣୁ, ବିନ୍ଧ୍ୟ, ପଥର, ସୁନା, ସୋନପୁର

ଉ.: କୋଣାର୍କ, ଭାରତ, ବିଷ୍ଣୁ, ବିନ୍ଧ୍ୟ, ସୋନପୁର - ନାମବାଚକ ବିଶେଷ୍ୟ

ପଥର, ସୁନା - ବସ୍ତୁବାଚକ ବିଶେଷ୍ୟ

(ଗ) ମହୁ, ଚାଉଳ, ଚିନି ଝୁଣା, କାଠ, ଟେବୁଲ

ଉ.: ମହୁ, ଚାଉଳ, ଚିନି ଝୁଣା, କାଠ - ବସ୍ତୁବାଚକ ବିଶେଷ୍ୟ

ଟେବୁଲ - ଜାତିବାଚକ ବିଶେଷ୍ୟ

(ଘ) ଆହାର, ବିଚାର, ହରିଣ, ନାଚିବା, ଉଡ଼ିବା, ବନ୍ଧନ, ଲକ୍ଷ୍ମଣ

ଉ.: ଆହାର - ବସ୍ତୁବାଚକ ବିଶେଷ୍ୟ

ବିଚାର, ନାଚିବା, ଉଡ଼ିବା, ବନ୍ଧନ- କ୍ରିୟାବାଚକ ବିଶେଷ୍ୟ

ହରିଣ - ଜାତିବାଚକ ବିଶେଷ୍ୟ

(ଙ) ସାଧୁତା, ନମ୍ରତା, ବାଲ୍ୟ, କ୍ରନ୍ଦନ, ଶାନ୍ତି, କୌଶଳ, ବୁଦ୍ଧି

ଉ.: ସାଧୁତା, ନମ୍ରତା, ବାଲ୍ୟ, ଶାନ୍ତି, କୌଶଳ, ବୁଦ୍ଧି - ଗୁଣବାଚକ ବିଶେଷ୍ୟ

କ୍ରନ୍ଦନ - କ୍ରିୟାବାଚକ ବିଶେଷ୍ୟ

**୫. ନିମ୍ନୋକ୍ତ ଶବ୍ଦଗୁଡ଼ିକ କେଉଁ ଶ୍ରେଣୀର ବିଶେଷ୍ୟ ଉଲ୍ଲେଖ କର ।**

ପଥର, ଗୋବିନ୍ଦ, ନମ୍ରତା, ଦୁଃଖ, ସୁଖ, ସାଧୁତା, ମହାନଦୀ, ହିମାଳୟ, କଟକ, ଗମନ, ଭୋଜନ, ବାର୍ଦ୍ଧକ୍ୟ, ସୌନ୍ଦର୍ଯ୍ୟ, ଦାରିଦ୍ର୍ୟ, ଦୟା, କ୍ଷମା, ମହର, ଦେଶ, ତେଲ ।

ଉ.: ପଥର, ତେଲ - ବସ୍ତୁବାଚକ ବିଶେଷ୍ୟ

ଗୋବିନ୍ଦ, ମହାନଦୀ, ହିମାଳୟ, କଟକ - ନାମବାଚକ ବିଶେଷ୍ୟ

ନମ୍ରତା, ସାଧୁତା, ସୌନ୍ଦର୍ଯ୍ୟ - ଗୁଣ/ଅବସ୍ଥାବାଚକ ବିଶେଷ୍ୟ

ଗମନ, ଭୋଜନ - କ୍ରିୟାବାଚକ ବିଶେଷ୍ୟ

ସହର, ଦେଶ - ଜାତିବାଚକ ବିଶେଷ୍ୟ

**୬. ନିମ୍ନପ୍ରଦତ୍ତ ବାକ୍ୟମାନଙ୍କରେ ବିଶେଷ୍ୟ ପଦମାନଙ୍କୁ ଚିହ୍ନାଇ ଦିଅ ।**

(କ) ରୁପା ଗୋଟିଏ ମୂଲ୍ୟବାନ୍ ଧାତୁ ।

ଉ.: ରୁପା - ବସ୍ତୁବାଚକ ବିଶେଷ୍ୟ ।

(ଖ) ଆଜିକାଲି ସୁନାହାର ପିନ୍ଧି ରାସ୍ତାରେ ଯିବା ନିରାପଦ ନୁହେଁ ।

ଉ.: ସୁନାହାର - ଜାତିବାଚକ ବିଶେଷ୍ୟ

(ଗ) ପାଣି ପିଇବ ଛାଣି, ପଇସା ନେବ ଗଣି ।

ଉ.: ପାଣି, ପଇସା - ବସ୍ତୁବାଚକ ବିଶେଷ୍ୟ ।

(ଘ) କାଳିଦାସ କବିମାନଙ୍କ ମଧ୍ୟରେ ଶ୍ରେଷ୍ଠ ।

ଉ.: କାଳିଦାସ - ନାମବାଚକ ବିଶେଷ୍ୟ ।

କବି - ଜାତିବାଚକ ବିଶେଷ୍ୟ ।

(ଙ) ମହାନଦୀ ନଦୀମାନଙ୍କ ମଧ୍ୟରେ ବଡ଼ ନଦୀ ।

ଉ.: ମହାନଦୀ - ନାମବାଚକ ବିଶେଷ୍ୟ ।

ନଦୀ - ଜାତିବାଚକ ବିଶେଷ୍ୟ ।

ବଡ଼ - ଗୁଣବାଚକ ବିଶେଷ୍ୟ ।

(ଚ) ମୂର୍ଖ ସମାଜରେ ଆଦର ପାଏ ନାହିଁ ।

ଉ.: ମୂର୍ଖ, ସମାଜ - ଜାତିବାଚକ ବିଶେଷ୍ୟ ।

ଆଦର - ଗୁଣବାଚକ ବିଶେଷ୍ୟ ।

(ଛ) ସୁନାପିଲାକୁ ସମସ୍ତେ ଆଦର କରନ୍ତି ।

ଉ.: ପିଲା - ଜାତିବାଚକ ବିଶେଷ୍ୟ ।

ଆଦର - ଗୁଣବାଚକ ବିଶେଷ୍ୟ ।

## ୨ . ବିଶେଷଣ ପଦ

୧. ନିମ୍ନଲିଖିତ ବାକ୍ୟମାନଙ୍କରେ ଥିବା ବିଶେଷଣ ପଦଗୁଡ଼ିକୁ ଚିହ୍ନାଅ ।

(କ) ଏହି ଆମ୍ବଟି ଅତ୍ୟନ୍ତ ମଧୁର ।

ଉ.: ଏହି - ସର୍ବ ନାମିକ ବିଶେଷଣ ।

ଅତ୍ୟନ୍ତ - ବିଶେଷଣର ବିଶେଷଣ ।

ମଧୁର - ଗୁଣବାଚକ ବିଶେଷଣ ।

(ଖ) କଲିକତାର ଦୃଶ୍ୟ ମନୋରମ ।

ଉ.: ମନୋରମ - ବିଧେୟ ବିଶେଷଣ

(ଗ) ହରିଣୀଟି ବେଗରେ ଦୌଡ଼ୁଅଛି ।

ଉ.: ବେଗରେ - କ୍ରିୟା ବିଶେଷଣ

(ଘ) ପବନ ଅତି ଧୀରେ ବହୁଅଛି ।

ଉ.: ଅତି - ବିଶେଷଣର ବିଶେଷଣ

ଧୀରେ - କ୍ରିୟା ବିଶେଷଣ

(ଙ) ଶିକ୍ଷକ ପ୍ରାଞ୍ଜଳ ଭାବରେ ଛାତ୍ରମାନଙ୍କୁ ବ୍ୟାକରଣ ବୁଝାଇଦେଲେ ।

ଉ.: ପ୍ରାଞ୍ଜଳ ଭାବରେ - କ୍ରିୟା ବିଶେଷଣ

(ଚ) ପିଲାଟି କାନ୍ଦି କାନ୍ଦି ଫେରିଗଲା ।

ଉ.: କାନ୍ଦି କାନ୍ଦି - କ୍ରିୟା ବିଶେଷଣ

(ଛ) ଜଳ ବିନ୍ଦୁ ବିନ୍ଦୁ ପଡୁଛି ।

ଉ.: ବିନ୍ଦୁ ବିନ୍ଦୁ - କ୍ରିୟା ବିଶେଷଣ

(ଜ) ଉଡ଼ନ୍ତା ଚଢ଼େଇକୁ ଧରିବା ସହଜ ନୁହେଁ ।

ଉ.: ଉଡ଼ନ୍ତା - କ୍ରିୟା ବିଶେଷଣ

(ଝ) ରାମରାଜ୍ୟ ପ୍ରତିଷ୍ଠା କରିବା ଗାନ୍ଧୀଙ୍କ ଲକ୍ଷ୍ୟ ଥିଲା ।

ଉ.: ପ୍ରତିଷ୍ଠା - କ୍ରିୟା ବିଶେଷଣ

(ଞ) ଯଦୁ ଗୋଟିଏ ମୂର୍ଖ ।

ଉ.: ବିଧେୟ ବିଶେଷଣ

**୨. ନିମ୍ନ ପ୍ରଦତ୍ତ ପ୍ରଶ୍ନମାନଙ୍କର ଉତ୍ତର ଗୋଟିଏ ବାକ୍ୟରେ ଦିଅ ।**

(କ) ବିଶେଷଣ ପଦ କାହାକୁ କହନ୍ତି ?

ଉ.: ଯେଉଁ ପଦ ଅନ୍ୟ ପଦର ଗୁଣ, ଅବସ୍ଥା, ସଂଖ୍ୟା, ପରିମାଣ ବା ନିର୍ଦ୍ଦିଷ୍ଟତାକୁ ପ୍ରକାଶ କରେ, ତାହାକୁ ବିଶେଷଣ ପଦ କହନ୍ତି ।

(ଖ) ବିଶେଷଣ ପଦ କେତେ ପ୍ରକାର ?

ଉ.: ବିଶେଷଣ ପଦ ୧୨ ପ୍ରକାର ।

(ଗ) କ୍ରିୟା ବିଶେଷଣ କାହାକୁ କହନ୍ତି ?

ଉ.: ଯେଉଁ ବିଶେଷ ପଦ କ୍ରିୟା ପଦକୁ ବିଶେଷିତ କରେ, ତାହାକୁ କ୍ରିୟା ବିଶେଷଣ କହନ୍ତି ।

(ଘ) ବିଶେଷଣର ବିଶେଷଣ କ'ଣ ?

ଉ.: ଯେଉଁ ବିଶେଷଣ ପଦ ଅନ୍ୟ ବିଶେଷଣ ପଦର ପରିମାଣ ବା ଆଧିକ୍ୟ ପ୍ରକାଶ କରେ, ତାହାକୁ ବିଶେଷଣର ବିଶେଷଣ କହନ୍ତି ।

(ଙ) ସର୍ବନାମିକ ବିଶେଷଣରୁ ଗୋଟିଏ ଉଦାହରଣ ଦିଅ ।

ଉ.: ଯେ ଦେଶେ ଯାଇ ସେ ଫଳ ଖାଇ ।

**୩. ବିଶେଷଣ କାହାକୁ କହନ୍ତି ? ଏହା କେତେ ପ୍ରକାର ଓ କ'ଣ କ'ଣ ?**

ଉ.: ଯେଉଁ ପଦ ଅନ୍ୟ ପଦର ଗୁଣ, ଅବସ୍ଥା, ସଂଖ୍ୟା, ପରିମାଣ ବା ନିର୍ଦ୍ଦିଷ୍ଟତାକୁ ପ୍ରକାଶ କରେ, ତାହାକୁ ବିଶେଷଣ କହନ୍ତି ।

ବିଶେଷଣ ପଦ ୧୨ ପ୍ରକାର ।

ସେଗୁଡ଼ିକ ହେଉଛି- (୧) ଗୁଣବାଚକ ବିଶେଷଣ (୨) ଅବସ୍ଥା ବାଚକ ବିଶେଷଣ (୩) ସଂଖ୍ୟାବାଚକ ବିଶେଷଣ (୪) ପରିମାଣବାଚକ ବିଶେଷଣ (୫) ନିର୍ଦ୍ଦିଷ୍ଟବାଚକ ବିଶେଷଣ (୬) ସର୍ବନାମିକ ବିଶେଷଣ (୭) ତୁଳନାତ୍ମକ ବିଶେଷଣ (୮) କ୍ରିୟାଜ ବିଶେଷଣ (୯) ବିଶେଷଣର ବିଶେଷଣ (୧୦) କ୍ରିୟା ବିଶେଷଣ (୧୧) ସାମ୍ୟାଦିକ ବିଶେଷଣ (୧୨) ବିଧେୟ ବିଶେଷଣ ।

**୪. ଉପଯୁକ୍ତ ବିଶେଷଣ ଦେଇ ଶୂନ୍ୟ ସ୍ଥାନ ପୂରଣ କର ।**

(କ) ବୈଶାଖ ମାସରେ ______ ଖରା ହୁଏ ।

ଉ.: ବୈଶାଖ ମାସରେ ଟାଣ ଖରା ହୁଏ ।

(ଖ) ମନ ______ ଥିଲେ ଗଡ଼ିଆ ଗଙ୍ଗା ।

ଉ.: ମନ ନିର୍ମଳ ଥିଲେ ଗଡ଼ିଆ ଗଙ୍ଗା ।

(ଗ) ______ ମେଘ ବରଷେ ନାହିଁ ।

ଉ.: ଗରଜିଲା ମେଘ ବରଷେ ନାହିଁ ।

(ଘ) କାମଳ ଅତ୍ୟନ୍ତ ______ ରୋଗ ।

ଉ.: କାମଳ ଅତ୍ୟନ୍ତ ମାରାତ୍ମକ ରୋଗ ।

(ଙ) ଚିଲିକାର ପାଣି ______ ଲୁଣିଆ ।

ଉ.: ଚିଲିକାର ପାଣି ଅତି ଲୁଣିଆ ।

(ଚ) ______ ପୁଅର ଭାଗ ନାହିଁ ।

ଉ.: ଶୋଇଲା ପୁଅର ଭାଗ ନାହିଁ ।

**୫. ନିମ୍ନଲିଖିତ ବିଶେଷଣଗୁଡ଼ିକ ପରେ ଉପଯୁକ୍ତ ବିଶେଷ୍ୟ ବସାଅ ।**

କ୍ଷୁଦ୍ରତମ, ଆଧୁନିକ, ଉନ୍ନତ, ବିରାଟ, ମହାନ୍, ତେଜସ୍ୱିନୀ, ପ୍ରସିଦ୍ଧ ।

ଉ.: କ୍ଷୁଦ୍ରତମ ଦେଶ । ଆଧୁନିକ କବିତା । ଉନ୍ନତ ରାଷ୍ଟ୍ର । ବିରାଟ ଭୂଖଣ୍ଡ । ମହାନ୍ ପରମ୍ପରା । ତେଜସ୍ୱିନୀ ବାଣୀ । ପ୍ରସିଦ୍ଧ ମନ୍ଦିର ।

**୬. 'କ' ସ୍ତମ୍ଭର ବିଶେଷ୍ୟ ପଦ ପୂର୍ବରେ 'ଖ' ସ୍ତମ୍ଭର ଉପଯୁକ୍ତ ବିଶେଷଣ ଯୋଗ କର ।**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ପରିଶ୍ରମ | ଦଦରା |
| [illegible] | ସରଳ |

| | |
|---|---|
| ଧନ | ଅଭିମାନୀ |
| ନାବ | ଅଳ୍ପ |
| ଲୋକ | ପ୍ରଥମ |
| ଦୁର୍ଯ୍ୟୋଧନ | ଦୂଷିତ |
| ଜଳ | ସାତ |
| ଅଧ୍ୟାୟ | କଠିନ |
| ଅଙ୍କ | ଧବଳ |
| ହଂସ | ଜଟିଳ । |

ଉ.: କଠିନ ପରିଶ୍ରମ

ସାତ ସମୁଦ୍ର

ଅଳ୍ପ ଧନ

ଦଦରା ନାବ

ସରଳ ଲୋକ

ଅଭିମାନୀ ଦୁର୍ଯ୍ୟୋଧନ

ଦୂଷିତ ଜଳ

ପ୍ରଥମ ଅଧ୍ୟାୟ

ଜଟିଳ ଅଙ୍କ

ଧବଳ ହଂସ ।

**୭. ନିମ୍ନଲିଖିତ ଶବ୍ଦଗୁଡ଼ିକ ମଧ୍ୟରୁ ବିଶେଷଣ ପଦଗୁଡ଼ିକୁ ଅଲଗା କର ।**

(କ) ଓଜନ, ହରିଶ୍ଚନ୍ଦ୍ର, ପ୍ରକୃତ, ବୈଦିକ, ଆଧୁନିକ ।

ଉ.: ବିଶେଷଣ ପଦ - ବୈଦିକ, ଆଧୁନିକ ।

(ଖ) ଜଗତ, ଧରୁଛି, ସୁଖୀ, ଧନୀ, ଉତ୍କଳୀୟ ।

ଉ.: ବିଶେଷଣ ପଦ - ସୁଖୀ, ଧନୀ, ଉତ୍କଳୀୟ ।

(ଗ) ଘାସୁଆ, ନାଟକ, ଅଭିନୟ, ଧୋଡ଼, ଭୁସ୍ ଭୁସ୍ ।

ଉ.: ବିଶେଷଣ ପଦ - ଘାସୁଆ, ଭୁସ୍ ଭୁସ୍ ।

(ଘ) ମଧୁର, ଯେମିତି, ସାଧୁତା, ସରଳତା, ଓଁ ।

ଉ.: ବିଶେଷଣ ପଦ - ମଧୁର ।

(ଙ) ରାଧାନାଥ, ବିନୟୀ, ଜ୍ଞାନ, ଏବଂ, ନିଷ୍ଠୁର ।

ଉ.: ବିଶେଷଣ ପଦ - ବିନୟୀ, ନିଷ୍ଠୁର ।

୩. ସର୍ବନାମ

**୧. ସର୍ବନାମ ପଦ ଲଗାଇ ଅନୁଚ୍ଛେଦଟିକୁ ଶ୍ରୁତି ମଧୁର କର ।**

ଗୋବିନ୍ଦ ବଡ଼ ଗୁଣଗ୍ରାହୀ ଲୋକ । ଗୋବିନ୍ଦଙ୍କ ଘର ସୁନାବେଡ଼ାରେ । ଗୋବିନ୍ଦ ବନ୍ଧୁମାନଙ୍କର ଉପକାର କରନ୍ତି । ତେଣୁ ଗୋବିନ୍ଦ ବାବୁଙ୍କ ବନ୍ଧୁମାନେ ଗୋବିନ୍ଦବାବୁଙ୍କୁ ଶ୍ରଦ୍ଧା କରିବା ସହ ଭଲ ପାଆନ୍ତି ।

ଉ.: ଗୋବିନ୍ଦ ବଡ଼ ଗୁଣଗ୍ରାହୀ ଲୋକ । ତାଙ୍କ ଘର ସୁନାବେଡ଼ାରେ । ସେ ବନ୍ଧୁମାନଙ୍କର ଉପକାର କରନ୍ତି । ତେଣୁ ତାଙ୍କ ବନ୍ଧୁମାନେ ତାଙ୍କୁ ଶ୍ରଦ୍ଧା କରିବା ସହ ଭଲ ପାଆନ୍ତି ।

**୨. ନିମ୍ନଲିଖିତ ବାକ୍ୟମାନଙ୍କର ସର୍ବନାମ ପଦଗୁଡ଼ିକ ଚିହ୍ନାଇ ଦିଅ ।**

(କ) ଆକାଶର ଚନ୍ଦ୍ର ସୁନ୍ଦର ଦିଶୁଛି । ଶିଶୁଟି ତାହା ଆଡ଼କୁ ହାତ ବଢ଼ାଇ ଡାକୁଛି ।

ଉ.: ସର୍ବନାମ ପଦ – ତାହା (ଚନ୍ଦ୍ର ବଦଳରେ 'ତାହା' ବ୍ୟବହାର କରାଯାଇଛି)

(ଖ) ଭୁବନ ଓଡ଼ିଶାରେ ଏକ ବଡ଼ ଗ୍ରାମ । ଏଠାରେ ବହୁତ ଲୋକ ବାସ କରନ୍ତି ।

ଉ.: ସର୍ବନାମ ପଦ – ଏଠାରେ (ଭୁବନ ବଦଳରେ 'ଏଠାରେ' ଶବ୍ଦ ବ୍ୟବହାର କରାଯାଇଛି)

(ଗ) ବିଚାରପତି ଆଜି ତାଙ୍କ ରାୟ ଶୁଣାଇଲେ ।

ଉ.: ସର୍ବନାମ ପଦ – ତାଙ୍କର (ବିଚାର ପତି ବଦଳରେ 'ତାଙ୍କର' ଶବ୍ଦ ବ୍ୟବହାର କରାଯାଇଛି)

(ଘ) ଶିକ୍ଷକ ଛାତ୍ରଙ୍କୁ ପଚାରିଲେ – ତୁମ ନାମ କଅଣ ?

ଉ.: ସର୍ବନାମ ପଦ – ତୁମ । (ଛାତ୍ର ବଦଳରେ 'ତୁମ' ଶବ୍ଦ ବ୍ୟବହାର କରାଯାଇଛି)

(ଙ) ଧର୍ମ ଧାର୍ମିକକୁ ରକ୍ଷା କରେ, ଏହା ଆଦୌ ଭୁଲ୍ ନୁହେଁ ।

ଉ.: ସର୍ବନାମ ପଦ – ଏହା (ଧର୍ମ ଧାର୍ମିକକୁ ରକ୍ଷାକରେ ବଦଳରେ 'ଏହା' ଶବ୍ଦ ବ୍ୟବହାର କରାଯାଇଛି)

(ଚ) ଏପରି ଲୋକ ନାହିଁ, ଯେ ସବୁବେଳେ ମିଥ୍ୟା କହେ ।

ଉ.: ସର୍ବନାମ ପଦ – ଏପରି, ଯେ (ଲୋକ ବଦଳରେ 'ଏପରି' ଓ 'ଯେ' ଶବ୍ଦ ବ୍ୟବହାର କରାଯାଇଛି)

(ଛ) ତୁମେ କ'ଣ ବିଦ୍ୟାଳୟକୁ ଯାଉଛ ?

ଉ.: ସର୍ବନାମ ପଦ – ତୁମେ (ବିଦ୍ୟାଳୟକୁ ଯାଉଥିବା ଛାତ୍ର / ଶିକ୍ଷକ / ବ୍ୟକ୍ତି ପାଇଁ 'ତୁମେ' ଶବ୍ଦ ବ୍ୟବହାର କରାଯାଇଛି) ।

(ଜ) ଆମେ କେଉଁଠି ନାଚିବା ?

ଉ.: ସର୍ବନାମ ପଦ – ଆମେ, କେଉଁଠି (ପ୍ରଶ୍ନକର୍ତ୍ତା ଓ ନାଚିବା ସ୍ଥାନ ପାଇଁ 'ଆମେ' ଓ 'କେଉଁଠି' ଶବ୍ଦ ବ୍ୟବହାର କରାଯାଇଛି)

(ଝ) ଯାହାପ୍ରକାଶ କରିବାକୁ ଚାହୁଁଛ, ତାହା ପ୍ରକାଶ କର ।

ଉ.: ସର୍ବନାମ ପଦ – ଯାହା, ତାହା (ପ୍ରକାଶ କରିବା ପ୍ରସଙ୍ଗ ପାଇଁ ଯାହା ଓ ତାହା ଶବ୍ଦ ବ୍ୟବହାର କରାଯାଇଛି)

(ଞ) ଏପରି ଲୋକ ନାହିଁ, ଯିଏ ମହାତ୍ମା ଗାନ୍ଧୀଙ୍କୁ ନ ଜାଣିଛି ।

ଉ.: ସର୍ବନାମ ପଦ – ଏପରି, ଯିଏ । (ଲୋକ ପାଇଁ 'ଏପରି' ଓ 'ଯେ' ଶବ୍ଦ ବ୍ୟବହାର କରାଯାଇଛି) ।

(ଟ) ଯେ ଦେଶ ଯାଇ, ସେ ଫଳ ଖାଇ ।

ଉ.: ସର୍ବନାମ ପଦ - ଯେ, ସେ (ଦେଶ ପାଇଁ ଯେ ଓ ସେ ଶବ୍ଦ ବ୍ୟବହାର କରାଯାଇଛି) ।

**୩. ଉପଯୁକ୍ତ ସର୍ବନାମ ପଦ ଦେଇ ଶୂନ୍ୟସ୍ଥାନ ପୂରଣ କର ।**

(କ) ସ୍ୱାର୍ଥପର ଲୋକ ଆଗେ _____ ସୁଖ ଚାହେଁ ।

ଉ.: ସ୍ୱାର୍ଥପର ଲୋକ ଆଗେ ତାହାର ସୁଖ ଚାହେଁ ।

(ଖ) _____ ପ୍ରକୃତରେ ଉଚ୍ଚମନା । _____ ମହତ୍ତ୍ୱ ଦିନେ ନା ଦିନେ ସମସ୍ତେ ଅନୁଭବ କରିବେ ।

ଉ.: ସେ ପ୍ରକୃତରେ ଉଚ୍ଚମନା । ତାଙ୍କର ମହତ୍ତ୍ୱ ଦିନେ ନା ଦିନେ ସମସ୍ତେ ଅନୁଭବ କରିବେ ।

(ଗ) ଯେଉଁମାନେ ପରର ଉପକାର କରନ୍ତି, _____ ଧନ୍ୟ ।

ଉ.: ଯେଉଁମାନେ ପରର ଉପକାର କରନ୍ତି, ସେମାନେ ଧନ୍ୟ ।

(ଘ) ଏ ଘଣ୍ଟାଟି _____, ତାକୁ ଦେଇ ଦିଅ ।

ଉ.: ଏ ଘଣ୍ଟାଟି ତାହାର, ତାକୁ ଦେଇ ଦିଅ ।

**୪. ନିମ୍ନଲିଖିତ ପ୍ରଶ୍ନମାନଙ୍କର ଉତ୍ତର ଗୋଟିଏ ବାକ୍ୟରେ ଲେଖ ।**

(କ) ସର୍ବନାମ ପଦ କାହାକୁ କହନ୍ତି ?

ଉ.: ଯେଉଁ ପଦ ସାଧାରଣତଃ ବିଶେଷ୍ୟ, ବିଶେଷଣ ଓ ବାକ୍ୟାର୍ଥ ପରିବର୍ତ୍ତେ ବ୍ୟବହୃତ ହୋଇଥାଏ, ତାହାକୁ ସର୍ବନାମ ପଦ କହନ୍ତି ।

(ଖ) ସର୍ବନାମ ପଦ କେତେ ପ୍ରକାର ?

ଉ.: ସର୍ବନାମ ପଦ ୯ ପ୍ରକାର ।

(ଗ) ବ୍ୟକ୍ତିବିଶେଷ ପରିବର୍ତ୍ତେ ବ୍ୟବହୃତ ହେଉଥିବା ସର୍ବନାମର ନାମ କ'ଣ ?

ଉ.: ବ୍ୟକ୍ତିବିଶେଷ ପରିବର୍ତ୍ତେ ବ୍ୟବହୃତ ହେଉଥିବା ସର୍ବନାମର ନାମ ବ୍ୟକ୍ତିବାଚକ ସର୍ବନାମ ବା ପୁରୁଷବାଚକ ସର୍ବନାମ ।

(ଘ) ପ୍ରଶ୍ନସୂଚକ ସର୍ବନାମ କାହାକୁ କୁହାଯାଏ ?

ଉ.: ଯେଉଁ ସର୍ବନାମ ପଦ ବାକ୍ୟକୁ 'ପ୍ରଶ୍ନବାଚକ' କରେ, ତାହାକୁ ପ୍ରଶ୍ନସୂଚକ ସର୍ବନାମ କୁହାଯାଏ ।

(ଙ) ଆପେକ୍ଷିକ ସର୍ବନାମକୁ ଉଦାହରଣ ଦେଇ ବୁଝାଇଦିଅ ।

ଉ.: କେତେକ ସର୍ବନାମ ବାକ୍ୟ ମଧ୍ୟରେ ଭାବର ବ୍ୟକ୍ତି ପାଇଁ ପରସ୍ପରକୁ ଅପେକ୍ଷା କରନ୍ତି । ଏଥିରୁ କୌଣସି ଗୋଟିକର ବିନା ବାକ୍ୟରେ ଅର୍ଥ ସ୍ପଷ୍ଟ ହୁଏ ନାହିଁ । ଏପରି ସର୍ବନାମକୁ ଆପେକ୍ଷିକ ସର୍ବନାମ ବା ସମ୍ବନ୍ଧବାଚକ ସର୍ବନାମ କହନ୍ତି ।

ଉଦାହରଣ - ଯୋର ଯାର, ମୂଲକ ତାର ।

୪. ଅବ୍ୟୟ ପଦ

**୧. ନିମ୍ନୋକ୍ତ ବାକ୍ୟରେ ଥିବା ଅବ୍ୟୟ ପଦଗୁଡ଼ିକୁ ଚିହ୍ନାଅ ।**

(କ) ଠନ୍ ଠନ୍ କରି ଘଣ୍ଟାରେ ଦଶଟା ବାଜିଲା ।

ଉ.: ଅବ୍ୟୟ ପଦ - ଠନ୍ ଠନ୍ (ଶବ୍ଦାନୁସାରୀ ବା ଧ୍ୱନ୍ୟାର୍ଥକ ଅବ୍ୟୟ)

(ଖ) ବ୍ୟବସାୟରେ ଲାଭ ନଚେତ୍ କ୍ଷତି ହୋଇପାରେ ।

ଉ.: ଅବ୍ୟୟପଦ - ନଚେତ୍ (ବିକଳ୍ପାର୍ଥକ ଅବ୍ୟୟ)

(ଗ) ଇସ୍ ! କି କଦର୍ଯ୍ୟ ଲୋକ !

ଉ.: ଅବ୍ୟୟ ପଦ - ଇସ୍ ! କି (ଭାବସୂଚକ ଅବ୍ୟୟ)

(ଘ) ଫଡ୍ ଫଡ୍ କରି ଚଢ଼େଇମାନେ ଉଡ଼ିଗଲେ ।

ଉ.: ଅବ୍ୟୟ ପଦ - ଫଡ୍ ଫଡ୍ (ଶବ୍ଦାନୁସାରୀ ବା ଧ୍ୱନ୍ୟାର୍ଥକ ଅବ୍ୟୟ)

(ଙ) ସେଠାକୁ ବାରମ୍ବାର ଯିବା ସତ୍ତ୍ୱେ କିଛି ଫଳ ହେଲା ନାହିଁ ।

ଉ.: ଅବ୍ୟୟ ପଦ - ବାରମ୍ବାର (ବୀପ୍ସାର୍ଥକ ଅବ୍ୟୟ)

(ଚ) ସତ୍ୟଛଡ଼ା ଜୀବନରେ ପୂର୍ଣ୍ଣତା ନାହିଁ ।

ଉ.: ଅବ୍ୟୟ ପଦ - ଛଡ଼ା (ପଦାନ୍ୱୟୀ ଅବ୍ୟୟ)

(ଛ) ଯଦି ସେ ଆସିବେ ମୁଁ ଯିବି ।

ଉ.: ଅବ୍ୟୟ ପଦ - ଯଦି (ସମ୍ଭାବନାସୂଚକ ଅବ୍ୟୟ)

(ଜ) ଅବଶ୍ୟ ମୁଁ ଆପଣଙ୍କ କଥା ମାନିବି ।

ଉ.: ଅବ୍ୟୟ ପଦ - ଅବଶ୍ୟ (ସମ୍ମତି ସୂଚକ ଅବ୍ୟୟ)

(ଝ) ସର୍ବଦା ସତ୍ୟ ଉପରେ ଚାଲ ।

ଉ.: ଅବ୍ୟୟ ପଦ - ସର୍ବଦା (କାଳସୂଚକ ଅବ୍ୟୟ)

**୨. ଉପଯୁକ୍ତ ଅବ୍ୟୟ ପଦ ଦେଇ ଶୂନ୍ୟସ୍ଥାନ ପୂରଣ କର ।**

(କ) ମନୁଷ୍ୟ ______ ଅନୀତ କରିବ; ନିଶ୍ଚୟ ଦଣ୍ଡ ପାଇବ ।

ଉ.: ମନୁଷ୍ୟ ଯଦି ଅନୀତ କରିବ; ନିଶ୍ଚୟ ଦଣ୍ଡ ପାଇବ ।

(ଖ) ଗୋବିନ୍ଦ ଭୁଲ୍ କଲା, ______ ଦଣ୍ଡ ପାଇଲା ?

ଉ.: ଗୋବିନ୍ଦ ଭୁଲ୍ କଲା, ତେଣୁ ଦଣ୍ଡ ପାଇଲା ।

(ଗ) ରାମ ______ ଶ୍ୟାମ କେହି ଜଣେ ଆସିଲେ ନାହିଁ ।

ଉ.: ରାମ କିମ୍ବା ଶ୍ୟାମ କେହି ଜଣେ ଆସିଲେ ନାହିଁ ।

(ଘ) ତାର ଶବ୍ଦ ଶୁଣି ମୋର କାନ _____ ହେଇଗଲା ।

ଉ.: ତାର ଶବ୍ଦ ଶୁଣି ମୋର କାନ <u>ଭାଁ ଭାଁ</u> ହେଇଗଲା ।

(ଙ) ଜୀବନ _____ ଯୌବନ ଚିରସ୍ଥାୟୀ ନୁହେଁ ।

ଉ.: ଜୀବନ <u>ଓ</u> ଯୌବନ ଚିରସ୍ଥାୟୀ ନୁହେଁ ।

(ଚ) ମୁଁ ତାଙ୍କୁ _____ ଆମ୍ବ ଦେଲି ସେ ମୋତେ _____ ନଡ଼ିଆ ଦେଲେ ।

ଉ.: ମୁଁ ତାଙ୍କୁ <u>ଯେତେ</u> ଆମ୍ବ ଦେଲି ସେ ମୋତେ <u>ସେତେ</u> ନଡ଼ିଆ ଦେଲେ ।

୩. **ନିମ୍ନଲିଖିତ ଅବ୍ୟୟ ପଦଗୁଡ଼ିକୁ ଲଗାଇ ବାକ୍ୟ ଗଢ଼ ।**

କଳବଳ, କ୍ରମେ କ୍ରମେ, ସରି, ଛି, ଠକ ଠକ, କାହିଁକି, ଆଲୋ, ସହିତ, ଅଥଚ, କାଳେ, ଫେର, ଯେତିକି, ସେତିକି, ଯେପରି, ଗାଁ, ଗଣ୍ଡା, ଗପସପ ।

ଉ.: କଳବଳ - ପୁଅଟି ମା'କୁ କଳବଳ କରୁଛି ।

କ୍ରମେ କ୍ରମେ - ଗଛଟି କ୍ରମେ କ୍ରମେ ବଡ଼ ହୋଇଗଲା ।

ସରି - ପିତାମାତାଙ୍କ ସରି ଆଉ କେହି ନାହାନ୍ତି ।

ଛି - ଛି କରିଥିବା କଥା ପାଟିରେ ଧର ନାହିଁ ।

ଠକ ଠକ - ଲୋକଟି ଶୀତରେ ଠକ ଠକ କରୁଛି ।

କାହିଁକି - ସେ କାହିଁକି ଘରକୁ ଫେରିଗଲା ।

ଆଲୋ - ଆଲୋ ସଖି, ଆପଣା ମହତ ଆପେ ରଖି ।

ସହିତ - ଦୁଷ୍ଟ ସହିତ ମିଶ ନାହିଁ ।

ଅଥଚ - ସେ ଭଲ, ଅଥଚ ଟିକିଏ ରାଗି ।

କାଳେ - ସେ କାଳେ ଆସିବ ନାହିଁ, ସେଥିପାଇଁ ମୁଁ ଜଗିବସିଛି ।

ଫେର - ତଡ଼ି ଦେଲେ ବି ଚଢ଼େଇଟି ଫେର ବୋବାଉଛି ।

ଯେତିକି / ସେତିକି - ସେ ଯେତିକି ଭଲ, ସେତିକି ମନ୍ଦ ।

ଯେପରି - ବାପ ଯେପରି ପୁଅ ସେପରି ।

ଗାଁ ଗଣ୍ଡା - ବର୍ଷା ଦିନେ ଗାଁ ଗଣ୍ଡା ସନ୍ତସନ୍ତିଆ ହୋଇଯାଏ ।

ଗପସପ - ଗପସପ କରି ସମୟ ନଷ୍ଟ କର ନାହିଁ ।

୬. **ନିମ୍ନ ପ୍ରଦତ୍ତ ଶବ୍ଦପୁଞ୍ଜରୁ ଅବ୍ୟୟ ପଦଗୁଡ଼ିକୁ ଅଲଗା କର ।**

(କ) କିନ୍ତୁ, ମାତ୍ର, ବିଚ୍ଛେଦ, ସୌନ୍ଦର୍ଯ୍ୟ, ଗୋବିନ୍ଦ ।

ଉ.: ଅବ୍ୟୟ ପଦ - କିନ୍ତୁ, ମାତ୍ର ।

(ଖ) ଲାଗ ଲାଗ, ନାହିଁ, ଉଦାର, ବନ୍ଧୁର, ବ୍ୟବସା ହିଁ ।

ଉ.: ଅବ୍ୟୟ ପଦ - ଲାଗ ଲାଗ, ନାହିଁ ।

(ଗ) କାଳେ, ତେବେ, ଅଥବା, କୃଷି, ବାଣିଜ୍ୟ, ବିଷ୍ଣୁ ।

ଉ.: ଅବ୍ୟୟ ପଦ - କାଳେ, ତେବେ, ଅଥବା ।

(ଘ) ଆହା, ଦୁଃଖ, ରୋଗୀ, ବୁଭୁକ୍ଷୁ ।

ଉ.: ଅବ୍ୟୟ ପଦ - ଆହା ।

(ଙ) ବିନା, ଯାତନା, ବେଦନା, ଖେଳୁଛି, ମୁଁ ।

ଉ.: ଅବ୍ୟୟ ପଦ - ବିନା ।

**୫. କ୍ରିୟାପଦ**

**୧. ନିମ୍ନଲିଖିତ ବାକ୍ୟମାନଙ୍କରେ କ୍ରିୟାଚିହ୍ନାଇ ଦିଅ ।**

(କ) ଘୋଡ଼ା, ଜୋର୍‌ରେ ଦଉଡୁଛି ।

ଉ.: କ୍ରିୟାପଦ - ଦଉଡୁଛି ।

(ଖ) କୁକୁର ଜୋର୍‌ରେ ଭୁକୁଛି ।

ଉ.: କ୍ରିୟାପଦ - ଭୁକୁଛି ।

(ଗ) ଗୋପବନ୍ଧୁଙ୍କୁ କିଏ ନ ଜାଣେ ?

ଉ.: କ୍ରିୟାପଦ - ଜାଣେ ।

(ଘ) ମାଧବୀ ଆମକୁ ଗୀତ ଶୁଣାଇଲା ।

ଉ.: କ୍ରିୟାପଦ - ଶୁଣାଇଲା ।

(ଙ) ଶଙ୍କରାଚାର୍ଯ୍ୟ ବଡ଼ ଜ୍ଞାନୀ ଥିଲେ ।

ଉ.: କ୍ରିୟାପଦ - ଥିଲେ ।

(ଚ) ବାପା ମୋତେ ସାହିତ୍ୟ ବୁଝାଇଲେ ।

ଉ.: କ୍ରିୟାପଦ - ବୁଝାଇଲେ ।

(ଛ) ରାମ ଆସିଲେ ମୁଁ ଯିବି ।

ଉ.: କ୍ରିୟାପଦ - ଆସିଲେ, ଯିବି ।

(ଢ) ଗୋବିନ୍ଦ ଧାଇଁ ଧାଇଁ ଥକି ଗଲାଣି ।

ଉ.: କ୍ରିୟାପଦ - ଧାଇଁ ଧାଇଁ, ଥକି ଗଲାଣି ।

(ଙ) ରାଧାଶ୍ୟାମ ପଢୁ ପଢୁ ଶୋଇ ପଡ଼ିଲା ?

ଉ.: କ୍ରିୟାପଦ - ପଢୁ ପଢୁ, ଶୋଇ ପଡ଼ିଲା ।

(ଚ) ସେ ଆସୁ, ମୁଁ ଯିବି ।

ଉ.: କ୍ରିୟାପଦ - ଆସୁ, ଯିବି ।

**୨. ଗୋଟିଏ ବାକ୍ୟରେ ଉତ୍ତର ଲେଖ ।**

**(କ) ସମାପିକା କ୍ରିୟା କାହାକୁ କହନ୍ତି ?**

**ଉ.: ଯେଉଁ କ୍ରିୟାର ବ୍ୟବହାରରେ ବାକ୍ୟର ଅର୍ଥ ସମ୍ପୂର୍ଣ୍ଣ ରୂପେ ପ୍ରକାଶ ପାଏ ଏବଂ ଅର୍ଥ ପ୍ରକାଶ ପାଇଁ ଅନ୍ୟ କ୍ରିୟାକୁ ଅପେକ୍ଷା କରାଯାଏ ନାହିଁ, ତାହାକୁ ସମାପିକା କ୍ରିୟା କାହାକୁ କହନ୍ତି ।**

(ଖ) ଅସମାପିକା କ୍ରିୟା କାହାକୁ କହନ୍ତି ?

ଉ.: ଯେଉଁ କ୍ରିୟାର ବ୍ୟବହାର ଦ୍ୱାରା, ବାକ୍ୟର ଅର୍ଥ ସମ୍ପୂର୍ଣ୍ଣ ରୂପେ ପ୍ରକାଶିତ ହୁଏ ନାହିଁ ଏବଂ ଅର୍ଥ ପ୍ରକାଶ ପାଇଁ ଅନ୍ୟ କ୍ରିୟାକୁ ଅପେକ୍ଷା କରିଥାଏ, ତାହାକୁ ସମାପିକା କ୍ରିୟା କାହାକୁ କହନ୍ତି ।

(ଗ) ସମାପିକା କ୍ରିୟାର ଉଦାହାରଣଟିଏ ଦିଅ ।

ଉ.: ଗାଈଟି ପଡ଼ିଆରେ ଚରୁଅଛି । (ଚରୁଅଛି - ସମାପିକା କ୍ରିୟା)

(ଘ) ଅସମାପିକା କ୍ରିୟାର ଉଦାହରଣଟିଏ ଦିଅ ।

ଉ.: ଗୋପାଳ ଖାଇସାରି ଖେଳିବାକୁ ଯିବ ।

ଉ.: ଖାଇସାରି - ଅସମାପିକା କ୍ରିୟା ।

**୩. ନିମ୍ନଲିଖିତ ପଦମାନଙ୍କ ମଧ୍ୟରୁ ସମାପିକା ଓ ଅସମାପିକା କ୍ରିୟା ଚିହ୍ନାଅ ।**

**ଶୋଇଲା, ବସିଲା, ହସିଲା, ଗଲା, ଯାଉ ଯାଉ, ଖାଉ ଖାଉ, ପଢ଼ି, ନାଚି, ଖାଇ, ଶୋଇ, ବସି, ହସି, ଗାଇଲା, ଯିବି, ନେବି, ପଢ଼ିବି ।**

ଉ.: ସମାପିକା କ୍ରିୟା - ଶୋଇଲା, ବସିଲା, ହସିଲା, ଗଲା, ଗାଇଲା, ଯିବି, ନେବି, ପଢ଼ିବି ।

ଅସମାପିକା କ୍ରିୟା - ଯାଉ ଯାଉ, ଖାଉ ଖାଉ, ପଢ଼ି, ନାଚି, ଖାଇ, ଶୋଇ, ବସି, ହସି ।

୪. ନିମ୍ନ ଶବ୍ଦପୁଞ୍ଜମାନଙ୍କ ମଧ୍ୟରୁ କ୍ରିୟାପଦକୁ ଅଲଗା କର ।

(କ) ବାସୁଦେବ, ସୁଦର୍ଶନ, ଏବଂ, ହସୁଛି, ଦେବ ।

ଉ.: କ୍ରିୟାପଦ - ହସୁଛି ।

(ଖ) ବିଶାଳ, ସାହସ:, ବାଳକ, ଧାଉଁଛି, ଯେଣୁ ।

ଉ.: କ୍ରିୟାପଦ - ଧାଉଁଛି ।

(ଗ) କଟକ, ବାରଣାସୀ, ଲାଲ ବାହାଦୁର, ହକି, ଖେଳୁଛି ।

ଉ.: କ୍ରିୟାପଦ - ଖେଳୁଛି ।

(ଘ) କ୍ରିକେଟ୍, କମ୍ପ୍ୟୁଟର, ଲତା, ପଢୁଛି, ଏବଂ ।

ଉ.: କ୍ରିୟାପଦ - ପଢୁଛି ।

❑❑❑

Copy right reserved by
COUNCIL OF HIGHER SECONDARY EDUCATION
ODISHA, BHUBANESWAR

*Printed at :*
ODISHA STATE BUREAU OF TEXTBOOK
PREPARATION & PRODUCTION
POUSTAK BHAVAN, BHUBANESWAR